# SARASWATA MADHURI
# 2022

ସାରସ୍ୱତ ମାଧୁରୀ - ୨୦୨୨



## 20th Annual Convention
## AMERICA SARASWATA SANGHA
### Efland, North Carolina, USA

ଜୟଗୁରୁ

# ସାରସ୍ୱତ ମାଧୁରୀ

# Saraswata Madhuri

## ଆମେରିକା ସାରସ୍ୱତ ସଂଘ

ବିଂଶ ବାର୍ଷିକ ସମ୍ମିଳନୀ

ତା ୧ ଜୁଲାଇ ୨୦୨୨ ରୁ ତା ୩ ଜୁଲାଇ ୨୦୨୨

ନିଗମ ସ୍ମୃତି-ମନ୍ଦିର

ଏଫ୍‌ଲାଣ୍ଡ, ନର୍ଥ କାରୋଲିନା

Jayaguru

# Saraswata Madhuri - 2022

**20th Annual Convention**
1040 Jayaguru Lane
Efland
North Carolina 27243
United States of America

**Published on:**
1st July 2022

**Published by:**
Editorial Board
America Saraswata Sangha
[Registration No: 548107-2, Date 26th June 2003]
(A nonprofit organization)

President : Brajendranath Panda
Phone : 001-479-409-7288
E-mail : bpanda@uark.com

Secretary : Biswajit Sundar Ray
Phone : 001-704-516-1804
Email : biswajitray2@gmail.com

**Available at:**

America Saraswata Sangha
Nigam Smruti Mandir
1040 Jayaguru Lane
Efland, NC 27243
United States of America

Satshikhya Mandir
A-4, Unit-9
Bhubaneswar-751 022
Odisha, India
Phone - 91-674-2390055
Email: nsspuri35@gmail.com

Pranami : ₹ 20/-

Electronic copy available at www.jayaguru.org

**DTP & Printed at:**
S.S. Graphics
Bhubaneswar - 751 002
Odisha, India
Mobile- 011-91-9937914017
Email : akbbrk@gmail.com

# ସୂଚୀପତ୍ର


| | | | |
|---|---|---|---|
| ୧. | MESSAGE - 1 | ଶ୍ରୀ ଶରତଚନ୍ଦ୍ର ସିଂହଦେଓ | ୫ |
| | MESSAGE - 2 | ଶ୍ରୀ ସନ୍ତୋଷ କୁମାର ମହାନ୍ତି | ୬ |
| ୨. | 'ସାରସ୍ୱତ ମାଧୁରୀ' ବିଷୟରେ ପଦେ | ସମ୍ପାଦନା ମଣ୍ଡଳୀ | ୮ |
| ୩. | ବନ୍ଦନା | ... | ୯ |
| ୪. | ପ୍ରାର୍ଥନା | ... | ୯ |
| ୫. | ନିଗମ ବାଣୀ | ... | ୧୦ |
| ୬. | ଜ୍ଞାତବ୍ୟ ତଥ୍ୟ | ଶ୍ରୀ ଯୋଗେଶ୍ୱର ସୁନ୍ଦରରାୟ | ୧୦ |
| ୭. | ରାଷ୍ଟ୍ରୀୟ ପ୍ରାର୍ଥନା | ଶ୍ରୀ ଯୋଗେଶ୍ୱର ସୁନ୍ଦରରାୟ | ୧୧ |
| ୮. | ସମ୍ମିଳନୀ ଗୀତିକା | ଶ୍ରୀମତୀ ସ୍ମିତା ରାୟ | ୧୨ |
| ୯. | ସାହେବମାନଙ୍କର ସନ୍ଦେହ ମୋଚନରେ ଶ୍ରୀଶ୍ରୀଠାକୁର | ଶ୍ରୀ ଜଗନ୍ନାଥ ଦାଶ | ୧୩ |
| ୧୦. | MILESTONES OF AMSAS AND NSM | Saumyashree Ray | ୧୯ |
| ୧୧. | SHRI SHRI THAKUR - WHAT NOT | Shri Nihar Ranjan Nayak | ୨୦ |
| ୧୨. | ସାର୍ବଭୌମ ଗୁରୁ ଶ୍ରୀଶ୍ରୀଠାକୁର | ଶ୍ରୀ ନବକିଶୋର ନାୟକ | ୨୫ |
| ୧୩. | ଶ୍ରୀଗୁରୁଦେବଙ୍କ ଚରଣରେ ପ୍ରଣାମ କରିବା ବିଧି ଓ ମାହାତ୍ମ୍ୟ | ଶ୍ରୀ ଶୁଭାଶିଷ ଦାଶ | ୩୦ |
| ୧୪. | ନିର୍ଭର କରି ନିର୍ଭୀକ ଆମେ | ଶ୍ରୀମତୀ ନିବେଦିତା ନାୟକ | ୩୫ |
| ୧୫. | ଉଚ୍ଚାରଣ-ଆଚରଣ | ଶ୍ରୀ କମ୍ବୁଚରଣ ଧର | ୩୮ |
| ୧୬. | ପ୍ରେମର ପରିଭାଷା - ୨ | ଶ୍ରୀ ନରେଶ ଚନ୍ଦ୍ର ପତି | ୪୦ |
| ୧୭. | କୁମ୍ଭସ୍ନାନ ଏକ ଅନନ୍ୟ ଅନୁଭୂତି | ଶ୍ରୀ ସଂଗ୍ରାମ କେଶରୀ ସିଂହ | ୪୪ |
| ୧୮. | ଅନ୍ତର୍ବେଦନାରୁ ଖିଏ | ଶ୍ରୀ ବ୍ରଜେନ୍ଦ୍ରନାଥ ପଣ୍ଡା | ୪୭ |
| ୧୯. | ମୋର ପଦେ | ଶ୍ରୀ ଦେବେନ୍ଦ୍ରନାଥ ମହାପାତ୍ର | ୪୯ |
| ୨୦. | ଅହେତୁକୀ କୃପାଧନ୍ୟ ହେମଚନ୍ଦ୍ର ଚୌଧୁରୀ | ଶ୍ରୀମତୀ ସଂଯୁକ୍ତା ରାଉତ | ୫୦ |
| ୨୧. | ନ କହିବୁ କିଛି, ନ ମାଗିବୁ କିଛି | ଶ୍ରୀମତୀ ବେଦମତୀ ଉପାଧ୍ୟାୟ | ୫୭ |
| ୨୨. | ପ୍ରବାସରେ ସ୍ୱ-ବାସ ଚିନ୍ତା | ଶ୍ରୀ ସଂଗ୍ରାମ କେଶରୀ ମଲ୍ଲିକ | ୬୦ |
| ୨୩. | ଚମ୍ପାଫୁଲ ମୋତେ ନ କଲ ନାହିଁ ହେ | ଶ୍ରୀମତୀ ଶ୍ରଦ୍ଧାଞ୍ଜଳି ନାୟକ | ୬୩ |
| ୨୪. | ଧର୍ମ ପଥର ଆଶ୍ରିତ ତୁହିରେ | କାଞ୍ଚନବାଳା ଦାଶ ମା' | ୬୩ |
| ୨୫. | ଭଗବାନ ଶ୍ରୀକୃଷ୍ଣ ଓ ସଦ୍‌ଗୁରୁ ଶ୍ରୀଶ୍ରୀଠାକୁର ନିଗମାନନ୍ଦ ସରସ୍ୱତୀ ଦେବଙ୍କର ବିଭିନ୍ନ ଭାବରୂପ | ଶ୍ରୀ କୃଷ୍ଣଚନ୍ଦ୍ର ପଣ୍ଡା | ୬୪ |
| ୨୬. | ମହାଭାରତର ଶ୍ରେଷ୍ଠ ପୁରୁଷ | ବନଲତା ମହାନ୍ତି ମା' | ୬୮ |
| ୨୭. | ଦଶ ବରଷ ହେଲା ନିଗମ ସ୍ମୃତିମନ୍ଦିର | ଶ୍ରୀମତୀ ସ୍ମିତା ରାୟ | ୬୯ |

| | | | |
|---|---|---|---|
| ୨୮. | ସଦ୍‌ଗୁରୁ ବନ୍ଦନା | ଶ୍ରୀ ଯୋଗେଶ୍ୱର ସୁନ୍ଦରରାୟ | ୭୦ |
| ୨୯. | ‘ଜୟଗୁରୁ’ ନାମମାହାତ୍ମ୍ୟ | ଶ୍ରୀ ଯୋଗେଶ୍ୱର ସୁନ୍ଦରରାୟ | ୭୦ |
| ୩୦. | ଭ୍ରମଣ ସମୟରେ ସୁନ୍ଦର ଅନୁଭୂତି | ଶ୍ରୀମତୀ ସ୍ମିତା ରାୟ | ୭୧ |
| ୩୧. | ଗୋଧୂଳି ବାହୁଡ଼ା ପକ୍ଷୀ ମୁଁ ପରବାସୀ | ଶ୍ରୀମତୀ ଶ୍ରଦ୍ଧାଞ୍ଜଳି ନାୟକ | ୭୨ |
| ୩୨. | ଶ୍ରୀଶ୍ରୀଠାକୁରଙ୍କ ସହ ଅଜାଣତ ଯାତ୍ରା | ଶ୍ରୀ ସାର୍ଥକ ଦାସ | ୭୩ |
| ୩୩. | ଅଭୁଲା ସ୍ମୃତି | ଶ୍ରୀମତୀ ଅଞ୍ଜଳୀ ନାୟକ | ୭୫ |
| ୩୪. | ମୋ ଜୀବନରେ ଶ୍ରୀଶ୍ରୀଠାକୁର (ଭାଗ-୨) | ଶ୍ରୀମତୀ ଉଦିତା ସୁନ୍ଦରରାୟ | ୭୭ |
| ୩୫. | ମୋର ଅନୁଭୂତି ଶ୍ରୀଶ୍ରୀଠାକୁରଙ୍କ ସହିତ | ଶ୍ରୀମତୀ ପ୍ରିୟମ୍ବଦା ନାୟକ | ୮୧ |
| ୩୬. | ୨୦୨୨ ମସିହାରେ ଓଡ଼ିଶା ଭ୍ରମଣରେ ଶ୍ରୀଶ୍ରୀଠାକୁରଙ୍କ କୃପା ଅନୁଭୂତି | ଶ୍ରୀ ବିଶ୍ୱଜିତ୍ ସୁନ୍ଦରରାୟ | ୮୩ |
| ୩୭. | ୨୦୨୧ରେ ଗୃହାସନ ବାର୍ଷିକ ଉତ୍ସବର ମଧୁର ଅନୁଭୂତି | ଶ୍ରୀ ସୁପ୍ରିତ ପଟ୍ଟନାୟକ | ୮୬ |
| ୩୮. | ସଂକଟ ସମୟରେ ଶ୍ରୀଶ୍ରୀଠାକୁରଙ୍କ କୃପା ଅନୁଭୂତି | ବନଲତା ମହାନ୍ତି ମା’ | ୮୮ |
| ୩୯. | ‘ଆମେରିକା ସାରସ୍ୱତ ସଂଘ’ର ବାର୍ଷିକ ବିବରଣୀ | ଶ୍ରୀ ବିଶ୍ୱଜିତ୍ ସୁନ୍ଦରରାୟ | ୮୯ |
| ୪୦. | ‘ଆମେରିକା ସାରସ୍ୱତ ସଂଘ’ର ଊନବିଂଶ ବାର୍ଷିକ ଭକ୍ତ ସମ୍ମିଳନୀର ବିବରଣୀ | ଶ୍ରୀ ବିଶ୍ୱଜିତ୍ ସୁନ୍ଦରରାୟ | ୯୫ |
| ୪୧. | ଆସିଛି ତୁମ ଦୁଆରେ | ଶ୍ରୀ ଯୋଗେଶ୍ୱର ସୁନ୍ଦରରାୟ | ୧୦୩ |
| ୪୨. | ७० उत्कल प्रादेशिक भक्त सम्मेलन का अनुभव | श्री प्रद्युम्न अग्रवाल | ୧୦୪ |
| 43. | Follow His Path | Shri Manas Ku. Mohanty | 107 |
| 44. | My Anubhuti - 2022 | Smt. Lipsita Patnaik | 108 |
| 45. | Guidance From Shri Shri Thakur | Sudhasini Panda | 109 |
| 46. | My Experience Of Hope and Spirituality | Shreyasee Nanda | 111 |
| 47. | Mythological Mash Between Greek and Hindu Religion | Ansh Nayak | 112 |
| 48. | Our Highest Selves are Waiting to Hear From us | Shreya Prabhakar | 113 |
| 49. | My Journey Meeting with Thakur | Saanvi Biswajit | 117 |
| 50. | My Experience | Aryaan Jena | 118 |
| 51. | Shri Shri Thakur One and Only One | Pratyush Mohanty | 119 |
| 52. | 2021 Sammilani and Nigam Smruti Mandir Photos | ... | |
| 53. | Duty is God | Aishee Nanda | 121 |
| 54. | A Poem for Shri Shri Thakur | Anhik Jena | 122 |
| 55. | What Ends up Happening | Sarthak Mohanty | 122 |
| 56. | My Memories with Thakur | Sreeja Pattanayak | 123 |
| 57. | My Memories I had with Thakur | Shimran Pattanayak | 123 |
| 58. | 2021 Fiscal Report | ... | 124 |


◆◆◆

**JAYAGURU**

# MESSAGE

We are highly enchanted and glad to know that the 20th Annual Convention of America Saraswata Sangha, Efland, North Carolina, U.S.A. is to be held from 1st July to 3rd July 2022. The Souvenir "Saraswata Madhuri" is also being brought out to mark the auspicious occasion.

This Sammilani is a laudable endeavour showcasing the devotion and Seva (Service) attitude and loyalty of the servitors towards Gurudev Paramhans Srimad Swami Nigamananda Saraswati Dev, his devotees and also the general public.

The main objectives of our Gurudev for upliftment of human soul through Sanatan Dharma Prashar, Satsiksha Vistar and Siva Gyane Jiba Seva has been reflected for last 20 years in U.S.A. and has strove to provide faith and awareness for the wellbeing of human beings irrespective of caste, creed and colour.

We hope this souvenir will be cordially accepted by all the readers and bring inspiration and solidarity among the devotees to reach the goal of universal brotherhood. The effort of AMSAS is highly appreciated and we pray our beloved Gurudev to bring all around success of the Sangha to go ahead with its objectives.

08.06.2022
Satsikshya Mandir
Bhubaneswar

Shri Shri Thakur Charanasrita
**Shri Sarat Chandra Singhdeo**
Parichalak
Nilachala Saraswata Sangha, Puri

**JAYAGURU**

# MESSAGE

I am very happy to know that a souvenir is being published on the occasion of the 20th Bhakta Sammilani Celebration of America Saraswata Sangha, U.S.A.

We all know that a catastrophe has taken place in the religious sector all over the world due to spread of Covid-19. Truly it is a trying period for religious people to protect their faith and continue religious rituals and celebration. I am proud to say that our devotees of Sri Sri Thakur Maharaj have become successful in the test of time; of course it is a sure sign of Thakur's grace. He showers His grace on those who are dedicated to spread His message and Bhavadhara.

Our beloved father Sri Sri Thakur Maharaj is greatest among the great saints ever the world has produced. We all know that He has become successful in all the four Margas of Sanatan dharma. Now the question arises is not any single Marga of Hinduism is capable for supreme realization of Absolute Reality. Is it imperative for one to trade the four paths to realize the supreme Truth? And those who have become successful in one or two Margas of Hinduism have not presented the Truth and have not acquired complete knowledge about supreme Truth. As an answer we say yes they have realized the Truth and have presented their opinion based on their realization. Then why our beloved Thakur had to tread all the four paths of Hinduism?

The answer is when Thakur Maharaj graced the earth there was discord among the followers of four paths that is Jnan, Tantra, Yoga and Bhakti. Followers of different paths in order to establish greatness of their sect were not reluctant to speak ill of others and as a result fights broke out among them. It was a sad and a very peculiar situation prevailed at that time in the religious world.

In order to bring harmony among different sects and to innovate an easy system of spiritual practice he was guided by Almighty to tread different paths of Hinduism and become successful. That is the reason he has clearly stated about. His mission on earth was 1. Asampradayika bhabe sanatana dharma ra prasar (to spread teaching of Sanatan religion based on non-sectarian principle), 2.Satsikhya bistar, (to spread true knowledge among the ignorant mass), 3.Siva gyne jiva seba, (to serve human beings treating them as God). His directive to his followers is unique, which is ‘to reach the peak of spiritual objective as described by Sri Sankaracharya treading the path shown by Sri Krushna Chaitanya Bharati or Sriman Gourang Dev'. In other words to reach the objectives of Monism through utilizing the instrument of Dualism.

Shri Shri Thakur's teaching, preaching and advices are all universal by natural. It is not directed to benefit only the Hindus or a section of people. It is for the entire human race. According to Him, one belonging to any religion need not change it or convert to Hinduism to reach the objective. He says one can reach one's objective of one's adopted religion following the methods as prescribed by Him.

Many People of various religions have become successful meeting Him and following His directive. Spiritual world has known about Adiguru, Lokaguru but after He came down from Nirbikalpa Samadhi, the world community came to know about Sarvabhom guru. The concept of Sarvabhom guru is completely new and wonderful. That is the reason He has said "No one is going to return empty handed from my doorstep as I am the Guru". Here factor of eligibility is not important, but the compassion of Guru Dev is prime. One accepting Him as preceptor or father is sure to inherit His vast empire of Knowledge and love. My humble submission is, let us take a firm resolve to love Him and transform His holy desire into reality.

I am sure, devotees of America Saraswata Sangha, U.S.A. can achieve this not caring about the impediments created by flow of time. I pray our beloved father Sri Thakur Maharaj shower His grace on all the members of America Saraswata Sangha, U.S.A. for their all-round development specially for their spiritual development.

19.05.2022
Satsikshya Mandir
Bhubaneswar

Shri Shri Thakur Charanashrita
**Shri Santosh Kumar Mohanty**
President
Nilachala Saraswata Sangha, Puri

# ‘ସାରସ୍ୱତ ମାଧୁରୀ’ ବିଷୟରେ ପଦେ

ଶ୍ରୀଶ୍ରୀଠାକୁର ମହାରାଜଙ୍କ ଅହେତୁକୀ ଅସୀମ ଅପାର କୃପାବଳରୁ ‘ଆମେରିକା ସାରସ୍ୱତ ସଂଘ’ର ‘ସାରସ୍ୱତ ମାଧୁରୀ-୨୦୨୨’ ପତ୍ରିକାଟି ସଂଘର ବିଂଶ ବାର୍ଷିକ ଭକ୍ତ ସମ୍ମିଳନୀର ଶୁଭ ଅବସରରେ ପ୍ରକାଶିତ ହୋଇ କରୁଣାନିଧାନ ଶ୍ରୀଶ୍ରୀଠାକୁର ମହାରାଜଙ୍କ ଅମଳ କମଳ ରାତୁଳ ଶ୍ରୀଚରଣରେ ନିବେଦନ କରାଯାଇ ଭକ୍ତମାନଙ୍କ କରକମଳରେ ଅର୍ପଣ କରାଗଲା । ସମ୍ମିଳନୀର ଏହି ଶୁଭ ଅବସରରେ ‘ସାରସ୍ୱତ ମାଧୁରୀ’ର ପ୍ରକାଶନରେ ସମସ୍ତ ଭକ୍ତମାନେ ତଥା ସୁଧୀପାଠକମାନଙ୍କୁ ଶ୍ରୀଶ୍ରୀଠାକୁର ମହାରାଜଙ୍କ ଜ୍ଞାନ-ଭକ୍ତି ଧାରାରେ ପ୍ଲାବିତ କରିବ ବୋଲି ଆମେ ଆଶାୟୀ ।

ଏହି ପତ୍ରିକାଟିର କଳେବରକୁ ସମୃଦ୍ଧ କରିଛି ଶ୍ରୀଶ୍ରୀଠାକୁର ମହାରାଜଙ୍କ ଉପଦେଶ, ନୀତିବାଣୀ, ଶ୍ରୀଶ୍ରୀଠାକୁରଙ୍କ ଲୀଳାପ୍ରସଙ୍ଗ, ପ୍ରାର୍ଥନା ଗୀତିକା, ବନ୍ଦନା, ଭାବଧାରା, ଭକ୍ତମାନଙ୍କ ଅନୁଭୂତିମୂଳକ ଲେଖ ସନାତନ ଧର୍ମର କିଛି ତଥ୍ୟ । ଆମେରିକା ସାରସ୍ୱତ ସଂଘର ଭକ୍ତମାନେ ତଥା ଓଡ଼ିଶାରେ ବିଭିନ୍ନ ଶାଖାସଂଘର ଭାଇ ଓ ମା'ମାନଙ୍କ ପ୍ରବନ୍ଧ ଓ ସଙ୍ଗୀତମାନ ଅତିଶୟ ମର୍ମସ୍ପର୍ଶୀ, ଶିକ୍ଷାପ୍ରଦ ଓ ଉପାଦେୟ । କୋମଳମତି ବାଳକବାଳିକାମାନଙ୍କର ପ୍ରିୟ ଶ୍ରୀଶ୍ରୀଠାକୁର ମହାରାଜଙ୍କ ଉଦ୍ଦେଶ୍ୟରେ ଲିଖିତ ପ୍ରବନ୍ଧ ଓ Poem ଗୁଡ଼ିକ ପରବର୍ତ୍ତୀ ପୀଢ଼ିପାଇଁ ନୂତନ ଦିଗନ୍ତ ସୃଷ୍ଟି କରିବ ବୋଲି ଆମେ ଆଶାୟୀ ।

‘ଆମେରିକା ସାରସ୍ୱତ ସଂଘ’ରେ ବିଗତ ବର୍ଷଟିରେ ହୋଇଥିବା ବିଭିନ୍ନ ଉନ୍ନତିମୂଳକ ପଦକ୍ଷେପ ଓ କାର୍ଯ୍ୟ ଏବଂ ବିଭିନ୍ନ ଷ୍ଟେଟ୍‌ରେ କରାଯାଇଥିବା ସେବାକାର୍ଯ୍ୟ ଓ ଦରିଦ୍ର ନାରାୟଣ ସେବା ଇତ୍ୟାଦିର ବିବରଣୀ ତତ୍‌ସଙ୍ଗେ ସଂଘର ବାର୍ଷିକ ଆୟବ୍ୟୟର ବିବରଣୀ ମଧ୍ୟ ଏଥିରେ ପ୍ରଦତ୍ତ ହୋଇଛି ।

ସଂଘରେ ଅନୁଷ୍ଠିତ ସଂଘାଧିବେଶନର ଫଟୋଚିତ୍ର, ବିଶେଷ ଉତ୍ସବର ଫଟୋଚିତ୍ର ଓ ବିଗତ ଭକ୍ତ ସମ୍ମିଳନୀରେ ନିଆଯାଇଥିବା ଗ୍ରୁପ୍ ଫଟୋ ଏକ ପୃଷ୍ଠାରେ ଦିଆଯାଇଅଛି । ଏହି ପତ୍ରିକାରେ ଇଂରାଜୀ ଓ ହୀନ୍ଦି ଭାଷାରେ ଲିଖିତ ପ୍ରବନ୍ଧ ଓ ଗୀତିକା ଆଦି ପାଠକ ଓ ପାଠିକାମାନଙ୍କର ସୁବିଧା ନିମିତ୍ତ ଏକ ସ୍ୱତନ୍ତ୍ର ବିଭାଗରେ ପ୍ରକାଶିତ କରାଯାଇଅଛି । ଶ୍ରୀଶ୍ରୀଠାକୁର ଆମମାନଙ୍କୁ ଆତ୍ମଜ୍ଞାନ ପ୍ରଦାନ କରିବା ସହିତ ତାଙ୍କ ସେବାରେ ନିଯୁକ୍ତ ହେବାର ବଳ, ପ୍ରେରଣା ଓ ଆଶୀର୍ବାଦ ପ୍ରଦାନ କରୁଛନ୍ତି । ତେଣୁ ଆମେ ଆମର ପରମ କାମ୍ୟ ଭଗବତ୍‌ସେବା ଲାଭ ନିମିତ୍ତ ଶ୍ରୀଶ୍ରୀଠାକୁରଙ୍କଠାରେ ନିର୍ଭର କରି ବସିଅଛୁ । ନିଜର ସ୍ୱଳ୍ପ ସାମର୍ଥ୍ୟ ମଧ୍ୟରେ ଯୁକ୍ତରାଷ୍ଟ୍ର ଆମେରିକାରେ ଶ୍ରୀଶ୍ରୀଠାକୁରଙ୍କ ଭାବଧାରା ରକ୍ଷା କରିବା ପାଇଁ ଆମ ପରି ଅଧମ, ଅକିଞ୍ଚନ ଭକ୍ତମାନେ ଶ୍ରୀଶ୍ରୀଠାକୁରଙ୍କ କୃପାକୁ ପାଥେୟ କରି ଭକ୍ତ ସମ୍ମିଳନୀଟିଏ ଆୟୋଜନ କରିବା ପାଇଁ ଚେଷ୍ଟା କରିଅଛୁ ।

ଏହି ପତ୍ରିକାରେ ପ୍ରକାଶିତ ହୋଇଥିବା ଲେଖାଗୁଡ଼ିକ ଭକ୍ତମାନଙ୍କ ନିଜସ୍ୱ ମତାମତ ଏବଂ ସେଥିରେ ଥିବା ଦୋଷାଂଶ ପାଇଁ ‘ଆମେରିକା ସାରସ୍ୱତ ସଂଘ’ କିମ୍ବା ‘ନୀଳାଚଳ ସାରସ୍ୱତ ସଂଘ’ ଦାୟୀ ନୁହନ୍ତି । ‘ସାରସ୍ୱତ ମାଧୁରୀ’ର ପ୍ରକାଶନରେ ଏହାର ସଂପାଦନା ମଣ୍ଡଳୀ ବ୍ୟତୀତ ‘ଆମେରିକା ସାରସ୍ୱତ ସଂଘ’ର ଭାଇ ଓ ମା’ ଓ Young Aspirants ମାନେ ଦେହ-ମନ-ପ୍ରାଣ ଦେଇ ସେବା କରି ଏହି ପ୍ରକାଶନକୁ ସର୍ବାଙ୍ଗସୁନ୍ଦର କରିବା ପାଇଁ ଚେଷ୍ଟା କରିଛନ୍ତି । ଶ୍ରୀଶ୍ରୀଠାକୁର ମହାରାଜଙ୍କ ନିକଟରେ ସେମାନଙ୍କ ସର୍ବବିଧ ଉନ୍ନତି ନିମନ୍ତେ ପ୍ରାର୍ଥନା କରୁଅଛୁ । ଏହି ପତ୍ରିକାର ସମ୍ପାଦନା ତଥା ବିଭିନ୍ନ ବିଭାଗରେ ସାହାଯ୍ୟ କରିଥିବା ଭକ୍ତ ଭାଇ ମା’ ମାନଙ୍କୁ ଆମେ ଅଶେଷ କୃତଜ୍ଞତା ଜ୍ଞାପନ କରୁଅଛି । ଆମର ଶତ ପ୍ରଚେଷ୍ଟା ସତ୍ତ୍ୱେ ପତ୍ରିକାଟିର ସମ୍ପାଦନା ଓ ମୁଦ୍ରଣଜନିତ ତ୍ରୁଟି ଯଦି ରହିଯାଇଥାଏ, ସେଥିନିମିତ୍ତ ଶ୍ରୀଶ୍ରୀଠାକୁର ମହାରାଜ୍ ଓ ପାଠକପାଠିକାମାନଙ୍କ ନିକଟରେ ଆମେ କ୍ଷମା ପ୍ରାର୍ଥନା କରୁଅଛୁ । ପରିଶେଷରେ ଏହି ଶୁଭ ଅବସରରେ ସମସ୍ତ ଭାଇ ଓ ମା’ ମାନଙ୍କ ମଙ୍ଗଳ କାମନା ନିମନ୍ତେ ଶ୍ରୀଶ୍ରୀଠାକୁର ମହାରାଜଙ୍କ ଶ୍ରୀଚରଣ ସରୋଜରେ ପ୍ରାର୍ଥନା କରୁଅଛୁ ।

୧ ଜୁଲାଇ ୨୦୨୨
୧୦୪୦ ଜୟଗୁରୁ ଲେନ୍, ଏଫ୍‌ଲ୍ୟାଣ୍ଡ
ନର୍ଥ କାରୋଲିନା - ୨୭୨୪୩
ଯୁକ୍ତରାଷ୍ଟ୍ର ଆମେରିକା

‘ସାରସ୍ୱତ ମାଧୁରୀ’ ସମ୍ପାଦନାମଣ୍ଡଳୀ
ଆମେରିକା ସାରସ୍ୱତ ସଂଘ



Paramahansa Shreemat Swami Nigamananda Saraswati Dev

# ବନ୍ଦନା

ଓଁ ତ୍ୱଂ ହି ନଃ ପିତା ବସୋ ତ୍ୱଂ ମାତା
ଶତକ୍ରଣେ ବହ୍ନୁ ବିଥ । ଅଧାତେ ମ୍ନମି ମହେ
- ଋକ୍‌ବେଦ, ୮/୧୮/୧୧

ହେ ପ୍ରଭୁ! ଆମମାନଙ୍କର ତୁମେ ହିଁ ପିତା ଓ ମାତା । ହେ ଦେବାଧିଦେବ! ହେ ସୁଖଧାନସ୍ୱରୂପ! ତୁମରି ସୁଖରେ ଆମେମାନେ ଯେପରି ନିରନ୍ତର ରତ ରହୁ ତାହାର ବ୍ୟବସ୍ଥା କରନ୍ତୁ । ଆମେମାନେ ବିନମ୍ର ଭାବରେ ପ୍ରଣାମ କରୁଅଛୁ ।

ହେ ପ୍ରଭୁ ଦେବାଧିଦେବ ଜଗତ କରତା
ତୁମେ ହିଁ ଆମର ଅଟ ପିତା ଆଉ ମାତା
ତୁମେ ସୁଖର ଆକର
ତୁମରି ସ୍ତୁତିରେ ରତ ରହୁ ନିରନ୍ତର ।୧।
ବିନମ୍ର ଭାବରେ ତବ ଶ୍ରୀଚରଣ ତଳେ
ପ୍ରଣାମ କରୁଛୁ ବହୁ ଜନ୍ମ ପୂଣ୍ୟ ଫଳେ
କରି ବ୍ୟବସ୍ଥା ଏତିକି
ଧନ୍ୟ କରନ୍ତୁ ଆମର ଜୀବନ ଚକ୍ରୀକି ।୨।

# ପ୍ରାର୍ଥନା

ଓଁ ମା ପ୍ରଣାମ ପାଥୋ ବୟଂ ମା ଯଜ୍ଞାବିନ୍ଦ୍ର
ସୋ ମିନଃ ମାନ୍ତଃ ସ୍ତୁର୍ନୋ ଅରାତୟଃ ।
- ଋକ୍‌ବେଦ, ୧୦/୫୭/୧

ହେ ପ୍ରଭୁ! ଜୀବନଯାତ୍ରା ପଥରେ ଯେପରି ସମସ୍ତ ପ୍ରକାର ବିଷୟବିଭବ ମିଳିଲେ ମଧ୍ୟ ଆମେମାନେ ଯେପରି ସତ୍‌ପଥରୁ ବିଚ୍ୟୁତ ନ ହେଉ ଏବଂ ଆମ୍ଭମାନଙ୍କ ଅନ୍ତରରେ କାହାରି ପ୍ରତି ଶତ୍ରୁତା ଭାବ ନ ରହୁ । ଆମେମାନେ ସର୍ବଦା ସତ୍‌କର୍ମରେ ଅଂଶଗ୍ରହଣ କରୁ, ତାହାର ବ୍ୟବସ୍ଥା କରି ଦିଅନ୍ତୁ ।

ହେ ପ୍ରଭୁ! ଜୀବନ ଯାତ୍ରା ପଥରେ ଆମର
ବିଷୟ ବିଭବ ବହୁ ମିଳିଲେ ବି ତାର
ମନ୍ଦ ପ୍ରଭାବେ ଯେପରି
ସତ୍‌ପଥରୁ ଚିଉତ୍ୟୁତ ନ ହେଉ ଆମରି ॥୧॥
କାହାରି ପ୍ରତି ଶତ୍ରୁତା ଭାବ ହିଁ ନ ରହୁ
ଅନ୍ତର ସର୍ବଦା ସତ୍‌କର୍ମେ ରତ ରହୁ
କରି ଏତିକି ବ୍ୟବସ୍ଥା
ସଫଳ କରନ୍ତୁ ଜନ୍ମ ମାଗୁ ପାତି ମଥା ॥୨॥

ଶ୍ରୀଶ୍ରୀଠାକୁର ଚରଣାଶ୍ରିତ
**ଶ୍ରୀ ଯୋଗେଶ୍ୱର ସୁନ୍ଦରରାୟ**
ବେଗୁନିଆ ଶାଖା ସଂଘ

# ନିଗମ ବାଣୀ

୧. ତୁମେମାନେ ସମସ୍ତେ ଯେ ମୋର ସେବକ, ଏ କଥା ସର୍ବଦା ମନେରଖ । ମୋର କର୍ମ ପ୍ରତ୍ୟେକଙ୍କର ପ୍ରାଣର ଆକାଂକ୍ଷା ହେଉ । ସମସ୍ତେ ମୋ କର୍ମରେ ଆତ୍ମନିୟୋଗ କର । ଯେଉଁ କାର୍ଯ୍ୟଦ୍ୱାରା, ଯେଉଁ ଆଚରଣ ଦ୍ୱାରା ମୋ ପ୍ରାଣରେ ବ୍ୟଥା ଜନ୍ମେ, ସେହି କର୍ମରୁ ତୁମେମାନେ ସଂପୂର୍ଣ୍ଣ ବିରତ ହୁଅ । ମୋତେ ସନ୍ତୁଷ୍ଟ କର, ପ୍ରାଣରେ ଶାନ୍ତି ଅନୁଭବ କର । ଏହା ହିଁ ମୋର ଏକମାତ୍ର କାମନା ।

୨. ଶ୍ରୀଗୁରୁଦେବଙ୍କ ଉଦ୍ଦେଶ୍ୟରେ ତାଙ୍କ ପ୍ରତିକୃତିରେ ଫୁଲଚନ୍ଦନ ଦେଇ ପୂଜା କଲେ ମଧ୍ୟ ସେଥିରେ ଆଶାତୀତ ଫଳ ଲାଭ ହୁଏ । ସବୁ ଶ୍ରେଣୀର ଶିଷ୍ୟଭକ୍ତଙ୍କ ପ୍ରତି ଗୁରୁଦେବଙ୍କର ସମାନ ଦୃଷ୍ଟି ଥାଏ । ଯେଉଁମାନେ ମୋତେ ସୁଖ ପାଆନ୍ତି, ସେମାନଙ୍କର ଧ୍ୟାନ ଧାରଣା ଅପେକ୍ଷା ବିଶେଷ ଉନ୍ନତି ଲାଭ ହୋଇଥାଏ । ଗୁରୁଦେବଙ୍କୁ ସୁଖ ପାଇବା ବ୍ୟତୀତ ଶିଷ୍ୟଭକ୍ତମାନଙ୍କର ଅନ୍ୟ କାହିଁରେ ଉନ୍ନତି ଅସମ୍ଭବ । ଏହି ସୁଖପାଇବା ଭିତର ଦେଇ ଗୁରୁଶକ୍ତି ଶିଷ୍ୟଭକ୍ତଙ୍କ ଭିତରେ କ୍ରିୟାଶୀଳ ହୋଇଥାଏ ।

୩. ତୁମକୁ ବାରମ୍ବାର କହୁଛି, କେବଳ ଗୁରୁଦେବଙ୍କ ଉପରେ ବିଶ୍ୱାସ ସ୍ଥାପନ କର । ଅଧିକ କିଛି ପ୍ରୟୋଜନ ନାହିଁ, ପାଞ୍ଚଜଣ ମାତ୍ର ଅଟଳ ଅଗ୍ନି ବିଶ୍ୱାସୀ ଯୁବକଙ୍କୁ କର୍ମର ସହାୟକ ଭାବରେ ପାଇଲେ ମୁଁ ମୋର ସଂକଳ୍ପ ସିଦ୍ଧି କରିପାରିବି କି ନା ଦେଖ । ପାଞ୍ଚଜଣ ଅଟଳ ବିଶ୍ୱାସୀ ସତ୍ୟାନ୍ୱେଷୀ ଯୁବକଙ୍କୁ ଧରି ମୁଁ ସମଗ୍ର ଜଗତରେ ଏକ ନୂତନ ଆଧାତ୍ମିକ ପ୍ରବାହ ପ୍ରବାହିତ କରି ଦେଇ ପାରିବି । ଲୋଡ଼ା କେବଳ ପ୍ରାଣ, ଲୋଡ଼ା ଅଚଳ ଅଟଳ ବିଶ୍ୱାସ ।

୪. ଆପଦ ବିପଦରେ, ଅଶାନ୍ତି ଉଦ୍‌ବେଗରେ କିମ୍ବା ଶୋକ-ଦୁଃଖରେ ତାଙ୍କର ଦୟାମୟ ନାମରେ ଯେପରି ସନ୍ଦେହ ନ ଆସେ । ଦୃଢ଼ତା ଓ ଧୈର୍ଯ୍ୟ ସହିତ ତାଙ୍କଠାରେ ନିର୍ଭର କଲେ ଦିନେ ଅବଶ୍ୟ ସବୁ ଭାର ସେ ନେବେ, ସବୁ ଅଭାବ ଦୂର କରିଦେବେ । ମଙ୍ଗଳମୟଙ୍କ ଉପରେ ଭାର ଦେଲେ ସେ ନିଶ୍ଚୟ ବ୍ୟବସ୍ଥା କରିବେ ।

୫. ଏ ଜଗତକୁ ଏକା ଆସିଛ, ଏକା ଚାଲିଯିବ । ଏଠାରୁ କିଛି ସଂଗରେ ନେଇ ଯିବନାହିଁ । ସର୍ବାନ୍ତଃ କରଣରେ ଭଗବାନଙ୍କଠାରେ ଆତ୍ମନିର୍ଭର କରି ନାମ ଜପ କରି କରି ବାକି କେତୋଟି ଦିନ କଟାଇ ଦିଅ ।

# ଜ୍ଞାତବ୍ୟ ତଥ୍ୟ

## ଅକ୍ଷୟ ତୃତୀୟା ତିଥିର ବୈଶିଷ୍ଟ୍ୟ :

୧. ଅକ୍ଷୟ ତୃତୀୟା ତିଥିରେ ସତ୍ୟଯୁଗର ଆରମ୍ଭ।

୨. ଋଷି ଜମଦଗ୍ନିଙ୍କ ପୁତ୍ର ପର୍ଶୁରାମଙ୍କ ଜନ୍ମତିଥି।

୩. ଶ୍ରୀକୃଷ୍ଣ ଓ ସହପାଠୀ ସୁଦାମାଙ୍କ ସହ ସାକ୍ଷାତ।

୪. ଭଗବାନ ଶ୍ରୀକୃଷ୍ଣ ଦ୍ରୌପଦୀଙ୍କୁ ଅକ୍ଷୟ ପାତ୍ର ପ୍ରଦାନ କରିଥିଲେ।

୫. ଅକ୍ଷୟ ତୃତୀୟା ତିଥିରେ ପ୍ରଥମେ ଅନ୍ନ ପ୍ରକଟିତ ହୋଇଥିଲା।

୬. ଏହି ତିଥିରେ କୁବେର ଦେବତା ପ୍ରଥମେ ସୃଷ୍ଟି ଆରମ୍ଭରେ ଲକ୍ଷ୍ମୀନାରାୟଣଙ୍କ ପୂଜା ଅର୍ଚ୍ଚନା ଅନୁଷ୍ଠାନ କରିଥିଲେ ।

୭. ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ନିମିତ୍ତ ରଥନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥାଏ।

୮.   ଅକ୍ଷୟ ତୃତୀୟା ତିଥିରେ ପ୍ରଭୁ ଜଗନ୍ନାଥଙ୍କ ଚନ୍ଦନଯାତ୍ରା ନିମିତ୍ତ ନରେନ୍ଦ୍ର ସରୋବର ଗମନ କରିଥାନ୍ତି ।

୯.   ଏହି ତିଥିରେ ପ୍ରଭୁ ବାଙ୍କବିହାରୀଙ୍କ ଚରଣ ଦର୍ଶନ ଯୋଗ ସନାତନ ଧର୍ମଧାରା ବିଧିପୂର୍ବରୁ ପ୍ରଚଳିତ ।

୧୦.  ଅକ୍ଷୟ ତୃତୀୟା ତିଥିରେ ଭଗବାନ୍ ବ୍ୟାସଦେବ 'ମହାଭାରତ' ରଚନା ଆରମ୍ଭ କରିଥିଲେ ।

୧୧.  ରଘୁବଂଶର ମହାରାଜା ଭଗୀରଥ ସାଧନାରେ ସିଦ୍ଧିଲାଭ କରି ଗଙ୍ଗାଦେବୀଙ୍କୁ ପୃଥିବୀକୁ ଆନୟନ କରିଥିଲେ ।

୧୨.  ଏହି ତିଥିରେ ଶ୍ରୀଶ୍ରୀଠାକୁର ନିଗମାନନ୍ଦ ଦେବ ଆସାମର କୋକିଳାମୁଖ ଆଶ୍ରମରେ ଗୁରୁବ୍ରହ୍ମ ଜଗଦ୍‌ଗୁରୁଙ୍କ ଆସନ ଓ 'ସାରସ୍ୱତ ସଂଘ' ପ୍ରତିଷ୍ଠା କରିଥିଲେ ।

## ହିନ୍ଦୁମାନଙ୍କର ତେତ୍ରିଶ କୋଟି ଦେବତା

ସଂସ୍କୃତରେ କୋଟି ଶବ୍ଦର ଅର୍ଥ-ପ୍ରକାର । ତେଣୁ ୩୩କୋଟି ଦେବତାର ଅର୍ଥ ୩୩ ପ୍ରକାର ଦେବତା ।

୧୨ ଆଦିତ୍ୟ (ସୂର୍ଯ୍ୟ) + ୮ବସୁ + ୧୧ରୁଦ୍ର + ଅଶ୍ୱିନୀକୁମାର (ଦେବବୈଦ୍ୟ) = ୩୩

୧୨. ଆଦିତ୍ୟ:- ଧାତା, ମିତ୍ରା, ଅଂଶ, ଭାଗ, ଅର୍ଯ୍ୟମା, ବିବସ୍ୱାନ, ତ୍ୱଷ୍ଟା, ପୁଷା, ବିଷ୍ଣୁ, ବରୁଣ, ସବିତୃ, ଶକ୍ରା

ଅଷ୍ଟବସୁ -(୧) ଘର, (୨) ଧ୍ରୁବ, (୩) ସୋମ, (୪) ଅହ (୫) ଅନୀଳ, (୬) ଅନଳ, (୭) ପ୍ରତ୍ୟୁଷ, (୮) ପ୍ରଭାଷ

ଏକାଦଶ ରୁଦ୍ର - (୧) ହର (୨) ବହୁରୂପ (୩) ତ୍ରୟଂବଳ (୪) ଅପରାଜିତା (୫) ବୃଷାକାପି (୬) ଶମ୍ଭୁ (୭) କପାଆଡ଼ି (୮) ତରବାତ (୯) ମୃଗବ୍ୟାଧ (୧୦) ଶର୍ବା (୧୧) କପାଳି ।

ଦେବବୈଦ୍ୟ - ଅଶ୍ୱିନୀ ଓ କୁମାର ।

# ରାଷ୍ଟ୍ରୀୟ ପ୍ରାର୍ଥନା

ହେ ସାର୍ବଭୌମ   ଗୁରୁ ମହାରାଜମ୍
ସ୍ମରୟାମୀ ତେ   ସୁରଙ୍ଗ ପଦାବ୍ଜମ୍
ଆମେରିକାୟାଂ   ତବ ବିଦ୍ୟମାନମ୍
କରୋତି ସର୍ବାନ୍   ଚିଦାନନ୍ଦ ଦାନମ୍ ।।୧।।

ରକ୍ତାଭଃ ଜ୍ୟୋତିଃ   ବିକଶତେ ପ୍ରାତଃ
ନୀଳାଭଂ ଦ୍ୟୁତିଃ   ମଧ୍ୟାହ୍ନେ ହିସ୍ୱତଃ
ସାୟଂ ଚ ଶୁଭ୍ରଂ   ଅଙ୍ଗକାନ୍ତିଃ ଭାତି
ତେ ପାଦପଦ୍ମେ   ଭଜତୁ ମେ ମତିଃ ।।୨।।

ସମ୍ମିଳନୀ ତେ   ପ୍ରିୟ ଅନୁଷ୍ଠାନମ୍
ବିଶ୍ୱସଂ ହିତଂ   ଭବତୁ ହି ନୂନମ୍
ଭବତୁ ସଦା   ପରିବେଶ ଶାନ୍ତମ୍
ବାୟୁଃ ମଣ୍ଡଳଂ   ପ୍ରଦୁଷଣ ମୁକ୍ତମ୍ ।।୩।।

ବାରି ମଣ୍ଡଳଂ   ଚଭବତୁ ହି ଶାନ୍ତମ୍
ଭୂମଣ୍ଡଳ ମସ୍ତୁ   ପାଦପୈଃ ପୂର୍ଣ୍ଣମ୍
ବର୍ଷତୁ କାଳେ   ନବ ମେଘମାଳାମ୍
ପୃଥ୍ୱୀ ର୍ଭବତୁ   ଚ ଶସ୍ୟ ଶାମଳାମ୍ ।।୪।।

ଯୁବକାଃ ସନ୍ତୁ   ଚ କର୍ମକୁଶଳାମ୍
ଭାର୍ଯ୍ୟାଃ ଭବନ୍ତୁ   ସୁଶ୍ରୀ ସୃଶୀଳମ୍
ସର୍ବେ ସର୍ବେଷାଂ   ହିତଂ ଚିନ୍ତୟନ୍ତୁ
ସର୍ବେ ଚ ସଦା   ନିରାମୟା ସନ୍ତୁ ।।୫।।

ଶ୍ରୀଶ୍ରୀଠାକୁର ଚରଣାଶ୍ରିତ
**ଶ୍ରୀ ଯୋଗେଶ୍ୱର ସୁନ୍ଦରରାୟ**
ବେଗୁନିଆ ଶାଖାସଂଘ

# ସମ୍ମିଳନୀ ଗୀତିକା

**(ନିରାଶ ନ କର, ଆଜି ଦୟାଳୁ ଠାକୁର... ବୃତ୍ତେ)**

ଆହେ ଗୁରୁଦେବ,
ଘେନ ଆମ ନିବେଦନ ହେ
ଆଜି ଏହି ଶୁଭ ଦିନେ,
ଦିଅ ଦରଶନ ହେ ........ ।୦।

ନିଗମ ସ୍ମୃତି ମନ୍ଦିର
ଆନନ୍ଦେ ଆଜି ଅଧିର
ଭକ୍ତ ଭଗବାନ ଲୀଳା,
ନିତ୍ୟ ବୃନ୍ଦାବନ ହେ......।୧।

ସମ୍ମିଳନୀ ତୁମ ପ୍ରିୟ,
ଚିର, ଶାଶ୍ୱତ ଅକ୍ଷୟ
ଦୀନ, ଭକ୍ତ ଜନ ପାଇଁ
ତୁମ ବରଦାନ ହେ........।୨।

ତୁମେ ମାତା, ତୁମେ ପିତା,
ତୁମେ ବନ୍ଧୁ ତୁମେ ଭ୍ରାତା
ତୁମେ ଜଗତ କରତା,
ତୁମେ ପ୍ରିୟତମ ହେ........ ।୩।

ସଂସାର ମାୟା ବନ୍ଧନ,
ଭୁଲିଯିବୁ କିଛିକ୍ଷଣ
ପ୍ରେମଭକ୍ତି ଲାଭ କରି
ହୋଇବୁ ମଗନ ହେ.........।୪।

ଗରବିଣୀ 'ମାଆ' ମୋର
ଡାକି କରିବ ଆଦର
ସ୍ନେହବୋଲା 'ମାଆ' ଡାକ
ଶୁଣି ହେବୁ ଧନ୍ୟ ହେ ..........।୫।

ଭକତି ଚନ୍ଦନ ଗୋଳି
ସଜାଡ଼ି ବନ୍ଦାଣ ଥାଳି
ଶରଧା ସୁମନ ଦେଇ
ପୂଜିବୁ ଚରଣ ହେ..........।୬।

ନାମ ଗାଇ, ରୂପଧ୍ୟାୟୀ
ପ୍ରାଣଭରି ସୁଖ ପାଇ
ଶ୍ରୀଚରଣ ସେବା କରି
ବିତିବ ଜୀବନ ହେ.......।୭।

ବାଞ୍ଛା କଳ୍ପତରୁ ସାଜି
ହୃଦମନ୍ଦିରେ ବିରାଜି
ପୂରାଅ ମନର ଆଶା
କରୁଣା ନିଧାନ ହେ....... ।୮।

ଶ୍ରୀଶ୍ରୀଠାକୁର ଚରଣାଶ୍ରିତା
**ଶ୍ରୀମତୀ ସ୍ମିତା ରାୟ**
ଆମେରିକା ସାରସ୍ୱତ ସଂଘ

କେବଳ ଉପଦେଶ ଶୁଣିଲେ କିଛି ହୁଏନାହିଁ । ଜୀବନରେ ଗୋଟିଏ ଉପଦେଶକୁ ଯଦି କାର୍ଯ୍ୟକାରୀ କରିପାର, ତେବେ ଜୀବନ ଧନ୍ୟ ହୋଇଯିବ । ତୁମେମାନେ ମନୁଷ୍ୟ ହୁଅ, ଭଗବାନ୍ ହୁଅ, ଏହା ହିଁ ମୋର ଇଚ୍ଛା । ଉଚ୍ଚ ସାଧକଙ୍କର ଯେଉଁ ଭାବ ଯାହାକୁ କି ବିଶ୍ୱପ୍ରେମ କହନ୍ତି, ମୁଁ ତୁମମାନଙ୍କ ମଧ୍ୟରେ ସେହି ବିଶ୍ୱପ୍ରେମ ଦେଖିବାକୁ ଆଶା କରେ । ତୁମେମାନେ ଜଗତକୁ ସେହି ଭାବରେ ସୁଖପାଇବ । – **ଶ୍ରୀଶ୍ରୀଠାକୁର**

# ସାହେବମାନଙ୍କର ସନ୍ଦେହ ମୋଚନରେ ଶ୍ରୀଶ୍ରୀଠାକୁର

ଶ୍ରୀଯୁକ୍ତ ଦୁର୍ଗାଚରଣ ମହାନ୍ତି ଭାଇଙ୍କ ଭାଷାରେ, "ଯେତେବେଳେ ଦେଶରେ ପାଶ୍ଚାତ୍ୟଶିକ୍ଷା ପ୍ରଭାବରୁ ଧର୍ମ, ନୀତି ଓ ସମାଜ ମଧ୍ୟରେ ବିପ୍ଳବ ଓ ଅନାଚାର ଦେଖାଯାଉଥିଲା ଓ ଲୋକେ ସ୍ୱଧର୍ମ ପରିତ୍ୟାଗ କରି ଭୟାବହ ପରଧର୍ମ ଆଡ଼କୁ ସ୍ୱତଃ ଆକୃଷ୍ଟ ହୋଇ ପଡୁଥିଲେ, ଠିକ୍ ସେତିକିବେଳେ ସ୍ୱାମୀ ନିଗମାନନ୍ଦଙ୍କର ଆବିର୍ଭାବ।" (ଶ୍ରୀଶ୍ରୀଠାକୁର ନିଗମାନନ୍ଦ-ପୃ-୧) ।

ଶ୍ରୀଶ୍ରୀଠାକୁର ମହାରାଜଙ୍କର ବିଶେଷତ୍ୱ ବର୍ଣ୍ଣନା କରି ଦୁର୍ଗାଚରଣ ଭାଇ ପୁନଶ୍ଚ ଲେଖିଛନ୍ତି, "ଭାରତବାସୀଙ୍କର ମହାସୌଭାଗ୍ୟ ଯେ, ସେମାନେ ଭଗବାନ୍‌ଙ୍କୁ ସଖା, ବନ୍ଧୁ, ସ୍ୱାମୀ ଆଦି ରୂପରେ ପ୍ରାପ୍ତ ହୋଇଛନ୍ତି, ମାତ୍ର ସ୍ୱୟଂ ଜଗଦ୍‌ଗୁରୁଙ୍କୁ ସ୍ଥୂଳ ମନୁଷ୍ୟ ଦେହଧାରୀ ଭାବରେ ସେପର୍ଯ୍ୟନ୍ତ ଦର୍ଶନ କରିପାରିନଥିଲେ। ଶ୍ରୀଶ୍ରୀଠାକୁରଙ୍କ ବିଗ୍ରହରେ ଜଗଦ୍‌ଗୁରୁ ଓ ଭଗବାନ୍‌ଙ୍କର ଏକତ୍ର ସମାବେଶ ହୋଇଥିଲା।" (ଶ୍ରୀଶ୍ରୀଠାକୁର ନିଗମାନନ୍ଦ, ୩ୟ ସଂସ୍କରଣ ଭୂମିକା)। ଏଇଥିପାଇଁ ସ୍ୱମୁଖରେ ଶ୍ରୀଶ୍ରୀଠାକୁର ନିଜକୁ ସଦ୍‌ଗୁରୁ ବୋଲି ପରିଚୟ ଦେଇଛନ୍ତି। ଏଣୁ କୁହାଯାଇଛି ଯେ- "ସଦ୍‌ଗୁରୁଙ୍କ ଜୀବନ ସମନ୍ୱୟର ଜୀବନ"। ବିଶିଷ୍ଟ ମତବାଦ ପ୍ରବର୍ତ୍ତନ ପରେ ଯେତେବେଳେ ସେଗୁଡ଼ିକର ସମନ୍ୱୟ ଓ ସାମଞ୍ଜସ୍ୟର ପ୍ରୟୋଜନ ହୁଏ, ସେତେବେଳେ ସଦ୍‌ଗୁରୁଙ୍କର ଆବିର୍ଭାବ ଘଟେ।" (ଶ୍ରୀଶ୍ରୀଠାକୁର ନିଗମାନନ୍ଦ, ୩ୟ ସଂସ୍କରଣ, ଭୂମିକା)। ଗାରୋହିଲଠାରେ ସ୍ୱୟଂ ଜଗଜ୍ଜନନୀ ଶ୍ରୀଶ୍ରୀଠାକୁର ମହାରାଜଙ୍କୁ ବିଶ୍ୱଗୁରୁ ଭାବରେ ଲୋକାଳୟକୁ ଯିବା ପାଇଁ ଅନୁରୋଧ ଜଣାଇବା ବେଳେ, ଶ୍ରୀଶ୍ରୀଠାକୁରଙ୍କୁ ଅରାଜି ହେବାର ଦେଖି ବୁଝାଇଥିଲେ ଯେ- ତୁମେ ଲୋକାଳୟକୁ ଗୁରୁ ଭାବରେ ନ ଗଲେ ମୋର ଅଧମ ଅଜ୍ଞାନ ସନ୍ତାନମାନଙ୍କୁ ଜ୍ଞାନର ଆଲୋକ ଦେଖାଇବ କିଏ ? ମାଆଙ୍କ ସବିନୟ ଅନୁରୋଧରେ ଶ୍ରୀଶ୍ରୀଠାକୁର ସର୍ବସିଦ୍ଧି ତଥା ବିଶ୍ୱଗୁରୁର ଭାବ ନେଇ ଲୋକାଳୟକୁ ପ୍ରବେଶ କଲେ। ଏଇଥିରୁ ଶ୍ରୀଶ୍ରୀଠାକୁରଙ୍କର ଜଗତକୁ ଆଗମନର ମହାନ ଉଦ୍ଦେଶ୍ୟ ସ୍ପଷ୍ଟ ପ୍ରତୀୟମାନ ହୁଏ। ବିଶ୍ୱବାସୀଙ୍କ ମନରୁ ଅଜ୍ଞାନ କୁହେଳିକା ବିଦୂରିତ କରିବାର ମୁଖ୍ୟ ଉଦ୍ଦେଶ୍ୟ ନେଇ ସେ ଜଗତସେବାରେ ନିଜକୁ ଉତ୍ସର୍ଗ କରିଥିଲେ। ତାଙ୍କର ଆଶ୍ରିତ ଶିଷ୍ୟଭକ୍ତ ନ ହେଲେ ବି ବିନା ବିଚାରରେ ସେ ସମସ୍ତଙ୍କୁ ଜ୍ଞାନର ଆଲୋକ ପ୍ରଦାନ କରିଥିଲେ। ସକଳ ବିଶ୍ୱବାସୀଙ୍କୁ ସେ ସର୍ବଦା ସମଦୃଷ୍ଟିରେ ଦେଖୁଥିଲେ। ଏହିକ୍ରମରେ ଖାଲି ଭାରତବାସୀ କାହିଁକି ବିଦେଶୀ ସାହେବମାନେ ମଧ୍ୟ ତାଙ୍କର କୃପା ଲାଭ କରିଥିଲେ। ସେ ସମସ୍ତଙ୍କର ସନ୍ଦେହ ବିମୋଚନ କରି ହିନ୍ଦୁ ସନାତନ ଧର୍ମର ଗୌରବ ସ୍ଥାପନ କରିଥିଲେ। ଶ୍ରୀଶ୍ରୀଠାକୁର ମହାରାଜଙ୍କର ଅସଂଖ୍ୟ ଉପଦେଶ ଥିଲେ ହେଁ ଏଠାରେ କତିପୟ ବିଦେଶୀ ସାହେବମାନଙ୍କ ସନ୍ଦେହ ମୋଚନ କିଭଳି ଅତିସୁନ୍ଦର ଭାବରେ କରିଥିଲେ ତାହା ପ୍ରଦାନ କରାଯାଇଛି।

**(୧)ଡଃ ଅଲ୍‌କଟ୍, ଡ. ଲେଡ୍‌ବିଟର ଓ ଡ. ଆନିବେସାନ୍ତ :-** ପ୍ରାଣପ୍ରିୟ ପତ୍ନୀ ସୁଧାଂଶୁବାଳାଙ୍କ ଅକାଳ ବିୟୋଗରେ ଗଭୀର ଭାବେ ମର୍ମାହତ ହୋଇ ପତ୍ନୀଙ୍କୁ ସାକ୍ଷାତ୍ କରିବା ପ୍ରୟାସରେ ଶ୍ରୀଶ୍ରୀଠାକୁର ଥିଓସଫିକାଲ୍ ସୋସାଇଟିରେ କିଛି ମାସ କଟାଇଥିଲେ। ଏହା ତାଙ୍କର ସାଧକଜୀବନ ପୂର୍ବର କଥା। ଦୀନାଜପୁରରୁ ଖୁଲନା ଜିଲ୍ଲା ଅନ୍ତର୍ଗତ କୁମିରାକୁ ବଦଳି ହେବା ପରେ, କିଛି ମାସ ସେଠାରେ ରହି ମାନ୍ଦ୍ରାସର ଆଡ୍ୟାର ସ୍ଥାନରେ ଥିବା ଥିଓସୋଫିକାଲ୍ ସୋସାଇଟିର ମୁଖ୍ୟ କାର୍ଯ୍ୟାଳୟକୁ ଯାଇ ରେଭରେଣ୍ଡ ଲେଡ୍‌ବିଟରଙ୍କ ନିକଟରୁ ମୃତବ୍ୟକ୍ତିଙ୍କ ଆତ୍ମା ଆନୟନ କରିବାର କୌଶଳ ଶିକ୍ଷାକଲେ। ଏହା ତାଙ୍କୁ ଅସମ୍ପୂର୍ଣ୍ଣ ବୋଧ ହେଲା। ସେ ଏକ ମିଡିୟମକୁ ସମ୍ମୋହିତ କରି ତାରି ଭିତର ଦେଇ ଆତ୍ମାକୁ ଆଣିବାର କୌଶଳ ଆୟତ୍ତ କଲେ। ଏହିଠାରେ ଅଲକଟ୍ ସାହେବଙ୍କ ସହିତ ମଧ୍ୟ ସକ୍ଷାତ୍ ତଥା ଆଲୋଚନା ହୋଇଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ଶ୍ରୀଶ୍ରୀଠାକୁର ଯୋଗୀଗୁରୁ ସନ୍ଧାନରେ କଲିକତାରେ ପହଞ୍ଚି ବଡ଼ବଜାର ଧର୍ମଶାଳାରେ ଅବସ୍ଥାନ କରୁଥିବା ବେଳେ ପ୍ରସିଦ୍ଧ ବ୍ରହ୍ମ ବିଦୂଷୀ ଡଃ ଆନିବେସାନ୍ତ କୃଷ୍ଣନଗରଠାରେ ପରଲୋକ ତତ୍ତ୍ୱ ସଂପର୍କରେ ବ୍ୟାକ୍ତୃତା ଦେବାର ଶୁଣି ସେଠାକୁ ସିଆଲଦା ଷ୍ଟେସନରୁ ଟ୍ରେନ୍ ଯୋଗେ ଗମନ କଲେ। କୃଷ୍ଣନଗରରେ ବକ୍ତୃତା ସଭାରେ ପହଞ୍ଚି ସମସ୍ତ ବକ୍ତବ୍ୟ ଶୁଣିଲେ। ବକ୍ତୃତା ଶେଷରେ ଆଲୋଚନା ଓ ସମାଲୋଚନା ପାଇଁ ଡଃ ଆନିବେସାନ୍ତ ଆହ୍ୱାନ କରିବାରୁ ଶ୍ରୀଶ୍ରୀଠାକୁର ତାଙ୍କୁ ତାଙ୍କ ବସାଘରେ ଭେଟି ତାଙ୍କ ବକ୍ତବ୍ୟରେ କିଛି ଭୁଲ୍ ଥିବାର ଦର୍ଶାଇଲେ। କଥାଟି ହେଲା- "ମୃତ୍ୟୁ ପରେ ପ୍ରତ୍ୟେକ ବ୍ୟକ୍ତି ସେ ପୃଥିବୀରେ ଜୀବିତାବସ୍ଥାରେ ଥିବାବେଳେ ପରଜୀବନ କାଳ ମଧ୍ୟରେ ଯେଉଁସବୁ ଘଟଣାର ସମ୍ମୁଖୀନ ହୋଇଥାଏ, ସେ ସବୁଯାକ କଥା ଟିକିନିଖି ଭାବରେ ତାର ମନେ ରହିଥାଏ।" (ଶ୍ରୀଶ୍ରୀନିଗାମାନନ୍ଦ ସ୍ମୃତି, ପୃ : ୧୫୩)। ଶ୍ରୀଶ୍ରୀଠାକୁର ଏହା ସତ୍ୟ ନୁହେଁ ବୋଲି କହିବାରୁ ଡକ୍ଟର ଆନିବେସାନ୍ତ ତାଙ୍କ ଉପରେ ରାଗିଗଲେ। ଶ୍ରୀଶ୍ରୀଠାକୁର ଧୀରସ୍ଥିର ଭାବରେ ତାଙ୍କୁ ବୁଝାଇଦେଲେ

ଯେ ଏପରି ହେଲେ ଆଉ ପୁନର୍ଜନ୍ମ ହେବନାହିଁ। ଡଃ ବେସାନ୍ତଙ୍କୁ ଶ୍ରୀଶ୍ରୀଠାକୁର ବୁଝାଇଦେଲେ ଯେ- "ମୁଁ ଏତିକି କହିବାକୁ ଚାହେଁ ଯେ ଏ ଜଗତରେ ଥିବାବେଳେ ପ୍ରବଳ ଆସକ୍ତିପୂର୍ଣ୍ଣ ବାସ୍ତବ ଘଟଣା ହିଁ ମୃତବ୍ୟକ୍ତିର ସ୍ମୃତିପଟରେ ରହିଯାଇଥାଏ। ଯେଉଁ ବ୍ୟକ୍ତି ବିଷୟାଦି ବା ଅସତ୍ ସ୍ୱଭାବଯୁକ୍ତ, ସେ ସେହି ବସ୍ତୁର ଆକର୍ଷଣରେ ପ୍ରବୃତ୍ତି ପଥରେ ଚାଳିତ ହୋଇ ପୁନରାବୃତ୍ତି ପଥରେ ଆସି ପୁନର୍ବାର ଜନ୍ମଗ୍ରହଣ କରିଥାଏ। ଯେଉଁ ବ୍ୟକ୍ତି ସତ୍ ଅର୍ଥାତ୍ ସାରା ଜୀବନ ଭଗବତ୍ ଚିନ୍ତା ବା ଅନ୍ୱେଷଣରେ କାଳାତିପାତ କରିଥାଏ, ସେ ସେଥିରେ ପ୍ରବଳ ଆସକ୍ତି ବଳରେ ସୁପଥରେ ଗତି କରିବେ ଓ ତାଙ୍କର ପୁନର୍ଜନ୍ମ ହେବନାହିଁ। ସେ କ୍ରମମୁକ୍ତି ପଥରେ ଗତି କରିବ। ଏଣୁ ଆପଣଙ୍କ ଯୁକ୍ତି ଅନୁସାରେ ପ୍ରତ୍ୟେକ ମନୁଷ୍ୟର ମୃତ୍ୟୁ ପରେ ପ୍ରତିଟି ଘଟଣା ସହ ତା'ର ସ୍ମରଣରେ ରହିବ- ଏହା ସଂପୂର୍ଣ୍ଣ ଭ୍ରମପୂର୍ଣ୍ଣ, ଅବୈଜ୍ଞାନିକ ଓ ଯୁକ୍ତିବିରୁଦ୍ଧ" (ଶ୍ରୀଶ୍ରୀନିଗାମାନନ୍ଦ ସ୍ମୃତି, ପୃ.୧୫୩) କ୍ରୋଧରେ ଜର୍ଜରିତ ହୋଇ, ଡଃ ବେସାନ୍ତଙ୍କୁ ତାଙ୍କ ଭ୍ରମ ଦର୍ଶାଇ ଓ ପରଲୋକ ତତ୍ତ୍ୱର ମୂଳକଥା ବୁଝାଇବାରେ ସମର୍ଥ ହୋଇ ଶ୍ରୀଶ୍ରୀଠାକୁର ସେଦିନ ସେ ସ୍ଥାନ ତ୍ୟାଗ କରିଥିଲେ।

**(୨) ବଳଧା ହାଉସ୍‌ଠାରେ ସାହେବ :-** ସିଦ୍ଧିଲାଭ କରି ଲୋକାଳୟକୁ ଆସିବା ପରେ ଶ୍ରୀଶ୍ରୀଠାକୁର ପ୍ରଥମେ ଦୁର୍ଗାପୁରଠାରେ କିଛି ବର୍ଷ କଟାଇ ଘଟଣାକ୍ରମେ ନରେନ୍ଦ୍ର ନାରାୟଣ ଚୌଧୁରୀଙ୍କ ବଳଧା ପ୍ରାସାଦରେ ବାସ କରିଥିଲେ। ଶ୍ରୀଶ୍ରୀଠାକୁର ଯେଉଁ କୋଠରୀରେ ବାସ କରୁଥିଲେ ତା'ର ଖୁବ୍ ନିକଟରେ ଜମିଦାରଙ୍କର ବୈଠକଖାନା ଥିଲା। ସେଠାରେ ଶ୍ରୀରାଧାକୃଷ୍ଣଙ୍କର ଏକ ସୁନ୍ଦର ଛବି ଥିଲା। ଦିନେ ଜଣେ ସାହେବ ବଳଧା ପ୍ରାସାଦରେ ଉପସ୍ଥିତ ହେଲେ। ସେ ଶ୍ରୀକୃଷ୍ଣଙ୍କର ଛବିଦେଖି ବିଦ୍ରୂପ କରି କହିଲେ- "ଆପଣଙ୍କ ଭଳି ଜଣେ ଶିକ୍ଷିତ ବ୍ୟକ୍ତିଙ୍କ ପକ୍ଷରେ ଏ ପରି ଅଶ୍ଳୀଳ ମୂର୍ତ୍ତି ରଖିବା ନିତାନ୍ତ ଲଜ୍ଜାକର। ନରେନ୍ଦ୍ରବାବୁ ଥିଲେ ଶ୍ରୀକୃଷ୍ଣଙ୍କର ଉପାସକ। ଅତିଶୟ କ୍ରୋଧାନ୍ୱିତ ହୋଇ କହିଲେ- ଆପଣ ଏହା ଭିତରେ କି ଅଭଦ୍ରତା ଦେଖିଲେ। ଶ୍ରୀକୃଷ୍ଣ ପୂର୍ଣ୍ଣବ୍ରହ୍ମ ଅବତାର ଓ ଆମେ ସପରିବାର ତାଙ୍କୁ ଭଗବତ ଜ୍ଞାନରେ ପୂଜା କରୁ।" ସାହେବ ମଧ୍ୟ ଅନୁରୂପ ଭାବରେ ଯୁକ୍ତି କରିଉଠିଲେ- "ଜଣେ ଚରିତ୍ରହୀନ, ଲମ୍ପଟ, ଚୋର, ମିଥ୍ୟାବାଦୀ, ଭୀରୁ,କାପୁରୁଷ, କପଟସ୍ୱଭାବ ଓ ଖଳ ଲୋକକୁ ଆପଣ କହୁଛନ୍ତି ଭଗବାନ! ଲଜ୍ଜାରକଥା ନରେନ୍ଦ୍ର ବାବୁ! ନିକଟବର୍ତ୍ତୀ ଗୃହରେ ଶ୍ରୀଶ୍ରୀଠାକୁର ବସି ମନ ଖୁସିରେ ଗୁଡ଼ାଖୁ ଟାଣୁଥିଲେ। ସାହେବ ଓ ନରେନ୍ଦ୍ର ବାବୁଙ୍କ ବାଦାନୁବାଦ ତାଙ୍କୁ ଶୁଣା ଯାଉଥିଲା। ବାରମ୍ବାର ଶ୍ରୀକୃଷ୍ଣଙ୍କ ନାମ ଶୁଣି ଶ୍ରୀଶ୍ରୀଠାକୁର ବାଦାନୁବାଦର କାରଣ ବୁଝିପାରିଲେ। "ଶ୍ରୀଶ୍ରୀଠାକୁର ଭାବିଲେ- ନରେନ୍ଦ୍ର ନାରାୟଣ ବର୍ତ୍ତମାନ କ'ଣ କରୁଛି ଦେଖାଯାଉ।" କିନ୍ତୁ ବୁଦ୍ଧିମାନ ନରେନ୍ଦ୍ରବାବୁ ସାହେବଙ୍କୁ ପରାଜିତ କରିବା ପାଇଁ ଶ୍ରୀଶ୍ରୀଠାକୁରଙ୍କୁ ଅନୁରୋଧ କଲେ। ଶ୍ରୀଶ୍ରୀଠାକୁର ଉତ୍ତର ଦେଲେ- 'ତୁମେ ଆଗରେ ଯାଅ, ମୁଁ ପରେ ଯାଉଛି।'

ଦରବାର ଗୃହରେ ସାହେବଙ୍କ ସମ୍ମୁଖରେ ଗୋଟିଏ ଚୌକୀ ପଡ଼ିଲା। କୃଷ୍ଣତତ୍ତ୍ୱ ବୁଝାଇ ଦେବାପାଇଁ ଆମର ଗୁରୁଦେବ ଆସୁଛନ୍ତି ବୋଲି ନରେନ୍ଦ୍ରବାବୁ ସାହେବଙ୍କୁ ଜଣାଇଲେ। ଗୈରିକ ବସନ ପରିହିତ ଦୀର୍ଘବପୁ ଉଜ୍ଜ୍ୱଳ ଗୌରବର୍ଣ୍ଣ ଜଣେ ଯୁବ ସାଧୁଙ୍କୁ ଦେଖି ସାହେବ ଭଦ୍ରତାରେ ଟୋପି ଖୋଲି ଆସନ ଗ୍ରହଣ ପାଇଁ ଅନୁରୋଧ ଜଣାଇଲେ। ଶ୍ରୀଶ୍ରୀଠାକୁର ମଧ୍ୟ ହସ ହସ ବଦନରେ ଆସନ ଗ୍ରହଣ କରି ସାହେବଙ୍କୁ ବସିବାକୁ କହିଲେ। ସାହେବ ତାଙ୍କ କଥାଗୁଡ଼ିକୁ ପୁନର୍ବାର କହିବା ପରେ, ଶ୍ରୀଶ୍ରୀଠାକୁର ନରେନ୍ଦ୍ର ବାବୁଙ୍କ ମାଧ୍ୟମରେ ଉତ୍ତର ଦେଲେ- "ସାହେବ! ଭୀଷ୍ମ, ଯୁଧିଷ୍ଠିର, ବିଦୁର ଓ ଅର୍ଜ୍ଜୁନଙ୍କ ଚରିତ ପାଠକରି ଆପଣଙ୍କର କିପରି ବୋଧ ହେଲା?" ସେମାନଙ୍କ ଚରିତ୍ରର ଉଚ୍ଚ ପ୍ରଶଂସାକରି ଭୀଷ୍ମଙ୍କୁ ଜିତେନ୍ଦ୍ରିୟ ବୀରପୁରୁଷ ଓ ସତ୍ୟପ୍ରତିଜ୍ଞ, ଯୁଧିଷ୍ଠିରଙ୍କୁ ସତ୍ୟବାଦୀ, ସରଳ, ଧର୍ମଭୀରୁ ଓ ନ୍ୟାୟନିଷ୍ଠ, ବିଦୁରଙ୍କୁ ଧୀମାନ୍, ନିର୍ଭୀକ, ସତ୍ୟାଶ୍ରୟୀ ଓ ଅକପଟ ଏବଂ ଅର୍ଜ୍ଜୁନଙ୍କୁ ମହାବୀର, ଧର୍ମଶୀଳ ଓ ଅଦ୍ଭୁତକର୍ମା ତେଜସ୍ୱୀ ପୁରୁଷ ବୋଲି ସମ୍ମାନ ପ୍ରଦାନ କଲେ। ତତ୍ପରେ ସାହେବ କହିଲେ, 'ଭାରତୀୟମାନେ ବରଂ ଭୀଷ୍ମଙ୍କୁ ହିଁ ଅବତାର ବୋଲି ସ୍ୱୀକାର କରିବା ଉଚିତ ଥିଲା। ଭୀଷ୍ମଙ୍କ ଚରିତ୍ର ଶ୍ରୀକୃଷ୍ଣଙ୍କ ଚରିତ୍ରଠାରୁ ବହୁଗୁଣରେ ଉତ୍କୃଷ୍ଟ।" ସାହେବଙ୍କ ବକ୍ତବ୍ୟ ଶୁଣିସାରି ଶ୍ରୀଶ୍ରୀଠାକୁର ପ୍ରସନ୍ନତା ପ୍ରକାଶ ପୂର୍ବକ ଉତ୍ତର ଦେଲେ, "ବୁଝିଲି, ତୁମେ ପ୍ରକୃତ ପକ୍ଷରେ ମହାଭାରତ ଉତ୍ତମ ରୂପେ ପାଠ କରିଛ।... ତୁମେ ମୋ ସହିତ ଏକମତ ହେବ ଯେ ସମଶ୍ରେଣୀୟ ବ୍ୟକ୍ତିମାନଙ୍କ ମଧ୍ୟରେ ପରସ୍ପର ବନ୍ଧୁତ୍ୱ ବା ଆତ୍ମୀୟତା ହୋଇଥାଏ। ଚୋର ସହିତ ଚୋରର, ସାଧୁ ସହିତ ସାଧୁର ବନ୍ଧୁତ୍ୱ ହୋଇଥାଏ ଏବଂ ସାଧୁ ଓ ଅସାଧୁ ପରସ୍ପର ପ୍ରତି ଆକୃଷ୍ଟ ହୋଇପାରନ୍ତି ନାହିଁ।"(ସଦ୍‌ଗୁରୁ ନିଗମାନନ୍ଦଦେବଙ୍କ ପଞ୍ଚ ସନ୍ନ୍ୟାସିନୀ ଶିଷ୍ୟା, ପୃ : ୨୦୧-୨୦୩)।

ଶ୍ରୀଶ୍ରୀଠାକୁରଙ୍କର ଅତ୍ୟନ୍ତ ବଳିଷ୍ଠ ଏବଂ ହୃଦୟଗ୍ରାହୀ ଉତ୍ତରରେ ନରେନ୍ଦ୍ରବାବୁ ଖୁବ୍ ଆନନ୍ଦ ଅନୁଭବ କଲେ। ଶ୍ରୀଶ୍ରୀଠାକୁର ଠିକ୍ କହିଛନ୍ତି ବୋଲି ସାହେବ ମନ୍ତବ୍ୟ ପ୍ରଦାନ କରି କହିଲେ- Man seeks his own company. ଏହାପରେ ଶ୍ରୀଶ୍ରୀଠାକୁର

ସାହେବଙ୍କର ସନ୍ଦେହ ମୋଚନ ନିମନ୍ତେ ବୁଝାଇବାକୁ ଲାଗିଲେ– "ତୁମେ ଯାହାଙ୍କୁ ଜିତେନ୍ଦ୍ରିୟ, ସତ୍ୟପ୍ରତିଜ୍ଞ, ବୀରପୁରୁଷ ବୋଲି ସ୍ୱୀକାର କରିଛ... ସେହି ଭୀଷ୍ମ, ଯୁଧିଷ୍ଠିର, ବିଦୂର ଓ ଅର୍ଜୁନ ଶ୍ରୀକୃଷ୍ଣଙ୍କୁ ଭଗବତ୍ ଜ୍ଞାନରେ ସୁଖ ପାଉଥିଲେ ଓ ନିଜଠାରୁ ଶ୍ରେଷ୍ଠ ଜ୍ଞାନ କରି ସମ୍ମାନ ପ୍ରଦାନ କରିଥିଲେ। ... ତୁମେ ଯେଉଁସବୁ ନିନ୍ଦା ଓ ସମାଲୋଚନା କରୁଛ, ଶ୍ରୀକୃଷ୍ଣ ଯଦି ପ୍ରକୃତରେ ସେଭଳି ହୋଇଥାନ୍ତେ, ତେବେ ଭୀଷ୍ମ, ଯୁଧିଷ୍ଠିର ଓ ଅର୍ଜୁନଙ୍କ ପରି ବୀର ପୁରୁଷମାନେ ତାଙ୍କୁ ଭଗବାନ ବୋଲି ସ୍ୱୀକାର କରିଥାନ୍ତେ କି ? ... ଯାହାଙ୍କୁ ଭଗବାନ ବୋଲି କହୁଛ, ସେହି ଭୀଷ୍ମ ଶ୍ରୀକୃଷ୍ଣଙ୍କୁ ଭଗବତ୍ ଜ୍ଞାନରେ ସମ୍ମାନ କରୁଥିଲେ।" ଶ୍ରୀଶ୍ରୀଠାକୁରଙ୍କର ଯୁକ୍ତିଯୁକ୍ତ ଆଲୋଚନା ଶୁଣି ସାହେବ ଅଭିଭୂତ ହୋଇ ଏହା ଅତ୍ୟନ୍ତ ଯୁକ୍ତିସଙ୍ଗତ ବୋଲି କହି ମୋର ଦୃଷ୍ଟି ଖୋଲିଗଲା ବୋଲି ପ୍ରକାଶ କଲେ। ଶ୍ରୀଶ୍ରୀଠାକୁର ସେଦିନ ସାହେବଙ୍କୁ ବୁଝାଇଥିଲେ– ତୁମେ ଶ୍ରୀରାଧାକୃଷ୍ଣଙ୍କ ବିଗ୍ରହ ଦେଖି ଅଶ୍ଳୀଳ ବୋଲି କହିଥିଲ। ଏ ବିଗ୍ରହର ତତ୍ତ୍ୱ ତୁମେ ବିଦେଶୀମାନେ ବୁଝିପାରିବି ନାହିଁ। ...ଭଗବତ୍ ତତ୍ତ୍ୱ ଧାରଣା କରିବା ଅତିଶୟ କଠିନ। ...ତୁମେ ଶ୍ରୀକୃଷ୍ଣଙ୍କର ଯେଭଳି ନିନ୍ଦା କର, ଯୀଶୁଙ୍କର ସେପରି ଗୁଣ ତ ନ ଥିଲା। ତଥାପି ତୁମେମାନେ ତାଙ୍କୁ ହତ୍ୟା କଲ କାହିଁକି ?... ସାହେବ ଶ୍ରୀଶ୍ରୀଠାକୁରଙ୍କ ବଳିଷ୍ଠ ଯୁକ୍ତି ଶୁଣି ନିର୍ବାକ୍ ହୋଇ ବସି ରହିଲେ। ଶ୍ରୀଶ୍ରୀଠାକୁର ତାଙ୍କୁ ବୁଝାଇ କହିଲେ– "ତୁମମାନଙ୍କ ନିକଟରେ ସାଧୁତ୍ୱର ଉଚ୍ଚ ଆଦର୍ଶ ହେଲା ମନୁଷ୍ୟତ୍ୱ ଅର୍ଜ୍ଜନ। ସେହିହେତୁ ଭୀଷ୍ମ, ଯୁଧିଷ୍ଠିର, ଅର୍ଜୁନଙ୍କୁ ବଡ଼ ମନେକର ଓ ସେମାନଙ୍କୁ ଆଦର୍ଶ ମାନବ ବୋଲି ଧାରଣା କରୁଛ। ଆମ ଦେଶର ଲୋକେ ମଧ୍ୟ ସେମାନଙ୍କୁ ସାଧୁ ମହାପୁରୁଷ ବୋଲି ମାନ୍ୟ କରନ୍ତି। ସେମାନେ ଜାଣନ୍ତିଂ ଯେ ସାଧୁମାନେ ହିଁ ଭଗବାନଙ୍କୁ ଜାଣନ୍ତି। ତେଣୁ ସାଧୁ ମାନେ ଯାହାଙ୍କୁ ବିନା ବିଚାରରେ ଭଗବାନ ବୋଲି ମାନ୍ୟ କରନ୍ତି ସେହି ଶ୍ରୀକୃଷ୍ଣଙ୍କୁ ବୁଝିବା ସାଧାରଣ ବୁଦ୍ଧିର ଅଗମ୍ୟ। କିନ୍ତୁ ନିଶ୍ଚୟ ଜାଣିରଖ ଯେ, ସେ ଭଗବାନ। ତୁମ ଦେଶ ଭଳି ଏ ଦେଶରେ ଅବତାରମାନେ କେବେ ଲାଞ୍ଛିତ ହୋଇନାହାଁନ୍ତି।"

ସାହେବଙ୍କୁ ଶ୍ରୀଶ୍ରୀଠାକୁରଙ୍କ ଯୁକ୍ତିପୂର୍ଣ୍ଣ ଉକ୍ତି ଖୁବ୍ ଭଲ ଲାଗିଲା। ତଥାପି ସେ ପୁନରାୟ ପ୍ରଶ୍ନ କଲେ– ଯେତେବେଳେ କୁରୁସଭାରେ ଦ୍ରୌପଦୀଙ୍କୁ ଲାଞ୍ଛିତ କରାଯାଇଥିଲା, ସେତେବେଳେ କୌରବ ଓ ପାଣ୍ଡବ ବଂଶର ବୟୋଜ୍ୟେଷ୍ଠମାନେ ଉପସ୍ଥିତ ଥିଲେ ମଧ୍ୟ ସେମାନେ କାପୁରୁଷ ଭଳି ଆଚରଣ କଲେ କାହିଁକି ? ଏଣୁ ଭୀଷ୍ମ ଜଣେ ସାଧୁ ବୋଲି ଧାରଣା ହେଉନାହିଁ। ଭାରତୀୟମାନଙ୍କ ମଧ୍ୟରେ ପ୍ରକୃତ ସାଧୁ ସ୍ୱଭାବର କେହି ନାହାନ୍ତି ବୋଲି ସାହେବ କହିବାକୁ ଚାହାଁନ୍ତି ବୋଲି ଶ୍ରୀଶ୍ରୀଠାକୁର ବୁଝିପାରିଲେ ଶ୍ରୀଶ୍ରୀଠାକୁର ପ୍ରତ୍ୟୁତ୍ପନ୍ନମତିତାର ପରିଚୟ ଦେଇ କହିଲେ– ସେଇ ଗୋଟିଏ ଘଟଣା ବ୍ୟତୀତ ଅନ୍ୟ ସମସ୍ତ ଘଟଣାରେ ଭୀଷ୍ମ ସାଧୁ ତ ? ସାହେବ ଏହା ସ୍ୱୀକାର କଲେ। ଶ୍ରୀଶ୍ରୀଠାକୁର ପୁନର୍ବାର ବୁଝାଇଲେ– "ତୁମ କଥିତ ସତ୍‌ସ୍ୱଭାବ ବ୍ୟକ୍ତିମାନେ ଯେତେବେଳେ ଶ୍ରୀକୃଷ୍ଣ ହିଁ ଦ୍ରୌପଦୀଙ୍କ ସମ୍ମାନ ରକ୍ଷା କରିଥିଲେ, ଯଦିଓ ସେ ସେଠାରେ ଉପସ୍ଥିତ ନ ଥିଲେ। ଭଗବାନଙ୍କ ଇଚ୍ଛା ହିଁ ସବୁଠାରୁ ବଳବତୀ ଓ "ଯେତେବେଳେ ଯାହାକୁ କେହି ରକ୍ଷା କରିପାରନ୍ତି ନାହିଁ, ସେତେବେଳେ ଭଗବାନଙ୍କୁ ସ୍ମରଣ କଲେ ସେ ତାହା କରିପାରନ୍ତି।" ଦୈବୀ ଶକ୍ତି ନିକଟରେ ମନୁଷ୍ୟତ୍ୱ, ସାଧୁତ୍ୱ ସମସ୍ତ ନିଷ୍ପ୍ରଭ ହୋଇଯାଏ। ଶ୍ରୀକୃଷ୍ଣ ସେହି ଅଚିନ୍ତ୍ୟ ଶକ୍ତିର ଆଧାର ଥିବାରୁ ଭୀଷ୍ମପ୍ରମୁଖ ଜ୍ଞାନବୃଦ୍ଧ ସଜ୍ଜନମାନେ ମଧ୍ୟ ଶ୍ରୀକୃଷ୍ଣଙ୍କୁ ଭଗବାନ ଜ୍ଞାନରେ ସମ୍ମାନ ପ୍ରଦାନ କରୁଥିଲେ।"

ସେଦିନ ଶ୍ରୀଶ୍ରୀଠାକୁରଙ୍କ ସାରଗର୍ଭକ ଉପଦେଶ ଶ୍ରବଣ କରି ସାହେବ ମୁଗ୍ଧ ହୋଇ କହିଲେ– Excellent! Excellent! କହି ଅତି ଆନନ୍ଦିତ ହୋଇ ସାହେବ ସେଦିନ ବିଦାୟ ନେବା ପୂର୍ବରୁ ନମ୍ର ବିନୟ ଭାବରେ କହିଲେ– ମୋତେ ଏପରି ଭାବରେ କେହି ଶାସ୍ତ୍ର ମର୍ମାର୍ଥ ବୁଝାଇ ପାରିନଥିଲେ। ପୁନଶ୍ଚ ଅନୁନୟପୂର୍ବକ ଶ୍ରୀଶ୍ରୀଠାକୁରଙ୍କୁ ଅନୁରୋଧ କହିଥିଲେ– "ଆବଶ୍ୟକ ବେଳେ ଅନ୍ୟ ଜିଜ୍ଞାସୁମାନଙ୍କୁ ନେଇ ସେ ପୁନର୍ବାର ସ୍ୱାମୀଜୀଙ୍କୁ ସାକ୍ଷାତ କରିବେ ଓ ତାଙ୍କଠାରୁ ସଦୁତ୍ତର ପାଇ ସେମାନେ ମଧ୍ୟ ତୃପ୍ତ ହେବେ।"

**(୩) ମି: ଗ୍ରିଗ୍‌ସନ୍ :-** ୧୯୨୮ମସିହା। ବସ୍ତରର ରାଣୀ ପ୍ରଫୁଲ୍ଲକୁମାରୀ ଓ ରାଜା ପ୍ରଫୁଲ୍ଲ ଚନ୍ଦ୍ର ଭଞ୍ଜଦେଓଙ୍କ ଆମନ୍ତ୍ରଣ କ୍ରମେ ଶ୍ରୀଶ୍ରୀଠାକୁର ମହାରାଜ ବିଳାସପୁରରୁ କୋଡ଼ଗାଁ ଓ ଷ୍ଟେଟ ବଙ୍ଗଳାରେ ପହଞ୍ଚି ବିଶ୍ରାମ କରୁଥିବା ବେଳେ ଏହି ଷ୍ଟେଟ୍‌ର ଶାସନକର୍ତ୍ତା। ମି: ଗ୍ରିଗ୍‌ସନ୍, I.C.S. ଓ ମେମ୍ ସାହେବ ରାଜଗୁରୁଙ୍କୁ ଦର୍ଶନ ନିମିତ୍ତ ଇଚ୍ଛା ପ୍ରକାଶ କରି ଖବର ପଠାଇଲେ। ଏଠାରେ ଶ୍ରୀଶ୍ରୀଠାକୁର ମହାରାଜ ସାହେବଙ୍କର ସନ୍ଦେହ ମୋଚନ କରିନଥିଲେ ବରଂ ତାଙ୍କର ଗର୍ବଗଞ୍ଜନ କରିଥିଲେ। ସମ୍ବାଦଦାତାଙ୍କୁ ଶ୍ରୀଶ୍ରୀଠାକୁର ଜଣାଇ ଦେଲେ, 'ଯଦି ସାହେବ ଦେଖା କରିବାକୁ ଚାହୁଁଛନ୍ତି, ତେବେ ଦିନ ୨.୩୦ମି.ରେ ଆସି ଦେଖା କରନ୍ତୁ।' ୨.୩୦ମି. ବାଜିଗଲା

କିନ୍ତୁ ସାହେବ ବଙ୍ଗଳାରୁ ବାହାରିଲେ ନାହିଁ। ଆତ୍ମାଭିମାନବଶତଃ ସାହେବ ବଙ୍ଗଳା ଭିତରୁ ବାହାରି ଗୋଟିଏ ଗଛ ତଳେ ଆରାମ ଚେୟାରରେ ଆସି ବସିଲେ। ପୁଣି ସେଠାରୁ ଉଠିଯାଇ ବଙ୍ଗଳାର ବାରଣ୍ଡାରେ ପାଦଚରଣ କରିବାକୁ ଲାଗିଲେ। ଶ୍ରୀଶ୍ରୀଠାକୁର ତାଙ୍କୁ ଯାଇ ବଙ୍ଗଳାରେ ଦେଖା କରନ୍ତୁ ବୋଲି ତାଙ୍କର ଭାବନା ଥିବାର ଜଣାପଡୁଥିଲା। ଆତ୍ମାଭିମାନୀ ସାହେବ ଶ୍ରୀଶ୍ରୀଠାକୁରଙ୍କ ସ୍ୱରୂପ ସଂପର୍କରେ ଅବଗତ ନ ଥିଲେ। ବିଳମ୍ବ ହେବାରୁ ଶ୍ରୀଶ୍ରୀଠାକୁର ଗାଡ଼ିରେ ଯାଇବସି କହିଲେ- "ମୋର ତାଙ୍କ ସହିତ ଦେଖା କରିବାର କୌଣସି ଆବଶ୍ୟକତା ନାହିଁ, ଯଦି ଆବଶ୍ୟକତା ଥିଲା, ସେ ଆସି ମୋତେ ଦେଖାକରି ପାରିଥାନ୍ତେ।" ଶ୍ରୀଶ୍ରୀଠାକୁରଙ୍କ ଗାଡ଼ି ତାଙ୍କ ବଙ୍ଗଳା ଛାଡ଼ି ପ୍ରଶାସକଙ୍କ ବଙ୍ଗଳା ଆଗଦେଇ ଗଲା, ସାହେବଙ୍କ ଲୋକମାନେ ଗାଡ଼ି ଆଗକୁ ଆସି ଶ୍ରୀଶ୍ରୀଠାକୁରଙ୍କୁ ସାହେବ ସାକ୍ଷାତ କରିବାକୁ ଚାହୁଁଛନ୍ତି ବୋଲି ଜଣାଇଲେ। ଶ୍ରୀଶ୍ରୀଠାକୁର ଅତ୍ୟନ୍ତ ଗୁରୁଗମ୍ଭୀର ସ୍ୱରରେ କହିଲେ- "ବେଶ୍ ସେ ଏଠାକୁ ଆସି ମୋତେ ଦେଖା କରିପାରନ୍ତି। ମୁଁ ଏଇ ଗାଡ଼ିରେ କିଛି ସମୟ ପାଇଁ ତାଙ୍କୁ ଅପେକ୍ଷା କରୁଛି।" ଗ୍ରିଗ୍ସନ୍ ସାହେବ ସେ ଅଞ୍ଚଳର ଏକମାତ୍ର ଶାସନକର୍ତ୍ତା ହୋଇଥିବାରୁ ଉପସ୍ଥିତ ଲୋକମାନେ ଶ୍ରୀଶ୍ରୀଠାକୁରଙ୍କ ମୁହଁକୁ ହତବାକ୍ ହୋଇ ଚାହିଁ ରହିଲେ। ପରିସ୍ଥିତିକୁ ସମ୍ଭାଳିବା ପାଇଁ ପ୍ରଜ୍ଞାନନ୍ଦଙ୍କ ଅନୁରୋଧରେ ଫଣୀ ଭାଇ ଗାଡ଼ିରୁ ଓହ୍ଲାଇ ଯାଇ ସାହେବଙ୍କ ସହିତ କିଛି ସମୟ କଥାବାର୍ତ୍ତା ହୋଇ ଫେରିଆସିଲେ। ସାହେବଙ୍କ ଶାସନକର୍ତ୍ତା ଭାବର ଅହଂତ୍ୱ ଚୂର୍ଣ୍ଣ ହେଲା। ଶ୍ରୀଶ୍ରୀଠାକୁର ନିଜେ ଯାଇ ତାଙ୍କୁ ସାକ୍ଷାତ କରିବାର ଅଭିମାନ ପୂରଣ ହୋଇପାରିଲା ନାହିଁ। (ଶ୍ରୀଶ୍ରୀନିଗମାନନ୍ଦ ସ୍ମୃତି- ପୃ. ୪୧୯-୨୦)

**(୪) ପୁନର୍ବାର ମିଃଗ୍ରିଗ୍ସନ୍ :-** ବସ୍ତର ରାଜପ୍ରସାଦରେ ପହଞ୍ଚିବା ପରେ ଅକ୍ଟୋବର ୩୦ ତାରିଖରେ ଗ୍ରିଗ୍ସନ୍ ସାହେବ ଶ୍ରୀଶ୍ରୀଠାକୁରଙ୍କୁ ସାକ୍ଷାତ କରିବାର କାର୍ଯ୍ୟକ୍ରମ ସ୍ଥିର ହୋଇଥିଲା। ରାଜା ଓ ରାଣୀଙ୍କୁ ଶ୍ରୀଶ୍ରୀଠାକୁର ବୈରାଗ୍ୟ ପଥରେ ପରିଚାଳିତ କରୁଛନ୍ତି ବୋଲି ସାହେବଙ୍କ ଧାରଣା ହୋଇଥିଲା। ସାହେବଙ୍କ ଏହି ଅମୂଳକ ସନ୍ଦେହ ଦୂର କରିବା ପାଇଁ ଶ୍ରୀଶ୍ରୀଠାକୁର ସେଦିନ ତାଙ୍କୁ ଅତି ଦୃଢ଼ ସ୍ୱରରେ ଆଶ୍ୱାସନା ଦେଇଥିଲେ ଯେ- "ରାଜା ବୈରାଗ୍ୟ ଆଡ଼କୁ ଯାଉଥିଲେ ବି ସେ ତାଙ୍କୁ ସଂସାରକ୍ଷେତ୍ରରେ ରଖାଇଛନ୍ତି। ... ଗୃହ ସଂସାରରେ ରହି କରି ମଧ୍ୟ ରାଜାଙ୍କର ଯେପରି ଆତ୍ମାର ଉନ୍ନତି ହୋଇପାରିବ, ସେ ସେଇ ଅନୁସାରେ ରାଜାଙ୍କୁ ଶିକ୍ଷା ଦେଉଛନ୍ତି ଓ ପରିଚାଳିତ କରୁଛନ୍ତି।"... ଶ୍ରୀଶ୍ରୀଠାକୁର ପୁନଶ୍ଚ ସାହେବଙ୍କର ସନ୍ଦେହ ମୋଚନ ନିମିତ୍ତ କହିଥିଲେ। "ଆଦର୍ଶ ଗୃହସ୍ଥ ହୋଇ ଧର୍ମ ସାଧନା କଲେ ଭଗବାନଙ୍କୁ ପାଇହୁଏ ଏବଂ ମୁଁ କେବଳ ସେହି ପଥ ପ୍ରଚାର କରିବାକୁ ଚାହେଁ।"

**(୫) ଡାଃ ମିଚେଲ :-** ବସ୍ତର-ବାସ କାଳରେ ଶ୍ରୀଶ୍ରୀଠାକୁରଙ୍କୁ ସାକ୍ଷାତ୍ କରିଥିଲେ ଆଉ ଜଣେ ସାହେବ। ସେ ଥିଲେ ବସ୍ତରର ସିଭିଲ ସର୍ଜନ ଡାଃ ମିଚେଲ।ସେ ୩୦ ବର୍ଷ ଧରି ବସ୍ତରରେ ଥିଲେ। ସେ ଅତ୍ୟନ୍ତ ଅମାୟିକ ଓ ତତ୍ତ୍ୱ ଜିଜ୍ଞାସୁ ଥିଲେ। ସେ ଶ୍ରୀଶ୍ରୀଠାକୁରଙ୍କ ସହିତ ପରଲୋକ ତତ୍ତ୍ୱ ସମ୍ବନ୍ଧରେ ଆଲୋଚନା କରିବା ପାଇଁ ଅନୁମତି ପ୍ରାପ୍ତ ହେଲେ। କିନ୍ତୁ ୧୯୨୮ସାଲ ଅକ୍ଟୋବର ୨୭ତାରିଖ ଶନିବାର ଦିନ ଶ୍ରୀଶ୍ରୀଠାକୁରଙ୍କ ସହ ସାକ୍ଷାତ କରି ତାଙ୍କର ବର୍ହିଜଗତର ତତ୍ତ୍ୱ ସଂପର୍କରେ ପରିଜ୍ଞାତ ହେବାର ଯେଉଁ ଇଚ୍ଛା ଥିଲା ତାହା କ୍ରମଶଃ ଅନ୍ତରର ତତ୍ତ୍ୱରେ ଆସି ଉପନୀତ ହେଲା। ଶ୍ରୀଶ୍ରୀଠାକୁରଙ୍କ ସହିତ ତାଙ୍କ ଆଲୋଚନାରେ ରାଜାସାହେବ ଓ ଫଣୀ ଭାଇ ଦୋଭାଷୀର କାର୍ଯ୍ୟ କରିଥିଲେ। ମିଚେଲ ସାହେବ 'ଜଗତର ଭବିଷ୍ୟତ' ସଂପର୍କରେ ଏକ ଗ୍ରନ୍ଥ ରଚନାରେ ପ୍ରବୃତ୍ତ ଥିଲେ। ଏଣୁ ଜଗତର ଭବିଷ୍ୟତ ସଂପର୍କରେ ପ୍ରଶ୍ନ କରିଥିଲେ। ଜଗତରେ ଏକ ଅପୂର୍ବ ବିଶ୍ୱମୈତ୍ରୀ ସ୍ଥାପନ ହେବ ବୋଲି ଶ୍ରୀଶ୍ରୀଠାକୁର ବିଶଦ୍ ଭାବରେ ବୁଝାଇଥିଲେ। ସାହେବ ଏହା କେତେଦିନ ଲାଗିବ ବୋଲି ପଚାରିବାରୁ, ଏହା ବିଳମ୍ବ ଅଛି, ଅନ୍ତତଃ ଶହେ ବର୍ଷ ଲାଗିବ ବୋଲି ଶ୍ରୀଶ୍ରୀଠାକୁର ଉତ୍ତର ଦେଇଥିଲେ। ଏହା ଜ୍ଞାନପ୍ରାପ୍ତ ନା ଯୁଦ୍ଧଦ୍ୱାରା ହେବବୋଲି ସାହେବ ପଚାରିବାରୁ, ଏକ ବଡ଼ ଧରଣର ଯୁଦ୍ଧ ମଧ୍ୟ ଦେଇ ଶାନ୍ତି ଓ ମୈତ୍ରୀ ସ୍ଥାପିତ ହେବ ବୋଲି ଶ୍ରୀଶ୍ରୀଠାକୁର ବୁଝାଇଦେଲେ। ପୁନଶ୍ଚ ଧର୍ମ ବିଷୟ କିପରି ହେବ ପଚାରିବାରୁ, ଆପାତତଃ ବୈଷମ୍ୟ ଭିତରେ ଯେତେବେଳେ ସମତା ପରିଲକ୍ଷିତ ହେବ ଏବଂ ସମସ୍ତ ଧର୍ମାବଲମ୍ବୀମାନେ ଏକ ବିଶ୍ୱ ଭ୍ରାତୃଭାବରେ ପ୍ରତିଷ୍ଠିତ ହେବେ। ଏହି ଉତ୍ତରରେ ସାହେବ ନିଜର ସନ୍ତୋଷ ପ୍ରକାଶ କରି ମୃତ୍ୟୁ ପରେ ମନୁଷ୍ୟର ଅବସ୍ଥା କଣ ହୁଏ ବୋଲି ପଚାରିବାରୁ ଶ୍ରୀଶ୍ରୀଠାକୁର ପ୍ରସନ୍ନ ଚିତ୍ତରେ ବୁଝାଇ ଦେଲେ ଯେ- (୧) ସ୍ଥୂଳଶରୀରଟା ପଡ଼ିଥାଏ, (୨) ଏହାର ଛାଞ୍ଚ ପରି ବାୟବୀୟ ଲିଙ୍ଗ ଶରୀର ପ୍ରାଣବାୟୁ ସହ ମିଶି ନିଜ କୃତ କାର୍ଯ୍ୟ ଅନୁସାରେ ଉପଯୁକ୍ତ ସ୍ତରକୁ ଚାଲିଯାଏ।(୩) ଯେଉଁ ସ୍ତରକୁ ଗଲେ, ଲିଙ୍ଗ ଶରୀର ଯନ୍ତ୍ରଣା ଅନୁଭବ କରେ, ତାହା ନର୍କ ଏବଂ ଯେଉଁ ସ୍ତରରେ ସେ ସୁଖ ଭୋଗକରେ, ତାକୁ ସ୍ୱର୍ଗ କୁହାଯାଏ। (୪)ସ୍ୱର୍ଗ ବା ନର୍କ ବୋଲି ଗୋଟିଏ ନିର୍ଦ୍ଦିଷ୍ଟ ସ୍ଥାନ ନାହିଁ। ଏସବୁ ଗୋଟିଏ ଗୋଟିଏ

ଅବସ୍ଥାମାତ୍ର । ସାହେବ ପୁନର୍ବାର ପ୍ରଶ୍ନକଲେ- ମନୁଷ୍ୟ ସେଠାକୁ ଯାଇ କଣ କରେ ? ଶ୍ରୀଶ୍ରୀଠାକୁର ବୁଝାଇଦେଲେ- ଜଗତରେ ସମସ୍ତେ ପାପପୂଣ୍ୟ ମିଶ୍ରିତ କାର୍ଯ୍ୟ କରନ୍ତି, କାହାର ପୁଣ୍ୟ ବେଶୀ ତ ପାପ କମ୍, ଆଉ କାହାର ପୁଣ୍ୟ କମ୍ ତ ପାପ ବେଶୀ । ଯିଏ ପୁଣ୍ୟବାନ, ସେ ଦ୍ରୁତଗତିରେ ଯନ୍ତ୍ରଣାମୟ ଅବସ୍ଥା ଅତିକ୍ରମ କରି ଚାଲିଯାଏ, କିନ୍ତୁ ପାପୀକୁ ସେଠାରେ ଦୀର୍ଘକାଳ ରହିବାକୁ ହୁଏ । ଏହାପରେ ସାହେବ, ଏଠାରେ କେତେଦିନ ରହିବାକୁ ହେବ, ମୃତ୍ୟୁ ପରେ କିପରି ସ୍ୱର୍ଗ ନର୍କ ଭୋଗହୁଏ ଓ ତାପରେ କଣ ହୁଏ, ଏପରି କିଛି ପ୍ରଶ୍ନ ପଚାରିଲେ । ଶ୍ରୀଶ୍ରୀଠାକୁର ପ୍ରାଞ୍ଜଳ ଭାବରେ ବୁଝାଇ ଦେଲେ- ସବୁକଥା ମାନବର କର୍ମ ଉପରେ ନିର୍ଭର କରେ । କିଛିଦିନ "ସୁଖ...ଦୁଃଖ ଭୋଗ କଲା ପରେ ଶରୀରଟା ତତ୍ତ୍ୱରେ ପରିଣତ ହୁଏ । କ୍ରମାଗତ ଜନ୍ମ ମୃତ୍ୟୁ ମଧ୍ୟ ଦେଇ କ୍ରମ ବିବର୍ତ୍ତନ ଦ୍ୱାରା ଅବଶେଷରେ ସେ ମୁକ୍ତିପାଏ । ଏଠାରେ କହିବା ବାହୁଲ୍ୟ ଯେ- ଡା. ମିଚେଲ ଶ୍ରୀଶ୍ରୀଠାକୁରଙ୍କ ଯଥାର୍ଥ ଉତ୍ତର ଶୁଣି ସାରି କିଛି ସମୟ ଚୁପ୍ ହୋଇ ବିସ୍ମୟ ବିମୁଗ୍ଧ ଭାବେ ଶ୍ରୀଶ୍ରୀଠାକୁରଙ୍କ ମୁଖମଣ୍ଡଳକୁ ନିର୍ନିମେଷ ନୟନରେ ଅନାଇ ରହିଲେ । ବାହ୍ୟଜ୍ଞାନ ଫେରିବାରୁ ପୁନର୍ବାର ସାକ୍ଷାତ ପାଇଁ ପ୍ରାର୍ଥନା ଜଣାଇ ବିଦାୟ ନେଇଥିଲେ । (ସମର୍ଥ ସାଧକ) ଶ୍ରୀଶ୍ରୀଠାକୁର ମହାରାଜ ବସ୍ତରରେ ଅବସ୍ଥାନ କରୁଥିବା ସମୟରେ ଅନ୍ୟ ଏକ ଘଟଣାରେ ଡା. ମିଚେଲଙ୍କର ଶ୍ରୀଶ୍ରୀଠାକୁରଙ୍କ ପ୍ରତି ଶ୍ରଦ୍ଧା ଓ ଭକ୍ତି ବହୁଗୁଣ ବର୍ଦ୍ଧିତ ହୋଇଥିଲା । ଥରେ ଡା. ମିଚେଲ ରାଣୀ ପ୍ରଫୁଲ୍ଲ କୁମାରୀଙ୍କର ଅସୁସ୍ଥତା ହେତୁ କିଛି ଔଷଧ ଲେଖି ଦେଇଥିଲେ । ଶ୍ରୀଶ୍ରୀଠାକୁର ତାହା ଦେଖି ଠିକ୍ ଔଷଧ ଲେଖା ନଥିବା କହିବାରୁ ଡାକ୍ତର ମିଚେଲ ତାହାକୁ ପୁନର୍ବାର ପରୀକ୍ଷା କରି ଶ୍ରୀଶ୍ରୀଠାକୁରଙ୍କ ଉକ୍ତିର ସତ୍ୟତା ଅନୁଭବ କରି ସେଦିନ କହିଥିଲେ- ଶ୍ରୀଶ୍ରୀଠାକୁର କେବଳ ସିଦ୍ଧପୁରୁଷ ନୁହଁନ୍ତି, ସେ ଜଣେ ଭଲ ଡାକ୍ତର ମଧ୍ୟ ।

**(୬) ଅନ୍ୟ ଜଣେ ସାହେବ :-** ଢାକାରେ ନରେନ୍ଦ୍ରନାରାୟଣଙ୍କ ବଳଧା ହାଉସରେ ଭେଟିଥିବା ସାହେବ ତୁଲ୍ୟ, ଶ୍ରୀଶ୍ରୀଠାକୁର ଢାକାରେ ଅନ୍ୟ ଜଣେ ସାହେବଙ୍କ ସହ ଧର୍ମ ସମ୍ବନ୍ଧରେ ଆଲୋଚନା କରିଥିଲେ । ସାହେବଜଣକ ଶ୍ରୀକୃଷ୍ଣଙ୍କୁ ଭଗବାନ ଓ ଅବତାର ବୋଲି ସ୍ୱୀକାର ନ କରିବାରୁ ଶ୍ରୀଶ୍ରୀଠାକୁର ଉତ୍ତର ଦେଇଥିଲେ- "ଯଦି ତୁମେମାନେ ଅବତାର ବୁଝିଥାଆନ୍ତ, ତେବେ ଯୀଶୁଙ୍କୁ ନିର୍ଦ୍ଦୟ ଭାବରେ କ୍ରୁଶବିଦ୍ଧ କରି ହତ୍ୟା କରିନଥାନ୍ତ ।"... ସେ ତୁମମାନଙ୍କ ପାଇଁ ପ୍ରାଣ ଦେଇଛନ୍ତି ବୋଲି ଆଜି ତୁମେମାନେ ତାଙ୍କୁ ଅବତାର ବୋଲି ମାନୁଛ । ଏହାପରେ ଶ୍ରୀଶ୍ରୀଠାକୁର ଆମଦେଶର ଅବତାର ଓ ଅନ୍ୟ ଦେଶର ଅବତାରଙ୍କ ବିଷୟ ବୁଝାଇଥିଲେ । ଆମ ଦେଶର ଅବତାରଙ୍କୁ ଆମେ କୋଳ କରି ସର ଲବଣୀ ଖୁଆଉ, କାନ୍ଧରେ ଧରି ନଚାଉ, ସେ ହୃଦୟର ଧନ, ତାଙ୍କୁ ଫୁଲ ଚନ୍ଦନ ଦେଇ ପୂଜା କରୁ । ତୁମେମାନେ ଅବତାର ବୁଝନାହିଁ । ତାଙ୍କୁ କ୍ରୁଶରେ ବନ୍ଧ କର । ଭଗବାନ ଅବତାର ହୋଇ ଯାହାଯାହା କାର୍ଯ୍ୟ କରିବେ, ମୁନି ଋଷିମାନେ ଜାଣିପାରନ୍ତି ଓ ଅବତାର ହେବା ପୂର୍ବରୁ ଲୀଳାକାହାଣୀ ଲେଖା ହୋଇଥାଏ । ସାହେବ ଶ୍ରୀଶ୍ରୀଠାକୁରଙ୍କ କଥା ଶୁଣି କାନ୍ଦିବାକୁ ଲାଗିଲେ । ଶ୍ରୀଶ୍ରୀଠାକୁର ପୁନର୍ବାର ତାଙ୍କୁ ବୁଝାଇଥିଲେ- "ତୁମେମାନେ କହ, ଈଶ୍ୱରଙ୍କ ପୁତ୍ର (Son of the God) ଅବତାର ହୋଇ ଆସନ୍ତି । କିନ୍ତୁ ଆମେମାନେ କହୁ (Holy God), ଆମେମାନେ ତାଙ୍କୁ ସାଧୁ ମହାପୁରୁଷ କହୁ । ତୁମେମାନେ ଆଦୌ ଅବତାର ବୁଝନାହିଁ, ଆଉ କୃଷ୍ଣଙ୍କୁ ବୁଝିବ କିପରି ? କୃଷ୍ଣ ପୂର୍ଣ୍ଣ ଭଗବାନ । ... ଶ୍ରୀକୃଷ୍ଣଙ୍କ ଭିତରେ ସକଳ ବିଷୟର ପୂର୍ଣ୍ଣ ବିକାଶ ହୋଇଥିଲା ।"... ତୁମେମାନେ ଯେପରି ତୁମମାନଙ୍କ ଅବତାର ମଧ୍ୟ ସେହିପରି ।" (ଶ୍ରୀଶ୍ରୀନିଗମାନନ୍ଦ କଥାମୃତ- ୧ମ ଭାଗ ପୃ ୧୫୫-୧୫୬) ।

**(୭) ସାହେବମାନଙ୍କୁ ପ୍ରଶଂସା :-** ଶ୍ରୀଶ୍ରୀଠାକୁର କଥାମୃତ-୧ମ ଭାଗରେ ସାହେବମାନଙ୍କର ଅଧ୍ୟବସାୟ ଓ ବୁଝିବା ଶକ୍ତିସଂପର୍କରେ କହି ସେମାନଙ୍କୁ ପ୍ରଶଂସା କରିଛନ୍ତି ।

**(୮) ରେଭରେଣ୍ଡ ସୋ ସାହେବ :-** ଢାକାର ଗେଣ୍ଡାରିଆ ଆଶ୍ରମରେ ଅନ୍ୟ ଏକ ସାହେବଙ୍କ ସନ୍ଦେହମୋଚନରେ ଶ୍ରୀଶ୍ରୀଠାକୁରଙ୍କର ବିଶେଷ ଭୂମିକା ଦେଖିବାକୁ ମିଳେ । ଏହିଠାରେ ଦିନେ ଢାକା ଖ୍ରୀଷ୍ଟିୟାନ ମିଶନର ପାଦ୍ରୀ ରେଭରେଣ୍ଡ ସୋ ସାହେବ ଶ୍ରୀଶ୍ରୀଠାକୁରଙ୍କ ସହ ଧର୍ମାଲୋଚନା କରିବାକୁ ଆସି ପଚାରିଥିଲେ- ମହାଭାରତରେ ଅନେକ ଶୁଦ୍ଧ ଚରିତ୍ର ଥିବା ସତ୍ତ୍ୱେ କୁଚକ୍ରୀ କୃଷ୍ଣଙ୍କୁ କାହିଁକି ସମସ୍ତେ ମାନ୍ୟ କରନ୍ତି ? ଶ୍ରୀଶ୍ରୀଠାକୁର ଅତି ସୁନ୍ଦର ଭାବେ ବୁଝାଇ କହିଲେ- ବୈଜ୍ଞାନିକ ସତ୍ୟାନୁସାରେ ସମଧର୍ମୀ ଓ ସମଗୁଣାବଲମ୍ବୀ ମାନେ ହିଁ ପରସ୍ପର ପ୍ରତି ଆକୃଷ୍ଟ ହୋଇଥାଆନ୍ତି । ଯୁଧିଷ୍ଠିର, ଭୀଷ୍ମ ଓ ଅର୍ଜ୍ଜୁନଙ୍କ ଚରିତ୍ର ଆପଣଙ୍କୁ ବହୁତ ଭଲ ଲାଗେ । ଏମାନେ କେବେହେଲେ ଶ୍ରୀକୃଷ୍ଣଙ୍କ ଭଳି ଲମ୍ପଟ ଓ କାପୁରୁଷଙ୍କ ଆଜ୍ଞାଧୀନ ହୋଇପାରିବେ କି ? ଶ୍ରୀଶ୍ରୀଠାକୁରଙ୍କ ଯୁକ୍ତି ଅତି ଚମତ୍କାର ବୋଲି

ସାହେବ ମତ ଦେଲେ। ଶ୍ରୀଶ୍ରୀଠାକୁର ପୁଣି କହିଲେ, "ଯଦି ଶ୍ରୀକୃଷ୍ଣ ସବୁ ବିଷୟରେ ଶ୍ରେଷ୍ଠ ହୋଇ ନଥାନ୍ତେ, ତେବେ ଆପଣ ଯେଉଁମାନଙ୍କୁ ଶ୍ରେଷ୍ଠ ବୋଲି ସ୍ୱୀକାର କରୁଛନ୍ତି, ସେମାନେ କେବେ ହେଲେ ଶ୍ରୀକୃଷ୍ଣଙ୍କୁ ଭଗବାନ ବୋଲି ସ୍ୱୀକାର କରି ନ ଥାନ୍ତେ।" (ସଂଘସେବକ, ୨୬ବର୍ଷ : ୩୫-୩୭ ପୃ.) ଶ୍ରୁତିସ୍ମୃତି ଗ୍ରନ୍ଥରେ ପ୍ରଜ୍ଞାନନ୍ଦ ମହାରାଜ ଶ୍ରୀଶ୍ରୀଠାକୁରଙ୍କୁ ସୋ' ସାହେବଙ୍କ ବିଷୟରେ ପଚାରିଛନ୍ତି। ସମ୍ଭବତଃ ସେଇ ସାହେବ ଉପରୋକ୍ତ ରେଭରେଣ୍ଡ ସୋ ସାହେବ ହୋଇପାରନ୍ତି ବୋଲି ମନେହୁଏ। ସଦ୍‌ଗୁରୁ ନିଗମାନନ୍ଦ ଦେବଙ୍କ ପଞ୍ଚ ସନ୍ୟାସିନୀ ଶିଷ୍ୟା ଗ୍ରନ୍ଥରେ ଲେଖାଅଛି : "ଶ୍ରୀଶ୍ରୀଠାକୁରଙ୍କ ଜ୍ଞାନଗାରିମା କଥା ଶୁଣି ଢାକା ଖ୍ରୀଷ୍ଟିୟାନ ମିଶନର ସର୍ବପ୍ରଧାନ ଧର୍ମଯାଜକ ନୋବେଲ ସାହେବ ଶ୍ରୀଶ୍ରୀଠାକୁରଙ୍କ ସହିତ ସାକ୍ଷାତ କରିଥିଲେ।" ସ୍ଥାନ ଓ ସାକ୍ଷାତ ଆଲୋଚନାର ବିଷୟବସ୍ତୁକୁ ଅନୁଶୀଳନ କଲେ- ନୋବେଲ ସାହେବ ଓ ସୋ ସାହେବ ଜଣେ ବ୍ୟକ୍ତି ହୋଇଥିବାର ଅନୁମାନ ହୁଏ। ଯଦିଓ ଅଲଗା ଅଲଗା ବ୍ୟକ୍ତି ହୋଇଥିବେ, ତେବେ ସେମାନଙ୍କର ଆଲୋଚନାର ବିଷୟବସ୍ତୁ ସମାନ ବୋଲି ମନେହୁଏ। (ସଦ୍‌ଗୁରୁ ନିଗମାନନ୍ଦଦେବଙ୍କ ପଞ୍ଚସନ୍ୟାସିନୀ ଶିଷ୍ୟା :ପୃ : ୨୦୭)

**(୯) ଅନ୍ୟ ଜଣେ ସାହେବ :-** ବଳଧା ହାଉସ୍‌ରେ ଜନୈକ ସାହେବ ଶ୍ରୀଶ୍ରୀଠାକୁରଙ୍କ ସହିତ କରିଥିବା ଆଲୋଚନା ପୂର୍ବରୁ ଆଲୋଚିତ ହୋଇଛି। 'ନୀଳାଚଳ ବାଣୀ'ରେ ଏହି ପ୍ରସଙ୍ଗ ଭିନ୍ନ ଢଙ୍ଗରେ ପ୍ରଦତ୍ତ ହୋଇଛି। ଏଥିରେ ଶ୍ରୀଶ୍ରୀଠାକୁର କହିଛନ୍ତି- "ଆଉ ଦିନେ ଜଣେ ପାଦ୍ରୀ ସାହେବ ମୋ ହାତଧରି ଟାଣିନେଇ ପଚାରିଲେ- "ତୁମ ସମ୍ମୁଖରେ ଯଦି କେହି ଜଣେ ସ୍ତ୍ରୀଲୋକଙ୍କ ପ୍ରତି ଅତ୍ୟାଚାର କରେ, ତେବେ ତୁମେ କ'ଣ କରିବ ?" ଶ୍ରୀଶ୍ରୀଠାକୁର ଉତ୍ତର ଦେଇଥିଲେ- "ତାଙ୍କୁ ରକ୍ଷା କରିବାକୁ ପ୍ରାଣପଣେ ଚେଷ୍ଟା କରିବି।" ସାହେବ ହସି ହସି କହିଥିଲେ ବାଃ ବାଃ ତୁମେ ତ ତାହାହେଲେ ଭୀଷ୍ମ ଓ ଯୁଧିଷ୍ଠିରଙ୍କଠାରୁ ବଡ଼। ଏହା ବଳଧା ହାଉସର ପ୍ରସଙ୍ଗ ସହ ସମାନଭଳି ଲାଗୁଥିଲେ ମଧ୍ୟ ଭିନ୍ନ ଭାବରେ ବାକ୍ୟ ଓ ତଥ୍ୟ ସଂଯୋଜନା ହୋଇଥିବାରୁ ଏହା ଦୁଇଜଣ ସାହେବଙ୍କ ଉକ୍ତି ବୋଲି ମନେହୁଏ। ସାହେବ ଦ୍ରୌପଦୀଙ୍କ ବସ୍ତ୍ରହରଣ କଥା ଆଲୋଚନା କରିବା ସହିତ ଶ୍ରୀକୃଷ୍ଣଙ୍କ ନିନ୍ଦା ଗାନ କରିଥିଲେ। ବଳଧା ହାଉସ ଆଲୋଚନା ଅନୁରୂପ ଶ୍ରୀଶ୍ରୀଠାକୁର ଉପଯୁକ୍ତ ଯୁକ୍ତି ତଥ୍ୟ ପ୍ରଦାନ କରି ବୁଝାଇବା ଦ୍ୱାରା ସାହେବ ଖୁସି ହୋଇ କହିଥିଲେ- ମୁଁ ପୂର୍ବରୁ ଏପରି ଭାବରେ ବୁଝିନଥିଲି। ସେ ପୁନର୍ବାର କହିଥିଲେ- ଆପଣ ଖ୍ରୀଷ୍ଟିୟାନ ହେଲେ ଭଲ ହୁଅନ୍ତା। ଶ୍ରୀଶ୍ରୀଠାକୁର ଉତ୍ତର ପ୍ରଦାନ କରିଥିଲେ- "ମୁଁ ଖ୍ରୀଷ୍ଟିୟାନ ନୁହେଁ କି ହିନ୍ଦୁ ନୁହେଁ- ସତ୍ୟଲାଭେଚ୍ଛୁ। ଯାହାଙ୍କଠାରୁ ସତ୍ୟ ପାଇବି, ତାଙ୍କୁ ଗ୍ରହଣ କରିବା ମୋର ଧର୍ମ। ଖ୍ରୀଷ୍ଟଧର୍ମ As God ପର୍ଯ୍ୟନ୍ତ ଯାଇଛନ୍ତି। କିନ୍ତୁ ବେଦାନ୍ତ କହୁଛନ୍ତି, Be God- ବ୍ରହ୍ମବିଦ୍ ବ୍ରହ୍ମୈବ ଭବତି। ତାହାହେଲେ କିଏ ଶ୍ରେଷ୍ଠ" ? (ନୀଳାଚଳ ବାଣୀ - ପୃ ୧୦୦-୧୦୧)

**(୧୦) ସାର୍ ଜନ୍ ଉଡ୍‌ରଫ୍ :-** ନୀଳାଚଳ କୁଟୀରରେ ଶ୍ରୀଶ୍ରୀଠାକୁର ଅବସ୍ଥାନ କରୁଥିଲାବେଳେ- ତା ୦୭.୦୪.୧୯୩୩ ତାରିଖ ମଙ୍ଗଳବାର ଦିନ କଥା ପ୍ରସଙ୍ଗରେ ନୃପାଳ ଭାଇ ପ୍ରଭୃତିଙ୍କୁ ଶ୍ରୀଶ୍ରୀଠାକୁର କହିଲେ- "ସାହେବମାନେ ନ ବୁଝି ନିନ୍ଦା କରନ୍ତି; କିନ୍ତୁ ସେମାନଙ୍କୁ ଥରେ ବୁଝାଇଦେଲେ ଅତି ସହଜରେ ବୁଝିଯାଆନ୍ତି।" ନୀଳାଚଳରେ ଠାକୁର ନିଗମାନନ୍ଦ ଗ୍ରନ୍ଥର ପ୍ରଣେତା ଦର୍ଶାଇଛନ୍ତି ଯେ ୧୯୨୪, ଭାଦ୍ରବିଶେଷ ବା ଆଶ୍ୱିନ ପ୍ରଥମ ଭାଗରେ ଜନ୍ ଉଡ୍‌ରଫଙ୍କ ସହିତ ତା ୨୭.୦୯.୧୯୨୪ ବୋଲି ଦର୍ଶାଇଛନ୍ତି)। ଗ୍ରନ୍ଥପ୍ରଣେତା ଦର୍ଶାଇଛନ୍ତି ଯେ ଏହା ପ୍ରଥମ ସାକ୍ଷାତ ନୁହେଁ। ସ୍ୱରୂପାନନ୍ଦଜୀଙ୍କ ପ୍ରଦତ୍ତ ତଥ୍ୟ ଅନୁସାରେ- ୧୯୨୨ ପୌଷ ୧୦ଦିନ ଜନ୍ ଉଡ୍‌ରଫ୍ ସାହେବ ପୁରୀରେ ଶ୍ରୀଶ୍ରୀଠାକୁରଙ୍କୁ ସାକ୍ଷାତ କରିଥିଲେ। ଜନ୍ ଉଡ୍‌ରଫ୍ ପ୍ରସିଦ୍ଧ ତାନ୍ତ୍ରିକ ଥିଲେ। ତନ୍ତ୍ରଭୂଷଣ ଉପାଧି ନେବାକୁ ପୁରୀ ଆସି ଚୈତନ୍ୟ ଲାଇବ୍ରେରୀରେ ବକ୍ତୃତା ଦେଇ କହିଥିଲେ- "ତନ୍ତ୍ରର ସାଧନା ଅତି ସ୍ଥୁଳ। ଏହା ଅପେକ୍ଷା ସୂକ୍ଷ୍ମ ଶକ୍ତି ଅଛି ବୋଲି ମୋର ମନେହୁଏ। କିନ୍ତୁ ହିନ୍ଦୁମାନେ ସମ୍ଭବତଃ ଏହା ଅପେକ୍ଷା ଉଚ୍ଚସ୍ତରର ସାଧନା ଜାଣିନାହାନ୍ତି।" 'ବିଜୟା' ନାମକ ପତ୍ରିକାରେ ଏହାର ଅନୁବାଦ ପ୍ରକାଶିତ ହେଲା। ଶ୍ରୀଶ୍ରୀଠାକୁର ଏହା ପାଠ କରି ଜନୈକ ଶିଷ୍ୟଙ୍କୁ ଏହାର ପ୍ରତିବାଦ ଜଣାଇବାକୁ କହିଲେ ଓ ଶ୍ରୀଶ୍ରୀଠାକୁରଙ୍କ କଥା ଅନୁସାରେ ଶିଷ୍ୟ ସାହେବଙ୍କୁ ବୁଝାଇ ଲେଖିଲେ ଯେ- "ଭଗବାନଙ୍କର ଅନନ୍ତ ଶକ୍ତି। ଏଥି ମଧ୍ୟରୁ ତନ୍ତ୍ରରେ କେବଳ ମାୟାଶକ୍ତିର ଆଲୋଚନା କରାଯାଇଛି (ମାୟାଶକ୍ତି, ଚିତ୍‌ଶକ୍ତି ଓ ତଟସ୍ଥା ଶକ୍ତି) କିନ୍ତୁ ଚିତ୍‌ଶକ୍ତି ଭଗବାନଙ୍କର ସ୍ୱରୂପଶକ୍ତି(ଚିତ୍ ଶକ୍ତି ସମ୍ବିତ, ସନ୍ଧିନୀ ଓ ହ୍ଲାଦିନୀ ଏହି ୩ ଭାଗରେ ବିଭକ୍ତ)। ବୈଷ୍ଣବଶାସ୍ତ୍ରରେ ଏହାର ବିଶେଷ ବିବରଣୀ ଅଛି। ସାହେବ ବୈଷ୍ଣବ ଶାସ୍ତ୍ର ବିଷୟରେ ଜାଣିବାକୁ ଇଚ୍ଛା କରିବାରୁ ଶ୍ରୀଶ୍ରୀଠାକୁର ତାଙ୍କୁ ନାରଦ ପଞ୍ଚରାତ୍ର, ଷଟ୍ ସନ୍ଦର୍ଭ ଇତ୍ୟାଦି ପାଠ କରିବାକୁ ଲେଖିଲେ। ଶ୍ରୀଶ୍ରୀଠାକୁର କହିଛନ୍ତି- "ପରେ ଉଡ୍‌ରଫ୍ ସାହେବ ପୁରୀ ଆସି ମୋ ସହିତ ସାକ୍ଷାତ କରି ବହୁ

ଜଟିଳ ତତ୍ତ୍ୱର ମୀମାଂସା କରିନେଇଥିଲେ" (ନୀଳାଚଳ ବାଣୀ, ପୃ:୯୮-୯୯, ଓ ନୀଳାଚଳେ ଠାକୁର ନିଗମାନନ୍ଦ (୧ମ), ପୃ:୭୬)

ଉପରୋକ୍ତ ଆଲୋଚିତ ପ୍ରସଙ୍ଗଗୁଡ଼ିକୁ ଅନୁଧ୍ୟାନ କଲେ ଶ୍ରୀଶ୍ରୀଠାକୁରଙ୍କର ହିନ୍ଦୁଶାସ୍ତ୍ର, ପୁରାଣ ତଥା ଦର୍ଶନ ଉପରେ ଗଭୀର ଜ୍ଞାନ ତଥା ଉପଲବ୍ଧି ଥିବାର ଜଣାଯାଏ। ଏହା ସାଙ୍ଗକୁ ତାଙ୍କର ପ୍ରତ୍ୟୁତ୍ପନ୍ନମତିତା ମଧ୍ୟ ଅସାଧାରଣ ଥିଲା। ଏଣୁ ସାହେବମାନଙ୍କର ସନ୍ଦେହ ମୋଚନ ସେ ଅଚିରେ କରି ପାରିଥିଲେ। ଶ୍ରୀଶ୍ରୀଠାକୁରଙ୍କ ଲୀଳାଗ୍ରନ୍ଥମାନଙ୍କରେ ପ୍ରଦତ୍ତ ତଥ୍ୟଗୁଡ଼ିକୁ ସଂଗ୍ରହ କରାଯାଇ ଏହି ପ୍ରବନ୍ଧରେ ପ୍ରଦାନ କରାଯାଇଛି। ଆହୁରି ହୁଏତ ଅନେକ ଅପ୍ରକାଶିତ ବିବରଣୀ ଥାଇପାରେ ଯହିଁରେ ଆହୁରି ଅନେକ ସାହେବଙ୍କ ସଂପର୍କରେ ବର୍ଣ୍ଣନା ଥାଇପାରେ। ଏସବୁ ଆମକୁ ଅଜଣା ଥିଲେ ମଧ୍ୟ ଯେତିକି ଅଦ୍ୟାବଧି ବିଭିନ୍ନ ଗ୍ରନ୍ଥମାନଙ୍କରେ ପ୍ରକାଶିତ ହୋଇଛି, ସେ ସବୁ ଯେ ଶ୍ରୀଶ୍ରୀଠାକୁରଙ୍କର ଜ୍ଞାନ ତଥା ପାରଦର୍ଶିତାର ଉପଯୁକ୍ତ ମାପକ, ତାହା ନିଃସନ୍ଦେହରେ ପ୍ରତିପାଦନ କରାଯାଇପାରେ।

ଶ୍ରୀଶ୍ରୀଠାକୁର ଚରଣାଶ୍ରିତ
**ଶ୍ରୀ ଜଗନ୍ନାଥ ଦାଶ**
କେନ୍ଦ୍ର ପରିଚାଳନା ମଣ୍ଡଳୀ ସଦସ୍ୟ

# MILESTONES OF AMSAS AND NSM

2022 is a special year to remember
We will celebrate our 20th AMSAS Sammilani at Nigam Smruti Mandir

Also Nigam Smruti Mandir's 10th birthday
Scrumptious prasad, devotional songs, prayers and kirtans with joy

Our life's journey with Shri Shri Thakur is filled with countless blessings
We follow His teachings and ideals to become good human beings

Thakur holds our hands and is always by our side
He understands our feelings there is nothing to hide

Attending Sangha puja, Sammilani, and special events are a boon
Shri Shri Thakur smiles at us radiantly like a full moon

Beautiful flowers emanating fragrance create a paradise
In this aura we get peace, happiness, and bliss underneath the blue skies

May we always be blessed and be His *Prakash Shakti*
By doing seva and chanting *"Jayaguru"* with full faith and *bhakti*

Shri Shri Thakur Charanashritaa
**Saumyashree Ray (Bhakti)**
America Saraswata Sangha

# SHRI SHRI THAKUR - WHAT NOT

Paramahansa Paribrajakacharya Shri Shri Nigamananda Saraswati Dev, our Thakura, the most loved, respected, admired, and worshipped for his divine qualities as a simple human being (as described in his own words). Though he is the supreme being, he realised himself to be "The Guru" from Nirvikalpa samadhi, he incarnated himself as a simple human being among us to distribute the nectar of the supreme bliss on the request of the Jaganmata (the universal mother). He is the only one - one and only - in this entire world who promised his disciples and devotees to take them to the supreme eternal abode(i.e the Nitya loka) holding their hand.

So with my very minimal knowledge about Sri Sri Thakur, I am noting down some worldly qualities of SriSri Thakur. Many people (outside of his devotees and disciples) are even surprised by seeing such divine intelligence in a human being.

**1. SPORTS:**

Sri Sri Thakur loves swimming. On many occasions in matha (at Kokilamukh Assam), he displayed his swimming skills to his devotees. I would like to add here one instance which was written by Swami Premananda Saraswati. In 1320 B, on the 31st day of the rainy season, a Saturday, it was Sri Sri Thakura Maharaj's birthday and he was in the Matha. So, it was the most joyous moment and eventful day for all of the inmates of Matha. Shri Shri Thakur Maharaj was also in a very joyous mood that day. He was walking around the Matha premises and behaving like a kid, sometimes singing and sometimes entertaining everyone, talking to all the devotees and sannyasis. The actual sporting event started during his bathing time. Premananda bhai gave an oil massage to Shri Shri Thakur and took him to the Matha's pond in a small cart and stopped near the ghat of the pond. Shri Shri Thakura entered the water and started taking a bath. Some seven to eight disciples also joined Shri Shri Thakura. Thakura was very good at swimming and started showing his skills. He would dive into the water and stay for a long time and then come up to the surface. Sometimes he would float on the surface and then swim from one end to another of the pond. Now, he started different games. He instructed everyone to dive inside the water and get soil from the water bed; everyone was able to dive and get, but Suren Bhai and Shankar Bhai couldn't. Now Shri Shri Thakur asked to have a swimming competition to cross the pond and touch Narasingha (a student of Rishi Vidyalaya) standing on the other side of the pond. The one who touched him first wins the race. In the first race, Premananda Bhai won; the third time, a new disciple from Murshidabad won the race. Then Sri Sri Thakur started playing "Jhapta" (splashing of water). After playing for long hours Thakura came out of the water. Sri Sri Thakur also swam with the kids at Aswini Bhai's house and the kids enjoyed a lot with SriSri Thakura. With these swimming skills, Sri Sri Thakura also once saved the drowning matha inmates and devotees during a boat ride in Arunakhal one evening.

**2. MUSIC :**

He loves all types of songs and would ask his disciples to sing a few particular songs. He would explain the different categories of songs and educate everyone on where and when a song should be sung . On one occasion in matha, his disciple Jatindra Nath Bandopadhay Bhai sang a "matru sangeet" in front of Guru Brahma Asana (the seat of Jagat guru). Jatin Bhai, along with others, received a call from Sri Sri Thakura and enquired about the song's writer and about the bhaba (feeling) of the words

used in the song. He explained the categories of Bandana, Prathana, Naama like Jayaguru or Hare Rama Hare Krishna and songs related to Bhaba or Bhakti towards Jagat Janani, as well as the time and place to sing them. There are many instances which show that he liked songs written by Rabindranath Tagore like "dariye acho tumi amar ganer o pare", or matru sangeet written by Ramparasad. On the day he left his mortal body, he asked Ashwin Dasgupta Bhai's son Kanu to sing -Ogo Sathi Momo Sathi.

**3. ACTING AND SPEAKING:**

As written by various disciples, when Sri Sri Thakur gave advice it felt like sweet nectar flowing from his mouth. Everyone gathered to listen to his speech and there was pin drop silence. If anyone had a question on anything, it would get answered automatically during his speech. His speeches were so powerful that devotees or disciples could not leave the place even if they had urgent work to attend. We find many instances where Sri Sri Thakur acted in the matha(not in public places) before disciples and devotees. Here is an example from Pancha Sanyasini Sisya. In 1319--1320 B during free time in the evenings Shri Shri Thakur performed plays written by Girish Ch. Ghosh. Shailabala maa was the lead actress and Shri Shri Thakura as the lead actor. The plays selected by Sri Sri Thakur were "Haragouri" ,"Chaitanyaleela","Dakhyayagna", "Nasiram","Kalapahar","Budhadev charita", "Biswamangala", "Shankarcharya", "Nimai sanyas", etc. Shri Shri Thakur's favorite was "Dhaksya yagna" Shri Shri Thakur played the role of Lord Shiva, Shailabala maa as Sati, Shanti maa as Tapaswini, Jogananada Mharaj as Narada, Swami Swarupananda as Raja Daskhya, Susheela maa as wife of Dakshya. The dialogue deliveries of Shri Shri Thakura and Shailabala maa were very heart touching and lively. Sri Sri Thakur would get dressed as Lord Shiva with a blanket as tiger skin and a Trishool in hand and adorning the 3rd eye with red sandalwood powder on forehead, and loosening all his "jata" (7 matted hair) which gave a complete impression of Lord Shiva live on stage. In the play Sri Sri Thakur lifted Shailabala body on his left shoulder as Lord Shiva did to Sati's body after the dakhyayagna and his dialogue delivery with tear filled eyes made the play realistic and scintillating.

**4. KNOWLEDGE ABOUT MEDICINE :**

Just after completing his Nirvikalpa Samadhi when Shri Shri Thakur returned to society, he realized no one had true knowledge. As a result to gain attention, Shri Shri Thakur started showing divine activities with his supernatural powers and cured numerous patients. Most of them were colic, tuberculosis, and leprosy patients. However, he stopped curing people with his yogic power on instruction of his yogi guru Udasinacharya Sumeru Das Ji and met only those who are actual spiritual seekers. His first publication after Nirbikalpa Samadhi was Yogiguru , a masterpiece book that attracted many spiritual seekers to become his disciples. He described various yogic methods and principles to have a healthy body and mind and even mentioned some Ayurvedic medicines and the process of taking the medication to cure various diseases .

It's astonishing that Shri Shri Thakur was knowledgeable about modern medication, as well. In response to one disciple, he wrote that "I am worried to hear about your problems due to acid reflux. You have to anyway suffer for your past deeds. Take Bisurated Magnesia with warm water after food. Contact a doctor for the right dose. Practise ?itali Kumbhaka (a form of pranayama) regularly for 3 to 4 times a day as per the guidelines." (published in chitthi part 1 letter #78).

Another example is from Bastar Palace when Rani Prafulla Kumari was pregnant. Physicians from foreign countries recognised Sri Sri Thakur's knowledge on medicines and accurate diagnosis.

Shri Shri Thakur visited Bastar (town in Madhya Pradesh - India) in 1335 B with Swami Pragyananda Moharaj and Phanibhushan Mitra on the request of his disciple Raja Prafulla Kumar Bhanjadeo who wanted to get the first child blessed by Shri Shri Thakur, after birth. The royal doctors, one civil surgeon and the British's doctor, were adminstrating Prafulla Kumari as she was not keeping well with some medications not suitable for her body. One day, the doctor examined and prescribed some medication and Prafula Kumar showed to Shri Shri Thakur before acquiring them; on seeing the prescription, Shri Shri Thakur advised some changes and asked Prafulla Kumar to talk to the doctors and ask them to recheck their prescription. The doctors realized the error, reverified, and accepted Shri Shri Thakur's diagnosis and advice on the change and stated to Prafulla Kumar that "I see your Gurudev is not only a spiritual guide but he is an efficient physician too."

**5. ART AND PAINTING:**

Sri Sri Thakura is an artist and all of his designs and paintings portray some vedantic concepts. The Logo of Assam Bongiya Saraswat Math was designed by Sri Sri Thakur. In a very confined and capsulated form, the Sristi Tatwa (concept of evolution) was designed by him in a colourful manner. He was very delighted after completing the picture, and he named it "Gyana Chakra" and explained to his disciple about the picture, quoting the concepts from various ancient scriptures.

**6. WRITING SKILLS :**

Shri Shri Thakur, before taking sanyas, wrote three novels Sudhansubala, Taranisen Badh, Bagabatir Nikah. After he completed his Sadhana and after attaining Nirvikalpa Samadhi, he wrote Yogiguru, which attracted lots of people who were real spiritual seekers towards him. They either became sanyasis or took initiation(dikhya) to lead a pious life. He then wrote Bramhacharya Sadhan (targeting younger generations), Gyani Guru, Tantrik Guru, Premik Guru, and Vedant Vivek. In his writing he has referred to the Vedas, Vedantas, Upanishads and various other spiritual books, some of which were written by western authors. I wonder how he got access to all these books sitting in one place! He also started a monthly magazine from the Assam Bongiya Saraswat Math called "Arya Darpan" as a mouthpiece of Sanatan Dharma. He wrote several articles in the same magazine and did proofreading and editing before printing for several years. In all His books, all the concepts are presented with facts and examples in simple language and understandable by general people. He wrote many letters to his devotees that have been consolidated and published in 3 volumes. His letters are full of instructions and advice on maintaining a spiritual life and how to be happy in all situations.

**7. STORY TELLING :**

Shri Shri Thakur has a special story telling quality. Adults and children listened spellbound when Thakura told stories. Most of the stories he told were humorous. But, he would say it with a straight face and the listeners would laugh. Many stories are documented in various books by his disciples and devotees who heard him. The important part of every story, be it long or short, humour or horror, was the moral it had for the listeners.

**8. KNOWLEDGE ABOUT LAW :**

As we all know, Sri Sri Thakur never studied law before sanyas. In his professional life, he worked as a civil engineer and did his work with complete honesty for which he was loved by the villagers. We can say he has a very clean and profound intellect and could anticipate unimaginable

situations.. He used to visit Phani Bhushan Mitra (B.L) in Howrah, a renowned agent, during his travels and sometimes stayed many days at his house. Even Phani Da (a very Pious soul) had a "Sakhya Bhava" with Shri Shri Thakur. One fine morning, Sri Sri Thakura found Phani Da in a very tense and unhappy state of mind.. On enquiring, he came to know that his beloved disciple was in a tough situation in his professional life. The case he was defending had no chance to win as he had no no leads to defend the opponent. Shri Shri Thakur enquired about the case in a brief manner and Phani Da explained it precisely.n a quick note. Shri hSri Thakur commented on how to proceed with the questioning session of the case and Phani Bhai got the breakthrough. He went confidently to court and started his proceedings, as directed by Shri Shri Thakur and got victory in the impossible-to-win case.

**9. ACCOUNTING AND FINANCE:**

Being a spiritual master, Shri Shri Thakur had a special, efficient skill in financial recording and audit maintenance. During the initial days of Assam Bongiya Saraswat Matha, he independently maintained the income and expenditure ledger of the ashram. Till his last days, he recorded the yearly account of Arya Darpan. This depicts his patience and proper skills of accounting.

**10. COOKING :**

Shri Shri Thakur consumed a limited quantity of food (in quantity), in spite of having a dominating physique. . However, he was a good cook. He was very specific about Bhoga preparation and instructed his disciples to get his approval before preparing the bhoga. Articles from Narayani maa state that Thakura would instruct a few recipes to be prepared using a specific method. He was focused on the details. For example, once when advising about the preparation of a curry with spinach and lentil he showed how to peel raw bananas for the curry. This shows his mastery in cooking. He might have learned the art of cooking when he prepared food for Swami Sachidannanda during his Gyana Sadhana. I would like to add here one instance where Shri Shri Thakur prepared food for everyone in matha. This instance was documented by Praboth Kumar Kundu and was published in 1392 (1984) Arya Darpan: "Shri Shri Thakur "Aanandaswarupa" ( The Supreme Eternal Bliss) always tried to share and bless his disciples and devotees with eternal bliss and happiness. Not only blessing with internal peace and bliss but also externally with his words, actions, and advice. It was a day in the winter season. The garden in matha was full with different types of vegetables. One day, Sebakas in the matha wanted to have a picnic with Shri Shri Thakura. To their joy Shri Shri Thakur agreed and approved their request. Then "Sibabari" (inside matha) was decided to be the picnic spot. With exuberance and enthusiasm, every one started the preparation to make the event more joyful. Everyone's enthusiasm was doubled when they heard Thakur say "Listen , I will cook and prepare some recipes so make some arrangements for my cooking" . We could only imagine the joy in everyone's heart and feel fortunate as those who experienced such a worldly divine leela by Shri Shri Thakur. Thakur would cook for their sebakas! Sebakas were overwhelmed and made arrangements with double ecstasy as per His advice. A small stove with a pan and spatula was arranged. A chair, a hand fan and hookah (smoking pipe) was organised for him. Everyone was with eager to get a glimpse of Shri Shri Thakur's cooking skills. While cooking he started sweating and sebakas quickly used the hand fan to cool him. Within 30 minutes he finished his cooking and examined the other cooking arrangements, sitting and smoking pipe. Around 4 PM, Shri Shri Thakur sat with everyone to eat. Everyone's mouth was filled with the divine word Jayaguru and the divine recipe by their Gurudev. This moment was ike tasting the

bliss of nectar in the external world while sitting in secluded woods and having food prepared by beloved Sri Gurudev in the physical world"

**11. PARENTING :**

Shri Shri Thakura is our only father (the universal father) and we are his children.He always addressed us as "Dear child….". We are so fortunate to have him as the head of our family. He immensely loved children. In his life, he adopted two girls named Bimala maa and Narayani Maa (Leela). Narayani Maa addressed him as "Pita Thakura" or "Baba". He was a responsible father. He gave love, care and education needed for proper parenting. He bought toys for Leela Maa and did not hesitate to punish her for mischievous behaviour. He arranged a marriage for Bimala Maa and gifted her all the items a father would give a daughter on the day of her marriage. He made arrangements for Narayani Maa to stay in Nilachala Kutir after his departure from the mortal world.

"Shri Shri Thakur what not!!" was a quote from his famous disciple Sri Surendra Mohan Dasgupta, when he was amazed with Shri Shri Thakura's intelligence in various situations and in all areas apart from being "The supreme spiritual Guru".

These are just a few of the divine qualities of Shri Shri Thakur which he showed as a simple human being during his lifetime. Anyone who tries to follow his worldly actions, making Shri Shri Thakur the ideal of his life, can lead an ideal and peaceful life.

With His blessings, Let's pray before him to give us the knowledge and devotion to serve Him and be an ideal human being.

Sarva sruti si-o-ratna virajita padambuja
Vedanta mujasurjaya tatmayisi guruve namaha

Shri Shri Thakur Charanashrita
**Shri Nihar Ranjan Nayak**
America Saraswata Sangha

- ❖ ବସ୍ ! ମୁଁ ତୁମମାନଙ୍କର ହାତ ଧରିଛି । ସୁତରାଂ ନିରାଶ ହେବାର ସମ୍ଭାବନା ନାହିଁ । ଜପତପରେ ସ୍ପୃହା ନ ଥିଲେ ମଧ ମୋ ଆଦେଶ ମନେ କରି ଅଭ୍ୟାସ ଠିକ୍ ରଖିବ । ତାହା ହେଲେ ଶାନ୍ତି ଆପଣମାନଙ୍କୁ ଆସି ତୁମର ସେବା କରିବ । ସାଧନ, ଭଜନ ତୁମକୁ କରିବାକୁ ପଡ଼ିବ ନାହିଁ । ମୋର କେତୋଟି ଆଦେଶ ମାତ୍ର ତୁମେମାନେ ପାଳନ କରିଯାଅ । ମୁଁ ତୁମମାନଙ୍କ ନିକଟରେ ଏତିକି ଭିକ୍ଷା ମାଗୁଛି ।
- ❖ ଚିରକାଳ ଯାହା କହିଆସିଛି ପୁଣି ମଧ ଆଜି କହୁଛି । ଯେଉଁମାନେ ମୋତେ ମୋର ବୋଲି ଭାବି ମୋଠାରେ ଆତ୍ମସମର୍ପଣ କରି ମୋର ଶରଣ ନେଇଛନ୍ତି ସେମାନଙ୍କର ମୁକ୍ତି ନ ହେବା ପର୍ଯ୍ୟନ୍ତ ମୁଁ ମଧ ମୁକ୍ତ ହେବିନାହିଁ । ଆଶୀର୍ବାଦ କରୁଛି, ତୁମମାନଙ୍କର ଚିତ୍ତ ଶୁଦ୍ଧ ଓ ଉଦ୍‌ବୁଦ୍ଧ ହେଉ । ଅଭିମାନ ଯେପରି ତୁମକୁ ଲକ୍ଷ୍ୟଚ୍ୟୁତ କରି ନ ପକାଏ ।
- ❖ ସ୍ଥୁଳ ଦେହରେ ନ ଥିଲେ ମଧ ସ୍ଥୁଳଦେହରେ ଥିଲା ବେଳେ ମୁଁ ତୁମମାନଙ୍କୁ ଯେପରି ଭାବରେ ପରିଚାଳିତ କରୁଛି । ବିଦେହୀ ହେଲେ ମଧ ସେହି ଭାବରେ ପରିଚାଳନା କରିବି । ମୋର ଏଇ ସ୍ଥୂଳଦେହଟା ତୁମମାନଙ୍କର ଠାକୁର ନୁହେଁ । ଏହା ଭିତରେ ଯିଏ ଅଛନ୍ତି, ସିଏ ତୁମମାନଙ୍କ ଠାକୁର ।

– ଶ୍ରୀଶ୍ରୀଠାକୁର

# ସାର୍ବଭୌମ ଗୁରୁ ଶ୍ରୀଶ୍ରୀଠାକୁର

ଶ୍ରୀଶ୍ରୀଠାକୁର ନିଗମାନନ୍ଦ ପରମହଂସ ଦେବଙ୍କ ଜୀବନ ଦର୍ଶନର ଅନ୍ତରାଳରେ 'ସାର୍ବଭୌମ ଗୁରୁ' ଭାବରେ ଏହି ବିଶ୍ୱଜୀବନର ଆକୀଟ ବ୍ରହ୍ମପର୍ଯ୍ୟନ୍ତ ସର୍ବମୟ ସତ୍ତା ଭାବରେ ପ୍ରତ୍ୟେକ ଅଣୁପରମାଣୁରେ ସେ ନିଜକୁ ପ୍ରତ୍ୟକ୍ଷ କରି ମହାପୀଠ ତାରାପୀଠରେ ତାଙ୍କ ଭିତରେ ଜାଗ୍ରତ ହୋଇଥିବା ଜୀବନ ଜିଜ୍ଞାସା 'କୋହ'ର ପ୍ରଶ୍ନବାଚୀ ତନ୍ତ୍ରସାଧନାରୁ ଆରମ୍ଭ ହୋଇ ପୂର୍ଣ୍ଣରୂପରେ ତାଙ୍କ ଜୀବନରେ ଜ୍ଞାନ, ଯୋଗ ଓ ପ୍ରେମ ସାଧନାର ଚରମରେ 'ଗୁରୋହଂ' ଚେତନାରେ ତାଙ୍କୁ ପ୍ରତିଷ୍ଠିତ କରିଥିଲା । ଅନନ୍ତ ଜ୍ୟୋତି ପାରାବାରରୁ ନିର୍ବିକଳ୍ପ ଭୂମିରୁ 'ଗୁରୁ' ଭାବରେ ଭୂମାରୁ ଭୁବକୁ ଅବତରଣ କରି ହୃଦୟଭରା ଆନନ୍ଦ ନେଇ ସେ କହି ଉଠିଥିଲେ 'ତୋରା କେ କୋଥାୟ ଅଧମ, ପତିତ, ତୃଷିତ, ପାପୀ, ତାପୀ ଆଛିସ୍ ଛୁଟେ ଆୟ-'ଆମି ଯେ ଅମୃତେର୍ ଭାଣ୍ଡ ନିୟେ ଏସେଛି ସବାଇକେ ବିଲିୟେ ଦିୟେ ତୋଦେର୍ ମୁକ୍ତ କରେ ତୁଲବୋ, ଆମି ତୋ ଗୁରୁ, କାଉକେ ନିରାଶ କରତେ ପାରବନା' । ମହାକୌଳ ସିଦ୍ଧ ସାଧକ ବାମାକ୍ଷେପାଙ୍କ ଉତ୍ତରରେ ମା' ତାରା କହିଥିଲେ ତାକୁ କୁହ ସେ ଜ୍ଞାନସାଧନା କରିବେ ଓ ସାଧନାର ବିଭିନ୍ନ ସ୍ତର ଅତିକ୍ରମ କରି 'ସାର୍ବଭୌମ ଗୁରୁ' ଭାବରେ ପ୍ରତିଷ୍ଠିତ ହେବ । ଶ୍ରୀଶ୍ରୀଠାକୁର ଯୋଗସାଧନାରେ ପ୍ରବୃତ୍ତ ହେବା ପୂର୍ବରୁ ତାଙ୍କ ଜ୍ଞାନୀଗୁରୁ ସଚ୍ଚିଦାନନ୍ଦ ପରମହଂସଙ୍କ ନିର୍ଦ୍ଦେଶରେ ଯୋଗୀଗୁରୁ ଅନୁସନ୍ଧାନରେ ବହିର୍ଗତ ହୋଇ ଯୋଗୀରାଜ ସୁମେରୁଦାସଜୀଙ୍କୁ ପ୍ରାପ୍ତ ହୋଇ ତାଙ୍କ ଅତୀତ ବର୍ତ୍ତମାନ ଓ ଭବିଷ୍ୟତ ସାଧନ ଓ ସିଦ୍ଧଜୀବନର ଅନେକ ଗୁହ୍ୟ ତତ୍ତ୍ୱ ଅବଗତ ହୋଇଥିଲେ ଏବଂ ତାଙ୍କୁ ତାଙ୍କ ଯୋଗୀଗୁରୁ କହିଥିଲେ-ଧର୍ମରାଜ୍ୟରେ ଘଟୁଥିବା ବିଭେଦର ଓ ସମ୍ପ୍ରଦାୟର ଗଣ୍ଡି ଖଣ୍ଡନ କରି ତୁ ଅସାମ୍ପ୍ରଦାୟିକ ଧର୍ମ ମତ ପ୍ରଚାର କରିବୁ ଓ ସାର୍ବଭୌମ ଗୁରୁ ହେବୁ । 'ତେଣୁ ସେ 'ଗୁରୋହଂ' ଚେତନାରେ ସୃଷ୍ଟି ଶତଦଳରେ ପ୍ରସ୍ଫୁଟିତ ହୋଇ ଜଗଦ୍‌ଗୁରୁଙ୍କ ଇଚ୍ଛାରେ ଜଗଦ୍ଧିତକର ସେବା ବ୍ରତରେ ବ୍ରତୀ ହୋଇ ସାର୍ବଭୌମ ଗୁରୁ ଭାବରେ ଏ ଜଗତର ଅଗଣିତ ଜନସାଧାରଣଙ୍କ ଗୁରୁଭାବରେ ସମସ୍ତଙ୍କର ଉଦ୍ଧାର ଭାର ନିଜ ସ୍କନ୍ଧରେ ବହନ କରି ଶେଷରେ ଜଣେ ବ୍ରହ୍ମଚାରୀଙ୍କ ପ୍ରଶ୍ନର ଉତ୍ତର ଦେବାକୁ ଯାଇ କହିଥିଲେ- ଲୋକେ ମାନୁଷ ଗୁରୁ ଦେଖେଛେ, ଭଗବାନ୍ ଗୁରୁ ଦେଖେନି (ନିଜ ଆଡ଼କୁ ଆଙ୍ଗୁଳି ନିର୍ଦ୍ଦେଶ କରି) ତାରା ଭଗବାନଗୁରୁ ଦେଖ୍‌ତେ ଏ ସେଛେ । ତେଣୁ ଶ୍ରୀଶ୍ରୀଠାକୁର ଏକାଧାରରେ ଗୁରୁ, ସଦ୍‌ଗୁରୁ, ଜଗଦ୍‌ଗୁରୁ, ସାର୍ବଭୌମ ଗୁରୁ ଓ ଭଗବାନ ଗୁରୁ । ସେ କେବଳ ତାଙ୍କ ଶିଷ୍ୟଭକ୍ତମାନଙ୍କର ଗୁରୁ ନୁହନ୍ତି, ସେ ଜଗତର ପ୍ରତି ଅଣୁପରମାଣୁଠାରୁ ଆରମ୍ଭ କରି ବ୍ରହ୍ମାତିରିକ୍ତ ସମସ୍ତ ଦିବ୍ୟଶକ୍ତିଙ୍କର ମଧ୍ୟ ଗୁରୁ । ସେଥିପାଇଁ ସେ କହିଛନ୍ତି- 'ଚିରକାଳ ଯାହା କହି ଆସିଛି ପୁଣି କହୁଛି ଯେଉଁମାନେ ମୋତେ ମୋର ବୋଲି ଆତ୍ମସମର୍ପଣ କରି ଶରଣ ନେଇଛନ୍ତି, ସେମାନଙ୍କର ମୁକ୍ତି ନ ହେବା ପର୍ଯ୍ୟନ୍ତ ମୁଁ ମଧ୍ୟ ମୁକ୍ତ ହେବି ନାହିଁ ।'

ସେ ଆହୁରି କହିଛନ୍ତି- '× × × ମୋର ଶିଷ୍ୟ ନ ହୋଇ ମଧ୍ୟ ଯଦି ମୃତ୍ୟୁକାଳରେ ମୋର ଦର୍ଶନ ପାଇଯାଏ, ତେବେ ତୁମମାନଙ୍କ ସମ୍ବନ୍ଧରେ ଆଉ କଥା କ'ଣ ? ବିଶ୍ୱାସ ହେଉ ବା ନ ହେଉ ମୋ କର୍ତ୍ତବ୍ୟ ମୁଁ ଯଥା ସମୟରେ ପାଳନ କରିବି । ଯଥା ସମୟରେ ଯଥା ସ୍ଥାନରେ ଦର୍ଶନ ଦେଇ ତୁମମାନଙ୍କର ଗନ୍ତବ୍ୟ ପଥ ନିର୍ଦ୍ଦେଶ କରିଦେବି ।' (ଅଭୟବାଣୀ) ତେଣୁ ଲୋକାଳୟକୁ ଆଗମନ କରି ସେ ପ୍ରଥମେ ସର୍ବଧର୍ମ ସମନ୍ୱୟ ଓ ଅସାମ୍ପ୍ରଦାୟିକ ଭାବରେ ସନାତନ ଧର୍ମ ପ୍ରଚାର ଓ ପ୍ରସାର କରିବା ପାଇଁ ସୁଦୂର ଆସାମର ଯୋରହାଟ ସହରରେ ଅନତିଦୂରରେ କୋକିଳାମୁଖରେ ମୂର୍ତ୍ତିବିହୀନ ଗୁରୁବ୍ରହ୍ମ ଆସନ ପ୍ରତିଷ୍ଠା କଲେ । ଫଳରେ ସମ୍ପ୍ରଦାୟ ନିର୍ବିଶେଷରେ ଯେ କୌଣସି ସାଧକ ସେହି ଗୁରୁବ୍ରହ୍ମ ଆସନ ସମ୍ମୁଖରେ ବସି ସ୍ୱ ସ୍ୱ ଗୁରୁଙ୍କ ଉପାସନା କରିପାରିବେ ।

ସର୍ବଧର୍ମ ସମନ୍ୱୟ ଓ ଅସାମ୍ପ୍ରଦାୟିକ ଭାବରେ ଧର୍ମର ବିସ୍ତାରର ଆଉ ଗୋଟିଏ ପଦକ୍ଷେପ ତାଙ୍କର ଯୁଗମନ୍ତ୍ର, ସିଦ୍ଧମନ୍ତ୍ର ଓ ମହାମନ୍ତ୍ର 'ଜୟଗୁରୁ' ମହାନାମର ପ୍ରବର୍ତ୍ତନ । ଏହିଭଳି ଅସାମ୍ପ୍ରଦାୟିକ ନାମ ଶ୍ରୀଶ୍ରୀଠାକୁରଙ୍କ ପୂର୍ବରୁ ଆଉ କେହି ପ୍ରଚାର କରିନଥିଲେ । ଶକ୍ତି ଉପାସକ, କୃଷ୍ଣ ଉପାସକ, ଶିବ ଉପାସକ ଓ ହିନ୍ଦୁଧର୍ମର ଅନ୍ୟ କୌଣସି ଦେବଦେବୀ ଉପାସକ ଏପରିକି ମୁସଲମାନ, ଖ୍ରୀଷ୍ଟିୟାନ ଯେ କୌଣସି ଧର୍ମାବଲମ୍ବୀ ହୁଅନ୍ତୁ ନା କାହିଁକି ସମସ୍ତେ ଗୁରୁଙ୍କୁ ସ୍ୱୀକାର କରନ୍ତି । ଏଥିପାଇଁ ମହାନାମ 'ଜୟଗୁରୁ' ସର୍ବ ସାମ୍ପ୍ରଦାୟିକତାର ଉର୍ଦ୍ଧ୍ୱରେ ଏକ ସମନ୍ୱୟକାରୀ ଅସାମ୍ପ୍ରଦାୟିକ ନାମ ଓ ଏହି ନାମ ଶ୍ରୀଶ୍ରୀଠାକୁର ପ୍ରବର୍ତ୍ତନ କରି ତାଙ୍କ ସାର୍ବଭୌମତ୍ୱର ପ୍ରତିଷ୍ଠା କରିଛନ୍ତି । ବୈଦିକ ଯୁଗରେ ଆଚାର୍ଯ୍ୟଙ୍କ ପୂଜା ପରମ ଦେବତା ରୂପରେ, ଗୁରୁରୂପରେ ପ୍ରଚଳିତ ଥିଲା । ଆଚାର୍ଯ୍ୟ ବ୍ରହ୍ମଣ

ମୂର୍ତ୍ତି । ନିରାକାର ନିରଞ୍ଜଙ୍କର ନରାକାର ରୂପ-**'ଗୁରୁ'** । ଆଚାର୍ଯ୍ୟ ଦେବୋ ଭବଃ । ଶ୍ରୀଶ୍ରୀଠାକୁର ଜୀବଦୁଃଖବିଗଳିତ ଚିତ୍ତରେ ଆପାମର ବଦ୍ଧଜୀବଙ୍କୁ ଉଦ୍ଧାର କରିବା ନିମିତ୍ତ ନରବପୁ ଧାରଣ କରି ଧରାପୃଷ୍ଠକୁ ଆଗମନ କରିଥିଲେ । 'ଜୟଗୁରୁ' ଅସାମ୍ପ୍ରଦାୟିକ ମହାନାମ ଅର୍ଥାତ୍-ନିଜ ନିଜ ଗୁରୁଙ୍କର ଜୟ । ଗୁରୁତତ୍ତ୍ୱ ମୂଳତଃ ଏକ । ଏହି 'ଜୟଗୁରୁ' ମହାମନ୍ତ୍ର ଦିନେ ସମଗ୍ର ବିଶ୍ୱରେ ପରିବ୍ୟାପ୍ତ ହେବ ଓ ଏହି ମହାମନ୍ତ୍ର ଜପ ଫଳରେ ସମସ୍ତେ ନିଜ ନିଜ ଗୁରୁଙ୍କୁ ଅନ୍ତରରେ ଓ ବାହାରେ ପ୍ରତି ଅଣୁରେ, ପ୍ରତ୍ୟେକ ଜୀବ ମଧ୍ୟରେ ପ୍ରତ୍ୟକ୍ଷ କରିବେ । ଏହା ଶ୍ରୀଶ୍ରୀଠାକୁରଙ୍କର ସମଗ୍ର ବିଶ୍ୱକୁ ଏକ ସାର୍ବଭୌମ ମହାଦାନ । 'ଜୟଗୁରୁ' ନାମର ବ୍ୟାପକ ଅର୍ଥ ହେଉଛି-ଆମର ସ୍ୱାର୍ଥପର ଇଚ୍ଛା ଚୂର୍ଣ୍ଣ ହେଉ, ଶ୍ରୀଗୁରୁଙ୍କ ମହତୀ ଇଚ୍ଛା ଆମ ଭିତରେ ଫୁଟିଉଠି ଜୟଯୁକ୍ତ ହେଉ ।

ଶ୍ରୀଶ୍ରୀଠାକୁରଙ୍କର ସାର୍ବଭୌମତ୍ୱର ଆଉ ଏକ ନିଦର୍ଶନ ୧୩୧୫ ସାଲରେ (୧୯୦୮ମସିହାରେ) ଦୁର୍ଗାପୁର ଶାନ୍ତି ଆଶ୍ରମରେ ଅବସ୍ଥାନ କରୁଥିବା ସମୟରେ ସନାତନ ଧର୍ମର ମୁଖପତ୍ର 'ଆର୍ଯ୍ୟଦର୍ପଣ'ର ପ୍ରକାଶନ । ଏହାକୁ ସନାତନ ଧର୍ମର ମୁଖପତ୍ର ଭାବରେ ପ୍ରକାଶ କରିବାର କାରଣ ହେଲା-ଏଥିରେ ଧର୍ମବିଷୟକ ଆଲୋଚନାର ବିଭିନ୍ନ ପ୍ରବନ୍ଧ ଓ କବିତା ପ୍ରଭୃତି ପ୍ରକାଶ କରି ଜନସାଧାରଣଙ୍କ ମଧ୍ୟରେ ଧର୍ମୀୟ ଭାବନାକୁ ଜାଗ୍ରତ କରିତୋଳିବା । ସେହିଦିନଠାରୁ ବିଭିନ୍ନ ବାଧାବିଘ୍ନ ମଧ୍ୟ ଦେଇ ଏହି ବିଜ୍ଞାପନ ବିହୀନ ପତ୍ରିକା ଆଜି ପର୍ଯ୍ୟନ୍ତ ପ୍ରକାଶିତ ହୋଇ ଅସାମ୍ପ୍ରଦାୟିକ ମତର ପ୍ରଚାର ଓ ପ୍ରସାରରେ ବ୍ରତୀ ଅଛି । ଏହା ମଧ୍ୟ ସାର୍ବଭୌମ ଗୁରୁଙ୍କର ଏ ଜଗତକୁଏକ ସାର୍ବଭୌମ ଦାନ । ଏହାଛଡ଼ା ତାଙ୍କର କୃଚ୍ଛ୍ର ସାଧନଲବ୍ଧ ସମସ୍ତ ଆଧ୍ୟାତ୍ମିକ ଅନୁଭୂତିର ସୁଧାମୟ ଫଳକୁ ସେ ଜଗତ୍ ବାସୀଙ୍କ ହସ୍ତରେ ତୋଳିଦେଇଛନ୍ତି- ପାଞ୍ଚଖଣ୍ଡ ପୁସ୍ତକ ରଚନା କରି-'ଯୋଗୀଗୁରୁ', 'ଜ୍ଞାନୀଗୁରୁ', 'ତାନ୍ତ୍ରିକଗୁରୁ' ଓ 'ପ୍ରେମିକଗୁରୁ' ଏବଂ 'ବ୍ରହ୍ମଚର୍ଯ୍ୟ ସାଧନ' କରି । ଚତୁଃସାଧନସିଦ୍ଧ- ଯୋଗ, ଜ୍ଞାନ, ତନ୍ତ୍ର ଓ ପ୍ରେମ ସାଧନାରେ ସିଦ୍ଧିଲାଭ କରି ପୂର୍ଣ୍ଣବ୍ରହ୍ମରେ ପ୍ରତିଷ୍ଠିତ ହୋଇ କେବଳ ଜଗତର ମଙ୍ଗଳ ନିମିତ୍ତ ଯେଉଁ ଜଗଦ୍ଧିତକର କାର୍ଯ୍ୟର ବ୍ରତରେ ବ୍ରତୀ ହୋଇ ନିଜକୁ ସମର୍ପିତ କରିଦେଇଛନ୍ତି ତାହା ତାଙ୍କର ସାର୍ବଭୌମତ୍ୱ ପ୍ରତିପାଦନ କରେ ।

ସାର୍ବଭୌମ ଗୁରୁ ଶ୍ରୀଶ୍ରୀଠାକୁର ନିଗମାନନ୍ଦ ପରମହଂସ ଦେବଙ୍କର ଲକ୍ଷ୍ୟ-ସର୍ବଧର୍ମ ସମନ୍ୱୟ ଓ ଅସାମ୍ପ୍ରଦାୟିକ ଭାବରେ ଧର୍ମର ବିସ୍ତାର ଓ ସମଗ୍ର ଜଗତରେ ଭ୍ରାତୃଭାବର ପ୍ରତିଷ୍ଠା । ଏହି ଆଦର୍ଶ କେବଳ ଗୁରୁବାଦ ମାଧ୍ୟମରେ ହିଁ ସାଧିତ ହୋଇପାରିବ । ସେଥିପାଇଁ ଶ୍ରୀଶ୍ରୀଠାକୁର କହିଛନ୍ତି-କେବଳ ଏହି ଗୁରୁବାଦ ମଧ୍ୟ ଦେଇ ବିଭିନ୍ନ ସମ୍ପ୍ରଦାୟ ମଧ୍ୟରେ ମିଳନର ଗୋଟିଏ ସୂକ୍ଷ୍ମସୂତ୍ର ନିହିତ ଅଛି । ଯଦି ଏହି ବିଚ୍ଛିନ୍ନ ଭାବରେ ଥିବା ବିଭିନ୍ନ ସମ୍ପ୍ରଦାୟଙ୍କର କେଉଁଦିନ ମିଳନ ସମ୍ଭବ ହୁଏ ତାହା ଏହି ଗୁରୁବାଦ ମାଧ୍ୟମରେ ହିଁ ସମ୍ଭବ ହେବ ।'

'ଶ୍ରୀଶ୍ରୀଠାକୁର ଜଗଦ୍‌ଗୁରୁଙ୍କ ମୂର୍ତ୍ତିବିହୀନ ଆସନ ପ୍ରତିଷ୍ଠା ଏବଂ 'ଜୟଗୁରୁ' ମହାନାମ ପ୍ରଚାର-ଏହି ଉଭୟ ଦ୍ୱାରା ଗୁରୁବାଦର ପ୍ରତିଷ୍ଠା କରିଛନ୍ତି । ହିନ୍ଦୁମାତ୍ରକେ ଗୁରୁବାଦ ସ୍ୱୀକାର କରୁଥିବାରୁ ଏହି ଗୁରୁବାଦର ମଧ୍ୟ ଦେଇ ସାମଞ୍ଜସ୍ୟ ଆନୟନ ଏବଂ ସର୍ବଧର୍ମ ସମନ୍ୱୟ ସମ୍ଭବପର ହୋଇପାରିବ ।

ଗୁରୁତତ୍ତ୍ୱ-ସର୍ବୋଚ୍ଚ ତତ୍ତ୍ୱ, ସର୍ବଶ୍ରେଷ୍ଠ ତତ୍ତ୍ୱ, ସର୍ବବ୍ୟାପକ ତତ୍ତ୍ୱ, ନିତ୍ୟ ତତ୍ତ୍ୱ ଓ ଏହି ସର୍ବଶ୍ରେଷ୍ଠ ତତ୍ତ୍ୱରେ ଗୁରୁବିନ୍ଦୁରେ ନିଜକୁ ଗୁରୁ ଭାବରେ ପ୍ରତ୍ୟକ୍ଷ କରି ହିଁ ଶ୍ରୀଶ୍ରୀଠାକୁରଙ୍କର ନିର୍ବିକଳ୍ପ ଭୂମିରୁ ଗୁରୋବତରଣ । 'ଜଗଦ୍‌ଗୁରୁ ମନ୍ତ୍ରପୂତ ଜନ, ମନୁଷ୍ୟ ଗୁରୁଙ୍କ ଭିତରେ ତାଙ୍କର ପ୍ରକାଶ । ଯେ ଜଗଦ୍‌ଗୁରୁଙ୍କ ଇଚ୍ଛାରେ ଏହି ମନ୍ତ୍ରପୂତ ଜଳ ହାତରେ ଧରି ଏହି ଜଗତକୁ ଅବତରଣ କରନ୍ତି, ସେ ସଦ୍‌ଗୁରୁ । ତାଙ୍କ ଦ୍ୱାରା ଜଗତର କାର୍ଯ୍ୟ ହୁଏ । ଯାହାଙ୍କର ନିର୍ବିକଳ୍ପ ସମାଧି ହୋଇଛି ତାଙ୍କୁ ସଦ୍‌ଗୁରୁ କହନ୍ତି । ସେ ହିଁ କେବଳ ଅନ୍ୟକୁ କୃପା କରିପାରିବେ । ଯେ ନିଜେ କୃପାସିଦ୍ଧ, ସେ ପୁଣି ଅନ୍ୟକୁ କୃପା କରିବେ କିପରି ? ଏକମାତ୍ର ସଦ୍‌ଗୁରୁ କୃପା କରିପାରନ୍ତି ।

ଶ୍ରୀଶ୍ରୀଠାକୁରଙ୍କ ସ୍ଥୂଳବର୍ତ୍ତମାନ କାଳରେ ତାଙ୍କ ସାର୍ବଭୌମତ୍ୱର ପରିଚାଳକ ଭାବରେ କେତେକ ସ୍ଥୂଳ 'ଲୀଳା-ସ୍ମୃତି'ର ଅବତାରଣା କରାଯାଇଛି ।

୧) ଆସାମ ବଙ୍ଗୀୟ ସାରସ୍ୱତ ମଠରେ ଉକ୍ତ ସମ୍ମିଳନୀ ଅନୁଷ୍ଠିତ ହୋଇ ଶେଷ ହୋଇଯାଇଥାଏ । ଉକ୍ତ ସମ୍ମିଳନୀର ଚତୁର୍ଥ ଦିନ । ହଠାତ୍ ଦେଖାଗଲା ଶ୍ରୀଶ୍ରୀଠାକୁର ତାଙ୍କ ବିଶ୍ରାମ କକ୍ଷରୁ ଖଡ଼ମ ପିନ୍ଧି କଟି ଦେଶରେ ଗାମୁଛାଟିଏ ବାନ୍ଧି ଆସି ସମ୍ମିଳନୀ

କ୍ଷେତ୍ରରେ ପହଞ୍ଚିବା ମାତ୍ରେ ତାଙ୍କୁ ଏକ ଚେୟାର ଦିଆଗଲା । ସେ ସମସ୍ତଙ୍କ ଉପରେ ସେତେବେଳେ କ୍ଷୁବ୍ଧ ଓ ବିରକ୍ତ ହୋଇଥାନ୍ତି । ତାଙ୍କର ଏହି ଗୁରୁଗମ୍ଭୀର ଭାବ ଦେଖି ସମସ୍ତେ ଭୟଭୀତ ହୋଇଥାଆନ୍ତି । ଶ୍ରୀଶ୍ରୀଠାକୁର କହିଲେ-'କିଏ କେଉଁଆଡ଼େ ଗଲେ? ସମ୍ମିଳନୀ ଶେଷରେ ଆଜି କର୍ଦ୍ଦମୋତ୍ସବ ହେବା କଥା । କାହିଁକି ତା'ର ବ୍ୟବସ୍ଥା ହୋଇନାହିଁ? ଶ୍ରୀଶ୍ରୀଠାକୁରଙ୍କ ଆହ୍ୱାନରେ ଯେଉଁମାନେ ସେଦିନ ମଠରେ ଉପସ୍ଥିତ ଥିଲେ ସମସ୍ତେ ଆସି ପହଞ୍ଚିଲେ । ଶ୍ରୀଶ୍ରୀଠାକୁର ସମସ୍ତଙ୍କୁ ଲକ୍ଷ୍ୟ କରି କହିଲେ 'ମୁଁ ମୋ ପ୍ରତିଷ୍ଠିତ ମଠ ଆଶ୍ରମଗୁଡ଼ିକରେ ଯେଉଁସବୁ ବିଧିବ୍ୟବସ୍ଥା ପ୍ରବର୍ତ୍ତନ କରିଛି- ତାହା ବେଦଭିତ୍ତିକ । ଏହା ସବୁ ସନାତନ ଧର୍ମ ପ୍ରଚାର ଓ ଋଷିଯୁଗର ପୁନଃପ୍ରତିଷ୍ଠାର ଧାରାରେ ପ୍ରତିଷ୍ଠିତ । ଏହି ଉକ୍ତ ସମ୍ମିଳନୀ ଯେଉଁଠି ଅନୁଷ୍ଠିତ ହେଉଛି, ସେଠାରେ କୀର୍ତ୍ତନ କରାଯାଉଥିବା ଓ ଧ୍ୱନିତ ହେଉଥିବା 'ଜୟଗୁରୁ' ନାମ ଯେତେଦୂର ପର୍ଯ୍ୟନ୍ତ ଶୁଭିବ ସେତେଦୂରରେ ଥିବା ପଶୁପକ୍ଷୀ, ଜୀବଜନ୍ତୁ, ବୃକ୍ଷଲତା, ତୃଣଗୁଳ୍ମ ଓ ଆପାମର ଜନସାଧାରଣ ସମସ୍ତେ ଆଧ୍ୟାତ୍ମିକ ଉନ୍ନତିର ସୋପାନରେ ଅଧିରୋହଣ କରିବେ । ଏପରିକି ନର୍ଦ୍ଦମା ଓ ନାଳରେ ଭାସିଯାଉଥିବା ପ୍ରସାଦ କଣିକା ମଧ୍ୟ ଯେ ଭକ୍ଷଣ କରିବେ ସେମାନଙ୍କର ମଧ୍ୟ ଆଧ୍ୟାତ୍ମିକ ଉନ୍ନତି ହେବ । ଏହା ହିଁ ସାବ୍ୟେଭୌମଗୁରୁଙ୍କର ସାର୍ବଭୌମତ୍ୱର ପରିଚୟ ।

୨) ଗୀତାର ଏକବାଣୀ ଉଦ୍ଧାର କରି ଶ୍ରୀଶ୍ରୀଠାକୁର ତାଙ୍କର ଏକ ଶିଷ୍ୟଙ୍କୁ ଏକ ପତ୍ରରେ ଲେଖିଥିଲେ-ଯେ ଯଥା ମାଂ ପ୍ରପଦ୍ୟନ୍ତେ ତାଂ ସ୍ତଥୈବ ଭଜାମ୍ୟହମ୍'- ସହଜ ସରଳ ଭାବରେ ଯେ ତାଙ୍କୁ ଯେତେ ଭଲପାଇଲା ସେ ସେତେ ତାଙ୍କୁ ଉପଲବ୍ଧି କରିପାରିବ । ସେଥିପାଇଁ ଶ୍ରୀଶ୍ରୀଠାକୁର କହିଛନ୍ତି-'ଶ୍ରୀକୃଷ୍ଣ ସତ୍ୟସ୍ୱରୂପ ଥିଲେ । ତାଙ୍କୁ ଗୋପୀମାନେ ମନୁଷ୍ୟ ଭାବରେ ଭାବିଥିଲେ ମଧ୍ୟ ସେମାନଙ୍କ ମଧ୍ୟରେ ଶ୍ରୀକୃଷ୍ଣଙ୍କ ସ୍ୱରୂପ ଆପଣା ମନକୁ ଫୁଟି ଉଠୁଥିଲା । ଯେପରି ମୁଁ ଜୀବନ୍ମୁକ୍ତ ମହାପୁରୁଷ, ସଦଗୁରୁ । ଏସବୁ ଛାଡ଼ିଦେଲେ ମଧ୍ୟ ଯଦି କେହି ମୋତେ ଖାଣ୍ଟି ମନୁଷ୍ୟ ଭାବରେ ସୁଖପାଆନ୍ତି ତେବେ ତାଙ୍କ ଚିତ୍ତ ନିଶ୍ଚୟ ଉନ୍ନତ ହୋଇଉଠିବ । ଜଣେ ସାଧାରଣ ମନୁଷ୍ୟଙ୍କୁ ଯଦି କେହି ପ୍ରାଣ ଦେଇ ଠିକ୍ ଠିକ୍ ସୁଖ ପାଆନ୍ତି ତେବେ ତାଙ୍କ ଭିତରେ ଭଗବାନ୍ ଫୁଟିଉଠିବେ ।

ଏହିଭଳି ପୂର୍ବବଙ୍ଗର ଜୟଦେବପୁରର ଏକ ବିସ୍ମୃତିର ଅନ୍ତରାଳରେ ଥିବା ନିଗମାନୁରାଗୀ ପରିବାରଙ୍କ ସମ୍ପର୍କରେ ନିମ୍ନରେ ଆଲୋଚନା କରାଯାଉଛି । ସେମାନେ ଶ୍ରୀଶ୍ରୀଠାକୁରଙ୍କ ଶିଷ୍ୟଶିଷ୍ୟା ନ ହୋଇ ମଧ୍ୟ ଶ୍ରୀଶ୍ରୀଠାକୁରଙ୍କୁ କେବଳ ସହଜ ଭାବରେ ସୁଖପାଇ କିପରି ତାଙ୍କ ଆଶୀର୍ବାଦଭାଜନ ହୋଇଥିଲେ ତାହା ଏବେ ବିସ୍ମୃତି ଗର୍ଭରେ ।

ପୂର୍ବବଙ୍ଗର ଜୟଦେବପୁର ଅଞ୍ଚଳରେ ବସବାସ କରୁଥିବା ଜଣେ ବ୍ୟକ୍ତି ଦଙ୍ଗାବିଧ୍ୱଂସ୍ତ ଏହି ଅଞ୍ଚଳ ଛାଡ଼ି କଲିକତାର ପକୁରପୁକୁର ଅଞ୍ଚଳରେ ଆସି ବସତି ସ୍ଥାପନ କରି ରହୁଥିଲେ । ସେ ଯେଉଁ ସମୟର କଥା କହିଛନ୍ତି ତାଙ୍କୁ ସେତେବେଳେ ୧୦/୧୨ ବର୍ଷ ବୟସ ହେବ । ତାଙ୍କ ବାପା ଥିଲେ ଜୟଦେବପୁର ରେଳଷ୍ଟେସନର ସହକାରୀ ଷ୍ଟେସନମାଷ୍ଟର । ସେମାନେ ଥିଲେ ଚାରି ଭାଇ ଭଉଣୀ ଓ ରେଲୱେ କ୍ୱାଟରସ୍‌ରେ ରହୁଥିଲେ । ଦିନେ ବାପା କହିଲେ- ପୁଅରେ, ଚାଲ ଜଣେ ସାଧୁ ଆସୁଛନ୍ତି ଆଜି ଦର୍ଶନ କରିବାକୁ ଯିବା । ଖୁବ୍ ଉଚ୍ଚକୋଟୀର ସାଧୁ । ତୁମେ ତାଙ୍କ ନିକଟରେ ଯାହା ଚାହିଁବ ତାହା ପାଇବ । ବାପାଙ୍କ ସହିତ ବାଳକ ଜଣକ ଜୟଦେବପୁର ରେଳଷ୍ଟେସନର ବିଶ୍ରାମ କକ୍ଷକୁ ଗଲା । ସଙ୍ଗରେ ମାଆ ଓ ଅନ୍ୟ ଭାଇଭଉଣୀ ମାନେ ମଧ୍ୟ ଥିଲେ । କିନ୍ତୁ ବାଳକ ଜଣକର ଔତ୍ସୁକଭରା ଚକ୍ଷୁ ଖୋଜି ବୁଲୁଥିଲା, ରେଳଷ୍ଟେସନର ବିଶ୍ରାମ କକ୍ଷରେ ସେହି ସାଧୁଙ୍କୁ ବରଂ ଦେଖିଥିଲା ଜଣେ ଜମିଦାର ଶ୍ରେଣୀୟ ଭଦ୍ରବ୍ୟକ୍ତି ଇଜିଚେୟାରରେ ବସିଛନ୍ତି । ପିନ୍ଧିଛନ୍ତି ଚଉଡ଼ାପାଡି ଦାମୀଧୋତି, ଦୁଇ ହାତର ଅଙ୍ଗୁଳିରେ ସୁନାମୁଦି । ଗଡ଼ଗଡ଼ାର ନଳ ମୁଖରେ ଲାଗିଛି ଓ ତମାଖୁ ଖାଉଛନ୍ତି । ବାପା କହିଲେ-'ପୁଅରେ ତାଙ୍କୁ ପ୍ରଣାମ କର । ଏହିଁ ସେହି ସାଧୁ ।' ବଡ଼ହେବା ପରେ ଏହି ବାଳକ ଯାହା କହିଥିଲେ ତାଙ୍କ ଭାଷାରେ-'ବାପାଙ୍କ କଥା ଶୁଣି ମୁଁ ତ ଆକାଶରୁ ପଡ଼ିଲି । ଏହି ବ୍ୟକ୍ତି ପୁଣି ସାଧୁନା କ'ଣ? ମସ୍ତକରେ ଜଟା ନାହିଁ । ଅତିକମ୍‌ରେ ଗେରୁଆ ବସନ ପିନ୍ଧିନାହାନ୍ତି । ଏ ପୁଣି କେଉଁଭଳି ସାଧୁରେ ବାବା? ଡେରି କରୁଛି ଦେଖି ବାପା ମୋତେ ପୁଣି କହିଲେ ତାଙ୍କୁ ପ୍ରଣାମ କରିବା ପାଇଁ । ଇତିମଧ୍ୟରେ ଅନ୍ୟ ସମସ୍ତେ ପ୍ରଣାମ କରିସାରିଥା'ନ୍ତି । ଆଉ କାଳବିଳମ୍ବ ନ କରି ମୁଁ ଲୋଟିପଡ଼ିଲି ତାଙ୍କ ଶ୍ରୀଚରଣରେ । ଆଶ୍ଚର୍ଯ୍ୟ! ତାଙ୍କ ଶ୍ରୀପାଦପଦ୍ମରେ ପ୍ରଣାମ କରିବା ସମୟରେ କିପରି ଏକ ପ୍ରାଣ ମତାଣିଆ ସୁମିଷ୍ଟ ଗୋଲାପର ମଧୁର ମହକ ପାଇଲି । ସାରା ଜୀବନରେ ମୁଁ ସେଭଳି ସୁଗନ୍ଧ ଆଉ କେଉଁଠି ପାଇନାହିଁ । ଆଉ ଶ୍ରୀପାଦପଦ୍ମର ରଙ୍ଗ! ସେ କଥା ଆଉ କ'ଣ କହିବି? ଯେପରି ଲବଣୀ ଦେଇ ସେ ପଦଯୁଗଳ ତିଆରି ହୋଇଛି- ଲାଲ୍ ଟୁକ୍ ଟୁକ୍

ରଙ୍ଗ । ପରେ ଜ୍ଞାନ ହେବାରୁ ବିଭିନ୍ନ ଧର୍ମଗ୍ରନ୍ଥ ପାଠ କରି ଓ ସାଧୁମହାପୁରୁଷମାନଙ୍କଠାରୁ ଜାଣିଛି ଯେ- ବ୍ରହ୍ମବିଦ୍ ପୁରୁଷମାନଙ୍କର ଏହା ହିଁ ଲକ୍ଷଣ । ପରେ ବାପାଙ୍କ ନିକଟରୁ ଶୁଣିଛି-ସେ ହେଉଛନ୍ତି ସ୍ୱାମୀ ନିଗମାନନ୍ଦ ସରସ୍ୱତୀ ପରମହଂସ ଦେବ । ବାପା କହୁଥିଲେ ସେ ଥିଲେ ଜଣେ ଖୁବ୍ ଉଚ୍ଚକୋଟୀର ସାଧକ, କିନ୍ତୁ ରହୁଥିଲେ ଖୁବ୍ ସାଧାରଣ ଭାବରେ । ତାଙ୍କ ନିକଟରୁ ଶ୍ରୀଶ୍ରୀଠାକୁରଙ୍କର ଅନେକ ଅଲୌକିକ କାହାଣୀ ଶୁଣିଛି ଯାହା ପ୍ରକୃତରେ ଚମକପ୍ରଦ । ବାପା ତାଙ୍କୁ ଥରେ ଅନୁରୋଧ କଲେ ଦୀକ୍ଷାଦେବା ପାଇଁ । କିନ୍ତୁ ସେ କହିଲେ-ଦେଖ, ମୁଁ ତୁମର ଗୁରୁ ନୁହେଁ । ତୁମର ଗୁରୁ ନିର୍ଦ୍ଦିଷ୍ଟ ଅଛନ୍ତି, ଯଥା ସମୟରେ ତୁମେ ତାଙ୍କ ଦେଖା ପାଇବ । ପରବର୍ତ୍ତୀ କାଳରେ ବାପା ଭୋଳାଗିରି ମହାରାଜଙ୍କଠାରୁ ଦୀକ୍ଷା ନେଇଥିଲେ ।

ବର୍ତ୍ତମାନ ଆମ ପରିବାର ଉପରେ ଶ୍ରୀଶ୍ରୀଠାକୁରଙ୍କର ଏକ ଅଯାଚିତ କରୁଣାର କଥା କହୁଛି । ସେଦିନ ଯଦି କୃପା କରି ସେ ଆମମାନଙ୍କ ପରିବାରକୁ ବଞ୍ଚାଇ ନ ଥାନ୍ତେ-ତାହେଲେ ଆମମାନଙ୍କ ଅବସ୍ଥା ଯେ କ'ଣ ହୋଇଥାଆନ୍ତା, ଆଜି ମଧ୍ୟ ସେ କଥା ଭାବିଲେ ଛାତି ଥରିଉଠେ । ମୁଁ ସେତେବେଳେ ପ୍ରଥମ ଶ୍ରେଣୀରେ ପଢୁଥିଲି । ଅନ୍ୟାନ୍ୟ ଭାଇଭଉଣୀମାନେ ମଧ୍ୟ ସେତେବେଳେ ସ୍କୁଲରେ ପଢୁଥିଲେ । ବଡ଼ଭଉଣୀ ବିବାହଯୋଗ୍ୟା, ତା'ର ବିବାହ ପାଇଁ ବିଭିନ୍ନ ସ୍ଥାନରେ ଦେଖାଶୁଣା ଚାଲୁଥିଲା । ବାପା ହିଁ ଏକମାତ୍ର ଉପାର୍ଜନ କରୁଥିଲେ । ତାଙ୍କ ଉପରେ ପରିବାରର ଆଠଜଣ ନିର୍ଭର କରୁଥିଲେ । ଏହି ସମୟରେ ଏକ ଦୁର୍ଘଟଣା ଘଟିଲା । ଅଫିସ୍‌ର ଉପରିସ୍ଥ କର୍ମଚାରୀଙ୍କ ସହିତ କୌଣସି କାରଣରୁ ବହୁଦିନ ହେବ ବାପାଙ୍କର ମନୋମାଳିନ୍ୟ ଚଲୁଥିଲା । ମୋର କମ୍ ବୟସ ହେଲେ ମଧ୍ୟ ବାପା-ମାଆଙ୍କ କଥାବାର୍ତ୍ତାରୁ ତାହା ମୁଁ ଜାଣିପାରୁଥିଲି । ହଠାତ୍ ଦିନେ ତାଙ୍କ ବିରୁଦ୍ଧରେ କେତେକ ମିଥ୍ୟା ଅଭିଯୋଗ ଆଣି ତାଙ୍କୁ ସୋ-କଜ୍ ନୋଟିସ୍ ଦେଲେ ତାଙ୍କ ଉଚ୍ଚପଦସ୍ଥ ଅଫିସର୍ । ବାପା ଦିଗହରା ହୋଇପଡ଼ିଲେ । କେଉଁଭାବରେ ସେ ତାଙ୍କ ଚାକିରୀ ରକ୍ଷା କରିପାରିବେ? ପୁଅଝିଅଙ୍କ ମୁଖରେ କିପରି ଅନ୍ନ ଯୋଗାଇବେ-ଭାବି ସେ ଅସ୍ଥିର ହୋଇ ପଡ଼ିଲେ । ଅଥଚ ତାଙ୍କ ବିରୁଦ୍ଧରେ ଯେ ଷଡ଼ଯନ୍ତ୍ରର ଜାଲ ବିଛା ହୋଇଛି ସେଥିରୁ ବାହାରି ଆସିବା ଅସମ୍ଭବ । ଗୃହରେ ଶୋକର ଛାୟା ଖେଳିଗଲା । ଛୋଟ ହେଲେ କ'ଣ ହେବ, ବାପାଙ୍କ ଆସନ୍ନ ଅବସ୍ଥା ଆମେମାନେ ମଧ୍ୟ ବେଶ୍ ବୁଝିପାରିଲୁ ।

ଇତିମଧ୍ୟରେ ମାଆ ଦିନେ ବାପାଙ୍କୁ କହିଲେ ଶ୍ରୀଶ୍ରୀଠାକୁରଙ୍କୁ ସ୍ମରଣ କରିବାକୁ । ଏଠାରେ ଗୋଟିଏ କଥା କହିରଖୁଛି- ଶ୍ରୀଶ୍ରୀଠାକୁର ଯେତେଥର ଜୟଦେବପୁର ଆସୁଥିଲେ, ଆସିବା ପୂର୍ବରୁ ସେ ବାପାଙ୍କୁ ଚିଠି ଦେଇ ବା ଲୋକ ପଠାଇ ତାଙ୍କ ଆଗମନ ବାର୍ତ୍ତା ଜଣାଇଦେଉଥିଲେ । ଫଳରେ ଆମମାନଙ୍କ ପରିବାର ସହିତ ଶ୍ରୀଶ୍ରୀଠାକୁରଙ୍କର ଗୋଟିଏ ଆନ୍ତରିକ ସମ୍ବନ୍ଧ ଗଢ଼ିଉଠିଥିଲା । ତେଣୁ ଏହି ବିପଦକାଳରେ ତାଙ୍କୁ ସ୍ମରଣ କରିବାକୁ ମାଆ ବାପାଙ୍କୁ କହିଲେ । ବାପା କିନ୍ତୁ ମାଆଙ୍କର ଏହି କଥାକୁ କାନକୁ ନେଲେନାହିଁ । ସେ କହିଲେ-ଠାକୁର ତ ବହୁଦିନ ହେଲା ଏହି ଅଞ୍ଚଳକୁ ଆସିନାହାନ୍ତି ତାଙ୍କୁ କୌଣସି ଖବର ମଧ୍ୟ ଦେଇ ନାହାନ୍ତି, ତା ଛଡ଼ା ବର୍ତ୍ତମାନ କେଉଁଠି ଅବସ୍ଥାନ କରୁଛନ୍ତି ତାହା ମଧ୍ୟ ଜଣାନାହିଁ । ମାଆ କିନ୍ତୁ ଏହି କଥାକୁ ଛାଡ଼ିଲେ ନାହିଁ । ସେ କହିଲେ, 'ଠିକ୍ ଅଛି, ମନେ ମନେ ତୁମେ ତାଙ୍କୁ ଜଣାଅ । ନିଶ୍ଚୟ ସେ ଆମମାନଙ୍କ ଆବେଦନର ଇସାରା ନେବେ । କେବଳ ସେତିକି ନୁହେଁ- ମାଆ ପ୍ରତିଦିନ କାନ୍ଦିକାନ୍ଦି ଶ୍ରୀଶ୍ରୀଠାକୁରଙ୍କୁ ପ୍ରାର୍ଥନା ଜଣାଉଥିଲେ- ସେମାନଙ୍କୁ ଏହି ବିପଦରୁ ଉଦ୍ଧାର କରିବା ପାଇଁ । ଦୀନବନ୍ଧୁ! ଦୟାଳୁ ଠାକୁର ଆମ ମାଆଙ୍କର ଆବେଦନରେ ବୋଧହୁଏ ଆଉ ସ୍ଥିର ରହିପାରିଲେ ନାହିଁ । ସତୀଙ୍କ ଚକ୍ଷୁଜଳରେ ଯେ ତାଙ୍କ ଆସନ ପ୍ରତିଯୁଗରେ ଟଳି ଉଠିଛି । ଆଉ ଆଜି କଣ ମୋ ସତୀ ମା'ଙ୍କ ଆବେଦନ ବ୍ୟର୍ଥ ହେବ? କହୁ କହୁ ସେଦିନର ୧୦/ ୧୨ ବର୍ଷର ବାଳକ ଆଜି ୬୫ ବର୍ଷରେ ପଦାର୍ପଣ କରିଛନ୍ତି ଓ ଏହି ପୁରାତନ ସ୍ମୃତି ମନେ ପକାଇ କହୁ କହୁ କାନ୍ଦି ଉଠିଲେ ଛୋଟ ଶିଶୁ ଭଳି ।

ଦିନେ ଅପ୍ରତ୍ୟାଶିତ ଭାବରେ ଶ୍ରୀଶ୍ରୀଠାକୁରଙ୍କ ଚିଠି ଆସିଲା । ଦିନେ ଦୁଇଦିନ ଭିତରେ ସେ ଜୟଦେବପୁର ଆସୁଛନ୍ତି । ଆନନ୍ଦ ଓ ଉତ୍ତେଜନାରେ ବାପା-ମା କାନ୍ଦି ପକାଇଲେ । ଯଥା ସମୟରେ ଶ୍ରୀଶ୍ରୀଠାକୁର ଜୟଦେବପୁର ଆସିଲେ । ବାପା-ମା, ଯଥାସାଧ୍ୟ ତାଙ୍କ ବିଶ୍ରାମର ବ୍ୟବସ୍ଥା କଲେ । କି ସୁନ୍ଦର ମାଧୁର୍ଯ୍ୟମଣ୍ଡିତ ତାଙ୍କ ହସ! ସମସ୍ତେ ଆନନ୍ଦିତ । ବାପା-ମାଆ ସେମାନଙ୍କ ଆସନ୍ନ ବିପଦ କଥା କିଛି କହିଲେ ନାହିଁ । କିନ୍ତୁ ଅନ୍ତର୍ଯ୍ୟାମୀ ଠାକୁର ସବୁ ଜାଣୁଥିଲେ । ତେଣୁ ସେ ହଠାତ୍ ବାପାଙ୍କୁ କହିଲେ- ଦେଖ, ତୁମ ଚାକିରୀ ଯିବ ନାହିଁ । ଦିନରାତି ଏତେ ଚିନ୍ତା କର ନାହିଁ । ସତ୍ୟଘଟଣା ଲେଖି ତୁମର ଉପରିସ୍ଥ କର୍ମଚାରୀଙ୍କୁ ସବୁ ଜଣାଇ ଦିଅ । ସବୁ ଠିକ୍ ହୋଇଯିବ । ଆଉ ତୁମ କନ୍ୟାର ବିବାହ ମଧ୍ୟ ଖୁବ୍ ଶୀଘ୍ର ହୋଇଯିବ ।

ବାପା ମା ଲୋଟି ପଡ଼ିଲେ ତାଙ୍କ ଶ୍ରୀଚରଣରେ । କାନ୍ଦିକାନ୍ଦି ଧୋଇଦେଲେ ତାଙ୍କ ପଦଯୁଗଳ । ବାସ୍ତବିକ କ୍ରମଶଃ ସବୁ ବିପଦ କଟିଗଲା । ବାପାଙ୍କ ଚାକିରୀ ମଧ୍ୟ ରହିଲା ଓ ଦୁଇମାସ ଭିତରେ ଅଯାଚିତ ଭାବରେ ବଡ଼ଭଉଣୀର ସତ୍‌ପାତ୍ରରେ ବିବାହ ମଧ୍ୟ ହୋଇଗଲା । ଏହି ଭାବରେ ସେଦିନ ଅଯାଚିତ ଭାବରେ ଯଦି ଶ୍ରୀଶ୍ରୀଠାକୁର ଆମମାନଙ୍କୁ କୃପା ନ କରିଥା'ନ୍ତେ-ତା ହେଲେ ସମ୍ପୂର୍ଣ୍ଣ ପରିବାରଟା ଧ୍ୱଂସ ହୋଇଯାଇଥା'ନ୍ତା । ଆଜି ଜୀବନ ସାୟାହ୍ନରେ ପହଞ୍ଚି ଶ୍ରୀଶ୍ରୀଠାକୁରଙ୍କ ଶ୍ରୀଚରଣରେ ପ୍ରତିଦିନ ପ୍ରାର୍ଥନା କରୁଛି- ହେ ଠାକୁର, ମୁଁ ତୁମର ଶିଷ୍ୟ-ସନ୍ତାନ ନ ହେଲେ ମଧ୍ୟ ସେହି ବିଗତ ଦିନ ଭଳି ଅଯାଚିତ କୃପାଦାନରେ ଏହି ଅଧମ ସନ୍ତାନକୁ ଅନ୍ତିମରେ ଉଦ୍ଧାର କର ପ୍ରଭୁ! କହୁକହୁ ସେ ଶିଶୁଭଳି କାନ୍ଦି ଗୃହାସନରେ ଶ୍ରୀଶ୍ରୀଠାକୁରଙ୍କ ଶ୍ରୀଚରଣରେ ଲୋଟିପଡ଼ିଲେ । ଏହି ସେବକ ତାଙ୍କ ନାମ ପ୍ରକାଶ କରିବାକୁ ଅନିଚ୍ଛୁକ ହେବାରୁ ତାହା ପ୍ରକାଶ କରାଗଲା ନାହିଁ । ତେଣୁ ଶ୍ରୀଶ୍ରୀଠାକୁର କହିଛନ୍ତି– ସତରେ କ'ଣ ତୁମମାନଙ୍କ ମଧ୍ୟରେ ଏମିତି କେହି ନାହିଁ ଯେଉଁମାନେ ମୋତେ ସହଜ ମଣିଷ ଭାବରେ ଭଲ ପାଇ ପାରିବ ? ମୁଁ ତ ଏହା ହିଁ ଚାହେଁ । ଆଉ ଯେଉଁଦିନ ମୁଁ ଏହିଭଳି ଜଣେ ପ୍ରାଣର ମଣିଷ ପାଇବି-ସେହିଦିନ ହିଁ ମୋର କାର୍ଯ୍ୟ ଶେଷ ହୋଇଯିବ । ମୁଁ ଯେଉଁ ସାଧନା ଭିତର ଦେଇ ଆସିଛି, ତାହା ବଡ଼ ହିଁ କଠୋର । କିନ୍ତୁ ଏହା ଅପେକ୍ଷା ଯେ ସହଜ ପଥ ଅଛି ତାହା ଆଉ କିଛି ନୁହେଁ ଏକମାତ୍ର ସହଜ ଭଲ ପାଇବାର ପଥ ।' ଏହିଭଳି ଭାବରେ ଶ୍ରୀଶ୍ରୀଠାକୁରଙ୍କ ସ୍ଥୁଳ ବର୍ତ୍ତମାନ କାଳରେ କେତେ ଘଟଣା ଘଟିଛି ଓ ଯେଉଁମାନେ ତାଙ୍କୁ ଭଲପାଇ ତାଙ୍କ ଶ୍ରୀଚରଣରେ ସ୍ଥାନ ପାଇଛନ୍ତି ସେମାନେ ଶିଷ୍ୟତ୍ୱ ସ୍ୱୀକାର ନ କରି ମଧ୍ୟ ତାଙ୍କ କୃପା ପ୍ରାପ୍ତ ହୋଇଛନ୍ତି । ଏପରିକି ତାଙ୍କ ସ୍ଥୁଳଦେହରକ୍ଷାର ତିନିଦିନ ପୂର୍ବରୁ କଲିକତାର ବିଡ଼ନ ଷ୍ଟ୍ରୀଟଘରେ ବାରଣ୍ଡାରେ ବସିଥିବା ବେଳେ ଦକ୍ଷିଣହସ୍ତ ଉତ୍ତୋଳନ କରି ତିନିଥର ଫୁଟ୍‌କି ବଜାଇଲେ ଶ୍ରୀଶ୍ରୀଠାକୁର । ସଙ୍ଗୀ ସେବକ ଭୁବନମହାରାଜ୍ ତାଙ୍କୁ ପ୍ରଶ୍ନକଲେ-କ'ଣ ହେଲା ଠାକୁର ? କାରଣ ଶ୍ରୀଶ୍ରୀଠାକୁର ବିନା କାରଣରେ ତାଙ୍କ ଅଙ୍ଗ ସଞ୍ଚାଳନ କରୁନଥିଲେ । ଶ୍ରୀଶ୍ରୀଠାକୁର କହିଲେ- ଦେଖ୍ ଏହି ପାଖଘରେ ଜଣେ ଗଳାରେ ଦଉଡ଼ି ଦେଇ ଆତ୍ମହତ୍ୟା କଲା, ତାହାର ଆତ୍ମାର ଅଧୋଗତି ବନ୍ଦ କରିଦେଇଛି ।' ଭୁବନ ମହାରାଜ ଏହାର ସତ୍ୟତା ବୁଝିବାକୁ ଯାଇ ଜାଣିପାରିଲେ- ଶ୍ରୀଶ୍ରୀଠାକୁର ଯାହା କହିଲେ ତାହା ସତ୍ୟ । ସେହି ବ୍ୟକ୍ତିଜଣକ ଶ୍ରୀଶ୍ରୀଠାକୁରଙ୍କୁ ଦେଖିନଥିଲେ କିମ୍ବା ନାମ ମଧ୍ୟ ଶୁଣି ନ ଥିଲେ ଅଥଚ ସାର୍ବଭୌମ ଗୁରୁଙ୍କ ସାର୍ବଭୌମତ୍ୱ ଏହିଭଳି ଭାବରେ କେତେଥର ଯେ ପ୍ରତିପାଦିତ ହୋଇଛି ଓ ଏବେ ମଧ୍ୟ ଏହା ତାଙ୍କ ଦ୍ୱାରା ସୂକ୍ଷ୍ମଭାବରେ ଅନୁଷ୍ଠିତ ହୋଇ ଚାଲିଛି ତାହା ନିଃସନ୍ଦେହ । କବିଗୁରୁଙ୍କ ଭାଷାରେ-

ସକଳ ଗର୍ବ ଦୂର କରିଦିବ
ତୋମାର ଗର୍ବ ଛାଡ଼ିବ ନା
ସବାରେ ଡାକିୟା କହିବ ଯେ ଦିନ
ପାବ ତବ ପଦ ରେଣୁକଣା
ସକଲ ବାକ୍ୟେ ସକଲ କର୍ମେ
ପ୍ରକାଶିବେ ତବ ଆରାଧନା ।(ନୈବେଦ୍ୟ)

ଶ୍ରୀଶ୍ରୀଠାକୁର ଚରଣାଶ୍ରିତ
**ଶ୍ରୀ ନବକିଶୋର ନାୟକ**
ସଭାପତି, ଝାରସୁଗୁଡ଼ା ଶାଖାସଂଘ

◆◆◆

# ଶ୍ରୀଗୁରୁଦେବଙ୍କ ଚରଣରେ ପ୍ରଣାମ କରିବା ବିଧି ଓ ମାହାତ୍ମ୍ୟ

କଥାରେ ଅଛି-'ମନୁଷ୍ୟ ଚିହ୍ନିବ ମରଣେ, ଈଶ୍ୱର ଚିହ୍ନିବ ଚରଣେ' । ଭାରତୀୟ ଲୋକ ସାହିତ୍ୟ କିପରି ଜ୍ଞାନର ଗନ୍ତାଘର, ଏଇ ଛୋଟିଆ ଲୋକକଥାରୁ ଅନୁମେୟ । ସାଧାରଣ ଲୋକ ଏହି ଚରମ ସତ୍ୟଟିକୁ ଯେଭଳି କଥାଛଳରେ ଧରି ରଖିଛନ୍ତି, ତାହା ବିଚାର କଲେ ଆଶ୍ଚର୍ଯ୍ୟ ହେବାକୁ ପଡ଼େ । ମରଣକାଳରେ ମଣିଷ ଅନନ୍ୟୋପାୟ ହୋଇ ନିଜର ସମସ୍ତ ଅହଂକାର ଓ କୁବୃତ୍ତିଗୁଡ଼ିକୁ ପାସୋରି ସତ୍ୟର ଆଶ୍ରୟ ନେବାକୁ ଶ୍ରେୟ ମଣେ । ଜୀବନର ସମସ୍ତ ଅକୁହା କଥା ମଧ୍ୟ ପ୍ରକାଶ କରି ଦାୟମୁକ୍ତ ହେବାକୁ ଚେଷ୍ଟିତ ହୁଏ । ଏଣୁ ମରଣ କାଳରେ ମଣିଷର ଅସଲ ରୂପର ପରିପ୍ରକାଶ ଘଟେ ଓ ସମସ୍ତେ ତାଙ୍କୁ ଚିହ୍ନିବାର ସୁଯୋଗ ପାଆନ୍ତି । ଠିକ୍ ସେହିଭଳି ଶ୍ରୀଗୁରୁଦେବଙ୍କୁ ତାଙ୍କ ଚରଣ ଦେଖି ଚିହ୍ନିବ। ଏହି ଉକ୍ତି ଦେବତାମାନଙ୍କ ପ୍ରତି ମଧ୍ୟ ପ୍ରଜୁର୍ଯ୍ୟ। ବାସ୍ତବରେ ପ୍ରକୃତ ଗୁରୁଙ୍କୁ ଦର୍ଶନ କରିବା ମାତ୍ରେ ତାଙ୍କ ଶ୍ରୀଚରଣରେ ପ୍ରଣାମ କରିବାକୁ ସ୍ୱତଃ ଇଚ୍ଛା ହୁଏ। ବହୁ ଦାମ୍ଭିକଙ୍କ ଜୀବନରେ ମଧ୍ୟ ଏପରି ଘଟିଛି ।

ଶ୍ରୀଗୁରୁଦେବ ତଥା ଦେବଦେବୀଙ୍କ ଶ୍ରୀଚରଣ ବିଶେଷକରି ପଦତଳ ଓ କରତଳ ସର୍ବଦା ରକ୍ତବର୍ଣ୍ଣ ଧାରଣ କରିଥାଏ । ଶ୍ରୀଯୁକ୍ତ ଦୁର୍ଗାଚରଣ ମହାନ୍ତି ଭାଇଙ୍କ ଭାଷାରେ ଏସବୁ ଅଙ୍ଗ ତାଙ୍କର ଅସୀମ ଶକ୍ତିର ବହିଃପ୍ରକାଶ ମାଧମ ହୋଇଥିବାରୁ ସର୍ବଦା ରକ୍ତବର୍ଣ୍ଣ ଧାରଣ କରିଥାଏ । ଏଣୁ ଏସବୁ ଶ୍ରୀଅଙ୍ଗଙ୍କୁ କର-କମଳ, ଚରଣ-କମଳ, ପାଦପଦ୍ମ ଆଦି କୁହାଯାଇଥାଏ । ଶ୍ରୀଗୁରୁଦେବଙ୍କ ଶ୍ରୀଚରଣ ସ୍ପର୍ଶ କରି ପ୍ରଣାମ କଲେ ଓ ତାଙ୍କ ଶ୍ରୀହସ୍ତରୁ ଆଶୀର୍ବାଦ ଲାଭ କଲେ ଆଶ୍ରିତ ଭକ୍ତମାନଙ୍କର ଅଶେଷ ଶକ୍ତି ଓ କୃପା ଲାଭ ହୋଇଥାଏ । ଏ ସମ୍ପର୍କରେ ଶ୍ରୀଶ୍ରୀଠାକୁର ମହାରାଜଙ୍କ ଉଦାହରଣ ଅନନ୍ୟ ସାଧାରଣ । ଏ ସମସ୍ତ ଶାସ୍ତ୍ରୀୟ ବାକ୍ୟ ଓ ଉଦାହରଣଠାରୁ ଶ୍ରୀଶ୍ରୀଠାକୁର ବହୁ ଉର୍ଦ୍ଧ୍ୱରେ ଥିଲେ । ତାଙ୍କର କରତଳ ଓ ପଦତଳ ଅବିଶ୍ୱାସନୀୟ ଭାବରେ ସୁନ୍ଦର ଓ ରକ୍ତବର୍ଣ୍ଣ ଧାରଣ କରିଥିଲା । ଶ୍ରୀଯୁକ୍ତ ଦୁର୍ଗାଚରଣ ଭାଇ ନିଜ ଅନୁଭୂତି କହିଛନ୍ତି-ତାଙ୍କର ଶ୍ରୀଚରଣ ଥିଲା ଅବର୍ଣ୍ଣନୀୟ । ତାଙ୍କୁ ଦେଖିଲା ମାତ୍ରେ ଶ୍ରୀଚରଣରେ ଦୃଷ୍ଟି ନିବଦ୍ଧ ହୋଇଯାଏ । ଏପରି ସୁନ୍ଦର ଶ୍ରୀପାଦ କଳନା କରିବା ଅସମ୍ଭବ ମନେ ହୁଏ । ଲାଗେ ସତେ ଯେପରି ଶ୍ୱେତ ପାଦାସନ ଉପରେ କେହି ଯେପରି ଦୁଇଟି ଗୋଲାପି ସ୍ଥଳପଦ୍ମ ଅତି ଯତ୍ନରେ ରଖିଦେଇଛି ।

ପ୍ରଣାମ ମାହାତ୍ମ୍ୟ - ଶ୍ରୀଗୁରୁଙ୍କୁ ଦର୍ଶନମାତ୍ରେ ତାଙ୍କ ଶ୍ରୀଚରଣରେ ପ୍ରଣାମ କରିବା ବିଧେୟ । ଶ୍ରୀଶ୍ରୀଠାକୁରଙ୍କ ଭାଷାରେ 'ଗୁରୁଙ୍କ ସହିତ ଆଳାପ ଆଲୋଚନା ଓ ତାଙ୍କୁ ସ୍ପର୍ଶ କରି ପ୍ରଣାମ କରିବା ଦ୍ୱାରା ଶିଷ୍ୟଭକ୍ତଙ୍କଠାରେ ଶକ୍ତି ସଞ୍ଚାରିତ ହୋଇଥାଏ । ସେଥିରେ ଶିଷ୍ୟମାନଙ୍କ ଚିତ୍ତ ଉନ୍ନତ ହୋଇଉଠେ । '(ନୀଳାଚଳ ବାଣୀ-ପୃ-୧୦୨) । ଏକଦା ଶ୍ରୀଶ୍ରୀଠାକୁର ଅନ୍ୟତ୍ର କହିଥିଲେ- ମୁଁ ଏତେଦିନ ଆସାମରେ ମଠ କରି ରହିଲିଣି । କିନ୍ତୁ କେହି ଆସାମବାସୀ ଅଦ୍ୟାବଧି ମୋର ଚରଣ ସ୍ପର୍ଶ କରି ପ୍ରଣାମ କରିନାହାନ୍ତି । ଥରେ ମଠରେ ଦଶହରା ଉପଲକ୍ଷ୍ୟେ ସମସ୍ତଙ୍କ ଆନନ୍ଦ ବର୍ଦ୍ଧନ କରି ସହାଷ୍ଟମୀ ଦିନ ଆସନମନ୍ଦିର ସମ୍ମୁଖରେ ବସିଥାଆନ୍ତି । ଅଶ୍ୱିନୀ ଦାଶଗୁପ୍ତ ଭାଇଙ୍କ କନ୍ୟାମାନେ ସେଥର ପୂଜାରେ ଯୋଗ ଦେଇଥାନ୍ତି । ଭୈରବୀ ମା' ସେଦିନ ମହାମୂଲ୍ୟ ବସନ ଭୂଷଣରେ ସଜ୍ଜିତା ଦେବୀ ପ୍ରତିମା-ସାକ୍ଷାତ ଭଗବତୀ ମୂର୍ତ୍ତି ହୋଇ ବସିଥାଆନ୍ତି । ଶ୍ରୀଶ୍ରୀଠାକୁର କହିଲେ-'ମୁଁ କିନ୍ତୁ ସମସ୍ତଙ୍କୁ କଳା ବୋଳି ଦେବି । ତୁମର ସିନ୍ଦୁର ବିନ୍ଦୁ ଲୁଚିଯିବ । ତୁମେମାନେ ଜଣ ଜଣ ହୋଇ ମୋ ପାଖକୁ ଆସ, ମୁଁ ତୁମକୁ ଯଜ୍ଞ ତିଳକ ଲଗାଇଦେବି । ଶ୍ରୀଶ୍ରୀଠାକୁରଙ୍କ ଆଦେଶରେ ସମସ୍ତେ ଜଣ ଜଣ କରି ଶ୍ରୀଶ୍ରୀଠାକୁରଙ୍କୁ ପ୍ରଣାମ କଲେ । ଶ୍ରୀଶ୍ରୀଠାକୁର ସମସ୍ତଙ୍କ ଲଲାଟରେ ଯଜ୍ଞତିଳକ ଲଗାଇ କହିଲେ-'କେବଳ ମୋତେ ନୁହେଁ, ମା'ଙ୍କୁ ମଧ୍ୟ ପ୍ରଣାମ କର । ଆଜି ମା'ଙ୍କର ବିଶେଷ ପୂଜା ଦିନ, ମା'ଙ୍କର କୃପା ନ ହେଲେ କେହି କିଛି ପାଏନାହିଁ । ଏକଥା ମନେରଖ'(ପଞ୍ଚ ସନ୍ନ୍ୟାସିନୀ ଶିଷ୍ୟା, ପୃ-୫୨୬-୫୨୭)

ଶ୍ରୀପାଦ-ପ୍ରଣାମ ମାହାତ୍ମ୍ୟ ଶ୍ରୀଶ୍ରୀଠାକୁରଙ୍କର ଅନ୍ୟଏକ ଉକ୍ତିରୁ ମଧ୍ୟ ଜଣାପଡ଼େ । ୧୯୩୪ ମସିହା ମାଘ ୨ଦିନ ମଠ ଆସନ ବାରଣ୍ଡାରେ ବସି ଭାବ ସମ୍ବନ୍ଧରେ କହୁ କହୁ 'ଭକ୍ତ ପଦାରବିନ୍ଦଭିକ୍ଷୁ' ସମ୍ପର୍କରେ ବୁଝାଇ ଥିଲେ । 'ଭକ୍ତ ପଦାରବିନ୍ଦ ଭିକ୍ଷୁ'- ଏହି କଥାର ଅର୍ଥ ଅନେକ ଭୁଲ ବୁଝନ୍ତି । ପ୍ରକୃତ ଭକ୍ତ ହେଉଛନ୍ତି ଭଗବାନ । ସେ ଯେତେବେଳେ ଭକ୍ତିର ମୂର୍ତ୍ତି ପରିଗ୍ରହ କରି ନରାକାରରେ ଏହି ଜଗତକୁ ଆସନ୍ତି ସେହି ହିଁ ଭକ୍ତ । ସେଇ ଯେ ଭକ୍ତ ତାଙ୍କର ପଦାରବିନ୍ଦ ଭିକ୍ଷୁ, ଅନ୍ୟର ନୁହେଁ । ଶ୍ରୀଗୁରୁ ହିଁ ଭକ୍ତ । ମୁଁ ଗ୍ରନ୍ଥ ଆରମ୍ଭରେ ଲେଖିଛି ଯେ ଭକ୍ତପଦାରବିନ୍ଦୁଭକ୍ଷୁ, ତାର ଅର୍ଥ, ଶ୍ରୀଗୁରୁ ପଦାରବିନ୍ଦ ଭିକ୍ଷୁ, ଅନ୍ୟର ନୁହେଁ, ଅନେକ ଭୁଲଧାରଣାରେ ଏହା ଅନ୍ୟ ଅର୍ଥ କରନ୍ତି । (ଜୀବନୀ ଓ ବାଣୀ, ପୃ.-୧୫୦-୧୫୧)

**ପ୍ରଣାମର ମହତ୍ତ୍ୱ** - ୧୯୩୪ ମସିହା ମାଘ ୯ବୁଧବାର ଦିନ ସନ୍ଧ୍ୟାରେ 'ପ୍ରଣାମ' ସଂପର୍କରେ ବୁଝାଇଥିଲେ । ଶ୍ରୀଶ୍ରୀଠାକୁର କହିଲେ, 'ପ୍ରଣାମ ଭକ୍ତି ମୂଳକ । ହିନ୍ଦୁସମାଜରେ ପ୍ରଣାମର ଆଦର ବେଶି । ତେଣୁ ସବୁଜାତି ଅପେକ୍ଷା ହିନ୍ଦୁମାନେ ଅଧିକ ଭକ୍ତିମାନ ଓ ଧାର୍ମିକ । ସମାଜରେ ପୁଣି ପ୍ରଣାମର ପ୍ରଚଳନ ବେଶି । ବୃକ୍ଷ ଲତା, ନଦନଦୀ ଏପରିକି ପଥର ଓ ମାଟି ଗଦା ପର୍ଯ୍ୟନ୍ତ ସେମାନଙ୍କ ନିକଟରେ ପ୍ରଣମ୍ୟ । ପୁନଶ୍ଚ ଯେ ଉପଯୁକ୍ତ, ସେ ବୟସରେ ଛୋଟ ହେଲେ ମଧ ପ୍ରଣମ୍ୟ । ବ୍ରାହ୍ମଣମାନଙ୍କ ଘରେ ଏହାର ବହୁ ପ୍ରମାଣ ରହିଛି । ମୋର ଯେତେବେଳେ ଉପନୟନ ହେଲା ମୋ ମନରେ କେତେ ଆନନ୍ଦ । ଘରେ ଖୁଡ଼ୀ ଦେଢେଇଙ୍କୁ ପ୍ରଣାମ କଲେ ସେମାନେ ବି ପ୍ରତି ପ୍ରଣାମ କରନ୍ତି, କହନ୍ତି-'ସେ ବ୍ରାହ୍ମଣ ହୋଇଯାଇଛି' । ଗ୍ରାମ ଭିତରକୁ ବୁଲିବାକୁ ଗଲେ ଗ୍ରାମବାସୀମାନେ ମୋତେ ପ୍ରଣାମ କରନ୍ତି, ବୟସର ବିଚାର କରନ୍ତି ନାହିଁ । ସେମାନେ ମୋତେ ଭିକ୍ଷା ଦିଅନ୍ତି, ଦାନ ବି ଦିଅନ୍ତି । ଆହୁରି କେତେ ଆଚାର ନିଷ୍ଠା ବି ଅଛି । ସାମାଜିକମାନଙ୍କର ଆଚାର ନିଷ୍ଠାଟା ବେଶୀ । ସନ୍ନ୍ୟାସୀମାନଙ୍କର କେବଳ ମା' ହିଁ ପ୍ରଣମ୍ୟ । ଘରକୁ ଗଲେ ତାଙ୍କ ଛଡ଼ା ଆଉ କାହାକୁ ପ୍ରଣାମ କରିବାର ବିଧି ନାହିଁ । ସନ୍ନ୍ୟାସୀ ହେଲେ ବାର ବର୍ଷ ପରେ ଥରେ ଜନ୍ମଭୂମି ଦର୍ଶନ କରିବାକୁ ହୁଏ । ସେଇଥିପାଇଁ ୧୯୧୩ ମସିହାରେ ମୁଁ ପ୍ରଥମ ଥର ଜନ୍ମଭୂମିକୁ ଯାଇଥିଲି । ଘରକୁ ଯାଇ ମାଉସୀଙ୍କ ସହ ଦେଖାକଲି । ଯାହାଙ୍କ ଚେଷ୍ଟାରେ ମୁଁ ମଣିଷ ହୋଇଛି ସେହି ବୃଦ୍ଧା ଆଇଙ୍କ ନିକଟକୁ ଗଲି । ସେ ମୋତେ ଦେଖି ଓ ସବୁ ଶୁଣି ଖୁବ୍ ଆନନ୍ଦିତ ହେଲେ । ମୁଁ ପ୍ରଶ୍ନ କଲି-ମୁଁ ଆପଣଙ୍କୁ ପ୍ରଣାମ କରିପାରିବି କି ?' ସେ କହିଲେ 'ସନ୍ନ୍ୟାସୀ ନାରାୟଣ, ସ୍ୱୟଂ ଭଗବାନ ସଦୃଶ, ସେ ସମସ୍ତଙ୍କର ପୂଜ୍ୟ' । ସାଧାରଣତଃ ସମାଜରେ ଲୋକେ ଯେଉଁ ସବୁ ପାଳନ କରନ୍ତି ଆମେ ଯେବେ ତା ନ କରୁ ତେବେ ଆମେ ଆଉ ସାଧୁ କଣ ? ଜଣେ ଜଣକୁ ନମସ୍କାର କଲେ ତାର ପ୍ରତିନମସ୍କାର କରିବା ଉଚିତ୍ ।'(ଜୀବନୀ ଓ ବାଣୀ, ପୃ-୧୮୦-୧୮୧)

**ପ୍ରଣାମ ବିଧି** -(୧) ସୁରମାଙ୍କ ଲିଖିତ ତଥ୍ୟ ଅନୁସାରେ ଆଶ୍ୱିନ ମାସରେ ସପରିବାର ସମସ୍ତେ ମିଶି ଠାକୁରଙ୍କ ପାଖକୁ ଯିବାର ସ୍ଥିର କରାଗଲା । ଶ୍ରୀଶ୍ରୀଠାକୁର ସେତେବେଳେ ଢ଼ାକା (ଗେଣ୍ଡାରିଆ) ଆଶ୍ରମରେ ରହୁଥାଆନ୍ତି । ସମସ୍ତେ ଗୃହଦେବତାଙ୍କୁ ପ୍ରଣାମ କରି ବାହାରିଲେ । ବାଟରେ ପିତା ରାଜଚନ୍ଦ୍ର ଧର(ସ୍ୱାମୀ ସ୍ୱରୂପାନନ୍ଦ) କହିଲେ, ସ୍ୱୟଂ ଭଗବାନଙ୍କ ପାଖକୁ ତୁମମାନଙ୍କୁ ନେଉଛି । ତୁମେ ପ୍ରଥମେ ଭୂମିରେ ପ୍ରଣାମ କରିବ, ତା ପରେ ଶ୍ରୀଚରଣରେ ମଥାରଖି ପ୍ରଣାମ କରି ପୁଣି ଭୂମିରେ ପ୍ରଣାମ କରି ଉଠିବ । ଶ୍ରୀଶ୍ରୀଠାକୁରଙ୍କ ପାଖରେ ବସିବ ନାହିଁ, ଠିଆ ହେବ ।'(ପଞ୍ଚ ସନ୍ନ୍ୟାସିନୀ ଶିଷ୍ୟା, ପୃ-୩୬୭)

(୨) ୧୯୧୦ ମସିହା ଆଷାଢ଼ ମାସରେ ଶ୍ରୀଶ୍ରୀଠାକୁର ଯୋଗାନନ୍ଦଙ୍କ ନିମନ୍ତ୍ରଣ କ୍ରମେ ଶ୍ରୀଶ୍ରୀଠାକୁର ସେମାନଙ୍କ ଘରକୁ (ଯୋଗାନନ୍ଦଙ୍କ) ଶୁଭାଗମନ କରିଥିଲେ । ଗହଳ ମଧ୍ୟରେ ଶିଶୁ ସୁରମା' ଠାକୁରଙ୍କୁ ଭଲ କରି ଦେଖିପାରିନଥିଲେ । ଏଣୁ ଧୀରେ ଧୀରେ ଯାଇ ଠାକୁରଙ୍କ ଘରର ପରଦା ଆଢ଼େଇ ଶୋଇଥିବା ଅବସ୍ଥାରେ ଶ୍ରୀଶ୍ରୀଠାକୁରଙ୍କୁ ଦେଖିବାକୁ ଲାଗିଲେ । ହଠାତ୍ ଠାକୁର ଆଖି ଖୋଲି ଚାହିଁଲେ ଓ ପାଖକୁ ଡାକିଲେ-'ଏ ଝିଅ, ଏ ଆଡ଼କୁ ଆ' । ବିଛଣାରେ ବସାଇ ନାଁ, ବାପାଙ୍କ ନାଁ ଓ ପରିଚୟ ଓ ପରିବାରର ସମସ୍ତଙ୍କ ପରିଚୟ ଓ ତାଙ୍କ ପାଠପଢ଼ା କଥା ପଚାରିଲେ । ତାପରେ ପିଠିରେ ଆଦରରେ ହାତ ବୁଲାଇ କହିଲେ-ଆଚ୍ଛା, ବର୍ତ୍ତମାନ ଯା, ମୁଁ ଟିକିଏ ଶୋଇବି ।' ସୁରମା' ଉଠି ତାଙ୍କୁ ପ୍ରଣାମ କଲେ । ଶ୍ରୀଶ୍ରୀଠାକୁର ପଚାରିଲେ-ପ୍ରଣାମ କାହିଁକି କଲୁ ? ଆପଣଙ୍କ ବିଛଣାରେ ବସିଥିଲି ବୋଲି ସୁରମା' ଉତ୍ତର ଦେଲେ । ଠାକୁର ପଚାରିଲେ-'କିଏ ତୋତେ ଏ ସବୁ କହିଛି କରିବାକୁ ? ସୁରମା' ଉତ୍ତର ଦେଲେ- ବାପା ଶିଖାଇଛନ୍ତି, ଶ୍ରୀଶ୍ରୀଠାକୁର ଦେବତାଙ୍କ ନିକଟକୁ ଗଲେ ପ୍ରଣାମ ନ କରି ଆସିଲେ ଅପରାଧ ହୁଏ ।' ଠାକୁର କହିଲେ-'ତୁ ତ ଇଚ୍ଛା କରି ମୋ ବିଛଣାରେ ବସିନାହୁଁ, ମୁଁ ତୋତେ ଡାକି ବିଛଣା ଉପରେ ବସାଇଛି । ତେବେ ପ୍ରଣାମ କରି ଯିବା ଭଲ । (ପଞ୍ଚ ସନ୍ନ୍ୟାସିନୀ ଶିଷ୍ୟା ପୃ-୨୭୦-୨୭୧)

(୩) ୧୯୨୨ ବୈଶାଖ ୪ଦିନ ପୁରୀରେ ଶ୍ରୀଶ୍ରୀଠାକୁର ୧୦ ଦିନ ରହିଥିଲେ । ତାଙ୍କର ଜଗନ୍ନାଥ ଦର୍ଶନୀୟ ଇଚ୍ଛାଥିଲା । 'ନାଟ ମଣ୍ଡପରେ ପ୍ରବେଶ କରି କିଛିକ୍ଷଣ ଅପଲକ ନେତ୍ରରେ ବିଗ୍ରହ ଆଡ଼କୁ ଅନାଇ ରହନ୍ତି । ଲୋକ ଗହଳି ଥିଲେ ଶ୍ରୀମୁଖଶାଳାରେ ପ୍ରବେଶ କରନ୍ତି ନାହିଁ, ସେହି ଜଗମୋହନ ବା ନାଟମନ୍ଦିରରେ ଥାଇ ଦର୍ଶନକରନ୍ତି । କିଛିକ୍ଷଣ ନିର୍ନିମେଷ ନୟନରେ ଚାହିଁ ରହି ତତ୍ପରେ ଭୂମିଷ୍ଠ ପ୍ରଣାମ କରି ଅନ୍ୟମାନଙ୍କୁ ଆଦେଶ କରନ୍ତି 'ପ୍ରଣାମ କର' । ସେବକମାନେ ଜଗନ୍ନାଥଙ୍କୁ ପ୍ରଣାମ କରି ଶ୍ରୀଶ୍ରୀଠାକୁରଙ୍କ

ପଦସ୍ପର୍ଶ କରନ୍ତି । 'ରାଜକୁମାର ମା'ଙ୍କ ଅନୁରୋଧରେ ଶ୍ରୀଶ୍ରୀଠାକୁର ମଣି ମଣ୍ଡପକୁ ଯାଇଥିଲେ ଓ ବୁଢ଼ୀମା ଗୁରୁ ଗୋବିନ୍ଦ ଅର୍ଥାତ ଶ୍ରୀଶ୍ରୀଠାକୁର ଓ ଜଗନ୍ନାଥଙ୍କୁ ଏକତ୍ର ପ୍ରଣାମ କରିଥିଲେ ।

୧୯୦୯ମସିହାରେ ଶ୍ରୀଶ୍ରୀଠାକୁର ନୃପେନଦା'ଙ୍କ ସମେତ ୮ଜଣଙ୍କୁ ନେଇ ତୀର୍ଥ ଭ୍ରମଣ କରିଥିଲେ । ନୃପେନ ଦା' ଯାହା ଲେଖିଛନ୍ତି- 'ଏ ସମୟରେ କୌଣସି ଦେବମନ୍ଦିର ଦର୍ଶନ ପାଇଁ ଉପସ୍ଥିତ ହେଲେ ଗେରୁଆ ଓ ସାଧୁବେଶଧାରୀ ଚିଦାନନ୍ଦ ଭାଇ, ଶାନ୍ତି ମା' ପ୍ରଭୃତି ଶ୍ରୀଶ୍ରୀଠାକୁରଙ୍କ ପାଦର ଜୋତା ଖୋଲି ଦିଅନ୍ତି ଓ ପିନ୍ଧାଇ ଦିଅନ୍ତି । ସାଙ୍ଗରେ ଥିବା ଶିଷ୍ୟଭକ୍ତ ପ୍ରଥମେ ଶ୍ରୀଶ୍ରୀଠାକୁରଙ୍କୁ ପ୍ରଣାମ କରି ବିଗ୍ରହଙ୍କୁ ପ୍ରଣାମ କରୁଥିଲେ ।'(ଲୀଳା ପ୍ରସଙ୍ଗ (୨ୟ) ପୃ-୧୮୫)

(୪) ହରିଦ୍ୱାର କୁମ୍ଭମେଳାରେ ଶ୍ରୀଶ୍ରୀଠାକୁର ଦିନେ ଭକ୍ତମାନଙ୍କୁ ନେଇ ଗମ୍ଭୀରନାଥଙ୍କ ଆଖଡ଼ାକୁ ଗଲେ । ବାଟରେ କହିଲେ-'ଦେଖ, ସାଧୁ, ମହାତ୍ମାମାନଙ୍କୁ ଦର୍ଶନ କରିବା ମାତ୍ରେ ସେମାନଙ୍କର ଚରଣ ସ୍ପର୍ଶ କରି ସେମାନଙ୍କୁ ପ୍ରଣାମ କରିବ । ସିଧା ଛିଡ଼ା ହୋଇ ଯେପରି ପ୍ରଣାମ ନ କର । ସାଧୁମହାତ୍ମାମାନଙ୍କୁ ଭୂମିଷ୍ଠ ପ୍ରଣାମ କଲେ, ସେମାନେ ତୁମମାନଙ୍କୁ ଆଶୀର୍ବାଦ କରିବେ ଏବଂ ସେଇ ଆଶୀର୍ବାଦର ମୂଲ୍ୟ ବହୁତ ବେଶୀ । (ଶ୍ରୀଶ୍ରୀନିଗମାନନ୍ଦ ସ୍ମୃତି, ପୃ-୩୧୧)

(୫) ପ୍ରଣାମବିଧି ସଂପର୍କରେ ଶ୍ରୀଶ୍ରୀଠାକୁର ନିଜ ପ୍ରତ୍ୟକ୍ଷ ଅନୁଭୂତିରୁ ଏକ ସୁନ୍ଦର କଥା କହିଛନ୍ତି । ସାଧକ ଅବସ୍ଥାରେ ଶ୍ରୀଶ୍ରୀଠାକୁର ଥରେ କାଶୀରେ ଉପସ୍ଥିତ ହୋଇ ଦେଖିଲେ ସବୁ ସ୍ୱର୍ଣ୍ଣମୟ । କିଛିଦିନ ପରେ ଏପ୍ରକାର ଅବସ୍ଥା ତାଙ୍କୁ ବିରକ୍ତିକର ବୋଧହେଲା । ମଣିକର୍ଣ୍ଣିକା ଘାଟରେ ଜଣେ ସାଧୁ ବସିଥିବାର ଦେଖି ତାଙ୍କୁ ପାଦ ଛୁଇଁ ପ୍ରଣାମ କରିବାରୁ ଏ ଅବସ୍ଥା ଚାଲିଗଲା । ମନ ତାଙ୍କର ଖରାପ ହେଲା । ଶ୍ରୀଶ୍ରୀଠାକୁର କହିଛନ୍ତି-'ପରେ ଜାଣିଲି-ନିଜ ଗୁରୁଙ୍କ ଛଡ଼ା ଅନ୍ୟ ସାଧୁସନ୍ନ୍ୟାସୀଙ୍କ ପଦ ସ୍ପର୍ଶ କରିବା ଉଚିତ୍ ନୁହେଁ । ସେଥିରେ ଭଲ ହୋଇପାରେ, ମନ୍ଦ ମଧ୍ୟ ହୋଇପାରେ । ଦୂରରୁ ପ୍ରଣାମ କରିବା ଉଚିତ । (ନୀଳାଚଳ ବାଣୀ ପୃ-୨୨୪)

(୬) ଶ୍ରୀଶ୍ରୀଠାକୁରଙ୍କ ବାଣୀ ଅବଲମ୍ବନରେ ଶ୍ରୀଯୁକ୍ତ ଦୁର୍ଗାଚରଣ ଭାଇ ମହାନ୍ତି କହିଛନ୍ତି ପ୍ରଣାମୀ ନ ଦେଇ ଶ୍ରୀଶ୍ରୀଠାକୁରଙ୍କୁ କୌଣସି ଜିନିଷ ଦିଆ ଯାଏନାହିଁ । ପ୍ରଣାମୀ, ପ୍ରଣାମ ସମୟରେ ଦିଆଯାଏ । ପ୍ର+ଉପସର୍ଗ+ନମମ=ଅର୍ଥାତ ଏହି ଜିନିଷଟି ମୋର ନୁହେଁ, ଅର୍ଥାତ୍ ତ୍ୟାଗ।

(୭) ଶ୍ରୀମଦ୍ ଭାଗବତର ବିଭିନ୍ନ ଛତ୍ରରେ ପ୍ରଣାମବିଧିର ବର୍ଣ୍ଣନା ରହିଛି(ନବଧା ଭକ୍ତି, ପୃ-୨୮-୨୯)

(କ) ବିଭିନ୍ନ ଭକ୍ତିଶାସ୍ତ୍ରର ସ୍ତବ ପାଠ କରି 'ହେ ଭଗବାନ୍! ଆପଣ ପ୍ରସନ୍ନ ହୁଅନ୍ତୁ-ଏହିପରି କହି ଦଣ୍ଡପରି ଭୂତଳରେ ପତିତ ହୋଇ ପ୍ରଣାମ କରିବେ ।

(ଖ) ନମସ୍କାର ବିଧି ସଂପର୍କରେ କୁହାଯାଇଛି- ଦୁଇ ବାହୁ ଦ୍ୱାରା ମୋର ଦୁଇ ଚରଣ ଧାରଣ କରି ଅବନତ ମସ୍ତକରେ ଏହିପରିକହି ପ୍ରଣାମ କରିବ-'ହେ ଭଗବାନ! ମୃତ୍ୟୁ ଗ୍ରହ ସାଗର ଦ୍ୱାରା ଭୀତ ଓ ଶରଣାଗତ ମୋତେ ରକ୍ଷା କରନ୍ତୁ ।

(ଗ) ଅଷ୍ଟାଙ୍ଗ ପ୍ରଣାମ-ବାହୁ ଯୁଗଳ, ଜାନୁ ଦ୍ୱୟ ବକ୍ଷସ୍ଥଳ, ଦୃଷ୍ଟି, ମନ ଓ ବାକ୍ୟ ଏହି ଆଠପ୍ରକାର ଅବୟବ ଦ୍ୱାରା ଯେଉଁ ପ୍ରଣାମ କରାଯାଏ ତାହାକୁ ଅଷ୍ଟାଙ୍ଗ ପ୍ରଣାମ କୁହାଯାଏ ।

(ଘ) ଦୃଷ୍ଟିଦ୍ୱାରା-ଚକ୍ଷୁ ଇଷତ୍ ନିମୀଳନ ପୂର୍ବକ ପ୍ରଣାମ
ମନଦ୍ୱାରା-ମନେ ମନେ ଶିରୋଦେଶ ଶ୍ରୀଭଗବାନଙ୍କ ଶ୍ରୀପାଦପଦ୍ମ ଯୁଗଳରେ ସ୍ଥାପନ ପୂର୍ବକ ପ୍ରଣାମ

ବାକ୍ୟଦ୍ୱାରା-'ହେ ଭଗବାନ! ଆପଣ ପ୍ରସନ୍ନ ହୁଅନ୍ତୁ, କୃପା କରନ୍ତୁ-ଏହିପରି ବାକ୍ୟ କହି ପ୍ରଣାମ କରିବାକୁ ବୁଝାଏ ।

(ଙ) ପଞ୍ଚାଙ୍ଗ ପ୍ରଣାମ-ଦୁଇ ଜାନୁ, ଦୁଇ ବାହୁ, ମସ୍ତକ, ବାକ୍ୟ ଓ ଶୁଦ୍ଧି-ଏହି ପଞ୍ଚ ଅବୟବ ଦ୍ୱାରା ପ୍ରଣାମ କୁହାଯାଏ । ପଞ୍ଚାଙ୍ଗ ଓ ଅଷ୍ଟାଙ୍ଗ ପ୍ରଣାମ ହିଁ ପୂଜା ସମୟରେ ପ୍ରଶସ୍ତ ।

(ଚ) 'ହରିଭକ୍ତି କୈଳାସ'ରେ କୁହାଯାଇଛି-ପଣ୍ଡିତ ବ୍ୟକ୍ତି ଗରୁଡ଼ଙ୍କୁ ଦକ୍ଷିଣରେ ରଖି ତାଙ୍କର ବାମ ଭାଗରେ ପ୍ରଣାମ କରିବେ । କିନ୍ତୁ ଭଗବାନଙ୍କର ଅତି ନିକଟରେ ପ୍ରଣାମ ନିଷିଦ୍ଧ । ପ୍ରଣାମ ଅବଶ୍ୟ ତିନିଥର କରିବାକୁ ହେବ । ସାମର୍ଥ୍ୟ ଥିଲେ ତାହା ଅପେକ୍ଷା ଅଧିକ ବାର ପ୍ରଣାମ କରାଯାଇପାରେ ।

(୮) 'ଭଗବତ ସ୍ୱରୂପ ଲାଭର ବିବିଧ ଉପାୟ ମଧ୍ୟରେ ପ୍ରଣତି ଅନ୍ୟତମ । ପ୍ରଣିପାତ ଦ୍ୱାରା ତାଙ୍କୁ ଉପଲବ୍ଧି କରାଯାଇପାରେ । ଏଥିପାଇଁ ଭଗବାନ ଗୀତାରେ କହିଛନ୍ତି-'ତଦ୍‌ବିଦ୍ଧି ପ୍ରଣିପାତେନ...' । ପ୍ରଣତିର ସାଧନା ହିଁ ଆନୁଗତ୍ୟର ସାଧନା, ପ୍ରଣାମ କରିବାକୁ ହେଲେ ଅନ୍ୟକୁ ପୂଜ୍ୟ ବା ଶ୍ରେଷ୍ଠ ସ୍ୱୀକାର କରିବାକୁ ହେବ । ଅନ୍ୟକୁ ପୂଜ୍ୟ ବା ଶ୍ରେଷ୍ଠ ବୋଲି ସ୍ୱୀକାର କରିବାରେ ଅହଂକାର ହିଁ ବାଧା ପ୍ରଦାନ କରିଥାଏ । ତେଣୁ ଅହଂକାରର ବିନାଶ ନିମିତ୍ତ ପ୍ରଣାମ କରିବା ଏକାନ୍ତ କର୍ତ୍ତବ୍ୟ । ....ଆତ୍ମବିସର୍ଜନ ଫଳରେ ହିଁ ଆତ୍ମ ପ୍ରତିଷ୍ଠା ସହଜସାଧ୍ୟ ହୋଇଥାଏ ।.... ଗୁରଦେବଙ୍କ ପାଦପଦ୍ମରେ ଶିର ଅବନତ ନ କଲେ କେବେହେଲେ ଅହଂକାରର ବିନାଶ ହୁଏନାହିଁ । ପ୍ରଣାମ ସମ୍ବନ୍ଧରେ ଅଦ୍ୱୈତବାଦୀ ଶ୍ରୀମତ୍ ଶଙ୍କରାଚାର୍ଯ୍ୟ କହିଛନ୍ତି-'ଭୂଲୁଣ୍ଠିତ ହୋଇ ଶ୍ରୀଗୁରୁଦେବଙ୍କୁ ପ୍ରଣାମ କରିବାକୁ ହେବ ।' ସେ ଉଲ୍ଲେଖ କରିଛନ୍ତି ଯେ ପ୍ରଥମେ ଶ୍ରୀଗୁରୁଦେବଙ୍କୁ ପ୍ରଣାମ କରିବା ବିଧେୟ ।.... ଶ୍ରୀ ଗୁରୁଦେବଙ୍କୁ ପ୍ରଣାମ କରିବା ଫଳରେ ଭଗବତ୍-ପ୍ରଣାମମୁଖ ଅନୁଭୂତ ହୋଇଥାଏ ।... ପ୍ରଣାମ ଦ୍ୱାରା ଶ୍ରୀଗୁରୁଦେବଙ୍କ ପ୍ରତି ଶ୍ରଦ୍ଧାର ନିବେଦନ ହୋଇଥାଏ । ଏଭଳି ସଶ୍ରଦ୍ଧ ଆନୁଗତ୍ୟ ଫଳରେ ବ୍ରହ୍ମଜ୍ଞ ଗୁରୁଦେବଙ୍କର କୃପା ଶିଷ୍ୟମାନଙ୍କ ପ୍ରତି ଉନ୍ମୁଖ ହୋଇଥାଏ । ସେହି କୃପା ପ୍ରଭାବରେ ଶିଷ୍ୟମାନଙ୍କର ଅନ୍ତର ଶୁଦ୍ଧଭାବ ଧାରଣ କରେ ।.... ଶ୍ରଦ୍ଧାସମ୍ପନ୍ନ ପ୍ରଣିପାତ ହିଁ ଜ୍ଞାନ ଲାଭର ହେତୁ ।(ସଂଘ ସେବକ-୨୬/୧, ପୃ.୨୬-୨୭)

(୯) ସାଧାରଣତଃ ଦୀକ୍ଷା ପରେ ଶ୍ରୀଶ୍ରୀଠାକୁର ଶିଷ୍ୟକୁ ପ୍ରଣାମ କରିବାକୁ ଆଦେଶ କରନ୍ତି । ଏହା ଦୀକ୍ଷାର ବିଧି । ନରେଶ ଚନ୍ଦ୍ର ପାକଡ଼ାଶୀଙ୍କ ଦୀକ୍ଷା ହେଲା ପରେ ଶ୍ରୀଶ୍ରୀଠାକୁର ତାଙ୍କୁ ପ୍ରଣାମ କରିବାକୁ ଆଦେଶ ଦେଲେ । 'ସେ ଏପରି ରୁଗ୍‌ଣ ହୋଇଥିଲେ ଯେ, ପ୍ରଣାମ କରିବାକୁ ଅକ୍ଷମ ହେବାରୁ ଶ୍ରୀଶ୍ରୀଠାକୁର ଯୋର୍ କରି ତାଙ୍କୁ ନୁଆଁଇ ପ୍ରଣାମ କରାଇଲେ । ନରେଶ ଭାଇ ଶ୍ରୀଶ୍ରୀଠାକୁରଙ୍କ ଚରଣ ସ୍ପର୍ଶ କର ଆଶୀର୍ବାଦ ଲାଭ କଲେ ।' ୧୯୨୩ ମସିହାରେ ୨୬, କାର୍ତ୍ତିକ ସୋମବାର ଦିନ ମଠରେ ଶ୍ରୀଶ୍ରୀଠାକୁରଙ୍କୁ ପ୍ରଣାମ ବିଧି ସଂପର୍କରେ ପଚାରିଥିଲେ-'ଗୁରୁ ଭାଇ ଅନ୍ୟ ଗୁରୁଭାଇଙ୍କୁ ପ୍ରଣାମ କରିବେ କି ନାହିଁ?' ଶ୍ରୀଶ୍ରୀଠାକୁର ଉତ୍ତର ଦେଲେ- 'ସନ୍ନ୍ୟାସୀ ମାନେ ଗୃହୀମାନଙ୍କର ଓ ଅନ୍ୟ ବ୍ରହ୍ମଚାରୀମାନଙ୍କର ପ୍ରଣମ୍ୟ । ନୈଷ୍ଠିକ ବ୍ରହ୍ମଚାରୀମାନେ ମଧ୍ୟ ଗୃହୀମାନଙ୍କର ପ୍ରଣମ୍ୟ । କାରଣ ସେମାନଙ୍କର ବ୍ରହ୍ମଚର୍ଯ୍ୟ ସନ୍ନ୍ୟାସର ଗୋଟିଏ ଅଙ୍ଗ । ବ୍ରହ୍ମଚର୍ଯ୍ୟ ଦୁଇପ୍ରକାର । ଏକ ସନ୍ନ୍ୟାସ ଅନୁକୂଳରେ ବ୍ରହ୍ମଚର୍ଯ୍ୟ । ଆଉ ଗୋଟିଏ ଆଶ୍ରମ ବ୍ରହ୍ମଚର୍ଯ୍ୟ । ଆଶ୍ରମ ବ୍ରହ୍ମଚର୍ଯ୍ୟ ଚତୁରାଶ୍ରମର ଗୋଟିଏ ଅଙ୍ଗ । ଗୃହସ୍ଥମାନେ ଏହି ଆଶ୍ରମ ବ୍ରହ୍ମଚାରୀ ମାନଙ୍କର ପୂଜ୍ୟ । କିନ୍ତୁ ଯେଉଁମାନଙ୍କୁ ଗୁରୁ ସନ୍ନ୍ୟାସର ଅନୁକୂଳରେ ବ୍ରହ୍ମଚର୍ଯ୍ୟ ଦେଇଛନ୍ତି, ସେମାନେ ଅନ୍ୟଦିନ ଆଶ୍ରମର ପୂଜ୍ୟ ।.... ପୁନଶ୍ଚ ଅବିନାଶୀ ପ୍ରଶ୍ନ କରିଥିଲେ-ସନ୍ନ୍ୟାସୀମାନଙ୍କୁ ଭୂମିଷ୍ଠ ହୋଇ ପ୍ରଣାମ କରିବା ଉଚିତ କି ନୁହେଁ । ଶ୍ରୀଶ୍ରୀଠାକୁର ଉତ୍ତର ଦେଇଥିଲେ- 'ନା, ଗୁରୁ ବା ଗୁରୁତୁଲ୍ୟ(ପିତା,ମାତା, ପିତୃତୁଲ୍ୟ ଗୁରୁଜନ) ବ୍ୟକ୍ତି ଛଡ଼ା ଅନ୍ୟକୁ ଭୂମିଷ୍ଠ ହୋଇ ବା ଗୋଡ଼ ଧରି ପ୍ରଣାମ କରିବା ନିଷେଧ ।... ସନ୍ନ୍ୟାସୀମାନଙ୍କୁ 'ନମୋ ନାରାୟଣ' କହି ପ୍ରଣାମ କରିବାକୁ ହୁଏ । ଗୃହୀ ଗୁରୁଭାଇମାନଙ୍କ ମଧ୍ୟରେ ଆଲିଙ୍ଗନ ହିଁ ପ୍ରଶସ୍ତ ।' ବ୍ରାହ୍ମଣମାନେ ମଧ୍ୟ ସନ୍ନ୍ୟାସୀମାନଙ୍କୁ ପ୍ରଣାମ କରିବେ କି ନାହିଁ ପ୍ରଶ୍ନରେ ଶ୍ରୀଶ୍ରୀଠାକୁର ବୁଝାଇଥିଲେ-'ହଁ କ୍ଷେପାଦାସ ପରି ପଣ୍ଡିତ ଲୋକ ମଧ୍ୟ ଚିଦାନନ୍ଦ ପ୍ରଭୃତିଙ୍କୁ ପ୍ରଣାମ କରନ୍ତି । ପ୍ରକୃତ ପକ୍ଷରେ କେବଳ ବ୍ରାହ୍ମଣମାନଙ୍କର ହିଁ ସନ୍ନ୍ୟାସରେ ଅଧିକାର ।(ଶ୍ରୁତି-ସ୍ମୃତି ପୃ-୧୧୪)

(୧୧) ଗେଣ୍ଡାରିୟା ଆଶ୍ରମରୁ ଶ୍ରୀଶ୍ରୀଠାକୁର ଦିନେ ନୃପେନ୍ ଦା', ଯୋଗାନନ୍ଦ ଭାଇ, ଭୈରବୀ ମା' ପ୍ରଭୃତିଙ୍କୁ ନେଇ ରମଣା କାଳିବାଡ଼ି ଯାଇଥିଲେ । ନୃପେନ୍ ଦା ଓ ଯୋଗାନନ୍ଦ ଭାଇ ପ୍ରଥମେ ଶ୍ରୀ ଶ୍ରୀଠାକୁରଙ୍କୁ ଓ ଭୈରବୀ ମା'ଙ୍କୁ ପ୍ରଣାମ କରି ପରେ ପ୍ରସ୍ତର ଖଣ୍ଡଟିରେ ମସ୍ତକ ସ୍ପର୍ଶକରି ପ୍ରଣାମ କଲେ ।

(୧୨) ବିଶ୍ୱସାରତନ୍ତ୍ରରେ ପ୍ରଦତ୍ତ ପ୍ରଣାମବିଧି ଅନୁସାରେ-'ଶାସ୍ତ୍ର ବିଧାନ ଅନୁସାରେ ଶ୍ରୀଗୁରୁଦେବଙ୍କୁ ପ୍ରତ୍ୟକ୍ଷ ବା ପରୋକ୍ଷରେ ଥିଲେ ମଧ୍ୟ ଜ୍ଞାନଲାଭେଚ୍ଛୁ ଶିଷ୍ୟ ପ୍ରତ୍ୟହ ତାଙ୍କୁ ଭଗବତ୍ ଜ୍ଞାନରେ ପ୍ରଣାମ କରିବା ବିଧେୟ । ଗୁରୁ ଓ ଶିଷ୍ୟ ଗୋଟିଏ ଗ୍ରାମରେ ଅବସ୍ଥାନ କରୁଥିଲେ ଶିଷ୍ୟ ପ୍ରତିଦିନ ଶ୍ରୀଗୁରୁଦେବଙ୍କୁ ନିଶ୍ଚୟ ପ୍ରଣାମ କରିବେ । ଶିଷ୍ୟ ଗୁରୁଦେବଙ୍କଠାରୁ ଏକ କୋଶ ଦୂରରେ ଥିଲେ ପ୍ରତ୍ୟୟ ପ୍ରଣାମ କରିବା ବିଧି । ଅର୍ଦ୍ଧ ଯୋଜନ ଦୂରରେ ଯଦି ଗୁରୁ ଅବସ୍ଥାନ କରୁଥାନ୍ତି ତେବେ ପଞ୍ଚପର୍ବ ଦିନରେ (କୃଷ୍ଣାଷ୍ଟମୀ, କୃଷ୍ଣ ଚତୁର୍ଦ୍ଦଶୀ, ଅମାବାସ୍ୟା, ପୂର୍ଣ୍ଣିମା ଓ ସଂକ୍ରାନ୍ତି) ଶିଷ୍ୟ ନିଶ୍ଚୟ ଗୁରୁଗୃହକୁ ଗମନ କରି ପ୍ରଣିପାତ, ପରିପ୍ରଶ୍ନ ଓ ସେବା ଦ୍ୱାରା ଶ୍ରୀ ଗୁରୁଙ୍କ ଅର୍ଚ୍ଚନା, ବନ୍ଦନା କରିବେ । ଏହାଠାରୁ ଅଧିକ ଦୂରରେ ଥିଲେ ଶିଷ୍ୟ ମାସକରେ ଥରେ ଗୁରୁଗୃହକୁ ଗମନ କରି ପ୍ରଣାମ କରିବା କର୍ତ୍ତବ୍ୟ ଓ ସେବା ସଂପାଦନ କରିବେ । ଯଦି ଶ୍ରୀଗୁରୁଦେବଙ୍କଠାରୁ ଶିଷ୍ୟ ଆହୁରି ଦୂରରେ ଅବସ୍ଥାନ କରୁ ଥାଆନ୍ତି ତାହାହେଲେ ବର୍ଷରେ ଦୁଇଥର ନିଶ୍ଚୟ ଗୁରୁ ଦର୍ଶନକରିବାକୁ ତାଙ୍କ ଆସନ ନିକଟକୁ ଯିବେ ।'(ସଂଘସେବକ-୧୭/୩)

(୧୩) ନୃପେନ୍ ଦା' ଲେଖିଛନ୍ତି-ଦୀକ୍ଷାଗ୍ରହଣ ପରଠାରୁ ମନେ ହେଉଥିଲା ଯେ ମସ୍ତିଷ୍କରେ ଗୁରୁଙ୍କ ସ୍ଥାନ । ସୁତରାଂ ମାତା, ଜ୍ୟେଷ୍ଠଭ୍ରାତା, ପ୍ରଭୃତି ଗୁରୁଜନଙ୍କୁ କିପରି ମସ୍ତକ ନତ କରି ପ୍ରଣାମ କରିବି ? ନ କଲେ ଲୋକମାନେ କଣ ମନେକରିବେ ? ଅନ୍ତର୍ଯ୍ୟାମୀ ଦୟାଳୁ ଠାକୁର ତାଙ୍କ ମନ କଥା ବୁଝିପାରି ସ୍ୱପ୍ନରେ ଦେଖାଦେଇ କହିଲେ-'ନୃପେନ୍, ତୁମେ ମୋ ରୂପ ଛଡ଼ା ଆଉ କାହାରି ରୂପ ଦେଖିପାରିବ ନାହିଁ ।...ନୃପେନ୍ ଦା' କହିଲେ-'ମୁଁ ସମସ୍ତଙ୍କ ମଧ୍ୟରେ ହିଁ ଆପଣଙ୍କୁ ଦେଖିବି ।'ଶ୍ରୀଶ୍ରୀଠାକୁର କହିଲେ- 'ହଁ, ତାହା ହିଁ କରିବ' । ଏହାପରେ ଯେକୌଣସି ଦେବ ଦେବୀ ଅଥବା ଗୁରୁଜନଙ୍କୁ ପ୍ରଣାମ କରିବା ସମୟରେ ମନେ ମନେ 'ସର୍ବଭୂତରେ ଠାକୁର' ଏହି କଥା ସ୍ମରଣ କରି ମୁଁ (ନୃପେନ ଦା') ପ୍ରଣାମ କରେ' ।

(୧୪) ଏକଦା ଢାକାଜିଲ୍ଲା ଅନ୍ତର୍ଗତ ମାଲୁଚି ଗ୍ରାମରେ ଯୋଗୋସାନନ୍ଦ ନାରାୟଣ ଗିରି ଅବଧୂତ ନାମକ ଜଣେ ମହାପୁରୁଷଙ୍କ ନିକଟକୁ ଯୋଗେଶ୍ୱର ଭାଇ ଓ ନୃସିଂହ ଭାଇ ଯାଇଥିଲେ । ତାଙ୍କ ଘରେ ପହଞ୍ଚି-'ମହାପୁରୁଷଙ୍କ ପାଦରେ ନତ ହୋଇ ପ୍ରଣାମ କରିବି ବା ଦୂରରୁ ନମସ୍କାର କରିବି' ଏହି ସଂକଟରେ ପଡ଼ିଲେ । ଅନ୍ତର୍ଯ୍ୟାମୀ ମହାପୁରୁଷ ଉଚ୍ଚସ୍ୱରରେ କହିବାକୁ ଲାଗିଲେ'- ବାବା ! କିଏ କାହାକୁ ପ୍ରଣାମ କରେ ? ସମସ୍ତେ ନିଜ ନିଜ ଗୁରୁଙ୍କୁ ପ୍ରଣାମ କରନ୍ତି ।' ଏହା କହି ମହାପୁରୁଷ ଯୋଡ଼ହସ୍ତ କପାଳରେ ସଂଲଗ୍ନ କରି କହିବାକୁ ଲାଗିଲେ- 'ଜୟ ପ୍ରଭୁ ନିଗମାନନ୍ଦ, ଜୟ ପ୍ରଭୁ ନିଗମାନନ୍ଦ' । ଏହା ଦେଖି ଯୋଗେଶ୍ୱର ଭାଇ ତାଙ୍କ ପାଦରେ ମଥାନତ କରି ପ୍ରଣାମ କଲେ ।

ପରିଶେଷରେ ଆଉ ଦୁଇଜଣ ପ୍ରାଚୀନ ଭକ୍ତଙ୍କ କଥା ଆଲୋଚନା କରିବା ପ୍ରାସଙ୍ଗିକ ମନେହୁଏ । ପ୍ରଥମରେ ସରଳା ସୁନ୍ଦରୀ ମା'ଙ୍କ କଥା ମନକୁ ଆସେ । ଢାକାରେ ସାନ୍ଧ୍ୟଭ୍ରମଣ ପୂର୍ବ କିଛି ସମୟ ବସିଥିଲା ବେଳେ ଜନୈକା ଅପରିଚିତା ମହିଳା ଘରେ ପ୍ରବେଶ କରି ଭକ୍ତମାନଙ୍କ ପାଖରେ ଠିଆ ହୋଇ ହାତଯୋଡ଼ି ଶ୍ରୀଶ୍ରୀଠାକୁରଙ୍କୁ ନମସ୍କାର କଲେ । ଶ୍ରୀଶ୍ରୀଠାକୁର ତାଙ୍କୁ କହିଲେ- 'ସେ ଭାବରେ ନୁହେଁ ପାଖକୁ ଆସି ପ୍ରଣାମ କର' । ମହିଳା କହିଲେ 'ମୁଁ କଣ ଆପଣଙ୍କ ପାଦ ଛୁଇଁ ପ୍ରଣାମ କରିପାରିବି ?' ଶ୍ରୀଶ୍ରୀଠାକୁର କହିଲେ- 'ନିଶ୍ଚୟ ପାରିବ ।' ଦୟାଳୁ ଠାକୁର ତାଙ୍କୁ ପରଦିନ ଦୀକ୍ଷା ଦେଲେ । ପ୍ରକାଶ ଥାଉ କି ସରଳା ମା' ବାଲ୍ୟ ବିଧବା ଥିଲେ । ନିର୍ଯ୍ୟାତିତା ହୋଇ ଘର ଛାଡ଼ି ଆସି ବେଶ୍ୟାବୃତ୍ତି କରି ଚଳୁଥିଲେ ମଧ୍ୟ ମନରେ ପ୍ରବଳ କୃଷ୍ଣଭକ୍ତି ଥିଲା ଓ ଶ୍ରୀଶ୍ରୀଠାକୁର ତାଙ୍କୁ ସ୍ୱପ୍ନରେ ଦେଖା ଦେଇ ତାଙ୍କୁ କହିଥିଲେ- 'ମୁଁ ତୁମର ଗୁରୁ' । (ଜାତି ସ୍ମର କାହାଣୀ-ପୃ-୨୪୭-୨୫୦) । ଉତ୍କଳୀୟ ଭକ୍ତ ବାଲାଜୀ ରାଜୁଙ୍କ କଥା ମଧ୍ୟ ଠିକ୍ ଏହିପରି । ସେ ଯେଉଁଦିନ ଶ୍ରୀଶ୍ରୀଠାକୁରଙ୍କୁ ଦର୍ଶନ କରିବାକୁ ଅନୁମତି ପାଇଲେ, ସେଦିନ ସେ ଚଟାଣରେ ବସିଥିବା ସ୍ଥାନରୁ ଶ୍ରୀଶ୍ରୀଠାକୁରଙ୍କୁ ପ୍ରଣାମ ଜଣାଇଲେ । ଏପରି ପ୍ରଣାମକୁ ଶ୍ରୀଶ୍ରୀଠାକୁର ବାରଣ କରି ଶ୍ରୀଶ୍ରୀଠାକୁର ତାଙ୍କୁ ଶ୍ରୀଚରଣ ସ୍ପର୍ଶ କରି ପ୍ରଣାମ କରିବାକୁ ନିର୍ଦ୍ଦେଶ ଦେଇ କହିଥିଲେ, ଶ୍ରୀଗୁରୁଦେବଙ୍କ ଚରଣ ସ୍ପର୍ଶ କରି ପ୍ରଣାମ ନ କଲେ ତାଙ୍କଠାରୁ ଶକ୍ତିଲାଭ କରିବା ସମ୍ଭବ ହୁଏ ନାହିଁ । ଏଥିପାଇଁ ଆମେ ସାରସ୍ୱତ ସଂଘ ଅନ୍ତର୍ଗତ ସମସ୍ତ ଭାଇ ଓ ମା' ପ୍ରତ୍ୟହ ସ୍ତୋତ୍ରବନ୍ଦନା ବୋଲିବା ବେଳେ ଶାନ୍ତି ପାଠ କରିଥାଉ-'ଧ୍ୟାନ ମୂଳଂ ଗୁରୋର୍ମୂର୍ତ୍ତିଃ ପୂଜାମୂଳଂ ଗୁରୋର୍ପଦମ୍ ।' ଶ୍ରୀଶ୍ରୀଠାକୁର ମହାରାଜଙ୍କ ରାତୁଲ ଚରଣରେ କୋଟି କୋଟି ପ୍ରଣାମ ଜଣାଇ ପ୍ରବନ୍ଧଟି ସାଙ୍ଗ କରୁଛି । ମୋର ବୈଷୟିକ ଜୀବନର ପିତା ଜଗନ୍ନାଥ ଦାଶଙ୍କ ସହାୟତାରେ ଏହି ପ୍ରବନ୍ଧଟି ରଚନା ହୋଇଥିବାରୁ ତାଙ୍କ ନିକଟରେ କୃତଜ୍ଞତା ଜ୍ଞାପନ କରୁଛି ।

ପରିଶେଷରେ ଅନ୍ତିମ ଭାଗରେ ଆଉ ଗୋଟିଏ କଥା ଲେଖିବାକୁ ଉଚିତ୍ ମନେକରୁଛି। ଯାହା ବାପାଙ୍କଠାରୁ ଜାଣିଛି, ଶ୍ରୀଯୁକ୍ତ ଦୁର୍ଗାଚରଣ ଭାଇଙ୍କ ସମୟରେ ଭକ୍ତମାନେ ଶ୍ରୀଶ୍ରୀଠାକୁରଙ୍କ ଡାହାଣ ପାଦରେ ଡାହାଣ ହାତ ଓ ବାମ ପାଦରେ ବାମ ହାତ ରଖି ପାଦାସନରେ ପ୍ରଣାମ କରୁଥିଲେ। ପରବର୍ତ୍ତୀ ସମୟରେ ଅନାଥ ଭାଇ ମଧ୍ୟ ଭାଇଙ୍କଠାରୁ ଶିକ୍ଷା ଲାଭ କରିଥିବା କହି ବାପାଙ୍କୁ କହିଥିଲେ- "ଶ୍ରୀଶ୍ରୀଠାକୁର ଶ୍ରୀବିଗ୍ରହରେ ଗୋଡ଼ ଛନ୍ଦି ବା ଖୋଲାରେ ଶ୍ରୀପାଦ ରଖିଥିଲେ, ତାକୁ ଦୃଷ୍ଟି ରଖି ସର୍ବଦା ଶ୍ରୀଶ୍ରୀଠାକୁରଙ୍କ ଡାହାଣ ପାଦରେ ଆମର ଡାହାଣ ହାତ ଓ ବାମ ପାଦରେ ବାମ ହାତ ରଖି ପ୍ରଣାମ କରିବ।

ଶ୍ରୀଶ୍ରୀଠାକୁର ଚରଣାଶ୍ରିତ
**ଶ୍ରୀ ଶୁଭାଶିଷ ଦାଶ**
ଆମେରିକା ସାରସ୍ୱତ ସଂଘ

◆ ◆ ◆

# ନିର୍ଭର କରି ନିର୍ଭୀକ ଆମେ

ଶ୍ରୀଶ୍ରୀଠାକୁର ମହାରାଜଙ୍କ ଗୃହୀଶିଷ୍ୟ ଶ୍ରୀ ଫଣୀଭୂଷଣ ମିତ୍ର ଭାଇଙ୍କ କଚେରୀରେ ଓକିଲମାନଙ୍କ ମଧ୍ୟରେ ତର୍କ ବିତର୍କ ଚାଲିଥାଏ– ପ୍ରକୃତ ସାଧୁଙ୍କୁ କିପରି ଚିହ୍ନିହେବ ? ଅନେକ ଓକିଲ ନିଜ ପରାମର୍ଶ, ବକ୍ତବ୍ୟ ଆଦି ଉପସ୍ଥାପନା କରୁଥାନ୍ତି । ଫଣୀଭାଇ ଚୁପ୍‌ଚାପ୍ ସବୁ ଶୁଣୁଥାନ୍ତି । ଏହି ସମୟରେ ତାଙ୍କର ଓକିଲ ବନ୍ଧୁ, ପଡ଼ୋଶୀ, ସହକର୍ମୀ ଓ ଗୁରୁଭ୍ରାତା ହେମଚନ୍ଦ୍ର ଘୋଷ ଭାଇ ଫଣୀଭାଇଙ୍କୁ ତାଙ୍କର ମତାମତ ପଚାରିଲେ । କିଛି ସମୟ ଚିନ୍ତା କରିବା ପରେ ଫଣୀ ଭାଇଙ୍କ ଉତ୍ତର ହେଲା– 'ଧରିନିଅ ଗୋଟିଏ ଖୋଲା ପଡ଼ିଆ; 'ସେଠାରେ ସମସ୍ତ ସାଧୁଙ୍କୁ ଧାଡ଼ି ଧାଡ଼ି କରି ବସାଇଦିଅ । ଏହାପରେ ଗୋଟିଏ ବାଘ ଆଣି ସେ ପଡ଼ିଆରେ ଛାଡ଼ିଦିଅ । ସେମାନଙ୍କ ମଧ୍ୟରୁ ଯିଏ ଉଠି ପଳାଇ ନ ଯିବ, ସେ ହିଁ ପ୍ରକୃତ ସାଧୁ ।' ସମୟ ନ ହେଲେ ବାଘ ମଧ୍ୟ ଛୁଇଁବ ନାହିଁ, ଏହି ଭଗବତ୍ ନିର୍ଭରତା ଯାହା ଭିତରେ ଦୃଢ଼ ଭାବରେ ପ୍ରତିଷ୍ଠିତ ହୋଇ ପାରିଛି, ସେ ହିଁ ପ୍ରକୃତରେ ସାଧୁ । ନିର୍ଭରତା ଥିଲେ ଭୟ ରହେନାହିଁ ।

ଫଣୀଭୂଷଣ ମିତ୍ର ଭାଇଙ୍କର ଏ ପ୍ରକାର ଦୃଢ଼ୋକ୍ତି ପଛରେ ଥିଲା ତାଙ୍କର ଶ୍ରୀଶ୍ରୀଠାକୁରଙ୍କ ସହିତ ଘଟିଥିବା କେତେକ ଘଟଣା ଯେଉଁଥିରୁ ସେ ଶ୍ରୀଶ୍ରୀଠାକୁରଙ୍କ ନିର୍ଭୀକତା ଦେଖି ତାଙ୍କ ପ୍ରତି ଆକୃଷ୍ଟ ହୋଇଯାଇଥିଲେ ଓ ତାଙ୍କର ଶ୍ରୀଶ୍ରୀଠାକୁରଙ୍କ ପ୍ରତି ଭକ୍ତି ବୃଦ୍ଧି ପାଇଥିଲା । ୧୯୩୧ ମସିହାରେ ଶ୍ରୀଶ୍ରୀଠାକୁରଙ୍କ ଚରଣାଶ୍ରିତ ହେଲେ ବସ୍ତରର ରାଜା ପ୍ରଫୁଲ୍ଲଚନ୍ଦ୍ର ଭଞ୍ଜଦେଓ । ପୁରୀର ନୀଳାଚଳ କୁଟୀରକୁ ଆସି ଦୀକ୍ଷା ନେଇଥିଲେ । ନୀଳାଚଳ କୁଟୀରକୁ ଯାତ୍ରା କରିବାକୁ ରାଣୀ ପ୍ରଫୁଲ୍ଲ କୁମାରୀଙ୍କୁ ତତ୍କାଳୀନ ବ୍ରିଟିଶ୍ ସରକାର ଅନୁମତି ହେଲେ ନାହିଁ । ତେଣୁ ରାଜାସାହେବଙ୍କ ଅନୁରୋଧରେ ଶ୍ରୀଶ୍ରୀଠାକୁର ବସ୍ତର ଯିବା ପାଇଁ ରାଜି ହୋଇଥିଲେ । ରାଜା ସାହେବ ଶ୍ରୀଶ୍ରୀଠାକୁରଙ୍କ ବସ୍ତର ଯିବାର ସମସ୍ତ ଆୟୋଜନ କରିଥିଲେ । ଶ୍ରୀଶ୍ରୀଠାକୁରଙ୍କ ସହିତ ଯାଇଥିଲେ ଅନ୍ୟତମ ସନ୍ନ୍ୟାସୀ ଶିଷ୍ୟ ପ୍ରଜ୍ଞାନନ୍ଦ ମହାରାଜ ଓ ଫଣୀଭୂଷଣ ମିତ୍ର ଭାଇ । ବସ୍ତର ଯିବା ପାଇଁ ପୁରୀରୁ ବାହାରି ଟ୍ରେନ୍‌ରେ ଯାଇ ଜଗ୍‌ଦଲ୍‌ପୁର ଷ୍ଟେସନ୍‌ରେ ଶ୍ରୀଶ୍ରୀଠାକୁର ଓହ୍ଲାଇଲେ । ସେଠାରୁ ତାଙ୍କୁ ପାଛୋଟି ନେବା ପାଇଁ ଆସିଥାନ୍ତି ବସ୍ତର ଷ୍ଟେଟ୍‌ର ମ୍ୟାନେଜର ଯୋଶୀ ବାବୁ । ଘନ ବଣ ଜଙ୍ଗଲ ରାସ୍ତାଦେଇ ଶ୍ରୀଶ୍ରୀଠାକୁରଙ୍କ ଗାଡ଼ି ଯାଉଥାଏ । ଇନ୍ଦ୍ରାବତୀ ନଦୀ ପାରି ହୋଇଯିବା ସମୟରେ ଗାଡ଼ିଟିକୁ ଉପରକୁ ଉଠାଇ ନେଇ ନ ପାରି ତାହା ସ୍ଲିପ୍ କରି ନଦୀ ଗର୍ଭରେ ପଡ଼ିଯିବାର ଉପକ୍ରମ ହେଲା । ଶ୍ରୀଶ୍ରୀଠାକୁର ସ୍ମିତ ମୁଖରେ କହି ଉଠିଲେ, 'ସାରିଲା ରେ !' ମୁହଁରେ ତାଙ୍କର ମୃଦୁ ହାସ୍ୟ । ସତେ ଯେପରି ଏକ ଆମୋଦଦାୟକ ଘଟଣା ଘଟୁଛି ! ଖରସ୍ରୋତା ଇନ୍ଦ୍ରାବତୀ ନଦୀରେ ଗାଡ଼ିର ପଛଚକ ଦୁଇଟି ପ୍ରାୟ ବୁଡ଼ି ଯାଇଥାଏ । ଝରଝର ନାଦରେ ଇନ୍ଦ୍ରାବତୀ ନଦୀ ପଥର ଠେଲି ବହି ଚାଲିଥାଏ । ଗର୍ଜନରେ କାନ ଆତଡ଼ା ପଡ଼ି ଯାଉଥାଏ । ସ୍ରୋତର ବେଗରେ ଗାଡ଼ିଟି କମ୍ପୁଥାଏ । ତା' ଭିତରେ ହୁକ୍କା, ବାକ୍ସ, ସୁଟ୍‌କେଶ୍ ଆଦି ଠାକୁରଙ୍କ ପ୍ରୟୋଜନୀୟ ପଦାର୍ଥ ସବୁ ଯାହା ମୋଟର ଭିତରେ ଥିଲା, ସେ ସବୁ ଶ୍ରୀଶ୍ରୀଠାକୁରଙ୍କ ଛାତି ଉପରେ ପଡ଼ିଥାଏ । କାରଣ ଗାଡ଼ିର ସମ୍ମୁଖ ଭାଗ ସିଧା ହୋଇଯାଇଥାଏ, ପଶ୍ଚାତ୍ ଭାଗ ଢ଼ାଲୁ ହୋଇ ନଦୀରେ ମିଶିଥାଏ । ଶୀଘ୍ର ଶୀଘ୍ର ଗାଡ଼ିର ଦ୍ୱାର ଖୋଲି ବ୍ୟସ୍ତ ଭାବରେ ଓହ୍ଲାଇ ଆସି ସହଯାତ୍ରୀମାନେ ଦେଖିଲେ ଯେ ମାଲ୍‌ପତ୍ର ତଳେ ଶ୍ରୀଶ୍ରୀଠାକୁର ସଂପୂର୍ଣ୍ଣ ନିଶ୍ଚେଷ୍ଟ ଭାବରେ ଅଛନ୍ତି । 'ଶୀଘ୍ର ଓହ୍ଲାଇ ଆସନ୍ତୁ' ବୋଲି କହିବାରୁ ଉତ୍ତର ଆସିଲା–'ମୁଁ ତ ଉର୍ଦ୍ଧ୍ୱପଦ ନିମ୍ନଶିର ହୋଇ ବେଶ୍ ଶୋଇ ରହିଛି ବାବା ! ଉଠି ପାରିବି ନାହିଁ । ସତେ ଯେପରି ଭାରି ମଜା ହୋଇଛି । ମରଣ ଭୟର ସମ୍ମୁଖୀନ ହୋଇ ମଧ୍ୟ ଏହି ଯେଉଁ ନିଶ୍ଚିନ୍ତ ଆନନ୍ଦ ଭାବ ତାହା ସହଯାତ୍ରୀମାନଙ୍କୁ ଖୁବ୍ ପ୍ରଭାବିତ କରିଥିଲା । ଏହି ନିର୍ଭୀକତା ପଶ୍ଚାତ୍ ଭାଗରେ ଏକ ଭଗବତ୍ ନିର୍ଭରତାର ଭାବ ରହିଛି ।

ଆଉ ଦିନକର କଥା । ହାଓଡ଼ାର ଫଣୀଭୂଷଣ ମିତ୍ର ଭାଇଙ୍କ ଘରେ ଥିବା ବେଳର । ବସ୍ତରର ରାଜାସାହେବ ପଠାଉଥିବା ଗାଡ଼ିରେ ସନ୍ଧ୍ୟାବେଳେ ଲୀଳା ମାଆଙ୍କୁ ନେଇ କଲିକତାର ବିଭିନ୍ନ ସ୍ଥାନ ବୁଲିବାକୁ ଯାଆନ୍ତି ଶ୍ରୀଶ୍ରୀଠାକୁର । ଦିନେ ହଠାତ୍ ଗାଡ଼ି ରଖିଦେଇ ପାଖ ପଡ଼ିଆରେ ହେଉଥିବା ଫୁଟ୍‌ବଲ୍ ମ୍ୟାଚ୍ ଦେଖିବାକୁ ଓହ୍ଲାଇ ପଡ଼ିଥାନ୍ତି । ନିବିଷ୍ଟ ମନରେ ଫୁଟ୍‌ବଲ୍ ମ୍ୟାଚ୍ ଦେଖୁଥାନ୍ତି । ଏପରି ସମୟରେ ଘୋଡ଼ାରେ ଚଢ଼ି ଦୁଇଜଣ ଗୋରା ପୋଲିସ୍ ଭିଡ଼ ଆଡ଼େଇବା ପାଇଁ ସମସ୍ତଙ୍କୁ ଲାଠିରେ ପିଟି ପିଟି ଆସୁଥାନ୍ତି ।

ଶ୍ରୀଶ୍ରୀଠାକୁରଙ୍କର ସେ ଦିଗକୁ ଦୃଷ୍ଟି ହିଁ ନାହିଁ । ଗୋରା ଦୁଇଟି ଶ୍ରୀଶ୍ରୀଠାକୁରଙ୍କ ପାଖକୁ ଆସି ହଠାତ୍ ଯେପରି ସ୍ଥିର ହୋଇଗଲେ- **Oh! He is a gentleman** ବୋଲି କହି ଅନ୍ୟତ୍ର ଚାଲିଗଲେ । **Gentleman** ଜଣକ ଯେପରି ନିଶ୍ଚଳ ଭାବରେ ଫୁଟ୍‌ବଲ୍ ଦେଖୁଥିଲେ ସେଥିରେ ସାମାନ୍ୟତମ ବ୍ୟାଘାତ ଯେପରି ସୃଷ୍ଟି ହୋଇନାହିଁ- ସେହିପରି ଭାବରେ ପୂର୍ବପରି ଫୁଟ୍‌ବଲ୍ ଖେଳ ଦେଖିବାକୁ ଲାଗିଲେ। ଅନ୍ୟ ଏକ ଘଟଣା ଶ୍ରୀଶ୍ରୀଠାକୁର ଗଙ୍ଗାକୂଳରେ ପ୍ରିନ୍‌ସେପ୍ ଘାଟରେ ବସିଥାନ୍ତି । ସାଙ୍ଗରେ ଥାଆନ୍ତି ଫଣୀ ଭାଇ । ଗଙ୍ଗାର ଅନ୍ତହୀନ ସୁନ୍ଦର ଲହରୀ ମାଳାରେ ନିଜକୁ ବୁଡ଼ାଇ ଦେଇ ସେ ଧ୍ୟାନସ୍ଥ ପ୍ରାୟ । ଏତିକିବେଳେ ଫଣୀ ଭାଇ ଦେଖିଲେ ଦୁଇଜଣ ଗୋରାଲୋକ ଗଙ୍ଗାଘାଟରେ ପହଞ୍ଚିଲେ। ହାତରେ ଦୁଇଟି ଭଙ୍ଗା ବୋତଲ, ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରୁଥାନ୍ତି ଓ ଯିଏ ସମ୍ମୁଖକୁ ଆସିଲା, ତାକୁ ଘୁଷି, ମୁଥା, ବିଧା, ଚାପୁଡ଼ା ମାରୁଥାନ୍ତି । ଜଣାପଡୁଥାଏ ଯେ ସେମାନେ ମଦନିଶାରେ ମାତାଲ୍ । ଗଙ୍ଗାଘାଟ ପାହାଚରେ ଆମ ଆଡ଼କୁ ବଢ଼ି ବଢ଼ି ଆସୁଥାନ୍ତି । ସେମାନଙ୍କୁ ଦେଖି ଭୟର ସଞ୍ଚାର ହେଉଥାଏ । ଫଣୀଭାଇ ସେତେବେଳେ କିଂକର୍ତ୍ତବ୍ୟ ବିମୂଢ଼ ହୋଇ ଛିଡ଼ା ହୋଇଥାନ୍ତି । ଶ୍ରୀଶ୍ରୀଠାକୁରଙ୍କ ଧ୍ୟାନ ଭଙ୍ଗ କରିବା ପାଇଁ ତାଙ୍କର ସାହସ ନ ଥାଏ, ଇଚ୍ଛା ମଧ୍ୟ ନ ଥାଏ । ଶେଷ ପର୍ଯ୍ୟନ୍ତ ମନେ ମନେ ଭାବିଥାନ୍ତି ଯେ ନିଜ ଜୀବନ ବିନିମୟରେ ହେଲେ ମଧ୍ୟ ଶ୍ରୀଶ୍ରୀଠାକୁରଙ୍କୁ ରକ୍ଷା କରିବ । ତାଙ୍କ ଧ୍ୟାନରେ ବ୍ୟାଘାତ ହେବାକୁ ଦେବିନାହିଁ । ସେତେବେଳକୁ ଯେଉଁ ପାହାଚରେ ଶ୍ରୀଶ୍ରୀଠାକୁର ବସିଥାନ୍ତି, ସେ ପାହାଚରେ ଗୋରାମାନେ ପାଦ ଦେଲେଣି । ହଠାତ୍ କାହିଁକି କେଜାଣି ଶ୍ରୀଶ୍ରୀଠାକୁର ଟିକିଏ କଡ଼କୁ ମୁହଁ କରି ସେମାନଙ୍କୁ ଚାହିଁଲେ । ସେ ଚାହାଣୀରେ କ'ଣ ଥିଲା କେଜାଣି ଯେପରି କରେଣ୍ଟ ଖାଇଲା ପରି ଗୋରା ଦୁହେଁ ହଠାତ୍ ସ୍ତବ୍ଧ ହୋଇ ଅଟକି ଗଲେ । ଏତିକି ଟିକିଏ ଚାହିଁଦେଇ ଶ୍ରୀଶ୍ରୀଠାକୁର ପୁଣି ପୂର୍ବବତ୍ ଗଙ୍ଗାର ଲହରୀମାଳାରେ ଧ୍ୟାନସ୍ଥ ହୋଇଗଲେ । କିନ୍ତୁ ଗୋରା ଦୁହେଁ ଆଉ ଆଗକୁ ନ ବଢ଼ି ଯେଉଁ ରାସ୍ତାରେ ଆସିଥିଲେ ସେହି ରାସ୍ତାରେ ପଛକୁ ଫେରି ଚାଲିଗଲେ ।

ଶ୍ରୀଶ୍ରୀଠାକୁରଙ୍କର ବିଭିନ୍ନ ସମୟରେ ଏହି ନିର୍ଭୀକ ବେଖାତିର ଭାବ ଫଣୀଭାଇଙ୍କୁ ଖୁବ୍ ପ୍ରଭାବିତ କରିଥିଲା । ସେଥିପାଇଁ ସେ ପରବର୍ତ୍ତୀ ସମୟରେ ପ୍ରକାଶ କରିଥିଲେ ଯେ ଯାହାର ଭଗବତ୍ ନିର୍ଭରତା ଏତେ ଅଧିକ ଯେ ମୃତ୍ୟୁର ସମ୍ମୁଖୀନ ହୋଇ ମଧ୍ୟ ସେଥିରେ ବିଚଳିତ ହୋଇଯାଆନ୍ତି ନାହିଁ, ସେହି ବ୍ୟକ୍ତି ହିଁ ପ୍ରକୃତ ସାଧୁ ।

ଯେ କୌଣସି ପ୍ରତିକୂଳ ପରିସ୍ଥିତିର ସମ୍ମୁଖୀନ ହେଲେ ମନୁଷ୍ୟ ପ୍ରଥମେ ବିଚଳିତ ହୋଇଯାଏ । ପରିସ୍ଥିତିର ଫଳାଫଳ ଯଦି ତା ହାତ ବାହାରେ ଥାଏ, ତେବେ ସେପରି ଅବସ୍ଥାରେ ସେ ଭୟଭୀତ ହୋଇପଡ଼େ । ଫଳରେ ତା' ଭୟ ହିଁ ତାକୁ ଆହୁରି ଅଧିକ ବିଚଳିତ କରିପକାଏ। ଏପରି ଅବସ୍ଥାରେ ଏକ ଠିକ୍ ନିର୍ଣ୍ଣୟ ନେବା ପରିବର୍ତ୍ତରେ ଅନେକ ସମୟରେ ସେ ଏପରି କାର୍ଯ୍ୟ କରିବସେ, ଯାହା ତା' ପାଇଁ ଅନିଷ୍ଟକର ହୋଇଥାଏ । ଶ୍ରୀଶ୍ରୀଠାକୁର କହିଛନ୍ତି, ଅନୁକୂଳ ପରିସ୍ଥିତି ହେଉ ବା ପ୍ରତିକୂଳ ପରିସ୍ଥିତି ହେଉ, ସବୁ ଅବସ୍ଥାରେ ଭଗବତ୍‌ନିର୍ଭରତା ଅବଲମ୍ବନ କରି ଚଳିବାକୁ ହେବ- 'ବର୍ତ୍ତମାନ ଯେଉଁ ସୁଖ ଦୁଃଖ ଭୋଗ କରୁଛ ତାହା ମଧ୍ୟ ତୁମ ପ୍ରାର୍ଥନାର ଫଳ । ଦିନେ ତୁମେ ସୁଖ ନିମିତ୍ତ ଏସବୁ ଚାହିଁଥିଲ । ଆଜି ଅବସ୍ଥା ବିପର୍ଯ୍ୟୟରେ ତାହା ଦୁଃଖଦାୟକ ହୋଇ ଛିଡ଼ା ହୋଇଛି । କମ୍ବଳ ମାଗିବା କଥା ତ ସମସ୍ତେ ଜାଣିଛ । ବୁଝିଶୁଝି ପ୍ରାର୍ଥନା କରିବ । ତୁମର ପ୍ରାର୍ଥନା ହେବ-'ହେ ଠାକୁର ! ବିଶ୍ୱାସ ଦିଅ ।' ବିଶ୍ୱାସ ଆସିଲେ ନିର୍ଭରତା ଆସିବ । ନିର୍ଭରତା ଆସିଲେ ଆଉ କିଛି ପାଇବାର ବାକି ରହିବ ନାହିଁ । ତେଣୁ ମୋର ଶେଷ ବକ୍ତବ୍ୟ, ତୁମେମାନେ ବିଶ୍ୱାସର ଅଚଳ ଭିତ୍ତିରେ ଚିତ୍ତକୁ ସଂସ୍ଥାପିତ କରି ମୋ ଉପରେ ନିର୍ଭର କର । ମୋ ଉପରେ ସବୁ ଭାର ଦେଇଦିଅ । ତୁମମାନଙ୍କୁ କିଛି ମାଗିବାକୁ ହେବ ନାହିଁ, ପ୍ରାର୍ଥନା ଜଣାଇବାକୁ ପଡ଼ିବ ନାହିଁ । ତୁମମାନଙ୍କର ଯହିଁରେ ମଙ୍ଗଳ ହେବ, ମୁଁ ତାହା କରିବି ।'(ନିଗମ ଉପଦେଶ-ପ୍ରାର୍ଥନାକାରୀଙ୍କ ପ୍ରତି)

ଏହିପରି ଦୃଢ଼ ବିଶ୍ୱାସ ଓ ଶ୍ରୀଶ୍ରୀଠାକୁରଙ୍କ ପ୍ରତି ନିର୍ଭରତା ଆମ ଭିତରେ ଆସିବା ପାଇଁ ଆମ ପ୍ରାଣର ପ୍ରାର୍ଥନା ହେବା ଆବଶ୍ୟକ । 'ଶ୍ରୀଶ୍ରୀଠାକୁର ମଙ୍ଗଳମୟ'-ଏହି ଦୃଢ଼ ବିଶ୍ୱାସ ଥିଲେ ଆପଣାଛାଏଁ ତାଙ୍କ ପ୍ରତି ନିର୍ଭରତା ଆସିଯାଏ । ଏହି ନିର୍ଭରତା ଆସିଲେ ମନୁଷ୍ୟ ଯେ କୌଣସି ପରିସ୍ଥିତିର ସମ୍ମୁଖୀନ ହେଲେ ମଧ୍ୟ ସେଥିରେ ବିଚଳିତ ବା ଭୟଭୀତ ହୋଇ ପଡ଼େନାହିଁ । ପୂର୍ଣ୍ଣ ସମର୍ପଣ ନ ଆସିବା ଯାଏ ନିର୍ଭରତା ଆସିପାରେ ନାହିଁ । ପୁଣି ଗୁରୁଙ୍କ ଆଦେଶକୁ କାର୍ଯ୍ୟକାରୀ କରିବାକୁ ଗଲେ ଆପଣାଛାଏଁ ନିର୍ଭରତା ଆସିଯାଏ । କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକଙ୍କ ଲେଖା ଗୋଟିଏ ଗୀତ ସବୁବେଳେ ଯେ କୌଣସି ପ୍ରତିକୂଳ ପରିସ୍ଥିତିରେ ମଧ୍ୟ ମନରେ ସାହସ ଯୋଗାଇଥାଏ-

ନିର୍ଭର କରି ନିର୍ଭୀକ ଆମେ
ସଂଗ୍ରାମଜୟୀ ଆର୍ଯ୍ୟସନ୍ତାନ
ଜନ୍ମ ମୃତ୍ୟୁ ଛେଦ ଶଙ୍କା ବିହୀନ
ପ୍ରେମମୟ ଜୟ ନିଗମାନନ୍ଦ କାନ୍ତି କୀର୍ତ୍ତି ମୂର୍ତ୍ତିମାନ୍ ।

ଏହି ଦୃଢ଼ ନିର୍ଭୀକ ଭାବ କେବଳ ନିର୍ଭରକାରୀଙ୍କ ପକ୍ଷରେ ସମ୍ଭବ ହୋଇଥାଏ । ଥରେ ଚିଦାନନ୍ଦ ଭାଇ ଓ ନୃପେନ୍ ଭାଇ (ଢ଼ାକାର ନୃପେନ୍ଦ୍ର ଚନ୍ଦ୍ର ରାୟ ଭାଇ)ଙ୍କୁ ଶ୍ରୀଶ୍ରୀଠାକୁର ଗୋଟିଏ ନଦୀ ପାଖରେ ଥିବା ଶିଳା ଉପରେ ଯାଇ ସନ୍ଧ୍ୟା କରିବାକୁ କହିଲେ । ଶ୍ରୀଶ୍ରୀଠାକୁରଙ୍କ ଆଦେଶକୁ ଅବିଚାରରେ ପାଳନ କରିବା ଥିଲା ଚିଦାନନ୍ଦ ଭାଇଙ୍କ ସ୍ୱଭାବ । ଦୁହେଁ ନଦୀକୂଳରେ ଥିବା ପଥର ଉପରକୁ ଗଲେ । ଯାଇ ଦେଖିଲେ ସାପଟିଏ ଅଣ୍ଡା ଦେଇଛି । ସନ୍ଧ୍ୟା ଆଗତ ପ୍ରାୟ, ସାପ ନିଶ୍ଚୟ ଗାତରୁ ବାହାରିବ ବା ଗାତ ପାଖକୁ ଆସିବ । ନୃପେନ୍ ଦା କହିଲେ-ଭାଇ ଏଠାରେ ବସି ହେବ ନାହିଁ । ଯେକୌଣସି ମୁହୂର୍ତ୍ତରେ ସାପ ଆସିଲେ ଆମ ପ୍ରାଣ ସଙ୍କଟରେ ପଡ଼ିପାରେ । ସନ୍ଧ୍ୟା ସମୟ, ଚାଲ ଏଠାରୁ ଚାଲିଯିବା । ସେତେବେଳେ ଚିଦାନନ୍ଦ ଭାଇ କହିଲେ, ଶ୍ରୀଶ୍ରୀଠାକୁର ନିର୍ଦ୍ଦେଶ ଦେଇଛନ୍ତି, ଏଇଠାରେ ବସି ସନ୍ଧ୍ୟା କରିବାକୁ ହେବ । ଏହା କହି ସେ ଆଖିବୁଜି ବସି ଧ୍ୟାନସ୍ଥ ହୋଇଗଲେ । ନୃପେନ୍ ଦା ସେଠାରେ ବସି ରହିଲେ । କିଛି ସମୟ ପରେ ସନ୍ଧ୍ୟା ସାରି ଚିଦାନନ୍ଦ ଭାଇ ଉଠିବାରୁ ନୃପେନ୍ ଦା ପଚାରିଲେ, ଆପଣ ବସି ପାରିଲେ କିପରି ? ମୁଁ ତ ଏଇ ପୁରା ସମୟ ସାପ ଆସିବ ବୋଲି ସାପ ଚିନ୍ତାରେ ହିଁ ମଗ୍ନ ରହିଛି । ଏହାର ଉତ୍ତରରେ ଚିଦାନନ୍ଦ ଭାଇ କହିଲେ, 'ମୁଁ ଶ୍ରୀଶ୍ରୀଠାକୁରଙ୍କ ଉପରେ ନିର୍ଭର କରି ନିଶ୍ଚିନ୍ତରେ ବସିଥିଲି । ତାଙ୍କ ଆଦେଶରେ ଏଠାକୁ ଆସିଛି ଯାହା ହେବ । ସେ ବୁଝିବେ ।' ଚିଦାନନ୍ଦ ଭାଇଙ୍କ ଏହି ଉକ୍ତିରୁ ଜଣାପଡ଼େ, ଶ୍ରୀଶ୍ରୀଠାକୁରଙ୍କ ଉପରେ ନିର୍ଭରତା କିପରି ତାଙ୍କୁ ନିର୍ଭୀକ ଭାବରେ ଶ୍ରୀଶ୍ରୀଠାକୁରଙ୍କ ଆଦେଶ ପ୍ରତିପାଳନ କରିବାରେ ସାହାଯ୍ୟ କରିଥିଲା ।

ଆମେମାନେ ସମସ୍ତେ ଶ୍ରୀଶ୍ରୀଠାକୁରଙ୍କର ସନ୍ତାନ । ଆମ ଜୀବନର ଅନୁକୂଳ ଓ ପ୍ରତିକୂଳ ପରିସ୍ଥିତି ସବୁ ଶ୍ରୀଶ୍ରୀଠାକୁରଙ୍କ ଇଚ୍ଛାରେ ନିୟନ୍ତ୍ରିତ ହେଉଛି, ସେ ଆମ ହାତ ଧରିଛନ୍ତି। ପ୍ରତି ମୁହୂର୍ତ୍ତରେ ତାଙ୍କ ଉପରେ ବିଶ୍ୱାସ ରଖିବା ଓ ତାଙ୍କ ଆଦେଶ, ଉପଦେଶ, ନିର୍ଦ୍ଦେଶ ଅନୁଯାୟୀ କର୍ତ୍ତବ୍ୟ କର୍ମ ସଂପାଦନ କରିଯିବା । ବିଚଳିତ ହେବା ନାହିଁ ।

ଆସନ୍ତୁ ଆଜି ଶ୍ରୀଶ୍ରୀଠାକୁରଙ୍କ ଚରଣରେ ପ୍ରାର୍ଥନା କରିବା-

ବିଶ୍ୱାସ ଦିଅ ଦିଅ ନିର୍ଭରତା
ଦିଅ ହେ ଭକତି ଜ୍ଞାନ
ଦିଅ ମନେ ବଳ ଦୃଢ଼ତା ଅଟଳ
ଦିଅ ହେ ଅଦୀନ ପ୍ରାଣ ।

ଶ୍ରୀଶ୍ରୀଠାକୁର କହିଛନ୍ତି – ବତ୍ସ ! ନିରାଶ ନ ହୋଇ ମନରେ ବଳ ଆନୟନ କର । ନିଜକୁ ହୀନ ବା ଦୁର୍ବଳ ବୋଲି ମନେ କର ନାହିଁ । ସର୍ବଦା ଭାବ, ତୁମେ ବ୍ରହ୍ମମୟୀଙ୍କ ସନ୍ତାନ । ତୁମେ ଅଧମ ନୁହଁ । ବିଶେଷତଃ ଶ୍ରୀଗୁରୁଦେବ ଯାହାକୁ କୃପା କରିଛନ୍ତି, ତାଙ୍କର ଭୟ ବା ଚିନ୍ତା କିଛି ନାହିଁ । (ନିଗମ ଉପଦେଶ। ଭକ୍ତମାନଙ୍କ ପ୍ରତି, ପ୍ରକୃତ ସାଧନା)

ତେଣୁ ନିର୍ଭର କର, ନିର୍ଭୀକ ହୁଅ ।

ଶ୍ରୀଶ୍ରୀଠାକୁର ଚରଣାଶ୍ରିତା
**ଶ୍ରୀମତୀ ନିବେଦିତା ନାୟକ**
ସତ୍‌ଶିକ୍ଷା ମନ୍ଦିର, ମହିଳା ସଂଘ

# ଉଚ୍ଚାରଣ-ଆଚରଣ

ଉଚ୍ଚାରଣ ଓ ଆଚରଣ ଗୋଟିଏ କାମର ଦୁଇଟି ପରିପ୍ରକାଶ । ଗୋଟିଏ କେବଳ କଥାରେ କହିଦେଲେ ଶେଷହେଲା। ସେ ଆଉ ସେ କଥାର କାର୍ଯ୍ୟକାରିତା ଉପରେ ଚିନ୍ତା କରନ୍ତିନି । ଏହା ହେଲା ଉଚ୍ଚାରଣ । ଆଉ ଗୋଟିଏ ହେଲା କହିବା କଥାକୁ ଯତ୍‌ପରୋନାସ୍ତି କାର୍ଯ୍ୟରେ ପରିଣତ କରିବାର ଚେଷ୍ଟା । ଏହାଦ୍ୱାରା ସବୁବେଳେ ମନୁଷ୍ୟର ତଥା ସମାଜର ହିତସାଧିତ ହୋଇଥାଏ। ବର୍ତ୍ତମାନ ଯୁଗରେ ଉଚ୍ଚାରଣବାଦୀ ଲୋକଙ୍କର ସଂଖ୍ୟା ବହୁ ଅଧିକ ।

ଉଚ୍ଚାରଣ ଓ ଆଚରଣ ମଧ୍ୟରେ ତର୍ଜମା କଲେ ଦେଖାଯାଏ, ଉଚ୍ଚାରଣ ହେଲା କେବଳ ମୁହଁରେ କହିଦେବା । ଯଥା ରୋଷେଇ ବିଷୟ ଆଲୋଚନା କରାଯାଉ । କୌଣସି ବହିରୁ ପଢ଼ି କିମ୍ୱା ଟି.ଭି. ଇତ୍ୟାଦିରୁ ଦେଖି କିମ୍ୱା ଜଣେ ରୋଷେଇ ବାଲାଠାରୁ ଶୁଣି ଜଣେ ରୋଷେଇ କଥା କହିଦେଇ ପାରିବ । କିନ୍ତୁ ସେକଥା କେବଳ ଭାଷଣରେ ରହିଗଲା । ଶୁଣିଥିବା କିମ୍ୱା ପଢ଼ିଥିବା କଥାକୁ କାର୍ଯ୍ୟରେ ରୋଷେଇ କରି ଖୁଆଇ ପାରିବ କିମ୍ୱା ଖାଇପାରିବ । ବର୍ତ୍ତମାନ ଉଚ୍ଚାରଣ ଓ ଆଚରଣ ସମ୍ବନ୍ଧୀୟ ତିନିପ୍ରକାର ଲୋକ ଦେଖା ଯାଉଛନ୍ତି । ଯଥା-

୧ମ ପ୍ରକାର-କହନ୍ତି ଓ କରନ୍ତି ମଧ୍ୟ । ଏମାନେ ହେଲେ ଉଭୟ ଉଚ୍ଚାରଣ ଓ ଆଚରଣବାଦୀ । ଏମାନଙ୍କ ଦ୍ୱାରା ସମାଜର, ସଂଘର ତଥା ଦେଶର ଉପକାର ହେବ ।

୨ୟ ପ୍ରକାର-କହନ୍ତି କିନ୍ତୁ କରନ୍ତି ନାହିଁ । ଏମାନେ ହେଲେ ଉଚ୍ଚାରଣବାଦୀ । ଏମାନଙ୍କ ଦ୍ୱାରା ଜଗତର କୌଣସି କାର୍ଯ୍ୟ ହୋଇପାରିବ ନାହିଁ ।

୩ୟ ପ୍ରକାର-କହନ୍ତିନି ବା କରନ୍ତିନି । ଏ ପ୍ରସଙ୍ଗରେ ଏମାନଙ୍କ କଥା ଆଲୋଚନାକୁ ଆସିବାର ନାହିଁ ।

ଏଣୁ ସାଧୁମାନେ କହିଛନ୍ତି, ପୁସ୍ତକରୁ ପାଠକରି ଭାଷଣ ଦେବା ଲୋକ ବହୁତ । ବର୍ତ୍ତମାନ ଜଗତରେ ଉପଦେଷ୍ଟା ଅନେକ, କିନ୍ତୁ ଉପଦେଶକୁ ପାଳନ କରିବା ଲୋକ କମ୍ । ନା ଉପଦେଷ୍ଟା ନିଜେ ପାଳନ କରନ୍ତି କିମ୍ୱା ଶ୍ରୋତୃମଣ୍ଡଳୀ ! ଏଥିପାଇଁ ସମାଜର ତଥା ସଂଘର ଉନ୍ନତି ହୋଇପାରୁ ନାହିଁ ।

ବର୍ତ୍ତମାନ ସମାଜରେ ଉଚ୍ଚାରଣ ଓ ଆଚରଣ ମଧ୍ୟରେ ସାମଞ୍ଜସ୍ୟ ରକ୍ଷା କରୁଥିବା ଲୋକର ଆବଶ୍ୟକତା ବହୁ ଅଧିକ । ଏହା କେବଳ ସାଧନା ଦ୍ୱାରା ହୋଇପାରିବ । ସାଧନା କହିଲେ କିଛି ଗୋଟେ ଅତି ବିରାଟ ଜିନିଷ ନୁହଁ । ସାଧନାର ସରଳ ଅର୍ଥ ହେଉଛି, ଶାସ୍ତ୍ରବାକ୍ୟ ଅନୁସାରେ, ଗୁରୁଦେବଙ୍କ ଉପଦେଶ ଅନୁସାରେ ନିଜର ଚଳଣିର ପରିବର୍ତ୍ତନ । ଏହା କେବଳ ମନୁଷ୍ୟ ଦ୍ୱାରା ହିଁ ସମ୍ଭବ । ବିଚାରକୁ ନେଲେ, ଯେତେ ସାଧୁ ସନ୍ନ୍ୟାସୀ ସମସ୍ତେ ସାଧୁ ସନ୍ନ୍ୟାସୀ ହୋଇ ଜନ୍ମହୋଇ ନ ଥାନ୍ତି । ବୟଃବୃଦ୍ଧି ସଙ୍ଗେ ସଙ୍ଗେ ଶାସ୍ତ୍ରବାକ୍ୟ, ଗୁରୁବାକ୍ୟ ଅନୁଶୀଳନ କରି ସାଧୁ ସନ୍ନ୍ୟାସୀ ହୋଇଥାନ୍ତି । ଶାସ୍ତ୍ରବାକ୍ୟ ଅନୁସାରେ ଯେ କୌଣସି ବ୍ୟକ୍ତି ଏ ଜୀବନରେ ଚେଷ୍ଟାକରିବେ, ସେ କୃତକାର୍ଯ୍ୟ ହୋଇପାରିବ । ଏ ସମ୍ବନ୍ଧରେ ଶାସ୍ତ୍ରବାକ୍ୟ ହେଲା-

'ଚେଷ୍ଟାୟା କୁର୍ବନ୍ତୀ ଯଦି ନସିଦ୍ଧୟେ କୋତ୍ର ଦୋଷ ।'

ବର୍ତ୍ତମାନ ଏଠାରେ ଉଚ୍ଚାରଣବାଦୀମାନଙ୍କ ସମ୍ବନ୍ଧରେ ଆଲୋଚନା କରିବା।

ଶ୍ରୀଶ୍ରୀଠାକୁରଙ୍କ ବାଣୀ ନିମ୍ନରେ ପ୍ରଦତ୍ତ ହେଲା-

- ବର୍ତ୍ତମାନ ଧର୍ମ କେବଳ ବାଚନିକ ପରିଭାଷାରେ ରୂପାନ୍ତରିତ ହୋଇପାରିଛି ।
- ଶିଷ୍ୟ ପ୍ରାଣରେ ଶ୍ରୀଗୁରୁ ଦେବଙ୍କ ବିକାଶ ନ ହେଲେ ଶିଷ୍ୟତ୍ୱ ବୃଥା ।
- ମୋର ଉପଲବ୍ଧି ତୁମମାନଙ୍କ ଭିତରେ ସଞ୍ଚାରିତ ହୋଇ ପରିପୂର୍ଣ୍ଣ ଭାବରେ ନ ଫୁଟିଲେ ମୋର ଅତି ଦୁଃଖ ହେବ, ଅତି ଜ୍ୱାଳାହେବ ।
- ବାହ୍ୟବସ୍ତୁ ପ୍ରତି ଚିତ୍ତର ଆକର୍ଷଣ ପରି ଜୀବର ଆଉ ଶୋଚନୀୟ ଅବସ୍ଥା କିଛି ନାହିଁ ।

- ଦେଶର ଆଜି ଏ ଦୁର୍ଗତି କାହିଁକି ? ଧର୍ମ ବିଶ୍ୱାସର ମୂଳ ଶିଥିଳ ହୋଇଯାଇଛି ବୋଲି ସମାଜରେ, ଦେଶରେ ଆଉ ପୂର୍ବ ପରି ଧର୍ମଧର ପୁରୁଷ ନାହାନ୍ତି । ବର୍ତ୍ତମାନ ଧର୍ମକୁ ଜୀବନ ଦେଇ ପ୍ରତ୍ୟକ୍ଷ କରିଥିବା ମାନବର ଏକାନ୍ତ ଅଭାବ ।

  ଏଥିପାଇଁ ଶ୍ରୀଶ୍ରୀଠାକୁର ତାଙ୍କ ଶିଷ୍ୟଭକ୍ତମାନଙ୍କୁ କେବଳ ଉଚ୍ଚାରଣବାଦୀ ନ ହୋଇ ଆଚରଣବାଦୀ ହେବାପାଇଁ ଯେଉଁସବୁ ଉପଦେଶ ଦେଇଛନ୍ତି, ତତ୍‌ମଧ୍ୟରୁ କେତେକ ନିମ୍ନରେ ପ୍ରଦତ୍ତ ହେଲା ।

- ଗ୍ରନ୍ଥ ଅଧ୍ୟୟନରେ ଜ୍ଞାନ ହୁଏନାହିଁ । ଜ୍ଞାନ ହୁଏ ସାଧନାରେ ।
- ତୁମେମାନେ ଅଭିନୟ ତ୍ୟାଗକରି ଖାଣ୍ଟିଭାବରେ ମନୁଷ୍ୟ ହୋଇଉଠ ।
- ସେହି ନିତ୍ୟଲୋକର ଭାବ ବୁଝ । ଏହି ଜଗତରେ ଥାଇ ସେହି ଭାବକୁ ପ୍ରତ୍ୟେକ ନିଜ ଜୀବନରେ ମୂର୍ତ୍ତ କରି ପ୍ରକାଶ କର ।
- ଯାହା ମୁକ୍ତିର ଏକମାତ୍ର କାରଣ ଓ ଯାହା ଆତ୍ମୋନ୍ନତିର ଏକମାତ୍ର କାରଣ, ତାହାକୁ ନେଇ ଖେଳିବା କେବେହେଲେ ଶୋଭନୀୟ ହେବନାହିଁ ।
- ଯେ କୌଣସି ଗୋଟିଏ ମତ ଆଶ୍ରୟ କରି ପରିଚାଳିତ ହୋଇପାରିଲେ କୃତାର୍ଥ ହୋଇପାରିବ ।
- କେବଳ ଉପଦେଶ ଶୁଣିଲେ କିଛି ହୁଏନାହିଁ । ଜୀବନରେ ଗୋଟିଏ ଉପଦେଶକୁ ଯଦି କାର୍ଯ୍ୟକାରୀ କରିପାର, ତେବେ ଜୀବନ ଧନ୍ୟ ହୋଇଯିବ ।
- ଶ୍ରୀଗୁରୁଦେବଙ୍କ ଆଦର୍ଶକୁ ରୂପଦେବା ନିମିତ୍ତ ତୁମମାନଙ୍କର ଜୀବନ।
- ମୋର ଉପଲବ୍‌ଧି ତୁମ ଭିତରେ ସଞ୍ଚାରିତ ହୋଇ ପରିପୂର୍ଣ୍ଣ ଭାବରେ ନ ଫୁଟିଲେ ମୋର ଅତି ଦୁଃଖ, ଅତି ଜ୍ୱାଳା ହେବ ।
- ଶାସ୍ତ୍ରବିତ୍ ଲୋକଙ୍କର ଅଭାବ ନାହିଁ, ତୁମେମାନେ ଆତ୍ମବିତ୍ ହୁଅ, ସାଧୁ ହୁଅ ।
- ବଡ଼ ବଡ଼ କଥା ସବୁ ଛାଡ଼ିଦେଇ ଜୀବନରେ ଛୋଟ ଛୋଟ କଥାଗୁଡ଼ିକୁ ଆକାର ଦିଅ ।
- ଗୁରୁ କର୍ଣ୍ଣରେ ମହାବାକ୍ୟ ଶୁଣାଇଦେଲେ, କିନ୍ତୁ ସେହି ମହାବାକ୍ୟ ଯଦି ଜୀବନରେ ପ୍ରତ୍ୟକ୍ଷ ହୋଇ ନ ଉଠିଲା, ତେବେ କ'ଣ ସେହି ମହାବାକ୍ୟର ମର୍ମ ତୁମେମାନେ ଅବଗତ ହୋଇପାରିବ ?
- ସଦ୍‌ଗୁରୁଙ୍କ ସନ୍ତାନ ବୋଲି ପରିଚୟ ଦେବାପାଇଁ ଯେଉଁ ଗୁଣ ଅର୍ଜନ କରିବା ପ୍ରୟୋଜନ, ସେହି ଗୁଣ ଅର୍ଜନ କରିବା ପାଇଁ ଶକ୍ତି ପ୍ରୟୋଗ କର ।

ଶ୍ରୀଶ୍ରୀଠାକୁର ଜଗଦ୍‌ଗୁରୁଙ୍କ ମାନୁଷୀ ତନୁ । ଏଣୁ କରି ଆମେମାନେ ଜଗଦ୍‌ଗୁରୁଙ୍କ ଉପାସକ । ଏହାଠାରୁ ବଳି ପରମ ସୌଭାଗ୍ୟ ଆଉ କିଛି ହୋଇ ନ ପାରେ । ଏଥିପାଇଁ ଆମମାନଙ୍କ ପକ୍ଷେ ଶ୍ରୀଶ୍ରୀଠାକୁରଙ୍କ ଉପଦେଶ କେବଳ ଅକ୍ଷରେ ଅକ୍ଷରେ ଅବିଚାରେ ପାଳନୀୟ । ଏ ସମ୍ବନ୍ଧରେ ଶ୍ରୀଶ୍ରୀଠାକୁରଙ୍କ ବାଣୀ ହେଲା–

- ତୁମମାନଙ୍କ ମଧ୍ୟରୁ ଜଣେ ଯଦି ଯଥାର୍ଥ ମନୁଷ୍ୟ ହୋଇ ପାରିଲେ, ବୁଝିବି ଯେ ମୋର ସବୁ ଆଶା, ସବୁ ଅଭିଳାଷ ପୂର୍ଣ୍ଣ ହେଲା ।
- ମୋର ବୋଲି ଯଦି ଜଣକୁ ହେଲେ ପାଏ, ତାହା ହିଁ ମୋର ପରମ ଲାଭ ।

  ଆତ୍ମକଲ୍ୟାଣ ଲାଭେଚ୍ଛୁ ସାଧକମାନେ ଶ୍ରୀଶ୍ରୀଠାକୁରଙ୍କର ଉପରୋକ୍ତ ବାଣୀଗୁଡ଼ିକର ମର୍ମାର୍ଥ ଉପଲବ୍‌ଧି କରି କେବଳ ଉଚ୍ଚାରଣଧର୍ମୀ ନ ହୋଇ ଆଚରଣଧର୍ମୀ ହୋଇ ଶ୍ରୀଶ୍ରୀଠାକୁରଙ୍କ ମନୋମତ ସେବକ ହେବା ପାଇଁ ଚେଷ୍ଟିତ ହେବେ ।

ଶ୍ରୀଶ୍ରୀଠାକୁର ଚରଣାଶ୍ରିତ

**ଶ୍ରୀ କମ୍ବୁଚରଣ ଧର**

ଉପ ସଭାପତି

ନୀଳାଚଳ ସାରସ୍ୱତ ସଂଘ, ପୁରୀ

# ପ୍ରେମର ପରିଭାଷା - ୨

ପ୍ରେମ ହିଁ ଭଗବାନଙ୍କ ସ୍ୱରୂପ ଏବଂ ଅପ୍ରାକୃତ । ସେହି ଭଗବତ୍ ପ୍ରେମ ଲାଭ ହେଲେ ଏହି ସଂସାରରେ ରହି ନିତ୍ୟଲୀଳାର ଆନନ୍ଦ ଉପଭୋଗ କରି ଭକ୍ତମାନେ କୃତାର୍ଥ ହୁଅନ୍ତି । ଭଗବାନ ପ୍ରେମର ପ୍ରସ୍ରବଣ । ସେହି ପ୍ରସ୍ରବଣର ସାମାନ୍ୟ ସ୍ରୋତ ଏହି ଜଗତରେ କ୍ଷୀଣ ଭାବରେ ପ୍ରବାହିତ । ଏହାର ନାମ ଭକ୍ତି । ସେହି ସ୍ରୋତକୁ ଅବଲମ୍ବନ କରି ଏକନିଷ୍ଠ ଭାବରେ ତାଙ୍କରି ଲକ୍ଷ୍ୟରେ ଅଗ୍ରସର ହୋଇପାରିଲେ ସହଜରେ ଭଗବତ୍ ସାକ୍ଷାତକାର ଲାଭ ହୋଇଥାଏ । ଭକ୍ତିର ପରିଣତ ଅବସ୍ଥା ହିଁ ପ୍ରେମ । କିନ୍ତୁ ଏହି ପ୍ରେମଭକ୍ତି ଭଗବାନଙ୍କ ଇଚ୍ଛା ବ୍ୟତୀତ କେହି ଲାଭ କରିପାରନ୍ତି ନାହିଁ । 'ଯଃ ଏସ ବୃଣୁତେ ତେନ ଲଭ୍ୟ', ସେ ଯାହାକୁ ବରଣ କରନ୍ତି ସେ ତାଙ୍କୁ ପ୍ରାପ୍ତ ହୁଅନ୍ତି ।

ଏହି କଳିଯୁଗରେ ଏକମାତ୍ର ଆଲୋଚ୍ୟ ତତ୍ତ୍ୱ ହେଉଛି ପ୍ରେମ । ଏହି ପ୍ରେମତତ୍ତ୍ୱର ପୋଷକ ଭାବରେ କିମ୍ବା ସହାୟକ ରୂପରେ ଅନ୍ୟାନ୍ୟ ତତ୍ତ୍ୱର ଆଲୋଚନା ବା ଅନୁଶୀଳନ କରିବା କର୍ତ୍ତବ୍ୟ । କେବଳ ପ୍ରେମ ବ୍ୟତୀତ ଆମର ଆଉ କିଛି ପ୍ରାର୍ଥନୀୟ ବସ୍ତୁନାହିଁ । ପ୍ରେମ ହିଁ ପରମ ପୁରୁଷାର୍ଥ, ପ୍ରେମ ହିଁ ପ୍ରୟୋଜନ । ନାମ ବ୍ୟତୀତ ସାଧନା ନାହିଁ, ପ୍ରେମ ବ୍ୟତୀତ ସାଧ୍ୟ ନାହିଁ । ପ୍ରେମର ସାର ହେଲା ଭାବ, ଭାବର ସାର ମହାଭାବ ଏବଂ ଶ୍ରୀରାଧା ହିଁ ମହାଭାବସ୍ୱରୂପିଣୀ। ପ୍ରେମ ହିଁ ମୁକ୍ତାତ୍ମା ମାନବ ପ୍ରାଣର ଅମୂଲ୍ୟ ସମ୍ପଦ । ପ୍ରେମ ହିଁ ମୁକ୍ତି । ମୁକ୍ତିଲାଭ ପରେ ପ୍ରେମଲାଭ ହୋଇଥାଏ । କାରଣ ପ୍ରେମ ମୁକ୍ତପୁରୁଷଙ୍କର ବ୍ୟାପାର । ମୁକ୍ତି ପରେ ପ୍ରେମ ସେବାର ଆରମ୍ଭ ହୋଇଥାଏ ।

ମାନବ ଅନ୍ତରରେ ଚିନ୍ମୟ ଆନନ୍ଦ ବା ପ୍ରେମାନନ୍ଦର କିଞ୍ଚିତ ଆସ୍ୱାଦନ ଅଛି । ଏହା ଯେତେବେଳେ ଆସ୍ୱାଦିତ ହୁଏ ସେତେବେଳେ ତାହା ଜଗତର ସୁଖ ପାଇଁ ବା ଭଗବାନଙ୍କ ସୁଖ ନିମିତ୍ତ ସମ୍ପାଦିତ ହୁଏ । ସେତେବେଳେ ତାହା ପ୍ରେମ ନାମରେ ଅଭିହିତ ହୁଏ । ପ୍ରୀତିଇଚ୍ଛା ଜୀବର ସ୍ୱାଭାବିକ ଅବସ୍ଥା । ଏହି ଇଚ୍ଛାବଳରେ ସେ ଭଗବାନଙ୍କୁ ବଶୀଭୂତ କରିପାରେ । ଶ୍ରୀମତୀ ରାଧାରାଣୀ ହିଁ ଏହି ପ୍ରୀତିଇଚ୍ଛା ବା ପ୍ରେମ ବଳରେ ଭଗବତ୍ ବଶୀକରଣ ପ୍ରକ୍ରିୟା ଶିକ୍ଷା ଦେଇଥିଲେ । ପ୍ରେମରେ ପ୍ରେମୀ ଓ ପ୍ରିୟତମ ଏକ ହୋଇଯାଆନ୍ତି । ଉଭୟଙ୍କ ମଧ୍ୟରେ କୌଣସି ପାର୍ଥକ୍ୟ ନ ଥାଏ, ଆନନ୍ଦ ଆସ୍ୱାଦନ କରିବା ଓ ଆନନ୍ଦ ଆସ୍ୱାଦନ ତ୍ୟାଗ କରିବା ଉଭୟ ଆନନ୍ଦମୟ । ପ୍ରିୟତମଙ୍କ ପ୍ରେମଲାଭ କରିବାରେ ଯେପରି ଆନନ୍ଦ, ତାଙ୍କ ପ୍ରେମ ଲାଭରୁ ବଞ୍ଚିତ ହୋଇ ବିରହରେ ଝୁରି ହେବା ମଧ୍ୟ ସେହିପରି ଆନନ୍ଦ । କାରଣ ଆନନ୍ଦରୁ ହିଁ ଏ ଜଗତ ସୃଷ୍ଟି ।

ଆନନ୍ଦରୁ ଜାତ ବିଶ୍ୱଜଗତ
ଆନନ୍ଦୁ ଆନନ୍ଦ ଘୁରେ ସନ୍ତତ
ଜାଗତିକ ଜୀବ ଆନନ୍ଦ ପାଇଁ
ଉନ୍ମାଦ ପରାଏ ଯାଉଛି ଧାଇଁ
ସ୍ଥୂଳସେ ଆନନ୍ଦ ପାଇଁ ଯେ
କଲେ ଆସ୍ୱାଦନ ପଞ୍ଚେନ୍ଦ୍ରିୟମନ ତୃପତି ମିଳଇ ନାହିଁ ଯେ ।

ଏହି ଆନନ୍ଦ ଆସ୍ୱାଦନର ପୂର୍ଣ୍ଣତା ବୃନ୍ଦାବନର ରାସଲୀଳାରେ ପ୍ରକାଶିତ ହୋଇଥିଲା । ସେଠାରେ ଶ୍ରୀରାଧାରାଣୀ ଓ ଶ୍ରୀକୃଷ୍ଣଚନ୍ଦ୍ର ଏକାକାର ହୋଇଥିଲେ । ଗୋଟିଏ ଆତ୍ମା ଦୁଇଟି ଶରୀର । ମାତ୍ର ଆସ୍ୱାଦନ ଏକ । ଅର୍ନିବଚନୀୟ ଆନନ୍ଦ । ଗୋପୀମାନେ ଶ୍ରୀରାଧାଙ୍କର କାୟବ୍ୟୁହରୂପ । ସେମାନେ ଅନ୍ତରରେ ଓ ବାହାରେ ରାଧାଙ୍କ ସଦୃଶ । ବୃନ୍ଦାବନରେ ରାସରଜନୀରେ ସମସ୍ତେ ଆନନ୍ଦରେ ନୃତ୍ୟରତ । ତାଙ୍କ ନୃତ୍ୟ ସହିତ ତାଳ ମିଳାଇ ତ୍ରିଭୁବନ ମଧ୍ୟ ନୃତ୍ୟରତ । ସର୍ବତ୍ର କେବଳ ଆନନ୍ଦ ହିଁ ଆନନ୍ଦ, ଏହି ଆନନ୍ଦର ଅନ୍ୟ ନାମ ପ୍ରେମ । ଏହି ଭାବକୁ ଅବଲମ୍ବନ କରି ସାଧକ କବି ଗାଇ ଉଠିଛନ୍ତି–

ତୁମ ମୋହନ ବଂଶୀର ମଧୁର ତାନରେ
ନାଚିବାକୁ ଚାହେଁ ମୂରଲୀ ଧାରୀ
ରଜନୀ ଦିବସ ଏକା କରି ଦେଇ
ଭୁଲିଯିବି ସବୁ ଦୁଃଖ ମୋହରି ।୦।
ସାତସୁର ତୋଳି ତୁମେ ଗାଉଥିବ
ତ୍ରିଭଙ୍ଗୀ ଠାଣିରେ ନାଚି ଯାଉଥିବ
ତୁମ ପାଦେ ପାଦ ମିଳାଇ ପ୍ରିୟ ହେ
ନାଚି ଚାଲିଥିବି ପାଦ ପ୍ରସାରୀ ।୧।
ତୁମେ ନାଚୁଥିଲେ ଜଗତ ନାଚିବ
କୋକିଳ ଗାଇବ ମୟୂର ନାଚିବ
ସୁରବାଳା ନାଚି ଗଗନର ଶୋଭା
ବଢ଼ାଇବେ ପୁଷ୍ପ ବରଷା କରି ।୨।
ଆନନ୍ଦ ସଞ୍ଚାର ଏ ବିଶ୍ୱ ମଣ୍ଡଳେ
ପ୍ରେମାନନ୍ଦେ ନାଚି ସର୍ବେ ଭାବଭୋଳେ
ତୁମ ଜୟଗାଇ ନାଚି ଥେଇଥେଇ
ପ୍ରେମ ବନ୍ୟା ବୁହାଇବା ହେ ହରି ।୩।

ଘୃତ ଓ ମଧୁ ପରି ଶୁଦ୍ଧ ବସ୍ତୁକୁ ଶୁଦ୍ଧ ପାତ୍ରରେ ରଖାଯାଏ । ପାତ୍ରର ଅଶୁଦ୍ଧତା ଉକ୍ତ ବସ୍ତୁର ଗୁଣବତ୍ତାକୁ ପ୍ରଭାବିତ କରେ । ଠିକ୍ ସେହିପରି, ଶୁଦ୍ଧ ପ୍ରେମ ଶୁଦ୍ଧ ପାତ୍ରରେ ହିଁ ପ୍ରକଟିତ ହୁଏ । ଶୁଦ୍ଧ ପାତ୍ର ନ ମିଳିଲେ ସେଥିପାଇଁ ପ୍ରେମକୁ ଅପେକ୍ଷା କରିବାକୁ ପଡ଼େ । ପ୍ରେମ ହିଁ ଭଗବାନ, ଭଗବାନ ହିଁ ପ୍ରେମ ଏକଥା ପୂର୍ବରୁ କୁହାଯାଇଛି । ସୃଷ୍ଟିର ପ୍ରତିକୋଣ ଅନୁକୋଣରେ ଭଗବତ୍ ସତ୍ତା ବିରାଜିତ । ମାତ୍ର ପ୍ରେମ ପ୍ରକଟିତ ହେବା ପାଇଁ ଅପେକ୍ଷା କରିବାକୁ ପଡ଼ିଲା ଦ୍ୱାପର ଯୁଗର ଗୋପୀମାନଙ୍କ ଆଗମନ ପର୍ଯ୍ୟନ୍ତ । ଅବଶ୍ୟ ଏହା ପୂର୍ବରୁ ଏହି ପ୍ରେମର ଆଂଶିକ ପ୍ରକାଶ, ମାତଙ୍ଗ ମୁନିଙ୍କ ଶିଷ୍ୟା ଶବରୀଠାରେ ଦେଖିବାକୁ ମିଳିଥିଲା । ମାତ୍ର ପ୍ରେମର ପୂର୍ଣ୍ଣପ୍ରକାଶ ଗୋପୀମାନଙ୍କଠାରେ ହିଁ ଦେଖାଯାଇଥିଲା । ଗୋପୀମାନେ ପ୍ରେମର ଉଚିତ୍ ଅଧିକାରୀ ଥିଲେ । ସେମାନଙ୍କ ମନପ୍ରାଣ କୃଷ୍ଣମୟ ହୋଇଯାଇଥିଲା । କୃଷ୍ଣଙ୍କ ବ୍ୟତୀତ ଦ୍ୱିତୀୟ କଥା କିଛି ଭାବିବା ସେମାନଙ୍କ ପକ୍ଷେ ସମ୍ଭବ ନଥିଲା । ଶୁଦ୍ଧପ୍ରେମ ସଂସାରରେ କ୍ୱଚିତ କାହାରି କ୍ଷେତ୍ରରେ ଦେଖାଯାଏ । ମାତ୍ର ତାହା ସଂସାରର ମୋହମାୟା, କାମବନ୍ଧନର ସଂସ୍ପର୍ଶରେ ଆସି ବିକାରଗ୍ରସ୍ତ ହୋଇଯାଏ । ପ୍ରେମର ତତ୍ତ୍ୱ ଅନ୍ତର୍ମୁଖୀ ମନ ହିଁ ଜାଣିପାରେ । ସଂସାରୀ ବର୍ହିମୁଖୀ ମନ ପକ୍ଷେ ଏହା ଜାଣିବା ସମ୍ଭବ ହୋଇନଥାଏ । ସଂସାରରେ ରହି ମଧ୍ୟ ଶୁଦ୍ଧ ଅନ୍ତଃକରଣରେ ପ୍ରିୟତମଙ୍କର ଚିନ୍ତନ କରିପାରିଲେ ଶୁଦ୍ଧ ପ୍ରେମ ଲାଭ ହୋଇଥାଏ ।

ହୃଦୟକୁ ସ୍ୱଚ୍ଛ, ସୁଗନ୍ଧିଯୁକ୍ତ ଓ ସରସ କରି ରଖିଲେ ପ୍ରିୟତମ ନିଶ୍ଚେ ଦିନେ ବିଜେ କରିବେ ଏଥିରେ ସନ୍ଦେହନାହିଁ । ହୃଦୟ ଦ୍ୱାର ଖୋଲି ତାଙ୍କ ଆଗମନ ପାଇଁ ପ୍ରତୀକ୍ଷା କରିବାକୁ ହେବ । ଭକ୍ତ ଅନ୍ତରର ବ୍ୟାକୁଳତା ତୀବ୍ରତା ପ୍ରାପ୍ତହେଲେ ପ୍ରେମସ୍ୱରୂପ ଭଗବାନ ପ୍ରକଟିତ ହୋଇ ଭକ୍ତ ଅନ୍ତରକୁ ଆନନ୍ଦ ପ୍ଲାବିତ କରିଥାଆନ୍ତି । ଭଗବାନଙ୍କର ଛଅଟି ବିଶେଷତ୍ୱ ଅଛି । ଐଶ୍ୱର୍ଯ୍ୟ, ଯଶ, ଜ୍ଞାନ, ଧର୍ମ, ଲକ୍ଷ୍ମୀ, ବୈରାଗ୍ୟ । ଏହି ଷଡ଼ ବିଶେଷତା ପୂର୍ଣ୍ଣମାତ୍ରାରେ ଭଗବାନଙ୍କଠାରେ ପରିଲକ୍ଷିତ ହୁଏ । ତେଣୁ ସେ ଭଗବାନ । ସେହିପରି ପ୍ରେମର ମଧ୍ୟ ଛଅଗୋଟି ବିଶେଷତା ପରିଲକ୍ଷିତ ହୁଏ । ପ୍ରେମ ଗୁଣ ରହିତ, କାମନାରହିତ, କ୍ରମବର୍ଦ୍ଧିଷ୍ଣୁ, ଅବିଚ୍ଛିନ୍ନ, ଅତ୍ୟନ୍ତ ସୁକ୍ଷ୍ମ ତଥା ଅନୁଭବ ସ୍ୱରୂପ ଅଟେ ।

'ଗୁଣରହିତଂ କମନାରହିତଂ ପ୍ରତିକ୍ଷଣଂ ବର୍ଦ୍ଧମାନ
ଅବିଚ୍ଛନ୍ନଂ ସୂକ୍ଷ୍ମତରମନୁଭବରୂପମ୍'

– ନାରଦ ଭକ୍ତିସୂତ୍ର

କାହାର ଗୁଣ ଦେଖି ପ୍ରେମ ହୁଏ ନାହିଁ । ଗୁଣ ତ ପରିବର୍ତ୍ତନଶୀଳ । ପରିବେଶ ଓ ପରିସ୍ଥିତିରେ ଏହି ଗୁଣ- ଅବଗୁଣରେ ପରିଣତ ହେଇଯାଏ । ଗୁଣ ଦେଖି ଯଦି ଆଦର ବା ପ୍ରେମ ହୁଏ ତାହା ଆସକ୍ତିଯୁକ୍ତ ହେବ । ମାତ୍ର ପ୍ରେମ ତ ଆସକ୍ତିମୁକ୍ତ । ଅନାସକ୍ତ ବ୍ୟକ୍ତି ହିଁ ପ୍ରେମ କରିପାରେ । ଗୁଣ ଦେଖି ପ୍ରେମ କରିଥିବା ବ୍ୟକ୍ତିକୁ ପ୍ରେମୀ ତ କୁହାଯିବ ନାହିଁ । ବରଂ ତାକୁ ସ୍ୱାର୍ଥୀ କୁହାଯିବ । ପ୍ରେମ ନିକଟରେ ଗୁଣ, ଅବଗୁଣ ଉଭୟ ସମାନ । ସଂସାରରେ ରୂପ ଓ ଗୁଣକୁ ଆଦର କରୁଥିବା ଲୋକଙ୍କର ରୂପ କୁରୂପ ହେଲେ ବା ଗୁଣ ଅବଗୁଣ ହେଲେ ତା ପ୍ରତି ଆଦର ବା ପ୍ରେମ କମିଯାଏ । ତେଣୁ ଏହାକୁ ପ୍ରେମ ନ କହି 'ସ୍ୱାର୍ଥ' କହିଲେ ଉଚିତ ହେବ । ବ୍ୟକ୍ତି ଯଦି ଗୁଣକୁ ପ୍ରେମ ନ କରି ଗୁଣର ଉତ୍ସକୁ ଅନୁସନ୍ଧାନ କରି ପ୍ରେମ କରେ ତେବେ ସେହି ବ୍ୟକ୍ତିକୁ ପ୍ରେମୀ କୁହାଯିବ । ଏହା ହିଁ ପ୍ରେମର ପରିଭାଷା ।

ଯେଉଁଠାରେ ଗୁଣ ଦେଖି ପ୍ରେମ ହୁଏ, ସେଠାରେ କାମନା ଅବଗୁଣ୍ଠନବତୀ ନାରୀ ପରି ଅନ୍ତରାଳରେ ଆତ୍ମଗୋପନ କରିଥାଏ । ସୁଯୋଗ ପାଇବା ମାତ୍ରେ ଆତ୍ମପ୍ରକାଶ କରି ନିଜର ଉଦ୍ଦେଶ୍ୟ ଚରିତାର୍ଥ କରେ । ପ୍ରେମ ତ କାମନାରହିତ । ପାଇବାର ଇଚ୍ଛାରେ ପ୍ରେମ କରାଯାଏ ନାହିଁ । ଜନନୀର ଶିଶୁପୁତ୍ର ପ୍ରତି ପ୍ରେମ ଅନାବିଳ ଓ ଅନାସକ୍ତ, ମାତ୍ର ଯଦି ସେଥିରେ ଭବିଷ୍ୟତର ସୁଖ ଆଶା ମିଶ୍ରିତ ହୋଇଯାଏ ତେବେ ତାହା କାମନାରେ ପରିଣତ ହୋଇଯାଏ । ପୁଅ ବଡ଼ ହେଲେ ମୋତେ ପୋଷିବ, ମୋ ବାର୍ଦ୍ଧକ୍ୟ ଅବସ୍ଥାରେ ମୋତେ ସହାୟକ ହେବ । ଏ ଭାବନା ମନରେ ଆସିଲେ ପ୍ରେମ କଳୁଷିତ ହୋଇଯାଏ ଓ ତାହା କାମରେ ପରିଣତ ହୁଏ । ପ୍ରେମ ସୁଗନ୍ଧିଯୁକ୍ତ, ମାତ୍ର କାମ ଦୁର୍ଗନ୍ଧର ଗନ୍ତାଘର । କାମନା ପୂରଣ ନ ହେଲେ ପ୍ରେମ ରହିବ ନାହିଁ । କାରଣ ତାହା ସ୍ୱାର୍ଥ ଗନ୍ଧଯୁକ୍ତ ଉଦ୍ଦେଶ୍ୟମୂଳକଭାବେ କରାଯାଇଥାଏ । ଭକ୍ତ ଭଗବାନଙ୍କର ରୂପଗୁଣ ଦେଖି ତାଙ୍କୁ ଭଲପାଏ ନାହିଁ, ତାଙ୍କ ସ୍ୱରୂପ ଜାଣି ଭଲପାଏ । ରୂପ ଦେଖି ଭଲ ପାଉଥିଲେ ଉତ୍ତର ଭାରତର କୃଷ୍ଣଙ୍କ ଭକ୍ତ ଦକ୍ଷିଣ ଭାରତର କଳା କୃଷ୍ଣଙ୍କୁ ଦେଖି ଭଲ ପାଇପାରିବ ନାହିଁ । ସେ ଭଲ ପାଇବା ତା ହୃଦୟରେ ଜନ୍ମିବ ନାହିଁ । ଭଗବାନ୍‌ଙ୍କର ସର୍ବବିଦ୍ୟମାନତାରେ ବିଶ୍ୱାସ କରିଥିବା ଭକ୍ତ, ପ୍ରତିକୂଳ ପରିସ୍ଥିତିରେ ଭଗବାନଙ୍କର ସହାୟତା ନ ପାଇଲେ ତାଙ୍କ ସର୍ବବିଦ୍ୟମାନତାରେ ତଥା ପତିତପାବନ ନାମରେ ବିଶ୍ୱାସ ରଖିପାରେ ନାହିଁ । କାରଣ ତାର ପ୍ରେମ କେବଳ ରୂପଗୁଣମୟ ଭଗବାନ୍‌ଙ୍କ ପ୍ରତି । ସେ ପ୍ରେମ ପ୍ରକୃତ ପ୍ରେମ ନୁହେଁ । ପ୍ରେମ ତ କାମବିକାର ରହିତ ଶାଶ୍ୱତ ବସ୍ତୁ । ତେଣୁ ପ୍ରେମ, ସ୍ୱରୂପ ଦେଖି ହୋଇଥାଏ ଗୁଣ ଦେଖି ନୁହେଁ । ଗୋପୀମାନଙ୍କ ପ୍ରେମ ଶାଶ୍ୱତ ପ୍ରେମ । ସେ ପ୍ରେମରେ ସ୍ୱସୁଖବାଞ୍ଛା ନଥିଲା । କୃଷ୍ଣଙ୍କ ସୁଖ ଦେଖି ସେମାନେ ସୁଖୀ ହେଉଥିଲେ । ଶ୍ରୀରାଧାଙ୍କୁ ନେଇ ଶ୍ରୀକୃଷ୍ଣଙ୍କ ସହିତ ମିଳନ କରାଇ ଉଭୟଙ୍କର ମଧୁର ମିଳନର ଆନନ୍ଦ ଦେଖି ସେମାନେ ସୁଖୀ ହେଉଥିଲେ । ଏହା ହିଁ ବାସ୍ତବ ପ୍ରେମ । ଏକାନ୍ତରେ ଜଣେ ଗୋପୀ ସହିତ ପ୍ରେମ ରଚିବାର ଇଚ୍ଛା ଶ୍ରୀକୃଷ୍ଣ ପ୍ରକାଶ କରିବାରୁ ଗୋପୀକା ଜଣକ ତାଙ୍କୁ ଯେଉଁ ଉତ୍ତର ଦେଇଥିଲେ ତାହିଁ ପ୍ରେମର ପରିଭାଷା । ସେ କହିଥିଲେ 'ହେ ନାଥ ! ତୁମ ସହିତ ଏକାନ୍ତରେ ଲୀଳା ରଚନା କରିବାରେ ମୋତେ ଯେଉଁ ତୃପ୍ତି ମିଳିବ, ତୁମକୁନେଇ ଶ୍ରୀରାଧାରାଣୀଙ୍କ ସହିତ ମିଳିତ କରାଇ ଯୁଗଳ ମୂର୍ତ୍ତିଙ୍କ ସୁଖ ଦର୍ଶନରେ ତାର ଶତଗୁଣ ସୁଖମିଳିବ । ହେ ବ୍ରଜସୁନ୍ଦର ! କେହି ବୁଦ୍ଧିମତି ମହିଳା କଣ ଶତସୁଖ ପରିବର୍ତ୍ତେ ଏକସୁଖ ଗ୍ରହଣ କରିବାକୁ ଆଗ୍ରହୀ ହେବ ।' ଏଣୁ ଚରିତାମୃତକାର ଗୋସ୍ୱାମୀ ମହୋଦୟ ଯଥାର୍ଥରେ ଲେଖିଛନ୍ତି–

'ଗୋଟାଏ କରନ୍ତି ଯେବେ କୃଷ୍ଣ ଦରଶନ
ସୁଖବାଞ୍ଛା ନାହିଁ କିନ୍ତୁ ସୁଖ କୋଟିଗୁଣ
ଯେ ଆନନ୍ଦ ଲଭେ କୃଷ୍ଣ ଗୋପୀ ଦରଶନେ
ଗୋପୀଏ ଲଭନ୍ତି ତହୁଁ ବଳି ବହୁଗୁଣେ ।'

ଏଣୁ ପ୍ରେମରେ କେବଳ ତ୍ୟାଗ । ଭୋଗ ଇଚ୍ଛା ଜାଗିଲେ ତାହା ପ୍ରେମ ନୁହେଁ କାମ । ଶ୍ରୀକୃଷ୍ଣଙ୍କର ଗୋପୀମାନଙ୍କୁ ପ୍ରେମ ଦେବାର ଇଚ୍ଛା । ଶ୍ରୀକୃଷ୍ଣ ଆତ୍ମାରାମ, ପ୍ରେମସ୍ୱରୂପ । ସେ ସମସ୍ତଙ୍କୁ ପ୍ରେମରେ ବାନ୍ଧି ରଖିଛନ୍ତି । ସେହିପରି ଗୋପୀମାନେ ଶ୍ରୀକୃଷ୍ଣଙ୍କୁ ପ୍ରେମ ଦେଇ ବାନ୍ଧି ରଖିଛନ୍ତି ଓ ଏ ଜଗତରେ ସମର୍ଥାରତିର ଏକ ଆଦର୍ଶ ସୃଷ୍ଟି କରିଛନ୍ତି । ପ୍ରତି ବଦଳରେ କିଛି ଚାହିଁ ନାହାନ୍ତି । ଗୋପୀମାନଙ୍କର କୃଷ୍ଣଙ୍କଠାରୁ କିଛି ପାଇବାର ଇଚ୍ଛା ନ ଥିଲା ତେଣୁ ସେମାନେ ବ୍ରଜରାଜ ଗୋପାଳଙ୍କୁ ଯେପରି ପ୍ରେମ କରିପାରିଥିଲେ ସେପରି ପ୍ରେମ ସେମାନେ ମଥୁରାଧୀଶ ବା ଦ୍ୱାରୀକାଧୀଶଙ୍କୁ କରିପାରିନଥିଲେ । ସେମାନେ ତ ରାଜାଙ୍କଠାରୁ କିଛି ନେବାକୁ

ଚାହୁଁନଥିଲେ ତେଣୁ ରାଜାରାଜୁଡ଼ାଙ୍କଠାରେ ତାଙ୍କର ବା କି ପ୍ରୟୋଜନ ? ତାଙ୍କର ପ୍ରେମ ତ ନନ୍ଦଦୁଲାଳ, ବ୍ରଜଗୋପାଳଙ୍କ ସହିତ । ସମାନ ସ୍ତରର ବ୍ୟକ୍ତିବିଶେଷରେ ପ୍ରେମ ଆସ୍ୱାଦନ ଅତୀବ ଆନନ୍ଦଦାୟକ ହୋଇଥାଏ । 'ସମାନ ସମାନଂ ଆକର୍ଷୟତି ।' ଉଚ୍ଚନୀଚ ଭାବଥିଲେ ପ୍ରେମ ସଞ୍ଚାରିତ ହୁଏନାହିଁ । ଏହା ହିଁ ପ୍ରେମର ପରିଭାଷା । କାମ ଅଗ୍ନିମୟ । ପ୍ରେମ ରସମୟ । କାମନାଗ୍ନି ପ୍ରଜ୍ୱଳିତ ହେଲେ ପ୍ରେମରସ ଶୁଷ୍କ ହୋଇଯାଏ । ପ୍ରେମର ପିପାସା ଥାଏ, ମାତ୍ର କାମନା ନ ଥାଏ । ପ୍ରେମରେ ଶୃଙ୍ଗାର ଅଛି ମାତ୍ର ତାହାର ଭୋଗ ନିଜ ପାଇଁ ନଥାଏ । କାମ ସୁଖକୁ ନିଜ ଆଡ଼କୁ ଆଣେ, ଅଥଚ ପ୍ରେମ ସୁଖକୁ ଭଗବାନଙ୍କ ଆଡ଼କୁ ନେଇଯାଏ । କାମରେ ଅଭାବ ଅଛି, ପ୍ରେମରେ ତୃପ୍ତି ଅଛି । ଏହି ଭାବକୁ ନେଇ ସାଧକ କବି ଗାଇଲେ ।

ହୃଦୟ କମଳ ପ୍ରସ୍ଫୁଟିତ ଆଜି
ବସ ଆହେ ପ୍ରିୟତମ
ମୋହନ ବଂଶୀର ମଧୁର ମୂର୍ଚ୍ଛନା
ତୋଳ ହେ ମନମୋହନ ।୦।

ତୁମ ଛନ୍ଦାପଦ ନୂପୁର ଶବଦ
ରଣୁଝୁଣୁ ବାଜୁଥାଉ
ସେ ଶବଦ ତାନେ ମନ କୁଞ୍ଜବନେ
ପିକ ନୃତ୍ୟ କରୁଥାଉ
ହେରି ସେ ସୁନ୍ଦର ମୋହନ ମୂରତି
ରୋମାଞ୍ଚିତ ତନୁମନ ।୧।

ତୁମ ଅଙ୍ଗଗନ୍ଧ ପାରିଜାତଗନ୍ଧ
ବିଚ୍ଛୁରୁ ସର୍ବଶରୀରେ
ସେଗନ୍ଧେ ମୋହିତ ହୋଇ ଏହି ଚିତ୍ତ
ପାଦପଦ୍ମ ଠାବ କରେ
କସ୍ତୁରୀ ସୁବାସେ ବିମୋହିତ ମୃଗ
ନ ବୁଲୁ ବନ କାନନ ।୨।

ଆଖିମୁଦା ଥାଉ ରୂପ ଦେଖୁଥାଉ
ଏହି ଭାଗ୍ୟ ମୋର ହେଉ
ଆନନ୍ଦ ଆସ୍ୱାଦ କରି ଏ ମାନସ
ନାମ ସୁଧା ପିଉଥାଉ
କିଛି ଲୋଡ଼ାନାହିଁ ହେ ଜୀବନସାଇଁ
ମାଗେ ଏହି ବରଦାନ ।୩।

ଶ୍ରୀଶ୍ରୀଠାକୁର ଚରଣାଶ୍ରିତ
**ଶ୍ରୀ ନରେଶ ଚନ୍ଦ୍ର ପତି**
ସମ୍ପାଦକ
ନୀଳାଚଳ ସାରସ୍ୱତ ସଂଘ, ପୁରୀ

# କୁମ୍ଭସ୍ନାନ ଏକ ଅନନ୍ୟ ଅନୁଭୂତି

## (୧୯୯୮ ହରିଦ୍ୱାରଠାରେ)

ପୌରାଣିକ କଥା ଅନୁସାରେ ଦେବତା ଓ ଅସୁରମାନଙ୍କ ସମୁଦ୍ରମନ୍ଥନରୁ ଅମୃତ ବାହାରିଥିଲା। ଅସୁରମାନଙ୍କୁ ଅମୃତରୁ ବଂଚିତ କରିବା ପାଇଁ, ଇନ୍ଦ୍ର ପୁତ୍ର ଜୟନ୍ତଙ୍କ ଦ୍ୱାରା ସେହି ଅମୃତ ଭାଣ୍ଡଟିକୁ ସ୍ୱର୍ଗରୁ ପଠାଇଦେଲେ - 'ଜୟନ୍ତ' ସେହି ଅମୃତ କୁମ୍ଭକୁ ଏହି ଭୂଲୋକକୁ ନେଇ ଆସିଥିଲେ- ଯେଉଁ ଜାଗାରେ ରଖିଥିଲେ ସେଗୁଡ଼ିକ କୁଶ ବଣ ଥିଲା। ଅମୃତ କୁମ୍ଭ ସଂସ୍ପର୍ଶରେ ଆସି କୁଶ ପବିତ୍ର ହେଲା। ହିନ୍ଦୁ ପରମ୍ପରାରେ ଯେକୌଣସି ଶୁଭକାର୍ଯ୍ୟରେ ସେଥିପାଇଁ କୁଶ ବ୍ୟବହାର ହୁଏ।

ଶିବାବତାର ଭଗବାନ ଆଦି ଶଙ୍କରାଚାର୍ଯ୍ୟ ଧ୍ୟାନସ୍ଥ ହୋଇ ଜାଣିଲେ ଯେ ଇନ୍ଦ୍ରପୁତ୍ର ଜୟନ୍ତ ଭୂଲୋକରେ ୪ଟି ଜାଗାରେ ଅମୃତ କୁମ୍ଭ ରଖିଥିଲେ। ଏଗୁଡ଼ିକ ହେଲା ହରିଦ୍ୱାର, ପ୍ରୟାଗ (ଆହ୍ଲାବାଦ), ଉଜ୍ଜୟିନୀ ଓ ନାସିକ। ଶ୍ରୀମଦ୍ ଶଙ୍କରାଚାର୍ଯ୍ୟଙ୍କ ଆଦେଶ ଅନୁସାରେ ତାଙ୍କ ପ୍ରତିଷ୍ଠିତ ୪ଟି ମଠର ସନ୍ନ୍ୟାସୀମାନେ ଏହି ଜଗତର ମଙ୍ଗଳ ପାଇଁ ଓ ସନାତନ ଧର୍ମର ରକ୍ଷା ପାଇଁ ଏକତ୍ରିତ ହୋଇ ଆଲୋଚନା କରିବାକୁ ନିର୍ଦ୍ଦେଶ ଦେଇଥିଲେ। ତଦନୁସାରେ ଏହି ସ୍ଥାନରେ କୁମ୍ଭ ଉପଲକ୍ଷେ ସନ୍ନ୍ୟାସୀମାନେ ଏକାଠି ହେଲେ। ଏହାହିଁ କୁମ୍ଭମେଳା। ପରେ ଅନ୍ୟ ସମ୍ପ୍ରଦାୟର ସନ୍ନ୍ୟାସୀମାନେ କୁମ୍ଭମେଳାରେ ଯୋଗଦେଲେ।

ବୃହସ୍ପତି ଓ ସୂର୍ଯ୍ୟଙ୍କର ବିଭିନ୍ନ ରାଶିରେ ଅବସ୍ଥାନ ଅନୁସାରେ କୁମ୍ଭଯୋଗ ପଡ଼େ।

| ଯୋଗ | ସ୍ଥାନ | ନଦୀ | ସମୟ |
|---|---|---|---|
| ବୃହସ୍ପତି ବୃଷରାଶିରେ | ହରିଦ୍ୱାର | କୁମ୍ଭରେ ଶ୍ରୀ ଗଙ୍ଗାନଦୀରେ ସ୍ନାନ ଯୋଗ | ଶୀତଦିନେ ପଡ଼େ |
| ସୂର୍ଯ୍ୟ କୁମ୍ଭରାଶିରେ | ପ୍ରୟାଗ | ଗଙ୍ଗା, ଯମୁନା ମିଳନ ସ୍ଥଳ | |
| ବୃହସ୍ପତି ବୃଷ | ଉଜ୍ଜୟିନୀ | ଶିପ୍ରା ନଦୀରେ ସ୍ନାନଯୋଗ | ଖରାଦିନରେ ହୁଏ |
| ସୂର୍ଯ୍ୟ କୁମ୍ଭରାଶିରେ | ନାସିକ | ଗୋଦାବରୀ ନଦୀରେ ସ୍ନାନଯୋଗ | ବର୍ଷା ଦିନେ ହୁଏ |

ପ୍ରତ୍ୟେକ ୩ ବର୍ଷ ବ୍ୟବଧାନରେ କୁମ୍ଭଯୋଗ ଆସେ। ତେଣୁ ପ୍ରତ୍ୟେକ ୧୨ ବର୍ଷ ବ୍ୟବଧାନରେ ନିର୍ଦ୍ଦିଷ୍ଟ ସ୍ଥାନରେ କୁମ୍ଭମେଳା ଅନୁଷ୍ଠିତ ହୁଏ। କ୍ରମେ କୁମ୍ଭ ସ୍ନାନ କେବଳ ହରିଦ୍ୱାର ଓ ପ୍ରୟାଗଠାରେ ହୁଏ। ଏହି କୁମ୍ଭ ସ୍ନାନ ଯୋଗ ଏକ ମାସ ଧରି ହୁଏ ଏବଂ ମହାସ୍ନାନ ଯୋଗ ଥିବା ଦିନମାନଙ୍କରେ ବିଭିନ୍ନ ସମ୍ପ୍ରଦାୟର ସାଧୁସନ୍ନ୍ୟାସୀମାନେ ଶୋଭାଯାତ୍ରାରେ ଆସି ସ୍ନାନ ସମ୍ପନ୍ନ କରନ୍ତି।

୧୩୨୧ ସାଲ (୧୯୧୪) ହରଦ୍ୱାର କୁମ୍ଭମେଳାରେ ଶ୍ରୀଶ୍ରୀଠାକୁର ଶିଷ୍ୟଭକ୍ତଙ୍କ ସହ ଯୋଗ ଦେଇଥିଲେ। ଶ୍ରୀଶ୍ରୀଠାକୁରଙ୍କ ଅନ୍ତରଙ୍ଗ ଶିଷ୍ୟ କ୍ଷେପାଦାସ ଭଟ୍ଟାଚାର୍ଯ୍ୟ ଶ୍ରୀଶ୍ରୀଠାକୁରଙ୍କୁ ପଚାରିଲେ "ଆମେ ଗୃହୀ, ଆମର ଏହି ମହାତୀର୍ଥରେ କର୍ତ୍ତବ୍ୟ କ'ଣ ? ଶ୍ରୀଶ୍ରୀଠାକୁର କହିଥିଲେ ବ୍ରହ୍ମକୁଣ୍ଡ ଓ କୁଶାବର୍ତ୍ତା ଘାଟରେ ସ୍ନାନ ଓ ସାଧୁଦର୍ଶନ"।

**ନିଜର ଅନୁଭୂତି :**

୧୯୯୮ ମସିହାର ହରିଦ୍ୱାର କୁମ୍ଭରେ ଯୋଗଦେବା ମୋର ପ୍ରଥମ। ପବିତ୍ର ଗଙ୍ଗାନଦୀର ଡାହାଣ ପଟେ ହରିଦ୍ୱାର ସହର- ବାମପଟେ ୧୫୦ ବର୍ଗ କିଲୋମିଟର ଅଞ୍ଚଳରେ ମେଳା ସ୍ଥାନ। ଗମନାଗମନର ସୁବିଧା ପାଇଁ ୪୮ଟି ଅସ୍ଥାୟୀ ପୋଲ। ଆସାମ ବଂଗୀୟ ସାରସ୍ୱତ ମଠ ତରଫରୁ ଶିବିର ପଡ଼େ। ଆଗରୁ ନିର୍ଦ୍ଧାରିତ Delegate ଦେଇ ୭ଦିନ ପାଇଁ ରହିବା, ପ୍ରସାଦ ପାଇବାର ବନ୍ଦୋବସ୍ତ କରାହୋଇଥାଏ। ଯେପରି ଗୋଟେ ସହରକୁ Identify କରିବା ପାଇଁ ବିଭିନ୍ନ Sector ବା Unit ରେ ନାମକରଣ ହୁଏ। ଏହି ମେଳା ଅଞ୍ଚଳକୁ ବିଭିନ୍ନ ଦ୍ୱୀପରେ ନାମକରଣ କରାଯାଏ। ୧୯୧୪ ମସିହାର ହରିଦ୍ୱାର କୁମ୍ଭରେ ଶ୍ରୀଶ୍ରୀଠାକୁରଙ୍କ

Camp ଗୌରୀଦ୍ୱୀପରେ ଥିଲା । ୧୯୯୮ ମସିହା ଠିକ୍ ସେହି ପ୍ଲଟଟି ଆସାମ ବଂଗୀୟ ସାରସ୍ୱତ ମଠକୁ ନିଜର କ୍ୟାମ୍ପ ନିର୍ମାଣ ପାଇଁ ମିଳିଥିଲା । ସେହି ନିର୍ଦ୍ଦିଷ୍ଟ ସ୍ଥାନରେ ରହିବାରୁ ମନରେ ଢେର ଆନନ୍ଦ । ତେଣୁ ପ୍ରବଳ ଶୀତର ପ୍ରକୋପ ଜଣାପଡ଼ିଲା ନାହିଁ । ଏହା ବ୍ରହ୍ମକୁଣ୍ଡର ଖୁବ୍ ନିକଟରେ ।

ସରକାରଙ୍କ ଦ୍ୱାରା କୁମ୍ଭକମିଟି ସମସ୍ତ ଆୟୋଜନ କରନ୍ତି । ମହାସ୍ନାନ ଯୋଗରେ ପ୍ରାୟ ୨କୋଟି ଶ୍ରଦ୍ଧାଳୁ ସ୍ନାନ କରନ୍ତି । ଏତେ ବଡ଼ଅଞ୍ଚଳରେ ଖଣ୍ଡେ ଟିକି କାଗଜ ପର୍ଯ୍ୟନ୍ତ ପଡ଼ିଥିବାର ଦେଖିବାକୁ ପାଇବେନି । ସୁନ୍ଦର ପବିତ୍ର ପରିବେଶ । କେଉଁଠି ବୃଦ୍ଧ, ବୃଦ୍ଧା, ବାପା-ମା'ଙ୍କୁ ପୁଅ ଭାରରେ କୁମ୍ଭ ସ୍ନାନ ପାଇଁ ଆଣୁଛି ତ ପୁଣି କେଉଁଠି ବାପା ଛୋଟ ପୁଅକୁ କାନ୍ଧରେ ଆଣିଛି ସ୍ନାନପାଇଁ ।

କୁମ୍ଭ କମିଟି ଓ ସରକାରଙ୍କ ତରଫରୁ ସମସ୍ତ ଆୟୋଜନ କରାଯାଏ ।

(କ) ଡାକ୍ତରଖାନା ସହ ଆବଶ୍ୟକ ହେଲେ major surgery ପାଇଁ ସୁବିଧା ।

(ଖ) ଜନଗହଳି ମଧ୍ୟରେ ନିଜ ଲୋକଙ୍କଠାରୁ ଅଲଗା ହୋଇଗଲେ ସ୍ୱତନ୍ତ୍ର କ୍ୟାମ୍ପରେ ରଖିବା, ଶୀତବସ୍ତ୍ର ଓ ଭୋଜନ ଦେବାର ବନ୍ଦୋବସ୍ତ ଥାଏ । ଏହି କ୍ୟାମ୍ପକୁ "ଭୁଲା ଭଟ୍‌କା ଶିବିର" କହନ୍ତି । ସମଗ୍ର ମେଳା ଅଞ୍ଚଳରେ ମାଇକ୍ ଦ୍ୱାରା ଏହା ଘୋଷଣା କରାହୁଏ । ଯାହା ଦ୍ୱାରା ତାଙ୍କର ଆତ୍ମୀୟମାନେ ଖବର ପାଇ ତାଙ୍କୁ ନେଇ ଆସିପାରନ୍ତି ।

(ଘ) ପାନୀୟ ଜଳ ଓ ଶୌଚାଳୟ ।

ଏହା ବ୍ୟତୀତ ବିଭିନ୍ନ ସମ୍ପ୍ରଦାୟ ତରଫରୁ ବିଭିନ୍ନ ସେବା ପ୍ରଦାନ ଯଥା : କିଛି ସମ୍ପ୍ରଦାୟ ତରଫରୁ ଟ୍ୟାଙ୍କରରେ ପୁରା ଦୁଧ ଭର୍ତ୍ତି ହୋଇଥାଏ । ଗ୍ଲାସ ଅଛି ଯେ କେହି ଏହା ପିଇପାରିବ ।

ସେବାର ଗୋଟେ ଜ୍ୱଳନ୍ତ ଉଦାହରଣ ଆଖିରେ ପଡ଼ିଲା । କେଉଁ ସମ୍ପ୍ରଦାୟ ତରଫରୁ ଚା' ଯାତ୍ରୀମାନଙ୍କୁ ଦିଆଯାଉଥିଲା । ଜଣେ ଯାତ୍ରୀ ଏହା ନେଇ ଥଣ୍ଡା ଥିବାରୁ ଫୋପାଡ଼ି ଦେଲେ । ସଙ୍ଗେ ସଙ୍ଗେ ଟେବୁଲ୍ ତଳୁ ଷ୍ଟୋଭ୍ କାଢ଼ି ଜାଳି 'ଚା' ଗରମ କରି ଯାତ୍ରୀଙ୍କୁ ପିଆଇ ଛାଡ଼ିଲେ ।

କେଉଁଠି ଯାତ୍ରୀଙ୍କୁ ଜଳଖିଆ ଦେଲାବେଳେ, ସଂଗେ ସଂଗେ ଜଳସେବା ସେବାରେ ଆନନ୍ଦିତ ସେବକ ଓ ସେବିକା-ମନେହୁଏ ସମସ୍ତେ ଯେମିତି ଏକ ପରିବାରର ବହୁତ ଦିନ ପରେ ଏକାଠି ହୋଇଛନ୍ତି । କୁମ୍ଭମେଳାରେ ଦେଖିଛୁ- ସମସ୍ତେ ପରସ୍ପରକୁ ମହାରାଜ ସମ୍ବୋଧନ କରନ୍ତି । ମହାପ୍ରତାପୀ ପୋଲିସ୍ ମଧ୍ୟ ରିକ୍ସାବାଲାକୁ ମହାରାଜ ସମ୍ବୋଧନ କରେ ।

ଭୋରୁଉଠି ସ୍ନାନସାରି ଆମ କ୍ୟାମ୍ପରେ ଶ୍ରୀଶ୍ରୀଠାକୁରଙ୍କ ସ୍ତୋତ୍ର ବନ୍ଦନାରେ ଯୋଗଦାନ, ବାଲ୍ୟପ୍ରସାଦ ସେବା ପରେ ସାଧୁଦର୍ଶନ ପାଇଁ ବାହାରିବାକୁ ହୁଏ । ମଧ୍ୟାହ୍ନ ପ୍ରସାଦ ପରେ ବିଶ୍ରାମ ଅଥବା ପୁଣି - ମେଳା ଅଞ୍ଚଳରେ ସାଧୁଦର୍ଶନ ଭ୍ରମଣ, ସନ୍ଧ୍ୟା ଆରତି, ସ୍ତୋତ୍ର ବନ୍ଦନା ପରେ ବିଭିନ୍ନ ସମ୍ପ୍ରଦାୟର ସନ୍ନ୍ୟାସୀମାନଙ୍କ ପ୍ରବଚନରେ ଯୋଗଦାନ ।

ସାଧୁ ଦର୍ଶନରେ ବାହାରି ଅନ୍ୟ ସତୀର୍ଥଙ୍କ ସହ ଶଙ୍କରାଚାର୍ଯ୍ୟଙ୍କୁ ଦର୍ଶନ ପାଇଁ ଗଲୁ । ବହୁତ ବଡ଼ କ୍ୟାମ୍ପ- ଶୁଣିଲି, ଶଙ୍କରାଚାର୍ଯ୍ୟଙ୍କ କୁମ୍ଭବଜେଟ୍ ପ୍ରାୟ ଏକକୋଟି ଟଙ୍କା । ମୁଁ ପ୍ରଣାମ କଲାବେଳେ ଆଉ ଜଣେ ଓଡ଼ିଆ ଗୃହୀ ସାଧୁ ଯେ କି ମୋର ଚିହ୍ନା ପରିଚୟ କରାଇଥିଲେ । "ମହାରାଜ ଏଇ ଭଦ୍ରଲୋକ ସଦ୍‌ଗୁରୁ ଶ୍ରୀମତ୍ ସ୍ୱାମୀ ନିଗମାନନ୍ଦଙ୍କ ଆଶ୍ରିତ" ।

ସେ ତତ୍‌କ୍ଷଣାତ୍ କହିଲେ, "ୟୋଇ ବାରିପଦା" ?

ଓ କ୍ୟା ଥେ, କୁଛ ନେହି ଥେ, ଓ ତୋ ଲୀଲାଥେ ।

ଶ୍ରୀଶ୍ରୀଠାକୁର କହିଥିଲେ, "ସାଧୁ ମାତ୍ରେ ମୋତେ ଚିହ୍ନିବେ" ଯଦିଓ ସମସ୍ତ ତୀର୍ଥଯାତ୍ରୀ, ସାଧୁ, ସନ୍ନ୍ୟାସୀ ବ୍ରହ୍ମକୁଣ୍ଡରେ ସ୍ନାନ କରନ୍ତି, କିନ୍ତୁ ୪ ଧାମର ଶଙ୍କରାଚାର୍ଯ୍ୟମାନେ (ବଦ୍ରିନାଥ, ଦ୍ୱାରକା, ଶୃଙ୍ଗେରୀ, ପୁରୀ) କିନ୍ତୁ ଏକ ସ୍ୱତନ୍ତ୍ର ଘାଟରେ ସ୍ନାନ କରନ୍ତି । ତାଙ୍କୁ ଶଙ୍କରଘାଟ କୁହାଯାଏ । ତାଙ୍କର ଭକ୍ତ, ଶିଷ୍ୟ, ସେବକ ଶଙ୍କରଘାଟରେ ସ୍ନାନ କରିବା ବିଧିନାହିଁ । ହଠାତ୍ ମହାରାଜ ତାଙ୍କ

ସେବକଙ୍କୁ କହିଲେ ଆସନ୍ତା କାଲି ଯେ (ମୋତେ ଦେଖାଇ) ଏହି ଘାଟରେ ସ୍ନାନ କରିବେ। ମୁଁ ଯେତିକି ଆଶ୍ଚର୍ଯ୍ୟ ହେଲି ସେତିକି ଆନନ୍ଦିତ ହେଲି। ୬ ଦିନ ବ୍ରହ୍ମକୁଣ୍ଡରେ ସ୍ନାନ ଓ ଦିନେ ଶଙ୍କରଘାଟରେ କୁମ୍ଭସ୍ନାନ କରିଛି।

ଥରେ ଆମ କ୍ୟାମ୍ପ ଅଞ୍ଚଳରେ ଦେଖିଲି ୩/୪ଜଣ ମା' ବସି କ'ଣ କରୁଛନ୍ତି ପଛରୁ ଜଣେ ସନ୍ନ୍ୟାସୀ କ'ଣ ପାଟି କରି କହି ଯାଉଛନ୍ତି। ଆଶ୍ଚର୍ଯ୍ୟ ଲାଗିଲା ମା'ମାନଙ୍କ ଉପରେ ପୁଣି ଏଡ଼େ ପାଟିରେ କଥା- କଣ କହୁଛନ୍ତି ?

ପଛେପଛେ ଗଲି, ଶୁଣିଲି କହୁଛନ୍ତି- କି କରୋଛ, କି କରୋଛ, ବାପେର ବାଡ଼ି ଆସେଛ କାଜ କରବୋ ଯାଓ ଘୁରାଘୁରି କର, ଆନନ୍ଦୋ କର।

ଦେଖିଲି ମା'ମାନେ ବସି ପରିବା କାଟୁଥିଲେ। କଠୋର ସନ୍ନ୍ୟାସୀ ହୃଦୟ ମଧ୍ୟ କୁମ୍ଭସ୍ନାନରେ ତରଳି ଯାଇଛି ବିଭୁପ୍ରେମରେ। ସାଧୁଦର୍ଶନ କରିବାରେ କୌଣସି ସଂପ୍ରଦାୟର ଜଣେ ଶତାୟୁ ବୟସ୍କ ସାଧୁଙ୍କ ଦର୍ଶନ ପାଇଁ ଧାଡ଼ିରେ ଠିଆହେଲୁ। ସେ ଶୋଇଥାନ୍ତି- ଶାନ୍ତ, ସ୍ନିଗ୍ଧ, ହସ ହସ ମଧୁର ଚେହେରା। ତାଙ୍କର ସେହି ଅବସ୍ଥାରେ ଧାଡ଼ିରେ ଯାଇ ସମସ୍ତେ ପ୍ରଣାମ କରି ଆସୁଥାନ୍ତି। ମୋ ପାଳି ପଡ଼ିଲା- ପ୍ରଣାମ କଲି। ସେ ହଠାତ୍ ତାଙ୍କ ସେବକଙ୍କୁ କହିଲେ, "ଆକୁ କିଛି ପିଇବାକୁ ଦିଅ।" ଏ କ'ଣ ଶ୍ରୀଶ୍ରୀଠାକୁରଙ୍କ ଆଶ୍ରିତ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା - ମନେ ମନେ ଭାବିଲି, "ଠାକୁର ତୁମେ ଅଛନା"।

ଶେଷରେ କହିବାକୁ ଚାହେଁ ୪ ଯାଗାରେ କୁମ୍ଭସ୍ନାନ ମୋ ଭାଗ୍ୟରେ ଘଟିଛି। ପ୍ରଥମ କୁମ୍ଭକୁ ଗଲାବେଳେ ଘରମା'ଙ୍କୁ (ମିନତି ସିଂହ, କଟକ ସଂଘ) ନେଇନଥିଲି। କେତେ ଭିଡ଼। କି ଅବସ୍ଥା କିଛି ଜଣା ନ ଥିଲା। ପରେ ଅଭିମାନରେ ସେ କହିଲେ, 'ମୁଁ ଧର୍ମପତ୍ନୀ ମୋର ଏଥିରେ ଅଧିକାର ଅଛି।' ତେଣୁ ତାଙ୍କର ୪ କୁମ୍ଭସ୍ନାନ ବେଳକୁ ମୋର ୫ କୁମ୍ଭସ୍ନାନ ସଂପୂର୍ଣ୍ଣ। ଥରେ ଆମ କ୍ଲାସପୂଜାରେ ଶିକ୍ଷାଦାତା ଶ୍ରୀ ଅନାଥବନ୍ଧୁ ପ୍ରଧାନ ଭାଇ କହିଲେ, ତୁମେ ଏତେ ଆଡ଼େ ଯାଅ କାହିଁକି ? ନମ୍ରତାର ସହ ଉତ୍ତର ଥିଲା, ଆପଣ ଜାଣନ୍ତି କୁମ୍ଭ ଆଦି ଶଙ୍କରାଚାର୍ଯ୍ୟଙ୍କ ପ୍ରବର୍ତ୍ତିତ ମେଳା ?

ଅନାଥ ଭାଇ - ହଁ ତ ?

ମୁଁ - ଶ୍ରୀଶ୍ରୀଠାକୁର ତ ଶଙ୍କରପନ୍ଥୀ ସନ୍ନ୍ୟାସୀ ?

ଅନାଥ ଭାଇ - ହଁ

ମୁଁ - ଶ୍ରୀଶ୍ରୀଠାକୁର ଅଛନ୍ତି ?

ଅନଥ ଭାଇ- ହଁ

ମୁଁ - ତେବେ ଶ୍ରୀଶ୍ରୀଠାକୁର ନିଶ୍ଚୟ ଆସୁଥିବେ, ମୁଁ ତାଙ୍କୁ ଖୋଜିବାକୁ ଯାଏ।

ଅନାଥ ଭାଇ- ସିହ୍ନା ଭାଇ, ମୁଁ ଏମିତି କେବେ ଭାବିନି, ମୁଁ ଏ ପର୍ଯ୍ୟନ୍ତ ତାଙ୍କ ପ୍ରତ୍ୟକ୍ଷ ଦର୍ଶନ ପାଇନି - ହେଲେ ପରୋକ୍ଷରେ ପାଇଛି ନ ହେଲେ କ'ଣ ଶଙ୍କରଘାଟରେ ଏ ଅଧମ ସ୍ନାନ କରିପାରିଥାନ୍ତା।

ଶ୍ରୀଶ୍ରୀଠାକୁର ଚରଣାଶ୍ରିତ

**ଶ୍ରୀ ସଂଗ୍ରାମ କେଶରୀ ସିଂହ**

କେନ୍ଦ୍ର ପରିଚାଳନା ମଣ୍ଡଳୀ ସଦସ୍ୟ

❖ ଭଗବତ୍ ନିର୍ଭରତା ବ୍ୟତୀତ ଜୀବର ଉପାୟାନ୍ତର କିଛିନାହିଁ । ରୋଗ, ଶୋକ, ମୃତ୍ୟୁ, ଜଗତର ନିତ୍ୟ ଘଟଣା। ସଂସାରରେ ଏକମାତ୍ର ନିତ୍ୟ ସତ୍ୟ ଶ୍ରୀଭଗବାନଙ୍କୁ ଆଶ୍ରୟ ନ କଲେ ମୁହୂର୍ତ୍ତେ ହେଲେ ନିରୁଦ୍‌ବିଗ୍ନ ହେବାର ଉପାୟ ନାହିଁ। ସୁଖୀ, ସରଳ ଭାବରେ ଭଗବାନ୍‌ଙ୍କଠାରେ ଆତ୍ମସମର୍ପଣ କରି ତାଙ୍କ କୃପା ଉପରେ ନିର୍ଭର କରିବାକୁ ଅଭ୍ୟାସ କର । ଅଚିରେ ଜୀବନ ମଧୁମୟ ହୋଇଯିବ । - **ଶ୍ରୀଶ୍ରୀଠାକୁର**

# ଅନ୍ତର୍ବେଦନାରୁ ଖିଏ

ପ୍ରିୟ ଠାକୁର ! ଭକ୍ତ ସମ୍ମିଳନୀ ପରା ତୁମର ପ୍ରାଣପ୍ରିୟ ଅନୁଷ୍ଠାନ । ସମ୍ମିଳନୀରେ ପରା ତୁମେ ତୁମର ସମସ୍ତ ଶିଷ୍ୟଭକ୍ତମାନଙ୍କୁ ଏକତ୍ର ଦେଖିବାକୁ ଚାହଁ । ସେମାନଙ୍କର ସମସ୍ତ ବ୍ୟଥା ବେଦନା ଶୁଣିବାକୁ ଚାହଁ । ତୁମର ଅମୀୟବୋଳା ଉପଦେଶରେ ସେମାନଙ୍କର ଶୁଷ୍କ ପ୍ରାଣରେ ସୁଶୀତଳ ବାରିବର୍ଷଣ କରିବାକୁ ଚାହଁ । ହୃଦୟର କଥା ଶୁଣିବ ଠାକୁର ? ଭକ୍ତ ସମ୍ମିଳନୀ ଆମର ମଧ୍ୟ ଅତି ପ୍ରିୟ ଅନୁଷ୍ଠାନ । ମିଛ ନୁହେଁ, ଠାକୁର । ବର୍ଷସାରା ତୁମକୁ ଘରେ ପିତା ଭାବରେ ଓ ସପ୍ତାହରେ ଥରେ ସଂଘରେ ଗୁରୁ ରୂପରେ ପାଇ ମଧ୍ୟ ମନଟା ବିକଳ ହୋଇ ଉଠେ କେମିତି ସେଇ ବର୍ଷକରେ ଥରେ ଆମର ପ୍ରିୟ ଗୁରୁଭ୍ରାତା ଓ ଗୁରୁଭଗ୍ନୀମାନଙ୍କ ମେଳରେ ତୁମକୁ ଆବିଳତା ବିହୀନ ସହଜ ସରଳ ବନ୍ଧୁ ଭାବରେ, ଉପଦେଷ୍ଟା ଭାବରେ ପାଇବାକୁ । ସମ୍ମିଳନୀର ସେଇ କେଇଦିନ ନିଜକୁ ଭୁଲି ତୁମରି ସୁଖ, ତୁମରି ଆନନ୍ଦରେ ମାତି ଯିବାକୁ । ବର୍ଷଯାକର ପୁଞ୍ଜିଭୂତ ବେଦନା ଓ ଅକୁହା କୋହକୁ ପଛକୁ ଠେଲି ଦେଇ ତୁମରି ପ୍ରେମ ପରଶରେ ପାଗଳ ପରି ନାଚି ଉଠିବାକୁ । ତୁମରି ସେବାରେ ଆନନ୍ଦରେ ମଜ୍ଜିଯିବାକୁ । ଆମ ନିତ୍ୟ ପରିଜନମାନଙ୍କ ସହିତ ଆନ୍ତରିକତା ଭରା ମିଳନରେ ବିଭୋର ରହିବାକୁ ।

ତୁମ ବିନା ଯେ ସଂସାର ଅସାର, ଠାକୁର । ତୁମକୁ ଛାଡ଼ି ଯେ ଆମର ଅସ୍ତିତ୍ୱ ରହି ନ ପାରେ । ତୁମେ ଯେ ପ୍ରିୟାଦପିପ୍ରିୟ । କେବଳ ଏ ଜନ୍ମ ପାଇଁ ନୁହଁ, ଜନ୍ମଜନ୍ମାନ୍ତର ନିମିତ୍ତ ନିଜର, ଅତି ଆପଣାର । ତୁମେ ହିଁ କେନ୍ଦ୍ର, ତୁମେ ହିଁ ପରିଧି, ଆଉ ତୁମେ ହିଁ କେନ୍ଦ୍ର ଓ ପରିଧିର ମଧ୍ୟବର୍ତ୍ତୀ ସ୍ଥାନ । ଯଦିଓ ସଂସାରର ଆପାତମଧୁର ସୁଖ ମନକୁ ସମୟ ସମୟରେ ବାନ୍ଧିରଖେ, ଯଦିଓ ଅନିତ୍ୟ ପରିଜନଙ୍କ ମୋହ ମନକୁ ନିତ୍ୟ ବସ୍ତୁଠାରୁ ଦୂରକୁ ଠେଲି ନେଇଯାଏ, ଯଦିଚ ବିଷୟର ତୀବ୍ର ଆକର୍ଷଣ ମନକୁ ବେଳେବେଳେ ଅନ୍ତର୍ମୁଖୀ ହେବାରୁ ବଞ୍ଚିତ କରେ, ତେବେ ବି ଆମେ ଜାଣୁ, ତୁମେ ହିଁ ପରମ ସୁଖର ଆଧାର, ତୁମେ ହିଁ ନିତ୍ୟ ସମ୍ପର୍କୀୟ, ଆପଣାର ଠାରୁ ମଧ୍ୟ ଅତି ଆପଣାର, ତୁମେ ହିଁ ଅନ୍ତିମର ଚରମ ଆକର୍ଷଣ । ଆମେ ଜାଣୁ ଏ ସଂସାରର ସୁଖ ମିଛ ମାୟା, ଆମେ ଜାଣୁ ଅନିତ୍ୟ ପରିଜନଙ୍କ ମୋହ ଅଜ୍ଞାନତା, ଆହୁରି ମଧ୍ୟ ଜାଣୁ ବିଷୟ ବାସନା ଦୁଃଖର ଯନ୍ତା । ଏକମାତ୍ର ତୁମ ବିନା ଆଉ ସବୁ ମିଛ, ସବୁ ଅଜ୍ଞାନ, ସବୁ ଦୁଃଖ । ତୁମେ ହିଁ ସତ୍ୟ, ତୁମେ ହିଁ ଜ୍ଞାନ, ତୁମେ ହିଁ ଆନନ୍ଦ – ତୁମେ ସଚ୍ଚିଦାନନ୍ଦ । ତୁମେ ସଚ୍ଚିଦାନନ୍ଦମୟ, ତୁମେ ସଚ୍ଚିଦାନନ୍ଦଘନ, ଆଉ ତୁମେ ହିଁ ସଚ୍ଚିଦାନନ୍ଦଘନବିଗ୍ରହ – କେବଳ ସାଧକଙ୍କର ଭାବ ଭେଦରେ ବିଭିନ୍ନ ଭାବରେ ଧରା ଦେଇ ଥାଅ ମାତ୍ର ।

ସତ୍ ସ୍ୱରୂପରେ ତୁମେ ପ୍ରତି ଶିଷ୍ୟଭକ୍ତ ଗୃହରେ ବିରାଜିତ । ସେଠାରେ ତୁମେ ପରିବାରର ସର୍ବମୟ କର୍ତ୍ତା । ପରିବାରର ପ୍ରତ୍ୟେକ ସଦସ୍ୟଙ୍କର ତୁମେ ପରମ ପୂଜ୍ୟ । ସେଠାରେ ସମସ୍ତଙ୍କଠାରୁ ତୁମେ ଜ୍ୟେଷ୍ଠ । ସମସ୍ତେ ତୁମରି ନିର୍ଦ୍ଦେଶରେ ପରିଚାଳିତ । ଫଳ ସ୍ୱରୂପ ଘରେ ତୁମ ସହିତ ବ୍ୟବହାରରେ ସଂକୋଚ ରହିବା ସ୍ୱାଭାବିକ । ମନରେ ସଂଭ୍ରମ ବା କୁଣ୍ଠା ଆସିବା ସ୍ୱାଭାବିକ । ତେଣୁ ସେଠାରେ ତୁମ ସହିତ ବନ୍ଧୁ ଭଳି ବ୍ୟବହାର କରି ହୁଏନା । ସଖାର ଭାବ ପୁଷ୍ଟି କରିବାରେ ବାଧା ରହିଯାଏ । ଅନାବିଳ ଖୋଲା ଭାବ ବିନିମୟ ହୋଇପାରେନା । ବଡ଼ ସାନ ତାରତମ୍ୟ ଏକ ଅନତିକ୍ରମଣୀୟ ପ୍ରାଚୀର ସୃଷ୍ଟି କରିଦିଏ ।

ଆଉ ସଂଘରେ ? ସେଠାରେ ତୁମେ ଯେ ଚିତ୍ ଭାବରେ, ଗୁରୁ ଭାବରେ ବିରାଜିତ । ସେଠାରେ ବୋଧଶକ୍ତିର ଶାସନରେ ସମସ୍ତ ପରିଚାଳିତ, ଜ୍ଞାନର କର୍ତ୍ତୃତ୍ୱରେ ସବୁ ଜିନିଷର ପରିମାପ । ଗୃହରେ ତୁମ ସହିତ ସଂପର୍କ ଓ ସଂଘରେ ତୁମ ସହିତ ସଂପର୍କରେ ଆକାଶ ପାତାଳ ତଫାତ୍ । ଗୃହରେ ତୁମେ ମୁଖ୍ୟତଃ ଉପଦେଷ୍ଟା। କିନ୍ତୁ ସଂଘରେ ତୁମେ ଯେ ଶାସନକର୍ତ୍ତା । ଶିଷ୍ୟଭକ୍ତମାନଙ୍କ ଦୋଷ ତ୍ରୁଟି ସମସ୍ତ ସୁଧାରିବା ପାଇଁ ତୁମେ ସେଠାରେ ଶାସନଦଣ୍ଡ ଧାରଣ କରି ଦଣ୍ଡାୟମାନ । ସେମାନଙ୍କୁ ଉପଯୁକ୍ତ ଶିକ୍ଷା ପ୍ରଦାନ କରିବାକୁ ତୁମର ଗାମ୍ଭୀର୍ଯ୍ୟ ଭାବରେ ଅବସ୍ଥାନ । ସେମାନଙ୍କର ପ୍ରାପ୍ୟବସ୍ତୁ ପ୍ରଦାନ ନିମନ୍ତେ ତୁମେ ସେଠାରେ ଦାତା ଭାବରେ ବିରାଜମାନ । ସଂଘରେ ନୀତିନିୟମର ପ୍ରାଚୀର, ବିଧିନିଷେଧର ଅଲଙ୍ଘ୍ୟ ସୀମାରେଖା । ତେଣୁ ସଂଘରେ ତ ତୁମ ସହିତ ଦୁଇପଦ ପ୍ରାଣଖୋଲା କଥାବାର୍ତ୍ତାର ସୁଯୋଗ ହିଁ ନାହିଁ । ତୁମ ସହିତ ବସି ଖୁସିଗପ କରିବାର ସାହସ ମଧ୍ୟ ନାହିଁ । ସେଠାରେ କେବଳ ଗୁରୁ ଏବଂ ଗାରିମାର ଭାବ ।

କିନ୍ତୁ ସମ୍ମିଳନୀରେ ? ସମ୍ମିଳନୀରେ ତୁମର ଆନନ୍ଦଘନ ମୂର୍ତ୍ତିର ବିକାଶ । ସେଠାରେ ସତ୍ୟସ୍ୱରୂପତା, ଯଦିଓ ମୂଲ୍ୟହୀନ ନୁହେଁ, ତେବେ ହେୟ । ସେଠାରେ ଜ୍ଞାନସ୍ୱରୂପତା, ଯଦିଓ ଅଦୃଶ୍ୟ ନୁହେଁ, ତେବେ ପରଦା ଅନ୍ତରାଳରେ । ସେଠାରେ ଅନାବିଳ ଆନନ୍ଦର ଜମାଟବନ୍ଧା ଅନ୍ଧକାରରେ ସମସ୍ତ ନିଖୋଜ, ସବୁ ସତ୍ତାହୀନ । ଜାତି ନାହିଁ, ଧର୍ମ ନାହିଁ, ବାଳକ-ବୃଦ୍ଧର ଭେଦ ନାହିଁ, ମୁର୍ଖ-ପଣ୍ଡିତର ପାର୍ଥକ୍ୟ ନାହିଁ, ଧନୀ-ନିର୍ଦ୍ଧନର ତାରତମ୍ୟ ନାହିଁ । ଖାଲି ଆନନ୍ଦ, ଆଉ ଆନନ୍ଦ । ସ୍ୱଚ୍ଛ, ଅକଳୁଷିତ, ଅନ୍ତହୀନ ଆନନ୍ଦ । ଯିଏ ଯେତେ ଖାଲି, ତା'ର ଝୁଲି ସେତେ ପୂର୍ଣ୍ଣ । ଯିଏ ଯେତିକି ନିଜକୁ ହଜାଇପାରେ, ସିଏ ସେତିକି ନିଜକୁ ଆନନ୍ଦରେ ମଜ୍ଜାଇ ପାରେ । ସମୁଦ୍ରର ବିରାମହୀନ ଢେଉ ପରି ଆନନ୍ଦର ଢ଼େଉ ଆସେ ଓ ଯାଏ, ଖାଲି ନିଜକୁ ବୁଡ଼ାଇ ପାରିଲେ ହେଲା ।

ହେଲେ ଠାକୁର ! ଏବେ ଯେ ଆମେ ସେ ଆନନ୍ଦରୁ ବଞ୍ଚିତ – ଉପଯୁକ୍ତ ଭାବରେ ସମ୍ମିଳନୀ କରିବାକୁ ଆମେ ଅକ୍ଷମ । ପ୍ରକୃତି ଦାଉ ସାଧୁଛି । କରୋନା ମହାମାରୀର ପ୍ରକୋପରେ କେବଳ ତୁମର ସନ୍ତାନମାନେ କାହିଁକି, ସମସ୍ତ ବିଶ୍ୱବାସୀ ଅତିଷ୍ଠ । ବିଭିନ୍ନ କଟକଣା ମଧ୍ୟରେ ସମ୍ମିଳନୀ କରିବାକୁ ଯାଇ ପୂର୍ବର ସେ ଆନନ୍ଦ ଏବେ ନାହିଁ । ତାହା ଯେପରି ଏକ ଅତୀତର ସ୍ମୃତି । ଏ ଅନ୍ତର୍ବେଦନା କ'ଣ ତୁମେ ବୁଝୁଛ ଠାକୁର ? ତେବେ କାହିଁକି ଏ ପରୀକ୍ଷା ? କାହିଁକି ଏ ଅଘଟଣ ? କାହିଁକି ଏ ଅର୍ଦ୍ଧ ବିଚ୍ଛେଦ, ଅର୍ଦ୍ଧ ମିଳନର ସମ୍ମିଳନୀ ? ଏହା ତ ପ୍ରାଣର ସମ୍ୟକ୍ ମିଳନ ନୁହେଁ । ଏଥିରେ ତ ପ୍ରକୃତ ନିରବଚ୍ଛିନ୍ନ ଆନନ୍ଦ ନାହିଁ । ଏହା ହିଁ କ'ଣ ତୁମର ଇଚ୍ଛା ? ପ୍ରକୃତି ପରା ତୁମର ଦାସୀ, ତୁମର ଆଜ୍ଞାରେ ପରିଚାଳିତା । ତୁମେ ଚାହିଁଲେ ତ ଏ ଅଘଟନ ମୁହୂର୍ତ୍ତ ମଧ୍ୟରେ ପରାବୃତ ହୋଇଯାଆନ୍ତା । ସବୁ ନୈରାଶ୍ୟ ଅପସରି ଯାଇ, ପୁନର୍ବାର ଆଶାର ଆଲୋକରେ ସମଗ୍ର ବିଶ୍ୱ ଉଦ୍‌ଭାସିତ ହୋଇଉଠନ୍ତା । କିନ୍ତୁ କାହିଁ ? ଦିନ ପରେ ଦିନ ବିତି ଯାଉଛି । ଆମେରିକା ସାରସ୍ୱତ ସଂଘର ବିଂଶ ବାର୍ଷିକ ସମ୍ମିଳନୀ ଆସନ୍ନ । ହେଲେ ପୂର୍ବର ସେ ଉତ୍ସାହ ନାହିଁ, ସେ ଉଦ୍ଦିପନା ନାହିଁ । ମନଟା ଯେପରି ଉଦାସ ଭରା । ଏ ବର୍ଷ ମଧ୍ୟ କ'ଣ ତୁମକୁ ନେଇ ପୂର୍ବ ଭଳି ଆନନ୍ଦ କରିପାରିବୁ ନାହିଁ ? ଦୀର୍ଘ ଦିନର ପ୍ରତିକ୍ଷିତ ସେ ସମ୍ୟକ୍ ମିଳନର ତୃପ୍ତି ମିଳିବ ନାହିଁ ? କି ଅପରାଧ କରିଛୁ ଠାକୁର ? ସର୍ବ ଦୋଷ, ସର୍ବ ଅପରାଧ କ୍ଷମା କର, ପ୍ରଭୁ । ତୁମେ ପରା କ୍ଷମାଭୂପ । ମନେପଡ଼େ, ଶରତ ବ୍ରହ୍ମଚାରୀ ଭାଇଙ୍କୁ ତୁମେ ଦିନେ କହିଥିଲ, 'ତୁମମାନଙ୍କର ଶତ ଅପରାଧ ଯଦି ମୁଁ କ୍ଷମା କରି ନ ପାରେ, ତାହେଲେ ମୁଁ କି ଠାକୁର ?' ହେ ପ୍ରଭୁ, ହେ ହୃଦୟଦେବତା, ପ୍ରସନ୍ନ ହୁଅ । ତୁମ ଅବୋଧ, ଅଧମ ସନ୍ତାନଗଣଙ୍କର ସର୍ବ ଅପରାଧ କ୍ଷମା କରି ଆଶୀର୍ବାଦ କର, ଯେପରି ସମ୍ମିଳନୀ ସର୍ବତୋଭାବରେ ସାଫଲ୍ୟମଣ୍ଡିତ ହେଉ । ତୁମର ସମସ୍ତ ସନ୍ତାନମାନେ ତୁମର ଅଚ୍ଛେଦ୍ୟ ଆକର୍ଷଣ ବଳରେ ସମସ୍ତ ବାଧାବିଘ୍ନ ଅତିକ୍ରମ କରି ସମ୍ମିଳନୀରେ ଯୋଗଦାନ କରନ୍ତୁ । ସମସ୍ତେ ପ୍ରାଣ ଢାଳି ସେବାକରି ଅମୃତ ସେବାନନ୍ଦ ଲାଭ କରନ୍ତୁ । ଆମର କ୍ଷୁଦ୍ରପ୍ରାଣ ତୁମର ମହାପ୍ରାଣ ସହିତ ମିଶି ଏକାକାର ହୋଇଯାଉ । ତୁମର ଭକ୍ତ ସମ୍ମିଳନୀର ଉଦ୍ଦେଶ୍ୟ ପୂର୍ଣ୍ଣ ହେଉ । ତୁମ ଶ୍ରୀଚରଣକୋକନଦରେ ଏ ଅବୋଧର ଏତିକି ମାତ୍ର ମିନତି ।

ଶ୍ରୀଶ୍ରୀଠାକୁର ଚରଣାଶ୍ରିତ
**ଶ୍ରୀ ବ୍ରଜେନ୍ଦ୍ର ନାଥ ପଣ୍ଡା**
ସଭାପତି
ଆମେରିକା ସାରସ୍ୱତ ସଂଘ

◆ ◆ ◆

ଦୁଃଖକଷ୍ଟରେ ଧୈର୍ଯ୍ୟ ହରାଅ ନାହିଁ। ଶ୍ରୀଗୁରୁ-ଭଗବାନଙ୍କ ଉପରେ ନିର୍ଭର କରି କର୍ମଫଳ ଭୋଗ ସହ୍ୟ କରିବାକୁ ଅଭ୍ୟାସ କର। ସୁଖ ଅପେକ୍ଷା ଦୁଃଖରେ ହିଁ ଅଧିକ ମଙ୍ଗଳ ହୁଏ। ଦୈହିକ ବଳବୀର୍ଯ୍ୟ ବା ବିଦ୍ୟାବୁଦ୍ଧିର ଅଭିମାନ ନଷ୍ଟ ହୋଇ ନିର୍ଭରତାର ଭାବ ଦୁଃଖରେ ହିଁ ଅଧିକ ସହଜସାଧ୍ୟ ହୁଏ। ସକଳ ଅବସ୍ଥାରେ ଆନନ୍ଦରେ ରହିବାକୁ ଅଭ୍ୟାସ କର।

**- ଶ୍ରୀଶ୍ରୀଠାକୁରଙ୍କ ଚିଠି (୩/୫୮)**

# ମୋର ପଦେ

ଆମେରିକାରେ ଥିବା ଆମ 'ନୀଳାଚଳ ସାରସ୍ୱତ ସଂଘ'ର ଭକ୍ତମାନେ ପ୍ରଥମେ ଏକ ପାଠଚକ୍ର ଆରମ୍ଭ କରି ସେଥିରେ ଯୋଗଦାନ କରି ପୂଜା କରୁଥିଲେ। କ୍ରମେ ଏହି ପାଠଚକ୍ରଟି ୨୦୦୪ ମସିହାରେ କେନ୍ଦ୍ର ଅନୁମୋଦନକ୍ରମେ ପୂର୍ଣ୍ଣାଙ୍ଗ ସଂଘରେ ପରିଣତ ହୋଇଥିଲା। ଏହାର ରଜତ ଜୟନ୍ତୀ ଉତ୍ସବ ସଂଘର ୨୫ ବର୍ଷ ପୂର୍ତ୍ତି ସମୟରେ ସମାରୋହରେ ଅନୁଷ୍ଠିତ ହେଉ କେନ୍ଦ୍ରାନୁମୋଦିତ କାର୍ଯ୍ୟକ୍ରମ ସହିତ। ଏହି ବିଶେଷ ଉତ୍ସବରେ ସଂଘର ସମସ୍ତ ଭାଇ ଓ ମା'ମାନେ ପରିବାର ସଦସ୍ୟମାନଙ୍କ ସହ ଯୋଗଦେଲେ ତାହା ସର୍ବାଙ୍ଗସୁନ୍ଦର ହେବ। ନିର୍ଦ୍ଧାରିତ ଦିବସରେ ଅନୁମୋଦିତ ସମସ୍ତ କାର୍ଯ୍ୟକ୍ରମ ସୁଷ୍ଠୁ ଭାବରେ ଅନୁଷ୍ଠିତ ହେଲେ ଏହା ସର୍ବତୋଭାବରେ ସାଫଲ୍ୟ ମଣ୍ଡିତ ହେବ। କେନ୍ଦ୍ର ପ୍ରତିନିଧି ଏହାର ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିବେ।

ଏହି ଅବସରରେ 'ସାରସ୍ୱତ ମାଧୁରୀ'ର ଏକ ବିଶେଷ ସଂଖ୍ୟା ପ୍ରକାଶିତ ହେବ। ଏଥିରେ ସଂଘର ବିଗତ ୨୫ବର୍ଷର ଉଲ୍ଲେଖଯୋଗ୍ୟ ଘଟଣାବଳୀ ସ୍ଥାନିତ ହେବ। ଏଥିରେ ମଧ୍ୟ 'ସାରସ୍ୱତ ମାଧୁରୀ'ର ପୂର୍ବ ସଂଖ୍ୟାମାନଙ୍କରେ ପ୍ରକାଶିତ ଭଲ ଭଲ ଲେଖାର ପୁନର୍ମୁଦ୍ରଣ କରାଯାଇପାରେ।

ସଂଘ ଏକ ମଣିଷ ତିଆରି କାରଖାନା ଭଳି। ସଂଘଭୁକ୍ତ ସମସ୍ତେ ସଂଘ ନିର୍ଦ୍ଦେଶିତ ପଥରେ ଚଳି ଜଣେ ଜଣେ ଭଲ ମଣିଷ ନ ହେଲେ ସଂଘ ସ୍ଥାପନର ଉଦ୍ଦେଶ୍ୟ ସଫଳ ହେବନାହିଁ। ସମାଜରେ ଭଲ ମଣିଷର ଅଭାବ। ଏହି ଅଭାବ କିଛି ପରିମାଣରେ ଆମ ସଂଘ ପୂରଣ କରିବ।

ଶ୍ରୀଶ୍ରୀଠାକୁର ଚାହାନ୍ତି– ମୋର ପ୍ରତିଟି ଭକ୍ତ ସାଧୁ, ସରଳ, ସଚ୍ଚୋଟ, ସଦାଚାରୀ, ସତ୍ୟବାଦୀ, ସଂଯତ, ଶୃଙ୍ଖଳିତ, ନମ୍ର, ବିନୟୀ, ନିରହଙ୍କାର ବ୍ୟକ୍ତି ହୁଅନ୍ତୁ। ଆମର ମଧ୍ୟ ଆମର ପରମାରାଧ୍ୟ ଶ୍ରୀଶ୍ରୀଠାକୁରଙ୍କ ପ୍ରତି ଶ୍ରଦ୍ଧା, ଭକ୍ତି, ବିଶ୍ୱାସ, ନିର୍ଭରତା, ସମର୍ପଣ ଭାବ, ଆନୁଗତ୍ୟ, ଭଲ ପାଇବା ଓ ସେବାଭାବ ରହିବା ଉଚିତ୍।

ଶ୍ରୀଶ୍ରୀଠାକୁର ମଧ୍ୟ ଚାହିଁଛନ୍ତି ମୋର ପ୍ରତି ମହିଳା ଭକ୍ତ ସତୀ, ସାଧ୍ୱୀ, ପତିବ୍ରତା ହୁଅନ୍ତୁ। ସେମାନଙ୍କର ସ୍ୱାମୀସେବା ଓ ସନ୍ତାନପାଳନ ଯାହା ସେମାନଙ୍କର ସ୍ୱଧର୍ମାଚରଣ ତାହା ଆଦର୍ଶସ୍ଥାନୀୟ ହେଉ। ଶ୍ରୀଶ୍ରୀଠାକୁର କହିଛନ୍ତି 'ରମଣୀତ୍ୱ ସଇତାନର ଉଚ୍ଛିଷ୍ଟ' ତୁମମାନଙ୍କ ଭିତରେ ରମଣୀତ୍ୱ ପରିହାର ପୂର୍ବକ ଜନନୀତ୍ୱର ବିକାଶ ହେଉ, ଜନନୀତ୍ୱ ଫୁଟି ଉଠୁ।

ଆମ ଭକ୍ତ ପରିବାରର କୁମାରୀମାନେ ବାପଘରେ ଥିବାବେଳେ ସମସ୍ତ ଘରକରଣା ଶିଖି ସର୍ବଗୁଣସମ୍ପନ୍ନା ହେଲେ ଶାଶୁଘରକୁ ସେମାନଙ୍କର ସୁଗୁଣର ମହକରେ ମହକାଇ ଦେବେ। ସେମାନେ ସ୍ୱାମୀଙ୍କର ଆଦର୍ଶ ସହଧର୍ମୀଣୀ ହେବେ, ଶାଶୁଶଶୁରଙ୍କର ଆଦର୍ଶ ବୋହୂ ହେବେ। କୁମାରୀ ଅବସ୍ଥାରେ ସେମାନେ ପବିତ୍ର ଓ ନୈତିକ ଜୀବନଯାପନ କରିବେ। ଆଜିକାଲି ମୋବାଇଲ ଫୋନ୍ ଯୁଗ। ତେଣୁ ଫୋନ୍ ମାଧ୍ୟମରେ କାହା ସହିତ ଅନୁଚିତ ସମ୍ପର୍କ ରଖିବେ ନାହିଁ।

ଆମ ଭକ୍ତ ପରିବାରର କିଶୋର ସନ୍ତାନମାନେ ବ୍ରହ୍ମଚର୍ଯ୍ୟ ପାଳନ କଲେ ପରବର୍ତ୍ତୀ ସମୟରେ ସେମାନେ ସୁଠାମ, ସୁନ୍ଦର, ସୁଗଠିତ, ବଳିଷ୍ଠ ଯୁବକ ଶରୀରଲାଭ କରି ଦେଶର ଜଣେ ଜଣେ ସୁନାଗରିକ ହେବେ, ଭଲ ମଣିଷ ହେବେ ଏବଂ ଅନ୍ୟମାନଙ୍କୁ ଭଲ ମଣିଷ ହେବାରେ ସାହାଯ୍ୟ କରିବେ।

'ଆମେରିକା ସାରସ୍ୱତ ସଂଘ'ର କ୍ରମବିକାଶର ଧାରା ଅବ୍ୟାହତ ରହୁ ଶ୍ରୀଶ୍ରୀଠାକୁରଙ୍କ ନିକଟରେ ମୋର ପ୍ରାଣର ପ୍ରାର୍ଥନା। ଏହାର ପ୍ରତିଟି ଭକ୍ତ ସଂଘକୁ ନିଷ୍ପାପର ସେବା ଓ ଯଥାଶକ୍ତି ଆର୍ଥିକ ପ୍ରଣାମୀ ପ୍ରଦାନ ପୂର୍ବକ ସଂଘର କ୍ରମବିକାଶର ଧାରା ଅବ୍ୟାହତ ରଖିବାରେ ସହାୟକ ହୁଅନ୍ତୁ।

ଶ୍ରୀଶ୍ରୀଠାକୁରଙ୍କ ଚରଣାଶ୍ରିତ

**ଶ୍ରୀ ଦେବେନ୍ଦ୍ର ନାଥ ମହାପାତ୍ର**

ଏକାମ୍ର ସାରସ୍ୱତ ସଂଘ, ଭୁବନେଶ୍ୱର

◆◆◆

# ଅହେତୁକୀ କୃପାଧନ୍ୟ ହେମଚନ୍ଦ୍ର ଚୌଧୁରୀ

ବିଂଶ ଶତାବ୍ଦୀର ପ୍ରଥମ ଦଶକରେ ଭାରତର ଆଧ୍ୟାତ୍ମିକ ଜଗତରେ ଏକ ତାତ୍ପର୍ଯ୍ୟପୂର୍ଣ୍ଣ ନୂତନ ଅଧ୍ୟାୟର ସୂତ୍ରପାତ ହୋଇଥିଲା । ଜ୍ଞାନାବତାର ଶଙ୍କର, ପ୍ରେମାବତାର ଚୈତନ୍ୟ ମହାପ୍ରଭୁ, ରାମକୃଷ୍ଣ ପରମହଂସ ଦେବ ଓ ବିବେକାନନ୍ଦଙ୍କ ସମ୍ମିଳିତ ଆଧ୍ୟାତ୍ମିକ ଚେତନାର ପରିପକ୍ୱ ଅବସ୍ଥାରେ ଭାରତ ଭୂମିରେ ଅବତୀର୍ଣ୍ଣ ହୋଇଥିଲେ ତନ୍ତ୍ର, ଜ୍ଞାନ, ଯୋଗ ପ୍ରେମରେ ସିଦ୍ଧ ମହାପୁରୁଷ ପରମହଂସ ଶ୍ରୀମତ୍‌ସ୍ୱାମୀ ନିଗମାନନ୍ଦ ସରସ୍ୱତୀ ଦେବ । ଶଙ୍କରଙ୍କ ଜ୍ଞାନ ଓ ଶ୍ରୀଚୈତନ୍ୟ ଦେବଙ୍କ ପ୍ରେମ, ରାମକୃଷ୍ଣଙ୍କର ଯେତେ ମତ ତେତେ ପଥ ଓ ବିବେକାନନ୍ଦଙ୍କର ଉଦାତ୍ତ ବାଣୀ 'ଉତ୍ତିଷ୍ଠତ, ଜାଗ୍ରତ ପ୍ରାପ୍ୟବରାନ୍' ଇତ୍ୟାଦିର ସମନ୍ୱୟରେ ଏକ ନୂତନ ସାଧନପନ୍ଥା ଉଦ୍ଭାବନ କଲେ। ସେ ମହାପୁରୁଷ ସନାତନ ଧର୍ମର ଏକ ଅତ୍ୟନ୍ତ ସଙ୍କଟଜନକ କାଳଖଣ୍ଡରେ ଭକ୍ତିପଥରେ ଜ୍ଞାନଲାଭ କରିବାକୁ ତ୍ରିତାପଗ୍ରସ୍ତ ମୁମୁକ୍ଷୁ ଭାରତୀୟ ଜନସାଧାରଣଙ୍କ ପ୍ରାଣରେ ନବ ଜାଗରଣର ଉନ୍ମାଦନା ଭରି ଦେଇଥିଲେ ।

ଜୀବୋଦ୍ଧାର ସଂକଳ୍ପ ନେଇ ସଦ୍‌ଗୁରୁ ନିଗମାନନ୍ଦ ଦେବ ଯେଉଁ ମହାନ ଜଗତହିତକର କାର୍ଯ୍ୟର ସୂତ୍ରପାତ କରିଥିଲେ ତାହାର ନିଦର୍ଶନ ସ୍ୱରୂପ ଆସାମ ପ୍ରଦେଶର ପବିତ୍ର ବ୍ରହ୍ମପୁତ୍ର ତୀରବର୍ତ୍ତୀ କୋକିଳାମୁଖଠାରେ ଅବସ୍ଥିତ ବିଶ୍ୱପ୍ରସିଦ୍ଧ ସିଦ୍ଧସ୍ଥଳୀ ଭାବରେ ଦଣ୍ଡାୟମାନ ଆସାମ ବଙ୍ଗୀୟ ସାରସ୍ୱତ ମଠର ବିଜୟ ପତାକା ସଗର୍ବରେ ସ୍ୱମହିମାରେ ଉଡ୍ଡୀୟମାନ ହେଉଥିଲେ ମଧ୍ୟ ତାହର ଭିତ୍ତିଭୂମି ସ୍ଥାପିତ ହୋଇଥିଲା କୁମିଲ୍ଲା ଜିଲ୍ଲାର (ପୂର୍ବ ବଙ୍ଗ) ଦୁର୍ଗାପୁର ଗ୍ରାମରେ । ତାହା ହିଁ ଥିଲା ତାଙ୍କର ସିଦ୍ଧଜୀବନର ପ୍ରଥମ କର୍ମସ୍ଥଳୀ । ସମସ୍ତ ଜଗତହିତକର କାର୍ଯ୍ୟର ପରିକଳ୍ପନା ସେ ସେହି ଦୁର୍ଗାପୁରର ଶାନ୍ତି ଆଶ୍ରମରେ ହିଁ କରିଥିଲେ ।

ଗ୍ରାମର ଅନତିଦୂରରେ ଏକ ବିସ୍ତୀର୍ଣ୍ଣ ପ୍ରାନ୍ତରର ଶାନ୍ତ ସମାହିତ ପରିବେଶରେ ଏକ ସୁନ୍ଦର ପୁଷ୍କରିଣୀର ହୁଡ଼ାକୁ ଆଶ୍ରୟ କରି ଗଢ଼ି ଉଠିଥିଲା କେତୋଟି ଚାଳଘର, ଆରଣ୍ୟକ ସଭ୍ୟତାର ଋଷି ଆଶ୍ରମର ପ୍ରତିଚ୍ଛବି ଭଳି । ନବୀନ ତରୁଣ ସନ୍ନ୍ୟାସୀ ସକଳ ସାଧନ ଐଶ୍ୱର୍ଯ୍ୟ ବିମଣ୍ଡିତ ଜ୍ୟୋତିର୍ମୟ ଶରୀରରେ ସେହି ଆଶ୍ରମରୁ ଆରମ୍ଭ କରିଥିଲେ ତାଙ୍କର ଗୁରୁଗିରି, ଯେଉଁ ଗୁରୁଭାର ତାଙ୍କୁ ମହାମାୟା ଗାରୋହିଲ୍‌ର ନିଭୃତ ପ୍ରେମିକର ବାସର ଘରେ ସସ୍ନେହ ଅନୁରୋଧ ମିଶ୍ରିତ ଆଦେଶ, ନିର୍ଦ୍ଦେଶ ମାଧ୍ୟମରେ ପ୍ରଦାନ କରିଥିଲେ ।

ସେହି ଦୁର୍ଗାପୁର ଆଶ୍ରମରେ ହିଁ ସେ ରଚନା କରିଥିଲେ ତାଙ୍କର ଦ୍ୱିତୀୟ ନିଗମ ଗ୍ରନ୍ଥ 'ଜ୍ଞାନୀଗୁରୁ' ଏବଂ ସନାତନ ଧର୍ମର ମୁଖପତ୍ର ମାସିକ ପତ୍ରିକା 'ଆର୍ଯ୍ୟଦର୍ପଣ', ପରବର୍ତ୍ତୀ ସମୟରେ ଶ୍ରୀଶ୍ରୀଠାକୁର ସେହି ଆଶ୍ରମରେ ମଧ୍ୟ ରଚନା କରିଥିଲେ 'ବ୍ରହ୍ମଚର୍ଯ୍ୟ ସାଧନ' ଗ୍ରନ୍ଥ ।

ଦୁର୍ଗାପୁରର ଶାନ୍ତି ଆଶ୍ରମ ପ୍ରତିଷ୍ଠା ମୂଳରେ ଦୁର୍ଗାପୁରର ପ୍ରସିଦ୍ଧ ଦେୱାନ ଚନ୍ଦ୍ରକାନ୍ତ ସେନ୍‌ଙ୍କର ଭୂମିକା ଥିଲା ଗୁରୁତ୍ୱପୂର୍ଣ୍ଣ । ଝଗଡ଼ାରଚର, ବେଣିୟାର୍‌ଚର୍ ଇତ୍ୟାଦି ଅଞ୍ଚଳରେ ଶ୍ରୀଶ୍ରୀଠାକୁରଙ୍କର ଅଲୌକିକ ମହିମା ଶ୍ରବଣ କରି ଚନ୍ଦ୍ରକାନ୍ତ ସେନ ଶ୍ରୀଶ୍ରୀଠାକୁରଙ୍କୁ ବେଣିଆରଚରର ତହସିଲଦାର ଉମାଚରଣ ସରକାରଙ୍କ ଗୃହରେ ସସମ୍ମାନେ ଆମନ୍ତ୍ରଣ କରି ଆଣିଥିଲେ ଦୁର୍ଗାପୁର ଗ୍ରାମକୁ ଏବଂ ଆଶ୍ରମ ସ୍ଥାପନ କରିବା ପାଇଁ ସମସ୍ତ ଭିତ୍ତିଭୂମି ଯୋଗାଇ ଦେଇଥିଲେ । ଶ୍ରୀଶ୍ରୀଠାକୁରଙ୍କ ସହିତ ସେବକ ଚଣ୍ଡୀଚରଣ ତଥା ତହସିଲଦାର ଉମାଚରଣ ସରକାର ଏବଂ ତଦୀୟ ପତ୍ନୀ ଶ୍ରୀମତୀ ହେମଲତା ଦେବୀ ସେଠାରେ ଅବସ୍ଥାନ କରୁଥିଲେ ନିଃସନ୍ତାନ ସରକାର ଦମ୍ପତ୍ତି ନିଜର ସମସ୍ତ ସମ୍ପତ୍ତି ତଥା ଆସବାବପତ୍ର ଆଶ୍ରମକୁ ଦାନ କରି ସେବକ ସେବିକା ଭାବରେ ସେଠାରେ ଅବସ୍ଥାନ କରୁଥିଲେ କାଳକ୍ରମେ ଅତ୍ୟନ୍ତ ସେବାଭକ୍ତିପରାୟଣା ହେମଲତା ଦେବୀଙ୍କୁ ଶ୍ରୀଶ୍ରୀଠାକୁର ସେହି ପବିତ୍ର ପୀଠ ଦୁର୍ଗାପୁର ଆଶ୍ରମରେ ସନ୍ନ୍ୟାସ ପ୍ରଦାନ କରି ତାଙ୍କର ନାମ ରଖିଥିଲେ ଯୋଗମାୟା ଦେବୀ ।

କ୍ରମେ 'ଯୋଗୀଗୁରୁ' ପୁସ୍ତକର ବହୁଳ ପ୍ରଚାର ଏବଂ ପ୍ରସାର, 'ବ୍ରହ୍ମଚର୍ଯ୍ୟ ସାଧନ'ର ଛାତ୍ର ଓ ଯୁବ ସମାଜ ଉପରେ ପ୍ରଭାବ ତଥା ଧର୍ମପିପାସୁ ମାନଙ୍କର ତୃଷ୍ଣା ନିବାରକ 'ଆର୍ଯ୍ୟଦର୍ପଣ' ପତ୍ରିକାର ଲୋକପ୍ରିୟତା ଫଳରେ ପ୍ରତିଦିନ ଅଗଣିତ ଶ୍ରଦ୍ଧାଳୁ, ମହାପୁରୁଷ ଦର୍ଶନେଚ୍ଛୁ, ଦର୍ଶନାର୍ଥୀ ଓ ଉପଦେଶପ୍ରାର୍ଥୀ ତଥା ଦୀକ୍ଷାପ୍ରାପ୍ତି କୁମିଲ୍ଲାବାସୀଙ୍କର ସେହି ଆଶ୍ରମକୁ ନିୟମିତ ଯାତାୟାତ ଆରମ୍ଭ ହେଲା ଏବଂ ସେ ସମଗ୍ର ଅଞ୍ଚଳରେ ଶ୍ରୀଶ୍ରୀଠାକୁର ଜଣେ ଅଲୌକିକ ସାଧନଶକ୍ତିସମ୍ପନ୍ନ ମହାପୁରୁଷ ଭାବରେ ଅସାମାନ୍ୟ ପ୍ରସିଦ୍ଧି ଲାଭ କଲେ ।

ସେହି ସମୟରେ ଦେଓ୍ୱାନ୍ ପରିବାରର ବିଷୟସମ୍ପତ୍ତିଜନିତ ଏକ ପାରିବାରିକ ଅସଦ୍‌ଭାବକୁ ଆଧାର କରି ବିଷୟୀ ଚନ୍ଦ୍ରକାନ୍ତ ସେନ୍ ପରିବାରବର୍ଗଙ୍କ (କୁଟୁମ୍ବ) ନାମରେ ଏକ ମିଥ୍ୟା ମୋକଦ୍ଦମାରେ ବିଜୟ ହାସଲ କରିବା ପାଇଁ ସେ ଅଞ୍ଚଳର ସର୍ବଜନବିଦିତ ସାଧୁ ମହାପୁରୁଷ ଭାବରେ ଅଗ୍ରଗଣ୍ୟ ପୂଜ୍ୟ ନିଗମାନନ୍ଦ ସରସ୍ୱତୀ ଦେବଙ୍କୁ ତାଙ୍କ ସପକ୍ଷରେ କୋର୍ଟରେ ସାକ୍ଷୀ ଦେବାକୁ ବନ୍ଧୁ ହେମନଗରର ପ୍ରଖ୍ୟାତ ଜମିଦାର ଚୌଧୁରୀ ହେମଚନ୍ଦ୍ର ଘୋଷଙ୍କ କୂଟ ପରାମର୍ଶରେ ବିନୀତ ଭାବରେ ଅନୁରୋଧ କଲେ ।

ଗୁରୁ ନିର୍ଗୁଣ। ବିଷୟୀ ଲୋକଙ୍କର ଏହି ବିଷୟାବିଷଜଡ଼ିତ ସଂସାରର ଘଟଣାରେ ଶ୍ରୀଶ୍ରୀଠାକୁର ସାକ୍ଷୀ ଦେବାକୁ ଅନିଚ୍ଛା ପ୍ରକାଶ କରିବାରୁ ଦେଓ୍ୱାନ୍ ଚନ୍ଦ୍ରକାନ୍ତ ସେନ୍ ଶ୍ରୀଶ୍ରୀଠାକୁରଙ୍କ ପ୍ରତି ଅତ୍ୟନ୍ତ ରୁଷ୍ଟ ଭାବ ପ୍ରଦର୍ଶନ କଲେ ଏବଂ ପ୍ରତିଶୋଧ ପରାୟଣ ହୋଇଉଠିଲେ ।

ଶ୍ରୀଶ୍ରୀଠାକୁର ଉମାଚରଣ ସରକାରଙ୍କୁ ଆଶ୍ରମର ଦାୟିତ୍ୱ ପ୍ରଦାନ କରି ଅନ୍ୟାନ୍ୟ ଆଶ୍ରମବାସୀମାନଙ୍କୁ ସାଙ୍ଗରେ ନେଇ ତୀର୍ଥଯାତ୍ରା କରିବାକୁ ଯାଇଥିବା ସମୟରେ ବୃଦ୍ଧ ବିଷୟସମ୍ପତ୍ତି ସହିତ ସାରାଜୀବନ ଅତିବାହିତ କରିଥିବା ଚନ୍ଦ୍ରକାନ୍ତ ସେନ୍‌ଙ୍କର ପୂର୍ବ ପରିଚିତ, ଶ୍ରୀଶ୍ରୀଠାକୁରଙ୍କର ଦୀକ୍ଷିତ ଶିଷ୍ୟ ଉମାଚରଣ ସରକାରଙ୍କୁ ଶ୍ରୀଶ୍ରୀଠାକୁରଙ୍କ ବିରୁଦ୍ଧରେ ନାନାପ୍ରକାରର ପ୍ରରୋଚନା ଦେଇ ସଂପୂର୍ଣ୍ଣ ବିରୋଧୀ କରିଦେଲେ । ହେମଲତା ଦେବୀ ଓରଫ ସନ୍ନ୍ୟାସିନୀ ଯୋଗମାୟା ଦେବୀଙ୍କ ସଂପର୍କରେ ମଧ୍ୟ କୁତ୍ସାରଟନା କରିବା ପାଇଁ ସେ ପଶ୍ଚାଦ୍‌ପଦ ହେଲେନାହିଁ, ଏହା ଫଳରେ ବୃଦ୍ଧ ଉମାଚରଣଙ୍କର ମତିଭ୍ରମ ଘଟିଲା ଏବଂ ସେ ଆଶ୍ରମର ସମସ୍ତ ଆସବାବପତ୍ର ଅପହରଣ କରି ଗୁରୁଦ୍ରୋହୀ ହେଲେ ।

ଶେଷକୁ ଦୁର୍ଗାପୁର ସ୍ୱନାମଧନ୍ୟ ଶାନ୍ତିଆଶ୍ରମରୁ ଦେଓ୍ୱାନ୍ ଚନ୍ଦ୍ରକାନ୍ତ ସେନ୍ ତଥା ଠାକୁରବିରୋଧୀ ଉମାଚରଣ ସରକାରଙ୍କ କୂଟଚକ୍ରାନ୍ତର ଚକ୍ରବ୍ୟୂହ ଭେଦ କରି ଜୀବନ ବିପନ୍ନ କରି ଶ୍ରୀଶ୍ରୀଠାକୁରଙ୍କର ଅନ୍ୟତମ ଅନ୍ତରଙ୍ଗ ଶିଷ୍ୟ ଯୋଗାନନ୍ଦ ଓ ସେବକ ଚଣ୍ଡୀଚରଣ ଓରଫ ଚିଦାନନ୍ଦ ବ୍ରହ୍ମଚାରୀ ସେଠାରୁ ଗୁରୁବ୍ରହ୍ମଙ୍କ ଆସନ ଢାକା ସହରରେ ଅବସ୍ଥିତ ଗେଣ୍ଡାରିୟାର ଅସ୍ଥାୟୀ ଆଶ୍ରମକୁ ସ୍ଥାନାନ୍ତରିତ କରିଥିଲେ ।

ଏହି ପର୍ଯ୍ୟାୟର ସମସ୍ତ ଘଟଣାବଳୀ ଶ୍ରୀଶ୍ରୀଠାକୁରଙ୍କର ସୁମହାନ ଜଗତହିତକର କାର୍ଯ୍ୟ ଯଥା ସନାତନ ଧର୍ମର ପ୍ରଚାର, ସତ୍‌ଶିକ୍ଷା ବିସ୍ତାର ଓ ଶିବଜ୍ଞାନରେ ଜୀବସେବା ସାଧନକ୍ଷେତ୍ରରେ ପ୍ରଧାନ ପ୍ରତିବନ୍ଧକ ଭାବରେ ଉଭା ହୋଇଥିଲେ ।

ଏହି ଘଟଣାର ପ୍ରତିକ୍ରିୟାରେ ହେମନଗର ଅଞ୍ଚଳର ପ୍ରସିଦ୍ଧ ଜମିଦାର ହେମଚନ୍ଦ୍ର ଚୌଧୁରୀ ମଧ୍ୟ ଦେଓ୍ୱାନ୍ ଚନ୍ଦ୍ରକାନ୍ତ ସେନ୍‌ଙ୍କ ପରାଜୟରେ ଅତ୍ୟନ୍ତ ବିଷର୍ଣ୍ଣ ହୋଇ ଏ ସମସ୍ତ ଘଟଣାର ଅସଫଳତା ପାଇଁ ଶ୍ରୀଶ୍ରୀଠାକୁରଙ୍କୁ ପୂର୍ଣ୍ଣ ଭାବରେ ଦାୟୀ କରି ତାଙ୍କ ପତି ଭୟଙ୍କର ରୁଷ୍ଟ ହୋଇପଡ଼ିଲେ । ଜୀବନରେ ଥରେ ହେଲେ ଦର୍ଶନ କରି ନ ଥିବା ଏବଂ କୌଣସି କାରଣରୁ ମଧ୍ୟ ବ୍ୟକ୍ତିଗତ ସ୍ତରରେ କୌଣସି ସଂପର୍କ ନ ଥିବା ମହାପୁରୁଷ ଶ୍ରୀଶ୍ରୀଠାକୁରଙ୍କୁ ସେ ନିଜର ପରମ ଶତୃଭାବରେ ଜ୍ଞାନକରି ତାଙ୍କ ବିରୁଦ୍ଧରେ ନାନାପ୍ରକାରର ନିନ୍ଦା ସମାଲୋଚନା କରିବାକୁ ଆରମ୍ଭ କଲେ ।

ଏହାର ଅନେକ ବର୍ଷ ପରେ ସେହି ହେମନଗରର ଜମିଦାରଙ୍କ ଶିରସ୍ତାରେ ଦୀଘଲକାନ୍ଦିର ମଣି ଚୌଧୁରୀ (ଶ୍ରୀଶ୍ରୀଠାକୁରଙ୍କର ଦୀକ୍ଷିତ ଶିଷ୍ୟ) ଓ ବନ୍ଦୋପାଧ୍ୟାୟ ପରିବାରର ତଥା ଶ୍ରୀଶ୍ରୀଠାକୁରଙ୍କର ପ୍ରିୟ ସେବକ ଭୁବନ ଭାଇଙ୍କର ଜ୍ୟେଷ୍ଠଭ୍ରାତା ସୁରେନ୍ଦ୍ରନାଥ ବନ୍ଦୋପାଧ୍ୟାୟ ଏବଂ ଚାରୁଚନ୍ଦ୍ର ବନ୍ଦୋପାଧ୍ୟାୟ ଏବଂ ସେହି ନିକଟବର୍ତ୍ତୀ ଅଞ୍ଚଳର ଶ୍ରୀଶ୍ରୀଠାକୁରଙ୍କ ଅନୁଗତ ଅନେକ ଶିଷ୍ୟଭକ୍ତ ମଧ୍ୟ କର୍ମଚାରୀ ଭାବରେ ନିଯୁକ୍ତି ପାଇଥାଆନ୍ତି ।

ତେଣୁ ହେମଚନ୍ଦ୍ର ଚୌଧୁରୀ ସୁବିଧା ସୁଯୋଗ ପାଇଲାକ୍ଷଣି କୌଣସି କାରଣ ନ ଥାଇ ଶ୍ରୀଶ୍ରୀଠାକୁରଙ୍କର ଶତ ମୁଖରେ ନିନ୍ଦା ସମାଲୋଚନା ଶିରସ୍ତାରେ ଆରମ୍ଭ କରି ଦିଅନ୍ତି । ଶ୍ରୀଶ୍ରୀଠାକୁରଙ୍କ ସମ୍ପର୍କରେ ଏଭଳି କୁତ୍ସିତ ନିନ୍ଦା ସମାଲୋଚନା ଶ୍ରବଣ କରିବା ପାଇଁ କର୍ମଚାରୀମାନଙ୍କୁ ଖୁବ୍ ଅସହ୍ୟ ହେଉଥିଲେ ମଧ୍ୟ ଜୀବନ ଜୀବିକାର ଚାପରେ ବାଧହୋଇ ତାହା ଉଦରସ୍ଥ କରନ୍ତି । କିନ୍ତୁ ଦିନୁ ଦିନ ଜମିଦାର ମହାଶୟଙ୍କର ଏହିଭଳି ମନ୍ଦ ଆଚରଣରେ ଗୁରୁନିନ୍ଦା ସହ୍ୟ କରି ନ ପାରି ସମସ୍ତେ କାର୍ଯ୍ୟରୁ ଅବ୍ୟାହତି ନେବାକୁ ମିଳିତ ଭାବରେ ଇଚ୍ଛାପ୍ରକାଶ କରିବାରୁ ସେ ଖୁବ୍ ଆଶ୍ଚର୍ଯ୍ୟଚକିତ ହୋଇଗଲେ ।

ସେତେବେଳକୁ ଶ୍ରୀଶ୍ରୀଠାକୁରଙ୍କ ମହିମା ସମଗ୍ର ମୟମନସିଂ ଓ ଢାକାଜିଲ୍ଲାର ସମସ୍ତ ଅଞ୍ଚଳରେ ବହୁଳ ଭାବରେ ପ୍ରଚାରିତ ହେବା ଫଳରେ ଏବଂ ବିଶେଷ କରି ମୟମନସିଂର ପ୍ରସିଦ୍ଧ ଡାକ୍ତର ରାଜଚନ୍ଦ୍ର ଧର ଓ ଖ୍ୟାତନାମା ଓକିଲ ଯୋଗେନ୍ଦ୍ରନାଥ ସରକାର ନିଜସ୍ୱ ବୃତ୍ତି ଓ ଗୃହ ତ୍ୟାଗକରି ଶ୍ରୀଶ୍ରୀଠାକୁରଙ୍କ ନିକଟରୁ ସନ୍ନ୍ୟାସ ଗ୍ରହଣ କରି ଶ୍ରୀମତ୍ ସ୍ୱାମୀ ସ୍ୱରୂପାନନ୍ଦ ସରସ୍ୱତୀ ଓ ଶ୍ରୀମତ୍ ସ୍ୱାମୀ ଯୋଗାନନ୍ଦ ସରସ୍ୱତୀ ଭାବରେ ଜନସମାଜରେ ବିପୁଳ ଶ୍ରଦ୍ଧା ଓ ଭକ୍ତି ଲାଭ କରିବା ଫଳରେ ସମଗ୍ର ପୂର୍ବବଙ୍ଗର ବିସ୍ତୃତ ଅଞ୍ଚଳରେ ଶ୍ରୀଶ୍ରୀଠାକୁରଙ୍କର ଆଧ୍ୟାତ୍ମିକ ଭାବଧାରା ଓ ଆଦର୍ଶର ବହୁଳ ପ୍ରଚାର ଓ ପ୍ରସାର ଘଟିଥିଲା ।

ଏତଦ୍‌ବ୍ୟତୀତ ସେହି ହେମନଗରର ଶିରସ୍ତାରୁ ହିଁ ସୁରେନ୍ଦ୍ରନାଥ ବନ୍ଦୋପାଧ୍ୟାୟଙ୍କ ସାନଭାଇ ଯଦୁନାଥ ଏବଂ ହେମଚନ୍ଦ୍ର ଚୌଧୁରୀଙ୍କର ପିତୃମାତୃହୀନ ଆତ୍ମୀୟ ସହପାଠୀ ଜଗଦୀଶ ସମାଜ୍ଞାର ବିଦ୍ୟାଳୟର ଶିକ୍ଷା ତଥା ଗୃହ ତ୍ୟାଗ କରି କୋକିଳାମୁଖ ମଠରେ ଶ୍ରୀଶ୍ରୀଠାକୁରଙ୍କ ଆଶ୍ରୟ ଗ୍ରହଣ କରି ଯଥାକ୍ରମେ ଭୁବନ ବ୍ରହ୍ମଚାରୀ ଓ ହରିଦାସ ବ୍ରହ୍ମଚାରୀ ଭାବରେ ଯାପନଯାପନ କରି ସମାଜରେ ସାଧୁ ଭାବରେ ପରିଚୟ ଲାଭ କରିଥିଲେ ।

ହେମନଗରର ଚୌଧୁରୀ ହେମଚନ୍ଦ୍ର ଘୋଷ କିନ୍ତୁ ବ୍ୟାବହାରିକ ଜୀବନରେ ଜଣେ ଧର୍ମପ୍ରାଣ ବ୍ୟକ୍ତି ଥିଲେ । ଅତିଥିସେବା, ସାଧୁ-ମହାପୁରୁଷଙ୍କୁ ଦାନଧର୍ମ କରିବା ହିଁ ତାଙ୍କର ଜୀବନଯାତ୍ରାର ଆଦର୍ଶ ଥିଲା । ତାଙ୍କର ଜମିଦାରୀ କାର୍ଯ୍ୟ ସହିତ ସେ ଗୋଟିଏ ସଦାବର୍ତ୍ତ ବା ଅତିଥିଶାଳାରେ ଯେଉଁ ଅତିଥି ଅଭ୍ୟାଗତମାନେ ଆଶ୍ରୟ ଗ୍ରହଣ କରୁଥିଲେ ସେ ସେମାନଙ୍କୁ ଶ୍ରଦ୍ଧାଭକ୍ତି ସହକାରେ ନାରାୟଣ ଜ୍ଞାନରେ ସେବା କରୁଥିଲେ । ସାଧୁ ମହାପୁରୁଷମାନେ ସେଠାରେ ସ୍ୱଚ୍ଛନ୍ଦରେ ୨,୪ଦିନ ମଧ୍ୟ ବିଶ୍ରାମ ନେଇ ପୁନର୍ବାର ପରିବ୍ରଜ୍ୟାରେ ଗମନ କରୁଥିଲେ ।

କିନ୍ତୁ ଏହି ଧର୍ମପ୍ରାଣ ସାଧୁସ୍ୱଭାବର ବୃଦ୍ଧ ହେମଚନ୍ଦ୍ର ଚୌଧୁରୀ ଯେ କେଉଁ ଜନ୍ମର ଅନତିକ୍ରମଣୀୟ ପ୍ରାରବ୍ଧ ଦୋଷରୁ ଶ୍ରୀଶ୍ରୀଠାକୁରଙ୍କ ସ୍ତରର ଜଣେ ମହାପୁରୁଷଙ୍କର ବିଦ୍ୱେଷୀ ହୋଇ ପଡ଼ିଥିଲେ ତାହାର ରହସ୍ୟ ଉନ୍ମୋଚନ କରିବା ସାଧାରଣ ମନୁଷ୍ୟ ପକ୍ଷରେ ଦୁରାଶା ମାତ୍ର ।

କିନ୍ତୁ ସେହି ସାଧୁ-ବିଦ୍ୱେଷ ଭାବ ପରବର୍ତ୍ତୀ ସମୟରେ କିଭଳି ଅଲୌକିକ ଭାବରେ ତାଙ୍କର ଜୀବନକୁ ମହିମା ମଣ୍ଡିତ କରିଥିଲା ତାହା ହିଁ ଏ ଆଲେଖ୍ୟର କଥାବସ୍ତୁ । ଶ୍ରୀଶ୍ରୀଠାକୁର ଗାରୋହିଲ୍‌ରୁ ମହାମାୟାଙ୍କ ଅନୁରୋଧରେ ଗୁରୁଭାର ଗ୍ରହଣ କରି ଲୋକାଳୟକୁ ଆଗମନ କରିବାର ଅବ୍ୟବହିତ ପୂର୍ବରୁ ତାଙ୍କ ସହିତ ସର୍ତ୍ତ କରିଥିଲେ ଯେ ତାଙ୍କ ସହିତ ବିରୁଦ୍ଧାଚରଣ କରିବା ବ୍ୟକ୍ତିର ମଧ୍ୟ ତିନିଜନ୍ମରେ ମୁକ୍ତି ହେବ । ତେଣୁ ସେହି ସର୍ତ୍ତାନୁସାରେ ସେ ତାଙ୍କର ପରମ ଶତ୍ରୁ ନିନ୍ଦୁକ ସମାଲୋଚକ କୁତ୍ସାରଟନାକାରୀ ଅହଂକାରୀ ଜମିଦାର ହେମଚନ୍ଦ୍ର ଚୌଧୁରୀଙ୍କର ମଧ୍ୟ ଯୋଗକ୍ଷେମ ବହନ କରି ତାଙ୍କୁ ହାତଧରି ମୁକ୍ତିଧାମକୁ ନେଇଥିଲେ । ସମଗ୍ର ଘଟଣାଟି ବାସ୍ତବିକ୍ ଖୁବ୍ ଚମକପ୍ରଦ ଓ ଆଧ୍ୟାତ୍ମିକ ଦୃଷ୍ଟିରୁ ମହତ୍ତ୍ୱପୂର୍ଣ୍ଣ ।

ଯେଉଁଦିନ କଚେରୀର ସମସ୍ତ କର୍ମଚାରୀ ମିଳିତ ଭାବରେ କାର୍ଯ୍ୟରୁ ଅବ୍ୟାହତି ନେବେ ବୋଲି ଜମିଦାରଙ୍କୁ ଜଣାଇଦେଲେ, ସେ ଦିନଟି ତାଙ୍କ ଜୀବନର ଏକ ମାହେନ୍ଦ୍ରବେଳା । ହଠାତ୍ ତାଙ୍କର ଚେତନା ରାଜ୍ୟରେ ସେଦିନ ଏହି ଘଟଣାଟି ଏକ ଗଭୀର ଆଲୋଡ଼ନ ସୃଷ୍ଟି କଲା । ସମସ୍ତେ କାହିଁକି ଯେ ଏପରି ସେହି ନିଗମାନନ୍ଦ ପରମହଂସ ଦେବଙ୍କର ଯଶଗାନରେ ମୁଖର ହୋଇ ଉଠୁଛନ୍ତି ସେ ତାହାର କୌଣସି ଉତ୍ତର ପାଇଲେ ନାହିଁ । ଯଦୁନାଥ (ଭୁବନ ଭାଇ) ଏବଂ ଜଗଦୀଶ (ହରିଦାସ ବ୍ରହ୍ମଚାରୀ) ମଧ୍ୟ ଆସାମର କୋକିଳାମୁଖ ମଠରେ ଯାଇ ସାଧୁ ଭାବରେ ଜୀବନ ଅତିବାହିତ କରିବାର ରହସ୍ୟ ତାଙ୍କୁ ଆଶ୍ଚର୍ଯ୍ୟଚକିତ କଲା ।

ତେଣୁ ଶେଷକୁ ସେ ସ୍ଥିର କଲେ ଯେ ସେ ଥରେ ନିଗମାନନ୍ଦ ସରସ୍ୱତୀ ଦେବଙ୍କୁ ସ୍ୱଚକ୍ଷୁରେ ଦେଖିବେ ତାପରେ ନିଜର କର୍ମଚାରୀମାନଙ୍କୁ ବିଭିନ୍ନ ପ୍ରକାର ପ୍ରବୋଧନ ଦେଇ ସେମାନଙ୍କୁ କାର୍ଯ୍ୟରେ ଅବସ୍ଥାପିତ କରିବା ପରେ ଶ୍ରୀଶ୍ରୀଠାକୁରଙ୍କର ଦୀକ୍ଷିତ ଶିଷ୍ୟ ମଣି ଚକ୍ରବର୍ତ୍ତୀଙ୍କୁ ଶ୍ରୀଶ୍ରୀଠାକୁରଙ୍କ ନିକଟକୁ ଖଣ୍ଡିଏ ଅନୁରୋଧ ତଥା ନିମନ୍ତ୍ରଣ ପତ୍ର ଦେଇ ତାଙ୍କର ପ୍ରତିନିଧି ଭାବରେ ନୀଳାଚଳ କୁଟୀରକୁ ପଠାଇଲେ ।

ସେ ପତ୍ରରେ ବୃଦ୍ଧ ହେମକାନ୍ତ ଶ୍ରୀଶ୍ରୀ ଠାକୁରଙ୍କୁ ଲେଖିଥିଲେ 'ଦୟାକରି ଆପଣ ଥରେ ହେମନଗରରେ ପଦାର୍ପଣ କରନ୍ତୁ । ମୁଁ ଆପଣଙ୍କୁ ଦର୍ଶନ କରିବାକୁ ଚାହେଁ ।'

ସତୁରି ବର୍ଷ ବୟସ୍କ ବୃଦ୍ଧ ହେମଚନ୍ଦ୍ର ଚୌଧୁରୀଙ୍କର ସେତେବେଳକୁ ବୟସାଧୀକ୍ୟ ହେତୁ ଦୃଷ୍ଟିଶକ୍ତି ଯଥେଷ୍ଟ କ୍ଷୀଣ ହୋଇ ଯାଇଥିବାରୁ, ଶ୍ରୀଶ୍ରୀଠାକୁରଙ୍କ ପରି ସକଳ ସାଧନ ସିଦ୍ଧ ମହାପୁରୁଷଙ୍କ କୃପାରେ ଦୃଷ୍ଟିଶକ୍ତି ଲାଭର ଗୋପନ ଆଶା ପୋଷଣ କରି ସେ ଏହିଭଳି ବିନମ୍ର ଆମନ୍ତ୍ରଣ କରିଥିଲେ ।

ଅନ୍ତର୍ଯ୍ୟାମୀ ଶ୍ରୀଶ୍ରୀଠାକୁର ବୃଦ୍ଧ ଜମିଦାରଙ୍କର ନିମନ୍ତ୍ରଣର ପଶ୍ଚାତ୍ ଭୂମିରେ ଥିବା ଗୂଢ଼ ଉଦ୍ଦେଶ୍ୟ ବୁଝିପାରି ତାଙ୍କୁ ଜଣାଇ ଦେଲେ ଯେ 'ଶିଷ୍ୟ ବ୍ୟତୀତ ଅନ୍ୟ କାହାରି ଗୃହକୁ ମୁଁ ଯାଏ ନାହିଁ ।

ଜମିଦାର ମହାଶୟ ଶ୍ରୀଶ୍ରୀଠାକୁରଙ୍କ ନିକଟକୁ ପୁନର୍ବାର ମଣି ଚକ୍ରବର୍ତ୍ତୀ ଭାଇଙ୍କ ମଧ୍ୟସ୍ଥତାରେ ପତ୍ର ଲେଖି ନିମନ୍ତ୍ରଣ କଲେ । ମୁଁ ପ୍ରଥମ ଶ୍ରେଣୀର ଭଡ଼ା ଦେଇ ଆପଣଙ୍କୁ ଅଣାଇ ଆପଣଙ୍କ ନିକଟରୁ ଦୀକ୍ଷା ଗ୍ରହଣ କରିବାକୁ ଇଚ୍ଛା କରେ । ଆପଣ ଅନୁମତି ଦେଲେ ମୁଁ ମଣିକୁ ପଠାଇବି ।'

ଧନାଢ଼୍ୟ ଜମିଦାରଙ୍କର ଏହି ଅହଂକାରପୂର୍ଣ୍ଣ ଦୀକ୍ଷାଗ୍ରହଣ ଇଚ୍ଛାର ଉତ୍ତରରେ ଶ୍ରୀଶ୍ରୀଠାକୁର ତାଙ୍କୁ ପତ୍ର ଲେଖି ଜଣାଇଦେଲେ ଯେ 'ମୁଁ କାହାକୁ ଦୀକ୍ଷା ଦେବାକୁ ପ୍ରୟୋଜନ ବୋଧ କଲେ ନିଜେ ହିଁ ସେଠାକୁ ଯାଇଥାଏ । ଯାହାର ପ୍ରୟୋଜନ ହେବ ସେ ନିଜେ ମୋ ନିକଟକୁ ଆସିବ । ମୁଁ ଯିବି କାହିଁକି ?'

ଶେଷରେ ଏହି ଚିଠି ଆଦାନପ୍ରଦାନ ପର୍ବର ଅନ୍ତ ଘଟିଥିଲା । ପ୍ରାୟ ୧୩୩୨ ସାଲର ଶେଷାର୍ଦ୍ଧରେ ବୃଦ୍ଧ ହେମଚନ୍ଦ୍ର ଚୌଧୁରୀ ତାଙ୍କର କର୍ମଚାରୀ ମଣି ଚୌଧୁରୀ ଓ ସୁରେନ୍ଦ୍ରନାଥ ଚୌଧୁରୀଙ୍କୁ ସାଙ୍ଗରେ ଧରି ସମସ୍ତ ଗର୍ବ, ଅହଂକାରକୁ ଦୁରକୁ ଫିଙ୍ଗି ଅତି ବିନୀତ ଭାବରେ ଶ୍ରୀଶ୍ରୀଠାକୁରଙ୍କ ଦର୍ଶନାଭିଳାସରେ ପୁରୀ, ନୀଳାଚଳ କୁଟୀର ସମ୍ମୁଖରେ ଉପସ୍ଥିତ ହେଲେ ।

ସେତେବେଳକୁ ଶ୍ରୀଶ୍ରୀଠାକୁର ପ୍ରାୟତଃ ନିଜକୁ ସର୍ବ ସାଧାରଣଙ୍କ ସାନ୍ନିଧ୍ୟରୁ ଗୋପନ କରି ରଖୁଥିଲେ.. ସେବକ ହରିଦାସ ବ୍ରହ୍ମଚାରୀ ଏବଂ ଠାକୁରଦାସ ବ୍ରହ୍ମଚାରୀ (ହରେନ୍ ଦା) ଙ୍କୁ ଏଭଳି କଡ଼ା ନିର୍ଦ୍ଦେଶ ଥିଲା ଯେ ବିଶେଷ ପରୀକ୍ଷା ନିରୀକ୍ଷା ନ କରି କାହାରିକୁ ମଧ୍ୟ ଶ୍ରୀ ଶ୍ରୀଠାକୁରଙ୍କ ଦର୍ଶନର ଅନୁମତି ଦିଆଯାଉ ନ ଥିଲା ।

ବୃଦ୍ଧ ହେମଚନ୍ଦ୍ର ନୀଳାଚଳ କୁଟୀର ସମ୍ମୁଖରେ ଉପସ୍ଥିତ ହେଲା ବେଳକୁ ଉତ୍ତୀର୍ଣ୍ଣ ସନ୍ଧ୍ୟାର ମ୍ଳାନ ଆଲୋକ କୁଟୀର ପ୍ରାଙ୍ଗଣରେ ଲୁଚକାଳି ଖେଳୁଥାଏ ଏବଂ ଠାକୁର ଦାସ ବ୍ରହ୍ମଚାରୀ ଫାଟକ ନିକଟରେ ସେବାରେ ନିଯୁକ୍ତ ଥାଆନ୍ତି ।

ସାନ୍ଧ୍ୟଭ୍ରମଣରୁ ଫେରି ଶ୍ରୀଶ୍ରୀଠାକୁର ଉପର ଘରେ ବିଶ୍ରାମ କରୁଥାଆନ୍ତି । ସନ୍ଧ୍ୟା ପ୍ରାୟ ସାତଟା ସମୟରେ ହରେନ୍ ଦାଙ୍କ ଠାରୁ ବୃଦ୍ଧ ହେମଚନ୍ଦ୍ର ଚୌଧୁରୀଙ୍କର ଆଗମନ ସମ୍ବାଦ ପାଇ ତାଙ୍କ କଚେରୀରେ ତାଙ୍କର ଅର୍ଥରେ ପରିପାଳିତ ଜଗଦୀଶ ସମାଦ୍ଦାର ଓରଫ୍ ହରିଦାସ ବ୍ରହ୍ମଚାରୀ ଯାଇ ହେମଚନ୍ଦ୍ର ବାବୁଙ୍କୁ ସାକ୍ଷାତ କରି କହିଲେ 'ଆଜି ସନ୍ଧ୍ୟା ହେଲାଣି, ଆଉ ଦେଖା ହୋଇ ପାରିବ ନାହିଁ । ଠାକୁର ବିଶ୍ରାମ କରୁଛନ୍ତି । ଆପଣ କାଲି ସକାଳେ ଆସିବେ ଯାଆନ୍ତୁ ।'

ବୃଦ୍ଧ ହରିଦାସ ଭାଇଙ୍କୁ ପୂର୍ବ ସଂପର୍କକୁ ଭିତ୍ତିକରି ନାନାପ୍ରକାରର ଅନୁନୟ ବିନୟ କଲେ ମଧ୍ୟ ସେ ତାଙ୍କ କଥାରେ କର୍ଣ୍ଣପାତ ନ କରି କହିଲେ, 'ସନ୍ଧ୍ୟା ପରେ କାହାରି ସହିତ ଦେଖା କରାଇବାର ଆଦେଶ ନାହିଁ । ମୁଁ କ'ଣ କରିପାରିବି ?

ହେମଚନ୍ଦ୍ର ବାବୁ ବଡ଼ ବିକଳ ହୋଇ ତଥାପି କହିଲେ, 'ଜଗଦୀଶ, ତୁ ମୋରି ପାଖରେ ଖାଇପିଇ ମଣିଷ ହୋଇଥିଲୁ । ମତେ ଥରେ ଠାକୁରଙ୍କୁ ଦେଖା କରେଇ ଦେ । ମୋର ଖୁବ୍ ଦରକାର ଅଛି ।

ହରିଦାସ ଭାଇ ଶ୍ରୀଶ୍ରୀଠାକୁରଙ୍କ ଆଦେଶ ପାଳନରେ ଅଟଳ ନିଷ୍ଠା ପ୍ରଦର୍ଶନ କରି କହିଲେ, 'ନା, ଆଜି କୌଣସି ମତେ ଦେଖା ହୋଇ ପାରିବ ନାହିଁ ।'

ବୃଦ୍ଧ ସେହିଭଳି ସେଠାରେ ଠିଆ ହୋଇଥାଆନ୍ତି । ହରିଦାସ ଭାଇ କୁଟୀର ଭିତରକୁ ଚାଲିଯାଇ ଶ୍ରୀଶ୍ରୀଠାକୁରଙ୍କ ସେବାରେ ଲିପ୍ତ ରହିଲେ । ହରେନ୍ ଦା ସେତେବେଳେ ନବାଗତ ସେବକ ଭାବରେ ହରିଦାସ ଭାଇଙ୍କର ସହକାରୀ ଭାବରେ କାର୍ଯ୍ୟ କରୁଥାଆନ୍ତି । ତେଣୁ ଏଭଳି ପରିସ୍ଥିତିରେ ନିରବରେ ଆଗନ୍ତୁକଙ୍କ ଦୟନୀୟ ଅବସ୍ଥା ଲକ୍ଷ୍ୟ କରିବା ବ୍ୟତୀତ ତାଙ୍କର ଅନ୍ୟ କୌଣସି ଉପାୟ ନ

ଥିଲା । ସେ ନୀଳାଚଳ କୁଟୀରର ଛୋଟ ଘରଟିରେ ବସି କେବଳ ସହାନୁଭୂତି ପୂର୍ଣ୍ଣ ଦୃଷ୍ଟିରେ ଅନେକ ଦୂରରୁ ଆସିଥିବା ସେହି ବୃଦ୍ଧବ୍ୟକ୍ତିଙ୍କୁ ଦେଖୁଥାଆନ୍ତି । କୁଟୀର ସମ୍ମୁଖସ୍ଥ ସେହି ସରୁ ବାରଣ୍ଡାରେ ନ ବସି ବୃଦ୍ଧ ଜଣକ ରାସ୍ତା ଉପରେ ହାତ ଦୁଇଟି ଯୋଡ଼ି ଛିଡ଼ା ହୋଇଥାଆନ୍ତି ଏବଂ ମଝିରେ ମଝିରେ ଆଖିରୁ ଲୁହ ପୋଛୁଥାଆନ୍ତି ।

ସେତେବେଳକୁ ଅଦୃଷ୍ଟର ଇଙ୍ଗୀତରେ ତାଙ୍କର ସମସ୍ତ ଗର୍ବ, ଅହଂକାର ଚୂର୍ଣ୍ଣ ବିଚୂର୍ଣ୍ଣ ହୋଇଯାଇଥାଏ ଏବଂ ସେ କେବଳ ଅପେକ୍ଷା କରି ଥାଆନ୍ତି ଶ୍ରୀଶ୍ରୀଠାକୁରଙ୍କର ଅମଳ କମଳ ଶ୍ରୀଚରଣରେ ମଥା ଲୋଟାଇ ନିଜର ଗ୍ଳାନି ଦୂର କରିଦେବା ପାଇଁ ।

ବୃଦ୍ଧ ହେମଚନ୍ଦ୍ର ଚୌଧୁରୀଙ୍କର ଅନୁତାପ ଏବଂ ପ୍ରତୀକ୍ଷାରେ ଦୀର୍ଘତା ସହିତ ସମତାଳରେ ଆଗେଇ ଚାଲିଥାଏ ରାତ୍ରିର ସମୟ । ପ୍ରାୟ ନଅଟା ବେଳକୁ ଶ୍ରୀଶ୍ରୀଠାକୁର ରାତ୍ରିଭୋଗ ଗ୍ରହଣ କରିବା ପାଇଁ ତଳ ଘରକୁ ଆସିଲେ । କିନ୍ତୁ ଆଶ୍ଚର୍ଯ୍ୟର କଥା ସେ ଭୋଗଘର ଦିଗକୁ ଯିବା ପରିବର୍ତ୍ତେ ଖଡ଼ମ ଠକ ଠକ କରି ଚଞ୍ଚଳ ପାଦରେ ବାହାର ବାରଣ୍ଡା ଆଡ଼କୁ ଚାଲିବାକୁ ଆରମ୍ଭ କରିବାରୁ ବାରଣ୍ଡାରେ କମା ହୋଇ ରଖାଯାଇଥିବା ଲଣ୍ଠନଟିକୁ ଭଲ ଭାବରେ ତେଜି ଦେଇ ହରେନ୍ ଦା ବିସ୍ମିତ ଭାବରେ ତାଙ୍କ ପଛେ ପଛେ ଗଲେ ।

ବାହାର ବାରଣ୍ଡାକୁ ଆସି ଶ୍ରୀଶ୍ରୀଠାକୁର ହରେନ୍ ଦାଙ୍କୁ ମୃଦୁସ୍ୱରରେ ଭର୍ତ୍ସନା କରି କହିଲେ ସନ୍ଧ୍ୟାବେଳୁ ଲୋକଟିକୁ ବାହାରେ ଠିଆ କରାଇ ରଖିଛୁ ? ହରେନ୍ ତାଙ୍କୁ ଡାକ୍ ଡାକ୍ ।

ହରେନ୍ ଦା ଶ୍ରୀଶ୍ରୀଠାକୁରଙ୍କ ଅନ୍ତର୍ଯ୍ୟାମୀତ୍ୱରେ ହତବାକ୍ ହୋଇଗଲେ । ତତ୍‌କ୍ଷଣାତ୍ କୁଟୀରର ଦ୍ୱାର ଖୋଲି ବୃଦ୍ଧଙ୍କୁ ଭିତରକୁ ଡାକି ଆଣିଲେ । ଶ୍ରୀଶ୍ରୀଠାକୁର ବାରଣ୍ଡାରେ ଖଣ୍ଡିଏ ଚୌକିରେ ବସିଥାଆନ୍ତି ।

ପ୍ରାୟ ଅଶୀବର୍ଷ ବୟସ୍କ, ବାର୍ଷିକ ତିନି ଲକ୍ଷ ଟଙ୍କା ଜମିଦାରୀରୁ ଆୟ କରୁଥିବା ହେମନଗରର ବିଖ୍ୟାତ ପ୍ରତାପଶାଳୀ ଜମିଦାର ନୀଳାଚଳ କୁଟୀର ସମ୍ମୁଖସ୍ଥ ରାସ୍ତା ଉପରେ ଜଣେ ଭିକାରୀ ଭଳି ଠିଆ ହୋଇଥିବା ହେମଚନ୍ଦ୍ର ଚୌଧୁରୀ ହରେନ୍ ଦାଙ୍କ ଡାକ ଶୁଣିବା କ୍ଷଣି ତ୍ରସ୍ତପଦରେ କୁଟୀର ଭିତରକୁ ଆସି ଶ୍ରୀଶ୍ରୀଠାକୁରଙ୍କ ଶ୍ରୀଚରଣ ତଳେ ଲମ୍ବ ହୋଇ ପଡ଼ିଗଲେ । ଆଖିରୁ ତାଙ୍କର ଅବିରତ ଅନୁତାପର ଅଶ୍ରୁଧାରା ଗଙ୍ଗାଯମୁନା ନ୍ୟାୟରେ ବୋହି ଯାଉଥିଲା ।

ଭକ୍ତ ବତ୍ସଳ, କରୁଣାମୟ ଜୀବଦୁଃଖ ବିଗଳିତ ଶ୍ରୀଶ୍ରୀଠାକୁର ଏହି ବୟସ୍କ ବୃଦ୍ଧଙ୍କର ଏଭଳି ଦୈନ୍ୟ ଦେଖି ବ୍ୟସ୍ତ ହୋଇ କହିଲେ, 'ଏ କଣ ? ଉଠନ୍ତୁ ଉଠନ୍ତୁ ।'

କରୁଣାମୟ ଶ୍ରୀଶ୍ରୀଠାକୁରଙ୍କର ଶ୍ରୀଚରଣ ଦୁଇଟିକୁ ଜାବୋଡ଼ିଧରି ଗଦ୍‌ଗଦ୍ ସ୍ୱରରେ ହେମଚନ୍ଦ୍ର ବାବୁ କହିଲେ 'ଠାକୁର ଆଗେ କୁହନ୍ତୁ ଆପଣ ମୋତେ କ୍ଷମା କରିଛନ୍ତି । ତେବେ ଯାଇ ମୁଁ ଉଠିବି ।'

ଶ୍ରୀଶ୍ରୀଠାକୁର କହିଲେ, 'ଆପଣ ମୋ ନିକଟରେ କି ଅପରାଧ କରିଛନ୍ତି ଯେ ମୁଁ ଆପଣଙ୍କୁ କ୍ଷମା କରିବି ? ମୁଁ ତ ଆପଣଙ୍କୁ ଚିହ୍ନି ବି ନାହିଁ । ଆପଣ ମଧ୍ୟ ମୋତେ ଦେଖିନାହାନ୍ତି । ତେବେ କ୍ଷମା କରିବି କେଉଁଥିପାଇଁ ?'

ତଥାପି ହେମଚନ୍ଦ୍ର ବାବୁ ପାଦ ଦୁଇଟିକୁ ଆହୁରି ଜୋର୍‌ରେ ଜଡ଼ାଇ ଧରି କହିଲେ, 'ଆଗ କୁହନ୍ତୁ ମୁଁ ତୁମକୁ କ୍ଷମା କଲି । ତା ନ ହେଲେ ଆଜି ପାଦ ଛାଡ଼ିବି ନାହିଁ ।'

ରୀତିଯୁଗର ପ୍ରସିଦ୍ଧ କାବ୍ୟ ବୈଦେହୀଶ ବିଳାସରେ ଶ୍ରୀରାମଙ୍କ ନୌକାଯାତ୍ରା କବିତାରେ ଯେଭଳି ଧୀବର ପରମ ପୁରୁଷ ଶ୍ରୀରାମଚନ୍ଦ୍ରଙ୍କର ପାଦ ଧୋଇ ନ ଦେଲେ ନୌକାରେ ଚଢ଼ାଇ ଦେବନାହିଁ ବୋଲି ଜିଦ୍ ଧରିଥିଲା ଏବଂ ଶେଷରେ 'ବ୍ରହ୍ମାରେ ଧୌତ ଯେ ପଦ ନୋହିଛି ଶିବେ ବିଷାଦ....' ବିଜ୍ଞାନୀ କୈବର୍ତ୍ତ ଧୋଇଲା, ବିଶ୍ୱେ ପତିତପାବନ ନାମ ରହିଲା ।' ଏହା ମଧ୍ୟ ଠିକ୍ ସେହିଭଳି ଭକ୍ତିଯାତ୍ରାର ଏକ ବିରଳ ଦୃଶ୍ୟର ଅବତାରଣା ।

ଶ୍ରୀଶ୍ରୀଠାକୁର ବ୍ୟତିବ୍ୟସ୍ତ ହୋଇ କହିଲେ, 'ଆପଣ ମୋ ନିକଟରେ କଣ ଏପରି ଅପରାଧ କଲେ ଯେ ମୁଁ ଆପଣଙ୍କୁ କ୍ଷମା କରିବି ? ଆଚ୍ଛା ହେଉ ମୁଁ କ୍ଷମା କଲି । ଆପଣ ଉଠନ୍ତୁ ।'

ବୃଦ୍ଧ ଶ୍ରୀଶ୍ରୀଠାକୁରଙ୍କ ଶ୍ରୀଚରଣ ଛାଡ଼ି ଉଠିବସି କହିଲେ, 'ଠାକୁର ! ଆଜି ଆଉ ଆପଣଙ୍କୁ କଷ୍ଟ ଦେବି ନାହିଁ । ମୋର ଯାହା କହିବାକୁ ଅଛି କାଲି ଆସି କହିବି ।'

ଶ୍ରୀଶ୍ରୀଠାକୁର କିଛି ବୁଝି ନ ପାରିବା ଭଳି କହିଲେ 'ତେବେ କାଲି ନ ଆସି ଆଜି ଆସିଲେ କାହିଁକି ? ଏତେ ସମୟ ଠିଆ ହୋଇ ନିଜେ କଷ୍ଟ ପାଇଲେ, ମୋତେ ମଧ୍ୟ କଷ୍ଟ ଦେଲେ ।'

ହେମଚନ୍ଦ୍ର ବାବୁ ଖୁବ୍ ଲଜ୍ଜିତ ହୋଇ ଉତ୍ତର ଦେଲେ 'କାଲି ତ୍ରହ୍ୟ ସ୍ପର୍ଶ । ମୁଁ ପାଞ୍ଜି ଦେଖି ଆସିଛି । ସେଥିପାଇଁ ଆଜି କେବଳ ଆପଣଙ୍କୁ ଦର୍ଶନ କରିବା ଆଶାରେ ଆସିଥିଲି ।'

ଶ୍ରୀଶ୍ରୀଠାକୁର ସ୍ମିତ ହାସ୍ୟରେ କହିଲେ 'ସାଧୁ ଦର୍ଶନରେ ପୁଣି ତ୍ରହ୍ୟ ଦୋଷ କଣ ? ସେ ସବୁତ ସାଂସାରିକ ବ୍ୟାପାରରେ ମାନିବାକୁ ହୁଏ ।'

ହେମବାବୁ ଅଭିଜ୍ଞ ଧର୍ମପ୍ରାଣ ବୟସ୍କ ସଂସାରୀ ବ୍ୟକ୍ତି । ତେଣୁ ସେ କହିଲେ 'ମୁଁ ତ ସଂସାରୀ ଆଜ୍ଞା । ଆମକୁ ସେ ସବୁ ମାନିବାକୁ ହୋଇଥାଏ । ତ୍ରହ୍ୟସ୍ପର୍ଶରେ କୌଣସି ଶୁଭକାର୍ଯ୍ୟ ହୁଏନାହିଁ । ଆଜି ଆପଣଙ୍କୁ ଦର୍ଶନ କରିସାରିଛି ତେଣୁ କାଲି ଆସିବାରେ ଆଉ କୌଣସି ଦୋଷ ନାହିଁ ।' ଏତିକି କହି ବୃଦ୍ଧ ସାଷ୍ଟାଙ୍ଗ ପ୍ରଣାମ କରି ସେଦିନ ବିଦାୟ ନେଲେ ।

ପରଦିନ ସକାଳେ ସେ ନୀଳାଚଳ କୁଟୀରରେ ପହଞ୍ଚି ପ୍ରଥମେ ଶ୍ରୀଶ୍ରୀଠାକୁରଙ୍କୁ ପ୍ରଣାମ କରି ଦୀକ୍ଷାପ୍ରାର୍ଥୀ ହେଲେ । ଅଶୀତିପର ବୃଦ୍ଧ ହେମଚନ୍ଦ୍ର ଚୌଧୁରୀ ଯେ ଏପର୍ଯ୍ୟନ୍ତ ଦୀକ୍ଷା ନେଇନାହାନ୍ତି । ଏକଥା ଜାଣି ଶ୍ରୀଶ୍ରୀଠାକୁର ଆଶ୍ଚର୍ଯ୍ୟ ପ୍ରକାଶ କଲେ ।

ହେମଚନ୍ଦ୍ର ବାବୁ ଶ୍ରୀଶ୍ରୀଠାକୁରଙ୍କୁ ନିବେଦନ କଲେ । ଠାକୁର ଆଜୀବନ ଯାହାଙ୍କୁ ଇଷ୍ଟ ଭାବରେ ଅର୍ଚ୍ଚନା କରୁଛି ମୋତେ ତାଙ୍କରି ମନ୍ତ୍ର ହିଁ ଦେବାକୁ ହେବ ।'

ଶ୍ରୀଶ୍ରୀଠାକୁର ତାଙ୍କୁ ସମ୍ମତି ପ୍ରଦାନକରି କହିଲେ 'ତେବେ କୁହନ୍ତୁ କିଏ ଆପଣଙ୍କର ଇଷ୍ଟ ?'

ହେମଚନ୍ଦ୍ର ବାବୁ ଘୋର ସଂସାରୀ ଏବଂ ଜଟିଳ ସ୍ୱଭାବର ସୁଚତୁର ବ୍ୟକ୍ତି । ସେ କହିଲେ 'ତାହା କହିବି ନାହିଁ । ଆପଣ ନିଜେ ତାହା ଜାଣି ମୋତେ ସେହି ଅନୁସାରେ ମନ୍ତ୍ର ଦିଅନ୍ତୁ ।'

ଶ୍ରୀଶ୍ରୀଠାକୁର ଶାନ୍ତ ଭାବରେ କହିଲେ, 'ତାହା ହିଁ ହେବ ।'

ତତ୍ପରେ ବୃଦ୍ଧ ପୁନଶ୍ଚ ଆଉ ଗୋଟିଏ ନିବେଦନ କଲେ 'ମୋର ଯେପରି କାଶୀରେ ଦେହତ୍ୟାଗ ହୁଏ ।'

ଶ୍ରୀଶ୍ରୀଠାକୁର ଆଶ୍ଚର୍ଯ୍ୟଜନକ ଭାବରେ ତାଙ୍କର ସେହି ପ୍ରାର୍ଥନା ମଧ୍ୟ ମଞ୍ଜୁର କଲେ ।

କରୁଣାମୟ ଶ୍ରୀଶ୍ରୀଠାକୁରଙ୍କ ଏଭଳି ଅହେତୁକୀ କୃପା ଓ ମହାନତା ଦର୍ଶନ କରି ବୃଦ୍ଧ ଗଦ୍ ଗଦ୍ ସ୍ୱରରେ କୁଟୀରର ସମସ୍ତ ସେବକ, ସେବିକା ମାନଙ୍କ ଉପସ୍ଥିତିରେ ଅତୀତରେ ଦୁର୍ଗାପୁର ଶାନ୍ତି ଆଶ୍ରମକୁ କେନ୍ଦ୍ର କରି ଘଟିଥିବା ସମସ୍ତ ଘଟଣା, ସେଥିରେ ତାଙ୍କର ସଂପୃକ୍ତି, ଶ୍ରୀଶ୍ରୀଠାକୁରଙ୍କ ପ୍ରତି ବିଦ୍ୱେଷ, ଶ୍ରୀଶ୍ରୀଠାକୁରଙ୍କୁ ନିନ୍ଦା ସମାଲୋଚନା ଏବଂ ଅନ୍ୟାନ୍ୟ ନିନ୍ଦୁକ ମାନଙ୍କୁ ବିଶ୍ୱାସ କରି ଶ୍ରୀଶ୍ରୀଠାକୁରଙ୍କୁ ବିରୋଧ କରିବା ଇତ୍ୟାଦି ସମସ୍ତ ଅପରାଧ ଅକପଟ ଭାବରେ ଅଶ୍ରୁପୂର୍ଣ୍ଣ ନୟନରେ ବର୍ଣ୍ଣନା କଲେ ।

ଶ୍ରୀଶ୍ରୀଠାକୁରଙ୍କର ସେତେବେଳକୁ ସେସବୁ ଘଟଣା ସଂପୂର୍ଣ୍ଣ ଭାବରେ ମନେ ଥିଲେ ମଧ୍ୟ ସେ ନିରବରେ ବୃଦ୍ଧଙ୍କର ଅନୁତାପ ଓ ଆତ୍ମଦୋଷ ସ୍ୱୀକାରକୁ ଅପେକ୍ଷା କରିଥିଲେ ।

ତାପରେ ହେମଚନ୍ଦ୍ର ଚୌଧୁରୀଙ୍କୁ ଶ୍ରୀଶ୍ରୀଠାକୁର ଦୀକ୍ଷା ପ୍ରଦାନ କଲେ । ପତିତପାବନ ଦୟାଳୁ ଠାକୁର ସେହି ଅନୁତାପ ଦଗ୍ଧ ବୃଦ୍ଧ ଶିଷ୍ୟଙ୍କୁ ପ୍ରବୋଧନା ଦେଇ କହିଲେ, ଯାହା ତ କରିଛ ଏବେ ଆଉ କିଛି ଭାବନା ନାହିଁ । ମୁଁ ତୁମର ସବୁ ଭାର ନେଇଛି ।'

ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ ଏହି ଯେ ହେମଚନ୍ଦ୍ର ବାବୁଙ୍କ ଭଳି ଜଣେ ସଂଗତିସମ୍ପନ୍ନ ବ୍ୟକ୍ତିଙ୍କଠାରୁ ଶ୍ରୀଶ୍ରୀଠାକୁର ଦୀକ୍ଷା ନେବା ସମୟରେ କିଛି ଅର୍ଥ ପ୍ରଣାମୀ ଭାବରେ ଗ୍ରହଣ କଲେନାହିଁ । ଦୀକ୍ଷାର ସମସ୍ତ ବ୍ୟୟଭାର ନିଜେ ବହନ କଲେ ।

ଦୀକ୍ଷାଗ୍ରହଣ କରିବା ପରେ ହେମଚନ୍ଦ୍ର ଚୌଧୁରୀ କାନ୍ଦି କାନ୍ଦି ସତେ କି ନୀଳାଚଳ କୁଟୀରର ପ୍ରାଙ୍ଗଣକୁ ଲୁହରେ ଭସାଇଦେଲେ । ସେ ଲୁହ ସତେ ଯେପରି ଆଉ ବନ୍ଦ ହେବ ନାହିଁ କେବେ ।

ଶ୍ରୀଶ୍ରୀଠାକୁର ଅଧମତାରଣ ଓ ପତିତପାବନ। ସେ ତାଙ୍କୁ ଅନେକ ଆଶ୍ୱାସନା ଦେଇ ବିଦାୟ ଦେଲେ ।

ଦୀକ୍ଷା ନେବାର ଅଳ୍ପ କିଛିଦିନ ପରେ ହେମଚନ୍ଦ୍ର ବାବୁ ଖୁବ୍ ଅସୁସ୍ଥ ହୋଇ ପଡ଼ିଲେ । ପୁତ୍ରମାନେ ତାଙ୍କୁ ସାଙ୍ଗେ ସାଙ୍ଗେ କାଶୀ ନେଇ ଚାଲିଗଲେ ତାଙ୍କ ଶେଷ ଇଚ୍ଛାକୁ ସମ୍ମାନ ଦେଇ ଏବଂ ତାଙ୍କ ନିର୍ଦ୍ଦେଶାନୁସାରେ ଶ୍ରୀଶ୍ରୀଠାକୁରଙ୍କୁ ଚିଠି ଲେଖି ଏ ସମ୍ବାଦ ଜଣାଇଦେଲେ ।

ଶ୍ରୀଶ୍ରୀଠାକୁର ସେହି ପତ୍ରର ଉତ୍ତର ଦେବାକୁ ଯାଇ ଲେଖିଲେ 'ବର୍ତ୍ତମାନ ତ ତୁମ ବାବାଙ୍କର ମୃତ୍ୟୁ ହେବାର କୌଣସି ଲକ୍ଷଣ ଦେଖୁନାହିଁ । ବୃଥାରେ କାଶୀରେ ରହି ଲାଭ ନାହିଁ, ତୁମେମାନେ ଘରକୁ ଫେରି ଯାଅ ।'

ସତକୁ ସତ ହେମଚନ୍ଦ୍ର ବାବୁ ଅଳ୍ପଦିନ ପରେ ସଂପୂର୍ଣ୍ଣ ସୁସ୍ଥ ହୋଇଗଲେ ।

ବେଶ୍ କିଛିଦିନ ଅତିବାହିତ ହେଲା ପରେ ହେମନଗରରୁ ତାଙ୍କ ପୁତ୍ରଙ୍କ ନିକଟରୁ ଖଣ୍ଡିଏ ପତ୍ର ଆସିଲା ।

ଶ୍ରୀଶ୍ରୀଠାକୁର ତାହାର ଉତ୍ତରରେ ଲେଖିଲେ; 'ଏଥର ତୁମର ବାବାଙ୍କୁ କାଶୀ ନେଇଯାଅ ।' ସେତେବେଳକୁ କିନ୍ତୁ ହେମବାବୁ ସଂପୂର୍ଣ୍ଣ ସୁସ୍ଥ ଥିଲେ । ତଥାପି ଶ୍ରୀଶ୍ରୀଠାକୁରଙ୍କ ପତ୍ର ପାଇବା ମାତ୍ରେ ତାଙ୍କର ପୁତ୍ରମାନେ ତାଙ୍କୁ କାଶୀ ନେଇଗଲେ । କାରଣ ସେତେବେଳକୁ ହେମଚନ୍ଦ୍ର ଚୌଧୁରୀଙ୍କ ପରିବାରର ସମସ୍ତଙ୍କର ଶ୍ରୀଶ୍ରୀଠାକୁରଙ୍କ ପ୍ରତି ଅଟଳ ବିଶ୍ୱାସ ଜାତ ହୋଇ ସାରିଥିଲା ।

କାଶୀରେ ରହୁଥିବା ସମୟରେ ସାମାନ୍ୟ ଟିକିଏ ଅସୁସ୍ଥତା ଭିତରେ ହେମଚନ୍ଦ୍ର ଚୌଧୁରୀଙ୍କର ଦେହାନ୍ତ ହୋଇଥିଲା ।

ଯୁଗେ ଯୁଗେ ପୁରାଣମାନଙ୍କରେ ବର୍ଣ୍ଣିତ କାହାଣୀରୁ ଆମେ ଜାଣିଛୁ, ଭଗବାନଙ୍କ ସହିତ ଶତୃତା କରି ମଧ କଂସ, ରାବଣ, ହିରଣ୍ୟକଶିପୁ ଇତ୍ୟାଦି ରାକ୍ଷସମାନେ ମୁକ୍ତିଲାଭ କରିଛନ୍ତି ।

ଶ୍ରୀଶ୍ରୀଠାକୁର ମଧ ଠିକ୍ ସେହି ନ୍ୟାୟରେ ପରମ ପୁରୁଷ ଭାବରେ ତାଙ୍କର ସ୍ଥୂଳ ଲୀଳା କାଳରେ ଦୀଘଲକାନ୍ଦିର ଗୋପାଳ ମୁଖାର୍ଜୀ, ଢ଼ାକାର ନରେନ୍ଦ୍ରନାରାୟଣ ରାୟଚୌଧୁରୀଙ୍କ ସହିତ ହେମନଗରର ହେମଚନ୍ଦ୍ର ଚୌଧୁରୀଙ୍କର ସମସ୍ତ ଦୋଷ ଅପରାଧକୁ କ୍ଷମା ଦେଇ ତାଙ୍କୁ ଶ୍ରୀଚରଣରେ ସ୍ଥାନ ଦେଇଥିଲେ ।

ଶ୍ରୀଶ୍ରୀଠାକୁର ଚରଣାଶ୍ରିତା
**ଶ୍ରୀମତୀ ସଂଯୁକ୍ତା ରାଉତ**
ଏକାମ୍ର ସାରସ୍ୱତ ମହିଳା ସଂଘ,
ଭୁବନେଶ୍ୱର

◆◆◆

# ନ କହିବୁ କିଛି, ନ ମାଗିବୁ କିଛି

ଭକ୍ତଙ୍କର ବିଗଳିତ ଭାବଗାଥା ଶବ୍ଦାୟିତ ହୋଇଉଠେ
ନ କହିବୁ କିଛି ନ ମାଗିବୁ କିଛି
ତୋର ମନ ପୋଥି ପାଠ ସେ ପଢ଼ିଛି
ଭକତିରେ ଖାଲି ମଥା ନୁଆଁଇଲେ
ତୋ ମନ ଠାକୁର ରସିବେ ରେ ।'

ଗରିବ ସଖା ସୁଦାମା ସେଦିନ ବହୁ ଚେଷ୍ଟା କରି ଶ୍ରୀକୃଷ୍ଣଙ୍କ ରାଜଦୁଆରେ ପହଞ୍ଚିଲେ, କିନ୍ତୁ ମାଗି ପାରି ନ ଥିଲେ ସାଂସାରିକ ଦୁଃଖ-ଯାତନାରୁ ନିଷ୍କୃତି କିମ୍ବା ଧନ-ଦୌଲତ-ଐଶ୍ୱର୍ଯ୍ୟର ସୁଖସମ୍ପତ୍ତି । ବନ୍ଧୁତ୍ୱର ଦାବୀ କରି ନ ଥିଲେ, ନିଜସୁଖର ବାସନା ରଖିନଥିଲେ, ବନ୍ଧୁଙ୍କଠାରୁ କିଛି ପାଇବାର କାମନା କରି ନ ଥିଲେ, ସାଂସାରିକ ତାଡ଼ନା ଓ ପତ୍ନୀଙ୍କ ପ୍ରରୋଚନାରେ ବାଧ ହୋଇଥିଲେ ରାଜାଙ୍କ ପାଖକୁ ଆସିବା ପାଇଁ, କିନ୍ତୁ ଏ ଅଭାବ-ମଇଳାରେ ସେ ତାଙ୍କ ବନ୍ଧୁତ୍ୱର ନିର୍ମଳତାକୁ ଗୋଳିଆ କରି ପାରିଲେ ନାହିଁ । ଏତେ ଦିନ ପରେ ବାଲ୍ୟବନ୍ଧୁଙ୍କୁ ଦେଖୁଛନ୍ତି, ବନ୍ଧୁ-ଭେଟି ଦେବାପାଇଁ ମନ ତରତର ପ୍ରାଣ କାତର, କିନ୍ତୁ ଦେବେ କ'ଣ ? ରାଜମୋହନଙ୍କୁ କ'ଣ ବା ଦିଆ ଯାଇପାରେ ! ନିଜେ ଅଭୁକ୍ତ ରହି ଆଣିଥିବା ଖୁଦଭଜା ଟିକକ ଅରପି ଦେଲେ ବନ୍ଧୁଙ୍କ ହାତ ମୁଠାରେ । ଛଳ ଛଳ ହୋଇଉଠିଲା ଉଭୟଙ୍କ ନୟନଯୁଗଳ । ଭକ୍ତବିମୋହିତ ପ୍ରଭୁ ଦର୍ଶନରେ, ଆଉ ଭଗବାନ୍ ବିଚଳିତ ଭକ୍ତଙ୍କର ଏ ଅକପଟ ଅର୍ପଣ-ସମର୍ପଣରେ । ପ୍ରଭୁଙ୍କୁ ଦେଖି ଫେରି ଯାଉଛନ୍ତି ଭକ୍ତ । ପ୍ରଭୁଙ୍କୁ ଦେଖି ସେ ଖୁସି, ପ୍ରଭୁଙ୍କୁ ଖୁସିରେ ସେ ଖୁସି । କି ଅମାୟିକ ସରଳ ନିଃସ୍ୱାର୍ଥ ଭାବ ଏ ! ଭକ୍ତ ସିନା କିଛି ମାଗିଲେ ନାହିଁ, କିନ୍ତୁ ପ୍ରଭୁ ଯେ ସର୍ବଜ୍ଞାତା, ସର୍ବଦାତା; ଭକ୍ତର ସକଳ ମଙ୍ଗଳ ବିଧାନ କରନ୍ତି, 'ଯୋଗକ୍ଷେମ' ବହନ କରନ୍ତି ! ତାଙ୍କ ପାଇଁ ବ୍ୟାକୁଳ ଭକ୍ତର 'ଅସଲ ପ୍ରାପ୍ୟ' ସେ ନିଶ୍ଚୟ ଦିଅନ୍ତି ।

'ଅନନ୍ୟାଶ୍ଚିନ୍ତୟନ୍ତୋ ମାଂ ଯେ ଜନାଃ ପର୍ଯ୍ୟୁପାସତେ
ତେଷାଂ ନିତ୍ୟାଭିଯୁକ୍ତାନାଂ ଯୋଗକ୍ଷେମଂ ବହାମ୍ୟହମ୍ ।'

ଦୀନବନ୍ଧୁ କୃପାଳୁ ଭକ୍ତବତ୍ସଳ ଗୁରୁ-ଭଗବାନ ସଦାତତ୍ପର ଆମର ଅଭାବ ନାଶିବା ପାଇଁ, ଭାବରୁ ମହାଭାବର ଯାତ୍ରା ପଥରେ ଆମର ସବୁ ଆବଶ୍ୟକତା ମେଣ୍ଟାଇବା ପାଇଁ । ସେ ଯେ ବାଞ୍ଛା-କଳ୍ପତରୁ ! ତାଙ୍କ ନିକଟରେ ଯେ ଯାହା ପ୍ରାର୍ଥନା କରନ୍ତି, ସେ ତାହା ଅବଶ୍ୟ ଦିଅନ୍ତି । ତାଙ୍କର ଅଦେୟ ହୋଇ କିଛି ନାହିଁ ଏବଂ ଭକ୍ତଙ୍କର ଅପ୍ରାପ୍ୟ ହୋଇ କିଛି ନାହିଁ । ତାଙ୍କ ନିକଟରେ ପ୍ରକୃତ ପ୍ରାର୍ଥନା ଜଣାଇଲେ ସାଧକ-ଭକ୍ତ ମନୁଷ୍ୟତ୍ୱ, ଦେବତ୍ୱ, ଈଶ୍ୱରତ୍ୱ ଓ ବ୍ରହ୍ମତ୍ୱ ପର୍ଯ୍ୟନ୍ତ ଲାଭ କରିପାରନ୍ତି । ସେ ଯେ ଆମ କଥା ଶୁଣୁଛନ୍ତି, ଆମ ପ୍ରାର୍ଥନା ବୁଝୁଛନ୍ତି, ଆମକୁ ଯାହା ଲୋଡ଼ା ସବୁ ଦେଉଛନ୍ତି-ଏହି ବିଶ୍ୱାସ ଟିକକ ଦରକାର । ଶ୍ରୀଶ୍ରୀଠାକୁର କହୁଛନ୍ତି, 'ମୋ ଉପରେ ସବୁ ଭାର ଛାଡ଼ିଦିଅ । ଆଧ୍ୟାତ୍ମିକ ଉନ୍ନତିର ଭାର ମୋ ଉପରେ ଲଦିଦେଇ ନିଶ୍ଚିନ୍ତ ହୋଇ ରହ । ମୁଁ ତୁମମାନଙ୍କର ସବୁ ଅଭାବ ମେଣ୍ଟାଇଦେବି ।' ତାଙ୍କର ଏ ଅଭୟ ଆଶ୍ୱାସ ପାଇ ସୁଦ୍ଧା ଆମେ ଅବୁଝା, ଅଜ୍ଞାନ ଓ ଅଥୟ ଆବେଗରେ ଅହରହ ଯାବତୀୟ ଅନର୍ଥ ଅନାବଶ୍ୟକ ଚିନ୍ତା ଓ କାମନାରେ ମାଗି ମାଗି ତାଙ୍କୁ ଅସ୍ଥିର କରି ପକାଉଛୁ । ଆମେ କେବଳ କାମନା ଓ ବାସନାର ଜଟୀଳ-କୁଟୀଳ ଜାଲରେ ଛନ୍ଦିହୋଇ ରହୁଛୁ। ଆମର ଅନେକ ସଂସ୍କାରବଦ୍ଧ ସାଂସାରିକ ସୁଖଭୋଗ ପ୍ରାପ୍ତିର ଇଚ୍ଛା ବଢ଼ିଚାଲେ, ବଦଳି ଚାଲେ, ତାହାକୁ ଆମ ମନର ସରଳ ପ୍ରାର୍ଥନା ଭାବି ଆମେ ତାଙ୍କ ପଦେ ଗୁହାରି ଜଣାଉଥାଉ ! ପ୍ରଭୁ କହୁଛନ୍ତି, 'କାମନା ବାସନା ଦୁଇ ଦଣ୍ଡର ଖେଳ ନୁହେଁ, ତାହା ଅନନ୍ତର ପରମାୟୁ' । ବୁଝି ପାରନ୍ତୁ ଭଲା ଆମେ ତାହା ! ସେହି ଆପାତ-ମନୋରମ ଅବୁଝା ଅଳିରେ ଆମେ ସୁଖ ବଦଳରେ ଦୁଃଖ ହିଁ ପାଉ । ହା-ହତୋସ୍ମିରେ, ଅବଶୋଷ, ଅବସାଦରେ ନିଜ ଜାଲରେ ନିଜେ ଛନ୍ଦିହୋଇ ରାଗ-ଅଭିମାନରେ ପ୍ରଭୁଙ୍କୁ ଦାୟୀ କରୁ । ଆମର ଏ ଦୁର୍ଦ୍ଦଶାରେ ଦରଦୀ-ଦୟାଳୁ ଗୁରୁଦେବ ବାରବାର ଆମକୁ ବୁଝାଉଛନ୍ତି, ଚେତାଉଛନ୍ତି, 'ତୁମର ପ୍ରଥମ ପ୍ରାର୍ଥନା ହେବ, ହେ ଠାକୁର ! ବିଶ୍ୱାସ ଦିଅ । ବିଶ୍ୱାସ ଆସିଲେ ନିର୍ଭରତା ଆପେ ଆସିଯିବ ।' ମନେପଡ଼େ ଶ୍ରୀଶ୍ରୀଠାକୁରଙ୍କ ଅନ୍ୟତମ ପ୍ରିୟ ଭକ୍ତ ନାରାୟଣଦାସ ନନ୍ଦୀଙ୍କ କଥା । ତାଙ୍କର ଚାକିରୀ ଅବଧି ଭିତରେ ଏକଦା ଅଗମ୍ୟ ପାହାଡ଼ିଆ ଅଞ୍ଚଳ ବାରିପଦାକୁ ବଦଳି ହେଲା । ସେ ବଡ଼ ବ୍ୟସ୍ତ ଓ ବିବ୍ରତ । କିପରି ସେଠାରେ ଚଳିବେ ଓ ଜୀବନ

ନିର୍ବାହ କରିବେ ଭାବି ପ୍ରଚଣ୍ଡ କ୍ଳେଶ ଓ ଅଶାନ୍ତିରେ ଥା'ନ୍ତି । ବଡ଼ ବ୍ୟଗ୍ର ଭାବରେ ଶ୍ରୀଶ୍ରୀଠାକୁରଙ୍କୁ ଅନୁନୟ କଲେ, ତାଙ୍କ ପୀଡ଼ା ଓ ଅସୁବିଧା ନିରାକରଣ ପ୍ରାର୍ଥନା କଲେ। ଶ୍ରୀଶ୍ରୀଠାକୁର ତାଙ୍କର ସେଠାରୁ ବଦଳିର ବ୍ୟବସ୍ଥା କରିଦେଲେ ସତ, କିନ୍ତୁ ଟିକିଏ ବିରକ୍ତ ହୋଇ କହିଥିଲେ, 'ଆଜେ ବାଜେ ଜିନିଷ ମାଗି ମୂଳ ଦାବୀଟିକୁ ହରାଇଦିଅ ନାହିଁ ।'

ମନ ସ୍ଥିର ନ ହେଲେ, ଚିତ୍ତ ଶୁଦ୍ଧ ନ ହେଲେ ପ୍ରାଣର 'ଯଥାର୍ଥ ଆକାଂକ୍ଷା', 'ପ୍ରକୃତ ପ୍ରାର୍ଥନା' ବା 'ମୂଳ ଦାବୀ'ଟିକୁ ବୁଝି ହୁଏନାହିଁ ବା ତାଙ୍କୁ ଜଣାଇ ହୁଏ ନାହିଁ । ତେଣୁ ତାଙ୍କୁ ହିଁ ସ୍ମରଣ, ମନନ, ଧ୍ୟାନ କରିବାକୁ ପଡ଼ିବ, ତାଙ୍କ କଥା ଶୁଣି ମାନି ବିଶ୍ୱାସ ଓ ଭକ୍ତିରେ ତାଙ୍କରି କୃପାପ୍ରାର୍ଥୀ ହେବାକୁ ପଡ଼ିବ । ସେ କହୁଛନ୍ତି,

'ଚିତ୍ତଶୁଦ୍ଧି ପାଇଁ ଏକ ଦିଗେ କର ଧ୍ୟାନ ଅବଲମ୍ବନ,
ଗୁଣକ୍ଷୟ ପାଇଁ ଅପର ଦିଗରେ ଆଚର ନିଷ୍କାମ କରମ ।'

ଆମେ ସିଦ୍ଧି କାମୀ ବା ମୁକ୍ତି ପ୍ରାର୍ଥୀ ନୋହୁଁ, ଆମେ ବିଶ୍ୱାସ, ଭକ୍ତି ଓ ସେବାପ୍ରାର୍ଥୀ । ତାଙ୍କରି ଚରଣ ଚିନ୍ତନ ଆମର ଜ୍ଞାନ, ତାଙ୍କ ବନ୍ଦନ ଆମର ଭକ୍ତି ଓ ତାଙ୍କ ଆନନ୍ଦବର୍ଦ୍ଧନ ଆମର ସେବା । ସେ କହୁଛନ୍ତି, 'ସୁଖ ପାଅ ଟିକିଏ ମୋତେ ।' ତାଙ୍କୁ ସୁଖ ପାଇବା, ଭକ୍ତମାନଙ୍କୁ ସୁଖ ପାଇବା, ଜଗତକୁ ସୁଖ ପାଇବା-ଏ ପ୍ରବଳ ପ୍ରଚଣ୍ଡ ସାଧନା ପଥରେ ଚାଲିବା ପାଇଁ ଶ୍ରଦ୍ଧା ଓ ବିଶ୍ୱାସ ହିଁ ଏକମାତ୍ର ପାଥେୟ । ଏ ସାଧନା, ପ୍ରାର୍ଥନା କୌଣସି ସିଦ୍ଧି ପାଇଁ ନୁହେଁ, କେବଳ ତାଙ୍କରି କୃପାରେ ତାଙ୍କରି ସୁଖ ଆନନ୍ଦ ପାଇଁ । ତାଙ୍କ ସୁଖରେ ଆମ ସୁଖ ଏବଂ ଆମର ସୁଖରେ ତାଙ୍କର ସୁଖ । 'ସୋଽହମ୍' ବେଦବେଦାନ୍ତର ଏ ପରମ ଜ୍ଞାନ ତତ୍ତ୍ୱର କି ସରଳ ଭକ୍ତିଗତ ଅବତାରଣା ।

ଏହି ସେବା ଓ ଭକ୍ତି ପ୍ରସଙ୍ଗରେ ଫଣୀ ଭାଇ ଓ ସନ୍ତୋଷ ମା'ଙ୍କ ଗୁରୁସେବାର ଅପୂର୍ବ କଥା ସ୍ମରଣ ନ କରି ରହିପାରୁନାହିଁ । ଶ୍ରୀଶ୍ରୀଠାକୁର ଯେତେବେଳେ ଶିଷ୍ୟ-ଭକ୍ତଙ୍କ ସହିତ ଯାଇ ଉପସ୍ଥିତ ହୁଅନ୍ତି ହାଓଡ଼ାରେ, ଫଣୀଭାଇଙ୍କ ପଞ୍ଚାନନତାଲା ଘରଟି ଉତ୍ସବ ମୁଖର ହୋଇଯାଏ । କେତେ ସନ୍ନ୍ୟାସୀ, ଗୃହସ୍ଥ, ଭକ୍ତଙ୍କର ରହଣି ଓ ପ୍ରସାଦଗ୍ରହଣର ସୁବନ୍ଦୋବସ୍ତ କରିବା ପାଇଁ ନିଜର ସମସ୍ତ ଅବସ୍ଥା, ବ୍ୟବସ୍ଥା ଓ ପ୍ରଚେଷ୍ଟା ଏକୀଭୂତ କରିଦିଅନ୍ତି ଫଣୀଭାଇ ଓ ସନ୍ତୋଷ ମା' । କେତେ ସାଂସାରିକ ଅବ୍ୟବସ୍ଥା, ଅଭାବ ଓ ଅନଟନ ଭିତରେ ସୁଦ୍ଧା ଗୁରୁସେବା ଓ ଭକ୍ତସେବାରେ କେବେ ବିଚ୍ୟୁତି ଘଟିନାହିଁ । ନିଜକୁ ଭୁଲି, ନିଜ ସ୍ନେହ-ମମତ୍ୱର ସଂସାର ବନ୍ଧନକୁ ଭୁଲି ଏକନିଷ୍ଠ ସେବା କରିବାରେ ସେମାନେ ତଲ୍ଲୀନ ହୋଇଯାଇଛନ୍ତି । କେବେ ନିଜର ଅସୁବିଧା, ଆର୍ଥିକ ଅସ୍ୱଚ୍ଛଳତାର ନିରାକରଣ ପାଇଁ ଶ୍ରୀଶ୍ରୀଠାକୁରଙ୍କୁ ପ୍ରାର୍ଥନା କରିନାହାଁନ୍ତି । ଅତର୍କିତ ଓ ଅଯାଚିତ ଭାବେ ଓକିଲ ଫଣୀଭାଇଙ୍କୁ ଗୁରୁତ୍ୱପୂର୍ଣ୍ଣ କେସ୍ ମିଳିଯାଏ ଓ ଟଙ୍କା ପଇସାର ଅଧିକ ବ୍ୟବସ୍ଥା ମଧ୍ୟ ହୋଇଯାଏ । ତାଙ୍କ ମୁହାଁ ହୋଇଥିବା ମନ-ମାନସ-ଚୈତନ୍ୟଙ୍କୁ ସାଂସାରିକ କଷଣ ବା ପ୍ରକୃତିଙ୍କ ତାଡ଼ନା କେତେଦୂର ବା ଅତିଷ୍ଠ କରିପାରେ ! 'ପତିଙ୍କ ପ୍ରିୟ ପୁତ୍ରଙ୍କୁ କ'ଣ ସତୀ କେବେ ଅନାଦର କରିପାରନ୍ତି' ? କେବଳ ପ୍ରଭୁଙ୍କ ନିକଟକୁ ବାଟ ଛାଡ଼ିଦେବା ପୂର୍ବରୁ ମା' ଦେଖୁଥାନ୍ତି ପ୍ରଭୁଙ୍କ ପାଇଁ କିଏ କେତେ ବ୍ୟାକୁଳ !

ପ୍ରାର୍ଥନା କ'ଣ ବୁଝାଇବାକୁ ଯାଇ ଶ୍ରୀଶ୍ରୀଠାକୁର କହୁଛନ୍ତି, 'ଯହିଁରେ ନିଜର ଶ୍ରେୟ ସାଧିତ ହେବ, ଗୁରୁ କିମ୍ବା ଭଗବାନଙ୍କ ନିକଟରେ ସେହିସବୁ ଜିନିଷ ନିବେଦନ କରିବାକୁ 'ପ୍ରାର୍ଥନା' କହନ୍ତି ।' ଆଉ ଆମର ଶ୍ରେୟ ବା ସର୍ବମଙ୍ଗଳର ବିଧାନ 'ତାଙ୍କଠାରୁ ଅଧିକ ଭଲ କିଏ ବା ଜାଣେ ! ତେଣୁ ମନର ଠାକୁର, ପ୍ରାଣର ଆରାଧ୍ୟ, ପରମ କଲ୍ୟାଣମୟ ଶ୍ରୀଶ୍ରୀଠାକୁରଙ୍କ ମଙ୍ଗଳ ବିଧାନରେ ସମ୍ପୂର୍ଣ୍ଣ ବିଶ୍ୱାସ ଥାପି ନିରାସକ୍ତ ନିରବଚ୍ଛିନ୍ନ ଭାବରେ କର୍ତ୍ତବ୍ୟ-କର୍ମ ସମୂହ ସେହି ମହାମହେଶ୍ୱରଙ୍କର କର୍ମ ଓ ସେବାଜ୍ଞାନରେ ସମ୍ପାଦନ କରିଯିବା । ସେ ଦୃଢ଼ ଘୋଷଣା କରି କହୁଛନ୍ତି, 'ତୁମ ମାନଙ୍କୁ କିଛି ମାଗିବାକୁ ହେବ ନାହିଁ, ତୁମମାନଙ୍କର ଯହିଁରେ ମଙ୍ଗଳ ହେବ, ମୁଁ ତା'ର ବ୍ୟବସ୍ଥା କରିବି ।' ଏତେ ଅଭୟ ଆଶ୍ୱାସକୁ ବିଶ୍ୱାସ କରିବା ପାଇଁ ତଥାପି ଆମେ ଶଙ୍କିଯାଉଛୁ । ତେଣୁ ସର୍ବେଶ୍ୱରଙ୍କ ନିକଟରେ ଆମେ କେବଳ 'ବିଶ୍ୱାସ'ର ପ୍ରାର୍ଥୀ ।

ନୀଳାଚଳ କୁଟୀରରେ ଥିବାବେଳେ ଶ୍ରୀଶ୍ରୀଠାକୁର ଅନେକ ସମୟରେ ଅନେକ କାର୍ଯ୍ୟୋପଲକ୍ଷ୍ୟେ ମଠ, ଆଶ୍ରମ ଆଦି ବିଭିନ୍ନ ସ୍ଥାନକୁ ଯାଉଥିଲେ । ଥରେ ଫେରିବା ବେଳେ ସେ ଲୀଳା ମା'ଙ୍କୁ କ'ଣ ଦରକାର' ବୋଲି ପଚାରିଲେ, ସେହି କୁନି ବାଳିକାର ବିନା ବିଳମ୍ବ, ବିନା ଭାବନା, ବିନା ଚିନ୍ତାରେ ସ୍ୱତଃସ୍ଫୂର୍ତ୍ତ ଉତ୍ତର ଥିଲା, 'କିଛି ଦରକାର ନାହିଁ, ତୁମେ ହିଁ ଆସ !' ସେହି

ବାଳ ସୁଲଭ ସରଳ ମନର ଅକପଟ ଭାବ ନିକଟରେ ସେ ସଦା ଋଣୀ ହୋଇଯା'ନ୍ତି । ସେ ଆମକୁ ବହୁତ ଭଲ ପାଆନ୍ତି । ଆମ କଥା ଶୁଣିବାକୁ ବ୍ୟାକୁଳ ଭାବେ ଅପେକ୍ଷା କରିଥା'ନ୍ତି । ଭାବ ଗୋପନ ନ ରଖି ସରଳ ଭାବରେ ତାଙ୍କୁ ଆମ କଥା, ଅବସ୍ଥା ଜଣାଇବା ଆମର କର୍ତ୍ତବ୍ୟ । କେବଳ ଭାବଟିକୁ ବ୍ୟକ୍ତ କରିବା, ପରମ ଆତ୍ମୀୟଙ୍କ ସହିତ 'ସହଜ ଭାବ'ରେ ଯୁକ୍ତ ରହିବା । ପ୍ରତିକାରର ପନ୍ଥା କେବେ ମାଗିବା ନାହିଁ ।

ସତ୍ୟ ଓ ସରଳତାକୁ ସେ ଅତ୍ୟନ୍ତ ଆଦର କରନ୍ତି । ଶ୍ରୀଶ୍ରୀଠାକୁରଙ୍କର ମାଣିକଗଞ୍ଜ ଲୀଳା ସମୟରେ ରଜନୀ ବାବୁ ପ୍ରାର୍ଥନା କଲେ ଠାକୁର, ପ୍ରାଣ ଟଙ୍କା ଚାହୁଁଛି!' ବିଷୟାସକ୍ତ ମଣିଷର ବିଷୟକାମନାରେ ଶ୍ରୀଗୁରୁ ବ୍ୟସ୍ତ ହୋଇପଡ଼ନ୍ତି । ତଥାପି ତାଙ୍କ ନିକଟରେ କୌଣସି ପ୍ରାର୍ଥନା ବ୍ୟର୍ଥ ଯାଏନାହିଁ । ରଜନୀବାବୁଙ୍କର ନିଃସଙ୍କୋଚ ସରଳ ଭାବ ଦେଖି ଶ୍ରୀଶ୍ରୀଠାକୁର କହିଲେ, 'ବେଶ୍, ତାହା ହିଁ ହେବ । ପ୍ରାଣ ଯେତେ ଚାହୁଁଛି, ତା'ଠାରୁ ବହୁ ଅଧିକ ଟଙ୍କା ମିଳିବ ।' କିନ୍ତୁ ଟଙ୍କା ପ୍ରାପ୍ତି ପରେ ମଧ ରଜନୀବାବୁ ଖୁସି ହୋଇ ପାରିଲେ ନାହିଁ, ପ୍ରାଣର ହାହାକାର ମେଣ୍ଟିଲା ନାହିଁ, ପ୍ରବଳ ବୈରାଗ୍ୟର ଭାବ ନେଇ ପୁନଶ୍ଚ ଶ୍ରୀଶ୍ରୀଠାକୁରଙ୍କ ନିକଟରେ ଉପସ୍ଥିତ ହୋଇ ସନ୍ନ୍ୟାସପ୍ରାର୍ଥୀ ହେଲେ! ଏହି ତ ଆମର ମନ, ଜୀବନର ଅସ୍ଥିର-ଅବୋଧ-ଅଝଟ କାହାଣୀ! ମନର ମୁହୂର୍ତ୍ତ ମୁହୂର୍ତ୍ତ ପରିବର୍ତ୍ତନଶୀଳ ଆବଶ୍ୟକତାକୁ ପ୍ରାଣର ଅସଲ ଆକାଙ୍କ୍ଷା ଭାବି ଶ୍ରୀଗୁରୁ ପଦେ ପ୍ରାର୍ଥନା ନିବେଦନ କରିଥାଉ!

'ତୁ କେବେ କିଛି ମାଗିବୁ ନାହିଁ, କୌଣସି କଥା ପାଇଁ ଭାବିବୁ ନାହିଁ, କେବଳ ମୋ କାର୍ଯ୍ୟ କରିଯା', ତୋର ଯେତେବେଳେ ଯାହା ଦରକାର, ତାହା ମୁଁ ହାତବଢ଼ାଇ ଦେବି ।' ଏହି ଗୁରୁବାକ୍ୟର ନିଛକ ସତ୍ୟତା ସାରାଜୀବନ ଅନୁଭବ କରିଛନ୍ତି ଏକାନ୍ତ ଗୁରୁଗତ ପ୍ରାଣ ଶିଷ୍ୟ ସ୍ୱରୂପାନନ୍ଦ । ଜୀବନର ଅନେକ ବାଧାବିଘ୍ନ ଦୁର୍ବିସହ ଅବସ୍ଥା ଭିତରେ ସୁଦ୍ଧା କେବେ ସୁଖ-ସୁବିଧାର ଅନୁଯୋଗ କରିନାହାଁନ୍ତି ସେ ଠାକୁରଙ୍କୁ । କି ପ୍ରଚଣ୍ଡ ଶ୍ରଦ୍ଧା, ବିଶ୍ୱାସ, ଆସ୍ଥା, ନିର୍ଭରତା!

ଦୁର୍ଗାଚରଣ ଭାଇଙ୍କୁ ପିତା ଗୁଣନିଧି ଭାଇ ଶିଖାଇ ବୁଝାଇ କହିଥିଲେ ଶ୍ରୀଶ୍ରୀଠାକୁରଙ୍କ ନିକଟରୁ ଚତୁଃବର୍ଗ-ଧର୍ମ, ଅର୍ଥ, କାମ, ମୋକ୍ଷ-ମାଗିବା ପାଇଁ । ନବମ ଶ୍ରେଣୀରେ ପାଠ ପଢୁଥିବା ସେହି କିଶୋର ଦୁର୍ଗାଚରଣ ଭାଇ ଯେତେବେଳେ ଶ୍ରୀଶ୍ରୀଠାକୁରଙ୍କର ପ୍ରଥମ ଦର୍ଶନ ଲାଭ କଲେ, ମନ ମୋହନ-ବିଶ୍ୱ ବିମୋହନଙ୍କର ରୂପ ଦର୍ଶନରେ ବିଭୋର, ବିସ୍ମୟ-ବିମୁଗ୍ଧ, ସର୍ବ-ବିସ୍ମୃତ ମନ-ମାନସ, ଚତୁର୍ବର୍ଗ ମାଗିପାରିଲେ ନାହିଁ ଠାକୁରଙ୍କୁ । ପରେ ବିଶ୍ୱବିଧାତା, ସର୍ବପ୍ରଦାତା, କରୁଣାବନ୍ତଣାୟ ସର୍ବକଲ୍ୟାଣ ମୟ ମହାପ୍ରଭୁ ପରମାରାଧ ଶ୍ରୀଗୁରୁଭଗବାନଙ୍କ ନିକଟରେ କେବଳ ଏତିକି ପ୍ରାଥନା କରିଛନ୍ତି,

'ସବୁ ଆବରଣ ହରିଦେଇ ପ୍ରଭୁ, ଦିଅ ହେ ସେବକ ସାଜ ।'

ଶ୍ରୀଶ୍ରୀଠାକୁର ଚରଣାଶ୍ରିତା
**ଶ୍ରୀମତୀ ବେଦମତୀ ଉପାଧ୍ୟାୟ**
ଆମେରିକା ସାରସ୍ୱତ ସଂଘ

◆◆◆

# ପ୍ରବାସରେ ସ୍ୱ-ବାସ ଚିନ୍ତା

ମରଣ ଦିଅଇ ଅମର ପ୍ରୀତି ନ ରଖ ଭୀତି
ବାରୁଣୀବନ୍ତରେ ମିଳଇ ଶାନ୍ତି ନ ଆଣ ଭୀତି
ସମ୍ବଳ ଯାହାର ଶ୍ରୀଗୁରୁ ଗୀତି ତୁଟାଏ ଭୀତି
ଗୁରୁ ପ୍ରୀତି ଗୀତି ଭକ୍ତିର ଶକ୍ତି 'ସା ପରା-ମୁକ୍ତି' ।

ମୃତ୍ୟୁ ସୁଖର ସୋପାନ ଦୁଃଖର ନିଦାନ, ଅମୃତ ବରଣ ଅନାହତ ଶରଣ, ନିର୍ବାଣ କାରଣ, ଅନିର୍ବାଣ ବାରଣ । ମୃତ୍ୟୁ ଚିରନ୍ତନ ସତ୍ୟ, ମିଳନ ସଙ୍ଗୀତ । ମୃତ୍ୟୁ ଈଶ୍ୱର ପ୍ରାପ୍ତି ନଶ୍ୱରରୁ ମୁକ୍ତି । ମୃତ୍ୟୁ ମହାନିଦ୍ରାର ମୋହ ନୁହେଁ, ମୃତ୍ୟୁ ମହାଜାଗରଣର କାରଣ । ମୃତ୍ୟୁ ଆସିଲେ ଜ୍ଞାନୀ ଆନନ୍ଦିତ ହୁଏ, ଭକ୍ତ ପ୍ରେମାନନ୍ଦରେ ନୃତ୍ୟ କରେ, ମୋହାବର୍ତ୍ତ ମାନବ ବିଳାପ କରେ । ସେତେବେଳେ ସେ ମନେ ପକାଏ ଇହକାଳର ସୁଖ ଆଉ ପରକାଳର ପରମ ଦୁଃଖର କଥା । ଏପାରି ସେପାରି ଘାଟ ପାରି ବେଳେ ମନେ ପଡ଼େ ଜୀବନବ୍ୟାପୀ କୃତକର୍ମର ସ୍ମୃତି । ଆଖି ଆଗେ ନାଚିଉଠେ ଗୁପ୍ତ ଚିତ୍ରମାଳା । ଧରିବାକୁ ଇଚ୍ଛାହୁଏ ଅଡୁଆ ଖିଅର ସୂତା । ଉଙ୍କିମାରେ ସଂଗୁପ୍ତ ସଂସ୍କାର । ଢ଼କାର ଦିଏ ଆଜୀବନ ଭକ୍ଷିତ ଆହାର । ଧରୁ ଧରୁ ଖସିଯାଏ ହାତରୁ ଆହୁଲା । ଆଖି ଆଗେ ଉଭା ହୁଏ ତିମିଙ୍ଗିଳ ସ୍ରୋତ । ପାଦତଳୁ ଖସିଯାଏ ଗୁପ୍ତ ଚୋରାବାଲି । ମନେପଡ଼େ ଶ୍ରୀଗୁରୁ ସଂଗୀତ-

'ଏଠା ପରବାସ ଚିନ୍ତା ମନେ ଉଇଁରେ
ପହଞ୍ଚି ପାରିବୁନିକି ନିଜ ଭୁଇଁରେ
ମାଲମତା ଛାଡ଼ି ତୁ ହୁଅନା ଭାରି ରେ
ଦୃଢ଼ ମନ କଲେ ହେବୁ ପାରି...'

ଏପାରିକୁ ସେପାରି ଚିନ୍ତା ବାଞ୍ଛନୀୟ, ପ୍ରବାସରେ ସ୍ୱ-ବାସ ଚିନ୍ତା ବରଣୀୟ ଓ ସ୍ମରଣୀୟ କାରଣ ପରପାରି ଅଛି । ପରପାରି ଅଛି, ଏ ବିଶ୍ୱାସ ଯେଉଁମାନଙ୍କର ଅଛି ମୃତ୍ୟୁ ଭୟ ସେମାନଙ୍କର ଅଛି । ପୂର୍ବଜନ୍ମ କର୍ମଫଳ ଏ ଜନ୍ମରେ ଭୋଗ ହୁଏ । ଏପାରିର କୃତକର୍ମ ନୂତନ କର୍ମଫଳ ସୃଷ୍ଟି କରେ ଏବଂ କର୍ମ କରିଥିବା ମଣିଷ ହିଁ ତାକୁ ଭୋଗ କରିବ, ଏହା ହିଁ ଏକମାତ୍ର ସତ୍ୟ । ଯେଉଁ ମଣିଷ ଇହକାଳସର୍ବସ୍ୱ ସେ ମଣିଷ ପରପାରି ଭାବନା ରଖେନାହିଁ । ମୃତ୍ୟୁପର ଜୀବନ ସମ୍ପର୍କରେ ଯେଉଁ ମଣିଷ ଯେତିକି ସଚେତନ ସେ ମଣିଷ ମୃତ୍ୟୁକୁ ସମ୍ମୁଖୀନ ହେବାପାଇଁ ନିଜକୁ ସେତିକି ପ୍ରସ୍ତୁତ କରିଥାଏ । ମୃତ୍ୟୁ ପାଇଁ ପ୍ରଥମ ପ୍ରସ୍ତୁତି ହେଉଛି ପରକାଳକୁ ବିଶ୍ୱାସ କରିବା ଓ ପରକାଳ ବିଶେଷଜ୍ଞଙ୍କର ଶରଣ ପଶିବା । ତୃତୀୟ ପ୍ରସ୍ତୁତି ହେଉଛି ସେହି ଉପଦେଶ ଅନୁସାରେ ନିଜ ଜୀବନକୁ ଗଠନ କରିବା । ତେବେ ଯାଇ ଠିକ୍ ସମୟରେ ଆଖିରୁ ଲୁହ ଝରିବ, ସମଗ୍ର ଅପାର୍ଥିବ ଶରୀରରେ ଅଷ୍ଟସାତ୍ତ୍ୱିକ ଭାବ ଫୁଟିଉଠିବ, ହୃଦୟରୁ ଗୁଞ୍ଜରିତ ହେବ ନିର୍ବାକ୍ ସ୍ପନ୍ଦନ । କେବଳ ଅନୁଭବ ଆଉ ଅନୁଭବ । ଅନ୍ତରର ଗଭୀରତମ ପ୍ରଦେଶରେ ବୁଡ଼ିଯାଇ ହୃଦୟ ଭରି ଅନୁଭବ କରିବାର ଅବସର ଆସିବ । ସେତେବେଳେ ନିଜର ଅସ୍ତିତ୍ୱ ନ ଥିବ କାରଣ 'ସେ କେଉଁଠି ଦେଖା ଦିଅନ୍ତି ? ଯେଉଁଠି ଆମେ ନିଜକୁ ହଜାଇ ଦିଅନ୍ତି ।' ନିଜକୁ ହଜାଇ ଦେବାର ପରିକଳ୍ପନା ହିଁ ପରପାରି ଚିନ୍ତା । ଏହା ବୈଦାନ୍ତିକ ସତ୍ୟ ଆଉ ବେଦାନ୍ତ ସତ୍ୟ ଉପରେ ପ୍ରତିଷ୍ଠିତ । ସତ୍ୟ ଚିରନ୍ତନ ଆଉ ସନାତନ । ଏହା ହିଁ ଆର୍ଯ୍ୟଦର୍ପଣ ।

ମୃତ୍ୟୁ ପୂର୍ବରୁ ମଣିଷ ମନେ ପକାଏ କେମିତି ସେ ଏ ଜୀବନର ସୁଖସ୍ୱାଚ୍ଛନ୍ଦ୍ୟ ଛାଡ଼ି ସବୁଦିନ ପାଇଁ ଏକ ଅଜଣା ରାଇଜକୁ ଯିବ । କେମିତି ସେ ପ୍ରିୟପରିଜନଙ୍କୁ ସବୁଦିନ ପାଇଁ ଛାଡ଼ି ରହିବ । କେମିତି ସେ ସ୍ମୃତିବିଜଡ଼ିତ ପୃଥିବୀ ତ୍ୟାଗ କରି ଅଜଣା ଅଚିହ୍ନା ମହାଶୂନ୍ୟରେ ମିଳେଇଯିବ । ସେଥିପାଇଁ ସେ ଦୁଃଖ କରେ । ତା ହୃଦୟରେ ଯନ୍ତ୍ରଣା ଜାତ ହୁଏ । ଅତୀତର ସ୍ମୃତି ସବୁ ତା ଆଖି ଆଗରେ ଚଳଚ୍ଚିତ୍ର ପରି ଭାସିଉଠେ । ସେ ନିଜକୁ ଅନୁଭବ କରିବାକୁ ଚେଷ୍ଟା କରେ । ସେ ତା'ର ଅତୀତର ସ୍ମୃତି ରୋମନ୍ଥନ ପୂର୍ବକ ଦାରୁଣ ଦୁଃଖ ଅନୁଭବ କରେ । ଆଖିରୁ ଲୁହ ଝରାଏ । ମନେପକାଏ ସେ କେମିତି ସୁଖର ସୌଦାଗର ସ୍ୱଜନଙ୍କ ପାଇଁ

ନିଜକୁ ଉତ୍ସର୍ଗ କରିଦେଇଥିଲା । ନିଜ ଖୁସି ପାଇଁ ଅନ୍ୟକୁ ଖୁସି ଦେଖୁଥିଲା । ନିଜେ କଷ୍ଟ ସହି ଅନ୍ୟର ରିଷ୍ଟ ଖଣ୍ଡନ କରୁଥିଲା । ନିଜେ ଯନ୍ତ୍ରଣା ଜର୍ଜ୍ଜରିତ ହୋଇ ଅନ୍ୟକୁ ସୁଖ-ଶାନ୍ତି ଦେଉଥିଲା । ହେଲେ ଆଜି ? ଆଜି କେମିତି ସେ ଆଖି ପିଛୁଳାକେ ଅଲୋଡ଼ା ହେଇଗଲା ? ଆଜି କେମିତି ଆଖି ପିଛୁଳାକେ ଅପ୍ରିୟ ହେଇଗଲା । ଘୃଣ୍ୟ ହେଇଗଲା ? ଅବିଶ୍ୱାସୀ ହେଇଗଲା ? ତାର ସବୁଠୁ ପ୍ରିୟ ଲୋକ, କେମିତି ତା ମୁହଁରେ ନିଆଁ ଦେଇଦେଲା ? ପୁଣି ବେଳେ ବେଳେ ମନେ ପକାଏ ସେ କେମିତି ଅନ୍ୟକୁ ଦୁଃଖ ଦେଉଥିଲା । ଅନ୍ୟର ଦୁଃଖର କାରଣ ହୋଇ ସେ କିପରି ଆନନ୍ଦ ଅନୁଭବ କରୁଥିଲା । ସାମାନ୍ୟ କାରଣରୁ ସେ କେମିତି ବନ୍ଧୁବର୍ଗଙ୍କୁ ଦୁଃଖ ଦେଉଥିଲା । କାରଣ ନ ଥାଇ ସେ କିପରି ପ୍ରତିହିଂସାର ପ୍ରଜ୍ୱଳନରେ ନିଜକୁ ଦଗ୍ଧ କରୁଥିଲା । ଶତ୍ରୁ ବୋଲି ପ୍ରତୀୟମାନ ମିତ୍ର ପ୍ରତି ଦୁଃଖଦ ଆଚରଣ କରି ଆତ୍ମସନ୍ତୋଷ ଲାଭ କରୁଥିଲା । ସଂଶୟ ଆଉ ସନ୍ଦେହର ଦାସ ହୋଇ ସେ କେମିତି ନିଜେ ନିଜର ସର୍ବନାଶକୁ ଆମନ୍ତ୍ରଣ କରୁଥିଲା । ମୃତ୍ୟୁ ପୂର୍ବରୁ ନିଜର କଷ୍ଟଲବ୍ଧ ସମ୍ପତ୍ତି ଛାଡ଼ିଯିବାକୁ କଷ୍ଟ ହୁଏ । ମୁଢ଼ ମନ ଘାରି ହୁଏ, ମାଟି ସହିତ ମାଟି ହୋଇ ସମ୍ପତ୍ତି ଅର୍ଜନ କରିଥିଲା, ହେଲେ ଭୋଗ କରି ପାରିଲାନି । ଏତେ ଶୀଘ୍ର ଚାଲିଯିବ ବୋଲି ସେ କଣ ଜାଣିଥିଲା ? ଆହା ! ତା ଆଖି ଆଗରେ ତା କଷ୍ଟ ଉପାର୍ଜିତ ଧନସମ୍ପତ୍ତି ଏମିତି ଉଜୁଡ଼ି ଯିବ ସେ କଣ ଜାଣିଥିଲା ? ସେ ଗତାୟୁ ହୋଇ ମଧ ଶତାୟୁର ପରିକଳ୍ପନାରେ ପରାଭୂତ ହୁଏ । ବଞ୍ଚିବାର ଉଜ୍ଜ୍ୱଳ ଆକାଙ୍କ୍ଷାରେ ବିହ୍ୱଳିତ ହୁଏ । ଆଉ କିଛି ଦିନ ଜୀବନ ଜିଜ୍ଞାସାରେ ବିମୁଗ୍ଧ ହୁଏ । ହାୟ ! ଆଉ କିଛି ଦିନ ବଞ୍ଚି ଯାଆନ୍ତିକି, ଭାବି ହୁଏ । ବଞ୍ଚିବାର ବାଟ ବି ଖୋଜେ । ବାଇଆ ମନରେ ବିହ୍ୱଳିତ ହେଇ କିଛି କ୍ରିୟା କର୍ମ ବି କରେ । ବଞ୍ଚିବାର ମୋହରୁ ମୁକୁଳି ପାରେନାହିଁ । ହେଲେ ବଞ୍ଚିବା ସମ୍ଭବ ହୁଏନି । ଆୟୁଷ ବଢ଼ି ଯାଏନି କି କମି ଯାଏନି । ଯଥା ସମୟରେ ମୃତ୍ୟୁ ଉପସ୍ଥିତ ହୁଏ । ସେତେବେଳେ ସମଗ୍ର ଜୀବନବ୍ୟାପୀ ସଯତ୍ନେ ପୋଷିତ ଅହଙ୍କାର, ଈର୍ଷା, ବିଦ୍ୱେଷ, ଘୃଣା, ପରଶ୍ରୀକାତରତା ପୁଞ୍ଜିଭୂତ ପ୍ରତିମା ଭାବେ ପଥରୁଦ୍ଧ କରେ । ହାୟ ! କାହିଁକି ଏ ସବୁ ହେଲା ?

ଘଟାନ୍ତର ବେଳେ ପଟାନ୍ତର ହୁଏ । ପଟାନ୍ତର ବେଳେ ମନାନ୍ତର ଘଟେ । ମୃଣ୍ମୟ ପ୍ରତିମା ଚିନ୍ମୟପ୍ରାପ୍ତିରେ ବିଭୋର ହୋଇଉଠେ । କିୟତ୍‌କାଳ ପାଇଁ ନିଶବ୍ଦ ଚିତ୍କାର ତରଙ୍ଗାୟିତ ହୁଏ । ଇହକାଳର କଳାକୃତି ପରକାଳ ପଥରେ ପରାଭବ ଦିଏ । ପୁଣି ମନେ ପଡ଼େ ପରପାରିର କଥା । ନିଜ କଳା କର୍ମ ପାଇଁ ପରପାରିରେ ଦୁଃଖ ପାଇବ ଭାବି କ୍ଷଣ କାଳ ପାଇଁ ଅନୁତାପ କରେ । କାହିଁକି ସେ ଅନ୍ୟକୁ ଦୁଃଖ ଦେଲା ? କାହିଁକି ସେ ଅନ୍ୟର ଦୁଃଖର କାରଣ ହେଲା ? ନିଜେ ଦୁଃଖ ସହି ଅନ୍ୟକୁ ଖୁସି କରିବା ମୋହରେ କାହିଁକି ସେ ଦୁଃଖ ପାଇଲା ? ସେତେବେଳେ ପଦପଦବୀ ମାନ ସମ୍ମାନ ବଡ଼ିମା ଗାରିମା ଅଭିମାନ ସ୍ୱାଭିମାନ ସବୁ ପାଣି ଫୋଟକା ପରି ମିଳେଇ ଯାଏ । ଅତୀତର କପଟ କୁଟିଳତା, ଛଳ ଛଳନା ଓ ମିଛ ପ୍ରତାରଣା ତା ମନକୁ ଭାରାକ୍ରାନ୍ତ କରେ । ସେତେବେଳେ ସେ ମନେ ପକାଏ ମୃତ୍ୟୁ ପୂର୍ବରୁ ସେ କେତେଥର ଆତ୍ମହତ୍ୟା କରିଥିଲା । ତାର ମନେ ପଡ଼େ ଆତ୍ମ-ପ୍ରଶଂସା ଆତ୍ମହତ୍ୟାର ନାମାନ୍ତର ବୋଲି । ଆତ୍ମ ପ୍ରଶଂସାରେ କେତେ ଉତ୍‌ଫୁଲିତ ହୋଇଥିଲା ଆଉ ଆତ୍ମ ପ୍ରଶଂସା ଶୁଣି କେମିତି ଉଲ୍ଲସିତ ହେଉଥିଲା । ଏପରି ଭୁଲ କାହିଁକି କଲା । ସବୁ ଜାଣି ଅଜଣା ଚାଉଳର ଭାତ କାହିଁକି ଖାଇଲା ?

ଅନେକ ସମୟରେ ସେ ବିବେକର କଷାଘାତରେ କ୍ଷତାକ୍ତ ହୁଏ । ଏପାରିର ଆନନ୍ଦ ସେପାରିକୁ ଯାଏନି ବୋଲି ଅନୁତାପ କରେ । ଏ ପାରିର ଦୁଗ୍ଧଫେନନିଭ ଶଯ୍ୟା ଏପାରିରେ ପଡ଼ିରହେ । ତୁଳୀ ତଳ୍ପର ଆକର୍ଷଣ ମାନସପଟରୁ ଲିଭିଯାଏ । ଏପାରିର ଉଜ୍ଜ୍ୱଳ ଆଲୋକ ସେପାରିକୁ ଯାଏନି ବୋଲି ଦୁଃଖ କରେ । ସେପାରିର ଆଲୋକ ଚିରନ୍ତନ ନିଷ୍କମ୍ପ ପ୍ରଦୀପ । ନାଁ ଥାଏ ଜଳାଇବାର ପ୍ରୟାସ ନାଁ ଲିଭିଯିବାର ଅବଶୋଷ । କେବଳ ଜ୍ୟୋତି ଆଉ ଜ୍ୟୋତି । କାରଣ, ସେପାରିକୁ ଆବଶ୍ୟକ କେବଳ 'ଆତ୍ମ ଜ୍ୟୋତି ପ୍ରଜ୍ୱଳନ' । ସେତେବେଳେ ଚିନ୍ତା କରେ କାହିଁକି ସେ ପରପାରି ଚିନ୍ତା କଲା ନାହିଁ । କାହିଁକି ସେ ମରଣର ଆୟୋଜନ କଲା ନାହିଁ । କାହିଁକି ସେ ବୃଥା ଚିନ୍ତାରେ କାଳ କାଟିଦେଲା । କାହିଁକି ସେ ପରପାରି ଚିନ୍ତା ଛାଡ଼ି ଇହକାଳସର୍ବସ୍ୱ ହୋଇ ପଡ଼ିଲା । ସମୟ ଥାଉ ଥାଉ ଯଦି ପରକାଳ ଚିନ୍ତା କରିଥାନ୍ତା ତେବେ ଶେଷ ଦିନେ ହୁଏତ ମୃତ୍ୟୁଭୟ ନ ଥାନ୍ତା ।

ଆରେ ମୂଢ଼ ମନ ଥରେ ଭାବି ଦେଖ, ଏ ଦୁନିଆ ଛାଡ଼ି ଦିନେ ଯିବାକୁ ହେବ ରେ ! ଏପାରିର ପୁଣ୍ୟ ସଙ୍ଗରେ ଯିବ । ଏପାରିର ପାପ ଏପାରିରେ ରହିବନିରେ, ବୁଜୁଳା ହେଇକିବି ସଙ୍ଗରେ ଯିବ । ଜୀବନସାରା ଏହି ଚିନ୍ତା ଯାହାର ଜୀବନ୍ତ ଥାଏ ସେ ପରପାରିର ଘାଟ ପାଉଣା ରଖୁଛି ବୋଲି ଜଣା ପଡ଼େ ।

ନିଜକୁ ବିଶ୍ୱାସ କରି ପାରୁନଥିବା ବ୍ୟକ୍ତି ସଂଶୟ ଓ ସନ୍ଦେହର କ୍ରୀତଦାସ ହୋଇଯାଏ । ଆମର ପ୍ରାଣପ୍ରିୟ ଠାକୁର କହିଛନ୍ତି- 'ଯେଉଁମାନେ ମନରେ ପ୍ରାଣରେ କୌଣସି ପ୍ରକାର ବଳଲାଭ କରିପାରନ୍ତି ନାହିଁ, ସେମାନେ ସଂଶୟ ଅଗ୍ନିରେ ଅବିରାମ ଜଳି ପୋଡ଼ି ମରନ୍ତି ।'

ସମୟ ସରିଯାଏ । ବାପାଙ୍କ ପାଇଁ କାନ୍ଦୁଥିବା ପୁଅ କିଛିଦିନ ପରେ ବାପାଙ୍କୁ ଭୁଲେ । ଝିଅ ମାଙ୍କୁ ଭୁଲେ । ବନ୍ଧୁ ଭୁଲେ ବନ୍ଧୁକୁ! କେହି କାହାକୁ ମନେ ରଖନ୍ତି ନାହିଁ । ହେଲେ ହିସାବ ନିକାସ ବେଳେ ସବୁ ମନେପଡ଼େ । ଋଣ ଶୁଝିବାର ଅବକାଶ ଥାଇ ଶୁଝି ହେଲାନାହିଁ ବୋଲି ଅନୁତାପ ଆସେ । ଚୋର କହେ ଚାରବାକ୍ ସତ୍ୟ, ସାଧୁ କହେ ସିଲ୍ପାଚାର୍ଯ୍ୟ । ଏହି ଦ୍ୱନ୍ଦ୍ୱ ମଧ୍ୟରେ ଜୀବନ ସରିଯାଏ । ଋଣ ଶୁଝିବା ବାକି ରହିଯାଏ । ପୁଣି ଆସିବାକୁ ହୁଏ ପର ପାରିରୁ । ଘାରି ଯାଏ' ଏ ପାରିକୁ ସେ ପାରି ଚିନ୍ତା' । ଗାଇବାକୁ ଇଚ୍ଛା ହୁଏ- 'ପ୍ରାଣୀର ଭଲ ମନ୍ଦ ବାଣୀ-ମରଣ କାଳେ ତାହା ଜାଣି'

'ସତରେ କଣ ପରପାରି ଅଛି ?' ଏ କଥା କହି କର୍ତ୍ତବ୍ୟ କର୍ମ ଏଡ଼ାଇ ଯାଉଥିବା ମଣିଷ ଶେଷ ସମୟରେ ଜନ୍ମାନ୍ତର ବାଦ ମନେ ପକାଇ ବିଳାପ କରେ । ଆରେ ମନୁଆ, ଥରେ ମନେ ପକା 'ଜନ୍ମ ପୂର୍ବରୁ ତୋତେ ଏ ଦୁନିଆଁରେ କେହି ଚିହ୍ନି ନ ଥିଲେ କି ଏ ଜନ୍ମ ପରେ ତୋତେ କେହି ମନେ ରଖିବେ ନାହିଁ । ବିସ୍ମୃତିର ଅତଳ ଗର୍ଭରେ ସବୁ କିଛି ବିଲୁପ୍ତ ହୋଇଯିବ । ହେଲେ ଚିତ୍ରଗୁପ୍ତର ଗୁପ୍ତ ଚିତ୍ର ବିଲୁପ୍ତ ହେବନି । ସେଥିପାଇଁ ବେଳ ଥାଉ ଥାଉ ସ୍ୱ-ବାସ ଚିନ୍ତା ଏକାନ୍ତ କର୍ତ୍ତବ୍ୟ । ପ୍ରବାସର ସୁଖ ଛାଡ଼ିବ କର୍ତ୍ତବ୍ୟ । ମରଣର ଆୟୋଜନ କରିବା ଏକାନ୍ତ କର୍ତ୍ତବ୍ୟ ।

ମରଣର ଆୟୋଜନ ସହଜ ନୁହେଁ, କିନ୍ତୁ ସମ୍ଭବ । ଶ୍ରୀଶ୍ରୀଠାକୁର କହିଛନ୍ତି, 'ଭଲ ମରଣର ଆୟୋଜନ' କରିବା ପାଇଁ । ଭଲ ମରଣର ଆୟୋଜନ ଜୀବନବ୍ୟାପୀ ସାଧନାର ଫଳ । ଶ୍ମଶାନ ବୈରାଗ୍ୟ ଭଲ ମରଣର ଆୟୋଜନ ନୁହେଁ । ପ୍ରତି ମୁହୂର୍ତ୍ତରେ ମୃତ୍ୟୁ ଚିନ୍ତା ଉଜ୍ଜୀବିତ ରଖି ନିଜକୁ ଏକାନ୍ତ ଭାବରେ ଶ୍ରୀଗୁରୁଙ୍କ ଶ୍ରୀପାଦପଦ୍ମରେ ସମର୍ପଣ କରିବା କର୍ତ୍ତବ୍ୟ-ଏହା ହିଁ ଭଲ ମରଣର ଆୟୋଜନ । ମର୍ତ୍ତ୍ୟ ମାନବ ଅମର୍ତ୍ତ୍ୟ ଅନୁଭବ ନେଇ ଅବିଶ୍ରାନ୍ତ ଭାବରେ ଭବଚିନ୍ତା ପରିହାର ପୂର୍ବକ ବିଭୁ ଭାବନାରେ ଉଦ୍‌ବୋଧିତ ରହିବା କର୍ତ୍ତବ୍ୟ-ଏହା ହିଁ ଭଲ ମରଣର ଆୟୋଜନ । ଏକତତ୍ତ୍ୱର ଅଭ୍ୟାସ ତଥା ଶ୍ରୀଗୁରୁଙ୍କ ଉପାସନାରେ ସମୟ ଅତିବାହିତ କରି ଅଫୁରନ୍ତ ଆନନ୍ଦ ଅନୁଭବକୁ ଆଣି ଅହରହ ଅଜପାରେ ହଜିଯିବା କର୍ତ୍ତବ୍ୟ-ଏହାହିଁ ଭଲ ମରଣର ଆୟୋଜନ । ଏପାରିରେ ଥାଇ ପରପାରି ଚିନ୍ତା କରିବା କର୍ତ୍ତବ୍ୟ-ଏହା ହିଁ ଭଲ ମରଣର ଆୟୋଜନ । ଏପାରିରେ ଥାଇ ସେ ପାରିକୁ ଭୁଲିଗଲେ କେମିତି ହେବ ? ଏ ପାରିରେ ଥାଇ ଭଲ ମରଣର ଆୟୋଜନ ପରକାଳ ପଥ ସୁଗମ କରେ । ଏପାରିରେ ଥାଇ ପରପାରି ଭାବନା ଜୀବନ୍ତ କରିବା ଉପକାରୀ । ଅନବରତ ଶ୍ରୀଗୁରୁ ପ୍ରଦତ୍ତ ମହାମନ୍ତ୍ର ତୁଣ୍ଡରେ ଧରି ସେବାନିରତ ରହିବା ଏକାନ୍ତ କର୍ତ୍ତବ୍ୟ । ତେବେ ଯାଇ ବାହୁଡ଼ା ପଥରେ ଅନ୍ତିମ ଘାଟରେ ହାତ ଧରି ଘାଟ ପାରି ପାଇଁ ଶ୍ରୀଗୁରୁ ମହାରାଜ ଉଭା ହେବେ ଓ ହସି ହସି ହାତ ଧରି ନେଇଯିବେ । ଯଦି ଏହା ସମ୍ଭବ ହୁଏ ତେବେ ପ୍ରବାସ ଛାଡ଼ି ସ୍ୱ-ବାସ ଗଲାବେଳେ ଆମେ ନିଶ୍ଚୟ ଦେଖିପାରିବା ମୃତ୍ୟୁ ସମୟରେ ଆମ ଓଠରେ ଲାଖି ରହିଥିବା ହସଟି ସତରେ କେତେ ମଧୁର ଥିଲା !

ମିଛଟାରେ ବାଇ ହେଇ ନ ପକା ତୁ ଚହଲ
ପର ପାରି ଯିବା ପାଇଁ ସଜ ହୁଅ ସହଳ
ଘାଟ ମୂଲ ନ ପାଇଲେ ନ ଛାଡ଼ିବ ଗୋପାଳ
ସବୁ ଭୁଲି ନାମ ଧରି ହୁଅ ପ୍ରେମ ପାଗଳ
ରେ ବାଇମନ । ସେହି ଏକା ସମ୍ବଳ...

ଶ୍ରୀଶ୍ରୀଠାକୁରଙ୍କ ଚରଣାଶ୍ରିତ
**ଶ୍ରୀ ସଂଗ୍ରାମକେଶରୀ ମଲ୍ଲିକ**
ନାଉକଣା ଶାଖାସଂଘ

◆◆◆

# ଚମ୍ପାଫୁଲ ମୋତେ ନ କଲ ନାହିଁ ହେ

ଚମ୍ପାଫୁଲ ମୋତେ ନ କଲ ନାହିଁ ହେ
କର ମୋତେ ଘାସଫୁଲ
ସବୁଜ ଘାସରେ ଫୁଟି ହସୁଥିବି
ଚାହିଁ ଚରଣ କମଳ ॥୦॥
ଚାଲିଯିବ ଯେବେ କଅଁଳ ଘାସେ ମୋ
ଶ୍ରୀରଙ୍ଗ ଚରଣ ଢ଼ାଳି
ଅମଳ କମଳ ଚରଣ ପରଶେ
ତନୁ ମୋ ଉଠିବ ଝଳି
ସେଇ ଦିବସକୁ ଅଛି ଚାହିଁ ଚାହିଁ
ବ୍ୟଥିତ ହୃଦ ଆକୁଳ ॥୧॥
ଗଙ୍ଗାଜଳ ମୋତେ ନ କଲ ନାହିଁ ହେ
ପଦ ଧୋଇବାର ପାଇଁ
ନୟନ ଉଛୁଳା ଲୋତକ ଜଳରେ
ପଦଯୁଗ ଦେବି ଧୋଇ
ଏଇ ମୋ ଜୀବନ ଯମୁନାର ଜଳ
ଝରିଯାଉ କଳ କଳ ॥୨॥
କଉସ୍ତୁଭ ହାର ନ କଲ ନାହିଁ ହେ
କର ମୋତେ ଧରାଧୂଳି
କମଳ ନିନ୍ଦିତ ପଦ ଅରବିନ୍ଦେ
ନିତି ହୋଇଯିବି ବୋଲି
ଧୂଳି ହୋଇ ସଦା ପଡ଼ି ରହିଥିବି
ତୁମ ଶ୍ରୀଚରଣ ତଳ ॥୩॥
ନୈବେଦ୍ୟ ସମ୍ଭାର ନ କଲ ନାହିଁ ହେ
କର ମୋତେ ପୂଜାଥାଳ
ଅତି ଭକତିରେ ଧରି ରଖିଥିବି
ନାନା ଜାତି ଫୁଲ ଫଳ
ତୁମରି ସେବାରେ ନର ଜନମ ମୋ
ଅଚିରେ ହେଉ ସଫଳ ॥୪॥

ଶ୍ରୀଶ୍ରୀଠାକୁର ଚରଣାଶ୍ରିତା
**ଶ୍ରୀମତୀ ଶ୍ରଦ୍ଧାଞ୍ଜଳି ନାୟକ**
ଢେଙ୍କାନାଳ ଶାଖା ସଂଘ

◆◆◆

# ଧର୍ମ ପଥର ଆଶ୍ରିତ ତୁହିରେ

ଧର୍ମ ପଥର ଆଶ୍ରିତ ତୁହିରେ
କର୍ମ ପଥ ପଥିକ
ଭକ୍ତି ପଥର ଭାବୁକ ତୁହିରେ
ମୁକ୍ତି ପଥର ସୈନିକ
ପୂଣ୍ୟ ପଥଟି ପୂର୍ଣ୍ଣିମା ତୋର
ପାପ ପଥ ଗୋଟି ଉଆଁସ ଅନ୍ଧାର
ସଦା ସରବଦା ସ୍ମରଣ ରଖିବୁ
ସତ୍ୟ ପଥଯେ ଆଲୋକ
ଆସୁରୀ ମାୟାରେ ପାଶୋରି ନ ଦିଅ
ମିଥ୍ୟା ପଥ ତୋ କଳଙ୍କ ॥୧॥

ସେବା ପଥ ଗୋଟି ତୋର ଆଦରଶ
କ୍ରୋଧହିଂସା ପଥ ଗୋଟି ସର୍ବନାଶ
ଦୟା କ୍ଷମା ଶ୍ରଦ୍ଧା ଅମୃତ ପଥତୋ
ସେ ପଥର ତୁହି ସେବକ
ଶାନ୍ତି ପଥର ବାର୍ତ୍ତା ବହ ତୁହି
ନ୍ୟାୟ ପଥରେ ନିର୍ଭିକ ॥୨॥

ଛାୟା ପଥେତୁ ସ୍ପନ୍ଦନ ହିନ
ମାୟା ପଥେ ତୁ ଚିର ଅଚେତନ
ଭୋଗ ପଥଟି ବିଳାସ ତୋହର
ଯୋଗ ପଥେତୁ ଯୌଗୀକ
ତ୍ୟାଗ ପଥର ସଂକଳପ ତୁହି
ପ୍ରେମ ପଥର ସାଧକ ॥୩॥

ସଂସାର ପଥରେ ସାହା ହେବା ପାଇଁ
ଆଶ୍ରୟ କରରେ ଗୁରୁ ପାଦ ଦୁଇ
ଭବ ନଦୀ ପଥ ପାର କରିବାକୁ
ଗୁରୁ ହେବେ ତୋର ନାବିକ
ସାଧନା ପଥଟି ସିଦ୍ଧି ହେବ ପିନ୍ଧି
ମଥାରେ ବିଜୟ ତିଳକ ॥୪॥

ଶ୍ରୀଶ୍ରୀଠାକୁର ଚରଣାଶ୍ରିତା
**କାଞ୍ଚନବାଳା ଦାଶ ମା'**
ଏକାମ୍ର ସାରସ୍ୱତ ସଂଘ

◆◆◆

# ଭଗବାନ ଶ୍ରୀକୃଷ୍ଣ ଓ ସଦ୍‌ଗୁରୁ ଶ୍ରୀଶ୍ରୀଠାକୁର ନିଗମାନନ୍ଦ ସରସ୍ୱତୀ ଦେବଙ୍କର ବିଭିନ୍ନ ଭାବରୂପ

ଭାରତର ଆମର ଭଗବାନ ଶ୍ରୀକୃଷ୍ଣ ନାନା ଭାବରେ ଲୀଳାଖେଳା କରିଯାଇଛନ୍ତି । ସେ ବୃନ୍ଦାବନଲୀଳାରେ ମାଧୁର୍ଯ୍ୟଭାବ, ମଥୁରାରେ ବୀରଭାବ, ଦ୍ୱାରିକାରେ ଐଶ୍ୱର୍ଯ୍ୟଭାବ, କୁରୁକ୍ଷେତ୍ରରେ ଅର୍ଜୁନର ଜଗତଗୁରୁ ଭାବରେ ଶିଷ୍ୟ ଅର୍ଜୁନଙ୍କୁ ଶ୍ରୀମଦ ଭଗବତ ଗୀତାର ବକ୍ତା ଭାବେ ଲୀଳାଖେଳା କରିଯାଇଛନ୍ତି । ପୁଣି ଦେଖିବାକୁ ମିଳେ ବ୍ରଜଲୀଳାରେ ଗୁରୁ ସନ୍ଦିପନା ମୁନିଙ୍କଠାରେ ଶାନ୍ତଭାବ, ଶ୍ରୀମତୀ ରାଧାରାଣୀଙ୍କଠାରେ ଦେହୀପଦପଲ୍ଲବମୁଦାର ଦାସ୍ୟଭାବ, ମାତା ଯଶୋଦାଙ୍କଠାରେ ବାତ୍ସଲ୍ୟ ଭାବ, ନନ୍ଦଯଶୋଦାଙ୍କଠାରେ ସଖ୍ୟଭାବ ଓ ଗୋପୀମାନଙ୍କଠାରେ ମଧୁରଭାବରେ ଲୀଳାଖେଳା କରିଯାଇଛନ୍ତି ।

ମହାଭାରତ ଯୁଦ୍ଧରେ ଅର୍ଜୁନଙ୍କର ସଖା ଓ ସାରଥୀ ଭାବରେ ତଥା ଶିକ୍ଷାଗୁରୁ ରୂପେ ଓ ଯୁଧିଷ୍ଠିରଙ୍କର ମନ୍ତ୍ରୀ, କୁନ୍ତୀଙ୍କ ଭ୍ରାତୃପୁତ୍ର, ଭୀଷ୍ମଙ୍କର ଭଗବାନ, ଦ୍ରୌପଦୀଙ୍କର ଲଜ୍ଜାନିବାରକ, ତ୍ରାଣକର୍ତ୍ତା, ଦ୍ୱାରକାରେ ଦ୍ୱାରକାଧୀଶ ଓ ରୁକ୍ମିଣୀଙ୍କ ସ୍ୱାମୀ ରୂପେ ଏପରି ବିଭିନ୍ନ ସମୟରେ ବିଭିନ୍ନ ଭାବରେ ଲୀଳାଖେଳା କରିଯାଇଛନ୍ତି । ତାଙ୍କର କୌଣସି ଭାବ ସହିତ ଅନ୍ୟ ଭାବର ତାରତମ୍ୟ ନାହିଁ । କୁରୁକ୍ଷେତ୍ରରେ ସୁଦର୍ଶନ ଚକ୍ରଧାରୀ ଯୋଦ୍ଧା, ଉକ୍ତ ଲୀଳାରେ ମୁରଲୀଧାରୀ ଗୋପୀମାନଙ୍କ ମନମୋହନ କୃଷ୍ଣଚନ୍ଦ୍ର,ମଥୁରାରେ ଅତ୍ୟାଚାରୀ, ଦୁରାଚାରୀ କଂସ ମାମୁଁଙ୍କୁ ନିଧନ କରି କଂସଙ୍କ ପିତା ଉଗ୍ରେସନଙ୍କୁ ବନ୍ଦୀ ଗୃହରୁ ମୁକ୍ତ କରି ମଥୁରାର ରାଜସିଂହାସନରେ ଅଧିଷ୍ଠିତ କରିଥିଲେ ଓ ନିଜ ଜନ୍ମଦାତା ପିତା ବସୁଦେବ ଓ ମାତା ଦେବକୀଙ୍କୁ ବନ୍ଦୀ ଗୃହରୁ ମୁକ୍ତ କରିଥିଲେ । ପରିଶେଷରେ କୁରୁକ୍ଷେତ୍ର ମହାଭାରତ ଯୁଦ୍ଧରେ ପ୍ରପନ୍ନ ଶିଷ୍ୟ ଅର୍ଜୁନଙ୍କୁ ବିଶ୍ୱରୂପ ଦର୍ଶନ କରାଇ କହିଥିଲେ, ଅର୍ଜୁନ ମୁଁ ତୋତେ ଜ୍ଞାନ, ଭକ୍ତି, କର୍ମ ସବୁମତେ ଶିକ୍ଷା ଦେଲି । ବର୍ତ୍ତମାନ ତୁ ସମସ୍ତ ଧର୍ମ ତ୍ୟାଗକରି କେବଳ ମୋର ଶରଣାଗତ ହୁଅ, ମୁଁ ତୋତେ ସମସ୍ତ ପାପରୁ ମୁକ୍ତ କରିଦେବି । ଭଗବାନ୍ ଶ୍ରୀକୃଷ୍ଣ ଗୀତାରେ ଅର୍ଜୁନଙ୍କୁ ଶିକ୍ଷା ଦେବାବେଳେ ସେ ଜଗତ୍‌ଗୁରୁ ଭାବରେ ପ୍ରତିଷ୍ଠିତ ଥାଇ ଶିକ୍ଷା ଦେଇଥିଲେ ।

ଠିକ୍ ସେହିପରି ଆମର ଠାକୁର ଶ୍ରୀଶ୍ରୀନିଗମାନନ୍ଦ ସରସ୍ୱତୀ ଦେବ ମଧ୍ୟ ତାଙ୍କର ଜୀବନକାଳ ମଧ୍ୟରେ ଶ୍ରୀକୃଷ୍ଣଙ୍କ ପରି ନାନା ଭାବରେ ଭକ୍ତ ଶିଷ୍ୟମାନଙ୍କ ସହିତ ଲୀଳାଖେଳା କରିଛନ୍ତି ।

ପ୍ରଥମ ହେଲା ଶ୍ରୀଶ୍ରୀଠାକୁର ହେଉଛନ୍ତି ଭକ୍ତମାନଙ୍କ ଆତ୍ମାରାମ, ଦ୍ୱିତୀୟରେ ଶ୍ରୀଶ୍ରୀଠାକୁର ହେଉଛନ୍ତି ଅନନ୍ତ ଶ୍ରୀବିମଣ୍ଡିତ ଗୁରୁ । ଭକ୍ତମାନଙ୍କର ପ୍ରାଣର ଧନ, ତୃତୀୟରେ ସେ ହେଲେ ଭକ୍ତମାନଙ୍କର ମଥାର ମଣି ।

ଶ୍ରୀଶ୍ରୀଠାକୁରଙ୍କର କୌଣସି ମୂର୍ତ୍ତି ସହିତ ତାଙ୍କର ଅନ୍ୟ ମୂର୍ତ୍ତିର ଭାବର ତାଳମେଳ ନାହିଁ ଅର୍ଥାତ ଶ୍ରୀଶ୍ରୀଠାକୁରଙ୍କର ତାନ୍ତ୍ରିକ ଗୁରୁ, ଯୋଗୀଗୁରୁ, ଜ୍ଞାନୀଗୁରୁ ଓ ପ୍ରେମିକଗୁରୁ, ଏପରି ତାଙ୍କର ସମସ୍ତ ବିଗ୍ରହ ସମ୍ମୁଖରେ ରଖି ନିରାଭରଣ କଲେ ଦେଖିବାକୁ ପାଇବେ ତାଙ୍କର କୌଣସି ବିଗ୍ରହ ସହିତ ଅନ୍ୟ ବିଗ୍ରହର ସାମଞ୍ଜସ୍ୟ ନାହିଁ । ଏହା ହେଲା ତାଙ୍କର ଏକ ବୈଶିଷ୍ଟ୍ୟ । କେହି କହିପାରିବେ ନାହିଁ ଯେ ସେହି ବିଗ୍ରହଗୁଡ଼ିକ ଜଣେ ମହାପୁରୁଷଙ୍କର ହୋଇଥିବ । ଶ୍ରୀଶ୍ରୀଠାକୁରଙ୍କର ବିଭିନ୍ନ ମୂର୍ତ୍ତିକୁ ଅଲଗା ଅଲଗା ଭାବେ ଦେଖିଲେ ମନ ମଧ୍ୟରେ ବିଭିନ୍ନ ଭାବ ଜାଗରିତ ହୋଇଥାଏ । ଭାରତରେ ଆଉ ଅନ୍ୟ କୌଣସି ମହାପୁରୁଷଙ୍କର ଛବି ବା ମୂର୍ତ୍ତିରେ ଏପରି ଭାବର ତାରତମ୍ୟ ଦେଖିବାକୁ ମିଳେନାହିଁ । ଶ୍ରୀଶ୍ରୀଠାକୁରଙ୍କ ସମ୍ମିଳନୀ ବିଗ୍ରହ ଅର୍ଥାତ କମ୍ବଳ ଘୋଡ଼େଇ ହୋଇ ବସିଥିବା ବିଗ୍ରହକୁ ଦେଖିଲେ ଯେ କେହି ଅନୁମାନ କଲେ ଜାଣିବାକୁ ପାଇବେ ସେ ବିଗ୍ରହ ହେଉଛି ସତେ ଯେପରି ମହାତ୍ମା ଯୀଶୁଖ୍ରୀଷ୍ଟଙ୍କର । କଥା ହେଲା, ଶ୍ରୀଶ୍ରୀଠାକୁରଙ୍କର ବିଭିନ୍ନ ଭାବ ଓ ରୂପକୁ ଅନୁଭବ କରିବାକୁ ହେଲେ, ପ୍ରଥମେ ଶ୍ରୀଶ୍ରୀଠାକୁରଙ୍କର ଶ୍ରୀ ବିଗ୍ରହଙ୍କୁ ଜୀବନ୍ତ ଭାବିବାକୁ ହେବ, ମନେ କରିବାକୁ ହେବ ଯେ ସେ ଗୃହ ଆସନରେ ବା ସିଂଘାସନରେ ଶ୍ରୀମୂର୍ତ୍ତି ରୂପେ 'ଅଛନ୍ତି' ବୋଲି ନ ଭାବି ସେ ସ୍ୱୟଂ ସ୍ଥୂଳଦେହରେ ସମାସୀନ ବୋଲି ଚିନ୍ତା କରିବାକୁ ହେବ । ଶ୍ରୀଶ୍ରୀଠାକୁରଙ୍କ ବିଗ୍ରହ ଦେଖି ଅନେକ ଭକ୍ତ ତାଙ୍କ ପ୍ରତି ଆକର୍ଷିତ ହୋଇ ତାଙ୍କୁ ଗୁରୁ ରୂପେ ବରଣ କରିଛନ୍ତି । ଏହା ମଧ୍ୟ ତାଙ୍କର ଏକ ବୈଶିଷ୍ଟ୍ୟ । ଗୃହ ଆସନରେ ଶ୍ରୀଶ୍ରୀଠାକୁର ଅଛନ୍ତି ଗୃହର କର୍ତ୍ତା ଓ ଗୁରୁ ଭାବରେ । ସେ ପୂଜ୍ୟପୂଜକ, ସେବ୍ୟ ସେବକ ସମ୍ବନ୍ଧ ଏବଂ ଆମେ ଭାବିବା

ଯେ 'ତୁମେ ପ୍ରଭୁ, ମୁଁ ସେବକ, ଆପଣଙ୍କର ଦାସାନୁଦାସ । ମୁଁ ଯଦି ଆପଣଙ୍କର ସେବା ନକରିବି ତେବେ ସେବା ଆଉ କିଏ କରିବ ? ଭାବ ନେଇ ସେବା କରିବାକୁ ହେବ । ଶ୍ରୀଶ୍ରୀଠାକୁରଙ୍କର ସେବା ପୂଜା ପଞ୍ଚ ଉପଚାରରେ ନିର୍ବାହ କରିବାକୁ ହେବ । ପ୍ରଭାତରେ ତାଙ୍କୁ ଜାଗରିତ କରି ତାଙ୍କୁ ସମ୍ବାହନ କରି ନାସାପାନ ନିବେଦନ ପରେ ସ୍ନାନାଦି ସମାପନାନ୍ତେ ପ୍ରାତଃରେ ବାଲ୍ୟଭୋଗ ନିବେଦନ ପରେ ଗୁରୁବନ୍ଦନା, ପ୍ରାର୍ଥନାନ୍ତେ ମଧ୍ୟାହ୍ନରେ ନିଜ କ୍ଷମତା ଅନୁସାରେ ଭୋଗରାଗ ନିବେଦନ କରିବାକୁ ହେବ । ପୁଣି ବିଶ୍ରାମ ପରେ ସନ୍ଧ୍ୟାରେ ବିଧି ଅନୁସାରେ ସେବାପୂଜା କରିବା ପ୍ରାର୍ଥନା, ପରପୂଜା ପାଇଁ ନିମନ୍ତ୍ରଣ, ତ୍ରୁଟି ବିଚ୍ୟୁତି ପାଇଁ କ୍ଷମାଭିକ୍ଷା, ଏତିକି କରିପାରିଲେ ଗୁରୁକୃପା ଅନୁଭବ କରିପାରିବା । ପ୍ରପନ୍ନ ଶିଷ୍ୟ ଅର୍ଜୁନ ଯେପରି ଜଗଦଗୁରୁ ଭଗବାନ ଶ୍ରୀକୃଷ୍ଣଙ୍କଠାରେ ନିଜକୁ ସମର୍ପଣ କରି କହିଥିଲେ–

କାର୍ପଣ୍ୟ ଦୋଷପ ହତ ସ୍ୱଭାବଃ
ପୃଚ୍ଛାମି ତ୍ୱାଂ ଧର୍ମ ସଂମୁଢ଼ଚେତାଃ
ସତ୍‌ଶ୍ରେୟଃ ସ୍ୟାନ୍ନିଶ୍ଚିତଂ ବ୍ରୁହି ତନ୍ମେ
ଶିଷ୍ୟସ୍ତେ ଅହଂ ଶାଧି ମାଂ ତ୍ୱାଂ ପ୍ରପନ୍ନମ – ଗୀତା ୨/୭

ଅର୍ଥାତ୍ ଅର୍ଜ୍ଜୁନ ଭଗବାନଙ୍କୁ ପଚାରୁଛନ୍ତି ପ୍ରଭୁ, ମୁଁ ଭବ କୁଳକ୍ଷୟଜନିତ ଦୋଷ ଦ୍ୱାରା ସ୍ୱାଭାବିକ ଗୁଣ ନଷ୍ଟ ଓ ଅନୁକରଣ ଧର୍ମ ବିଷୟରେ ସନ୍ଦେହଯୁକ୍ତ ହେବାରୁ ଆପଣଙ୍କୁ ପଚାରୁଛି ଯେ ଯାହା ମୋ ପକ୍ଷରେ ହିତ ହେବ ତାହା ନିଶ୍ଚୟ କରି ମୋତେ କହିବା ହୁଅନ୍ତୁ । ମୁଁ ଆପଣଙ୍କର ପ୍ରପନ୍ନ ଶିଷ୍ୟ ଓ ଶରଣାପନ୍ନ ମୋତେ ଉପଦେଶ ପ୍ରଦାନ କରନ୍ତୁ ।

ଭଗବାନ ଅର୍ଜ୍ଜୁନଙ୍କୁ କହିଛନ୍ତି–

ତଦ୍‌ବିଦ୍ଧି ପ୍ରଣିପାତେନ ପରିପ୍ରଶ୍ନେନ ସେବୟା
ଉପଦେକ୍ଷନ୍ତି ତେ ଜ୍ଞାନଂ ଜ୍ଞାନିନଃ ତତ୍ତ୍ୱଦର୍ଶିନଃ । ଗୀତା ୪/୩

ତୁମେ ତତ୍ତ୍ୱଦର୍ଶୀ ଜ୍ଞାନୀମାନଙ୍କ ନିକଟକୁ ଯାଇ ସେହି ଜ୍ଞାନକୁ ବୁଝ । ସେମାନଙ୍କୁ ବିନୟପୂର୍ବକ ଦଣ୍ଡବତ୍ ପରଣାମ କରି ତାଙ୍କର ସେବା କର ଏବଂ ହୃଦୟରୁ କପଟ ଭାବ ତ୍ୟାଗ କରି ସରଳତା ପୂର୍ବକ ପ୍ରଶ୍ନ କଲେ ସେମାନେ ତୁମକୁ ପରମାତ୍ମତତ୍ତ୍ୱ ପ୍ରଦାନ କରିବେ ।

ଠିକ୍ ସେହିପରି ଆମେ ପ୍ରତ୍ୟହ ଶ୍ରୀଶ୍ରୀଠାକୁରଙ୍କର ଅସ୍ତିତ୍ୱରେ ବିଶ୍ୱାସ ପୂର୍ବକ ଦେହାତ୍ମବୁଦ୍ଧି ତ୍ୟାଗକରି ମନରୁ ସନ୍ଦେହ ଓ ସଂଶୟ ତ୍ୟାଗ କରି ଗୃହାସନରେ ବିଧିପୂର୍ବକ ପ୍ରତ୍ୟେହ ଦୁଇଓଳି ତାଙ୍କ ସେବାପୂଜା କଲେ ସେ ଆମକୁ ଆତ୍ମଜ୍ଞାନ ପ୍ରଦାନ କରିବେ । ତେଣୁ ଆମକୁ ତାଙ୍କ ପାଦପଦ୍ମରେ ସମ୍ପୂର୍ଣ୍ଣଭାବରେ ସମର୍ପଣ କରିବାକୁ ହେବ । ବିଶ୍ୱାସ ଆତ୍ମଗଠନର ଉପାଦାନ ।

ଆମେ ଗୃହ ଆସନରେ ଶ୍ରୀଶ୍ରୀଠାକୁରଙ୍କୁ ଆପଣା ମନେ କରି ତାଙ୍କୁ ସୁଖ ପାଇଁ ବିଧିପୂର୍ବକ ତାଙ୍କର ସେବାପୂଜା କଲେ ଆମେ ଯେଉଁ ପ୍ରାର୍ଥନା କରୁଛୁ 'ତ୍ୱମେବ ମାତା ଚ ପିତା ତ୍ୱମେବ' ତେବେ ପ୍ରାର୍ଥନା ଫଳବତୀ ହେବ । ଗୃହ ଆସନରେ ଶ୍ରଦ୍ଧା, ନିଷ୍ଠା ଓ ବିଶ୍ୱାସ ସହିତ ସେବା କରିବା ହେଉଛି 'ଆତ୍ମକୃପା' । ତେବେ ଭଗବତ କୃପା ଲାଭ ହେଲେ ସଂଘରେ ଯୋଗଦେବା ପାଇଁ ଆଗ୍ରହ ହେବ । ଏଣୁ ଗୃହ ଆସନ ହେଉଛି ବ୍ୟକ୍ତି ସାଧନପାଇଁ ଉଦ୍ଦିଷ୍ଟ । ବ୍ୟକ୍ତି ସାଧନାରେ ସାଫଲ୍ୟ ଲାଭ ହେଲେ ତାହା ସମଷ୍ଟି ସାଧନା ପାଇଁ ସାହାଯ୍ୟ କରିଥାଏ ।

ବର୍ତ୍ତମାନ ସଂଘ ସାଧନାରେ ଆମେ କେଉଁ ଭାବରେ ଶ୍ରୀଶ୍ରୀଠାକୁରଙ୍କୁ ଉପଲବ୍ଧି କରିପାରିବା ତାହା ଜାଣିବା ପାଇଁ ଚେଷ୍ଟା କରିବା । ସଂଘାଧିବେଶନର ସାତଦିନ ପୂର୍ବରୁ ଆମେ ଶ୍ରୀଶ୍ରୀଠାକୁରଙ୍କୁ ତଥା ତାଙ୍କ ଅନ୍ତରଙ୍ଗ ଭକ୍ତମାନଙ୍କୁ ନିମନ୍ତ୍ରଣ ଜଣାଉଥାଉ । ଶ୍ରୀଶ୍ରୀଠାକୁର ସଦାବେଳେ ଆମର ହୃଦୟାସନରେ ଅଧିଷ୍ଠିତ । ଏଣୁ ଆମେ ଶ୍ରୀଶ୍ରୀଠାକୁରଙ୍କୁ ସଂଘାସନରେ ବିଜେ କରିବା ପୂର୍ବରୁ ତାଙ୍କୁ ପ୍ରତୀକ୍ଷା ଗାନଦ୍ୱାରା ପ୍ରତୀକ୍ଷା ଜଣାଇଥାଉଁ । ପ୍ରଭୁ ଆପଣ ଦୟା ପୂର୍ବକ ସଂଘାସନକୁ ବିଜେ କରନ୍ତୁ । ଶ୍ରୀଶ୍ରୀଠାକୁର ସଂଘାସନରେ ବିଜେ କଲାମାତ୍ରେ ଆମେ ସମସ୍ତ ଭକ୍ତବୃନ୍ଦ ମିଳିତ ହୋଇ ତାଙ୍କର ଶ୍ରୀଚରଣରେ ଆଉଜି ନିବେଦନ କରି ତାଙ୍କ ବନ୍ଦନା ପ୍ରାର୍ଥନା

କଲେ ତାଙ୍କୁ ଖୁସି କଲେ ସେ ଗୁରୁ ଆସନରେ ପ୍ରତିଷ୍ଠିତ ଥାଇ ଉକ୍ତ ସେବକମାନଙ୍କୁ ଆତ୍ମଜ୍ଞାନ ପ୍ରଦାନ କରିଥାନ୍ତି । ଏଣୁ ସଂଘକୁ କୁହାଯାଏ 'ବ୍ରହ୍ମଜ୍ଞାନ ଗବେଷଣା କେନ୍ଦ୍ର', ତେଣୁ ସଂଘାସନରେ ଶ୍ରୀଶ୍ରୀଠାକୁର ହେଉଛନ୍ତି ପ୍ରଧାନ ଆଚାର୍ଯ୍ୟ ବା ବ୍ରହ୍ମବିଦ୍ ଗୁରୁ । ଭକ୍ତଗଣ ହେଲେ ଜ୍ଞାନଲାଭେଚ୍ଛୁ, ଶିଷ୍ୟ ଅର୍ଥାତ୍ ଆମେ ସ୍ୱରୂପ ଲାଭ ପାଇଁ ଆଗ୍ରହୀ ମୁମୁର୍ଷୁ ଋଷିଯୁଗର ଛାତ୍ରଛାତ୍ରୀ, ତେଣୁ ଆଗ୍ରହ ଥିଲେ ଅର୍ଥାତ୍ ଆତ୍ମକୃପା ହେଲେ ଭଗବତ କୃପା ହୁଏ । ଶେଷରେ ଗୁରୁ କୃପା କରିଥାନ୍ତି । କାରଣ ଗୁରୁ କାହାକୁ ଜୋର କରି ଅର୍ଥାତ ବାଧ୍ୟ କରି କୃପା କରନ୍ତିନାହିଁ । ଆଗ୍ରହ ଥିଲେ ସେ ଅନୁଗ୍ରହ କରନ୍ତି ।

ସଂଘପିତା ଶ୍ରୀଶ୍ରୀଠାକୁର ପୁରୀଠାରେ ନୀଳାଚଳ କୁଟୀରରେ ଅବସ୍ଥାନ କରୁଥିବା ସମୟରେ ନୀଳାଚଳ ସାରସ୍ୱତ ସଂଘ ପ୍ରତିଷ୍ଠା କରି ସେ ସ୍ୱୟଂ ନିଜେ ତତ୍ତ୍ୱମୂର୍ତ୍ତିରେ ନିତ୍ୟ ଲୋକର ନିତ୍ୟ ସ୍ୱରୂପରେ ଭକ୍ତମାନଙ୍କୁ ଦର୍ଶନ ଦେଇଥାନ୍ତି । ସେ ସ୍ୱୟଂ ସ୍ଥୁଳରେ ନିତ୍ୟ ବର୍ତ୍ତମାନ ଥାଇ ଅର୍ଥାତ୍ ସେ ସ୍ୱୟଂ ପରିଚାଳକଙ୍କ ମଧରେ, ଆଲୋଚକଙ୍କ ମଧ୍ୟରେ, ଶ୍ରୋତାଙ୍କ ମଧରେ ଭଗବାନ ମୂର୍ତ୍ତିରେ ବିରାଜିତ ରହି ସମସ୍ତଙ୍କୁ ଉପଦେଶ ପ୍ରଦାନ କରିବା ସଙ୍ଗେ ସଙ୍ଗେ ନିଜେ ମଧ ଆନନ୍ଦ ଲାଭ କରିଥାନ୍ତି । ସଂଘରେ ସମସ୍ତେ ଠାକୁରମୟ, ସମସ୍ତେ ଏକମନ, ଏକପ୍ରାଣ ଏହାକୁ କୁହାଯାଏ ଅଦ୍ୱୈତ ଭାବ । ସଂଘରେ ଶ୍ରୀଶ୍ରୀଠାକୁରଙ୍କ ବ୍ୟତୀତ ଅନ୍ୟ ସତ୍ତାର ଭାବନା ବା କୌଣସି ଅସ୍ତିତ୍ୱ ନାହିଁ ।

ବର୍ତ୍ତମାନ ଭକ୍ତ ସମ୍ମିଳନୀରେ ଶ୍ରୀଶ୍ରୀଠାକୁରଙ୍କ ଭାବ କିପରି ଭକ୍ତମାନେ କି ଭାବରେ ଶ୍ରୀଶ୍ରୀଠାକୁରଙ୍କୁ ଅନୁଭବ କରିଥାନ୍ତି ଆଲୋଚନା କରିବା । ପ୍ରଥମ ଦିନ ଭକ୍ତମାନେ ଶ୍ରୀଶ୍ରୀଠାକୁରଙ୍କୁ ତତ୍ତ୍ୱମୟ ଗୁରୁ ମୂର୍ତ୍ତିରେ ସମ୍ମିଳନୀ କ୍ଷେତ୍ରକୁ ଆବାହନ କରି ଶୋଭାଯାତ୍ରାରେ 'ଜୟଗୁରୁ' କୀର୍ତ୍ତନ ସହିତ ଆବାହନ କରିନେଇଥାନ୍ତି । ଦ୍ୱିତୀୟ ଦିନ ଅନ୍ତରଙ୍ଗ ସଭାରେ ଶ୍ରୀଶ୍ରୀଠାକୁର, କୁରୁକ୍ଷେତ୍ରରେ ଭଗବାନ ଶ୍ରୀକୃଷ୍ଣ ଯେପରି ଜଗଦ୍‌ଗୁରୁ ଭାବରେ ଅର୍ଜୁନଙ୍କୁ ଲୋକଶିକ୍ଷା ନିମନ୍ତେ ଶିକ୍ଷା ପ୍ରଦାନ କରିଥିଲେ, ଶ୍ରୀଶ୍ରୀଠାକୁର ସେପରି ଭକ୍ତ ସମ୍ମିଳନୀ କ୍ଷେତ୍ରରେ ଭକ୍ତମାନଙ୍କୁ ଆଚାର୍ଯ୍ୟ ଭାବରେ ସତ୍‌ଶିକ୍ଷା ପ୍ରଦାନ କରି ସନାତନ ଧର୍ମର ପ୍ରଚାର, ସତ୍‌ଶିକ୍ଷାର ବିସ୍ତାର ବିଭିନ୍ନ ପନ୍ଥା ନେଇ ଆଲୋଚନା ମାଧମରେ ଶିକ୍ଷା ପ୍ରଦାନ କରିଥାନ୍ତି । ଆନନ୍ଦସଭାରେ ଶ୍ରୀଶ୍ରୀଠାକୁର ରସିକନାଗର ରସରାଜ ଭାବରେ ଭକ୍ତମାନଙ୍କୁ ଆନନ୍ଦ ପ୍ରଦାନ କରିଥାନ୍ତି । ସେତେବେଳେ ଭକ୍ତମାନେ ନିଜ ନିଜ ଭାବ ଅନୁଯାୟୀ କିଏ ପିତା ମାତା ଭାବରେ କିଏ ବନ୍ଧୁ, ସଖା ଭାବରେ ଓ କିଏ ତାଙ୍କର ସର୍ବସ୍ୱ ଭାବରେ ଅନୁଭବ କରିଥାନ୍ତି । ତୃତୀୟ ଦିନ ଭାବ ବିନିମୟ ସଭାରେ ସେ ଭାବରାଜ୍ୟର ମହାନ୍ । ମହିଳା ସଭାରେ ଶ୍ରୀଶ୍ରୀଠାକୁରଙ୍କୁ ମା'ମାନେ ବାତ୍ସଲ୍ୟ ଭାବରେ ସେବା ନିରତ ଥାନ୍ତି । ଶ୍ରୀଶ୍ରୀଠାକୁର ମହିଳା ସଂଘାଧିବେଶନରେ ମା'ମାନଙ୍କୁ ମାତୃତ୍ୱରେ ପ୍ରତିଷ୍ଠିତ ହେବାପାଇଁ ଶିକ୍ଷା ଦେଇଛନ୍ତି । ସାଧାରଣ ସଭାରେ ଶ୍ରୀଶ୍ରୀଠାକୁର ସନାତନ ଧର୍ମର ପ୍ରଚାରକ ଋଷିଯୁଗର ପୁନଃ ପ୍ରବର୍ତ୍ତକ ଭାବରେ ସତ୍‌ଶିକ୍ଷା ପ୍ରଦାନ କରିଥାନ୍ତି ।

ମୋଟାମୋଟି ଦେଖିବାକୁ ଗଲେ ସମ୍ମିଳନୀ କ୍ଷେତ୍ର ହେଉଛି ଶ୍ରୀଶ୍ରୀଠାକୁରଙ୍କ ରାସମଞ୍ଚ କହିଲେ ଅତ୍ୟୁକ୍ତି ହେବନାହିଁ । ଏଠାରେ ଶ୍ରୀଶ୍ରୀଠାକୁର ସ୍ୱୟଂ ମଦନମୋହନ ରସିକ ଶେଖର ଚୂଡ଼ାମଣି ଓ ଭକ୍ତଗଣ ଗୋପୀ ସଦୃଶ । ସଂଘରେ ଭକ୍ତମାନଙ୍କ ଆକୁଳ ଆହ୍ୱାନରେ ଶ୍ରୀଶ୍ରୀଠାକୁର ବିରାଜମାନ କରିଥାନ୍ତି । କିନ୍ତୁ ସମ୍ମିଳନୀ କ୍ଷେତ୍ରରେ ସ୍ୱୟଂ ଶ୍ରୀଶ୍ରୀଠାକୁରଙ୍କ ଆହ୍ୱାନରେ ଭକ୍ତମାନେ ଆସିଥାନ୍ତି । ସମ୍ମିଳନୀ କ୍ଷେତ୍ର ଭଗବାନ ଓ ଭକ୍ତଙ୍କ ମିଳନ କ୍ଷେତ୍ର ରୂପେ ପରିଣତ ହୋଇଥାଏ ।

ଗୃହର ଠାକୁର, ସଂଘର ଠାକୁର ଓ ସମ୍ମିଳନୀର ଠାକୁର ସମ୍ପୂର୍ଣ୍ଣ ପୃଥକ୍ ଭାବ । ସମ୍ମିଳନୀ କ୍ଷେତ୍ରରେ ଭାବଘନ ମୂର୍ତ୍ତି ଶ୍ରୀ ଶ୍ରୀଠାକୁର ଭାବଗ୍ରାହୀ ଜନାର୍ଦ୍ଦନ । ସେ ଏକାଧାରରେ ଜଣେ ବିପ୍ଳବୀ ଗୁରୁ, ସଂସ୍କାରକ, ନାଟ୍ୟକାର, ସମାଜରେ ଦୁର୍ନୀତିର ବିଦ୍ରୋହୀ, ନଳୀନୀକାନ୍ତ, ପତ୍ନୀ ପ୍ରେମିକ ନଳିନୀକାନ୍ତ, ସେ ଜଣେ ଡାକ୍ତର, ଗୁରୁ ସଚ୍ଚିଦାନନ୍ଦଙ୍କ ସ୍ଥୁଳରୋଗ ନିରାକରଣ ସକାଶେ ପାପକୁ ଭୟ ନ କରି ଯୋଗବଳରେ ନିଜ ପାଦକୁ ଗୁରୁଙ୍କ ଶରୀରରେ ସ୍ଥାପନ କରି ତାଙ୍କର ସ୍ଥୂଳ ରୋଗ ଭଲ କରି ଶିଷ୍ୟତ୍ୱର ପରାକାଷ୍ଠା ଦେଖାଇଥିଲେ । ଶ୍ରୀଶ୍ରୀଠାକୁରଙ୍କ ଭାବ ବୁଝିବାକୁ ହେଲେ ଦରକାର ଆକୁଳ ବ୍ୟାକୁଳତାର ସହିତ ତାଙ୍କୁ ଭଲପାଇବା । ଶ୍ରୀଶ୍ରୀଠାକୁର ହେଉଛନ୍ତି ଭାବଗ୍ରାହୀ ଜନାର୍ଦ୍ଦନ, ଭକ୍ତଙ୍କ ଭାବ ଅନୁଯାୟୀ ସେ ଦେଖାଦେଇଥାନ୍ତି । ସଂଘରେ ସେ ହେଉଛନ୍ତି କଳ୍ପତରୁ, ସମ୍ମିଳନୀରେ କରୁଣାର ସିନ୍ଧୁ । ଭୈରବୀ ମା' ଶ୍ରୀଶ୍ରୀଠାକୁରଙ୍କ ଶିଷ୍ୟା ଯୋଗମାୟାଙ୍କୁ ଥରେ ମହାଷ୍ଟମୀ ଦିନ କେତେଜଣ ସନ୍ନ୍ୟାସୀମାନଙ୍କ ଚରଣରେ ଆରତି ନିବେଦନ କରୁଥାନ୍ତି ଓ ମା ସେମାନଙ୍କୁ ନିର୍ମାଲ୍ୟ (ପ୍ରସାଦ) ବଣ୍ଟନ କରୁଥାନ୍ତି, ହଠାତ୍ ଶ୍ରୀଶ୍ରୀଠାକୁର ମା'ଙ୍କଠାକୁ ହାତ ବଢ଼ାଇ ନିର୍ମାଲ୍ୟ ଗ୍ରହଣ କରିଥିଲେ ଏହାକୁ କହନ୍ତି ଠାକୁରଙ୍କ ମହାଭାବ । ଶ୍ରୀଶ୍ରୀଠାକୁର ସଦାବେଳେ ଗୁରୁଭାବରେ ପ୍ରତିଷ୍ଠିତ

ରହିଥାନ୍ତି ଓ କହୁଥାନ୍ତି 'ମୁଁ ଗୁରୁଭାବ ନେଇ ନିର୍ବିକଳ୍ପରୁ ବ୍ୟୁଥିତ ହୋଇ ଜଗଦ୍‌ଗୁରୁଙ୍କ ଇଚ୍ଛାରେ ଜଗତହିତ ପାଇଁ ଆସିଅଛି । ଶ୍ରୀଶ୍ରୀଠାକୁରଙ୍କର ଭାବକୁ ଜାଣିବାକୁ ହେଲେ ପ୍ରଥମେ ନିଜକୁ ସତଶିଷ୍ୟ ଭାବରେ ସାଧନା କରିବାକୁ ହେବ ।

ଶ୍ରୀଶ୍ରୀଠାକୁର ସାଧନା କରି ଏତେ ଶକ୍ତି ଆହରଣ କରିପାରିଥିଲେ ଯେ ନିଜ ଶକ୍ତି ମାଧ୍ୟମରେ ସେ ଥରେ ଗୁରୁଭାବକୁ ଆବୃତ କରି ତତ୍ତ୍ୱମୟ ମହାନ ମନୁଷ୍ୟ ଭାବରେ ରହି ବିଭିନ୍ନ ଭାବର ଲୋକମାନଙ୍କୁ ଉପଦେଶ ପ୍ରଦାନ କରୁଥିଲେ । ତାଙ୍କର ସେହି ପରିବର୍ତ୍ତନ ଲକ୍ଷ୍ୟ କରି ଅନେକ ଭକ୍ତଙ୍କର ମନ ସଂଶୟରେ ଉଦ୍‌ବେଳିତ ହୋଇଥିଲା ।

ଶ୍ରୀଶ୍ରୀଠାକୁର କହିଛନ୍ତି ଗୀତାର ଶ୍ରୋତା ଅର୍ଜ୍ଜୁନଙ୍କଠାରୁ ଆରମ୍ଭ କରି ବର୍ତ୍ତମାନ ଯୁଗର ବିବେକାନନ୍ଦ ମଧ୍ୟ ଏହି ସଂଶୟ, ସନ୍ଦେହର ଦାସ ହୋଇଥିଲେ, ଶ୍ରୀଶ୍ରୀଠାକୁର ସେହି ଭାବକୁ ଦେଖି ତାଙ୍କର ଅନ୍ତରଙ୍ଗ ଶିଷ୍ୟମାନେ ମଧ୍ୟ ତାଙ୍କର ଦୁର୍ବୋଧ ସ୍ୱରୂପକୁ ବୁଝିପାରି ନ ଥିଲେ । ଶ୍ରୀଶ୍ରୀଠାକୁର ପୁରୀ ନୀଳାଚଳ କୁଟୀରରେ ଥିବା ସମୟରେ ରାଜପରିବାରଭୁକ୍ତ ନବୀନ ଯୁବକଙ୍କ ପରି ତାଙ୍କର ବେଶଭୂଷା ଦେଖି ଯେଉଁମାନେ ଠାକୁରଙ୍କୁ ତତ୍ତ୍ୱତଃ ଚିହ୍ନିପାରିଥିଲେ, ଶ୍ରଦ୍ଧା ସହିତ ତାଙ୍କର ଚରଣାଶ୍ରିତ ହୋଇ ତାଙ୍କଠାରୁ ଆଦେଶ ଉପଦେଶ ପାଇଁ ପ୍ରାର୍ଥୀ ହେଉଥିଲେ । ତାଙ୍କର ଏପରି ଗୋଟିଏ ଆକର୍ଷଣା ଶକ୍ତି ଥିଲା ଯେ ଶ୍ରୀଶ୍ରୀଠାକୁର ପ୍ରତିଜ୍ଞା କରିଥିଲେ ଯେ ସେ କୌଣସି ବିଭୂତି ଦେଖାଇ ଶିଷ୍ୟମାନଙ୍କୁ ଆକର୍ଷଣ କରି ଆଣିବେ ନାହିଁ । କିନ୍ତୁ ପ୍ରକୃତ ଭକ୍ତ ଶ୍ରୀଶ୍ରୀଠାକୁରଙ୍କ ବିଗ୍ରହ ଦର୍ଶନ କରି, ତାଙ୍କର ପୁସ୍ତକ ପାଠକରି ସ୍ୱତଃ ସିଦ୍ଧ ଭାବରେ ଶ୍ରୀଶ୍ରୀଠାକୁରଙ୍କୁ ଗୁରୁ ରୂପେ ବରଣ କରି ତାଙ୍କର ପଦାଶ୍ରୟ ଗ୍ରହଣ କରି ନିଜ ନିଜକୁ ଧନ୍ୟ ମଣୁଛନ୍ତି । ପ୍ରଥମେ ନିଜ ଜୀବନରେ ଶ୍ରୀଗୁରୁ ଭଗବାନଙ୍କର ପ୍ରୟୋଜନୀୟତା ଉପଲବ୍ଧି କରି ଆକୁଳ ବ୍ୟାକୁଳ ଭାବରେ ତାଙ୍କର ଆଦେଶ ଉପଦେଶ ଅନୁସାରେ ସାଧନ କଲେ ଗୁରୁକୃପା ପ୍ରାପ୍ତ ହେବ । ଭଗବାନ ଜଗଦ୍‌ଗୁରୁ ଭାବରେ ଶ୍ରୀମଦ ଭାଗବତ ଗୀତାର ନବମ ଅଧ୍ୟାୟ ୩୦ ଶ୍ଳୋକରେ କହିଛନ୍ତି–

'ଅପି ଚେତ୍ ସୁଦୁରରେ ଭବତେ ମାମନ୍ୟ ଭାବ୍
ସାଧୁରେବ ସମନ୍ତବ୍ୟଃ ସମ୍ୟକ୍ ବ୍ୟବସିତେ । ହିସଃ'

ଭଗବାନ ଶ୍ରୀକୃଷ୍ଣ ଅର୍ଜ୍ଜୁନକୁ ଗୀତାରେ କହିଛନ୍ତି ଯଦି କୌଣସି ଅତିଶୟ ଦୁରାଚାରୀ ମଧ୍ୟ ଅନନ୍ୟଭାବରେ ମୋର ଭକ୍ତ ହୋଇ ମୋର ଭଜନ କରନ୍ତି, ତେବେ ସେ ବି ସାଧୁ ବୋଲି ବିବେଚିତ ହେବେ।

ଶ୍ରୀଶ୍ରୀଠାକୁର ମଧ୍ୟ କାମାକ୍ଷାରେ ନିର୍ବିକଳ୍ପ ସମାଧିରୁ 'ମୁଁ ଗୁରୁ' ଏହି ଭାବରେ ପ୍ରତିଷ୍ଠିତ ହୋଇ ଫେରି ଆସି କହିଛନ୍ତି–ହେ ତୃଷିତ, ତାପିତ, ଅଜ୍ଞାନ ଅନ୍ଧ ମାନବ କୁଳ ଯେ ଯେଉଁଠାରେ ଅଛ ଆସ, ମୁଁ ପ୍ରତିଜ୍ଞା କରୁଛି, ତୁମମାନଙ୍କୁ କିଛି କରିବାକୁ ହେବନାହିଁ, ତୁମର ସବୁ ହେବ । ମୁଁ ତୁମର ପ୍ରାଣର ଠାକୁର ସାଧାରଣ ମନୁଷ୍ୟ ଭାବରେ ମୋତେ ଟିକିଏ ଭଲପାଅ, ମୁଁ ଜଗତହିତକର କାର୍ଯ୍ୟ କଅଣ କଣ ମୁଁ ତୁମକୁ ତାର ସୂଚନା ଦେଇଅଛି । ମୋର ପ୍ରାଣ ସହିତ ତୁମର ପ୍ରାଣ ମିଳାଇ ମୋର ପ୍ରଦତ୍ତ ବ୍ରତ ଉଦ୍‌ଯାପନରେ ବ୍ରତୀ ହୁଅ । ତେବେ ତୁମର ସବୁ ହେବ, ତୁମେ ସବୁ ପାଇବ, ଅନ୍ୟ ସାଧନଭଜନର ପ୍ରୟୋଜନ ନାହିଁ । ହୃଦୟରେ ଭକ୍ତ ପ୍ରାଣରେ ପ୍ରେମର ଉନ୍ମାଦନା ଜାଗି ଉଠିବ । ତୁମର ଜୀବନ ଧନ୍ୟ ହେବ । ତୁମେମାନେ ମୋର କୃପା ଉପରେ ନିର୍ଭର କର, ମୁଁ ଯେ ତୁମମାନଙ୍କର ମଙ୍ଗଳ ଚିନ୍ତକ ଗୁରୁ, ତୁମେମାନେ ମୋର ଶରଣାଗତ ହେଲେ ମୁଁ ପ୍ରତିଜ୍ଞା କରି କହୁଛି ତୁମେମାନେ ନିଶ୍ଚୟ ମୋର କୃପାପ୍ରାପ୍ତ ହେବ । ତୁମ୍ଭମାନଙ୍କୁ ମୁକ୍ତି ପ୍ରଦାନ ପାଇଁ ମୁଁ ଗୁରୁରୂପେ ଆସିଅଛି । ମୁଁ କେବଳ ଏତିକି ବିଶ୍ୱାସ ଥିବା ଆବଶ୍ୟକ ।

(ଦେହରକ୍ଷାର ଅବ୍ୟବହିତ ପୂର୍ବରୁ ପ୍ରେରିତ)

ଶ୍ରୀଶ୍ରୀଠାକୁର ଚରଣାଶ୍ରିତ
**ଶ୍ରୀ କୃଷ୍ଣଚନ୍ଦ୍ର ପଣ୍ଡା**
ବୁର୍ଲା ଶାଖାସଂଘ

◆◆◆

# ମହାଭାରତର ଶ୍ରେଷ୍ଠ ପୁରୁଷ

ମହାଭାରତ ଯୁଦ୍ଧରେ ଗଙ୍ଗାପୁତ୍ର ଭୀଷ୍ମ ନିଜର ସବୁଠାରୁ ପ୍ରିୟ ନାତି ମଧ୍ୟମ-ପାଣ୍ଡବ ବୀର ଅର୍ଜୁନଙ୍କ ହସ୍ତରେ ପରାଜିତ ହୋଇ କୁରୁକ୍ଷେତ୍ରରେ ଅର୍ଜୁନଙ୍କ ଶରଶଯ୍ୟାରେ ଶାୟିତ । ଯେଉଁ ଅର୍ଜୁନ ଯୁଦ୍ଧକ୍ଷେତ୍ରରେ ଉପସ୍ଥିତ ହୋଇ ସମ୍ମୁଖରେ ପିତାମହ, ଗୁରୁ, ଗୁରୁଜନ ଓ ଆତ୍ମୀୟମାନଙ୍କୁ ଦେଖି ମୋହଗ୍ରସ୍ତ ହୋଇ 'ମୁଁ ଯୁଦ୍ଧ କରିବି ନାହିଁ' କହି ବସିପଡ଼ିଥିଲେ, ଜଗତ୍‌ର କଲ୍ୟାଣ ଉଦ୍ଦେଶ୍ୟରେ ଓ ଧର୍ମରକ୍ଷା ପାଇଁ ଭଗବାନ ଶ୍ରୀକୃଷ୍ଣ ତାଙ୍କୁ ଗୀତାମୃତ ପାନ କରାଇ ତାଙ୍କର ଅଜ୍ଞାତ ନାଶ କରି ଯୁଦ୍ଧରେ ପ୍ରବୃତ୍ତ କରାଇଥିଲେ, ସେ ନିଜର ଅତି ପ୍ରିୟ ପିତାମହଙ୍କ ଉପରକୁ ଶର ନିକ୍ଷେପ କରିବାକୁ ପଶ୍ଚାତ୍‌ପଦ ହେଲେନାହିଁ । ଯେଉଁ ପରିବାର ପାଇଁ ଜିତେନ୍ଦ୍ରିୟ ଭୀଷ୍ମ ଆତ୍ମୋତ୍ସର୍ଗ କରିଥିଲେ, ସେହି ପରିବାରର ଗୃହକନ୍ଦଳରେ ନିଜ ଶେଷଦିନଗୁଡ଼ିକୁ ଗଣି ଚାଲିଛନ୍ତି କୁରୁକ୍ଷେତ୍ରର ଶରଶଯ୍ୟାରେ ।

ଶାନ୍ତନୁ ଓ ଗଙ୍ଗାଙ୍କ ଅଷ୍ଟମ ପୁତ୍ର ଦେବବ୍ରତ ପିତାଙ୍କ ଇଚ୍ଛା ଓ କାମନା ପୂରଣ କରିବା ପାଇଁ ଧିବର କନ୍ୟା ସତ୍ୟବତୀଙ୍କୁ ଆଜୀବନ ବ୍ରହ୍ମଚର୍ଯ୍ୟ ବ୍ରତ ପାଳନର ପ୍ରତୀଜ୍ଞା କରି, ଜୀବନରେ ଆଉ ବିବାହ କରିବେ ନାହିଁ ବୋଲି ସମ୍ମତି ପ୍ରଦାନ କରିଥିଲେ ଏବଂ ଆଜୀବନ ହସ୍ତିନାପୁର ସିଂହାସନକୁ ରକ୍ଷା କରିବାକୁ ପ୍ରତିଜ୍ଞା କରିଥିଲେ । ତାଙ୍କର ଏହି ବଳିଦାନ ପାଇଁ ଅନେକ ପାଶ୍ଚାତ୍ୟ ଶାସ୍ତ୍ରକାରମାନେ ଶ୍ରୀକୃଷ୍ଣଙ୍କୁ ଭଗବାନ ଭାବେ ସ୍ୱୀକାର ନ କରି ଭୀଷ୍ମଙ୍କୁ ଶ୍ରେଷ୍ଠ ପୁରୁଷ ରୂପେ ଗ୍ରହଣ କରିଥିଲେ । ଅନେକେ ଯୁଧିଷ୍ଠିରଙ୍କୁ ମଧ୍ୟ ସତ୍ୟବାନ ଓ ଶ୍ରେଷ୍ଠ ବୋଲି ପ୍ରଚାର କରିବାକୁ ଚେଷ୍ଟା କରିଛନ୍ତି । କିନ୍ତୁ ଏହି ଯୁକ୍ତିକୁ ଅନେକ ଖଣ୍ଡନ କରି କହିଥିଲେ ଭୀଷ୍ମ ସତ୍ୟପ୍ରତିଜ୍ଞା ଜିତେନ୍ଦ୍ରିୟ, ବୀର, ନ୍ୟାୟପରାୟଣ ହେଲେ ମଧ୍ୟ ଶ୍ରୀକୃଷ୍ଣଙ୍କୁ ନିଜ ଆରାଧ୍ୟ ମାନିଥିଲେ ଏବଂ ଶ୍ରୀକୃଷ୍ଣଙ୍କୁ ପ୍ରାର୍ଥନା କରିଥିଲେ ଯେ ପର୍ଯ୍ୟନ୍ତ ଦେହତ୍ୟାଗ ନ କରିଛନ୍ତି ସେ ପର୍ଯ୍ୟନ୍ତ ଶ୍ରୀକୃଷ୍ଣ ତାଙ୍କ ସମ୍ମୁଖରେ ରହିବେ । ଭୀଷ୍ମ ନିଜ ଦେହ ମନ ପ୍ରାଣ ସମର୍ପଣ କରି ତାଙ୍କର ଧ୍ୟାନ କରି କରି ଦେହତ୍ୟାଗ ପୂର୍ବକ ନିର୍ବାଣ ମୁକ୍ତିଲାଭ କଲେ । ଯଦି ଭୀଷ୍ମ ଶ୍ରେଷ୍ଠ ହୋଇଥାନ୍ତେ ତା' ହେଲେ ଶ୍ରୀକୃଷ୍ଣଙ୍କୁ କାହିଁକି ଆରାଧ୍ୟ ମାନୁଥିଲେ ? ଭୀଷ୍ମଙ୍କ ମଧ୍ୟରେ ୩/୪ଟି ଶ୍ରେଷ୍ଠ ଗୁଣ ଦେଖିବାକୁ ମିଳେ କିନ୍ତୁ ଶ୍ରୀକୃଷ୍ଣଙ୍କ କେତେ ଗୁଣ ଅଛି ତାହା ସାଧାରଣଙ୍କ କଳ୍ପନାର ବାହାରେ । ସେହି ଶ୍ରେଷ୍ଠ ପୁରୁଷ (ଭୀଷ୍ମ), କୃଷ୍ଣଙ୍କ ଗୁଣର ଇୟତ୍ତା କରିନପାରି ତାଙ୍କୁ(ଶ୍ରୀକୃଷ୍ଣ) ଆରାଧାନା କରୁଥିଲେ ।

ମହାଭାରତର ଅନ୍ୟମାନଙ୍କୁ ଦେଖାଯାଉ-ଯୁଧିଷ୍ଠିରଙ୍କ ପରି ସତ୍ୟବାଦୀ ରାଜା, ଶ୍ରୀକୃଷ୍ଣଙ୍କ ଭକ୍ତ ଓ ଅନୁଗତ ଥିଲେ, ବିଦୁରଙ୍କ ପରି ଅକପଟ, ସତ୍ୟବାନ ପୁରୁଷ ମଧ୍ୟ ଶ୍ରୀକୃଷ୍ଣଙ୍କର ଶ୍ରେଷ୍ଠ ଭକ୍ତ ଥିଲେ । ଅର୍ଜୁନଙ୍କ ପରି ବୀର ତେଜସ୍ୱୀ ପୁରୁଷ ଶ୍ରୀକୃଷ୍ଣଙ୍କୁ ସଖା ବୋଲି ସମ୍ବୋଧନ କରୁଥିଲେ । କହିବା ବାହୁଲ୍ୟ ଏ ସମସ୍ତ ବୀର, ସତ୍ୟନିଷ୍ଠ, ଜିତେନ୍ଦ୍ରିୟ, ନ୍ୟାୟପରାୟଣ ପୁରୁଷମାନେ ଶ୍ରୀକୃଷ୍ଣଙ୍କୁ ଭଗବାନ ବା ସବୁ ଗୁଣରେ ଶ୍ରେଷ୍ଠତାପୂର୍ଣ୍ଣ ମାନବ ବୋଲି ଗ୍ରହଣ କରିଥିଲେ ଏବଂ ତାଙ୍କର ଭକ୍ତ ହୋଇଥିଲେ । ଶ୍ରୀକୃଷ୍ଣଙ୍କ ଭିତରେ ସମସ୍ତ ବିଷୟ ଗୁଣ ଭାବରେ ବିକଶିତ ହୋଇଥିଲା । ଜ୍ଞାନ, କର୍ମ, ପ୍ରେମ, ଭକ୍ତି, ରାଜନୀତି, ଗ୍ରାହସ୍ଥ୍ୟ ସାମାଜିକତା, ଯୁଦ୍ଧ, ଶୌର୍ଯ୍ୟ, ଦୟା, ଦାକ୍ଷିଣ୍ୟ, ଯେକୌଣସି ବିଷୟ ହେଉନା କାହିଁକି ସବୁ କିଛି ପୂର୍ଣ୍ଣ ଭାବରେ ବିକାଶପ୍ରାପ୍ତ ହୋଇଥିଲା ।

ଏତ ଗଲା ଶ୍ରୀକୃଷ୍ଣଙ୍କ ଗୁଣର କଥା । ତାଙ୍କର ପ୍ରତ୍ୟକଟି କର୍ମ, ଉପଦେଶ ଓ ବାଣୀ ମଧ୍ୟ ଜଗତର କଲ୍ୟାଣ ଓ ଧର୍ମ ରକ୍ଷା ନିମିତ୍ତ ଥିଲା । ମହାଭାରତରେ ଦୌପଦିଙ୍କ ବସ୍ତ୍ରାକର୍ଷଣ ଉପାଖ୍ୟାନ ଉପରେ ଯାହା ମହାଭାରତ ଯୁଦ୍ଧର ଅନ୍ୟତମ କାରଣ, ପିତାମହ ଭିଷ୍ମଙ୍କ ଉପରେ ପ୍ରଶ୍ନ ଚିହ୍ନ କରିଥାଏ । ଯାହାଙ୍କ ବାଣ ଶବ୍ଦରେ ପୃଥିବୀ ପ୍ରକମ୍ପିତ ହୋଇଉଠେ ଯିଏ ଥରେ ମାତ୍ର ନିଷେଧ କରିଥିଲେ ଦୁଃଶାସନ ତ ଦୂରର କଥା ଇନ୍ଦ୍ରଚନ୍ଦ୍ର ମଧ୍ୟ ଦ୍ରୌପଦୀଙ୍କ କେଶ ସ୍ପର୍ଶ କରିପାରିନଥାନ୍ତେ, ସେହି ଭୀଷ୍ମ କୁରୁସଭାରେ ନିରବରେ ସବୁ କିଛି ଦେଖୁଥିଲେ ଅଥଚ ପ୍ରତିକାରର କୌଣସି ଚେଷ୍ଟା ମଧ୍ୟ କରିନଥିଲେ । ଏ ଉପାଖ୍ୟାନରୁ ଏହି ଶିକ୍ଷା ପାଇବା ଯେ ପୃଥିବୀର ସମସ୍ତ ଦିଗରୁ ଯଦି ତୁମକୁ ସାହାଯ୍ୟ ନମିଳେ, ସମସ୍ତେ ଯଦି ବିପକ୍ଷ ହୋଇ ବିରୁଦ୍ଧାଚରଣ କରନ୍ତି, ସେତେବେଳେ ନିଜକୁ ଅସହାୟ ମନେ ନ କରି, ବିଚଳିତ ନ ହୋଇ, ଭୟହାରୀ, ବିପଦବାରଣ ଭଗବାନଙ୍କ ପାଖରେ ଶରଣାପନ୍ନ ହୋଇ ତାଙ୍କୁ ଦେହ ମନ ପ୍ରାଣରେ ବ୍ୟାକୁଳତା ସହ ପ୍ରାର୍ଥନା କଲେ ସେ ଅବଶ୍ୟ ତୁମକୁ ବିପଦରୁ ରକ୍ଷା କରିବେ ।

ଏବେ ବୀର ଅର୍ଜୁନଙ୍କ କଥା ନିଆଯାଉ, କୁରୁକ୍ଷେତ୍ରରେ ଆତ୍ମୀୟମାନଙ୍କୁ ଦେଖି ମୋହଗ୍ରସ୍ତ ହୋଇ ଧନୁତ୍ୟାଗ ପୂର୍ବକ ରଥରେ ବସି ରହିଲେ । ଶ୍ରୀକୃଷ୍ଣ ତାଙ୍କୁ ସାଂଖ୍ୟଯୋଗ, କର୍ମଯୋଗ, ଜ୍ଞାନଯୋଗ, ଭକ୍ତିଯୋଗ ବିଷୟରେ ଉପଦେଶ ଦେଇ ମଧ୍ୟ

ଶେଷ ଅଧ୍ୟାୟରେ କହିଥିଲେ, ଈଶ୍ୱର ମାୟାଶକ୍ତି ଦ୍ୱାରା ପ୍ରାଣୀମାନଙ୍କୁ କର୍ମଚକ୍ରରେ ଭ୍ରମଣ କରାଇ ସେମାନଙ୍କ ହୃଦୟରେ ଅଧିଷ୍ଠାନ କରୁଛନ୍ତି । ସବୁ ଉପଦେଶ ପାଇ ମଧ ଅର୍ଜୁନ କିଛି ନିଷ୍ପତ୍ତି ନେଇପାରିଲେ ନାହିଁ ଦେଖି ଶ୍ରୀକୃଷ୍ଣ ତାଙ୍କୁ 'ମନ୍ମନା' ହୁଅ-ଅର୍ଥାତ୍ ମୋଠାରେ ମନ ଓ ଚିତ୍ତ ସମର୍ପଣ କର, 'ମଦଭକ୍ତ ହୁଅ' ଅର୍ଥାତ୍ ମୋର ଭକ୍ତ ହୁଅ, 'ମଦ୍ୟାଜୀ ହୁଅ' ଅର୍ଥାତ୍ ମୋତେ ପୂଜା ଓ ପ୍ରଣାମ କର ତା ହେଲେ ସେହି ଜ୍ଞାନ ଦ୍ୱାରା ମୋତେ ପାଇବ । ସକଳ ଧର୍ମ ପରିତ୍ୟାଗ କରି ମୋଠାରେ ଆତ୍ମସମର୍ପଣ କର, ମୁଁ ତୁମକୁ ସକଳ ପାପରୁ ମୁକ୍ତ କରିଦେବି, ତୁମେ କୌଣସି ଚିନ୍ତା ବା ଶୋକ କରନାହିଁ -'ମାମେକଂ ଶରଣଂ ବ୍ରଜ । ତାଙ୍କ ଉପରେ ସଂପୂର୍ଣ୍ଣ ନିର୍ଭର କରିପାରିଲେ ସର୍ବାର୍ଥ ସିଦ୍ଧ ହୋଇଥାଏ । ଏହା ଧ୍ରୁବ ସତ୍ୟ ।

ଶ୍ରୀଶ୍ରୀଠାକୁର ଅନେକ ଭକ୍ତମାନଙ୍କୁ ଅନେକ ସ୍ଥାନରେ ଏହି ବାଣୀ ଶୁଣାଇଛନ୍ତି । ସର୍ବାବସ୍ଥାରେ ମୋର ଶରଣାପନ୍ନ ହୁଅ ମୋତେ ଟିକିଏ ଭଲପାଅ ତାହାଲେ ସବୁ ପାଇବ । ଶ୍ରୀଶ୍ରୀଠାକୁରଙ୍କ ଅମୋଘ ବାଣୀ ଯାହା ଏପର୍ଯ୍ୟନ୍ତ କୌଣସି ଗୁରୁ ବା ଭଗବାନ କହିନାହାନ୍ତି-ଯେଉଁମାନେ ମୋ ଉପରେ ନିର୍ଭର କରି ବସିଛ ମୁଁ ସେମାନଙ୍କୁ ହାତ ଧରି ମୁକ୍ତିଧାମକୁ ନେଇଯିବି ।

ଶ୍ରୀଶ୍ରୀଠାକୁରଙ୍କ ଚରଣାଶ୍ରିତା
**ବନଲତା ମହାନ୍ତି ମା'**
ଆମେରିକା ସାରସ୍ୱତ ସଂଘ

◆◆◆

# ଦଶ ବରଷ ହେଲା ନିଗମ ସ୍ମୃତି ମନ୍ଦିର
# (୨୦୧୨-୨୦୨୨)

ଦଶ ବର୍ଷ ତଳେ ଏକ ଶୁଭ ଲଗନରେ
ବିଜେ କଲେ ଗୁରୁଦେବ ଆସନ ମନ୍ଦିରେ ।(୧)
ଦୂର ବିଦେଶରେ ଏହା ପୁଣ୍ୟ ତୀର୍ଥ ସ୍ଥାନ
ଏହିଠାରେ ମିଳେ ଚାରିଧାମ ଦରଶନ ।(୨)
ସବୁଜ ବନାନୀ ଘେରା ସୁନ୍ଦର ମନ୍ଦିର
ଦେଖିବାକୁ ମନ ପ୍ରାଣ ହୁଅଇ ଅଧୀର । (୩)
ଆକୁଳ ପ୍ରାର୍ଥନା ପ୍ରଭୁ କରିଲେ ପୂରଣ
ଶୁଭେ 'ଜୟଗୁରୁ' ଧ୍ୱନି ଶଙ୍ଖଘଣ୍ଟା ତାନ ।(୪)
ବ୍ରଜବାସ, ଗୁରୁସେବା, ନାମ କୀରିତନ
ସାଧୁସଂଗ, ଶାସ୍ତ୍ରପାଠ, ପଞ୍ଚାଙ୍ଗ ସାଧନ ।(୫)
ଶ୍ରବଣ, କୀର୍ତ୍ତନ, ଗୁରୁ ସ୍ମରଣ, ପଦ ସେବନ
ଅର୍ଚ୍ଚନା, ବନ୍ଦନା, ଦାସ୍ୟ ସଖ୍ୟ ଆତ୍ମନିବେଦନ ।(୬)
ନବଧା ଭକତିର ହୁଏ ଅନୁଶୀଳନ
ସଂଘସାଧନା କରିଲେ ଏ ଜୀବନ ଧନ୍ୟ ।(୭)
ସଂଘପୂଜା, କ୍ଲାସ୍ ପୂଜା, ଭକ୍ତ ସମ୍ମିଳନୀ
ବିଶେଷ ପୂଜା ଆନନ୍ଦ ନିଏ ମନ କିଣି ।(୮)
କେଡ଼େ ଭଲ ପାଅ ପ୍ରଭୁ ଦୀନ ଅଧମରେ
ସବୁ ଦେଇଅଛ ଖଞ୍ଜି ପାଶ୍ଚାତ୍ୟ ଦେଶରେ ।(୯)
ଐଶ୍ୱର୍ଯ୍ୟ ଭିତରେ ତୁମ ମାଧୁର୍ଯ୍ୟ ଦର୍ଶନ
ନିଷ୍କାମ କର୍ମ କରିଲେ ଏ ଜୀବନ ଧନ୍ୟ ।(୧୦)
ଦଶ ବରଷର କେତେ ସ୍ମୃତି ଅନୁଭୂତି
ଅକୁହା ଆବେଗଭରା ଭକତି ପ୍ରଣତି ।(୧୧)
ପରାଣର ପ୍ରିୟ ପଦେ ନେଇଛୁ ଶରଣ
ମନୋମତ କରି ଆଶା କରିବ ପୂରଣ ।(୧୨)
କେତେ ବାଧା ବିଘ୍ନ ଆଉ କରୋନାର ଦାଉ
ସଂଘ ଆସନ ମନ୍ଦିରେ 'ନାମ' ଶୁଭୁଥାଉ ।(୧୩)
ସନାତନ ଧର୍ମ ନୀତି କରିବ ପ୍ରଚାର
ଏହି ଆମ ପ୍ରିୟ 'ନିଗମ ସ୍ମୃତି ମନ୍ଦିର' ।(୧୪)

ଶ୍ରୀଶ୍ରୀଠାକୁର ଚରଣାଶ୍ରିତା
**ଶ୍ରୀମତୀ ସ୍ମିତା ରାୟ**
ଆମେରିକା ସାରସ୍ୱତ ସଂଘ

◆◆◆

## ସଦ୍‌ଗୁରୁ ବନ୍ଦନା

ଶ୍ୱେତ କର୍ପୁର କୋମଳ-କାନ୍ତିଧରମ୍
ଦିବା ମୁଖଶ୍ରୀ ମଣ୍ଡଳ - ତେଜସ୍ମରମ୍
ବାସୀ ଚନ୍ଦନ ଚର୍ଚ୍ଚିତ - ଦେହଭାଗମ୍
କରେ କଙ୍କଣ -କିଙ୍କିଣି - ଧ୍ୱନିଯୋଗମ୍ ॥୧॥

ପଦ ପଙ୍କଜ ରକ୍ତାଭଂ ତେଜବନ୍ତମ୍
ଶିର ଜଟାଭିଃ ତାପସ ପ୍ରଭାବନ୍ତମ୍
ସ୍କନ୍ଧେ ଶୋଭିତ ମାର୍ଜ୍ଜିତ ଉପବୀତମ୍
ଶ୍ୱେତ କୁଞ୍ଚିତ ବସନ ପରିହିତମ୍ୟ ॥୨॥

ବିନ୍ଦୁ-ସିନ୍ଦୁର-ଶୋଭିତଂ ଭାଲପଟ୍ଟମ୍
ସପ୍ତ ଭାଗେନ ମଣ୍ଡିତ ଜଟାଜୁଟମ୍
ଶ୍ୱେତ କମଳ କେଶରେ ସମାସୀନମ୍
ଦିବା ଆଶୀଷ ମୁଦ୍ରାୟାଂ ବିଦ୍ୟମାନମ୍ ॥୩॥

ପାର୍ଶ୍ୱେ ବିଦ୍ୟତେ ଶୁଭଶ୍ରୀ ହଂସଦ୍ୱିତମ୍
ଦଣ୍ଡ କମଣ୍ଡ ପାର୍ଶ୍ୱେତେ ବିମଣ୍ଡିତମ୍
ବ୍ୟାଘ୍ର ଚର୍ମଣି ସିଦ୍ଧିଷୁ ସମାସୀନମ୍
ମାଳା ରୁଦ୍ରାକ୍ଷ ବକ୍ଷେଚ ଲମ୍ବ ମାନମ୍ ॥୪॥

ସପ୍ତଲୋକେଷୁ ପୂଜିତ ମୁନିବରମ୍
ଭାବ ସମୁଦ୍ରେ ତନ୍ମୟ ନିରନ୍ତରମ୍
ଭକ୍ତ ପ୍ରାଣେଷୁ ଜାଗ୍ରତ ଆର୍ତ୍ତହରମ୍
ପଦପଙ୍କଜେ ନମାମି ଗୁରୁଦରମ୍ ॥୫॥

ଶ୍ରୀଶ୍ରୀଠାକୁର ଚରଣାଶ୍ରିତ
**ଶ୍ରୀ ଯୋଗେଶ୍ୱର ସୁନ୍ଦରରାୟ**
ବେଗୁନିଆ ଶାଖା ସଂଘ

◆◆◆

## 'ଜୟଗୁରୁ' ନାମ ମାହାତ୍ମ୍ୟ

ଜୟଗୁରୁ ଜୟଗୁରୁ ଗାଉଥାରେ ମନ
ଯେତେଦିନ ବଞ୍ଚିଛୁ ତୁ ଏ ଦେହେ ଆସ୍ଥାନ ॥୧॥

ନେଉଥିଲେ ନାମ ସଦା ହେବ ଶୁଦ୍ଧଚିତ୍ତ
ନାମବଳେ କାମ ରିପୁ ହେବ ବଶୀଭୂତ ॥୨॥

ନାମବଳେ ତିନିତାପ ହେବ ଦୂରୀଭୂତ
ନାମରେ ଚଞ୍ଚଳ ଚିତ୍ତ ହୋଇବ ସଂଯତ ॥୩॥

ନାମବଳେ ପରକାଳେ ଆତ୍ମା ଉର୍ଦ୍ଧ୍ୱଗତି
ଲାଭକରି ଶେଷେ ନିଷ୍ଠେ ଲଭଇ ମୁକତି ॥୪॥

ପରନିନ୍ଦା ପରଚର୍ଚ୍ଚା ଦୁଃଖର କାରଣ
ଆଜୀବନ ହନ୍ତସନ୍ତ ହେଉଥାଏ ମନ ॥୫॥

ନାମ ଜପି ରତ୍ନାକର ହେଲେ ବାଲ୍‌ମିକି
ନାମ ଜପି ଧ୍ରୁବ ଲାଭ କଲେ ଧ୍ରୁବ ଲୋକ ॥୬॥

ନାମ ଜପି ପ୍ରହଲ୍ଲାଦ ହେଲେ ତାପମୁକ୍ତ
ନାମ ବଳରେ ନାରଦ ହେଲେ ଶେଷ୍ଠ ଭକ୍ତ ॥୭॥

ନାମ ଜପି ରାଧା ହେଲେ ପୂର୍ଣ୍ଣକାମା
ନାମ ବଳେ ହନୁ ଲଙ୍ଘିଥିଲେ ସିନ୍ଧୁ ସୀମା ॥୮॥

ନାମ ଏକା ଘଟାନ୍ତର ବେଳେ ପ୍ରାଣ ସଖା
ଆନେ ମାୟା ମୋହେ ମାତି ନ ଦିଅନ୍ତି ଦେଖା ॥୯॥

ଜିଇଁ ଥାଉ ଥାଉ ମନ ନେଉଥାରେ ନାମ
ସାହା ହେବେ ଗୁରୁଦେବ ନ ନେବରେ ଯମ ॥୧୦॥

ଶ୍ରୀଶ୍ରୀଠାକୁର ଚରଣାଶ୍ରିତ
**ଶ୍ରୀ ଯୋଗେଶ୍ୱର ସୁନ୍ଦରରାୟ**
ବେଗୁନିଆ ଶାଖା ସଂଘ

◆◆◆

# ଭ୍ରମଣ ସମୟରେ ସୁନ୍ଦର ଅନୁଭୁତି

ଶ୍ରୀଶ୍ରୀଠାକୁରଙ୍କ କୃପାରୁ ଦୁଇବର୍ଷ ତଳେ ବଡ଼ଦିନ ଛୁଟିରେ ଆମେ Vacation ରେ ଯିବାପାଇଁ ସ୍ଥିର କରାଗଲା । କିଛି ବର୍ଷ ହେବ କୁଆଡ଼େ ଯାଇନଥିବାରୁ ଖୁସୀ ହୋଇ ପୁଅ ଜ୍ଞାନ ଆମ ଘର ଭାଇଙ୍କ ସହ ମିଶି ସବୁ planning କଲା । ତାର ପସନ୍ଦ ଅନୁଯାୟୀ Hotel booking କରାଗଲା । ମୁଁ କିଛି ଦେଖିନଥିଲି ।

ନିର୍ଦ୍ଦିଷ୍ଟ ଦିନରେ ଶ୍ରୀଶ୍ରୀଠାକୁରଙ୍କୁ ଜଣାଇ ଯାତ୍ରା ଆରମ୍ଭ କଲୁ । ଆମେ Airportରୁ Hotelକୁ ଯାଉଥିବା ସମୟରେ ମୁଁ ଫୋନ୍‌ରେ ଚେକ୍ କଲି ତାହା ପାଖାପାଖି କିଛି ମନ୍ଦିର ଅଛିକି ? ଦେଖିଲି ହିନ୍ଦୁ ମନ୍ଦିର ୩୦ ମିନିଟ୍ ଦୂରରେ ଅଛି ଓ ଇସ୍କନ ମନ୍ଦିର ୧୮ମିନିଟ୍ ଦୂରରେ ଅଛି । ଶ୍ରୀଶ୍ରୀଠାକୁରଙ୍କୁ ମନରେ ପ୍ରଣାମ କରି ଗଭୀର କୃତଜ୍ଞତା ଜଣାଇଲି । ପୂର୍ବରୁ ଯେବେ ଆମେ କେଉଁଠାକୁ vacationରେ ଯାଉ, ମୁଁ strictly ଦେଖେ ଯେ ମନ୍ଦିର ପାଖାପାଖି ଥିବ, ସେମିତି ସ୍ଥାନରେ ହୋଟେଲ୍ ବୁକ୍ କରାଯିବ । ଏଥର ଜ୍ଞାନ ସିଲେକ୍ଟ କରିଛି । ମାତ୍ର ମୁଁ ଯାହା ଚାହେଁ ତାହା ହୋଇଛି । ମନ ବହୁତ ଖୁସି ହେଲା । ତାପରେ ମୁଁ ଚେକ୍ କଲି ହିନ୍ଦୁ ମନ୍ଦିର ଓ ଇସ୍କନ ମନ୍ଦିରରେ ପ୍ରସାଦ ବ୍ୟବସ୍ଥା ଅଛି କି ନାହିଁ । ହିନ୍ଦୁ ମନ୍ଦିରରେ ନ ଥିଲା, ମାତ୍ର ଇସ୍କନ ମନ୍ଦିରରେ ଦିନ ୧୦ଟା ବେଳଠାରୁ ବିଭିନ୍ନ ପ୍ରକାରର ମଧ୍ୟାହ୍ନ ପ୍ରସାଦର ବ୍ୟବସ୍ଥା ଅଛି । ସେଦିନ ରାତି ପାଇଁ ଆମ ପାଖରେ ପ୍ରସାଦ ଥିଲା । ତେଣୁ ସୁବିଧା ହେଲା । ତା ପରଦିନ ସକାଳୁ ଆମେ ଇସ୍କନ ମନ୍ଦିର ଯାଇ ଦର୍ଶନ, ପ୍ରଣାମ କରି ବହୁତ ପ୍ରକାରର ସୁସ୍ୱାଦୁ ପ୍ରସାଦ ସେବନ କଲୁ । ଶ୍ରୀଶ୍ରୀଠାକୁରଙ୍କର କୃପାରୁ ଏହା ସମ୍ଭବ ହେଲା ବୋଲି ଅନୁଭବ କଲି । ତାପରେ ବିଭିନ୍ନ ସ୍ଥାନ ବୁଲାବୁଲି କଲୁ । ତା ପରଦିନ ସକାଳେ ଆମଘର ଭାଇ ଓ ମୁଁ ହିନ୍ଦୁ ମନ୍ଦିରକୁ ଗଲୁ । ସେଠାରେ ବିଭିନ୍ନ ଦେବଦେବୀଙ୍କୁ ଦର୍ଶନ ଓ ପ୍ରଣାମ କଲୁ । ମନ୍ଦିରଟି ବେଶୀବଡ଼ ନୁହେଁ କିନ୍ତୁ ଖୁବ୍ ସୁନ୍ଦର । ଜଣେ ପୂଜକ ଆମକୁ କହିଲେ 'ଆଜି ରାତିରେ ଜଣେ ମହାଦେବଙ୍କ ଅଭିଷେକ sponsor କରିଛନ୍ତି । ତେଣୁ ଆଜି ସନ୍ଧ୍ୟାବେଳେ ମନ୍ଦିରକୁ ଆସ ।' ତାପରେ କହିଲେ ପିଲାଙ୍କୁ ସଂଗରେ ଆଣିବ । ଆମେ ପିଲାଙ୍କୁ ଜଣାଇଲୁ ଓ ରାତ୍ରିରେ ସମସ୍ତେ ମନ୍ଦିର ଯିବାକୁ ସ୍ଥିର କଲୁ । ଦିନରେ ଇସ୍କନ ମନ୍ଦିରରେ ମଧ୍ୟାହ୍ନ ପ୍ରସାଦ ପାଇ ବିଭିନ୍ନ ସ୍ଥାନ ବୁଲାବୁଲି କଲୁ । ସନ୍ଧ୍ୟାରେ ହିନ୍ଦୁମନ୍ଦିର ଯିବା ବାଟରେ ଫୁଲ ଓ ଫଳ ନେବା ପାଇଁ ସ୍ଥିର କଲୁ । ମୁଁ ଭୁଲ୍‌ରେ ଗୋଟିଏ ଦୋକାନକୁ direction ପକାଇଲି, ତାହା ମନ୍ଦିର exitକୁ cross କରି ଯିବାକୁ ପଡ଼ିଲା । ମନ ବ୍ୟାକୁଳ ହେଉଥାଏ ଯେ ପୂଜା ମିସ୍ ହୋଇଯିବ । ଆମଘର ଭାଇ ଫୁଲ ଓ ଫଳ ଆଣିବା ପରେ ହିନ୍ଦୁ ମନ୍ଦିରରେ ପହଞ୍ଚିଲୁ । ମୁଁ ତରତର ହୋଇ ଫୁଲ ଓ ଫଳ ନେଇ ପ୍ରଥମେ ମନ୍ଦିରକୁ ପ୍ରବେଶ କଲି । ସେଠାରେ ଦେଖିଲି ଅଳ୍ପ କିଛି ଭକ୍ତ ଠିଆ ହୋଇଛନ୍ତି । ପୂଜକ ଠିଆ ହୋଇ ସତେ ଯେପରି ଆମକୁ ଅପେକ୍ଷା କରିଛନ୍ତି । ସେ ମୋ ହାତରୁ ଫୁଲ ଫଳ ନେଇ ପୂଜା ଆରମ୍ଭ କଲେ । ପ୍ରଥମ ଥର ପାଇଁ ଭକ୍ତି ଓ ଜ୍ଞାନ ଏମିତି ପ୍ରଥମରୁ ଅଭିଷେକ ପୂଜା ଦେଖିବାର ସୁଯୋଗ ପାଇଲେ । ଅଭିଷେକ କରି ପୂଜକ ଆମଘର ଭାଇ ନେଇଥିବା ଫୁଲରେ ସୁନ୍ଦର ଭାବେ ଶିବଲିଙ୍ଗଙ୍କୁ ସଜାଇଦେଲେ । ମୋତେ ଲାଗିଲା ଯେପରି ଶ୍ରୀଶ୍ରୀଠାକୁର ସବୁ ଗ୍ରହଣ କଲେ । ତାପରେ 'ଓଁ ଜୟ ଜଗଦୀଶ ହରେ' ଆରତି ସଂଗୀତ ଗାନ ସହିତ ଆରତି କରାଗଲା, ଜ୍ଞାନକୁ ଏହି ସଂଗୀତ ଭଲ ଲାଗେ । ବହୁତ ବର୍ଷ ପରେ ଏମିତି ଆରତି ଦର୍ଶନ କରିଥିବାରୁ ସେ ଖୁସି ହେଲା ଓ ମୋତେ ଜଣାଇଲା । ଶ୍ରୀଶ୍ରୀଠାକୁରଙ୍କ କୃପାରୁ vacation ସମୟରେ ଏମିତି ପୂଜାରେ ଯୋଗଦେବାର ଅପୂର୍ବ ସୁଯୋଗ ମିଳିଲା । ତା ପରଦିନ ପୁଣି ପ୍ରଥମେ ଇସ୍କନ ମନ୍ଦିର ଯାଇ ଦର୍ଶନ, ପ୍ରଣାମ ଓ ପ୍ରସାଦ ସେବନ କଲୁ । ସେଠାରେ Buffetରେ ବିଭିନ୍ନ ପ୍ରକାରର ସୁସ୍ୱାଦୁ ପ୍ରସାଦ ସଦ୍ୟ ତିଆରି କରି ରଖାଯାଉଥିଲା । ପ୍ରସାଦ ସେବନରେ ମନପ୍ରାଣରେ ଆନନ୍ଦ ଭରି ଯାଉଥିଲା । ଏମିତି ୪ଦିନ ବିତିଗଲା ।

ପଞ୍ଚମଦିନ ଆମେ ଫେରିବା ଫ୍ଲାଇଟ୍ ପ୍ରାୟ ୧ଟା ବେଳକୁ ଥିଲା । ମନ ଟିକିଏ ଦୁଃଖ ହେଲା, ଆଜି ଆଉ ମନ୍ଦିର ଯାଇ ହେବନି । କନ୍ୟା ଭକ୍ତି ଫ୍ଲାଇଟ୍ ଚେକ୍ କରି କହିଲା ଯେ ୨ ଘଣ୍ଟା ଲେଟ୍ ଅଛି । ମୁଁ ଶ୍ରୀଶ୍ରୀଠାକୁରଙ୍କୁ ମନେ ମନେ ପ୍ରଣାମ କଲି । ଖୁସି ହୋଇ ହୋଟେଲ୍ ଚେକ୍ ଆଉଟ୍ କରି ମନ୍ଦିରକୁ ଗଲୁ । ସେଠାରେ ମନ୍ଦିରରେ ରାଧାଗୋବିନ୍ଦଙ୍କୁ ଦର୍ଶନ ଓ ପ୍ରଣାମ କରି କିଛି ସମୟ ବସିଲୁ ଓ ତାପରେ ପ୍ରସାଦ ସେବନ କଲୁ । ସେତେବେଳେ ଫୋନ୍‌ରେ Alert ଆସିଲା ଯେ flight ଆଗରୁ ଦୁଇଘଣ୍ଟା

ଲେଟ୍‌ରେ ଆରମ୍ଭ ହେବାର ଥିଲା । ମାତ୍ର ଏବେ ୧ଘଣ୍ଟା ଲେଟ୍‌ରେ ଆରମ୍ଭ ହେବ । ଆମେ ଏୟାରପୋର୍ଟ ଅଭିମୁଖେ ଯାତ୍ରା କଲୁ । କରୁଣାମୟ, ଅନ୍ତର୍ଯ୍ୟାମୀ ଶ୍ରୀଶ୍ରୀଠାକୁର ଆମକୁ ଠିକ୍ ଯେମିତି ସମୟ ଦରକାର ଥିଲା ସେତିକି ସମୟର ବ୍ୟବସ୍ଥା କରିଦେଲେ । Charlotteରେ ମଧ୍ୟ ପହଞ୍ଚିବାରେ ବେଶି ଡେରି ହେବନାହିଁ ।

ଆମର Vacation Plan କେବଳ ଶ୍ରୀଶ୍ରୀଠାକୁରଙ୍କୁ ଜଣାଇଥିଲି । ତାଙ୍କୁ ସଂଗରେ ନେଇ ମାନସ ପୂଜା କରୁଥିଲି । ଅହେତୁକ କୃପାମୟ ଶ୍ରୀଶ୍ରୀଠାକୁର ଆମର ଏହି vacationରେ ତୀର୍ଥ ଭ୍ରମଣ, ସାଧୁସଂଗ ଓ ପ୍ରସାଦ ସେବନର ବ୍ୟବସ୍ଥା କରିଦେଲେ । ଗଭୀର କୃତଜ୍ଞତାରେ ଶ୍ରୀଚରଣରେ ପ୍ରଣତି ଜ୍ଞାପନ କଲି ।'

'କି ଭାଷାରେ କୃତଜ୍ଞତା ଜଣାଇବି ମୋର
ପ୍ରତିକ୍ଷଣେ ରଖିଅଛ ମୋଠାରେ ନଜର' ।

ଶ୍ରୀଶ୍ରୀଠାକୁର ଚରଣାଶ୍ରିତା
**ଶ୍ରୀମତୀ ସ୍ମିତା ରାୟ**
ଆମେରିକା ସାରସ୍ୱତ ସଂଘ

◆◆◆

# ଗୋଧୂଳି ବାହୁଡ଼ା ପକ୍ଷୀ ମୁଁ ପରବାସୀ

ଗୋଧୂଳି ବାହୁଡ଼ା ପକ୍ଷୀ ମୁଁ ପରବାସୀ
କୋଳେ ତୋଳି ନେବ ମୋର ମଥା ଆଉଁସି
ତୁମ ଦରଶନ ଲୋଡ଼ି
ଆସିଛି ମୁଁ ଉଡ଼ି ଉଡ଼ି
ଆନନ୍ଦ ଉଲ୍ଲାସେ ମୁଖ ଉଠିବ ହସି ॥୦॥

ଲୋଡ଼ା ଯା ଥିଲା ଜୀବନେ
ଖଞ୍ଜିଛ ଅତି ଯତନେ
ତଥାପି ଅଝଟ ମନ ଯାଇଛି ରୁଷି
ଅଭିଯୋଗ ସହିଛ ମୋ ମୁରୁକି ହସି
ଗୋଧୂଳି ବାହୁଡ଼ା ପକ୍ଷୀ ମୁଁ ପରବାସୀ ॥୧॥

ଦୁଃଖର ବାଦଲ ଯେବେ
ଆକାଶେ ଘୋଟେଇ ତେବେ
କରୁଣା ପରଶ ଦିଅ ପାରୁଶେ ଆସି
ଆଲୋକ ଜୁଆରେ କୂଳେ ଲାଗେ ମୁଁ ଭାସି
ଗୋଧୂଳି ବାହୁଡ଼ା ପକ୍ଷୀ ମୁଁ ପରବାସୀ ॥୨॥

ସଂସାର ଭୋଗ ସୁଖରେ
ମାତିଲି ମୁଁ ନିରନ୍ତରେ
ଆଳିକ ବିଷୟ ସୁଖେ ନିରତେ ମିଶି
ହଟହଟା ହେଲି ମୋହ ଅନଳେ ଝାସି
ଗୋଧୂଳି ବାହୁଡ଼ା ପକ୍ଷୀ ମୁଁ ପରବାସୀ ॥୩॥

ରୋଗ, ଶୋକ, ଦୁଃଖ ଦାଉ
ସହିବି ମୁଁ କେତେ ଆଉ
ଉଦ୍ଧାର କର ଏ ଧୂଳି ଧରାକୁ ଆସି
ଗୁହାରି ଜଣାଏ ତୁମ ପଦେ ଭରସି
ଗୋଧୂଳି ବାହୁଡ଼ା ପକ୍ଷୀ ମୁଁ ପରବାସୀ ॥୪॥

ଶ୍ରୀଶ୍ରୀଠାକୁର ଚରଣାଶ୍ରିତା
**ଶ୍ରୀମତୀ ଶ୍ରଦ୍ଧାଞ୍ଜଳି ନାୟକ**
ଢେଙ୍କାନାଳ ଶାଖା ସଂଘ

◆◆◆

# ଶ୍ରୀଶ୍ରୀଠାକୁରଙ୍କ ସହ ଅଜାଣତ ଯାତ୍ରା

ପିଲାଦିନୁ ମୁଁ ଜାଣିଛି, ଦେବଦେବୀ ଅସଂଖ୍ୟ । ସକାଳୁ ସନ୍ଧ୍ୟାପର୍ଯ୍ୟନ୍ତ ଜେଜେ ମା ଲାଗିଥାନ୍ତି ଠାକୁରଙ୍କ ପୂଜାରେ । ଠାକୁରଘରେ ଥିଲା ଅନେକ ମୂର୍ତ୍ତି ଓ ଅନେକ ଫଟୋ। ସବୁଦିନ ସକାଳୁ ଜେଜେ ମା ଚନ୍ଦନ ଘୋରନ୍ତି ଆଉ ସବୁ ମୂର୍ତ୍ତି ଆଉ ଫଟୋରେ ଚନ୍ଦନ ଟିକା ଲଗାନ୍ତି । ପୁଣି ସବୁବର୍ଷ ଶେଷରେ ଗତ ବର୍ଷ କାଲେଣ୍ଡରରୁ ବିଭିନ୍ନ ଭଗବାନଙ୍କ ଫଟୋ ବାହାରି ଲାଗିବ ଠାକୁର ଘରେ। ବେଳେ ବେଳେ ଭାବେ, ଏତେ ସବୁ ଠାକୁରଙ୍କୁ ଚନ୍ଦନ ଦେଇ ଦେଇ ଜେଜେ ମା' ନଇଁ ଯାଇଛନ୍ତି । ସବୁ ଦେବା ଦେବୀଙ୍କ ଫଟୋ ଆଉ ମୂର୍ତ୍ତି ଯେମିତି ସ୍ୱର୍ଗରୁ ଆସିଥିଲେ । କିନ୍ତୁ ତା ମଧ୍ୟରୁ ଗୋଟେ ଫଟୋ ଲାଗୁଥିଲା ଯେମିତି ପୃଥିବୀର ସାଧାରଣ ଲୋକଙ୍କର। ଦିନେ ମୁଁ ଜେଜେଙ୍କୁ ପଚାରିଲି, ଇଏ କିଏ ? ଜେଜେ କହିଲେ, ମୋ ଭାଇ ଏଇ ବାବାଙ୍କ ବଡ଼ ଭକ୍ତ । ଭାଇ କୁହେ, ଏ ବାବା ଜଣେ ସିଦ୍ଧପୁରୁଷ ଥିଲେ ଆଉ ତାଙ୍କ ଶିଷ୍ୟ ଭକ୍ତଙ୍କ ପାଇଁ ସେ ହେଲେ ଠାକୁର । ମୋର ସେହି ଫଟୋର ଜ୍ଞାନ ସେହି ପର୍ଯ୍ୟନ୍ତ ସୀମିତ ଥିଲା ।

ପୁଣି କିଛି ବର୍ଷ ପରେ ମୁଁ ଯାଇଥିଲି ମୋର ଜେଜେଙ୍କ ଭାଇ ପାଖକୁ । ତାଙ୍କ ଘରେ ପୁଣି ଜଣେ ବାବାଙ୍କ ବିରାଟ ବଡ଼ ସୁସଜ୍ଜିତ ଫଟୋ ଦେଖିଲି । ମୁଁ ପଚାରିଲି ଇଏ କିଏ ? ଉତ୍ତରରେ ସେ କହିଲେ, ଇଏ ମୋ ଗୁରୁ । କିନ୍ତୁ ମୁଁ ତ ଆମ ଘରେ ତୁମର ଆଉ ଜଣେ ଗୁରୁଙ୍କ ଫଟୋ ଦେଖିଛି, ମୁଁ ଆଶ୍ଚର୍ଯ୍ୟ ହୋଇ ପଚାରିଲି । ଉତ୍ତରରେ ସେ କହିଲେ, ଗୁରୁ ଜଣେ, ତାଙ୍କ ରୂପ ଅନେକ । ଏହା କହି ସେ ଅନ୍ୟ କାମରେ ବ୍ୟସ୍ତ ହେଇଗଲେ । ଫଟୋରେ ଥିବା ବାବାଙ୍କ ବିଷୟରେ ମୁଁ ଅଧିକ କିଛି ଜାଣିପାରିଲି ନାହିଁ ।

ବାଲ୍ୟକାଳ ବିତିଗଲା, ମୁଁ ହେଲି ତରୁଣ । କଲେଜ ଗଲି । ଦିନେ ହଷ୍ଟେଲ୍‌ରେ ଜଣେ ସାଙ୍ଗ କକ୍ଷକୁ ଯାଇଥିଲି । ସେଠି ପୁଣି ଦେଖିଲି ସେହି ବାବାଙ୍କ ଫଟୋ । ଅବଶ୍ୟ ଫଟୋରେ ଥିବା ବାବାଙ୍କ ମୁହଁ ମୋ ଜେଜେ ମା'ଙ୍କ ଘରେ ଥିବା ମୁହଁ ସହିତ ମିଶୁ ନ ଥିଲା, କିନ୍ତୁ ଜଣା ପଡୁଥିଲା ଫଟୋଟି ବାବାଙ୍କ ତରୁଣ କାଳ ସମୟର । ସାଙ୍ଗକୁ ପଚାରିବାରୁ ସେ କହିଲା ଇଏ ହେଲେ ମୋ ଗୁରୁ, କିନ୍ତୁ ମୁଁ ତାଙ୍କ ବିଷୟରେ ଅନ୍ୟ କିଛି କହି ପାରିବିନି । ମୁଁ ବି କାହିଁକି କିଛି ପଚାରିବି ? ସେ ବାବାଙ୍କ ନା ମଧ୍ୟ ଜାଣି ପାରିଲିନି।

ବାହାଘର ସରିଲା ପରେ, କନ୍ୟା ବିଦାୟ ଗୋଟେ ବଡ଼ ନିୟମ । ବର ଓ କନ୍ୟା ଯାଆନ୍ତି କନ୍ୟାଘରକୁ ଆଉ ସେଇଠି ସବୁନୀତି ନିୟମ ପାଳନ କରାଯାଏ । ଠିକ୍ ଏମିତି ପରିସ୍ଥିତିରେ ଥିଲି ମୁଁ । ଭୋର୍ ଚାରିଟା ହୋଇଥାଏ । କୋଡ଼ିଏ ଘଣ୍ଟାରୁ କିଛି ଖାଇ ନାହିଁ । ଚାରିଘଣ୍ଟା ଲମ୍ବା ବାହାଘର ସାରି ଆସିଛି । ମୋ ଶାଶୁ କହିଲେ ଦୁଇଜଣ ଯାଅ, ଠାକୁରଙ୍କୁ ପ୍ରଣାମ କରି ଆସ । ଏହା କହି ଗୋଟେ ଅନ୍ଧାର କକ୍ଷ ଆଡ଼କୁ ନେଇଗଲେ । କକ୍ଷଟିରେ ବେଡ୍ ଲାଇଟ୍ ଜଳୁଥିଲା । ସେତିକି ଆଲୁଅରେ ମୋତେ ଦେଖାଗଲା ଗୋଟେ ବିରାଟ ବଡ଼ ଖଟ । ମଶାରୀ ଟଙ୍ଗା ହୋଇଥିଲା । ଲାଗୁଥିଲା ଯେମିତି ଜଣେ ରେଜେଇ ଘୋଡ଼େଇ ଶୋଇଛନ୍ତି । ଖଟ ପାଖରେ ଥିଲା ଗୋଟେ ସିଂହାସନ, ତା ଉପରେ ମୁଁ ପୁଣି ଦେଖିଲି ସେହି ବାବାଙ୍କ ଫଟୋ। ସବୁ ଥର ଭଳି ମୁଁ ପଚାରିଲି ଇଏ କିଏ ? ଶାଶୁ କହିଲେ, ଇଏ ଆମ ମୁରବୀ, ଇଏ ଆମ ଗୁରୁ, ଇଏ ଆମ ଠାକୁର ଶ୍ରୀନିଗମାନନ୍ଦ ଦେବ । ମୁଁ ଭାବିଲି, ଯାହା ଫଟୋ ଏତେଦିନ ତଳେ ଦେଖିଥିଲି, ସେ ଏଇଠି ଶୋଇଛନ୍ତି ? ଭୋକ ଭୀଷଣ ଲାଗୁଥିଲା, ମୁଁ ବେଶି କିଛି ପଚାରିଲିନି। ଯାହା ହେଉ ଶେଷରେ ନା ତ ଜାଣିପାରିଲି । ପରେ ମୁଁ ପତ୍ନୀକୁ ନିଗମାନନ୍ଦ ଦେବଙ୍କ ବିଷୟରେ ପଚାରି ତାଙ୍କ ସୂକ୍ଷ୍ମ ଓ ସ୍ଥୂଳଦେହ ବିଷୟରେ ଜାଣିପାରିଲି ।

ବାହା ହେଲା ପରେ ଅର୍ଦ୍ଧାଙ୍ଗିନୀ ସହିତ ଆସିଗଲି ଆମେରିକା । ଭାରତରୁ ଆମେରିକା । ଭାରତରେ ଥିଲେ ବୋଧହୁଏ ମୁଁ ନିଗମାନନ୍ଦ ଦେବଙ୍କ ବିଷୟରେ କିଛି ଜାଣିବାକୁ ପାଇଥାନ୍ତି, କିନ୍ତୁ ଆମେରିକାରେ ଥିଲେ କଣ ଜାଣିବି ? ବିଧିର ବିଧାନ ଥିଲା କିଛି ଅନ୍ୟ ପ୍ରକାରର । କିଏ ଜାଣିଥିଲା ଆମେରିକା ଭଳି ଏତେ ବଡ଼ ଦେଶରେ, ମୁଁ ଯେଉଁଠି ରହିଥିଲି, ଠାକୁର ଠିକ୍ ସେହି ପାଖରେ ଆଶ୍ରମ କରି ନିଜକୁ ପ୍ରତିଷ୍ଠା କରି ସାରିଥିଲେ । ଯେତେବେଳେ ସ୍ତ୍ରୀକୁ ଜଣା ପଡ଼ିଲା ଯେ ଠାକୁରଙ୍କ ଆଶ୍ରମ ପାଖରେ ଅଛି, ତାର ଖୁସିର ଠିକଣା ଆଉ ନ ଥିଲା । ଯେତେବେଳେ ଆମେ ଆଶ୍ରମ ପହଞ୍ଚିଲୁ ସେତେବେଳେ ମୋର ଖୁସିର ଠିକଣା ନଥିଲା । ସେ ଏକ ନୂଆ ଦୁନିଆ । ଆସନରେ ଠାକୁରଙ୍କ ବିଗ୍ରହ ଦେଖି ମନେ ପଡ଼ିଗଲା ମୋର ଜୀବନର ଯେଉଁ ଯେଉଁ କ୍ଷଣରେ ମୁଁ ଠାକୁରଙ୍କ ବିଗ୍ରହକୁ ଫଟୋ ଆକାରରେ ଦେଖିଥିଲି ।

ଅନେକ ବର୍ଷ ଧରି ମୁଁ ଠାକୁରଙ୍କ ଆଶ୍ରମ ଯାଉଥିଲି ବିନା ପରିଚୟ ପତ୍ରରେ । ଯେତେ ଯାଉଥିଲି, ଶ୍ରୀଶ୍ରୀଠାକୁରଙ୍କ ପ୍ରତି ବିଶ୍ୱାସ ସେତେ ବଢୁଥିଲା । ସୁଖରେ ହେଉ ବା ଦୁଃଖରେ, ଧୀରେ ଧୀରେ ମୋ ମନରେ ଆଗେ ଠାକୁରଙ୍କ 'ଜୟଗୁରୁ' ଆସିଲା ।

ମୋ ପାଇଁ ପରିଚୟ ପତ୍ର ଗ୍ରହଣ କରିବା ଖାଲି ଗୋଟେ ଔପଚାରିକତା ମାତ୍ର ହୋଇ ରହିଗଲା । ଶ୍ରୀଶ୍ରୀଠାକୁରଙ୍କୁ ଜାଣିବାର ଦୀର୍ଘ ପାଞ୍ଚ ବର୍ଷ ପରେ ମୁଁ ପରିଚୟ ପତ୍ର ପ୍ରାପ୍ତ ହେଲି ଏବଂ ଶ୍ରୀଶ୍ରୀଠାକୁରଙ୍କୁ ଗୁରୁ ଏବଂ ଇଷ୍ଟ ଭାବେ ଗ୍ରହଣ କଲି ।

୨୦୧୩ ମସିହା ଠାରୁ ଯେତେ ବି ଆମେରିକା ସାରସ୍ୱତ ସଂଘ ସମ୍ମିଳନୀ ହୋଇଛି, ଆମେ ସବୁଥିରେ ଭାଗ ନେଇଛୁ । ସବୁବର୍ଷ ସମ୍ମିଳନୀ ପାଇଁ ଗୋଟେ ଅଲଗା ପ୍ରକାରର ଉତ୍ସାହ ଥାଏ । ସମ୍ମିଳନୀରେ କେମିତି ସମସ୍ତଙ୍କ ସହିତ ମିଶିବି, କେମିତି କିଛି ସେବା କରିବି, କେମିତି ସ୍ୱାଦିଷ୍ଟ ପ୍ରସାଦ ପାଇବି, ସେହି ତିନି ଦିନ କେମିତି ସରିଯାଏ ଜଣା ପଡ଼େ ନାହିଁ । ୨୦୧୩ ମସିହାର ସମ୍ମିଳନୀରେ ମୁଁ ସବୁ ପ୍ରଥମ ଥର ପାଇଁ ଦେଖୁଥିଲି । ୨୦୧୪ ମସିହାର ସମ୍ମିଳନୀରେ ମୁଁ ସବୁ କ୍ଷଣର ଆନନ୍ଦ ନେଇପାରିଥିଲି । ୨୦୧୫ ସମ୍ମିଳନୀ ବିଦାୟ ସଭା ଦିନ ମୁଁ ବହୁତ କାନ୍ଦିଥିଲି । ଜଣା ନାହିଁ କାହିଁକି, କିନ୍ତୁ ଲାଗିଥିଲା ଯେମିତି ମୁଁ କାଳ କାଳ ଧରି ସମ୍ମିଳନୀକୁ ଆସୁଛି । ଅଜାଣତ ଭାବରେ ହେଉ ପଛେ, ୨୦୧୬ ମସିହାର ସମ୍ମିଳନୀରେ ମୋ ପୁଅ ପ୍ରଥମ ଥର ପାଇଁ ଭାଗ ନେଇ ପାରିଥିଲା । ୨୦୧୯ ମସିହାରେ ମୋର ଶାଶୁ ଶଶୁର ଆମେରିକା ସାରସ୍ୱତ ସଂଘ ସମ୍ମିଳନୀରେ ଭାଗ ନେଇ ପାରିଥିଲେ । ମହାମାରୀ ଯୋଗୁ ୨୦୨୦ ମସିହାର ସମ୍ମିଳନୀ ହୋଇ ପାରି ନଥିଲା । ମୁଁ ମୋର ମନର କଥା କିଛି ଏହି ଭାବରେ ଲେଖିଥିଲି,

4th of July is a big day not only for the US but also for all the Bhais, Maas and YAs It takes more than 3 months of planning and hardwork of many of our Bhais and Maas to make the July 4th weekend a success. The weekend starts with a group hug of ‘Adhibasa’ and ends with a group hug of ‘Bidaya Sabha’ and series of continuous engrossing, engaging, enchanting, entertaining, sessions in addition to insomniac nights, dozing days and sumptuous prasada.

So many things we will miss this time starting with night outs at ‘Aasana Saja’ sleeping in the hall (nata mandira) and then waking up before the sunrise so as to go back and sleep in the slot vacated by the early risers. Melodious and devotional songs of Bhais, Maas and YAs followed by discussions which sometimes knocks your inner conscience momentarily and sometimes permanently. (The more I hear the more I miss them). The ‘Sodasa puja’ and the opening ‘Aarati’ is captivating. The goosebumps we get when we get the first look of ‘Thakura’ sitting in his grand ‘Aasana’ and a beautiful background and the melodious sounds of ‘Sankha and hulahuli’ add to the positive energy. Different apperances / looks of Thakura on 3 different days with beautiful and colorful flower garaland is so soothing to eyes. The maha prasada (uff even while writing this, I can savour it). The road cleaning Seva activity in the scorching July summer is always filled with exhausted self satisfaction. The ‘Bhaba Binimaya’ by bhaktas elevates our belief in Thakura. What I miss the most is the months long practice which leads to the final presentation of ‘Ananda Sabha’. The fireworks celebration every year in front of the gate is right now coming like a collage in my mind (for Sharlav, fireworks is synonymous with Thaku’s Aashram) The continuous bhoga preparation always looks like a mini production factory to me. The vessels are never empty till the last bhakta or sevaka has his/her of prasada. The special lunch on the last day with guests and trademark fried rice and kheeri is something that should never be missed. The last 30 minutes of ‘Jayaguru Kirtana’ is always fresh in the memory as if it happened yesterday.

୨୦୨୧ ମସିହାରେ ଯେତେବେଳେ ନିଷ୍ପତ୍ତି ନିଆଗଲା ଯେ ବିଧିରକ୍ଷା ସମ୍ମିଳନୀ ହେବ, ଆମେ ଶ୍ରୀଶ୍ରୀଠାକୁରଙ୍କୁ ଆଗେ ଜଣେଇ ଥିଲୁ, ତାଙ୍କ ଆଶୀର୍ବାଦରୁ ଆମେ ଯେମିତି ସମ୍ମିଳନୀ ଯାଇ ପାରୁ । ସେହି ସମୟରେ ମହାମାରୀର ଗୋଟେ ଭୟାନକ ଲହଡ଼ି ଆମେରିକାରେ ଆସିଥିଲା । କିନ୍ତୁ ଶ୍ରୀଶ୍ରୀଠାକୁରଙ୍କ କୃପାରୁ ଆମେ ସମ୍ମିଳନୀରେ ଭାଗ ନେଇପାରିଥିଲୁ ଆଉ ସମ୍ମିଳନୀ ଠିକ୍ ଭାବରେ ହୋଇପାରିଥିଲା ।

ଶ୍ରୀଶ୍ରୀଠାକୁରଙ୍କୁ ଏତିକି କହିବି, ତାଙ୍କ କୃପା ସବୁବେଳେ ଆମ ଉପରେ ଥାଉ । ସେ ପୃଥିବୀକୁ ବିପଦରୁ ରକ୍ଷା କରନ୍ତୁ ।

ଶ୍ରୀଶ୍ରୀଠାକୁର ଚରଣାଶ୍ରିତ

**ଶ୍ରୀ ସାର୍ଥକ ଦାସ**

ଆମେରିକା ସାରସ୍ୱତ ସଂଘ

◆◆◆

# ଅଭୁଲା ସ୍ମୃତି

‘ଗୁରୁବ୍ରହ୍ମା, ଗୁରୁ ବିଷ୍ଣୁ, ଗୁରୁଦେବ ମହେଶ୍ୱର
ଗୁରୁ ସାକ୍ଷାତ ପରଂବ୍ରହ୍ମ ତସ୍ମୈ ଶ୍ରୀଗୁରବେନମଃ ॥’

ହୃଦୟଶତଦଳ ସିଂହାସନରେ ବିରାଜମାନ ଶ୍ରୀଶ୍ରୀଠାକୁରଙ୍କର ରାତୁଲ ଚରଣରେ ଶତକୋଟି ପ୍ରଣାମ ଜଣାଇ, ୨୦୧୯ ମସିହାରେ ଢ଼େଙ୍କାନାଳରେ ହେବାକୁ ଥିବା ଉତ୍କଳ ପ୍ରାଦେଶିକ ଭକ୍ତ ସମ୍ମିଳନୀରେ ଯୋଗଦାନ ଦେବାକୁ ଭାରତ ଅଭିମୁଖେ ମୁଁ ଏବଂ ମୋର ସାନ ଜାଆ (ସୁଶ୍ରୀ ସଙ୍ଗିତା) ଯାତ୍ରା କଲୁ । ମନରେ ବହୁତ ଉତ୍ସାହ ଥାଏ ଜାଣିବା ପାଇଁ ମାସିକିଆ ପୂଜା ଠାକୁରଙ୍କର କେମିତି ହୁଏ ଏବଂ ସମ୍ମିଳନୀ ମଧ୍ୟ କିପରି ହୁଏ ? ମନରେ ଖୁସି କହିଲେ ନ ସରେ । ମାସିକିଆ ପୂଜା ପାଇଁ ମୁଁ ଏବଂ ମୋ ସାନ ଜାଆ ଆଗୁଆ ଆସିଯାଇଥାଉ । ସମ୍ମିଳନୀ ଆମକୁ ଏତେ ପାଖରୁ ଦେଖିବାକୁ ସୁଯୋଗ ମିଳିବ କାହିଁକିନା ମୋ ଶାଶୂ (ଶ୍ରଦ୍ଧାଞ୍ଜଳୀ ନାୟକ) ଓ ଶ୍ୱଶୁର (ଦୀନକୃଷ୍ଣ ନାୟକ) ଢ଼େଙ୍କାନାଳ ସଂଘର । ଶାଶୂଘର ମଧ୍ୟ ଢ଼େଙ୍କାନାଳରେ। ଶ୍ରୀଶ୍ରୀଠାକୁର ମହାରାଜଙ୍କ ଢେଙ୍କାନାଳ ଆସନ ମନ୍ଦିରରେ ବ୍ୟବସ୍ଥା ହୋଇଥିଲା । ପ୍ରତ୍ୟେକ ମା’ ଏବଂ ଭାଇ ଶ୍ରୀଶ୍ରୀଠାକୁରଙ୍କର ସେବା ନିଷ୍ଠାପର ଭାବରେ କରିଯାଉଥିଲେ । ମାସିକିଆ ପୂଜାରେ ବହୁତ ନୂଆ ଭାଇ ଓ ମା’ମାନଙ୍କ ସହିତ ପରିଚୟ ହେଲା, କିନ୍ତୁ ସେମାନଙ୍କର ସ୍ନେହଶ୍ରଦ୍ଧା ଦେଖି ମୋତେ ଲାଗିଲା ଯେମିତି ଏହି ମା’ ଓ ଭାଇମାନେ ମୋର ଅତି ଆପଣାର । ବାସ୍ତବରେ ଆମେ ସମସ୍ତେ ଯେ ଶ୍ରୀଶ୍ରୀଠାକୁରଙ୍କ ପରିବାରର ଲୋକ ଏହିକଥା ମୋର ମର୍ମେ ମର୍ମେ ଅନୁଭବ ହୋଇଗଲା, ସବୁଭାଇ ଓ ମାଆମାନଙ୍କର ନିଷ୍ଠାପର ସେବା ଦେଖି ରାମ ସେତୁରେ ଗୁଣ୍ଡୁଚିମୂଷା ସଦୃଶ ଏହି ବିଶାଳ ଆୟୋଜନରେ ଶ୍ରୀଶ୍ରୀଠାକୁରଙ୍କର କିଛି ସେବା କରିବାର ତୀବ୍ର ଇଚ୍ଛା ମନ ମଧ୍ୟରେ ଜାଗ୍ରତ ହେଲା । କିନ୍ତୁ ମନରେ ଡର ଥାଏ । ମୋତେ ସେବା ମିଳିବକି ନାହିଁ । ହେଲେ ପରମକାରୁଣିକ କୃପାଳୁ ଠାକୁର ଦୟା କରି ତାଙ୍କ ସେବାର ସୁଯୋଗ ଦେଇଥିଲେ । ଶ୍ରୀଶ୍ରୀଠାକୁରଙ୍କ ସନ୍ଧ୍ୟା ଆଳତୀ ସମୟରେ ଆଲଟ ଚାମର ସେବାର ଇଚ୍ଛା ମନ ମଧ୍ୟରେ ଥିବା ସତ୍ତ୍ୱେ କେବେ ସେବାରେ ସୁଯୋଗ ମିଳେନି । ଯେତେବେଳେ ଗଲେ ମାଆମାନେ ଆଗୁଆ ଉପସ୍ଥିତ ଥାନ୍ତି । ମୁଁ ମନେ ମନେ କାହାକୁ କିଛି ନ କହି କେବଳ ଶ୍ରୀଶ୍ରୀଠାକୁରଙ୍କୁ ଜଣାଇ ଚାଲିଆସେ । ଏହି ମାସିକିଆ ପୂଜାରେ ମଞ୍ଜୁ ମା’ଙ୍କ ସହ ପରିଚୟ ହୋଇଥିଲା ।

ଦିନେ ସନ୍ଧ୍ୟାରେ ପ୍ରସାଦ ମଣ୍ଡପରେ ମଞ୍ଜୁ ମା’ ଦେଖାହେଲେ ଏବଂ କହିଲେ, ‘ଜଲଦି ପ୍ରସାଦ ପାଇ ଆସେ ସନ୍ଧ୍ୟା ଆରତୀ ହେବ ଆଉ ତୁ ଆଲଟ ଚାମର ସେବା କରିବୁ ।’ ସତରେ, ଠାକୁର ଯେ କେତେ ଦୟାମୟ ଅଧମ ଭକ୍ତର ସେ ସବୁ ଇଚ୍ଛା ପୂରଣ କରନ୍ତି । ତା’ପରେ ଅନେକଥର ମଧ୍ୟ ଶ୍ରୀଶ୍ରୀଠାକୁର ଆଲଟ ଚାମର ସେବାର ସୁଯୋଗ ଦେଇଥିଲେ । ସେହିଭଳି ସଂଗୀତ ସେବାରେ ମଧ୍ୟ ମୋର ମନ ଥାଏ, କିନ୍ତୁ ଭାଇ ଓ ମା’ମାନେ ଏତେ ସୁମଧୁର ସଂଗୀତ ଗାନ କରୁଥିଲେ ଯେ ମୁଁ ସାହସ ମଧ୍ୟ କରିପାରେନାହିଁ । ହେଲେ ଦୟାମୟ ଠାକୁର ମୋତେ ଅନେକଥର ସଂଗୀତସେବାର ସୁଯୋଗ ଦେଇଥିଲେ ।

ମନରେ ବହୁତ ଇଚ୍ଛା ଥାଏ ଆମର ପରିଚାଳକଙ୍କ ସହ ସାକ୍ଷାତ କରିବା ପାଇଁ । ମାସିକିଆ ପୂଜାରେ ମୋର ସାକ୍ଷାତ ହୋଇଥିଲା ଆମର ପରିଚାଳକ ସଂଗ୍ରାମ କେଶରୀ ସିଂହ ଭାଇଙ୍କ ସାଙ୍ଗରେ । ଭାଇଙ୍କୁ ଦେଖିଲେ ଆପେ ଆପେ ନତମସ୍ତକ ହୋଇଯାଏ । ମୋର ପ୍ରଥମଥର ଭାଇଙ୍କ ସହ ସାକ୍ଷାତ ହେଲା । ମୁଁ ଭାଇଙ୍କୁ ପ୍ରଣାମ କରି ଏବଂ ସେ ମଧ୍ୟ ମତେ ସେମିତି ପ୍ରଣାମ କଲେ । ମୋତେ ବହୁତ ଖରାପ ଲାଗିଲା । ମୁଁ ଭାଇଙ୍କୁ କହିଲି ଆପଣ ମୋଠାରୁ ବୟସରେ ବହୁତ ବଡ଼, ମୋତେ ଆପଣ କାହିଁକି ପ୍ରଣାମ କଲେ ? ଭାଇ କହିଲେ, ‘ମା’ ତୁମେମାନେ ଜଗତଜନନୀଙ୍କ ଅଂଶସମ୍ଭୂତା । ତେଣୁ ତୁମ୍ଭେମାନେ ମୋତେ ପ୍ରଣାମ କରିବା ଉଚିତ ନୁହେଁ । ତାଙ୍କର ଏହି କଥା ଶୁଣି ମୁଁ ଆଶ୍ଚର୍ଯ୍ୟ ହୋଇଗଲି । ଶ୍ରୀଶ୍ରୀଠାକୁରଙ୍କ ବାକ୍ୟ ଉପରେ ଭାଇଙ୍କର ଭରସା ଦେଖି ଆଖି ମୋର ଛଳ ଛଳ ହୋଇଗଲା, ପ୍ରାତଃପୂଜା, ମଧ୍ୟାହ୍ନ ପୂଜା, ରାତ୍ରି ପୂଜାରେ ଯୋଗଦାନ କରି ଲାଗୁଥାଏ ସତେକି ମୁଁ ନିତ୍ୟଲୋକରେ ଠାକୁରଙ୍କ ରାଜ୍ୟରେ ଅଛି । ମୋତେ ସିହ୍ନାଭାଇ ଦିନେ କହିଲେ, ‘ମା’ ଆପଣ ସମ୍ମିଳନୀରେ ଭାବ ବିନିମୟ କରିବେ ।’ ମୁଁ ଡରିଗଲି ଏବଂ କହିଲି ଭାଇ ମୋତେ କ୍ଷମା କରିବେ । ଭାବ ବିନିମୟ କେମିତି କରିବି ଜାଣିନି ଏବଂ ଏତେ ଭକ୍ତ ଗହଳରେ ମୋର

ଭାବ ବିନିମୟ କରିବାର ସାହସ ନାହିଁ । ସେଇଠି ମଞ୍ଜୁ ମା' ଉପସ୍ଥିତ ଥିଲେ କହିଲେ ତୁ ଭାଇଙ୍କ ମୁହଁରେ ମନା କରୁଛୁ । ଭାଇ ନୁହେଁ, ଠାକୁର ଭାଇଙ୍କ ମୁହଁରେ କୁହାଇଲେ, ତେଣୁ ତୁ ଭାବ ବିନିମୟ କରିବୁ । ମୁଁ ସବୁ ଶୁଣି ଚୁପ୍‌ଚାପ୍ ଫେରିଆସିଲି । ମା' କହିବା ସତ୍ତ୍ୱେ ମଧ୍ୟ ମୋ ମନରେ ଡର ଯାଇନଥିଲା, ତା' ପରଦିନ ମୁଁ ଆଶ୍ରମକୁ ଗଲି ଏବଂ ଠାକୁରଙ୍କୁ ଜଣାଇ ମନରେ ବହୁତ ସାହସ ବାନ୍ଧି ସିହ୍ନା ଭାଇଙ୍କୁ ଦେଖାକଲି ଏବଂ କହିଲି, ଭାଇ ମୋତେ କ୍ଷମା କରିବେ ମୁଁ ଭାବ ବିନିମୟ କରିପାରିବି ନାହିଁ । ମୋର ସାହସ ହେଉନାହିଁ । ତେଣୁ ମୋ ନାମ କାଟିଦିଅନ୍ତୁ । ଭାଇ ଗୋଟିଏ ସୁନ୍ଦର କଥା କହିଲେ, 'ମା' ତୁମେ କ'ଣ କହିବ, ଠାକୁର ଯାହା ତୁମକୁ କୁହାଇବେ ତାହା ତୁମେ କହିବ ।' ଭାଇଙ୍କର ଏହି କଥା ପଦକ ଏବଂ ପରିବାର ସଦସ୍ୟଙ୍କ ପ୍ରେରଣା ମୋ ମନରେ ସାହାସ ଆଣିଦେଲା । ତା'ପରେ ମୁଁ ଆସି ଠାକୁରଙ୍କୁ ଜଣାଇଲି ।

ଏହିପରି ସମୟ ବିତିଗଲା ଏବଂ ଶେଷରେ ସମ୍ମିଳନୀ ଆସିଗଲା । ଶ୍ରୀଶ୍ରୀଠାକୁର ସମ୍ମିଳନୀ ମଣ୍ଡପକୁ ବିଜେକଲେ । ହଜାର ହଜାର ଭକ୍ତଙ୍କ ଗହଣରେ ଠାକୁର ମଣ୍ଡପରେ ଥାନ୍ତି । ସତେକି ଦୁଇବାହୁ ତୋଳି ଅମାନିଆ ଅଝଟିଆ କଳିକଳୁଷିତ ମାନବଙ୍କୁ ତୋଳି ନେଉଛନ୍ତି । ନୟନରୁ ଝରଝର କରୁଣାର ଅଶ୍ରୁ ଝରିଯାଉଛି । ଶେଷରେ ମୋର ଭାବ ବିନିମୟ ସେବା ଆସିଲା । ମୁଁ ସମ୍ମିଳନୀ ମଣ୍ଡପରେ ଶ୍ରୀଶ୍ରୀଠାକୁରଙ୍କ ଶ୍ରୀଚରଣରେ ଜଣାଇଲି 'ହେ  ଦୟାମୟ ତୁମେ ମୋତେ ଭାବ ବିନିମୟର ସେବା ଦେଇଛ ।' ତୁମେ ମୋତେ ଯାହା କୁହାଇବ ମୁଁ ତାହା ହିଁ କହିବି ।' ଶେଷରେ ଶ୍ରୀଶ୍ରୀଠାକୁର ତାଙ୍କ ସେବା କରାଇନେଲେ । ବିଦାୟର ବେଳ ଆସିଲା, ଭକ୍ତମାନେ ଅଶ୍ରୁଳ ଚକ୍ଷୁରେ ବିଦାୟ ନେଲେ । ଯେତେବେଳେ ଶ୍ରୀଶ୍ରୀଠାକୁର ଢେଙ୍କାନାଳ ଆସନ ମନ୍ଦିରରୁ ବିଦାୟ ନେଇଥିଲେ ସେ ମୁହୂର୍ତ୍ତର ବିରହ ଯନ୍ତ୍ରଣା ଅବର୍ଣ୍ଣନୀୟ । ମନରେ ଯେଉଁ ଭୟ ଥିଲା ଆଜି ସେ ଭୟ ଆଉ ମନରେ ନାହିଁ । ବାଞ୍ଛାନିଧି ବାଞ୍ଛାକଳ୍ପତରୁ ଭକ୍ତର ସବୁ ମନକଥା ବୁଝିପାରିଥିଲେ ଏବଂ ଅନେକ ସେବାରେ ଆମକୁ ସୁଯୋଗ ଦେଇଥିଲେ । ଏବେବି ପ୍ରତ୍ୟେକ ବର୍ଷ ଜାନୁଆରୀ-ଫେବୃୟାରୀ ମାସ ଆସିଲେ ମୋ ସ୍ମୃତିରେ ଏହି କଥାସବୁ ପୁନଃ ଜାଗ୍ରତ ହୁଏ । ଢେଙ୍କାନାଳରେ ହୋଇଥିବା ସମ୍ମିଳନୀ ଏବଂ ଭାଇ ମା'ମାନଙ୍କର ନିଷ୍ପାପର ସେବା, ଆମ ପ୍ରତି ସ୍ନେହ ଆଦର ମୋ ମନରେ ଚିରସ୍ମରଣୀୟ ହୋଇ ରହିଯାଇଛି । ସେହି ସମ୍ମିଳନୀରୁ ମୁଁ ଅନେକ କଥା ଶିଖିଲି । 'ହେ କରୁଣାମୟ, ହେ ଦୟାମୟ ମୁଁ ଯେମିତି ମୋ ଜୀବନ କାଳରେ ସେହି ସବୁ କଥା ପ୍ରତିପାଳନ କରିପାରିବି ସେଥିପାଇଁ ଆପଣଙ୍କ ରାତୁଳ ଶ୍ରୀଚରଣରେ ପ୍ରାର୍ଥନା ଜଣାଉଛି ।

ଶ୍ରୀଶ୍ରୀଠାକୁର ଚରଣାଶ୍ରିତା
**ଶ୍ରୀମତୀ ଅଞ୍ଜଳୀ ନାୟକ**
ଆମେରିକା ସାରସ୍ୱତ ସଂଘ

◆◆◆

- ତିନୋଟି କ୍ରିୟା ସର୍ବଦା ଚାଲୁଅଛି-ସତ୍ତ୍ୱ, ରଜଃ ଓ ତମଃ । ତମୋଗୁଣୀ ଅବିଶ୍ୱାସୀ, ରଜଗୁଣୀ ସଂଶୟୀ ଓ ସତ୍ତ୍ୱଗୁଣୀ ବିଶ୍ୱାସୀ । ଆହାର ଓ ଚିନ୍ତା ସାତ୍ତ୍ୱିକ ହେଲେ ସତ୍ତ୍ୱଗୁଣର ଆଧିକ୍ୟ ହେବ । ଶେଷରେ ବିଶ୍ୱାସ ଆସିବ । ସତ୍‌ସଙ୍ଗ, ସଦ୍‌ଗ୍ରନ୍ଥ ପାଠ, ଶ୍ରୀଗୁରୁଦେବଙ୍କ ଉପଦେଶ ଶ୍ରବଣ ଏବଂ ଶେଷରେ ଶ୍ରୀଗୁରୁଦେବଙ୍କର ଉପଦେଶ ପାଳନ-ଏହାସବୁ ଅନୁସରଣ କଲେ ବିଶ୍ୱାସ ଆସିବ ।
- ଗୁରୁଙ୍କର ମରଣ ନାହିଁ । ସେ ସାକ୍ଷୀଚେତା କେବଳ ଏବଂ ନିର୍ଗୁଣ, 'ସାକ୍ଷୀଚେତା କେବଳ ନିର୍ଗୁଣଶ୍ଚ' । ସୁତରାଂ ଗୁରୁଙ୍କ ଚକ୍ଷୁରେ କେବେହେଲେ କୌଣସି ସମୟରେ ତୁମେମାନେ ଧୂଳି ନିକ୍ଷେପ କରିପାରିବ ନାହିଁ। ଗୁରୁ ଶିଷ୍ୟଙ୍କ ପ୍ରତି ସର୍ବଦା ସଜାଗ ଦୃଷ୍ଟି ରଖି ଚଳନ୍ତି । ଗୁରୁ ସ୍ଥୂଳଦେହଧାରୀ ହେଲେ ମଧ୍ୟ ଅନୁଗାମୀ - ଏ କଥାଟି ତୁମେମାନେ କୌଣସି ସମୟରେ ଭୁଲିଯିବ ନାହିଁ । ମୋ ଆଦେଶ-ଉପଦେଶକୁ ଅବମାନନା କଲେ ମୋତେ ଅବମାନନା କରିବା ଭଳି ହେବ ।

**- ଶ୍ରୀଶ୍ରୀଠାକୁର**

# ମୋ ଜୀବନରେ ଶ୍ରୀଶ୍ରୀଠାକୁର (ଭାଗ-୨)

**ଅନେକଜନ୍ମ ସଂପ୍ରାପ୍ତ କର୍ମବନ୍ଧ ବିଦାହିନେ ।**
**ଆତ୍ମଜ୍ଞାନ ପ୍ରଦାନେନ ତସ୍ମୈ ଶ୍ରୀଗୁରବେ ନମଃ ॥**

ପରମକାରୁଣିକ, ପରମ ପ୍ରେମମୟ, ଆମ ସମସ୍ତଙ୍କ ହୃଦୟମନ୍ଦିରର ଦେବତା, ଯିଏ ଶ୍ୱେତ ଶତଦଳ ପଦ୍ମ ଉପରେ ବିରାଜିତ, ଯାହାଙ୍କ ହୃଦୟନିକୁଞ୍ଜର ଆମେ ଶୁଆଶାରୀ, ଯାହାଙ୍କ ଶ୍ରୀମୁଖ ସଦା ହସ ହସ, ରଙ୍ଗିମା ଅଧର, ଯାହାଙ୍କ ଶ୍ରୀଚରଣଯୁଗଳର ଯିଏ ଥରେମାତ୍ର ଦର୍ଶନ ଓ ସ୍ପର୍ଶନର ସୌଭାଗ୍ୟ ଲାଭ କରିଛି ସେ ହୋଇଛି ବିମୋହିତ । ସେହି ପ୍ରାଣପ୍ରିୟ ଗୁରୁଦେବଙ୍କ ଅଭୟ ରାତୁଳ ଶ୍ରୀଚରଣରେ ପ୍ରଣତି ଜ୍ଞାପନ କରିବା ସହିତ ମୋ ଜୀବନରେ ଶ୍ରୀଶ୍ରୀଠାକୁର ଦ୍ୱିତୀୟଭାଗ ଲେଖା ଆରମ୍ଭ କରିବାକୁ ଅନୁମତି ଭିକ୍ଷା କରୁଛି । ହେ ଠାକୁର! ଆମେ ଅଜ୍ଞାନ, ମୂଢ଼ ମାନବ ଆପଣଙ୍କ ଶ୍ରୀଗୁଣ କୀର୍ତ୍ତନ କରିବାକୁ ଅସମର୍ଥ । ଆପଣ ଏହି ଦୀନ ସେବିକାଟି ଦ୍ୱାରା ସେବାଟି ସୂଚାରୁ ରୂପେ କରାଇନିଅନ୍ତୁ । ଆମ ଲେଖନୀ ମୁନରେ ଆପଣଙ୍କ ପ୍ରେମରଧାରା ବୁହାଇ ଦିଅନ୍ତୁ । ସର୍ବଶକ୍ତିମାନ ଶ୍ରୀଶ୍ରୀଠାକୁର ମହାରାଜଙ୍କ ଅପାର କରୁଣାରୁ 'ସାରସ୍ୱତ ମାଧୁରୀ-୨୦୨୧'ରେ ମୋ ଜୀବନରେ ଶ୍ରୀଶ୍ରୀଠାକୁର'ର ପ୍ରଥମ ଭାଗ ପ୍ରକାଶିତ ହୋଇଯାଇଛି । ଆମେରିକା ସାରସ୍ୱତ ସଂଘରେ କୃପାଳୁ ଠାକୁର ମହାରାଜଙ୍କ ଅସୀମ କୃପାରୁ କିପରି ଭାବେ ମୁଁ ଦୟାଳୁ ଠାକୁରଙ୍କ ସେବାପୂଜା କରିବାର ସୌଭାଗ୍ୟ ଲାଭ କରିପାରିଛି, ସେହି ଦିବ୍ୟାନୁଭୂତିକୁ ମୁଁ ଆପଣମାନଙ୍କ ସହିତ ବାଣ୍ଟିବାକୁ ପ୍ରୟାସ କରିଛି ।

ଖୁବ୍ ଆନନ୍ଦିତ ହୋଇଉଠିଲି, ଯେବେ ଶୁଣିବାକୁ ପାଇଲି ଏ ବର୍ଷ (୨୦୨୧)ଆମେରିକାରେ ସମ୍ମିଳନୀ ଅନୁଷ୍ଠିତ ହେବାକୁ ଯାଉଛି, କାରଣ କରୋନା ମହାମାରୀର ପ୍ରକୋପରୁ ଆମେ ଭାଇ ମାଆମାନେ ଏକତ୍ରିତ ହୋଇ ଶ୍ରୀଶ୍ରୀଠାକୁର ମହାରାଜଙ୍କ ଆରାଧନା କରିପାରୁନଥିଲୁ, ଫୋନ୍ ମାଧ୍ୟମରେ ସଂଘପୂଜାରେ ସମ୍ମିଳିତ ହେଉଥିଲେ ମଧ୍ୟ ବର୍ଷରେ ଗୋଟିଏ ଥର ଏକାଠି ସବୁ ଭାଇମା'ମାନଙ୍କ ସହିତ ଶ୍ରୀଶ୍ରୀଠାକୁରଙ୍କୁ ଆରାଧନା କରିବାର ସୁଯୋଗ ଆମକୁ କେବଳ ସମ୍ମିଳନୀରେ ହିଁ ମିଳିଥାଏ, କାରଣ 'ନିଗମ ସ୍ମୃତିମନ୍ଦିର' ଠାରୁ ଅନେକ ଭାଇ ମା'ମାନେ ଦୂରରେ ରହୁଥିବାରୁ ସଂଘକୁ ଆସିବା ସମ୍ଭବ ହୁଏନାହିଁ, ତେଣୁ ଫୋନ୍ ମାଧ୍ୟମରେ ଆମେ ସମସ୍ତ ସଂଘସେବୀ ଭାଇ ଓ ମା' ପ୍ରତ୍ୟେକ ରବିବାର ଦିନ ଯଥାରୀତି ସଂଘପୂଜାରେ ଯୋଗଦାନ କରି ଶ୍ରୀଶ୍ରୀଠାକୁରଙ୍କ ସେବାପୂଜା, ସ୍ତୋତ୍ରବନ୍ଦନା, ଆରତି, ପୁସ୍ତକପାଠ, ସଙ୍ଗୀତସେବା ଇତ୍ୟାଦି କରିଥାଉ ଓ ଏଥି ସହିତ କିଶୋର କିଶୋରୀ ବିଭାଗ ମଧ୍ୟ ଏଥିରେ ଯୋଗଦାନ କରି ଶ୍ରୀଶ୍ରୀଠାକୁରଙ୍କ ସେବାପୂଜା, ସ୍ତୋତ୍ର ବନ୍ଦନା କରିଥାନ୍ତି ଏବଂ ସେମାନଙ୍କୁ ମଧ୍ୟ ଶ୍ରୀଶ୍ରୀଠାକୁରଙ୍କ ଭାବଧାରାରେ କିପରି ଚଳିବାକୁ ହେବ ଶିକ୍ଷା ଦିଆଯାଇଥାଏ । ବର୍ଷର ଅନ୍ୟ ପୂଜା ଯେପରି ସଂଘର ବାର୍ଷିକ ଉତ୍ସବ, ଅକ୍ଷୟତୃତୀୟା, ଜନ୍ମୋତ୍ସବ, ରାସପୂର୍ଣ୍ଣିମା ଇତ୍ୟାଦି ବିଶେଷ ପୂଜାରେ ମଧ୍ୟ ଭକ୍ତମାନେ ଯୋଗଦାନ କରି ଶ୍ରୀଶ୍ରୀଠାକୁରଙ୍କ ସେବାପୂଜା ଖୁବ୍ ଆନନ୍ଦରେ ପାଳନ କରିଥାନ୍ତି, କିନ୍ତୁ କରୋନା ମହାମାରୀ ହେତୁ ଆଉ ଭକ୍ତମାନଙ୍କ ମିଳନ ହୋଇପାରିନଥିଲା, ସମ୍ମିଳନୀ ହେବା କଥା ଶୁଣି ସମସ୍ତ ଭକ୍ତ ଖୁବ୍ ଖୁସି ହୋଇଥିଲେ କିନ୍ତୁ ଏହାଥିଲା ବିଧିରକ୍ଷା ଭକ୍ତ ସମ୍ମିଳନୀ, ତେଣୁ ଭକ୍ତ ସଂଖ୍ୟା ବେଶୀ କରାଯାଇନଥିଲା, ତଥାପି ସମ୍ମିଳନୀରେ ଭକ୍ତମାନେ ଯୋଗଦାନ କରିଥିଲେ ଓ ଶ୍ରୀଶ୍ରୀଠାକୁରଙ୍କ ସେବାପୂଜା ଆନନ୍ଦ ସହକାରେ ସମ୍ପାଦିତ ହୋଇଥିଲା। ଶ୍ରୀଶ୍ରୀଠାକୁର ମହାରାଜଙ୍କ ଅଶେଷ କୃପାରୁ ଏହି ବିଧିରକ୍ଷା ସମ୍ମିଳନୀରେ ଆମେ ସପରିବାର ଯୋଗଦାନ କରିପାରିବାର ଅସୀମ ସୌଭାଗ୍ୟଲାଭ କରିପାରିଥିଲୁ । ଅଗଷ୍ଟମାସ ୫ ତାରିଖ ଗୁରୁବାର ଦିନ ଅଧିବାସ ପୂଜା ଅନୁଷ୍ଠିତ ହୋଇଥିଲା, ୬ତାରିଖ ଶୁକ୍ରବାର ଦିନ ସମ୍ମିଳନୀର ପ୍ରଥମ ଦିବସ ଓ ୭ତାରିଖ ଶନିବାର ଦିନ ଦ୍ୱିତୀୟ ଦିବସ ଓ ୮ତାରିଖ ରବିବାର ଦିନ ପ୍ରାତଃକାଳ ପ୍ରଥମ ଅଧିବେଶନରେ ବିଦାୟସଭା ଅନୁଷ୍ଠିତ ହୋଇଥିଲା । ଏହି ତିନିଦିନ ନିଗମ ସ୍ମୃତି ମନ୍ଦିର ପାଲଟିଥିଲା ନିତ୍ୟଲୋକ ଓ ଆମେ ସମସ୍ତେ ସେହି ନିତ୍ୟଲୋକର ନିତ୍ୟପୁରୁଷ ଶ୍ରୀଶ୍ରୀଠାକୁରଙ୍କ ନିତ୍ୟ ପାର୍ଷଦ । ସରବେ ସେବା ନିରତ ସମଭାବେ ଆନନ୍ଦିତ' । ଲାଗୁଥିଲା ସତେ ଯେପରି ସମସ୍ତ ସଖୀ, ମଞ୍ଜରୀ ଏକା ରାଧାଭାବରେ ନିତ୍ୟଲୋକର ନିତ୍ୟପୁରୁଷଙ୍କ ସେବାମୃତ ପାନରେ ନିମଗ୍ନ ।

ଏହି ତିନିଦିନ ଯେ କିପରି ବିତିଗଲା ତାହା ଆମେ କେହି ଜାଣିପାରିଲୁ ନାହିଁ । ମୋ ଜୀବନରେ ପ୍ରଥମଥର ପାଇଁ ମୁଁ ସମ୍ମିଳନୀରେ ସେବା କରିବାର ସୌଭାଗ୍ୟ ପ୍ରାପ୍ତ ହୋଇଥିଲି । ଆମର ନଟବର କାଳିଆକାହ୍ନୁ ଠାକୁର ମହାରାଜଙ୍କ ପାଇଁ ସଙ୍ଗୀତସେବା କରିବାର ସୌଭାଗ୍ୟ ଲାଭ କରିଥିଲି । ଅହେତୁକି କୃପାମୟ ଠାକୁର ମହାରାଜଙ୍କ ଅପାର କୃପା ପ୍ରାପ୍ତ ହୋଇଥିବାରୁ ମୁଁ ସେଇ ରଙ୍ଗ ଅଧରଙ୍କ ଶ୍ରୀଚରଣ ତଳେ ମୋର ହୃଦୟାବେଗଭରା କୃତଜ୍ଞତା ଜ୍ଞାପନ କରିଥିଲି । ଠାକୁର ଏହିପରି ଆପଣଙ୍କ କୃପା ସାରା ସଂସାର ଉପରେ ଥାଉ ଏହି ପ୍ରାର୍ଥନା କରିଥିଲୁ । ସମ୍ମିଳନୀର ଆନନ୍ଦକୁ ହୃଦୟରେ ଜାବୁଡ଼ି ଧରି ଗୃହକୁ ଫେରିଥିଲୁ । ତା ପରଠୁ ତ ମନ ଆଉ ଘରେ ଲାଗେନି । ଶ୍ରୀଶ୍ରୀଠାକୁରଙ୍କ ଅସୀମ କୃପାରୁ ଆମ ଝିଅର Pre School ରେ Admission ହୋଇଗଲା । ତାର ଯେବେ ବି ସ୍କୁଲ ଛୁଟି ଓ ଘର ଭାଇଙ୍କ ଅଫିସ ଛୁଟିରେ ଆମେ New Jersey ରୁ ନିଗମ ସ୍ମୃତିମନ୍ଦିର (Efland, North Carolina) ଯିବାକୁ ଆରମ୍ଭ କଲୁ । ଝିଅ ମଧ୍ୟ ଖୁବ୍ ଆଗ୍ରହ ପ୍ରକାଶ କରେ ଠାକୁରଙ୍କ ପାଖକୁ ଯିବାକୁ । ଆଶ୍ରମ ଯିବା କଥା କହିଲେ ବହୁତ ଖୁସି ହୋଇଯାଏ । ଏମିତି କିଛିଦିନ ଯିବା ପରେ ଆମ ସଂଘର ନିତ୍ୟ ସେବକ ବିଶ୍ୱଜିତ୍ ପତି (ବିଶୁ) ଭାଇଙ୍କୁ India ଯିବାକୁ ହେଲା । ତେଣୁ ଶ୍ରୀଶ୍ରୀଠାକୁରଙ୍କ ନିତ୍ୟ ସେବାପାଇଁ ଭାଇ ମା'ମାନେ ପାଳି କରି ଆଶ୍ରମରେ ରହି ଶ୍ରୀଶ୍ରୀଠାକୁରଙ୍କ ନିତ୍ୟ ସେବାପୂଜା କରିବାକୁ ପରିଚାଳନା ମଣ୍ଡଳୀ ସ୍ଥିର କରିଥିଲେ।

ଗୁରୁଦେବଙ୍କ କୃପାରୁ ସଂଘ ନିର୍ଦ୍ଦେଶକ୍ରମେ ପ୍ରଥମେ ଶ୍ରୀଶ୍ରୀଠାକୁରଙ୍କର ସେବା କରିବାର ସୁଯୋଗ ଆମକୁ ପ୍ରାପ୍ତ ହେଲା । ୨୪ଡିସେମ୍ବର ୨୦୨୧ଠାରୁ ୧୭ ଜାନୁୟାରୀ ୨୦୨୨ ଯାଏ ଆମେ ସପରିବାର ଆମେରିକା ସଂଘରେ ଶ୍ରୀଶ୍ରୀଠାକୁରଙ୍କ ନିତ୍ୟ ସେବା ପୂଜା କରିବାର ସୁଯୋଗ ଲାଭ କରିଥିଲୁ । ଆରମ୍ଭରୁ କିଛିଦିନ ବିଶୁ ଭାଇ ନିଗମ ସ୍ମୃତି ମନ୍ଦିରରେ ଥିଲାବେଳେ ମାତ୍ର ଡିସେମ୍ବର ୩୦ ତାରିଖ ଦିନ ଭାଇ ଇଣ୍ଡିଆ ଯିବାକୁ ବାହାରିଗଲେ, ତା'ପରଠାରୁ ଆମକୁ ଏକା ଶ୍ରୀଶ୍ରୀଠାକୁରଙ୍କ ସେବା କରିବାର ସୌଭାଗ୍ୟ ଲାଭ ହେଲା, ପ୍ରଥମ ଥର ପାଇଁ କ'ଣ କିପରି ସଂଘରେ ସେବା କରିପାରିବି, ଶ୍ରୀଶ୍ରୀଠାକୁରଙ୍କ ସେବା କିପରି ଠିକ୍ ଠିକ୍ ଭାବେ ହୋଇପାରିବ ସେଥିପାଇଁ ଡର ଲାଗୁଥିଲେ ମଧ୍ୟ ମନ ମଧ୍ୟରେ ଏକ ଅଜଣା ଆନନ୍ଦ, ଉତ୍ସାହ ଓ ସଚେତନ ଭାବ ଲାଗିରହିଥାଏ । ମୁଁ ପ୍ରତ୍ୟେକ ଦିନ ପ୍ରାତଃରୁ ଠାକୁରଙ୍କୁଜଣାଇ ସେବା ପୂଜା ଆରମ୍ଭ କରେ ଓ ଘରଭାଇ ମଧ୍ୟ ସେପରି କରନ୍ତି । ଶ୍ରୀଶ୍ରୀଠାକୁରଙ୍କୁ ଜଣାଇ ଦିନ ଆରମ୍ଭ କରୁଥିବାରୁ ନିତ୍ୟସେବା ଯଥାରୀତି କରିବାକୁ ଚେଷ୍ଟା କରିପାରିଥିଲୁ । ଜ୍ଞାତ ବା ଅଜ୍ଞାତ ସାରରେ ଯାହା ଭୁଲ୍ତ୍ରୁଟି ହୋଇଥିବ ସେଥିପାଇଁ କରୁଣାମୟଙ୍କ ଅଭୟ ଶ୍ରୀପଦ ସରୋଜ ଯୁଗଳରେ ଆମେ ଦୀନ ସେବକ ସେବିକା ଆଜୀବନ କ୍ଷମାପ୍ରାର୍ଥୀ । ଘରଭାଇ କେବଳ ଏତିକି ବୁଝାନ୍ତି, ଡରୁଛ କାହିଁକି । ସେ ପରା ଆମ ବାପା, ଆମ ବାପା ପାଖରେ ଥିଲେ ଯେମିତି ସେବା କରିଥାନ୍ତ, ଠିକ୍ ସେହିପରି କର, ନ ହେଲେ ତୁମର ଯେମିତି ଭାବ ଠାକୁରଙ୍କ ପାଇଁ ସେମିତି କର, ସେ ପରା ଭାବଗ୍ରାହୀ, ସେ ତାଙ୍କ ପିଲାର ଭାବ ଟିକକ ଦେଖନ୍ତି, ତୁମେ ମନଖୁସିରେ ତାଙ୍କୁ ସୁମରଣା କରି ସେବା କର, ଦେଖିବ ସେ ନିଶ୍ଚୟ ତୁମର ସବୁ ସେବା ଗ୍ରହଣ କରିବେ । ତାଙ୍କର ଏହି ପଦିଏ କଥା ମୋ ଭିତରେ ଆଶାର ସଞ୍ଚାର କଲା । କାରଣ ମୁଁ ଡରୁଥିଲି କାଳେ ଶ୍ରୀଶ୍ରୀଠାକୁରଙ୍କ ସେବାରେ କିଛି ଭୁଲ୍ ହେଇଯିବ । ଯାହା ହେଉ ଏହି ଆଶ୍ରମ ରହଣି ଓ ସେବାପୂଜା ମାଧ୍ୟମରେ ଆମେ ଅନେକ କିଛି ଶିଖିବାକୁ ପାଇଲୁ । ଦାୟିତ୍ୱବାନ୍ ସମୟାନୁବର୍ତ୍ତୀ, ଆଦେଶ ମାନି ଚଳିବା, ଶୃଙ୍ଖଳା ଜ୍ଞାନ ଇତ୍ୟାଦି । ଏହିପରି ଭାବେ ଆମେ ସଂଘର ବାର୍ଷିକ ଉତ୍ସବ ଯାଏ ରହିଥିଲୁ । ୧୫ଜାନୁୟାରୀ ଶନିବାର ଦିନ ଅଧିବାସ ପୂଜା ଓ ୧୬ ଜାନୁଆରୀ ରବିବାର ଦିନ ଆମ ସଂଘର ବାର୍ଷିକ ଉତ୍ସବ ଥିଲା । ଏହି ନିତ୍ୟପୂଜା ଚାଲିଥିବା ବେଳେ ଜାନୁୟାରୀ ୩ ତାରିଖ ଠାରୁ ଆମ ସଂଘର ସଭାପତି ବ୍ରଜେନ୍ଦ୍ର ପଣ୍ଡା ଭାଇ ଓ ରଶ୍ମୀ ମା' ମଧ୍ୟ ଆସି ନିଗମ ସ୍ମୃତି ମନ୍ଦିରରେ ଶ୍ରୀଶ୍ରୀଠାକୁରଙ୍କ ସେବାପୂଜା କରିବାକୁ ଲାଗିଲେ । ଏହି ସମୟ ମଧ୍ୟରେ ସଂଘ ନିକଟବର୍ତ୍ତୀ ଭାଇ ଓ ମା'ମାନଙ୍କ ସହିତ ମିଶିବାର ସୁଯୋଗ ଲାଭକଲୁ । ସମ୍ପାଦକ ବିଶ୍ୱଜିତ୍ ଭାଇ, ମା' ଓ ସଂଘର ଅନ୍ୟ ଭାଇ ଓ ମା'ମାନେ ମଧ୍ୟ ପ୍ରତ୍ୟେକ ଶନିବାର ଅଧିବାସ ଓ ରବିବାର ସଂଘ ପୂଜାକୁ ଆସନ୍ତି । ଆମେ ସମସ୍ତେ ମିଶି ଆନନ୍ଦ ମନରେ ଶ୍ରୀଶ୍ରୀଠାକୁରଙ୍କ ସେବା କରୁ, ପ୍ରସାଦ ପାଉ, ଶ୍ରୀଶ୍ରୀଠାକୁରଙ୍କ ଗୁଣ କୀର୍ତ୍ତନକରୁ । ଜାନୁଆରୀ ୮ତାରିଖ ଠାରୁ ଅନୁପ୍ ଭାଇ ଓ ଶ୍ୱେତା ମା' ମଧ୍ୟ ଆସି ନିତ୍ୟସେବାରେ ଯୋଗଦେଲେ । ଆମେ ସମସ୍ତେ ନିତ୍ୟସେବା ପରେ ବାର୍ଷିକ ଉତ୍ସବ ପାଇଁ ଆସନସଜ୍ଜା ସେବାରେ ଲାଗିଯାଉ । ଏଥିମଧ୍ୟରେ ଆସନମନ୍ଦିର ପାଖାପାଖି ଥିବା ଭାଇ ଓ ମା'ମାନେ, ପିଲାମାନେ ଅଧିବାସପୂଜା ପୂର୍ବଦିନରୁ ଆସି ଯୋଗଦେଲେ । ଆମେ ସମସ୍ତେ ମିଳିମିଶି ଆସନସଜ୍ଜାରେ ଲାଗିପଡ଼ିଲୁ । ଏହି ଆସନସଜ୍ଜା ସେବା ମଧ୍ୟ ମୋର ପ୍ରଥମ ଅଭିଜ୍ଞତା କାରଣ ଏଥିପୂର୍ବରୁ

ମୁଁ ଆସନସଜ୍ଜାରେ କେବେ ଯୋଗଦାନ କରିନଥିଲି । ଖୁବ୍ ଆନନ୍ଦ ଲାଗିଲା ଓ ଅନେକ ଭାଇ ମା'ଙ୍କ ପାଖରୁ ଆସନ ସଜ୍ଜା ସମ୍ବନ୍ଧରେ ଶିଖିବାକୁ ମିଳିଲା । ସେଥିପାଇଁ ମୁଁ ଆଗାମୀ ସମ୍ମିଳନୀ ପାଇଁ ଆସନସଜ୍ଜା ସେବାରେ ନାମ ଦେଲି । ଏହି ରହଣି କାଳରେ ଆମେ ସକାଳସନ୍ଧ୍ୟାରେ ଶାସ୍ତ୍ରାଲୋଚନା କରୁ, ଶ୍ରୀଶ୍ରୀଠାକୁରଙ୍କ ଲୀଳା କାହାଣୀ ବିଷୟରେ ଶୁଣୁ । ସଭାପତି ଭାଇ ଶାସ୍ତ୍ରପାଠ କରନ୍ତି । ମୁଁ ମଧ୍ୟ ସମସ୍ତ ଭାଇ ଓ ମା'ମାନଙ୍କ ପାଖରୁ ଶ୍ରୀଶ୍ରୀଠାକୁରଙ୍କ ଭାବଧାରାରେ କିପରି ଜୀବନ ଗଠନ କରି ଚଳିବାକୁ ହୁଏ ତାହା ଶିଖିବାକୁ ପାଇଲି । ନିତ୍ୟସେବା ପରେ ଆମେ ସମସ୍ତେ ମିଳି ମିଶି ଆଶ୍ରମ ପରିସର ବାହାର ଭିତର ସବୁ ସଫା କରିବାକୁ ଓ ପରିଷ୍କାର ରଖିବାକୁ ଚେଷ୍ଟା କରୁ ।

ଏହିପରି ଭାବେ ଆଶ୍ରମରେ ଦିନ ବିତିଗଲା, ବାର୍ଷିକ ଉତ୍ସବ ରବିବାର ଥିବାରୁ, ସବୁ ଭାଇ ମା' ମନସ୍ଥ କରିଥିଲେ ପୂଜା ସରିଲା ପରେ ଆମେ ସମସ୍ତେ ନିଜନିଜ ଗୃହାସନକୁ ଫେରିଯିବୁ ଓ ଏହା ପରେ ଯେଉଁ ଭାଇମାନଙ୍କ ପାଳିଥିଲା ସେମାନେ ଆସି ବାର୍ଷିକ ଉତ୍ସବରେ ଯୋଗଦାନ କରିଥିଲେ, କିନ୍ତୁ ଶ୍ରୀଶ୍ରୀଠାକୁରଙ୍କ ଇଚ୍ଛା କିଛି ଅନ୍ୟ ଥିଲା, ବାର୍ଷିକ ଉତ୍ସବ ଦିବସ ସକାଳୁ ବରଫ ଝଡ଼ ଆରମ୍ଭ ହୋଇଗଲା ଦିନସାରା ଏହା ଲାଗିରହିଲା, ସେଥିପାଇଁ ସେଦିନ ଆଉ ବାହାରି ହେଲାନାହିଁ । ସମସ୍ତଙ୍କୁ ସେ ଦିନଟା ଆଶ୍ରମରେ ରହିବାକୁ ହେଲା । ସେଦିନ ମଧ୍ୟ ସମ୍ମିଳନୀ ପରି ଲାଗୁଥାଏ । ସେବାପୂଜା, ପ୍ରସାଦ ସେବନ, ଆନନ୍ଦ ଚାଲିଥାଏ ଓ ତାହାରି ଭିତରେ ଭାଇ ଓ ମା'ମାନେ ମିଶି ରନ୍ଧନଗୃହ, ଭଣ୍ଡାରଘର ସଜଡ଼ାସଜଡ଼ି କରିଦେଲେ । ସେବା ସବୁ ସୁରୁଖୁରୁରେ ହୋଇଗଲା । ଏତେଦିନ ପରେ ଭାଇ ମା'ମାନଙ୍କୁ ପରସ୍ପର ସହିତ ସମୟ ବିତାଇବାର ସୁଯୋଗ ମିଳିଲା । ତା' ପରଦିନ ଝଡ଼ ଛାଡ଼ିଯାଇଥିଲା, ଯିଏ ଯାହା ଗୃହକୁ ସକାଳ ପୂଜା ପରେ ବାଲ୍ୟ ପ୍ରସାଦ ପାଇ ବାହାରିଲେ । ସମସ୍ତେ ଯିବାବେଳେ କଥା ହେଉଥିଲେ ବୋଧହୁଏ ଶ୍ରୀଶ୍ରୀଠାକୁର ମହାରାଜଙ୍କର ଏହା ହିଁ ଇଚ୍ଛା ଥିଲା, ଏତେଦିନ ପରେ ଆସିଛ, ଗୋଟିଏ ଦିନ ଅନ୍ତତଃ ଭାଇ ମା' ମିଶି ରହିଯାଅ, ସଂସାର ଚିନ୍ତା ଛାଡ଼ି ଆନନ୍ଦ କର । ଏହିଦିନ ଭିତରେ ମୋର ବିଶେଷ ଅନୁଭୂତି ହେଲା, ଝିଅର ସ୍କୁଲ ଜାନୁୟାରୀ ୨ ତାରିଖରେ ଖୋଲୁଥିଲା, ସେଥିପାଇଁ ଆମେ ଭାବିଥିଲୁ ସଭାପତି ଭାଇ ଓ ମା' ଆସିଲା ପରେ ଆମେ ଗୃହାସନକୁ ଚାଲିଯିବୁ, ହେଲେ ଭାଇ ମା' ଆସିଲା ପରେ କହିଲେ, ରହିଯାନ୍ତୁ ବାର୍ଷିକ ଉତ୍ସବ ଆଉ ଅଳ୍ପଦିନ ରହିଲା, ଏତେ ବାଟଯାଇ ପୁଣି New Jerseyରୁ ଆସିବେ । ମନ ମାନୁନଥିଲା, ଝିଅ ସ୍କୁଲ ବନ୍ଦ ହୋଇଯିବ ଭାବି, ଏତେଦିନ ଛୁଟି କଲେ କ'ଣ କହିବି ସ୍କୁଲରେ ଭାବୁଥିଲି! କିନ୍ତୁ ରଶ୍ମୀ ମାଆ ମୋତେ କହିଲେ କିଛି ହେବନି, କହିଦେବ ଆମେ ବାହାରକୁ ଆସିଛୁ ଆଉ ବରଫ ଝଡ଼ ପାଇଁ ରହିଯାଉଛୁ, ଯାଇପାରୁନୁ । ସେତେବେଳେ ଜାନୁଆରୀ ମାସ, ଶୀତଦିନ, ସତରେ ମଧ୍ୟ ସବୁ ଜାଗାରେ ଝଡ଼ ଲାଗିରହିଥାଏ । ତେଣୁ ଝିଅର teacher କୁ କହିଲି ଆମେ Christmas ଛୁଟି କାଟିବାକୁ ଆସିଥିଲୁ ଆଉ ବରଫ ଝଡ଼ ପାଇଁ flight cancel ହୋଇଯାଇଥିବାରୁ ଆଉ ଯାଇ ପାରୁନୁ, କାରଣ ସେତେବେଳେ ପରିସ୍ଥିତି ସେପରି ଥିଲା ଓ ବହୁତ୍ flight cancel ହେଉଥିଲା । ତେଣୁ ଛୁଟି ଅନିର୍ଦ୍ଦିଷ୍ଟ ସମୟ ପାଇଁ ମଞ୍ଜୁର ହୋଇଗଲା । ଘର ଭାଇଙ୍କର Work from home ଚାଲିଥିବାରୁ କିଛି ଅସୁବିଧା ହେଲାନି । ହେଲେ ଆଶ୍ଚର୍ଯ୍ୟର କଥା, ଯେଉଁଦିନ ଆମେ ବାହାରିଥିଲୁ Driving କରି ଫେରିଆସିବୁ, ତା'ପରଦିନ ଶୁଣିବାକୁ ପାଇଲୁ accident ଓ ବରଫ ଝଡ଼ ପାଇଁ ରାସ୍ତା ବନ୍ଦ, ଯେଉଁଲୋକମାନେ ସେ ବାଟରେ ଯାଇଛନ୍ତି, ସେମାନେ ଦିନସାରା ଓ ରାତିସାରା ଅଟକି ରହି ଫସି ଯାଇଥିଲେ, ମୁଁ ବୁଝିପାରିଲି ଶ୍ରୀଶ୍ରୀଠାକୁର କେତେ କରୁଣାମୟ, ଏତେ ଥଣ୍ଡାରେ ଛୋଟ ଝିଅ ସହିତ ଆମେ କେମିତି ଗାଡ଼ିରେ ଗୋଟିଏ ଦିନ ରହିଥାନ୍ତୁ, ଶ୍ରୀଶ୍ରୀଠାକୁର ଆମକୁ ନିଶ୍ଚିତ ବିପଦରୁ ରକ୍ଷା କଲେ । ଆଉ ଗୋଟେ ଅନୁଭୂତି ବାର୍ଷିକ ଉତ୍ସବ ପୂର୍ବ ଦିନରୁ ବରଫ ଝଡ଼ ପାଇଁ ସବୁ ଦୋକାନରୁ କ୍ଷୀର ଶେଷ ହୋଇଯାଇଥାଏ । ସବୁଭାଇ ସବୁ ଦୋକାନ ଖୋଜି ଖୋଜି ନିରାଶ ହେଲେ । କାଲି ଉତ୍ସବ ଆଉ ଆଜି କ୍ଷୀର ନାହିଁ । ମୋତେ ଶିବାନୀ ମା' କହିଲେ, ଦେଖିବ ନିଶ୍ଚିତ ଭାବେ କ୍ଷୀର ମିଳିଯିବ, ତୁମେ ବ୍ୟସ୍ତ ହୁଅନି । କିଛି ସମୟ ପରେ ସନ୍ଧ୍ୟା ପୂଜା ପରେ ଆସି ଦେଖେ ତ ରୋଷେଇଘରେ କ୍ଷୀର ୨ଟା ଥୁଆ ହୋଇଛି । ଶିବାନୀ ମା'ଙ୍କୁ ପଚାରିବାରୁ ମା' କହିଲେ ତାଙ୍କ ପାଇଁ ପୁଣି କ୍ଷୀରର ଅଭାବ ହେବ, ଜଣେ ଭାଇଙ୍କୁ ଗୋଟିଏ ଦୋକାନରେ ୨ଟା କ୍ଷୀର ଥିଲା ତାହା ଆମକୁ ମିଳିଗଲା । ଏହା ଶୁଣି ମୋ ଆନନ୍ଦର ସୀମା ରହିଲା ନାହିଁ । ଗୁଣାଧିପତିଙ୍କର ଯେତେ ଗୁଣ କୀର୍ତ୍ତନ କରିବି, ତାହା କମ୍ ହେବ । ଜୀବନର ପାଦେ ପାଦେ ଆମେ ତାଙ୍କ ଉପସ୍ଥିତି ଓ ଆମ ଉପରେ ତାଙ୍କ ଆଶୀର୍ବାଦକୁ ଅନୁଭବ କରିଆସୁଛୁ । 'ଡର କାହାକୁ ଭୟ କାହାକୁ ଠାକୁର ଅଛନ୍ତି ଚଉବାହାକୁ' । ଏହା ପରେ ପୁଣି ଆମେ ଚାତକ ପରି ଚାହିଁ ରହିଲୁ ଆଉ କେବେ ଆଶ୍ରମ ଆସିବୁ, ଝିଅର

Spring vacation ୭ଦିନ ଥିଲା, ତେଣୁ ଏପ୍ରିଲ୍ ମାସ ୯ ତାରିଖ ଶନିବାର ଦିନ ଆମେ ଆଶ୍ରମରେ ଆସି ସନ୍ଧ୍ୟାରେ ପହଞ୍ଚିଲୁ, ଏପ୍ରିଲ୍ ମାସ ୧୭ ତାରିଖ ରବିବାର ଦିନ ଗୃହକୁ ଫେରିଲୁ । ଆମ ସହିତ ଶିବାନୀ ମା' ଓ ଜ୍ଞାନ ଭାଇ ମଧ୍ୟ ସେହି ସମୟରେ ଆସନ ମନ୍ଦିରରେ ଥିଲେ । ଏହା ଭିତରେ ଆମେ ଆଶ୍ରମ ଦ୍ୱାରା adopted ରାସ୍ତା ସଫେଇ ସେବାରେ ସବୁ ଭାଇ ମା' ମିଶି ଯୋଗଦେଇଥିଲୁ । ଏହା ଏକ ନିଆରା ଅନୁଭବ ଥିଲା ଏବଂ ବସନ୍ତ ଋତୁ ଚାଲିଥିବାରୁ ଆଶ୍ରମ ବାଡ଼ି ବଗିଚା ନାନା ରକମ ରଙ୍ଗବେରଙ୍ଗ ଫୁଲରେ ଭରିଯାଇଛି ।

ଶୀତଋତୁରେ ବାଡ଼ିଫୁଲ କମ୍ ମିଳୁଥିବାରୁ ଶ୍ରୀଶ୍ରୀଠାକୁରଙ୍କୁ କିଣା ଫୁଲ ଦିଆଯାଏ । କିନ୍ତୁ ଏହି ବସନ୍ତ ଋତୁରେ ବିଭିନ୍ନ ପ୍ରକାର ସୁନ୍ଦର ଫୁଲରେ ବଗିଚା ଭରପୁର ତେଣୁ ଆମେ ବାଡ଼ିଫୁଲ ତୋଳି ହାରଗୁନ୍ଥି ଶ୍ରୀଶ୍ରୀଠାକୁରଙ୍କୁ ନିବେଦନ କରୁ। ପ୍ରତ୍ୟହ ମଧ୍ୟାହ୍ନ ଭୋଗ ପରେ ଅବସର ସମୟରେ ଶ୍ରୀଶ୍ରୀଠାକୁରଙ୍କ ପାଇଁ ଆମେ ମା' ମାନେ ମିଶି ଶୁଖିଲି ଭୋଗ ପ୍ରସ୍ତୁତ କରି ରଖୁ, ଆଶ୍ରମ ସଫା କରିଥାଉ । ଏହି ଏକ ସପ୍ତାହ ମଧ୍ୟ ଶ୍ରୀଶ୍ରୀଠାକୁରଙ୍କ ସାନ୍ନିଧ ଲାଭ କରି ଧନ୍ୟ ହେଲୁ । ଏହାର ଠିକ୍ ଦୁଇସପ୍ତାହ ପରେ ଅକ୍ଷୟ ତୃତୀୟା, ଉତ୍ସବରେ ମୋର ପାଳି ସେବା ଥାଏ । ଆମ ପାଖରୁ ବିଶ୍ୱରଞ୍ଜନ ଭାଇ ଆସୁଥାନ୍ତି ଆଶ୍ରମ, ତାଙ୍କର ମଧ୍ୟ ପାଳିଥାଏ । ସେ ହଠାତ୍ ଫୋନ୍ କରି ଆଶ୍ରମ ଯିବାକୁ କହିଲେ, ଯେହେତୁ ଆମେ ଏଇ ଦୁଇସପ୍ତାହ ଆଗରୁ ଯାଇଥିଲୁ, ତେଣୁ ଦୁଇଭାଇ ମିଶି ଆଶ୍ରମ ଯିବେ ଓ ଆମେ ମା' ଝିଅ ଘରେ ରହିବୁ, କାରଣ ଝିଅର ସ୍କୁଲ୍ ଚାଲିଥାଏ । କିନ୍ତୁ ଶ୍ରୀଶ୍ରୀଠାକୁରଙ୍କର ଇଚ୍ଛା ହିଁ କିଛି ଅଲଗା, ଯେତେବେଳେ ଘରଭାଇ ପ୍ରସ୍ତୁତ ହେଉଥାନ୍ତି ଆଶ୍ରମ ବାହାରିବାକୁ ଝିଅ କାନ୍ଦିବାକୁ ଲାଗିଲା ଓ କହିଲା ମୁଁ ମଧ୍ୟ ଆଶ୍ରମ ଯିବି, ଠିକ୍ ସେତେବେଳେ ଯେଉଁ ଭାଇଙ୍କ ସହିତ ଯିବାକୁ ବାହାରିଥିଲୁ ସେ ଅଧାରାସ୍ତାରୁ ଫୋନ୍ କରି କହିଲେ, ମା'ଙ୍କୁ ଓ ଝିଅକୁ କୁହନ୍ତୁ, ଆଶ୍ରମ ଯିବେ, କାହିଁକି ଏକୁଟିଆ ରହିବେ । କିଛି ସମୟ ପାଇଁ ଏମିତି ଲାଗିଲା ଯେମିତି ଶ୍ରୀଶ୍ରୀଠାକୁର ଡାକୁଛନ୍ତି ଆସିବାକୁ। ମୁଁ ଆଉ ଝିଅର ସ୍କୁଲ୍ କଥା ନଭାବି ଲୁଗା ପଟା ସଜଡ଼ାସଜଡ଼ି କରି ଆଶ୍ରମ ଯିବାକୁ ପ୍ରସ୍ତୁତ ହୋଇଗଲି, ଯେମିତି ଏତେ କମ୍ ସମୟ ମଧ୍ୟରେ ମୋ ଭିତରେ ଶତସିଂହର ବଳ ଆସିଯାଇଥାଏ । ସବୁକିଛି କାମ ସାରି ଆମେ ସଂଘପୂଜା ଓ ଆସନ୍ତା ଅକ୍ଷୟ ତୃତୀୟା ପୂଜା ପାଇଁ ଆଶ୍ରମ ଅଭିମୁଖେ ବାହାରିପଡ଼ିଲୁ ଓ ଯଥା ସମୟରେ ଆଶ୍ରମରେ ପହଞ୍ଚିଲୁ । ରବିବାର ଦିନ ସଂଘରେ ମହିଳାପୂଜାରେ ଯୋଗଦାନ କରିପାରିଥିଲି ଓ ମଙ୍ଗଳବାର ଦିନ ସନ୍ଧ୍ୟାରେ ଅକ୍ଷୟତୃତୀୟା ପୂଜା ଥାଏ । ଅକ୍ଷୟ ତୃତୀୟାରେ ମୋ ପାଳିସେବା କରିପାରିଥିଲି । ତାଙ୍କ କୃପା ଡୋରି ଲାଗିଲେ ତାଙ୍କୁ ଦର୍ଶନ କରିବା ପାଇଁ କୌଣସି ବାଧାବିଘ୍ନ ଅଟକେଇ ପାରିବ ନାହିଁ। ଭାଇ ମା'ମାନଙ୍କ ସହିତ ମିଶିଲେ ଖୁବ୍ ଆନନ୍ଦ ଲାଗେ । ଘରଠାରୁ ଦୂରରେ ଥାଇ ଯେତେବେଳେ 'ନିଗମସ୍ମୃତି ମନ୍ଦିର'କୁ ଆସୁ, ସବୁ ସ୍ନେହ ଆଦର ପାଉ । ଏକ ଆତ୍ମୀୟତାର ଡୋର ଯାହା ଆମ ସମସ୍ତଙ୍କୁ ଗୋଟିଏ ସୂତାରେ ବାନ୍ଧିକି ରଖିଛି, ତାହା ହେଉଛି ପ୍ରାଣପ୍ରିୟ ଠାକୁରଙ୍କ ଆମ ସମସ୍ତଙ୍କ ପ୍ରତି ଭଲ ପାଇବା ଓ ଆଶୀର୍ବାଦ। ଭକ୍ତବତ୍ସଳ ଶ୍ରୀଶ୍ରୀଠାକୁର ଏମିତି ଆମ ସମସ୍ତଙ୍କୁ ତାଙ୍କ ଛତ୍ରଛାୟା ତଳେ ରଖିଥାନ୍ତୁ । ଏମିତି ଆମେ ସମସ୍ତେ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ତାଙ୍କ ଭାବଧାରେ ଚଳି ତାଙ୍କ ନାମ ଗାଇ ଗାଇ ଜୀବନ ବିତାଉ, ଭକ୍ତବାଞ୍ଛାକଳ୍ପତରୁ ଶ୍ରୀଶ୍ରୀଠାକୁର ଆମମାନଙ୍କ ଦ୍ୱାରା ତାଙ୍କର ଜଗଦ୍ଧିତକର କର୍ମ କରାଇ ନିଅନ୍ତୁ, ତାଙ୍କ ଅମଳ-ଧବଳ ଶ୍ରୀଚରଣ କମଳରେ ଏତିକି ମିନତୀ । ଆସନ୍ତା ୨୦୨୨ ମସିହା ସମ୍ମିଳନୀ କିପରି ସାଫଲ୍ୟମଣ୍ଡିତ ହେଉ ଓ ଆମେ ଦୀନ ସେବିକା ସେବକମାନେ କିପରି ତାଙ୍କର ସେବାପୂଜା କରି ଧନ୍ୟ ହେଉ, ରଙ୍ଗାପୟରଙ୍କ ନିକଟରେ ଏତିକି ଗୁହାରୀ । ହେ ଠାକୁର ! ଆପଣ ଆମ ଦୀନଭକ୍ତମାନଙ୍କ ନିମନ୍ତ୍ରଣ ସ୍ୱୀକାର କରି ଆପଣଙ୍କ ପାର୍ଷଦମାନଙ୍କ ସହିତ ସମ୍ମିଳନୀକୁ ଆସି ଆମ୍ଭମାନଙ୍କୁ ଆପଣଙ୍କର ସେବାପୂଜା କରିବାକୁ ଅଧିକାର ଓ ସୁଯୋଗ ପ୍ରଦାନ କରିବା ହେବେ। ସର୍ବଶେଷରେ କ୍ଷମାନିଧିଙ୍କ ଶ୍ରୀଚରଣ ତଳେ ଅଜ୍ଞାନୀ ସେବିକା ଯାହା ଲେଖିବାରେ ଭୁଲ୍ ତ୍ରୁଟି ହୋଇଛି ସେଥିପାଇଁ କ୍ଷମାଭିକ୍ଷା କରିବା ସହିତ ସମସ୍ତ ଭକ୍ତ ଓ ପାଠକପାଠିକାମାନଙ୍କ ନିକଟରେ ମଧ୍ୟ କ୍ଷମାପ୍ରାର୍ଥନା କରୁଛି । ସମସ୍ତ ସାଧୁସଜ୍ଜନ ମଣ୍ଡଳୀ ପାଠକ ପାଠିକା ମାନେ ଦୋଷାଂଶ ପରିହାର କରି ନିଜ ଗୁଣରେ କ୍ଷମା ଦେବେ ।

'ତ୍ୱମେବ ମାତା ଚ ପିତା ତ୍ୱମେବ, ତ୍ୱମେବ ବନ୍ଧୁଶ୍ଚ ସଖା ତ୍ୱମେବ ।
ତ୍ୱମେବ ବିଦ୍ୟା ଚ ଦ୍ରବିଣଂ ତ୍ୱମେବ, ତ୍ୱମେବ ସର୍ବଂ ମମ ଦେବଦେବ ॥'

ଶ୍ରୀଶ୍ରୀଠାକୁର ଚରଣାଶ୍ରିତା
**ଶ୍ରୀମତୀ ଉଦିତା ସୁନ୍ଦରରାୟ**
ଆମେରିକା ସାରସ୍ୱତ ସଂଘ

◆◆◆

# ମୋର ଅନୁଭୂତି ଶ୍ରୀଶ୍ରୀଠାକୁରଙ୍କ ସହିତ

ମୋ ପାଇଁ ଭଗବାନ୍ ଶବ୍ଦର ଅର୍ଥ କଣ ଥିଲା ? ସେ ଏକ ବଳଶାଳୀ ବ୍ୟକ୍ତି ବା ଶକ୍ତି, ଯାହାଙ୍କୁ କେବଳ ଡରି କାମ କରିବାକୁ ହୁଏ, ତାଛଡ଼ା ଆଉ କିଛି ନୁହେଁ । ସେଥିଲାଗି, ମୁଁ ସକାଳେ ଓ ସନ୍ଧ୍ୟାରେ ଭଗବାନ୍‌ଙ୍କୁ କେବଳ ପ୍ରଣାମ କରୁଥିଲି । ଆଉ ପ୍ରାର୍ଥନା କରୁଥିଲି–

ମୋ ଦେହ ଭଲରେ ରଖନ୍ତୁ ।
ବାପା, ମା'ଙ୍କ ଦେହ ଭଲରେ ରଖନ୍ତୁ ।
ମୋତେ ବିଦ୍ୟା ଓ ବୁଦ୍ଧି ଦିଅନ୍ତୁ ।
ସଂସାରରେ ସମସ୍ତେ ସୁଖଶାନ୍ତିରେ ରୁହନ୍ତୁ ।

ଏହି ଚାରୋଟି ବାକ୍ୟ ମୁଁ ମୁଖସ୍ଥ କରି ଦେଇଥିଲି । କିନ୍ତୁ କିଛି ଭାବିଚିନ୍ତି କହୁ ନ ଥିଲି ।

ଏମିତି ଚାଲୁଥିଲା ୨୦୦୩ ମସିହା ପର୍ଯ୍ୟନ୍ତ, ସେହି ବର୍ଷ ମୋର ଆମ ଘର ଭାଇଙ୍କ ସହ ସାକ୍ଷାତ ହେଲା । ମୁଁ ଶ୍ରୀଶ୍ରୀଠାକୁରଙ୍କ ବିଗ୍ରହ ଭାଇଙ୍କ ଘରେ ପ୍ରଥମ ଥର ଦେଖିଲି । ମନେ ମନେ ଭାବିଲି ଏ କଣ ମଣିଷ ଠାକୁରଙ୍କୁ ପୂଜା କରୁଛନ୍ତି ? କିନ୍ତୁ ଆଉ କାହାକୁ ପଚାରିଲି ନାହିଁ । ସେ ପର୍ଯ୍ୟନ୍ତ ଗୁରୁ କିଏ, ସେ ଶବ୍ଦର ଅର୍ଥ କ'ଣ ମୋତେ ଜଣା ନ ଥିଲା ।

ତାଙ୍କ ଘରେ ସକାଳେ ସନ୍ଧ୍ୟା ସମୟରେ ଶ୍ରୀଶ୍ରୀଠାକୁରଙ୍କ ପୂଜାବେଳେ ପ୍ରାର୍ଥନା ଶୁଣିଥିଲି ଏବଂ ମୋତେ କେବଳ ସଂଗୀତ ହିସାବରେ ଭଲ ଲାଗୁଥିଲା । ସେତେବେଳେ ମୁଁ ମା' ମିନତୀ ପତ୍ରୀଙ୍କ ସହ ୨/୪ଥର ଏକାମ୍ର ସାରସ୍ୱତ ସଂଘ ଓ ସତଶିକ୍ଷା ମନ୍ଦିର ଯାଇଥିଲି, (ସେତବେଳେ ସେ ମୋ ଶାଶୁ ହୋଇ ନ ଥିଲେ) । ସେ ପର୍ଯ୍ୟନ୍ତ ମୋର ଏସବୁ କରିବାର କୌଣସି ଇଚ୍ଛା ନ ଥିଲା, କିନ୍ତୁ ଡରି କରୁଥିଲି । ତା'ର କିଛି ବର୍ଷ ପରେ ମୋର ବାହାଘର ହୋଇଗଲା ।

ବାପା(ଶ୍ୱଶୁର) ସୁଦର୍ଶନ ପତ୍ରି ଜଣେ ପୁରୁଣା ଖିଆଲି ମଣିଷ, କିନ୍ତୁ ସେ ମୁଁ ଓ ଆମ ଘର ଭାଇଙ୍କ ମଧ୍ୟରେ କେବେ ପ୍ରଭେଦ ଦେଖୁନଥିଲେ । ତାଛଡ଼ା ବୋହୂ ହିସାବରେ ତାଙ୍କର ମୋଠାରୁ ଆଶାଟିକେ ଅଧିକ ଥିଲା । ଯେମିତିକି ସକାଳେ ଶୀଘ୍ର ଉଠିବି, ଶ୍ରୀଶ୍ରୀଠାକୁରଙ୍କ ପୂଜାରେ ବସିବି । ବୋହୁ ଭଳି ଘରେ ଶାଢ଼ୀ ପିନ୍ଧିବି, ରୋଷେଇରେ ଟିକିଏ ସାହାଯ୍ୟ କରିବି । କିନ୍ତୁ ମୁଁ ସେତେବେଳେ ସ୍ୱତନ୍ତ୍ର ଚିନ୍ତାଧାରାର ମଣିଷ ଥିଲି, ଯାହା ଇଚ୍ଛା ହେଉଥିଲା ତାହା କରୁଥିଲି । ଯଦି କେହି ବାଧ କରୁଥିଲା ତା ହେଲେ ମଧ କରୁନଥିଲି । କିନ୍ତୁ ମା(ଶାଶୁ) ମୋର ପ୍ରେରଣାର ଉତ୍ସ ଥିଲେ । ସେ କେବେ କିଛି ବାଧ କରନ୍ତି ନାହିଁ। ସେ କହୁଥିଲେ ସମୟ ଆସିଲେ ସବୁ ବଦଳିଯିବ । ଏମିତି କିଛିଦିନ ଚାଲିଲା । ଇଚ୍ଛାହେଲେ ମୁଁ ପୂଜାରେ ଯୋଗଦିଏ ନ ହେଲେ ନାହିଁ । ବାପା ମୋତେ ବେଶି କିଛି କହୁନଥିଲେ, କିନ୍ତୁ ମା' ଉପରେ ସେ ବହୁତ ରାଗୁଥିଲେ । ତାପରେ ମୁଁ ବାଲେଶ୍ୱରରେ କିଛିଦିନ ରହି ଚାକିରି କରୁଥିଲି । ସକାଳେ ପୂଜାରେ କଷ୍ଟେମଷ୍ଟେ ଯୋଗଦିଏ, କିନ୍ତୁ ସନ୍ଧ୍ୟା ପୂଜା (ଇଚ୍ଛାକରି) କରୁନଥିଲି । ସନ୍ଧ୍ୟାପୂଜା ପରେ ଘରକୁ ଫେରୁଥିଲି । ବାପା ପଚାରନ୍ତି, ଏତେ ଡେରି କାହିଁକି ହେଉଛି ?

ମୁଁ ଉତ୍ତର ଦିଏ, କାମତ ସାରି ଆସିବି ତା'ପରେ ମୁଁ ଖାଇଲାବେଳେ, ବାପା ଶ୍ରୀଶ୍ରୀଠାକୁରଙ୍କ ବହି ଆଣି ପଢ଼ନ୍ତି ଆଉ କହନ୍ତି, ତୁ ନ ଥିଲୁ ତ, ସେଥିପାଇଁ ଆଉଥରେ ପଢୁଛି । ମୁଁ କିଛି କାନକୁ ନ ନେଇ ଖାଲି ହଁ ମାରୁଥାଏ । କିଛି ସମୟ ପରେ ବାହାନା କରି ମୋ ରୁମ୍‌କୁ ଚାଲିଯାଏ । ଏମିତି ଦୁଇବର୍ଷ ଚାଲିଲା ପରେ M Tech ଓ PhD କରିବା ପାଇଁ କଲିକତା ଗଲି । ମା' ମୋତେ ନେଇ ଛାଡ଼ିବା ପାଇଁ ଆସିଥିଲେ । ମୁଁ ଯେଉଁଠି ପେଇଂଗେଷ୍ଟ ହୋଇ ରହିଲି ସେଠି ଶ୍ରୀଶ୍ରୀଠାକୁରଙ୍କର ଗୋଟିଏ ବିଗ୍ରହ ଦେଇଥିଲେ ଓ କହିଥିଲେ ସକାଳେ ସନ୍ଧ୍ୟାରେ ଧୂପ ଟିକେ ଦେଉଥିବୁ । ମୁଁ ସକାଳେ ପୂଜାକରି ୟୁନିଭରସିଟି ଯାଉଥିଲି, କିନ୍ତୁ ସନ୍ଧ୍ୟା ବେଳେ ଠିକ୍ ସମୟରେ ଆସିପାରୁ ନ ଥିଲି । ଏମିତି ଚାଲୁଥିଲା ।

୨୦୧୫ମସିହାରେ ମୋର ମେରୁଦଣ୍ଡରେ ସେତେବେଳ ଯନ୍ତ୍ରଣା ହେବା ଆରମ୍ଭ ହେଲା ଓ କିଛିଦିନ ପରେ ହଠାତ୍ ଦିନେ ମୋ ବାମ ଜଙ୍ଘ ଦେଇ ଗୋଟେ ସକ୍ ୱେବ ପାଶ୍ କଲା ସେତେବେଳେ ମୋ ମୁଣ୍ଡ ଶ୍ରୀଶ୍ରୀଠାକୁରଙ୍କ ମୁହଁ ଆଡ଼କୁ ହୋଇ ପଡ଼ିଗଲା ।

ମୋ ଆଖିରୁ ଖାଲି ଲୁହ ବୋହି ଚାଲିଲା, ଆଉ ବନ୍ଦ ହେଲାନାହିଁ । ମୋ ଭିତରେ ଘରଭାଇଙ୍କୁ ଫୋନ୍ କଲି, ଭାଇ ଅପରେସନ୍ ପାଇଁ ବ୍ୟବସ୍ଥା କଲେ, ସାଂଗମାନେ ମୋତେ ନେଇ ହସ୍ପିଟାଲରେ ଆଡ଼ମିଶନ କରିଦେଲେ । ତା ପରଦିନ ବାପା ମା' ଆସିଲେ ଓ ମୋ ସର୍ଜରୀ ହେଲା । ଏହି ଦୁଇଦିନ ଓ ହସ୍ପିଟାଲ୍‌ର ୨୧ ଦିନ ମୋତେ କିଛି କଷ୍ଟ ଲାଗୁନଥିଲା, ସତେ ଯେପରି ମୋତେ କେହି ଶକ୍ତିଶାଳୀ ଓ ଧୈର୍ଯ୍ୟଶାଳୀ କରିଦେଇଥିଲେ । ଏହି ଘଟଣା ପରେ ମୋର ଶ୍ରୀଶ୍ରୀଠାକୁରଙ୍କ ଉପରେ ବିଶ୍ୱାସ ଆଣିଦେଲା । ଲାଗିଲା କେଉଁ ଏକ ଶକ୍ତି ମୋ ଜୀବନକୁ ନିୟନ୍ତ୍ରଣ କରୁଛି । ସେ ଶ୍ରୀଶ୍ରୀଠାକୁରଙ୍କ ବ୍ୟତୀତ ଆଉ କେହି ନୁହଁ । ତାପରେ ସକାଳେ ଓ ସନ୍ଧ୍ୟାରେ ଶ୍ରୀଶ୍ରୀଠାକୁରଙ୍କ ପ୍ରାର୍ଥନା କରିବାକୁ ଇଚ୍ଛାହେଲା । ସବୁବେଳେ ମୋ ପାଖରେ ସେ ଅଛନ୍ତି ଏ ଭରସା ବଢ଼ିବାକୁ ଲାଗିଲା । ମନରେ ବ୍ୟସ୍ତତା କମି କମି ଗଲା । ଡର କମିଗଲା । ତାପରେ ପି.ଏଚ୍.ଡି. ସରିଲା ପରେ ମୁଁ ୨୦୧୯ ମସିହାରେ ଆମେରିକା ଆସିଲି । ମୁଁ ଗୋଟିଏ ୟୁନିଭରସିଟିରେ ପୋଷ୍ଟ ଡକ୍ଟରେଟ କରୁଥିଲି । କାମ ବ୍ୟସ୍ତତା ଯୋଗୁଁ ଆମେରିକାରେ ସମ୍ମିଳନୀ ଓ ବିଭିନ୍ନ ଉତ୍ସବରେ ଯୋଗ ଦେଇପାରି ନଥିଲି । କିନ୍ତୁ ଶ୍ରୀଶ୍ରୀଠାକୁରଙ୍କ କୃପାରୁ ୨୦୨୧ରେ ଆମେରିକା ସାରସ୍ୱତ ସଂଘରୁ ମୋର ପରିଚୟ ପତ୍ର ହେଲା ଓ ମୁଁ ସମ୍ମିଳନୀରେ ଯୋଗ ଦେଇପାରିଲି । ୨୦୨୧ ମସିହା ସମ୍ମିଳନୀରେ ସବୁ ଭାଇ ଓ ମା'ମାନଙ୍କୁ ଦେଖି ଘରର ପରିବାର ପରି ଲାଗିଲା । ସେଠାରେ ଶ୍ରୀଶ୍ରୀଠାକୁରଙ୍କ ସେବା କରିବାର ସୁଯୋଗ ମିଳିଲା ଓ ବହୁତ ଆନନ୍ଦ ଲାଗିଥିଲା ।

ମୁଁ ଏସବୁ ମଧ୍ୟରେ ଶ୍ରୀଶ୍ରୀଠାକୁରଙ୍କର ଶକ୍ତି କ୍ରିୟାଶୀଳ ହେବାର ଅନୁଭବ କରିପାରୁଛି । ଶ୍ରୀଶ୍ରୀଠାକୁରଙ୍କ ଅଭୟ ଶ୍ରୀଚରଣରେ ପ୍ରାର୍ଥନା ମୋତେ ଏହିପରି କୃପାକରି ମୋର ଆତ୍ମଗଠନରେ ସାହାଯ୍ୟ କରନ୍ତୁ ଓ କ୍ଷଣମାତ୍ରେ ମୋ ମନରୁ ପାଶୋରୀ ନ ଯାଆନ୍ତୁ । ଦିନ ଆସୁ ମୁଁ ତାଙ୍କ ଶ୍ରୀଚରଣରେ ପୂର୍ଣ୍ଣ ସମର୍ପିତ ହୋଇପାରେ, ଏହା ହିଁ ମୋର ପ୍ରାର୍ଥନା ।

ଶ୍ରୀଶ୍ରୀଠାକୁରଙ୍କ ଚରଣାଶ୍ରିତା
**ଶ୍ରୀମତୀ ପ୍ରିୟମ୍ୱଦା ନାୟକ**
ଆମେରିକା ସାରସ୍ୱତ ସଂଘ

◆◆◆

- ଯେଉଁମାନେ ମୋ ଉପରେ ନିର୍ଭର କରି ବସିଛନ୍ତି ସେମାନଙ୍କ ମୁକ୍ତି ନ ହେବା ପର୍ଯ୍ୟନ୍ତ ମୋର ମଧ୍ୟ ମୁକ୍ତି ନାହିଁ । ମୁଁ ସେମାନଙ୍କୁ ହାତ ଧରି ମୁକ୍ତିଧାମକୁ ନେଇଯିବି । ସେମାନଙ୍କର ମୁକ୍ତି ସୁନିଶ୍ଚିତ ।
- ମୋ ଠାରେ ନିର୍ଭର କର, ସବୁ ଭାର ମୋ ଉପରେ ଛାଡ଼ିଦିଅ । ମୁଁ ଯାହା ଭଲ ବୋଲି ବୁଝିବି ତାହା କରିବି । ମୋ ଚରଣରେ ପାପ-ପୁଣ୍ୟ, ହିତାହିତ, ଭଲମନ୍ଦ ସବୁ ଢ଼ାଳିଦିଅ । ମୋତେ ସବୁ ସମର୍ପଣ କରିଦିଅ ।
- ଯିଏ ଯେଉଁ କାର୍ଯ୍ୟ ନିମିତ୍ତ ଉପଯୁକ୍ତ, ମୁଁ ତାକୁ ସେହିପରି କାର୍ଯ୍ୟ ଦେଇଛି । ତୁମମାନଙ୍କ ନିର୍ବାଚନରେ ଭ୍ରାନ୍ତି ଅଛି, ମୋ ନିର୍ବାଚନରେ ତାହା ନାହିଁ । ଫଳରେ ମୋ ବ୍ୟବସ୍ଥାରେ ହସ୍ତକ୍ଷେପ କରିବାକୁ ଗଲେ ପରିଣାମରେ ତୁମକୁ ଦାରୁଣ ଅନୁଶୋଚନା କରିବାକୁ ହେବ ।
- ଯେଉଁମାନେ ନିଜ ଧର୍ମର ମହିମା ବୁଝିପାରନ୍ତି ନାହିଁ, ସେମାନେ ହିଁ ପରଧର୍ମର ନିନ୍ଦା କରିଥାନ୍ତି । ଧର୍ମର ନିନ୍ଦା କରିବା ଉଚିତ ନୁହେଁ । ରକ୍ଷଣଶୀଳତା ଭଲ ନୁହେଁ । ଧର୍ମ ନାମରେ ରକ୍ଷଣଶୀଳତାରେ ମହାପାତକ ହୁଏ ।'
- ଜଣେ କାର୍ଯ୍ୟ କରୁନାହିଁ ବା କାର୍ଯ୍ୟ କରିବାକୁ ବିଳମ୍ବ କରୁଛି ବୋଲି ତୁମେ ମଧ୍ୟ କାମ କରିବ ନାହିଁ ଏପରି ଭାବ ଭଲ ନୁହେଁ । ତୁମେମାନେ ଦଶ ଜଣ କାମ କଲେ ସେ ଯଦି ନୀଚ ହୋଇ ନ ଥିବ, ତା'ର ଯଦି ପ୍ରକୃତ ମନୁଷ୍ୟତା ଥିବ ତେବେ କୌଣସି ପ୍ରକାରେ ସେ ବସି ରହିପାରିବ ନାହିଁ ।

**- ଶ୍ରୀଶ୍ରୀଠାକୁର**

# ୨୦୨୨ ମସିହାରେ ଓଡ଼ିଶା ଭ୍ରମଣରେ ଶ୍ରୀଶ୍ରୀଠାକୁରଙ୍କ କୃପା ଅନୁଭୂତି

ଶ୍ରୀଶ୍ରୀଠାକୁରଙ୍କ ଅହେତୁକ କୃପାରୁ ଅଧମ ୨୦୨୨ ମସିହା ମାର୍ଚ୍ଚ ମାସରେ ଓଡ଼ିଶା ଯିବା ପାଇଁ ସୁଯୋଗ ପାଇଥିଲା ଏବଂ ଏହି ଯାତ୍ରାରେ ଲାଭ କରିଥିବା ଅନୁଭୂତି ଯାହା ଅବିସ୍ମରଣୀୟ ସ୍ମୃତି ହୋଇ ରହିବ । ତାଙ୍କ ଉପରେ ନିର୍ଭର କଲେ, ବିଶ୍ୱାସ କଲେ ତାଙ୍କୁ ସ୍ମରଣ ମନନ କଲେ ସେ ଜୀବନଯାତ୍ରାକୁ ସୁଖମୟ କରନ୍ତି ।

କରୋନା ମହାମାରୀର ପ୍ରାଦୁର୍ଭାବ ଯୋଗୁଁ ସମଗ୍ରବିଶ୍ୱରେ ବିପର୍ଯ୍ୟୟ ଘଟିଥିବାରୁ ୨୦୨୦ ଓ ୨୦୨୧ ମସିହାରେ ଆମେରିକାରୁ ଭାରତକୁ ଯିବା ସମ୍ଭବ ହୋଇପାରି ନ ଥିଲା । ୨୦୨୨ ମସିହା ଫେବୃୟାରୀ ମାସରେ କରୋନାର ପ୍ରାଦୃର୍ଭାବ କମିବା ଯୋଗୁଁ ଭୁବନେଶ୍ୱର ଯାଇ ବାପା ଓ ବୋଉଙ୍କ ପାଖରେ କିଛିଦିନ ବିତାଇବା ପାଇଁ ସ୍ଥିର କରିଥିଲି । ଏ ବିଷୟରେ ବାପାଙ୍କୁ ଜଣାଇବା ପରେ ସେ କହିଥିଲେ- "ଶ୍ରୀଶ୍ରୀଠାକୁରଙ୍କୁ ଜଣାଇ ସବୁ କରିବୁ । ସାରଲୋଟ ଗୃହାସନରୁ ଭୁବନେଶ୍ୱର ବମିଖାଲ ଗୃହାସନକୁ ଯିବାପାଇଁ ଚାହୁଁଛି ଜଣାଇବୁ। ଟିକଟ କ୍ରୟ କରିବା ପରେ ଯିବା ଓ ଆସିବା ତାରିଖ ସ୍ଥିର ହୋଇଗଲେ ମୋତେ ଜଣାଇବୁ । ବମିଖାଲ ଗୃହାସନରେ ଏକ ବିଶେଷ ପୂଜା କରିବା ପାଇଁ ଇଚ୍ଛା ପ୍ରକାଶ କରିଥିଲେ ।" ଫେବୃୟାରୀ ୨୬ତାରିଖ ଦିନ ଟିକଟ କିଣିବା ପରେ ବାପାଙ୍କୁ ଜଣାଇଥିଲି ଏବଂ ସେ ତା'ପରେ ପରିଚାଳକ ଶ୍ରୀଯୁକ୍ତ ଶରତଚନ୍ଦ୍ର ସିଂହଦେଓ ଭାଇଙ୍କଠାରୁ ଗୃହାସନ ବାର୍ଷିକ ଉତ୍ସବ ପୂଜା ତା ୧୯.୩.୨୦୨୨ରିଖ ଶନିବାର ଦିନ ଅନୁଷ୍ଠିତ ହେବା ପାଇଁ ଅନୁମତି ନେଇ ଶ୍ରୀଶ୍ରୀଠାକୁର ମହାରାଜଙ୍କୁ ସ୍ମୃତି ମନ୍ଦିର ଓ ନୀଳାଚଳ କୁଟୀରରେ ନିମନ୍ତ୍ରଣ କରିଥିଲେ । ଦୀର୍ଘଦିନର ପ୍ରତୀକ୍ଷା ପରେ ସାରଲୋଟ ଗୃହାସନରେ ଶ୍ରୀଶ୍ରୀଠାକୁରଙ୍କୁ ଜଣାଇ ଏବଂ ଆମେରିକା ସାରସ୍ୱତ ସଂଘରୁ ଅନୁମତି ନେଇ ତା ୮.୩.୨୦୨୨ରିଖ ଦିନ ଭୁବନେଶ୍ୱର ଅଭିମୁଖେ ଯାତ୍ରା କରିଥିଲି । ଏଠାରୁ ଯିବା ପୂର୍ବରୁ ଏବଂ ଭୁବନେଶ୍ୱରରେ ଓହ୍ଲାଇବା ପରେ COVID RTPCR test କରିବାକୁ ପଡ଼ିଥିଲା ।

ଭୁବନେଶ୍ୱର ବମିଖାଲ ଗୃହାସନ ପ୍ରତିଷ୍ଠାର ବାର୍ଷିକ ଉତ୍ସବ ପୂଜା ପବିତ୍ର ହୋଲି ପର୍ବ ଦିନ ତା ୧୯.୩.୨୦୨୨ରିଖ ଶନିବାର ଦିନ ଅପରାହ୍ନ ଘ୪ଠାରୁ ଘ୬ ପର୍ଯ୍ୟନ୍ତ ପ୍ରଥମ ଅଧିବେଶନ ଏବଂ ଘ ୬.୩୦ମି. ଠାରୁ ରାତ୍ରି ଘ୯ ପର୍ଯ୍ୟନ୍ତ ଦ୍ୱିତୀୟ ଅଧିବେଶନ ଅନୁଷ୍ଠିତ ହୋଇଥିଲା । ଉକ୍ତ ବାର୍ଷିକ ଉତ୍ସବ ପୂଜାରେ ଏକାମ୍ର ସାରସ୍ୱତ ସଂଘ, ବେଗୁନିଆ ଶାଖା ସଂଘ, ରାଜଧାନୀ ଶାଖା ସଂଘ, ସତଶିକ୍ଷା ମନ୍ଦିର ଓ ଅନ୍ୟାନ୍ୟ ଶାଖାସଂଘରୁ ଆଶାତୀତ ଅନେକ ଭକ୍ତ ଓ ସ୍ଥାନୀୟ ଲୋକମାନେ ଆସି ଯୋଗଦାନ କରି ଆମକୁ ସେବାର ସୁଯୋଗ ଦେଇଥିଲେ । ନୀଳାଚଳ ସାରସ୍ୱତ ସଂଘର ସଭାପତି ଶ୍ରୀଯୁକ୍ତ ସନ୍ତୋଷ କୁମାର ମହାନ୍ତି ଭାଇ କେନ୍ଦ୍ର ପ୍ରତିନିଧି ଭାବରେ ଯୋଗଦେଇ ଉକ୍ତ ବାର୍ଷିକଉତ୍ସବ ପୂଜା ପରିଚାଳନା କରିଥିଲେ । କେନ୍ଦ୍ରସଂଘର ସମ୍ପାଦକ ଶ୍ରୀଯୁକ୍ତ ନରେଶ ଚନ୍ଦ୍ର ପତିଭାଇ, କେନ୍ଦ୍ର ପରିଚାଳନା ମଣ୍ଡଳୀ ସଦସ୍ୟ ଶ୍ରୀଯୁକ୍ତ ସଂଗ୍ରାମ କେଶରୀ ସିଂହ ଭାଇ, ଶ୍ରୀଯୁକ୍ତ ମନ୍ମଥନାଥ ଜେନା ଭାଇ, ଉପସଭାପତି ଶ୍ରୀଯୁକ୍ତ କମ୍ବୁଚରଣ ଧର ଭାଇ ଓ ଅନ୍ୟାନ୍ୟ ବରିଷ୍ଠ ଭକ୍ତମାନେ ଯୋଗ ଦେଇଥିଲେ । ଆମେରିକା ସାରସ୍ୱତ ସଂଘର ସଭାପତି ଶ୍ରୀଯୁକ୍ତ ବ୍ରଜେନ୍ଦ୍ର ନାଥ ପଣ୍ଡା ଭାଇ ଯୋଗଦେଇ ପୂଜାର ସଭାପତି ଭାବରେ ସେବା ସମ୍ପାଦନ କରିଥିଲେ । ଶ୍ରୀଶ୍ରୀଠାକୁରଙ୍କ ଆସନ ସଜ୍ଜା ବିଭିନ୍ନ ପୁଷ୍ପ ଦ୍ୱାରା ଅତିସୁନ୍ଦର ସଜ୍ଜା ହୋଇଥିଲା । ଅଧମକୁ ଶ୍ରୀଶ୍ରୀଠାକୁରଙ୍କ ନିତ୍ୟସେବା ପୂଜା ଓ ଆରତି ସେବାର ସୁଯୋଗ ମିଳିଥିଲା । ଗତ ଦୁଇବର୍ଷ ଆମ ଗୃହାସନର ବାର୍ଷିକ ଉତ୍ସବ ପୂଜା କରୋନା ମହାମାରୀ ଯୋଗୁଁ ଅନୁଷ୍ଠିତ ହୋଇପାରି ନ ଥିବାରୁ ଏହି ପୂଜା ଆମ ପାଇଁ ଗୁରୁତ୍ୱପୂର୍ଣ୍ଣ ଥିଲା । ମୋ ପାଇଁ ଏହି ପୂଜା ଅଧିବେଶନ ଶିକ୍ଷାପ୍ରଦ ଓ ଆନନ୍ଦଦାୟକ ଥିଲା ।

ତା ୧୨.୩.୨୦୨୨ରିଖ ଶନିବାର ଠାରୁ ତା ୧୪.୩.୨୦୨୨ରିଖ ସୋମବାର ପର୍ଯ୍ୟନ୍ତ ଆମ ଗ୍ରାମ ବେଗୁନିଆ ଶାଖା ସଂଘ ଆସନ ମନ୍ଦିରରେ ରହିବା ପାଇଁ ସୁଯୋଗ ପାଇଥିଲି । ବେଗୁନିଆ ଶାଖାସଂଘରେ ବୋଉଙ୍କର ଶନିବାରଦିନ ମଧ୍ୟାହ୍ନରେ ଭୋଗ ପ୍ରସ୍ତୁତି ସେବାପାଳି ଥିବାରୁ ବାପା, ବୋଉ ଓ ମୁଁ ଶନିବାରଦିନ ସକାଳେ ଭୁବନେଶ୍ୱରରୁ ବାହାରି ବେଗୁନିଆ ସଂଘକୁ ଯାଇଥିଲୁ । ପରିଣତ ବୟସରେ ବୋଉର ସଂଘକୁ ଯାଇ ଭୋଗରନ୍ଧନ ସେବା କରିବା ଓ ତାଙ୍କର ସେଥିପ୍ରତି ଆଗ୍ରହ ଦେଖି ମୋତେ ବହୁତ ପ୍ରଭାବିତ କରିଥିଲା । ସେଦିନ ବାପା ଶ୍ରୀଶ୍ରୀଠାକୁରଙ୍କୁ ମଧ୍ୟାହ୍ନ ଭୋଗ ନିବେଦନ ସେବା କରିଥିଲେ । ଅଧମ ସାହାଯ୍ୟକାରୀ ଭାବରେ ସେବାର ସୁଯୋଗ ପାଇଥିଲା। ରବିବାର ଦିନ ସଂଘ ପୂଜାରେ ଯୋଗ ଦେଇ ଏବଂ ଭକ୍ତମାନଙ୍କୁ ସାକ୍ଷାତ କରି ଅପାର

ଆନନ୍ଦ ଅନୁଭବ କରିଥିଲି। ସୋମବାର ଏକାଦଶୀ ଦିନ ମଧ ବୋଉ ମଧାହ୍ନ ଭୋଗ ପ୍ରସ୍ତୁତି ସେବା କରିଥିଲେ । ପ୍ରତି ମାସରେ ସେ ଭୁବନେଶ୍ୱରରୁ ବେଗୁନିଆ ସଂଘକୁ ଯାଇ ଦିନେ ବା ଦୁଇଦିନ ମଧାହ୍ନ ଭୋଗ ପ୍ରସ୍ତୁତ କରି ଶ୍ରୀଶ୍ରୀଠାକୁରଙ୍କୁ ନିବେଦନ କରିଥାନ୍ତି । ୨୦୧୪ ମସିହାରେ ତତ୍‌କାଳୀନ ସଭାପତି ଓ ପରିଚାଳକ ଶ୍ରୀଯୁକ୍ତ ସଂଗ୍ରାମ କେଶରୀ ସିଂହ ଭାଇ ଶାଖାସଂଘ ବାର୍ଷିକ ଉତ୍ସବ ପାଳନ ଉଦ୍ଦେଶ୍ୟରେ ଯାଇଥିବା ବେଳେ ଭାଇ ଓ ମା'ମାନେ ପାଳି କରି ପ୍ରତିଦିନ ମଧାହ୍ନ ଭୋଗ ନିବେଦନ କରିବା ପାଇଁ ପରାମର୍ଶ ଦେଇଥିଲେ। ସେହିଦିନଠାରୁ ପ୍ରତିଦିନ ମା' ଓ ଭାଇମାନେ ଶାଖାସଂଘକୁ ଯାଇ ଭୋଗ ରନ୍ଧନ କରି ଶ୍ରୀଶ୍ରୀଠାକୁରଙ୍କୁ ମଧାହ୍ନ ଭୋଗ ନିବେଦନ କରିଆସୁଛନ୍ତି। ଏତଦ୍ ବ୍ୟତୀତ ଭାଇମାନେ ମଧ ପାଳି କରି ପ୍ରତ୍ୟହ ସକାଳେ ଓ ସନ୍ଧ୍ୟାରେ ଶ୍ରୀଶ୍ରୀଠାକୁରଙ୍କର ନିତ୍ୟ ସେବାପୂଜା ଆସନ ମନ୍ଦିରରେ କରିବା ଏବଂ ଶ୍ରୀଶ୍ରୀଠାକୁରଙ୍କ ବ୍ୟବହୃତ ଲୁଗାଯୋଡ଼, ରୁମାଲ, ତଉଲିଆ ଇତ୍ୟାଦି ପ୍ରତିଦିନ ବଦଳାଉଛନ୍ତି ଦେଖି ଭଲ ଲାଗିଥିଲା।

ସେଠାରେ ରହିଥିବା ବେଳେ ବାପା ଅତି ଆଗ୍ରହରେ ଆଶ୍ରମ ପରିସରରେ ଥିବା ଶ୍ରୀଶ୍ରୀଠାକୁରଙ୍କ ବିଶ୍ରାମ କକ୍ଷ, ଭକ୍ତନିବାସ, ମହିଳା ଭକ୍ତ ନିବାସ, ଅଫିସ୍, ନାମଯଜ୍ଞ, ଭୋଗରନ୍ଧନ ଗୃହ, ପ୍ରସାଦ ମଣ୍ଡପ, ବଗିଚା ଇତ୍ୟାଦି ଦେଖାଇଥିଲେ । ବେଗୁନିଆ ଶାଖା ସଂଘରେ ଶ୍ରୀଶ୍ରୀଠାକୁର ଶତଦଳ ପଦ୍ମ ବିଗ୍ରହରେ ପୂଜା ପାଆନ୍ତି ଯାହାକି ଅନ୍ୟ କୌଣସି ଶାଖାସଂଘରେ ଦେଖିନାହିଁ । ସୋମବାର ଦିନ ମଧାହ୍ନ ଭୋଗ ନିବେଦନ ପରେ ପ୍ରାୟ ଗୋଟାଏ ବେଳେ ବାପା ଓ ବୋଉଙ୍କ ସହ ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିଥିଲି । ବେଗୁନିଆ ଶାଖାସଂଘରେ ଗୁରୁଗୃହବାସ, ସାଧୁସଙ୍ଗ ଓ ସଂଘପୂଜାରେ ଯୋଗଦାନର ସୁଯୋଗ ପାଇଥିବାରୁ ଶ୍ରୀଶ୍ରୀଠାକୁରଙ୍କ ଶ୍ରୀପାଦପଦ୍ମରେ କୋଟୀକୋଟୀ ପ୍ରଣାମ ।

ପବିତ୍ର ଦୋଳପୂର୍ଣ୍ଣିମା ଉତ୍ସବରେ ଯୋଗଦେବା ପାଇଁ ବାପା ଓ ବୋଉଙ୍କ ସହିତ ତା ୧୮.୩.୨୦୨୨ରିଖ ଶୁକ୍ରବାର ଦିନ ପ୍ରାତଃ କାଳରେ ପୁରୀ ଯାଇ ସ୍ମୃତିମନ୍ଦିରରେ ଆରତି ଦର୍ଶନ କରିଥିଲି । ପ୍ରଥମ ଅଧିବେଶନ ପ୍ରାର୍ଥନା ସଭାରେ 'ସଂଘ-ସେବକ' ପାଠ ପରେ 'ପ୍ରଭୁ ଆଜିକି ଆନନ୍ଦମୟ' ପ୍ରାର୍ଥନା ସଙ୍ଗୀତ ଗାନ ବହୁତ ଭଲ ଲାଗିଥିଲା । ତତ୍‌ପରେ ଆମେରିକା ସାରସ୍ୱତ ସଂଘର ୯୬ ଜଣ ଭକ୍ତମାନଙ୍କର ୨୦୨୨-୨୩ମସିହାର ନୂତନ ପରିଚୟପତ୍ର, ଭାଇ ଓ ମା' ମାନଙ୍କ ଗୃହାସନ ନିତ୍ୟପୂଜାର ଅନୁମତି ଦରଖାସ୍ତ ଓ ୫ଟି ପାଠଚକ୍ରର ଅନୁମତିଗୁଡ଼ିକ ସଂଗ୍ରହ କରି ନୀଳାଚଳ କୁଟୀର ଓ କେନ୍ଦ୍ର ସ୍ମୃତିମନ୍ଦିରରେ ଶ୍ରୀଶ୍ରୀଠାକୁର ମହାରାଜଙ୍କୁ ପ୍ରଣାମ କରି ଶ୍ରୀପାଦପଦ୍ମରେ ଯଥାବିଧି ଜଣାଇବାର ସୁଯୋଗ ପାଇଥିଲି । ଆମ ସଂଘରୁ ଦୋଳପୂର୍ଣ୍ଣିମାରେ କେନ୍ଦ୍ରକୁ ଯାଇ ପରିଚୟ ପତ୍ର ଇତ୍ୟାଦି ଗ୍ରହଣ କରିବା ଥିଲା ପ୍ରଥମ ଥର। ନୀଳାଚଳ କୁଟୀରରେ ଶ୍ରୀଶ୍ରୀଠାକୁରଙ୍କୁ ପ୍ରଣାମ କରିବା ପାଇଁ ଉପର ମହଲାକୁ ପାହାଚରେ ଯିବାବେଳେ ଓ ଫେରିଲାବେଳେ ନୀଳାଚଳ କୁଟୀରରୁ ଶ୍ରୀମନ୍ଦିର ଦର୍ଶନ ଏକ ଅଭୁଲା ସ୍ମୃତି । ବାଲ୍ୟପ୍ରସାଦ ସେବନ ପରେ ଦ୍ୱିତୀୟ ଅଧିବେଶନ ପୂଜାରେ ନୀଳାଚଳ ସାରସ୍ୱତ ସଂଘର ସଭାପତି ଶ୍ରୀଯୁକ୍ତ ସନ୍ତୋଷ କୁମାର ମହାନ୍ତି ଭାଇ ତତ୍ତ୍ୱମାଳା ପୁସ୍ତକରୁ ଶ୍ରୀଶ୍ରୀଦୋଳଯାତ୍ରା ପ୍ରବନ୍ଧ ପାଠ କରି ଆଲୋଚନା କରିଥିଲେ । "ଅବିରତେ ଅବିରତ ଅବିର ଉଡ଼ାଓ" ସଂଗୀତର ତାଳେ ତାଳେ ଉପସ୍ଥିତ ଭକ୍ତମାନେ ଶ୍ରୀଶ୍ରୀଠାକୁରଙ୍କୁ ନେଇ ଅବିର ଖେଳି ମହା ଆନନ୍ଦ କରିଥିଲେ । ଏହି ବିଶେଷ ପୂଜାରେ ନୀଳାଚଳ ସାରସ୍ୱତ ସଂଘ ଅନ୍ତର୍ଗତ ସବୁ ଶାଖାସଂଘମାନଙ୍କର ସଭାପତି ଓ ସମ୍ପାଦକ ମାନେ ନୂତନ ପରିଚୟ ପତ୍ର ସଂଗ୍ରହ କରିବା ଉଦ୍ଦେଶ୍ୟରେ ଓ ଅନ୍ୟାନ୍ୟ ଭକ୍ତମାନେ ଆସି ଉତ୍ସବରେ ଯୋଗ ଦେଇଥିଲେ । ସେଥିପାଇଁ ଅନେକ ଭକ୍ତଙ୍କ ସହିତ ମୋର ସାକ୍ଷାତ ହୋଇପାରିଥିଲା । ଦୋଳପୂର୍ଣ୍ଣିମା ପର୍ବ ଉପଲକ୍ଷ୍ୟେ ଅସଂଖ୍ୟ ଶ୍ରଦ୍ଧାଳୁ ପୁରୀ ଆସିଥିବାରୁ ସହରଟି କୋଳାହଳମୟ ଥିଲା । ଏହି ବିଶେଷ ଉତ୍ସବରେ ପ୍ରଥମ ଥର ପାଇଁ ଯୋଗଦାନ ଅଧମପ୍ରତି ଶ୍ରୀଶ୍ରୀଠାକୁରଙ୍କର ଅହେତୁକ କୃପାରୁ ସମ୍ଭବ ହୋଇ ପାରିଥିଲା ଏବଂ ଏହା ଜୀବନରେ ଚିରସ୍ମରଣୀୟ ହୋଇ ରହିବ ।

ଏକାମ୍ର ସାରସ୍ୱତ ସଂଘରେ ତା ୨୦.୩.୨୦୨୨ରିଖ ରବିବାର ଦିନ ସଂଘପୂଜାରେ ଶ୍ରୀଶ୍ରୀଠାକୁରଙ୍କ ଅସୀମ କୃପାରୁ ଯୋଗ ଦେଇପାରିଥିଲି । ପ୍ରାତଃ ଆରତି ଏବଂ ପ୍ରାର୍ଥନା ସଭା ପରେ ଶ୍ରୀମଦ୍ ଭଗବଦ୍‌ଗୀତା ପାଠ କରାଯାଇଥିଲା । ଦ୍ୱିତୀୟ ଅଧିବେଶନ ପୂଜାରେ ଆମେରିକା ସାରସ୍ୱତ ସଂଘର ସଭାପତି ଶ୍ରୀଯୁକ୍ତ ବ୍ରଜେନ୍ଦ୍ରନାଥ ପଣ୍ଡା ଭାଇ ମଧ ଯୋଗଦେଇ ଅପାର ଆନନ୍ଦ ଅନୁଭବ କରିଥିଲେ । ସୁରବାଳା ମା' ଓ ନାରାୟଣୀ ମା' ଶ୍ରୀଶ୍ରୀଠାକୁରଙ୍କ ବ୍ୟବହୃତ କିଛି ଦ୍ରବ୍ୟ ଏକାମ୍ର ସାରସ୍ୱତ ସଂଘକୁ ପ୍ରଦାନ କରିଥିଲେ । ଏହି ପବିତ୍ର ସ୍ମୃତି ବିଜଡ଼ିତ ଦ୍ରବ୍ୟଗୁଡ଼ିକ ମଧରେ ଶ୍ରୀଶ୍ରୀଠାକୁରଙ୍କ ସ୍ୱହସ୍ତ ଲିଖିତ ଜ୍ଞାନଚକ୍ର, ଦୁଇଟି ପଞ୍ଜାବୀ, ଶିବଲିଙ୍ଗ,

ପାନଡବା, କେଶ, କଲମ, ଶ୍ରୀଚରଣ ଛାପ, ବଙ୍ଗଳାର ଲିଖିତ ଚିଠି ଇତ୍ୟାଦି ଦର୍ଶନ କରିବାର ଅପୂର୍ବ ସୁଯୋଗ ସେହିଦିନ ସଂଘପୂଜା ପରେ ପାଇଥିଲି ।

ଏକାମ୍ର ସାରସ୍ୱତ ସଂଘରେ ଶ୍ରୀଯୁକ୍ତ ଦେବେନ୍ଦ୍ରନାଥ ମହାପାତ୍ର ଭାଇଙ୍କ ସହ ସାକ୍ଷାତ ହୋଇ ପାରି ନ ଥିବାରୁ ତାଙ୍କ ବାସଭବନକୁ ଯାଇ କିଛି ସମୟ କଥାବାର୍ତ୍ତା ହୋଇପାରିଥିଲି । ସେ ପୂର୍ବବର୍ଷମାନଙ୍କ ପରି 'ସାରସ୍ୱତ ମାଧୁରୀ ୨୦୨୨'ର ପ୍ରୁଫ୍ ସଂଶୋଧନ କରିବା ପାଇଁ ଆଗ୍ରହ ପ୍ରକାଶ କରିଥିଲେ । ସାରସ୍ୱତ ମାଧୁରୀ ପୁସ୍ତକ ପ୍ରକାଶନ ୨୦୦୨ ମସିହା ଆରମ୍ଭଠାରୁ ତାଙ୍କର ସେବା ଓ ସହଯୋଗ ଏବଂ ତାଙ୍କର ଆମେରିକା ସଂଘ ପ୍ରତି ଶୁଭେଚ୍ଛା ଚିରସ୍ମରଣୀୟ ।

ସେଠାରେ ରହିଥିବାବେଳେ କେନ୍ଦ୍ର ସେବକ ସଂଘର ଶ୍ରୀଯୁକ୍ତ ଭଗବାନ ଜେନା ଭାଇ ଓ ଶ୍ରୀମତୀ ମନୋରମା ଜେନା ମା'ଙ୍କ ସହିଦ୍ ନଗରରେ ଅନୁଷ୍ଠିତ ହୋଇଥିବା ଗୃହାସନ ପ୍ରତିଷ୍ଠାର ବାର୍ଷିକ ଉତ୍ସବ ପୂଜା ତା ୨୧.୩.୨୦୨୨ରିଖ ସୋମବାର ଦିନ ଯୋଗ ଦେଇ ପାରିଥିଲି। ନୀଳାଚଳ ସାରସ୍ୱତ ସଂଘର କୋଷାଧକ୍ଷ ଶ୍ରୀଯୁକ୍ତ କୀର୍ତ୍ତନ ବିହାରୀ ପାତ୍ର ଭାଇ ସଭା ପରିଚାଳନା କରି ଆଲୋଚନା କରିଥିଲେ।

ଭୁବନେଶ୍ୱର ଗୌତମ ନଗର (ମାଉସୀ ମା' ମନ୍ଦିର ନିକଟସ୍ଥ) ଶ୍ରୀଶ୍ରୀନିଗମାନନ୍ଦ ବିଭାଗୀୟ ସାରସ୍ୱତ ଆଶ୍ରମରେ ତା ୧୫.୩.୨୦୨୨ ରିଖ ଦିନ ଶ୍ରୀଶ୍ରୀଠାକୁରଙ୍କ ଆଶୀର୍ବାଦରୁ ଯାଇ ଦର୍ଶନ କରିପାରିଥିଲି । ସେଠାରେ ସନ୍ନ୍ୟାସୀ ଶୁଦ୍ଧାନନ୍ଦ ସରସ୍ୱତୀଙ୍କ ସହ କଥା ହୋଇଥିଲି ।

ଭୁବନେଶ୍ୱରରେ ରହିଥିବା ବେଳେ ଅଧିକାଂଶ ଥର ସତ୍‌ଶିକ୍ଷା ମନ୍ଦିରକୁ ଯିବାର ସୁଯୋଗ ପାଇଥିଲି । ଓଡ଼ିଶାରେ ଥିବାବେଳେ ପ୍ରତିଦିନ ସକାଳେ ଓ ସନ୍ଧ୍ୟାରେ ଆମ ଗୃହାସନରେ ଶ୍ରୀଶ୍ରୀଠାକୁରଙ୍କ ସେବାପୂଜା କରିବା ପାଇଁ ସୁଯୋଗ ମିଳିଥିବାରୁ ପରମକାରୁଣିକ ଶ୍ରୀଶ୍ରୀଠାକୁର ମହାରାଜଙ୍କ ଶ୍ରୀଚରଣରେ କୃତଜ୍ଞତା ଜ୍ଞାପନ କରୁଛି । ସେଠାରୁ ଫେରିବା ପୂର୍ବରୁ ବାପା ମୋ ପାଇଁ ଅତିଉପାଦେୟ ପୁସ୍ତକ କେତେଖଣ୍ଡ ଏବଂ ନୂତନ ପ୍ରକାଶିତ କିଛି ପୁସ୍ତକ ସଂଗ୍ରହ କରି ରଖିଥିଲେ । ଆମେରିକା ସାରସ୍ୱତ ସଂଘ ଆସନ ପାଇଁ ନୂତନ ଧୋତି ଯୋଡ଼, ପରିଚୟ ପତ୍ର, ସଂଘ-ସେବକ, ଅନ୍ୟାନ୍ୟ ପୁସ୍ତକ ଏବଂ ପୂଜା ସାମଗ୍ରୀ ଦ୍ରବ୍ୟ ଇତ୍ୟାଦି ସହ ଅନେକ ମଧୁର ସ୍ମୃତିନେଇ ତା ୨୩.୩.୨୦୨୨ରିଖ ଦିନ ସାରଲୋଟ ଗୃହାସନ ଅଭିମୁଖେ ପ୍ରତ୍ୟାବର୍ତ୍ତନ କରିଥିଲି ।

ପରିଶେଷରେ ଶ୍ରୀଶ୍ରୀଠାକୁରଙ୍କ ଅମଳ କମଳ ଶ୍ରୀଚରଣରେ ବିନୀତ ପ୍ରାର୍ଥନା ଅଧମ ଯେପରି ଦେହ, ମନ, ପ୍ରାଣ ସମର୍ପଣ କରି ତାଙ୍କ ମନଲାଖି ସେବା କରିପାରିବ ସେଥିପାଇଁ ସେ କୃପା କରନ୍ତୁ । ତାଙ୍କ ପ୍ରତି ଅଧମର ବିଶ୍ୱାସ ଓ ନିର୍ଭରତା ଦୃଢ଼ୀଭୂତ ହେଉ । ଓଡ଼ିଶା ଭ୍ରମଣରେ ଯାଇଥିବା ବେଳେ ଶ୍ରୀଶ୍ରୀଠାକୁରଙ୍କ ଅହେତୁକ କୃପାରୁ ଏସବୁ ସେବାର ସୁଯୋଗ ମିଳିଥିଲା ।

ଶ୍ରୀଶ୍ରୀଠାକୁର ଚରଣାଶ୍ରିତ

**ଶ୍ରୀ ବିଶ୍ୱଜିତ୍ ସୁନ୍ଦରରାୟ**

ସମ୍ପାଦକ, ଆମେରିକା ସାରସ୍ୱତ ସଂଘ

◆◆◆

ତୁମେ ସର୍ବତୋଭାବରେ ଭଗବାନଙ୍କଠାରେ ବା ଗୁରୁଙ୍କଠାରେ ଆତ୍ମନିବେଦନ କରିବାକୁ ଅଭ୍ୟାସ କର। ସର୍ବାବସ୍ଥାରେ ତାଙ୍କର ନାମ ନେବା ପାଇଁ ଚେଷ୍ଟା କର। କର୍ତ୍ତବ୍ୟ ଛଡ଼ା ଯେପରି ସଂସାରାସକ୍ତି ନ ଜନ୍ମେ। ସୁତରାଂ ସମୟ ସମୟରେ ନିତ୍ୟାନିତ୍ୟ ବିଚାର କରିବ। ସତ୍ୟ ଲାଭ ପାଇଁ ବ୍ୟାକୁଳତା ହିଁ ଏକମାତ୍ର ଉପାୟ। ଆଶୀର୍ବାଦ କରୁଛି, ଦିନକୁ ଦିନ ତୁମର ଶୁଭବୁଦ୍ଧି ଉଦୟ ହେଉ।

**- ଶ୍ରୀଶ୍ରୀଠାକୁରଙ୍କ ଚିଠି (୩/୮୫)**

# ୨୦୨୧ରେ ଗୃହାସନ ବାର୍ଷିକ ଉତ୍ସବର ମଧୁର ଅନୁଭୂତି

ପରମ କାରୁଣିକ ଶ୍ରୀଶ୍ରୀଠାକୁର ମହାରାଜଙ୍କର ଅପାର କରୁଣା ବଳରୁ ତାଙ୍କର ନିବାସ ପାଇଁ ଏକ ସ୍ୱତନ୍ତ୍ର ଗୃହ ନିର୍ମାଣର ଇଚ୍ଛା ୨୦୨୧ ମସିହା ପ୍ରାରମ୍ଭରେ ବିଶେଷ ଭାବରେ ମନକୁ ଆନ୍ଦୋଳିତ କରିଥିଲା ଭାରତରେ ଶତ ଚେଷ୍ଟା ପରେ ମଧ ମୁଁ ନିଜେ ଗୋଟେ ଘର କିମ୍ବା ଜାଗା କ୍ରୟ କରିପାରୁ ନ ଥିଲି, ତେଣୁ ସମସ୍ତେ କୁହନ୍ତି ମୋ ଭାଗ୍ୟରେ ଘର କରିବା ନାହିଁ । ତେଣୁ ମୁଁ ମଧ କେବେ ମନ ବଳାଏ ନାହିଁ । କିନ୍ତୁ ଆମେରିକାରେ ଯେତେବେଳେ ଘରଭଡ଼ାର ମୂଲ୍ୟ ଦିନକୁ ଦିନ ବହୁମାତ୍ରାରେ ବଢ଼ିବାକୁ ଲାଗିଲା ସେତେବେଳେ Apartmentରେ ଶ୍ରୀଶ୍ରୀଠାକୁରଙ୍କୁ ରଖି ପୂଜାପୂଜି କଲାବେଳେ ବହୁ ଭାଇ ଓ ମା'ମାନଙ୍କୁ ଡାକି କିଛି ଉତ୍ସବ କରି ହେଉ ନ ଥିଲା । ତେଣୁ ୨୦୨୧ ମସିହା ପ୍ରାରମ୍ଭରେ ଭାବିଲି ମୁଁ ଏଠି ଶ୍ରୀଶ୍ରୀଠାକୁରଙ୍କ ନିବାସ ପାଇଁ ଏକ ସ୍ୱତନ୍ତ୍ର ଗୃହ ନିର୍ମାଣ ପାଇଁ ଚେଷ୍ଟା କରିବି ଓ ଶ୍ରୀଶ୍ରୀଠାକୁରଙ୍କୁ ଜଣାଇବି ଠାକୁର ହିଁ ନିଜେ ତାଙ୍କ ସ୍ଥାନ ଓ ନିର୍ମାଣ କାର୍ଯ୍ୟ ସୁଚାରୁ ରୂପେ କରାଇ ନିଅନ୍ତୁ । ଶ୍ରୀଶ୍ରୀଠାକୁରଙ୍କୁ ଜଣାଇ ଏ ଶୁଭ କାର୍ଯ୍ୟରେ ଲାଗି ପଡ଼ିଲି । ପ୍ରତି ମୁହୂର୍ତ୍ତରେ ଉପଲବ୍ଧି କରୁଥିଲି ଶ୍ରୀଶ୍ରୀଠାକୁରଙ୍କର ବିଦ୍ୟମାନତା, ଯେପରି ସେ ସବୁକିଛି କରାଇ ନେଉଛନ୍ତି । ଯେଉଁଠି ଯେତେବେଳେ କିଛି ବିଳମ୍ବ ହେଉଥିଲା, ଶ୍ରୀଶ୍ରୀଠାକୁରଙ୍କୁ ଜଣାଇବା ମାତ୍ରେ ତାହା ନିଶ୍ଚୟ ଅଳ୍ପଦିନରେ ସମାଧାନ ହେଉ ଯାଉଥିଲା । ନଭେମ୍ବର ମାସ ପ୍ରାରମ୍ଭରେ ସ୍ଥିର ହେଲା, ଗୃହ ନିର୍ମାଣକାର୍ଯ୍ୟ ଅନ୍ୟୁନ ଏକ ମାସ ଭିତରେ ସମାପ୍ତ ହୋଇଯିବ, ମନ ଆନନ୍ଦରେ ଭରିଗଲା । ଇଚ୍ଛା ହେଲା କିପରି ଏକ ବଡ଼ ମହୋତ୍ସବ କରିବି ଓ ଆମ AMSASର ସବୁ ଭାଇ ଓ ମା' ମାନେ ଯେପରି ଆସି ପାରିବେ । କିନ୍ତୁ ସେତେବେଳେ ବି କରୋନା ପରିସ୍ଥିତି କିଛି ସେମିତି ସୁଧୁରି ନ ଥିଲା । ସେଥିପାଇଁ ମନ ମଧ ଖରାପ ଲାଗୁଥାଏ । ଭାରତରୁ ବାବା ମାମା ଆସିପାରିବେନି ଓ ଏଠି ଆମେରିକାରେ ଭି ଭାଇ ଓ ମା' ମାନେ ଯଦି ଆସିପାରିବେନି ତାହାଲେ ମୁଁ ଉତ୍ସବ କରିବି କେମିତି ? ଶ୍ରୀଶ୍ରୀଠାକୁରଙ୍କୁ ସବୁବେଳେ ପୂଜା ପରେ ଜଣାଏ, 'ଠାକୁର, ଆପଣଙ୍କ ଇଚ୍ଛା ପୂର୍ଣ୍ଣ ହେଉ ।' ଆପଣଙ୍କ ଗୃହାସନ ବାର୍ଷିକ ଉତ୍ସବ କିପରି ସମସ୍ତ ଭାଇ ଓ ମା'ମାନଙ୍କ ଉପସ୍ଥିତିରେ ଆପଣଙ୍କ ନୂତନ ଗୃହାସନରେ ହୋଇପାରିବ ତାହାର ବନ୍ଦୋବସ୍ତ କରାଇ ନିଅନ୍ତୁ ।

ମୋର ଇଚ୍ଛାଥିଲା ଗୃହ ପ୍ରତିଷ୍ଠା ମଧ କିପରି ଆମ ସଂଘର ଜ୍ଞାନ ଭାଇ କରନ୍ତେ କି ଭଲ ହୁଅନ୍ତା । ଜ୍ଞାନ ଭାଇଙ୍କୁ ଫୋନ କରି ମୋର ମନ କଥା ଜଣାଇଲି । ଭାଇ ସଙ୍ଗେ ସଙ୍ଗେ କହିଲେ ସେ ପାଞ୍ଜି ଦେଖି ଶୁଭ ମୁହୂର୍ତ୍ତ ବାହାର କରିବେ ଏବଂ ଚେଷ୍ଟା କରିବେ ନିଜେ ଆସି ଘର ପ୍ରତିଷ୍ଠା କରିବା ପାଇଁ । କିଛିଦିନ ପରେ ଭାଇ ସ୍ଥିର କରି କହିଲେ, ଘର ପ୍ରତିଷ୍ଠା ଡିସେମ୍ବର ୧୦ ତାରିଖ(ଶନିବାର) ସକାଳେ ଆମ ଗୃହାସନ ପୂଜା ହୋଇପାରିବ ଓ ଅପରାହ୍ନରେ Texas ପାଠଚକ୍ର ପୂଜା ହୋଇପାରିବ ଓ ରବିବାର, ୧୨ତାରିଖ ସଂଘପୂଜା ସାରି ଭାଇମାନେ ପ୍ରତ୍ୟାବର୍ତ୍ତନ କରିପାରିବେ । ମନ ଆନନ୍ଦରେ ଭରିଗଲା ତିନି ଦିନ ଧରି ଉତ୍ସବ ଲାଗି ରହିବ ଠାକୁରଙ୍କୁ ନେଇ ଘରେ ବାବା ମାମାଙ୍କୁ ଜଣାଇଲି, ସେମାନେ ଭି ବହୁତ ଖୁସି ହେଲେ ଓ ତାରିଖ ସବୁ ଭଲ ରହିବ କହିଲେ । ଆମ ସଂଘର ସଭାପତି (ବ୍ରଜଭାଇ)ଙ୍କ ଜରିଆରେ କେନ୍ଦ୍ର କୁଟୀର ଓ ସ୍ମୃତି ମନ୍ଦିରରେ ଶ୍ରୀଶ୍ରୀଠାକୁରଙ୍କ ଅନୁମତି ନେଇ ଶ୍ରୀଶ୍ରୀଠାକୁରଙ୍କୁ ନିମନ୍ତ୍ରଣ ଜଣାଇଲି । ସେବେଠାରୁ ମନ ପ୍ରାଣ ଖାଲି ସେହି ଦିନକୁ ଅନାଇ ରହିଲା । ଯେତେ ଭାଇମାନଙ୍କୁ ଫୋନ୍ କରି ନୂତନ ଗୃହ ପ୍ରତିଷ୍ଠା ଓ ବାର୍ଷିକ ଉତ୍ସବ ପାଇଁ ଜଣାଇଲି, ସମସ୍ତେ ସମ୍ମତି ପ୍ରକାଶ କଲେ ଆସିବେ ବୋଲି । ଦିନ ଯେତେ ନିକଟ ହୋଇ ଆସୁଥାଏ, ମନ ପ୍ରାଣ ସେତେ ଉଦ୍‌ବେଗ ହେଉଥାଏ । ଗୃହାସନ ବାର୍ଷିକ ଉତ୍ସବର ଆସନସଜ୍ଜା ଚିତ୍ର ମଧ କେନ୍ଦ୍ରରୁ ଜଗନ୍ନାଥ ଦାଶ ଭାଇ କରି ପଠାଇଲେ । ସଂଘକୁ ନିମନ୍ତ୍ରଣ ଜଣାଇବା ପାଇଁ । ଏକ ନିମନ୍ତ୍ରଣ ପତ୍ର ଲେଖିବା ପାଇଁ ସ୍ୱପନେଶ୍ୱର ଭାଇଙ୍କୁ ଫୋନ୍ କରିଥିଲି, ଏବଂ ଭାଇଙ୍କୁ ଅନୁରୋଧ କଲି ଆମ ଉତ୍ସବରେ ଯୋଗଦେବା ପାଇଁ ଆଶ୍ଚର୍ଯ୍ୟର କଥା ସେ ମଧ ସଙ୍ଗେ ସଙ୍ଗେ ସମ୍ମତି ପ୍ରକାଶ କରିଥିଲେ । ଆସିବା ପାଇଁ ଏବଂ ଉତ୍ସବର ତିନିଦିନ ପୂର୍ବରୁ ଆସିଥିଲେ । ଶ୍ରୀଶ୍ରୀଠାକୁରଙ୍କର ମୋ ପ୍ରତି କରୁଣା ଓ କୃପା ମୁଁ ଅଙ୍ଗେ ଅଙ୍ଗେ ଉପଲବ୍ଧି କରୁଥିଲି । ମୋତେ ଲାଗୁଥାଏ ସତେ ଯେପରି ଶ୍ରୀଶ୍ରୀଠାକୁର ନିଜେ ଆସି ତାଙ୍କ କାମ କରାଇ ନେଉଛନ୍ତି ।

ଡିସେମ୍ବର ମାସ ୫ ତାରିଖ ରବିବାର ଦିନ ଆମେରିକା ସାରସ୍ୱତ ସଂଘ ପୂଜାରେ ଶ୍ରୀଶ୍ରୀଠାକୁରଙ୍କୁ ଓ ଭକ୍ତମାନଙ୍କୁ ଆମ ନୂତନ ଘରେ ଶ୍ରୀଶ୍ରୀଠାକୁରଙ୍କ ଗୃହାସନ ବାର୍ଷିକ ଉତ୍ସବ (୧୧ତାରିଖ) ପୂଜା ପାଇଁ ନିମନ୍ତ୍ରଣ ଜଣାଇଲି । ଶ୍ରୀଶ୍ରୀଠାକୁରଙ୍କ ଅପାର କୃପାରୁ ସର୍ବ ଶୁଭରେ ଡିସେମ୍ବର ୧୦ ତାରିଖ(ଶୁକ୍ରବାର) ବହୁ ଭକ୍ତମାନଙ୍କ ସମାଗମରେ ଜ୍ଞାନ ଭାଇଙ୍କ ଦ୍ୱାରା ଗୃହପ୍ରତିଷ୍ଠା ପୂଜା ଓ

ଶ୍ରୀଶ୍ରୀଠାକୁରଙ୍କ ନୂତନ ଗୃହକୁ ବିଜେ ହେଲେ । ଶ୍ରୀଶ୍ରୀଠାକୁରଙ୍କ ଅହେତୁକ କୃପାରୁ ନିକଟସ୍ଥ ଅନ୍ୟ ସହରରୁ ମଧ୍ୟ ଭାଇ ଓ ମା' ମାନଙ୍କ ଆଗମନ ଲାଗି ରହିଲା । ତତ୍‌ପରଦିନ ସକାଳେ (ଡିସେମ୍ବର ୧୧ ତାରିଖ, ଶନିବାର) ଗୃହାସନ ବାର୍ଷିକ ଉତ୍ସବ । ବିଳମ୍ବିତ ରାତ୍ର ଯାଏଁ ଆସନ ସଜ୍ଜା, ଭୋଗ ପ୍ରସ୍ତୁତି ଚାଲିଥାଏ । ସମ୍ମିଳନୀର ପରିବେଷ ଅନୁଭୂତ ହେଉଥାଏ । ଆନନ୍ଦର ଅଶ୍ରୁ ନ ବହି ରହିପାରୁ ନ ଥାଏ । ସକାଳେ ଯଥା ସମୟରେ ଶ୍ରୀଶ୍ରୀଠାକୁରଙ୍କ ସେବା ପୂଜା କାର୍ଯ୍ୟ ଆରମ୍ଭ ହେଲା । ଫୋନ ମାଧ୍ୟମରେ ମଧ୍ୟ ଅନେକ ଭକ୍ତ ଯୋଗଦାନ କରିଥିଲେ । ଉତ୍ସବଟି ପୂର୍ଣ୍ଣାଙ୍ଗ ସାଫଲ୍ୟ ମଣ୍ଡିତ ହୋଇଥିଲା । ଆମେ ଏହାକୁ ଶ୍ରୀଶ୍ରୀଠାକୁରଙ୍କ ଅହେତୁକ କୃପା ବୋଲି ମନେ କଲୁ । ଅପରାହ୍ଣରେ Texas ପାଠଚକ୍ର ମଧ୍ୟ ପୂର୍ବ ନିର୍ଦ୍ଧାରିତ ସୂଚୀ ଅନୁଯାୟୀ ଅନୁଷ୍ଠିତ ହୋଇଥିଲା । ସଂଘର ଭକ୍ତମାନଙ୍କ ସହ କିଛି ଅତିଥି ମଧ୍ୟ ଯୋଗଦାନ କରିଥିଲେ । ତତ୍‌ପରଦିନ ରବିବାର ସଂଘପୂଜା ମଧ୍ୟ ସୁଚାରୁ ରୂପେ ଅନୁଷ୍ଠିତ ହୋଇଥିଲା । ତିନିଦିନ ଧରି ଶ୍ରୀଶ୍ରୀଠାକୁରଙ୍କ ଗୀତ, ଆରତୀ ନୂତନ ଗୃହକୁ ଭାବ ବିହ୍ୱଳିତ କରି ଏକ ଆଧ୍ୟାତ୍ମିକ ପରିବେଷ ସୃଷ୍ଟି କରି ଦେଇଥିଲା । ହେଲେ ଆନନ୍ଦ କେବେ ଚିରସ୍ଥାୟୀ ନୁହେଁ ଭକ୍ତମାନଙ୍କ ବାହୁଡ଼ାର ସମୟ ଆସିଗଲା । ମନ ହେଉଥାଏ ଏମିତି ପରିବେଶ ସଦା ସର୍ବଦା ଲାଗି ରହିଥାଉ । କିନ୍ତୁ ସମୟ ଚକ୍ରରେ ସମସ୍ତଙ୍କୁ ପୁଣି ସେହି ସଂସାରକୁ ଫେରି ଯିବାକୁ ହେବ । ଭକ୍ତମାନେ ସମସ୍ତେ ଜଣକ ପରେ ଜଣେ ବାହୁଡ଼ିଲେ ଯେ ଯାହାର ସହରକୁ ।

କି ଆନନ୍ଦ ଥିଲା ସେହି ୩ଦିନ । ଶ୍ରୀଶ୍ରୀଠାକୁରଙ୍କୁ ନେଇ ନିତ୍ୟଲୋକରେ ନିତ୍ୟ ଆନନ୍ଦର ଅନୁଭବ ହେଉଥିଲା । କରୋନା ସମୟରେ ଶ୍ରୀଶ୍ରୀଠାକୁରଙ୍କ ଏହି କରୁଣା ଚିର ଅଭୁଲା ହୋଇ ରହିବ । ଶ୍ରୀଶ୍ରୀଠାକୁରଙ୍କ ଶ୍ରୀଚରଣର ପ୍ରାର୍ଥନା ତାଙ୍କ ଗୃହାସନରେ ତାଙ୍କ ମନୋମତ ସେବକ, ସେବିକା ଭାବେ ସେବା ପୂଜା କରିବାକୁ ଆଶୀର୍ବାଦ କରନ୍ତୁ । ତାଙ୍କର ଏହି ଗୃହାସନ ତାଙ୍କ ଭାବଧାରା ରକ୍ଷା କରିବାରେ ସହାୟକ ହେଉ ।

ଶ୍ରୀଶ୍ରୀଠାକୁର ଚରଣାଶ୍ରିତ
**ଶ୍ରୀ ସୁପ୍ରିତ ପଟ୍ଟନାୟକ**
ଆମେରିକା ସାରସ୍ୱତ ସଂଘ

❖ ଅଭିମାନକୁ ସୁରାପାନ ସଦୃଶ, ଗୌରବକୁ ରୌରବ ନରକ ସଦୃଶ, ପ୍ରତିଷ୍ଠାକୁ ଶୂକରୀବିଷ୍ଠା ସଦୃଶ ଜ୍ଞାନ କଲେ ଯାଇ ସାଧନଭଜନ ହେବ। ନ ହେଲେ ବସନରେ କି ଆସନରେ, କି ଅଶନରେ କି ଅନଶନରେ, ରସନରେ କି ଭାଷଣରେ ଏବଂ ଅସଲ କି ନକଲରେ କିଛି ଫଳ ହେବ ନାହିଁ।

❖ ତୁମେମାନେ ଏକତ୍ର ପ୍ରେମର ସଂସାର ସ୍ଥାପନ କର। ମୋତେ ମୂଳରେ ପ୍ରତିଷ୍ଠା କରି ମୋ ସଂସାରରେ କାର୍ଯ୍ୟ କର। ଯେପରି ମନେ ଥାଏ, ପ୍ରତ୍ୟେକ କାର୍ଯ୍ୟ ଠାକୁରଙ୍କ ନିମିତ୍ତ ଅନୁଷ୍ଠିତ ହେଉଅଛି, ଘରଦ୍ୱାର, ବିଷୟ ସଂପଦ ଇତ୍ୟାଦି ସବୁ ଠାକୁରଙ୍କର, ସଂସାର ଠାକୁରଙ୍କର, ତୁମେମାନେ ସେବକ ମାତ୍ର। ତୁମମାନଙ୍କର ପ୍ରତ୍ୟେକ ନିଃଶ୍ୱାସ ଯେପରି ଶ୍ରୀଶ୍ରୀଠାକୁରଙ୍କ ଉଦ୍ଦେଶ୍ୟରେ ବହିର୍ଗତ ହୁଏ। କୌଣସି ଚିନ୍ତା ନାହିଁ। ମାୟାକୁ ଦୂର କରି ତା ସ୍ଥାନରେ ପ୍ରେମକୁ ପ୍ରତିଷ୍ଠା କର। ଠାକୁରଙ୍କ ସଂସାରରେ ମାୟାର ପ୍ରବେଶାଧିକାର ନିଷେଧ।

**- ଶ୍ରୀଶ୍ରୀଠାକୁର**

# ସଂକଟ ସମୟରେ ଶ୍ରୀଶ୍ରୀଠାକୁରଙ୍କ କୃପା ଅନୁଭୂତି

ଏହି କିଛିଦିନ ତଳର କଥା । ସେଦିନ ସକାଳୁ ନିତ୍ୟକର୍ମ ସାରି, ଶ୍ରୀଶ୍ରୀଠାକୁରଙ୍କ ପୂଜା କରି ତଳ ମହଲାକୁ ବ୍ରେକ୍‌ଫାଷ୍ଟ ଖାଇବାକୁ ଗଲି । ପ୍ରାୟତଃ ଜ୍ୱାଇଁ ଶୀତୁ ମୋ ପାଖରେ ଆଣି ଜଳଖିଆ ଦେଇ ଦିଅନ୍ତି । ନ ହେଲେ ତଳ ମହଲାରେ ଡାଇନିଙ୍ଗ୍ ଟେବୁଲ୍ ଉପରେ ରଖିଦିଅନ୍ତି । ମୁଁ ଦେଖିଲି ଟେବୁଲ୍ ଉପରେ ଏକ ଛୋଟ ବୋତଲ ଅଛି । ବାସ୍ତବରେ ତାହା Rubbing Alcohol ଥିଲା । ମୁଁ ବୋତଲ ଧରି ନ ଦେଖି ଭାବିଲି କିଛି ପାନୀୟ ବୋଧହୁଏ । ଏହାପରେ ମୁଁ ସେହି ଛୋଟ ବୋତଲକୁ ଧରି ଢ଼କ୍ ଢ଼କ୍ କରି ପାନୀୟ ଭାବି ପିଇଦେଲି । ମୋର ଗୋଟିଏ ଖରାପ ଅଭ୍ୟାସ ଯେ ମୁଁ ମୁହଁ ନ ଲଗାଇ ବୋତଲ ଧରି ପାଣି ଓ ଅନ୍ୟ ପାନୀୟ ଟେକିକି ଢକ୍ ଢକ୍ କରି ପିଏ । ଏହି Rubbing Alcohol ଯେତେବେଳେ ମୋ ପାକସ୍ଥଳୀକୁ ଛୁଇଁଲା, ମୋତେ ଜଳିଲା ପରି ଲାଗିଲା । 'କଣ ଏମିତି ଲାଗିଲା' କହୁ କହୁ ମୁଁ ଝିଅ ମାମୁନୀ(ଶିବାନୀ ମହାନ୍ତି)କୁ ଡାକ ଦେଇ ତଳେ ପଡ଼ିଗଲି । ତା ପର ଘଟଣା ମୋର ମନେ ନାହିଁ । ଝିଅ ମାମୁନ୍ ମୋର ସେହି ଅବସ୍ଥା କୁ Video recording କରିଥିଲା । ସେଥିରେ ଦେଖିଲି ଯେ ମୁଁ ତଳେ ପଡ଼ିଯାଇ ବିକଳିଆ ହୋଇ କାନ୍ଦୁଛି । ମୁଁ 'ଜୟଗୁରୁ' 'ଜୟଗୁରୁ' 'ଜୟଗୁରୁ' ନାମ ନେଉଛି । ତାପରେ କହୁଛି 'ମା' ମାମୁନୀରେ ମୁଁ ଯାଉଛି ।' ଏତିକି ମୁଁ ଝିଅ କରିଥିବା Video Recordingରେ ଦେଖିଲି । ମୋର କିଛି ମନେ ନାହିଁ । ଝିଅ ଶିବାନୀ Ambulance ଡାକିଥିଲା । ପ୍ରାୟ ୧୫ ମିନିଟ୍ ଭିତରେ Ambulance ଆସି ପହଞ୍ଚିଯାଇ ମୋତେ Hospital ନିଆଯାଇଥିଲା । ମୋର ଯେତେବେଳେ ହୋସ୍ ଆସିଲା, ମୁଁ ଦେଖିଲି ଯେ ମୁଁ Hospitalରେ ଅଛି । ମୋ ସାମ୍ନାରେ ଜ୍ୱାଇଁ ଶୀତୁ ଛିଡ଼ା ହୋଇଛନ୍ତି । ପଛରେ ସବୁ ଘଟଣା ବୁଝି ପାରିଲି । ହସ୍ପିଟାଲ୍‌ରେ ଡାଏଲିସିସ୍ କରି ସବୁ ବାହାର କରାଗଲା । ତାପରେ ମୁଁ ୧୫/୨୦ଦିନ ହସ୍ପିଟାଲ୍‌ରେ ରହି ଘରକୁ ଫେରିଲି । ଘରେ ଆସିବା ପରେ ଅନୁଭବ କଲି ଯେ, 'ଏପରି ସଂକଟ ଅବସ୍ଥାରେ 'ଜୟଗୁରୁ' ନାମ ସ୍ମରଣ ହୋଇଛି, ତେଣୁ ଶ୍ରୀଶ୍ରୀଠାକୁର ଜୀବନ ରକ୍ଷା କରିଦେଲେ । ଏଡ଼େବଡ଼ ବିପଦ କଟିଗଲା । ଶ୍ରୀଶ୍ରୀଠାକୁର ସଦାବେଳେ ଆମ ପାଖରେ ଅଛନ୍ତି । ଆମ ବିପଦ ଓ ଆପଦରେ ଆମକୁ ରକ୍ଷା କରୁଛନ୍ତି । ଆମେ ଭୁଲ୍ ବାଟରେ ଗଲେ ଆମକୁ ଠିକ୍ ରାସ୍ତାକୁ ଆଣୁଛନ୍ତି । ଶ୍ରୀଶ୍ରୀଠାକୁର ସର୍ବଦା ଆମକୁ ରକ୍ଷା କରୁଛନ୍ତି । ଶ୍ରୀଶ୍ରୀଠାକୁରଙ୍କ ଶ୍ରୀଚରଣରେ ଗୁହାରୀ 'ଜୟଗୁରୁ' ନାମ ସଦା ସ୍ମରଣ ରହୁ ।


ଶ୍ରୀଶ୍ରୀଠାକୁର ଚରଣାଶ୍ରିତା

**ବନଲତା ମହାନ୍ତି ମା'**

ଆମେରିକା ସାରସ୍ୱତ ଶାଖାସଂଘ


❖ "ମୁଁ ତୁମମାନଙ୍କର ଗୁରୁ, ତୁମମାନଙ୍କୁ ମୁକ୍ତି ଦେବି ବୋଲି ତୁମର ସମସ୍ତ କର୍ମର ବୋଝ ମୁଁ ନିଜେ ଗ୍ରହଣ କରିଛି । ମୁଁ ଅଗ୍ନି, ତୁମମାନଙ୍କୁ ଅଗ୍ନିମୟ କରିଦେବି ବୋଲି ତୁମ ଭିତରେ ସ୍ଫୁଲିଙ୍ଗ ସଦୃଶ ବୀଜ ଅର୍ପଣ କରିଛି । ଇନ୍ଧନ ଶୁଷ୍କ ଥିଲେ ଦପ୍ କରି ଅଗ୍ନିଜଳିଉଠେ, ଓଦା ଥିଲେ ଅଗ୍ନି ଧରିବାକୁ ବିଳମ୍ବ ହୁଏ । * * * ପ୍ରତୀକ୍ଷା କର, ନିଶ୍ଚିନ୍ତରେ ନିର୍ଭୟରେ ବସି ରହ । ତୁମେ ଯେତେ ଦୀନ ହୁଅ, ଯେତେ ତୁଚ୍ଛ ହୁଅନା କାହିଁକି, ସମସ୍ତେ ଦିନେ ଅଗ୍ନିମୟ ହୋଇଯିବ । ମୋ ଦୁଆରୁ ନିରାଶ ହୋଇ କାହାରିକୁ ଫେରିବାକୁ ହେବ ନାହିଁ ।" (ଅଭୟ ବାଣୀ)

# ଆମେରିକା ସାରସ୍ୱତ ସଂଘ ବାର୍ଷିକ ବିବରଣୀ

ଶ୍ରୀଶ୍ରୀଠାକୁର ମହାରାଜଙ୍କ ଅପାର କରୁଣାରୁ ତା ୪ ଅଗଷ୍ଟ ୨୦୦୧ରିଖ ଶ୍ରୀଶ୍ରୀଠାକୁରଙ୍କ ଶୁଭ ଜନ୍ମଦିନରେ ମାତ୍ର ସାତଗୋଟି ଭକ୍ତ ପରିବାରକୁ ନେଇ ଆରମ୍ଭ ହୋଇଥିବା 'ଆମେରିକା ସାରସ୍ୱତ ପାଠଚକ୍ର' ନୀଳାଚଳ ସାରସ୍ୱତ ସଂଘର ତତ୍‌କାଳୀନ ସଭାପତି ଓ ପରିଚାଳକ ଶ୍ରୀଯୁକ୍ତ ଶ୍ୟାମସୁନ୍ଦର ଦାସ ଭାଇଙ୍କ ଦ୍ୱାରା ଅନୁମତି ପ୍ରାପ୍ତ ହୋଇ ୨୦୦୪ମସିହା ଜାନୁୟାରୀ ୭ତାରିଖ ପୌଷ ପୂର୍ଣ୍ଣିମା ଦିନ ସଂଘରେ ପରିଣତ ହୋଇଥିଲା । 'ଆମେରିକା ସାରସ୍ୱତ ସଂଘ' ଆଜି ସପ୍ତଦଶ ବର୍ଷ ଅତିକ୍ରମ କରି ଅଷ୍ଟାଦଶ ବର୍ଷରେ ପଦାର୍ପଣ କରିଥିବାରୁ ଶ୍ରୀଶ୍ରୀଠାକୁର ମହାରାଜଙ୍କ ଶ୍ରୀଚରଣ-ସରୋଜରେ ସର୍ବପ୍ରଥମେ ଭକ୍ତିବିନମ୍ର ପ୍ରଣତି ଜ୍ଞାପନ କରୁଅଛି ।

### ନିଗମ ସ୍ମୃତି ମନ୍ଦିରରେ ସଂଘ ଅଧିବେଶନ

ନର୍ଥ କାରୋଲିନା ରାଜ୍ୟର ଏପ୍‌ଲାଣ୍ଡ ସହରସ୍ଥିତ 'ଆମେରିକା ସାରସ୍ୱତ ସଂଘ'ର ଆସନ ମନ୍ଦିର 'ନିଗମ ସ୍ମୃତି ମନ୍ଦିର'ରେ ଗତବର୍ଷ ସଂଘପୂଜା ଅଧିବେଶନ ଓ Young Aspirants' Sessions ନିୟମିତ ଭାବରେ ପ୍ରତ୍ୟେକ ରବିବାର ଦିନ ଅନୁଷ୍ଠିତ ହୋଇଥିଲା । ମାସର ପ୍ରଥମ ରବିବାର ଦିନ ମହିଳା ପୂଜା ଅଧିବେଶନ ଅନୁଷ୍ଠିତ ହୋଇଥିଲା । ଏତଦ୍‌ବ୍ୟତୀତ ଜାନୁୟାରୀ ୩୧, ୨୦୨୨ ରବିବାର ଦିନ ସଂଘର ସପ୍ତଦଶ ବାର୍ଷିକ ଉତ୍ସବ, ମଇ ୧୪,୨୦୨୧ ଶୁକ୍ରବାର ଦିନ ସନ୍ଧ୍ୟାରେ ଅକ୍ଷୟ ତୃତୀୟା, ଅଗଷ୍ଟ ୨୨, ୨୦୨୧ରବିବାର ଦିନ ଜନ୍ମୋତ୍ସବ ଓ ନଭେମ୍ବର ୨୦,୨୦୨୧ ଶନିବାର ଦିନ ସଂଧ୍ୟାରେ ରାସପୂର୍ଣ୍ଣିମା ଉପଲକ୍ଷେ ସଂଘପୂଜାର ବିଶେଷ ଅଧିବେଶନମାନ ଅନୁଷ୍ଠିତ ହୋଇଥିଲା । ଉକ୍ତ ବିଶେଷ ଅଧିବେଶନଗୁଡ଼ିକ ସହିତ ସାପ୍ତାହିକ ସଂଘପୂଜାର ପୂର୍ଣ୍ଣାଙ୍ଗ ଅଧିବେଶନମାନ ନିଗମ ସ୍ମୃତି ମନ୍ଦିରରୁ live broadcast www.youtube.com ମାଧ୍ୟମରେ କରାଯାଇଅଛି ।

ପ୍ରତିମାସର ଶେଷ ରବିବାର ଦିନ ନୀଳାଚଳ ସାରସ୍ୱତ ସଂଘର ଅନୁମୋଦିତ ଜଣେ ସଦସ୍ୟ କେନ୍ଦ୍ର ପ୍ରତିନିଧି ଭାବରେ ଫୋନ୍ ମାଧ୍ୟମରେ ଯୋଗଦାନ କରି ଶ୍ରୀଶ୍ରୀଠାକୁରଙ୍କ ଭାବଧାର ବିଷୟରେ ଆଲୋଚନା କରିଥାନ୍ତି । ବିଗତ ବର୍ଷ କେନ୍ଦ୍ର ପ୍ରତିନିଧି ଭାବରେ ଶ୍ରୀ ସଂଗ୍ରାମ କେଶରୀ ସିଂହ ଭାଇ, ଶ୍ରୀ ହେମନ୍ତ କୁମାର ରାଉତରାୟ ଭାଇ, ଶ୍ରୀ ଜଗନ୍ନାଥ ଦାଶ ଭାଇ, ଶ୍ରୀ ପ୍ରମୋଦ କୁମାର ମହାନ୍ତି ଭାଇ, ଶ୍ରୀ ରବୀନ୍ଦ୍ର ନାଥ ପରିଡ଼ା ଭାଇ, ଶ୍ରୀ ନବକିଶୋର ନାୟକ ଭାଇ, ଶ୍ରୀ ସନ୍ତୋଷ କୁମାର ମହାନ୍ତି ଭାଇ ଓ ଶ୍ରୀ କମ୍ବୁଚରଣ ଧର ଭାଇ ଆମ ସଂଘପୂଜା ଅଧିବେଶନଗୁଡ଼ିକରେ ଯୋଗଦେଇ ଆଲୋଚନା କରିଥିଲେ ।

୨୦୨୧ ମସିହାର ସଂଘ ଅଧିବେଶନରେ ୯୩ଜଣ ଭାଇ ଓ ମା' (୫୭ଟି ପରିବାର) ଯୋଗଦାନ କରିଛନ୍ତି । ସେମାନଙ୍କ ମଧ୍ୟରୁ ୭୭ଜଣ Regular Members ୫ ଜଣ Associate Members ଓ ୧୧ ଜଣ ଦର୍ଶକ ଅନ୍ତର୍ଭୁକ୍ତ ।

### Young Aspirants' Session

ଆମ ସଂଘରେ ପିଲାମାନଙ୍କର ଅଧିବେଶନ ୨୦୦୪ ମସିହା ଜାନୁୟାରୀ ମାସରୁ ଅନୁଷ୍ଠିତ ହୋଇ ଆସୁଅଛି । ଗତ ବର୍ଷ ପିଲାମାନଙ୍କ ଅଧିବେଶନ ଦିନ ୧୧ରୁ ୧୧.୩୫ EST ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା Elementary, Middle School ଏବଂ High Schoolରେ ପଢୁଥିବା ପିଲାମାନଙ୍କ ପାଇଁ ସେମାନେ ବୁଝିପାରିବା ଭଳି ପୃଥକ ଆଲୋଚନା କରାଯାଉଅଛି । ଶ୍ରୀମତୀ ବେଦମତି ଉପାଧ୍ୟାୟ ମା', ଶ୍ରୀ ବିଜୟ ସାହୁ ଭାଇ, ଉଷା ଅଗ୍ରୱାଲ ମା', ସ୍ୱାତୀ ଦ୍ୱିବେଦୀ ମା'(ମୁନି), ସୌମ୍ୟାଶ୍ରୀ ରାୟ ମା'(ଭକ୍ତି), ଶ୍ରେୟା ପ୍ରଭାକର ମା' (ଆନି) ଏବଂ ଶ୍ରୀ ବରଦାକାନ୍ତ ନାୟକ ଭାଇ ଏହି ଅଧିବେଶନଗୁଡ଼ିକ ପରିଚାଳନା କରୁଛନ୍ତି । ୨୦୨୧ ନଭେମ୍ବର ମାସଠାରୁ ଶ୍ରୀମଦ୍ ଭଗବଦ୍ ଗୀତାରୁ ଶ୍ଳୋକ ପଢ଼ିବା ଆରମ୍ଭ କରାଯାଇଛି । ପ୍ରତ୍ୟେକ ସଂଘ ଅଧିବେଶନରେ ପାଳିଆ ସଂଘସେବୀଙ୍କ ସହିତ ଜଣେ Young Aspirant ମଧ୍ୟ ଶ୍ରୀଶ୍ରୀଠାକୁରଙ୍କୁ ନିମନ୍ତ୍ରଣ ଓ ଭାବ ବିନିମୟ ସେବା କରୁଛନ୍ତି । ବିଗତ ବର୍ଷରେ ୩୨ଜଣ ପିଲାମାନେ Young Aspirant Sessionରେ ଯୋଗଦାନ କରିଛନ୍ତି ।

**ଭକ୍ତ ସମ୍ମିଳନୀ**

ଆମେରିକା ସାରସ୍ୱତ ସଂଘରେ ଅନୁଷ୍ଠିତ ହୋଇଆସୁଥିବା ବାର୍ଷିକ ଭକ୍ତ ସମ୍ମିଳନୀ କରୋନା ଭୂତାଣୁ ମହାମାରୀର ପ୍ରକୋପ ଓ ସରକାରଙ୍କ କଟକଣା କାରଣରୁ ଗତ ୨୦୨୧ ମସିହାରେ ଅଗଷ୍ଟ ମାସ ୬,୭ ଓ ୮ ତାରିଖ ଶୁକ୍ରବାର ଠାରୁ ରବିବାର ପର୍ଯ୍ୟନ୍ତ ନିଗମ ସ୍ମୃତି ମନ୍ଦିରରେ ବିଧିରକ୍ଷା ସମ୍ମିଳନୀ ଭାବରେ ତତ୍‌କାଳୀନ ସଭାପତି ଶ୍ରୀଯୁକ୍ତ ଜ୍ଞାନରଞ୍ଜନ ଦ୍ୱିବେଦୀ ଭାଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । 'ନୀଳାଚଳ ସାରସ୍ୱତ ସଂଘ'ରୁ କୌଣସି ପରିଚାଳନା ମଣ୍ଡଳୀର ସଦସ୍ୟ କରୋନା ଭୂତାଣୁ ମହାମାରୀର ପ୍ରକୋପ ଯୋଗୁଁ ଏଠାକୁ ପ୍ରତ୍ୟକ୍ଷ ଭାବରେ ଆସି ଯୋଗଦାନ କରିପାରିନଥିଲେ କିନ୍ତୁ ପରିଚାଳକ ଶ୍ରୀଯୁକ୍ତ ଶରତ ଚନ୍ଦ୍ର ସିଂହଦେଓ ଭାଇ, ସଭାପତି ଶ୍ରୀଯୁକ୍ତ ସଂଗ୍ରାମ କେଶରୀ ସିଂହ ଭାଇ ଓ କେନ୍ଦ୍ର ପରିଚାଳନା ମଣ୍ଡଳୀ ସଦସ୍ୟ ଶ୍ରୀଯୁକ୍ତ ପ୍ରମୋଦ କୁମାର ମହାନ୍ତି ଭାଇ ଟେଲିଫୋନ୍ ମାଧ୍ୟମରେ ଯୋଗଦାନ କରି ଆଲୋଚନା କରିଥିଲେ । ଉକ୍ତ ବିଧିରକ୍ଷା ଭକ୍ତ ସମ୍ମିଳନୀ ସମୟରେ 'ସାରସ୍ୱତ ମାଧୁରୀ ୨୦୨୧' ପତ୍ରିକା ପ୍ରକାଶିତ ହୋଇଥିଲା ।

ବିଗତ ବର୍ଷ ନିଗମ ସ୍ମୃତିମନ୍ଦିରରେ ଶ୍ରୀଜୟଦେବ ସେବାଶିକ୍ଷାର୍ଥୀ ମଣ୍ଡଳର ବାର୍ଷିକ ଅଧିବେଶନ କରୋନା ଭୂତାଣୁ ମହାମାରୀର ପ୍ରକୋପ ଯୋଗୁଁ ଅନୁଷ୍ଠିତ ହୋଇପାରିନଥିଲା ।

**ପରିଚୟ ପତ୍ର**

ବିଗତ ବର୍ଷ ଆମେରିକା ସାରସ୍ୱତ ସଂଘରୁ ଜଣେ ମା', ତିନି ଜଣ Young Aspirants ଏବଂ ଦୁଇ ଜଣ ଭାଇ ପୁନେ ଓ ହାଇଦରାବାଦ ସଂଘରୁ transfer କରି ନୂତନ ପରିଚୟ ପତ୍ର ଗ୍ରହଣ କରିଛନ୍ତି । ପୁରାତନ ଭକ୍ତଙ୍କ ମଧ୍ୟରୁ ୩୮ ଜଣ ଭାଇ ଓ ୩୬ ଜଣ ମା' ଓ ୧୩ଜଣ Young Aspirants ପରିଚୟ ପତ୍ର ନବୀକରଣ କରିଥିଲେ । ସର୍ବମୋଟ ୯୩ଜଣ ଭକ୍ତ (୪୦ ଭାଇ, ୩୭ ମା' ଓ ୧୬ Young Aspirants) ପରିଚୟ ପତ୍ର ଆମ ସଂଘ ମାଧ୍ୟମରେ କରିଥିଲେ । ଆମ ସଂଘର ୪୦ଟି ପରିବାର କେନ୍ଦ୍ରରୁ ଅନୁମତି ନେଇ ଗୃହାସନରେ ଶ୍ରୀଶ୍ରୀଠାକୁରଙ୍କୁ ପୂଜା କରୁଛନ୍ତି ଏବଂ ୪୯ଟି ପରିବାର ମୁଷ୍ଟିଭିକ୍ଷା ପ୍ରଦାନ କରିଛନ୍ତି । ଆମ ସଂଘରୁ ୮୦ଜଣ ଭକ୍ତ ୭୦ତମ ଉତ୍କଳ ପ୍ରାଦେଶିକ ବିଧିରକ୍ଷା ଭକ୍ତ ସମ୍ମିଳନୀର ଆବାହକ ଭାବରେ ଅଂଶ ଗ୍ରହଣ କରିଛନ୍ତି । ଏହା ବ୍ୟତୀତ ୧୭ଜଣ ମା' କୁଟୀର ସେବା ପାଳି ଗ୍ରହଣ କରିଛନ୍ତି ଏବଂ ୪୧ଟି ପରିବାର 'ସଂଘ-ସେବକ' ପତ୍ରିକା ଗ୍ରହଣ କରିଛନ୍ତି ।

**ଗୃହାସନ ବାର୍ଷିକ ଉତ୍ସବ**

ବିଗତ ବର୍ଷ ନିମ୍ନଲିଖିତ ସାତଗୋଟି ଗୃହାସନର ବିଧିରକ୍ଷା ବାର୍ଷିକ ଉତ୍ସବ ପାଳିତ ହୋଇଥିଲା ।
ତା ୨୪ଜୁଲାଇ ୨୦୨୧ ରିଖ ଦିନ ବିଶ୍ୱଜିତ୍ ସୁନ୍ଦରରାୟ ଭାଇ ଓ ସ୍ମିତା ମା'ଙ୍କର ଗୃହାସନ
ତା ୫ ସେପ୍ଟେମ୍ବର ୨୦୨୧ ରିଖ ଦିନ ବୃନ୍ଦାବନ ସାହୁ ଭାଇ ଓ ପଦ୍ମା ମା'ଙ୍କର ଗୃହାସନ
ତା ୩୦ ଅକ୍ଟୋବର ୨୦୨୧ ରିଖ ଦିନ ଦେବୀ ଦାସ ଭାଇ ଓ ସୋନାଲିସା ମା'ଙ୍କର ଗୃହାସନ
ତା ୨୫ ନଭେମ୍ବର ୨୦୨୧ ରିଖ ଦିନ ପ୍ରଭାକର ବାଇ ଭାଇ ଓ ସ୍ମିତା ମା'ଙ୍କର ଗୃହାସନ
ତା ୨୬ ନଭେମ୍ବର ୨୦୨୧ ରିଖ ଦିନ ଜ୍ଞନରଞ୍ଜନ ଦ୍ୱିବେଦୀ ଭାଇ ଓ ଶିବାନୀ ମା'ଙ୍କର ଗୃହାସନ
ତା ୧୦ ଡିସେମ୍ବର ୨୦୨୧ ରିଖ ଦିନ ବରଦାକାନ୍ତ ନାୟକ ଭାଇ ଓ ସୋନିଆ ମା'ଙ୍କର ଗୃହାସନ
ତା ୧୨ ଡିସେମ୍ବର ୨୦୨୧ ରିଖ ଦିନ ସୁପ୍ରିତ୍ ପଟ୍ଟନାୟକ ଭାଇ ଓ ସସ୍ମିତା ମା'ଙ୍କର ଗୃହାସନ

**ପାଠଚକ୍ର ଅଧିବେଶନ**

➢ **ନର୍ଥ କାରୋଲିନା ପାଠଚକ୍ର:** 'ନିଗମ ସ୍ମୃତିମନ୍ଦିର'ରେ ପ୍ରତି ମାସରେ ଗୋଟିଏ ଶନିବାର ଦିନ ସଂଧ୍ୟାରେ ଏହି ପାଠଚକ୍ରର ଅଧିବେଶନ ମାନ କରୋନା ଭୂତାଣୁ ମହାମାରୀର ପ୍ରକୋପ କାରଣରୁ ସୀମିତ ଭକ୍ତଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଥିଲା । ଅନ୍ୟ ଭକ୍ତମାନେ ଫୋନ ମାଧ୍ୟମରେ ଯୋଗଦେଇଥିଲେ ।

- **କାଲିଫର୍ଣ୍ଣିଆ ପାଠଚକ୍ର:** ଗତବର୍ଷ କରୋନା ଭୂତାଣୁ ମହାମାରୀର ପ୍ରକୋପ ଓ ସରକାରଙ୍କ କଟକଣା ଯୋଗୁ ପ୍ରତି ଦୁଇ ମାସରେ ଥରେ ପାଠଚକ୍ରର ଅଧିବେଶନ ଫୋନ ମାଧ୍ୟମରେ ଅନୁଷ୍ଠିତ ହୋଇଥିଲା ।
- **MidWest ପାଠଚକ୍ର:** ଗତ ବର୍ଷ ଏହି ପାଠଚକ୍ରର ଅଧିବେଶନ ତିନିଥର ଅନୁଷ୍ଠିତ ହୋଇଥିଲା ।
- **North East ପାଠଚକ୍ର**: New York, New Jersey, Connecticut, Massachusetts ରାଜ୍ୟରେ ରହୁଥିବା ଭକ୍ତ ପରିବାରର ସଦସ୍ୟମାନେ ଗତ ବର୍ଷ ଏହି ପାଠଚକ୍ରର ଅଧିବେଶନ ଉପଲକ୍ଷେ ପ୍ରତି ତିନି ମାସରେ ଥରେ ଏକତ୍ରିତ ହୋଇ କରିଥିଲେ।
- **Taxas ପାଠଚକ୍ର :** Texas ରାଜ୍ୟରେ ରହୁଥିବା ଭକ୍ତ ପରିବାରର ସଦସ୍ୟମାନେ ଗତବର୍ଷ ଏହି ପାଠଚକ୍ରର ଅଧିବେଶନ ଉପଲକ୍ଷେ ପ୍ରତି ଦୁଇ ମାସରେ ଥରେ ଏକତ୍ରିତ ହୋଇ କରିଥିଲେ ।

## ନିଗମ ସ୍ମୃତି ମନ୍ଦିରରେ ଶ୍ରୀଶ୍ରୀଠାକୁରଙ୍କ ନିତ୍ୟ ସେବାପୂଜା

ଶ୍ରୀଶ୍ରୀଠାକୁର ମହାରାଜଙ୍କ ଅପର କରୁଣାରୁ ତା ୧୯ଅଗଷ୍ଟ ୨୦୧୬ରିଖ ଶୁଭ ଜନ୍ମୋତ୍ସବ ଠାରୁ ଶ୍ରୀଶ୍ରୀଠାକୁର ମହାରାଜଙ୍କ ଆସନ ମନ୍ଦିରରେ ନିତ୍ୟ ସେବାପୂଜା ଆରମ୍ଭ ହୋଇଅଛି । ଶ୍ରୀ ବିଶ୍ୱଜିତ୍ ପତି (ବିଶୁ) ଭାଇ ପ୍ରତିଦିନ ନିତ୍ୟ ସେବାପୂଜା ସହିତ ମଧ୍ୟାହ୍ନ ଓ ରାତ୍ରିରେ ଶ୍ରୀଶ୍ରୀଠାକୁର ମହାରାଜଙ୍କୁ ସଂଖୁଡ଼ି ଭୋଗ ନିବେଦନ କରୁଛନ୍ତି । ବିଶୁ ଭାଇଙ୍କ ଛୁଟିଦିନ ଓ ଅନୁପସ୍ଥିତିରେ ସଂଘର ଅନ୍ୟ ଭାଇମାନେ ଶ୍ରୀଶ୍ରୀଠାକୁର ମହାରାଜଙ୍କ ନିତ୍ୟ ସେବାପୂଜା ନିଗମ ସ୍ମୃତି ମନ୍ଦିରରେ କରିଛନ୍ତି ।

ଶ୍ରୀଶ୍ରୀଠାକୁର ମହାରାଜଙ୍କ ନିତ୍ୟ ସେବାପୂଜା ନିରବଚ୍ଛିନ୍ନ ଭାବରେ ହେବା ଉଦ୍ଦେଶ୍ୟରେ ପରିଚାଳନା ମଣ୍ଡଳୀ ନିଷ୍ପତ୍ତି କ୍ରମେ ବର୍ତ୍ତମାନର ସେବକ ଶ୍ରୀ ବିଶ୍ୱଜିତ୍ ପତି ଭାଇଙ୍କ Green Card filling ଡିସେମ୍ବର ୨୦୧୯ରେ କରାଯାଇଥିଲା । ଖୁସିର ଖବର ତା ୧୬ ଜୁଲାଇ ୨୦୨୧ ରିଖ ଦିନ Green Card USCISଙ୍କ ଦ୍ୱାରା ଅନୁମୋଦିତ ହୋଇଛି ।

ଏତଦ୍‌ବ୍ୟତୀତ ପରିଚାଳନା ମଣ୍ଡଳୀର ନିଷ୍ପତ୍ତି ଓ ପରିଚାଳକଙ୍କ ଅନୁମୋଦନ କ୍ରମେ ଆସନ ମନ୍ଦିରରେ ଦ୍ୱିତୀୟ ସେବକ ଶ୍ରୀ ବିଜୟ କୁମାର ଉପାଧ୍ୟାୟ ଭାଇଙ୍କ R-1 ଭିସା ପାଇଁ ଆମର ଦରଖାସ୍ତ ତା ୧୩ ଫେବୃୟାରୀ ୨୦୨୦ରିଖ ଦିନ department of Homeland Security, U.S. Citizenship and Immigration Servicesରେ ଦାଖଲ କରାଯାଇଥିଲା । ତା ୨୪ ସେପ୍ଟେମ୍ବର ୨୦୨୦ରିଖ ଦିନ ତାହା ଅନୁମୋଦନ ହୋଇଛି । କିନ୍ତୁ ଗତବର୍ଷ କରୋନା ଭୁତାଣୁ ମହାମାରୀର ପ୍ରକୋପ ଓ କଟକଣା ଯୋଗୁଁ Visa interview appointment ମିଳିପାରି ନ ଥିଲା ।

ଶ୍ରୀ ବିଶ୍ୱଜିତ୍ ପତି ଭାଇ ତା ୩୦ ଡିସେମ୍ବର ୨୦୨୧ରିଖ ଠାରୁ ତା ୧୩ ଫେବୃୟାରୀ ୨୦୨୨ରିଖ ପର୍ଯ୍ୟନ୍ତ ଛୁଟିରେ ଓଡ଼ିଶା ଯାଇଥିବାବେଳେ ତାଙ୍କ ଅନୁପସ୍ଥିତିରେ ଆମ ସଂଘର ଭାଇ ଓ ମା'ମାନେ ପାଳିକରି ନିଗମ ସ୍ମୃତି ମନ୍ଦିରରେ ଶ୍ରୀଶ୍ରୀଠାକୁରଙ୍କ ସେବାପୂଜା କରିଛନ୍ତି ।

## ନିର୍ବାଚନ କମିଟି

ଆମ ସଂଘର ଉପବିଧି ଅନୁଯାୟୀ ସଂଗର କର୍ମକର୍ତ୍ତା ଓ ପରିଚାଳନା ମଣ୍ଡଳୀର ସଦସ୍ୟ ଚୟନ ପାଇଁ ଏକ ନିର୍ବାଚନ କମିଟି ଗଠନ କରାଯାଇଛି । ଗତ ୨୦୧୮-୨୧ ମସିହାରେ ନିର୍ବାଚନ କମିଟିରେ ଥିବା ସଦସ୍ୟମାନେ ହେଲେ-ଅନୁପ୍ କାଳିଆ ଭାଇ, ସୁପ୍ରିତ୍ ପଟ୍ଟନାୟକ ଭାଇ ଓ ସୁଧାଂଶୁବାଳା ଜେନା ମା' । ସେମାନଙ୍କ କାର୍ଯ୍ୟକାଳ ଶେଷ ହୋଇଯାଇଥିବାରୁ ୨୦୨୧-୨୪ ମସିହା ପାଇଁ ନୂତନ ନିର୍ବାଚନ କମିଟିର ଗଠନ କରାଯାଇଛି । ଏହାର ସଦସ୍ୟମାନେ ହେଲେ-ସୁପ୍ରିତ୍ ପଟ୍ଟନାୟକ ଭାଇ, ନିହାର ରଞ୍ଜନ ନାୟକ ଭାଇ ଓ ସୁଧାଂଶୁବାଳା ଜେନା ମା' । ଗତବର୍ଷ ନିର୍ବାଚନ କମିଟି ଶୃଙ୍ଖଳିତ ଭାବରେ ନିର୍ବାଚନ କରି ତା ୩୦ ମାର୍ଚ୍ଚ ୨୦୨୧ ରିଖରେ Election Report AMSAS Parichalana Committeeଙ୍କୁ ଉପସ୍ଥାପନ କରିଥିଲେ ।

### ସଂଘ ପରିଚାଳନା ମଣ୍ଡଳୀ

ଆମେରିକା ସାରସ୍ୱତ ସଂଘର ୨୦୨୧-୨୪ ବର୍ଷର ନୂତନ ପରିଚାଳନା ମଣ୍ଡଳୀର ସଭ୍ୟମାନେ ହେଲେ, ସର୍ବଶ୍ରୀ ବ୍ରଜେନ୍ଦ୍ର ନାଥ ପଣ୍ଡା ଭାଇ(ସଭାପତି), ବିଶ୍ୱଜିତ୍ ସୁନ୍ଦରରାୟ ଭାଇ (ସଂପାଦକ), ବୃନ୍ଦାବନ ସାହୁ ଭାଇ (କୋଷାଧ୍ୟକ୍ଷ), ବିଜୟ ସାହୁ ଭାଇ, ପ୍ରଭାକର ବାଇ ଭାଇ, ଈଶ୍ୱର ଚନ୍ଦ୍ର ବିଶ୍ୱାଳ ଭାଇ, ସୁବ୍ରତ କୁମାର ନାୟକ ଭାଇ, ରଶ୍ମୀ ନାୟକ ମା' ଓ ଉଷା ଅଗ୍ରୱାଲ ମା' କେନ୍ଦ୍ର ଅନୁମୋଦନ କ୍ରମେ ତା ୧୨ ସେପ୍ଟେମ୍ବର ୨୦୨୧ ରିଖ ସଂଘପୂଜାରେ ଶପଥ ପାଠକରି ସଦସ୍ୟମାନେ ସେମାନଙ୍କର ସେବା ଗ୍ରହଣ କରିଛନ୍ତି ।

ବିଗତ ବର୍ଷ ପ୍ରତି ମାସରେ ପ୍ରାୟତଃ ପ୍ରଥମ ରବିବାର ରାତ୍ର ଘ୮.୩୦ମିନିଟ୍‌ରୁ ଘ ୧୦.୦୦ EST ପର୍ଯ୍ୟନ୍ତ ସଂଘର ପରିଚାଳନା କମିଟିର ବୈଠକ ଅନୁଷ୍ଠିତ ହୋଇଥିଲା । ଏତଦ୍‌ବ୍ୟତୀତ ବିଭିନ୍ନ ବିଷୟରେ ଆଲୋଚନା ପାଇଁ ଆଠଥର ବିଶେଷ ବୈଠକ ବସିଥିଲା । ବିଗତ ବର୍ଷ ସର୍ବମୋଟ ୨୦ଥର ଅଧିବେଶନ ବସିଥିଲା । ପରିଚାଳନା ମଣ୍ଡଳୀ ଅଧିବେଶନର ବିବରଣୀଗୁଡ଼ିକ ସଂଘର ସମସ୍ତ ସଦସ୍ୟମାନଙ୍କୁ email ଦ୍ୱାରା ଏବଂ ଶ୍ରୀଶ୍ରୀଠାକୁର ମହାରାଜଙ୍କୁ 'ନିଗମ ସ୍ମୃତି ମନ୍ଦିର'ରେ ଜଣାଯାଇଛି । ଗତ ବର୍ଷ ପରିଚାଳନା ମଣ୍ଡଳୀ ବୈଠକମାନଙ୍କରେ ନିଆଯାଇଥିବା ବିଶେଷ ନିଷ୍ପତ୍ତିଗୁଡ଼ିକ ହେଲା:

1. ଶ୍ରୀଶ୍ରୀଠାକୁର ମହାରାଜଙ୍କ ମଧ୍ୟାହ୍ନ ଭୋଗ ନିବେଦନ ସମୟ ଘ୧୧ରୁ ଘ୧୧.୩୦କୁ ପରିବର୍ତ୍ତନ କରାଯାଇଛି ।
2. ସଂଘପୂଜାରେ 'ପ୍ରେମିକଗୁରୁ' ପୁସ୍ତକ ପାଠ ଶେଷ ହୋଇଯାଇଥିବାରୁ 'ଆଚାର୍ଯ୍ୟ ପ୍ରସଙ୍ଗ' ପୁସ୍ତକ ପାଠ ।
3. ସଂଘପୂଜା ଦ୍ୱିତୀୟ ଅଧିବେଶନର ଶେଷ ସମୟ ଘ୧୧.୪୫ରୁ ଘ୧୧.୫୫କୁ ପରିବର୍ତ୍ତନ କରାଯାଇଛି ।
4. Adhibasa Puja Program improvement
5. Implementation of approved Survey Committee recommendations
6. Contingency Plan Committee report approval
7. Go Daddy website hosting renewal for five years
8. AMSAS website domain renewal for jayaguru.net and jayaguru.org for five years.

### General Body Meeting

ବିଗତ ବର୍ଷ ଗୋଟିଏ ଥର General Body Meeting ତା ୫ ଡିସେମ୍ବର ୨୦୨୧ରିଖ ଅନୁଷ୍ଠିତ ହୋଇ ସଂଘର 2020 Fiscal Report, 2021 Annual Budget ଏବଂ New Election Committee for 2021-24 ପ୍ରସ୍ତାବଗୁଡ଼ିକ ଗ୍ରହଣ କରାଯାଇଥିଲା ।

### ସଂଘ ପକ୍ଷରୁ ନାରାୟଣ ସେବା ଓ ସମାଜ ସେବା

➢ Tampa ଅଞ୍ଚଳରେ ବାସ କରୁଥିବା ଭକ୍ତମାନେ Kinnan Park, 10312 Lion Den Dr.କୁ adoption କରି ପରିଷ୍କାର ରଖିବା ନିମନ୍ତେ Tampa Countyଠାରୁ ୨୦୨୧ ମାର୍ଚ୍ଚ ମାସରେ 'ଆମେରିକା ସାରସ୍ୱତ ସଂଘ' ଗ୍ରୁପ୍ ନାମରେ ଅନୁମତି ପ୍ରାପ୍ତ ହୋଇଛନ୍ତି । ଏହି Parkରେ America Saraswata Sanghର signage ଲଗାଯାଇଛି । ଗତ ବର୍ଷ ଉକ୍ତ ପାର୍କକୁ ସର୍ବମୋଟ ପାଞ୍ଚଥର ଭକ୍ତମାନେ ସଫା କରିଛନ୍ତି ।

➢ ଗତ ବର୍ଷ Feeding America, Raliegh ସଂସ୍ଥାକୁ $1,000 ଆର୍ଥିକ ସହାୟତା ପ୍ରଦାନ କରାଯାଇଛି ।

### ଇଂରାଜୀ ଅନୁବାଦ ସେବା

➢ 'ଶ୍ରୀଶ୍ରୀଠାକୁରଙ୍କ ଚିଠି' ତୃତୀୟ ଖଣ୍ଡ ପୁସ୍ତକର ଇଂରାଜୀ ଅନୁବାଦ ନୀଳାଚଳ ସାରସ୍ୱତ ସଂଘ ଦ୍ୱାରା ସଂଶୋଧନ କରାଯାଇ ୭୧ତମ ଉତ୍କଳ ପ୍ରାଦେଶିକ ଭକ୍ତ ସମ୍ମିଳନୀରେ ପ୍ରକାଶନର ବ୍ୟବସ୍ଥା କରାଯାଇଛି ।

➢ 'ସଂସାରପଥେ, ପ୍ରଥମ ଭାଗ' ପୁସ୍ତକର ଇଂରାଜୀ ଅନୁବାଦ କରାଯାଇ ସଂଘପୂଜାରେ ପାଠ କରାଯାଉଛି ।

**Technology Improvement**

- ➢ Completed migration of the website www.jayaguru.org to the new design
- ➢ Added feature to post Narayana Seva events on the AMSAS blog website
- ➢ Added feature to post YA Session details and reading materials of the AMSAS blog website

**Finance and Accounting**

- ➢ ଗତ ବର୍ଷର Income:$ 105, 280.22. Expense: $62, 368.98. Year End Outstanding Balance: $210, 413.14 । ଏହି ଉଦ୍‌ବୃତ ପରିମାଣରୁ ନୀଳାଚଳ ସାରସ୍ୱତ ସଂଘକୁ $4,178 ଦେବାପାଇଁ ଅଛି ।
- ➢ ଗତ ବର୍ଷ ନଭେମ୍ବର ୨୦୨୧ରେ Bank of Americaରେ ଆମ ସଂଘର ଏକ Savings Account ଖୋଲାଯାଇଛି ।
- ➢ ଗତ ବର୍ଷ ପ୍ରତି ମାସରେ ଶ୍ରୀଶ୍ରୀଠାକୁର ମହାରାଜଙ୍କୁ ପୂର୍ବମାସର ଆୟ, ବ୍ୟୟ ଓ ବଳକା ପ୍ରଣାମୀର ବିବରଣୀ ଜଣାଯାଇଛି ।

**ଗତବର୍ଷ ନିମ୍ନଲିଖିତ ଲକ୍ଷ୍ୟଗୁଡ଼ିକ ପୂରଣ କରାଯାଇ ପାରିଛି**

- ➢ ୮୦%(୪୫) ପରିବାର ଅନୁମତି ନେଇ ଗୃହାସନରେ ଶ୍ରୀଶ୍ରୀଠାକୁରଙ୍କୁ ପୂଜା କରିବା ଲକ୍ଷ୍ୟ ପୂରଣ ହୋଇପାରିଛି ।
- ➢ 'ସାରସ୍ୱତ ମାଧୁରୀ' ପ୍ରକାଶନ ।
- ➢ Young Aspirants ସଦସ୍ୟମାନେ Technology ସେବାରେ ଏବଂ ସଂଘର ଅନ୍ୟ ସେବାରେ ଯୋଗଦାନ ।

**ଗତବର୍ଷ ନିମ୍ନଲିଖିତ କାର୍ଯ୍ୟଗୁଡ଼ିକ ପୂରଣ କରାଯାଇ ପାରିନାହିଁ**

୧. ଦିନଲିପି ପୂରଣକାରୀଙ୍କ ସଂଖ୍ୟା ୩୦%(୩୨)କୁ ବୃଦ୍ଧି କରିବାପାଇଁ ଲକ୍ଷ୍ୟଥିଲା କିନ୍ତୁ ଏହା ୧୨% (୧୩)ରେ ସୀମିତ ରହିଛି

୨. ୫୦% ଭକ୍ତ ଗୃହାସନରେ ସ୍ଥିର କରଯାଇଥିବା ସାତ ଗୋଟି ଶ୍ରୀଶ୍ରୀଠାକୁରଙ୍କ ପୁସ୍ତକଗୁଡ଼ିକ ସଂଗ୍ରହକରି ରଖିବା ।

୩. ତିନିଗୋଟି ଗୃହାସନ ପ୍ରତିଷ୍ଠାର ବାର୍ଷିକ ଉତ୍ସବ ହୋଇପାରିନାହିଁ ।

୪. Bijay Kumar updhaya ଭାଇଙ୍କର R-1 Visa interview and stamping ହୋଇପାରି ନାହିଁ ।

୫. ବିଗତ ବର୍ଷ କରୋନା ଭୂତାଣୁ ମହାମାରୀର ପ୍ରକୋପ କାରଣରୁ ସଂଘ ତରଫରୁ ନାରାୟଣ ସେବା, ନିଗମ ସ୍ମୃତି ମନ୍ଦିର ସମ୍ମୁଖସ୍ଥ ରାସ୍ତା West Ten Roadର ଦୁଇ ପାର୍ଶ୍ୱ ପରିଷ୍କାର ଏବଂ ବିଭିନ୍ନ ସମାଜସେବା କାର୍ଯ୍ୟ କରାଯାଇପାରି ନଥିଲା ।

**୨୦୨୨ ବର୍ଷ ପାଇଁ ସଂଘର ଲକ୍ଷ୍ୟ**

୧. 'ନିଗମ ସ୍ମୃତି ମନ୍ଦିର'ରେ ଶ୍ରୀଶ୍ରୀଠାକୁରଙ୍କର ନିତ୍ୟ ସେବାପୂଜା ସୂଚାରୁରୂପରେ କରିବା ପାଇଁ ବନ୍ଦୋବସ୍ତ କରିବା ।

୨. ନର୍ଥ କରୋଲିନାରେ ପ୍ରତି ବର୍ଷ ଅନ୍ୟୁନ ଦୁଇଥର ନାରାୟଣ ସେବା କରିବା, ଆମେରିକାର ଅନ୍ୟ ଦୁଇଟି ସ୍ଥାନରେ ନାରାୟଣ ସେବା କରିବା ପାଇଁ ଚେଷ୍ଟା କରିବା ଏବଂ ଆର୍ଥିକ ସାହାଯ୍ୟ କରିବା ।

୩. ଦିନଲିପି ପୂରଣ ମାଧ୍ୟମରେ 'ଆତ୍ମଗଠନ' ପ୍ରତି ଗୁରୁତ୍ୱ ଦେବା ପାଇଁ ଚେଷ୍ଟା କରିବା ।

୪. ୫୦% ଭକ୍ତ ଗୃହାସନରେ ଶ୍ରୀଶ୍ରୀଠାକୁର ନିମ୍ନଲିଖିତ ପୁସ୍ତକଗୁଡ଼ିକ ସଂଗ୍ରହକରି ରଖିବେ

-ଶ୍ରୀଶ୍ରୀଠାକୁର ନିଗମାନନ୍ଦ (ଜୀବନୀ), ନିଗମ ଉପଦେଶ, ଗୁରୁଗୀତା, ଯୋଗୀଗୁରୁ, ଜ୍ଞାନୀଗୁରୁ, ତାନ୍ତ୍ରିକଗୁରୁ, ପ୍ରେମିକଗୁରୁ ।

୫. ସନାତନ ଧର୍ମର ପ୍ରଚାର
   କ) 'ଶ୍ରୀଶ୍ରୀଠାକୁରଙ୍କ ଚିଠି, ତୃତୀୟ ଭାଗ' ପୁସ୍ତକର ଇଂରାଜୀ ଅନୁବାଦର ପ୍ରକାଶନ ।
   ଖ) 'ସାରସ୍ୱତ ମାଧୁରୀ' ପ୍ରକାଶନ ।
   ଗ) 'ସଂସାରପଥେ, ପ୍ରଥମ ଭାଗ' ପୁସ୍ତକର ଇଂରାଜୀ ଅନୁବାଦ ।

୬. ନିଗମ ସ୍ମୃତିମନ୍ଦିରରେ ଶ୍ରୀଶ୍ରୀଠାକୁରଙ୍କ bedroom expansion, dry patio sealing, and shoe stand setup.

**କ୍ଷମା ପ୍ରାର୍ଥନା**

ପରିଚାଳନା ମଣ୍ଡଳୀ ତରଫରୁ ତଥା ସମସ୍ତ ଭକ୍ତମାନଙ୍କ ପକ୍ଷରୁ ଗତବର୍ଷ ନିଗମ ସ୍ମୃତିମନ୍ଦିରରେ ଶ୍ରୀଶ୍ରୀଠାକୁରଙ୍କର ସେବାପୂଜା ଜ୍ଞାତ ଓ ଅଜ୍ଞାତସାରରେ, କରୋନା ଭୂତାଣୁ ମହାମାରୀର ପ୍ରକୋପ ଯୋଗୁ ବିଭିନ୍ନ ସେବାରେ ହୋଇଥିବା ବ୍ୟତିକ୍ରମ ଏବଂ ସଂଘର କେତେକ ଲକ୍ଷ୍ୟପୂରଣ ଦିଗରେ ଅସଫଳତା ଯୋଗୁଁ ଶ୍ରୀଶ୍ରୀଠାକୁରଙ୍କର ଶ୍ରୀଚରଣରେ ବିନୀତ କ୍ଷମା ପ୍ରାର୍ଥନା କରୁଅଛି । ଏହାର ଯେପରି ପୁନରାବୃତ୍ତି ନ ହେବ ସେଥିପାଇଁ ଆଶୀର୍ବାଦ ଭିକ୍ଷା କରୁଅଛି ।

**ପରିଶେଷରେ**

ଆମେରିକା ସାରସ୍ୱତ ସଂଘ ପ୍ରତିଷ୍ଠା ହେବାର ଅଷ୍ଟାଦଶ ବର୍ଷ ଅତୀତ ହେଲାଣି । ଏହି ଅଷ୍ଟାଦଶ ବର୍ଷ ମଧ୍ୟରେ ଆମର ସଂଘସେବୀଙ୍କ ସଂଖ୍ୟା ୨୦ରୁ ବୃଦ୍ଧିପ୍ରାପ୍ତ ହୋଇ ଏବେ ୯୩ରେ ପହଞ୍ଚିଛି । ଏହି ପ୍ରବାସୀ ସଂଘଟି ଶ୍ରୀଶ୍ରୀଠାକୁରଙ୍କ ଭାବଧାରାରେ ଗଢ଼ିଉଠୁ ଏବଂ ତାଙ୍କରି ମହାନ ଆଦର୍ଶ ବିଶ୍ୱବ୍ୟାପୀ ପ୍ରଚାରରେ ସହାୟକ ହେଉ । କରୋନା ଭୂତାଣୁ ମହାମାରୀ ପ୍ରକୋପରୁ ଜଗତ୍‌ବାସୀ ଉଦ୍ଧାର ଲାଭ କରନ୍ତୁ । ସମସ୍ତ ସଂଘସେବୀ ସଂଘବଦ୍ଧ ହୋଇ ଏକମନ ଏକପ୍ରାଣରେ ତାଙ୍କରି ସେବା ଓ ଜଗତ୍‌ହିତକର କାର୍ଯ୍ୟରେ ଜୀବନ ଉତ୍ସର୍ଗ କରନ୍ତୁ । ପରମକାରୁଣିକ ବାଞ୍ଛାକଳ୍ପତରୁ ଶ୍ରୀଶ୍ରୀଠାକୁରଙ୍କ ରାତୁଳ ଶ୍ରୀଚରଣରେ ଏତିକି ପ୍ରାର୍ଥନା ।

ଶ୍ରୀଶ୍ରୀଠାକୁର ଚରଣାଶ୍ରିତ
**ଶ୍ରୀ ବିଶ୍ୱଜିତ୍ ସୁନ୍ଦରରାୟ**
ସଂପାଦକ, ଆମେରିକା ସାରସ୍ୱତ ସଂଘ

◆◆◆

## ଶ୍ରୀଶ୍ରୀଠାକୁରଙ୍କ ବାଣୀ

"ତୁମେମାନେ ହିନ୍ଦୁର ସନ୍ତାନ, ଶାସ୍ତ୍ରାନୁସାରେ ଦେଖାଇ ଦେଇ ପାରିବ କି ଧର୍ମର ପଦାଶ୍ରୟ ଗ୍ରହଣ କରି ସଂସାରରେ କିଏ ସୁଖୀ ଥିଲା ? ବରଂ ଧାର୍ମିକମାନେ ହିଁ ପଦେ ପଦେ ଦୁଃଖ କଷ୍ଟରେ ପିଷ୍ଟ ହୋଇଛନ୍ତି । ସ୍ୱୟଂ ଶ୍ରୀକୃଷ୍ଣଙ୍କର ଆଶ୍ରୟରେ ରହି ପାଣ୍ଡବ ଓ ଦ୍ରୌପଦୀ କିପରି ବିଡ଼ମ୍ବନା ଭୋଗ କରିଛନ୍ତି, ତାହା କ'ଣ ଜାଣନାହିଁ ? ତୁମମାନଙ୍କର ଜନ୍ମଜନ୍ମାନ୍ତରର ସଞ୍ଚିତ କର୍ମରାଶି ଭିତରୁ କିପରି ତୁମକୁ ତ୍ୟାଗର ପବିତ୍ର ପଥରେ ଉନ୍ନୀତ କରିବି ସେ କଥା ଭାବି ଆକୁଳ ହୁଏ ।"

"ଦେଖ, ଗୁରୁ ଶିଷ୍ୟ ଭିତରେ ବିଭିନ୍ନ ଭାବରେ ଶକ୍ତି-ସ*ାର କରି ପାରନ୍ତି; ଇଚ୍ଛା ଦ୍ୱାରା ଦର୍ଶନ ଦ୍ୱାରା, ସ୍ପର୍ଶନ ଦ୍ୱାରା, କଥାବାର୍ତ୍ତା ଦ୍ୱାରା । ତେବେ ଇଚ୍ଛା ଦ୍ୱାରା, ଯେଉଁମାନେ ଶକ୍ତିସ*ାର କରନ୍ତି, ସେମାନେ ସଦ୍‌ଗୁରୁ ।" ('ଶ୍ରୀଶ୍ରୀନିଗମାନନ୍ଦେର ଜୀବନୀ ଓ ବାଣୀ,' ପୃ ୧୯୯)

# ଆମେରିକା ସାରସ୍ୱତ ସଂଘର ଊନବିଂଶ ବାର୍ଷିକ ଭକ୍ତ ସମ୍ମିଳନୀର ବିବରଣୀ

# ସ୍ଥାନ-ନିଗମ ସ୍ମୃତି ମନ୍ଦିର, ଏଫ୍‌ଲାଣ୍ଡ ନର୍ଥ କାରୋଲିନା

ଯୁକ୍ତରାଷ୍ଟ୍ର ଆମେରିକାରେ 'ଆମେରିକା ସାରସ୍ୱତ ସଂଘ'ର ଊନବିଂଶ ବାର୍ଷିକ ବିଧିରକ୍ଷା ଭକ୍ତ ସମ୍ମିଳନୀ ଗତ ୨୦୨୧ ମସିହା ଅଗଷ୍ଟ ମାସ ୬, ୭ ଓ ୮ ତାରିଖ ଶୁକ୍ରବାରଠାରୁ ରବିବାର ପର୍ଯ୍ୟନ୍ତ ନର୍ଥ କାରୋଲିନା ରାଜ୍ୟର ଏଫ୍‌ଲାଣ୍ଡ ସହରସ୍ଥିତ ଆସନ ମନ୍ଦିର 'ନିଗମ ସ୍ମୃତିମନ୍ଦିର'ରେ ଅତ୍ୟନ୍ତ ଆନନ୍ଦ ଉଦ୍ଦୀପନା ସହକାରେ ଅନୁଷ୍ଠିତ ହୋଇଥିଲା । କରୋନା ମହାମାରୀର ପ୍ରଭାବ ଯୋଗୁଁ 'ନୀଳାଚଳ ସାରସ୍ୱତ ସଂଘ'ରୁ କେନ୍ଦ୍ର ପ୍ରତିନିଧି ଆସି ଉକ୍ତ ଭକ୍ତ ସମ୍ମିଳନୀରେ ଯୋଗଦାନ କରିପାରି ନ ଥିଲେ ।

ସମ୍ମିଳନୀର ଅଧିବାସ ସଭା ଅଗଷ୍ଟ ମାସ ୫ ତାରିଖ ଗୁରୁବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଥିଲା । ଏଥିପୂର୍ବରୁ ଶ୍ରୀଶ୍ରୀଠାକୁର ମହାରାଜ ସମ୍ମିଳନୀ କ୍ଷେତ୍ରର ବିଭିନ୍ନ ବିଭାଗ ତଥା ଆସନ ମନ୍ଦିରର ବଗିଚା ପରିଦର୍ଶନ କରିଥିଲେ । ସନ୍ଧ୍ୟା ଉପାସନା ପରେ ଅଧିବାସ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ଶ୍ରୀଶ୍ରୀଠାକୁରଙ୍କୁ ସମ୍ମିଳନୀର କାର୍ଯ୍ୟସୂଚୀ ପ୍ରଦାନ କରାଯାଇଥିଲା । ତତ୍ପରେ ଉପସ୍ଥିତ ଭକ୍ତମାନଙ୍କୁ କରୋନା ମହାମାରୀର ପ୍ରଭାବ ଯୋଗୁଁ ସମ୍ମିଳନୀରେ ଚଳଣି ସମ୍ବନ୍ଧରେ କେତେକ ଆବଶ୍ୟକୀୟ ସୂଚନା ପ୍ରଦାନ କରାଯାଇ ଏହି ଅଧିବାସ ସଭା ଶେଷ କରାଯାଇଥିଲା ।

**ଅଗଷ୍ଟ ୬, ୨୦୨୧ ଶୁକ୍ରବାର, ପ୍ରଥମ ଦିବସ - ପ୍ରାତଃ ଅଧିବେଶନ**

ସମ୍ମିଳନୀର ପ୍ରଥମ ଦିବସର ପ୍ରଭାତରେ ଜାଗରଣ, ପ୍ରତୀକ୍ଷା ଓ ଆବାହନ ସଂଗୀତମାନ ଗାନ ସମାପନାନ୍ତେ ପ୍ରାତଃ ଘ. ୬.୦୦ ସମୟରେ ଶ୍ରୀ ବ୍ରଜେନ୍ଦ୍ର ପଣ୍ଡା ଭାଇ ଶ୍ରୀଶ୍ରୀଠାକୁରଙ୍କ ଷୋଡ଼ଶୋପଚାର ପୂଜା ଓ ପ୍ରଭାତୀ ଆରତି ସଂପନ୍ନ କରିଥିଲେ । ତତ୍ପରେ ସ୍ତୋତ୍ରବନ୍ଦନା କରାଯାଇ ସଭାପତି ଶ୍ରୀ ଜ୍ଞାନରଞ୍ଜନ ଦ୍ୱିବେଦୀ ଭାଇଙ୍କ ଅଧ୍ୟକ୍ଷତାରେ ପ୍ରାର୍ଥନା ସଭା ଅନୁଷ୍ଠିତ ହୋଇଥିଲା । ଏହି ସଭାରେ ସେ ସମବେତ ଭକ୍ତମଣ୍ଡଳୀଙ୍କୁ ପରିଚୟ ପତ୍ର ପାଠ ଏବଂ 'କରୋନା ମହାମାରୀରୁ ରକ୍ଷା ପାଇଁ ପ୍ରାର୍ଥନା' ପରେ 'ନିରାଜନା'ରୁ ବୈଦିକ ମନ୍ତ୍ର ଓ ସମୂହ ପ୍ରାର୍ଥନା ଆବୃତ୍ତି କରାଇଥିଲେ । 'ନିଗମ ଉପଦେଶ' ପୁସ୍ତକରୁ 'ସାଧକମାନଙ୍କ ପ୍ରତି' ପାଠକରି ଆଲୋଚନା କରିଥିଲେ । ପରବର୍ତ୍ତୀ ଅଧିବେଶନ ପାଇଁ ଶ୍ରୀଶ୍ରୀଠାକୁରଙ୍କୁ ନିମନ୍ତ୍ରଣ କରାଯାଇ 'ଜୟଗୁରୁ' କୀର୍ତ୍ତନ ଓ ପ୍ରଣାମ ସହ ଉକ୍ତ ଅଧିବେଶନ ସମାପ୍ତ କରାଯାଇଥିଲା ।

**ଅଗଷ୍ଟ ୬, ୨୦୨୧ ଶୁକ୍ରବାର, ପ୍ରଥମ ଦିବସ - ପୂର୍ବାହ୍ନ ଅଧିବେଶନ - ଆଦର୍ଶ ଗୃହସ୍ଥ ଜୀବନ ଯାପନ**

ଅନନ୍ତର ଶ୍ରୀଶ୍ରୀଠାକୁରଙ୍କୁ ଭୋଗ ନିବେଦନ ଓ ଭକ୍ତମାନଙ୍କର ପ୍ରସାଦ ସେବନ ସମାପନାନ୍ତେ ପୂର୍ବାହ୍ନ ଅଧିବେଶନ ଘ.୯.୪୫ମି. ସମୟରେ କେନ୍ଦ୍ର ପ୍ରତିନିଧି ମହୋଦୟଙ୍କ ଅଧ୍ୟକ୍ଷତାରେ ଆରମ୍ଭ କରାଯାଇଥିଲା । ବନ୍ଦନା ଗାନ ପରେ କୋଷାଧ୍ୟକ୍ଷ ଶ୍ରୀ ବୃନ୍ଦାବନ ସାହୁ ଭାଇ ଉପସ୍ଥିତ ଭକ୍ତମାନଙ୍କୁ ସ୍ୱାଗତ ଅଭିଭାଷଣ ଜଣାଇଥିଲେ । ତଦନନ୍ତର 'ଆମେରିକା ସାରସ୍ୱତ ସଂଘ'ର ସଭାପତି ଶ୍ରୀ ଜ୍ଞାନରଞ୍ଜନ ଦ୍ୱିବେଦୀ ଭାଇ ଏହି ସମ୍ମିଳନୀ ଉପଲକ୍ଷ୍ୟେ ସଂଘ ତରଫରୁ ପ୍ରକାଶିତ 'ସାରସ୍ୱତ ମାଧୁରୀ-୨୦୨୧' ଶ୍ରୀଶ୍ରୀଠାକୁରଙ୍କୁ ପ୍ରଦାନ କରିବା ପରେ ପ୍ରାର୍ଥନା ସଙ୍ଗୀତ 'ନିରାଶ ନ କର ଆଜି ଦୟାଲୁ ଠାକୁର' ଗାନ କରାଯାଇଥିଲା ।

'ନୀଳାଚଳ ସାରସ୍ୱତ ସଂଘ'ର ପରିଚାଳକ ମାନନୀୟ **ଶ୍ରୀଯୁକ୍ତ ଶରତଚନ୍ଦ୍ର ସିଂହଦେଓ** ଭାଇ ଟେଲିଫୋନ୍ ମାଧ୍ୟମରେ ଉକ୍ତ ସମ୍ମିଳନୀର ଉଦ୍‌ବୋଧନୀ ଅଭିଭାଷଣ ଦେଇ କହିଥିଲେ-'ଶାସ୍ତ୍ର କହୁଛନ୍ତି, 'ଉତିଷ୍ଠତ ଜାଗ୍ରତ, ପ୍ରାପ୍ୟବରାନ୍ ନିବୋଧିତ' । ଅର୍ଥାତ୍ ଉଠ, ଜାଗ୍ରତ ହୁଅ, ପ୍ରାପ୍ୟ ବର ଦାବି କର । ଯେହେତୁ ସମସ୍ତେ ଶୋଇ ପଡ଼ିଛନ୍ତି, ସେ ସମସ୍ତଙ୍କୁ ଜାଗ୍ରତ ହେବାପାଇଁ କହୁଛନ୍ତି । ଆମେମାନେ ଏକ କୂପ ମଧ୍ୟରେ ପଡ଼ିଛୁ ଏବଂ ଭାବୁଛୁ ଆମେ ଏହି କୂପର ଅଧିବାସୀ । ଶ୍ରୀଶ୍ରୀଠାକୁର ଆମକୁ ଏହି କୂପରୁ ଉଦ୍ଧାର କରିବା ପାଇଁ ଆସିଛନ୍ତି । ପ୍ରକୃତରେ ଆମେ ସେହି ଆନନ୍ଦଲୋକର ଅଧିବାସୀ ଏବଂ ସେ ଆମକୁ ଉଦ୍ଧାର କରିବା ପାଇଁ ଆସିଛନ୍ତି। ସେ ମଧ୍ୟ ସେହି ଆନନ୍ଦଲୋକର ଅଧିବାସୀ । ସେ ହେଉଛନ୍ତି ସେହି ନିତ୍ୟଲୋକର ନିତ୍ୟପୁରୁଷ ଏବଂ ଆମେ

ତାଙ୍କର ନିତ୍ୟ ପାର୍ଷଦ । ଯେତେବେଳେ ଆମମାନଙ୍କ ମନରେ ସେହି ଧାରଣା ବଦ୍ଧମୂଳ ହୋଇଯିବ, ସେତେବେଳେ ଆମେ ଉଦ୍‌ବୋଧିତ ହୋଇଯିବା । ସେହି ପାର୍ଷଦ ସ୍ୱରୂପ ହେଉଛି ଆମର ସ୍ୱରୂପ ଜ୍ଞାନ । ସେ ହେଉଛନ୍ତି ସେବ୍ୟ ଓ ଆମେ ତାଙ୍କର ସେବକ । ଏହି ସେବକ ଜ୍ଞାନ ଆମର ରହୁନାହିଁ ବୋଲି ଆମେ ଏହି ସଂସାରରେ ଅଶାନ୍ତି ଓ ଦୁଃଖ ଭୋଗ କରୁଛୁ । ଆମର ଲକ୍ଷ୍ୟ ହେଉଛି ସେହି ସ୍ୱରୂପ ଜ୍ଞାନ ଲାଭ କରିବା । ସେହି ଜ୍ଞାନ ଲାଭ ଦିଗରେ ଆଗେଇ ଯିବା ହେଉଛି ସ୍ୱଧର୍ମାଚରଣ ଓ ପଛେଇ ଯିବା ହେଉଛି ଅଧର୍ମାଚରଣ । ଦୁର୍ଗାଚରଣ ଭାଇ କହୁଥିଲେ, ତୁମେ ଏ ଜଗତର ଲୋକ, ଠାକୁରଙ୍କ ପାଖକୁ ଯିବ ବୋଲି ଭାବ ନାହିଁ । ବରଂ ତୁମେ ସେ ଜଗତର ଲୋକ, ଏ ଜଗତକୁ ଆସିଛ ବୋଲି ଭାବ । ତାଙ୍କ ଲୋକ ବୋଲି ଭାବିଲେ ତାଙ୍କ ଭାବ ଆମ ଭିତରେ ପଶିବ । କିନ୍ତୁ ଏ ଜଗତର ଲୋକ ବୋଲି ଭାବିଲେ ଏ ଜଗତର ଅଭାବ ଆମ ଭିତରେ ପଶିବ । ଆମ ପ୍ରତ୍ୟେକଙ୍କୁ ସେବା କରିବା ମାଧ୍ୟମରେ ଉଦ୍‌ବୋଧିତ କରିବାକୁ ହେବ ଯେ ତୁମେମାନେ ଏହି ଦେହଧାରୀ ନୁହଁ, ତୁମେମାନେ ବ୍ରହ୍ମ ସ୍ୱରୂପ । ଏହି ଭାବନା ଜାଗତ କରିଦେବା ହେଉଛି ଶ୍ରେଷ୍ଠ ସେବା । ଏହି ଭାବନାରେ ଆମେ ନିଜେ ପ୍ରତିଷ୍ଠିତ ହେବା ଏବଂ ଅନ୍ୟମାନଙ୍କୁ ପ୍ରତିଷ୍ଠିତ ହେବାରେ ସାହାଯ୍ୟ କରିବା ।'

କେନ୍ଦ୍ର ପରିଚାଳନା ମଣ୍ଡଳୀର ସଦସ୍ୟ **ଶ୍ରୀଯୁକ୍ତ ପ୍ରମୋଦ କୁମାର ମହାନ୍ତି** ଭାଇ ଟେଲିଫୋନ୍ ମାଧ୍ୟମରେ **ଆଦର୍ଶ ଗୃହସ୍ଥ ଜୀବନ** ସଂପର୍କରେ ଆଲୋଚନା କରି କହିଥିଲେ-'ଶ୍ରୀଶ୍ରୀଠାକୁର ସତ୍ୟଯୁଗର ପ୍ରବର୍ତ୍ତନ କରିବାକୁ ଚାହିଁଛନ୍ତି । ଗୃହକୁ ଗୃହସ୍ଥାଶ୍ରମରେ ପରିଣତ କରିବାକୁ ହେବ । ଗୃହର ଭିତର ଓ ବାହାର ପରିବେଶ ସର୍ବଦା ଶୃଙ୍ଖଳିତ ଥିବ । ଗୃହରେ ସମସ୍ତେ ପରସ୍ପରକୁ ସ୍ନେହପ୍ରୀତିରେ ବାନ୍ଧି ରଖିଥିବେ ଓ ସାହାଯ୍ୟ କରି ଖୁସି କରିବାକୁ ଚେଷ୍ଟିତ ଥିବେ । ଗୃହରେ ସକାଳେ ଓ ସନ୍ଧ୍ୟାରେ ବେଦଧ୍ୱନି ହେଉଥିବ । ଶଂଖନାଦ ହେଉଥିବ । ଗୃହ ଆଗରେ କେହି ଗଲାବେଳେ ତାଙ୍କୁ ଲାଗୁଥିବ ଯେ ସେ ଏକ ଆଶ୍ରମ ଦେଇ ଯାଉଛନ୍ତି । 'ନିୟମ ପଞ୍ଚକ' ପାଳନ କରୁଥିବେ । ଗୃହରେ ପଞ୍ଚଯଜ୍ଞର ଅନୁଷ୍ଠାନ ହେଉଥିବ ।' ତଦନନ୍ତର ଶ୍ରୀ ତାରିଣୀପ୍ରସାଦ ଦାସ ଭାଇ 'ଆଦର୍ଶ ଗୃହସ୍ଥ ଜୀବନ ସଂପର୍କରେ ଶ୍ରୀଶ୍ରୀଠାକୁରଙ୍କ ବାଣୀ' ପାଠ କରିଥିଲେ । ପ୍ରାର୍ଥନା ସଂଗୀତ 'ଲେଖିଦିଅ ତୁମ ନାମ ଥରେ' ଗାନପରେ ଶ୍ରୀ ଅନୁପ୍ କାଲିଆ ଭାଇ 'କର୍ମମୟ ଜୀବନରେ ଆଦର୍ଶ ଗୃହସ୍ଥ' ବିଷୟରେ ଆଲୋଚନା କରିଥିଲେ । ତଦନନ୍ତର ପ୍ରଣାମ ଗାନ ସହ ଏହି ସଭା ଶେଷ କରାଯିବା ପରେ ଶ୍ରୀଶ୍ରୀଠାକୁର ମଧ୍ୟାହ୍ନ ଭୋଗ ଗ୍ରହଣ କରି ବିଶ୍ରାମ କରିଥିଲେ ଓ ଭକ୍ତମାନେ ପ୍ରସାଦ ସେବନ କରିଥିଲେ ।

**ଅଗଷ୍ଟ ୬, ୨୦୨୧ ଶୁକ୍ରବାର, ପ୍ରଥମ ଦିବସ - ଅପରାହ୍ଣ ଅଧିବେଶନ**

ଅପରାହ୍ଣ ଘ.୩.୦୦ସମୟରେ **ସଂଘଶକ୍ତିର ପ୍ରତିଷ୍ଠା** ସଭା ସଭାପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । 'ଏ କି ଦେଖିଲା ଆଖି' ବନ୍ଦନା ଗାନ ପରେ ଶ୍ରୀ ସୂର୍ଯ୍ୟକାନ୍ତ ମହାପାତ୍ର ଭାଇ 'ସଂଘଶକ୍ତିର ପ୍ରତିଷ୍ଠା ସଂପର୍କରେ ଶ୍ରୀଶ୍ରୀଠାକୁରଙ୍କ ବାଣୀ' ପାଠ କରିଥିଲେ । ପ୍ରାର୍ଥନା ସଂଗୀତ 'ସଂଘ ମୋ ପାଇଁ ସକଳ ତୀର୍ଥ' ଗାନ କରାଯାଇଥିଲା । ତଦନନ୍ତର କ୍ରମାନ୍ୱୟରେ ସଂପାଦକ ଶ୍ରୀ ବିଶ୍ୱଜିତ୍ ସୁନ୍ଦରରାୟ ଭାଇ 'ସଂଘଶକ୍ତିର ପ୍ରତିଷ୍ଠାରେ ବିବିଧ ଅନ୍ତରାୟ ଓ ତାହାର ନିରାକରଣ' ସଂପର୍କରେ ବକ୍ତବ୍ୟ ପ୍ରଦାନ କରି କହିଥିଲେ- ଶ୍ରୀଶ୍ରୀଠାକୁର ଆମକୁ ଉଦ୍ଦେଶ୍ୟତ୍ରୟ ପାଳନ କରିବାକୁ କହିଛନ୍ତି-ଆଦର୍ଶ ଗୃହସ୍ଥ ଜୀବନ ଗଠନ, ସଂଘଶକ୍ତିର ପ୍ରତିଷ୍ଠା ଏବଂ ଭାବବିନିମୟ । କଳିଯୁଗ ହେଉଛି ସଂଘଶକ୍ତିର ଯୁଗ । ସଂଘବଦ୍ଧ ହୋଇ ନ ଚଳିଲେ ଦୁର୍ବଳ ମାନବ କୌଣସି କାର୍ଯ୍ୟରେ କୃତକାର୍ଯ୍ୟ ହୋଇ ପାରିବ ନାହିଁ । ସଂଘଶକ୍ତିର ପ୍ରତିଷ୍ଠା ସମ୍ପର୍କରେ ଶ୍ରୀଶ୍ରୀଠାକୁର କହିଛନ୍ତି-ଯେତେବେଳେ ଗୋଟିଏ ଲକ୍ଷ୍ୟ ନେଇ କେତେଜଣଙ୍କ ମଧ୍ୟରେ ସମଭାବରେ ବ୍ୟାକୁଳତା ଜାଗିବ ସେତେବେଳେ ସଂଘଶକ୍ତିର ପ୍ରତିଷ୍ଠା ହେବ । ଏହି ବାଣୀରେ ୩ଟାକଥା ଗୁରୁତ୍ୱପୂର୍ଣ୍ଣ-(୧) ଲକ୍ଷ୍ୟ ଗୋଟିଏ ହୋଇଥିବ । (୨) ଜଣେ ବ୍ୟକ୍ତି ନ ହୋଇ ଅନେକ ବ୍ୟକ୍ତି ମିଶି ପୂଜା କରୁଥିବେ (୩) ସେହି ଲକ୍ଷ୍ୟ ପୂରଣ ଦିଗରେ ସମସ୍ତେ ପ୍ରୟାସ କରୁଥିବେ । ଏଥିରେ ଯଦି କୌଣସି ଗୋଟିଏ ବ୍ୟାହତ ହୁଏ ତେବେ ସଂଘଶକ୍ତିର ପ୍ରତିଷ୍ଠା ସମ୍ଭବ ହେବ ନାହିଁ । ସଂଘରେ ଆମର ଲକ୍ଷ୍ୟ ହେଉଛି ଏକମାତ୍ର ଶ୍ରୀଶ୍ରୀଠାକୁର । ଆମର ଲକ୍ଷ୍ୟ ସ୍ଥିର ନ ରହୁଥିବାରୁ ସଂଘ ଶକ୍ତିର ପ୍ରତିଷ୍ଠା ଯଥାର୍ଥ ଭାବରେ ହୋଇ ପାରୁନାହିଁ । ଲକ୍ଷ୍ୟ ସ୍ଥିର ନ ଥିବାରୁ ଆମର ମୂଳଲକ୍ଷ୍ୟ ପ୍ରାପ୍ୟ ଆତ୍ମଜ୍ଞାନ ହରାଇ ଆମେ ଛୋଟ ଛୋଟ କାମନା ବାସନାରେ ହୃଦୟ ପୂର୍ଣ୍ଣ କରି ବସିଛୁ । ଥରେ ଜଣେ ଭକ୍ତ ଶ୍ରୀଶ୍ରୀଠାକୁରଙ୍କ ନିକଟରେ ପ୍ରାର୍ଥନାରେ ନିଜର ଚାକିରୀ କ୍ଷେତ୍ରରେ ବଦଳି ବିଷୟରେ ଅନୁରୋଧ କରିବାରୁ ସେ ବିରକ୍ତ ହୋଇ କହିଥିଲେ, 'ତୁମେମାନେ ପ୍ରକୃତରେ ମାଗିବା କ'ଣ ଜାଣିନାହିଁ । ରାଜାଙ୍କ ପାଖକୁ ଆସି କ'ଣ କଖାରୁ ମଗାଯାଏ । ଆମେ କ୍ଷୁଦ୍ର କ୍ଷଣିକ ବିଷୟ ସୁଖ ମାଗି ଆମର ଅସଲ ପ୍ରାପ୍ୟକୁ ହରାଇବସିଛୁ ।' ସଂଘଶକ୍ତିପ୍ରତିଷ୍ଠା ଦିଗରେ ଆମର ଲକ୍ଷ୍ୟ ସ୍ଥିର ରହିବା ଏକାନ୍ତ ଆବଶ୍ୟକ ।

ଶ୍ରୀଶ୍ରୀଠାକୁର କହିଛନ୍ତି: ସଂଘଶକ୍ତି ପ୍ରତିଷ୍ଠା କହିଲେ ମୁଁ ବୁଝେ 'ବିରୋଧର ଏକାନ୍ତ ପରିହାର ଓ ପ୍ରାଣର ଐକାନ୍ତିକ ମିଳନ ।' ଆମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଠିକ୍ ରହିଲେ ବିରୋଧ ଆସିବ ନାହିଁ । ସଂଘସେବୀ ମାନଙ୍କର ଯଦି ପରସ୍ପର ପ୍ରତି ପ୍ରେମପ୍ରୀତିଭାବ ରହିବ, ସମସ୍ତେ ଶୃଙ୍ଖଳାବଦ୍ଧ ଭାବରେ କାର୍ଯ୍ୟ କରୁଥିବେ ତେବେ ବିରୋଧର ଏକାନ୍ତ ପରିହାର ହେବ ଓ ପ୍ରାଣର ଐକାନ୍ତିକ ମିଳନ ସମ୍ଭବ ହେବ ।

ସଂଘସାଧନାରେ ଅହଂତ୍ୱ, ଅହଂକାର ଓ ଆତ୍ମବଡ଼ିମା ପ୍ରତିବନ୍ଧକ । ବିନୟ ଓ ନମ୍ରତାଭାବ ଆମର ରହିବା ଉଚିତ୍ । 'ତୃଣାଦପି ସୁନୀଚେନ ତରୋରେବ ସହିଷ୍ଣୁତା' ଭାବ ରଖି ଚଳିବାକୁ ହେବ । ମନକୁ ନ ଚଳି, ମାନିକି ଚଳିବ । ଏହାଦ୍ୱାରା ଅହଂକାର ଦୂରେଇ ଯିବ । ମାନିବା ଅର୍ଥ ଶ୍ରୀଶ୍ରୀଠାକୁରଙ୍କ ନିର୍ଦ୍ଦେଶକୁ ମାନିବା । ସଂଘ ହେଉଛି ଶ୍ରୀଶ୍ରୀଠାକୁରଙ୍କର ସ୍ୱରୂପ । ଏହାଦ୍ୱାରା ଅହଂଭାବ ଦୂରେଇ ଯିବ । ସଂଘରେ ନିଜର ମତ ପୂରଣ ଦିଗରେ ଉଦ୍ୟମ ହେବ ନାହିଁ ।

ଶ୍ରୀଶ୍ରୀଠାକୁରଙ୍କ ପ୍ରତି ଅଖଣ୍ଡ ବିଶ୍ୱାସର ଅଭାବ ଅନ୍ୟଏକ ଅନ୍ତରାୟ । ବିଶ୍ୱାସ ଥିଲେ ଶ୍ରୀଶ୍ରୀଠାକୁରଙ୍କ ପ୍ରତି ଭଲ ପାଇବା ଆସିବ । ଭଲପାଇବା ଆସିଲେ ତାଙ୍କର ଆଦେଶ ପାଳନ କରିବା ପାଇଁ ଆଗ୍ରହ ହେବ । ବିଶ୍ୱାସକୁ ଦୃଢ଼ୀଭୂତ କରିବା ପାଇଁ ଶ୍ରୀଶ୍ରୀଠାକୁର ଆମକୁ ଯେଉଁ ସାଧନା ଦେଇଛନ୍ତି ତାହା ହେଉଛି-ସାଧୁସଂଗ, ସଦ୍‌ଗ୍ରନ୍ଥ ପାଠ, ସାତ୍ତ୍ୱିକ ଆହାର, ଶ୍ରୀଶ୍ରୀଗୁରୁଦେବଙ୍କ ଉପଦେଶ ଶ୍ରବଣ ଓ ପାଳନ । ଏହି ସାଧନାଗୁଡ଼ିକ ପାଳନ କଲେ ଅବିଶ୍ୱାସୀ ମନରେ ବିଶ୍ୱାସର ଉଦୟ ହେବ ।

ସଂଘଶକ୍ତି ପ୍ରତିଷ୍ଠାରେ ପ୍ରତିବନ୍ଧକ ହେଉଛି ସଂଘସେବୀମାନଙ୍କ ଭିତରେ ପରନିନ୍ଦା ପରଚର୍ଚ୍ଚା ଭାବ । ସଂସାରରେ ପ୍ରତ୍ୟେକ ବ୍ୟକ୍ତି ନିକଟରେ କିଛି ସଦ୍‌ଗୁଣ ରହିଛି ଓ କିଛି ମନ୍ଦଗୁଣ ମଧ୍ୟ ରହିଛି । ଆମ ଉପରେ ନିର୍ଭର କରେ କି ଆମେ ମାଛିଭଳି ହେବୁ ନା ମହୁମାଛି ଭଳି ହେବୁ । ମାଛି ଦୂଷିତ ବସ୍ତୁ ଉପରେ ବସି ଜୀବାଣୁ ସଂଗ୍ରହ କରେ ମାତ୍ର ମହୁମାଛି ଫୁଲ ଉପରେ ବସି ମହୁରୂପକ ଅମୃତ ସଞ୍ଚୟ କରେ । ତେଣୁ ମହୁମାଛି ପରି ପରନିନ୍ଦା ଓ ପରଚର୍ଚ୍ଚା ରୂପ ଆବର୍ଜନା ତ୍ୟାଗ କରି ମଧୁରୂପକ ସଦ୍‌ଗୁଣଗୁଡ଼ିକ ଗ୍ରହଣ କରିବା ସଂଘସେବୀଙ୍କର ସାଧନା ହେବ ଉଚିତ୍ ।

ସଂଘଶକ୍ତି ପ୍ରତିଷ୍ଠାରେ ଅନ୍ୟ ଏକ ଅନ୍ତରାୟ ହେଉଛି ବିଶୃଙ୍ଖଳା ବା ନୀତିନିୟମ ପାଳନ ପ୍ରତି ଅନାଗ୍ରହ । ଆମକୁ ସଂଘରେ ନୀତିନିୟମ ବିଧି ନିଷେଧ ମାନିଚଳିବାକୁ ପଡ଼ିବ ।

ପ୍ରତ୍ୟେକ ସଂଘରେ କିଛି ଅମାନିଆ ବ୍ୟକ୍ତି ରହିବେ ଓ ସେମାନେ ମାୟାଦ୍ୱାରା ପ୍ରେରିତ ହୋଇଥାନ୍ତି ଓ ସେବକମାନଙ୍କର ଧର୍ଯ୍ୟ, ନିଷ୍ଠା, ପରୀକ୍ଷା କରିବା ପାଇଁ । ତେଣୁ ଆମେ ଅଧୈର୍ଯ୍ୟ ନ ହୋଇ, ପ୍ରତିକ୍ରିୟାଶୀଳ ନ ହୋଇ ତାଙ୍କୁ ପ୍ରେମପ୍ରୀତିଭାବରେ ଆଲିଙ୍ଗନ କରିପାରିଲେ ଆମେ ସଂଘସାଧନାରେ କିଞ୍ଚିତ ଅଗ୍ରସର ହୋଇପାରିବା । ପରସ୍ପର ପ୍ରତି ପ୍ରେମପ୍ରୀତି ଭାବ ନ ରହିବା ହେଉଛି ସଂଘଶକ୍ତି ପ୍ରତିଷ୍ଠାରେ ଏକ ଅନ୍ତରାୟ । ସଂଘଶକ୍ତି ପ୍ରତିଷ୍ଠାରେ ଅନ୍ୟତମ ଅନ୍ତରାୟ ହେଉଛି ଆମମାନଙ୍କ ଦ୍ୱାରା ଜ୍ଞାତ ଓ ଅଜ୍ଞାତସାରରେ ହେଉଥିବା ଅପରାଧସମୁହ । ଶାସ୍ତ୍ରରେ ୩୨ଟି ସେବାଅପରାଧ, ୧୦ଟି ନାମ ଅପରାଧ ଓ ୫ଟି ବୈଷ୍ଣବ ଅପରାଧ ସମ୍ପର୍କରେ ଉଲ୍ଲେଖ ଅଛି । ଆମମାନଙ୍କର ସାଧ୍ୟ ଯେଉଁ ପ୍ରେମଭକ୍ତି ଉପରେ ପ୍ରତିଷ୍ଠିତ ତାହା ଏକ ଲତା ପରି । ସେଥିରେ ଦୁଇଓଳି ପୂଜା ପ୍ରାର୍ଥନା ବନ୍ଦନା ରୂପକ ଜଳ ଦେବାକୁ ହେବ । ନୀତିନୀୟମ ଶୃଙ୍ଖଳା ତାହାର ବାଡ଼ ସ୍ୱରୂପ । ଅପରାଧରୂପୀ ହାତୀ ଆସିଲେ ସବୁ ଧ୍ୱଂସ କରିଦେବ । ତେଣୁ ସବୁ ଅପରାଧଗୁଡ଼ିକ ଜାଣି ସେ ସବୁରୁନିଜକୁ ଦୂରେଇ ରଖିବା ହେଉଛି ଆମର ସାଧନା ।

ଆହାର ବିହାରରେ ଅସଂଯମ ଭାବ ସଂଘଶକ୍ତି ପ୍ରତିଷ୍ଠାରେ ଅନ୍ତରାୟ । ସାତ୍ତ୍ୱିକ ଆହାର ଓ ସାତ୍ତ୍ୱିକ ଚିନ୍ତା ବ୍ୟତୀତ ସଂଘ ଶକ୍ତି ପ୍ରତିଷ୍ଠା ଆଶା କରିବା ବୃଥା ।

ସଂଘଶକ୍ତି ପ୍ରତିଷ୍ଠାର ଅନ୍ୟ ଏକ ଅନ୍ତରାୟ ହେଉଛି ଆଡ଼ମ୍ବର ଭାବ । ଶ୍ରୀଶ୍ରୀଠାକୁର କହିଛନ୍ତି, ମୁଁ ହୋ ହା ଗୋଳମାଳ ପ୍ରଭୃତି ଆଡ଼ମ୍ବରକୁ ଭଲପାଏ ନାହିଁ । ମୁଁ ଯାହା ଭଲ ନ ପାଏ ସେଥିପ୍ରତି ତୁମର ଅପ୍ରବୃତ୍ତି ହେବା ଉତ୍ତମ । ତେଣୁ ପ୍ରତିଯୋଗିତା ମୂଳକ ନ ହେବାକୁ ଚେଷ୍ଟା କରିବା ।

ସଂଘଶକ୍ତି ପ୍ରତିଷ୍ଠାର ଅନ୍ୟତମ ଅନ୍ତରାୟ ହେଉଛି ବ୍ୟଷ୍ଟିସାଧନାରେ ଆମର ତ୍ରୁଟି । ପ୍ରଥମେ ଗୃହସ୍ଥ ଆଶ୍ରମକୁ ଆଦର୍ଶରୂପେ ଗଠନ କରି ବ୍ୟଷ୍ଟିସାଧନା ଅଭ୍ୟାସ ପୂର୍ବକ ସଂଘରେ ଯୋଗଦାନ କଲେ ସଂଘଶକ୍ତି ପ୍ରତିଷ୍ଠାରେ ନିଶ୍ଚୟ ସଫଳ ହୋଇପାରିବା ।

ଗୃହାସନରେ ମନସ୍ଥିର କରି ନିୟମିତ ସେବା ପୂଜା କଲେ ବ୍ୟଷ୍ଟିସାଧନା ଠିକ୍ ଭାବରେ ହୋଇପାରିବ । ବ୍ୟଷ୍ଟିସାଧନାର ତ୍ରୁଟି ରହିଲେ ସଂଘସାଧନା ଠିକ୍ ଭାବରେ ହୋଇପାରିବ ନାହିଁ । ତେଣୁ ସେଥିପାଇଁ ଆମକୁ ସତର୍କ ରହିବାକୁ ହେବ । ଗୃହରେ ଶ୍ରୀଶ୍ରୀଠାକୁର ଆମର ମାଲିକ ଏବଂ ଆମେମାନେ ସେବକସେବିକା ଏହି ଭାବ ରଖିବାକୁ ହେବ ।

ଶ୍ରୀ ସାର୍ଥକ ଦାସ ଭାଇ 'ସଂଘମ୍ ଶରଣମ୍ ଗଚ୍ଛାମି' ସଂପର୍କରେ ଆଲୋଚନା କରି କହିଥିଲେ- ଶ୍ରୀଶ୍ରୀଠାକୁର ତାଙ୍କ ସାଧନା ସାରି ଗୁରୁ ଭାର ନେଇ ଯେତେବେଳେ ଲୋକାଳୟକୁ ଫେରିଲେ, ସେ ଦେଖିଲେ, ହିନ୍ଦୁ ଧର୍ମ ଅତ୍ୟନ୍ତ ବିପର୍ଯ୍ୟସ୍ତ । ସାଧାରଣ ଲୋକଙ୍କ ନିଜ ଉପରେ ବିଶ୍ୱାସ ନାହିଁ । ପ୍ରଥମେ ଭାବିଲେ, ସେ ବିଭୂତି ଦେଖେଇ ଲୋକଙ୍କୁ ନିଜ ଆଡ଼କୁ ଆକର୍ଷିତ କରାଇବେ, କିନ୍ତୁ ତାହା କାମ ଦେଲାନି । ଅନେକ ଅନୁଧ୍ୟାନ ପରେ ସେ ତିନୋଟି କଥା ଉପରେ ବିଚାର କଲେ ଆଉ ଜାଣି ପାରିଲେ ସମସ୍ତଙ୍କୁ ଏହି ଭାବଧାରା ନେଇ ଆଗକୁ ବଢ଼ିବାକୁ ପଡ଼ିବ । ସେହି ତିନୋଟି କଥା ହେଲା, ସନାତନ ଧର୍ମର ପ୍ରଚାର ଓ ପ୍ରସାର, ସତ୍‌ଶିକ୍ଷାର ବିସ୍ତାର ଏବଂ ଶିବ ଜ୍ଞାନରେ ଜୀବସେବା । ସାଧାରଣ ଲୋକଙ୍କ ପାଇଁ ସରଳୀକରଣ କରି ସେ କହିଛନ୍ତି ଆଦର୍ଶ ଗୃହସ୍ଥ ଜୀବନ ଗଠନ, ସଂଘଶକ୍ତିର ପ୍ରତିଷ୍ଠା, ଭାବ ବିନିମୟ । ସମ୍ମିଳନୀରେ ଏହି ତିନୋଟି ବିଷୟରେ ଆଲୋଚନା କରାଯାଏ ।

ବ୍ୟାସଦେବ କହିଥିଲେ,

ତ୍ରେତୟାଂ ମନ୍ତ୍ରଶକ୍ତିଶ୍ଚ ଜ୍ଞାନଶକ୍ତି କୃତେଯୁଗେ
ଦ୍ୱାପରେ ଯୁଦ୍ଧଶକ୍ତିଶ୍ଚ ସଂଘଶକ୍ତିଃ କଲୌଯୁଗେ ।

ଅର୍ଥାତ୍- ତ୍ରେତୟା ଯୁଗରେ ଥିଲା ମନ୍ତ୍ର ଶକ୍ତି, ସତ୍ୟ ଯୁଗରେ ଥିଲା ଜ୍ଞାନ ଶକ୍ତି, ଦ୍ୱାପର ଯୁଗରେ ଥିଲା ଯୁଦ୍ଧଶକ୍ତି, ସେହିଭଳି କଳି ଯୁଗରେ ଅଛି ସଂଘ ଶକ୍ତି । ସଂଘ ବିନା କାମ କରିବା କଠିନ । ପୁରାତନ ଯୁଗରେ ଲୋକ ଶହେ ବର୍ଷରୁ ଅଧିକ ବଞ୍ଚୁଥିଲେ, କିନ୍ତୁ ଏବେ ତାହା କମ୍ ହୋଇ ଯାଇଛି । ସମସ୍ତଙ୍କ ଭିତରେ ଥିବା ଶକ୍ତି ଏବଂ ସାମର୍ଥ୍ୟ ମଧ୍ୟ କମ୍ ହୋଇ ଯାଇଛି । କାହା ଭିତରେ କିଛି ଭଲ ତ ଅନ୍ୟ ଭିତରେ ଅନ୍ୟ କିଛି ଭଲ ଗୁଣ ଅଛି । ତେଣୁ ସମସ୍ତଙ୍କର ଭଲ ଗୁଣ ଏକତ୍ର କରି ଶ୍ରୀଶ୍ରୀଠାକୁରଙ୍କ ଶ୍ରୀଚରଣେ ଦେହ ମନ ପ୍ରାଣକୁ ସମର୍ପିତ କରି ସଂଘ ପ୍ରତିଷ୍ଠା କରିବା ହି କଳି ଯୁଗରେ ତିଷ୍ଠି ପାରିବାର ଉପାୟ ।

ସଂଘ ଶକ୍ତିର ସଂକଳ୍ପ ଅତ୍ୟନ୍ତ ପୁରାତନ । ଅସୁରମାନଙ୍କ କବଳରୁ ରକ୍ଷା ପାଇବା ପାଇଁ, ଦେବତା ଓ ଋଷିମାନେ ମଧ୍ୟ ସଂଘ ଗଠନ କରିଥିଲେ । କଳିଯୁଗ ଆରମ୍ଭରେ ବୁଦ୍ଧଦେବ କହିଥିଲେ, ବୁଦ୍ଧଂ ଶରଣଂ ଗଚ୍ଛାମି, ଧର୍ମଂ ଶରଣଂ ଗଚ୍ଛାମୀ, ସଂଘଂ ଶରଣଂ ଗଚ୍ଛାମି । ବୁଦ୍ଧଦେବ ସଂଘକୁ ବହୁତ ଗୁରୁତ୍ୱ ଦେଇଥିଲେ । ତାଙ୍କ ଜୀବନରେ ଘଟିଥିବା ଗୋଟେ ଘଟଣା ଏଠି ଆଲୋଚନା କରିବା । ବୁଦ୍ଧଦେବଙ୍କର ଜଣେ ଶିଷ୍ୟ ବୁଦ୍ଧଦେବଙ୍କଠାରୁ ଅନେକ ଜ୍ଞାନ ଅର୍ଜନ କଲା ପରେ ଭାବିଲେ, ସିଏତ ନିଜେ ଏତେ ଜ୍ଞାନୀ, ତେଣୁ ବୁଦ୍ଧଦେବଙ୍କ ସଂଘରେ ସିଏ କାହିଁକି ଅଛନ୍ତି, ନିଜ ସଂଘ କାହିଁକି କରୁ ନାହାଁନ୍ତି ? ନିଜ ସଂଘ କରି ସିଏ ଭାବିଲେ, ନିଜର ଧର୍ମ ଗଠନ କରିବେ ଆଉ ଘର ଘର ଯାଇ ଭିକ୍ଷା ମଧ୍ୟ ମାଗିବେ ନାହିଁ । ବୁଦ୍ଧଦେବ ଜାଣି ପାରିଲେ ଆଉ ତାଙ୍କୁ ଡାକିଲେ । ଗୋଟାଏ ଜଳୁଥିବା ଚୁଲିରୁ ସବୁଠାରୁ ବଡ଼ କାଠ ବାହାର କରିବା ପାଇଁ କହିଲେ । ଶିଷ୍ୟ ଅତି କଷ୍ଟରେ କାଠଟି କାଢ଼ି ପାଖରେ ପକେଇ ଦେଲା । କାଠଟି କିଛି ସମୟ ଜଳିଲା ପରେ, ଲିଭି ଗଲା । ବୁଦ୍ଧଦେବ ଶିଷ୍ୟକୁ ଦେଖାଇ କହିଲେ, ଚୁଲିରୁ ବାହାରିବା ମାତ୍ରକେ ସବୁଠାରୁ ବଡ଼ କାଠ ମଧ୍ୟ ଲିଭିଗଲା, କିନ୍ତୁ ଛୋଟ କାଠ ଏବେବି ଜଳୁଛି । ଠିକ୍ ସେହି ପରି, ସଂଘରେ ଥିଲେ, ଆମେ ସମସ୍ତେ ଜ୍ଞାନୀ ଏବଂ ଶକ୍ତିଶାଳୀ, କିନ୍ତୁ ବାହାରିବା ମାତ୍ରକେ ଆମେ ଶକ୍ତିହୀନ ଓ ଜ୍ଞାନହୀନ ହେଇଯିବା ।

ସଂଘ ହଉଛି ଶ୍ରୀଶ୍ରୀଠାକୁରଙ୍କ ସ୍ୱରୂପ । ସାଧୁ ରୂପୀ ମା' ଓ ଭାଇ ମାନଙ୍କ ଗହଣରେ ମହାସାଧୁ ଶ୍ରୀଶ୍ରୀଠାକୁରଙ୍କ ଦର୍ଶନ ଲାଭ କରିବାର ସୁଯୋଗ ଖାଲି ସଂଘରେ ହି ମିଳିପାରିବ । ଆମ ଶାସ୍ତ୍ରରେ ଅଛି, ତୀର୍ଥ କଲେ, ସମର୍ଥ ଅନୁସାରେ ତାର ସୁଫଳ ମିଳେ । କିନ୍ତୁ ସାଧୁ ସଙ୍ଗରେ ଭାଗ ନେଲେ, ତାର ଫଳ ତତ୍‌କ୍ଷଣାତ୍ ମିଳିଯାଏ । ଯେଉଁ ଆସନରେ ଯେତିକି ଅଧିକ ଭକ୍ତ ପ୍ରଣାମ କରନ୍ତି, ସେହି ଆସନ ସେତିକି ଅଧିକ କ୍ରିୟାଶୀଳ ହେଇଯାଏ । ଆମେ ଯଦି ଖାଲି ଘରେ ପୂଜା କରୁଛୁ, ଯାହାକି ବ୍ୟଷ୍ଟି ସାଧନା, ବହୁତ କମ୍ ଭକ୍ତ ସେଠି ପ୍ରଣାମ କରନ୍ତି, କିନ୍ତୁ ସଂଘରେ ସମଷ୍ଟି ସାଧନ ଭାବେ ପ୍ରଣାମ କଲେ, ତାର ଫଳ ଅଧିକ । ଠିକ୍ ସେହିଭଳି, ସମ୍ମିଳନୀରେ ଆସି ମା' ଓ ଭାଇ ମାନଙ୍କ ସଙ୍ଗରେ ମିଶି ଠାକୁରଙ୍କ ଶ୍ରୀ ଚରଣରେ ପ୍ରଣାମ କଲେ ତାର ଫଳ ଖୁବ ଶୀଘ୍ର ମିଳିଯିବ ।

ନିତ୍ୟ ଲୋକର ନିତ୍ୟ ପୁରୁଷ ହେଲେ ଶ୍ରୀଶ୍ରୀଠାକୁର ଆଉ ସଂଘ ହେଉଛି ଏହି ନିତ୍ୟଲୋକର ଫାଟକ । ତେଣୁ ଆମେ ଯଦି ନିତ୍ୟ ଲୋକକୁ ଯିବାକୁ ଚାହୁଁଛୁ, ଆମକୁ ଗଠିତ ସଂଘକୁ ଆସିବାକୁ ପଡ଼ିବ । କଥାରେ ଅଛି, ସଂଘ ହେଉଛି ଆମର ଶିକ୍ଷାଳୟ, ଆମ

କାର୍ଯ୍ୟାଳୟ ଏବଂ ଆମ ଚିକିତ୍ସାଳୟ । ଆମ ମାନଙ୍କ ଚିନ୍ତା ଏବଂ ଚେତନା କିଭଳି ଶୁଦ୍ଧ, ପବିତ୍ର ଓ ମାର୍ଜିତ ହେବ, ତାହା ଆମେ ସଂଘଠାରୁ ଶିଖିବାକୁ ପାଉ । ସଂଘରେ ଆମେ ବିଭିନ୍ନ ପ୍ରକାରର ସେବା କାର୍ଯ୍ୟ କରିବାକୁ ପାଉ । ଆମେ ସମସ୍ତେ ଜଣେ ଜଣେ ଭବ ରୋଗୀ ଆଉ ଶ୍ରୀଶ୍ରୀଠାକୁର ହେଉଛନ୍ତି ଭବ ରୋଗ ବୈଦ୍ୟ । ସେ ଆମର ଚିକିତ୍ସକ । ବୈଦ୍ୟ ମାନେ ଆମର ଏହି ଜନ୍ମର ରୋଗ ଠିକ୍ କରିପାରିବେ କିନ୍ତୁ ଠାକୁର ଆମର ଜନ୍ମ ଜନ୍ମାନ୍ତରର କାମନା ବାସନା ପ୍ରଭୃତି ମଇଳା ସଫା କରି ଉଭୟ ମନ ଆଉ ପ୍ରାଣକୁ ସଫା କରିପାରିବେ ।

କିଛି ଦିନ ତଳେ ଆମକୁ ଗୋଟେ ଛୋଟ ଉଦାହରଣ ଦେଖିବାକୁ ମିଳିଥିଲା । ବାଡ଼ିରେ ଗୋଟେ ମନ୍ଦାର ଗଛ ଲଗେଇଥିଲୁ । ଗଛଟିରେ ଖୁବ୍ ସୁନ୍ଦର ଫୁଲ ଉଠୁ ଥିଲା । କିଛିଦିନ ପରେ, ଗୋଟିଏ ବଣୁଆ କଣ୍ଟା ଗଛ ମନ୍ଦାର ଗଛ ପାଖରେ ମାଡ଼ିବାକୁ ଲାଗିଲା । କଣ୍ଟା ଗଛଟି କାହାର କିଛି କ୍ଷତି କରୁ ନ ଥିଲା । ମନ୍ଦାର ଗଛରେ ଆହୁରି ଅନେକ ଫୁଲ ଫୁଟୁଥିଲା । ଦିନେ ଆମେ କଣ୍ଟା ଗଛଟିକୁ ଓପାଡ଼ି ଦେଲୁ । ତା ପର ଦିନ ଦେଖିଲୁ, ଫୁଲ ଗଛଟିକୁ ହରିଣ ଖାଇ ଦେଇଛି । ବୋଧ ହେଲା ଯେମିତି ଗଛ ଦୁଇଟି ସଂଘ କରି ରହୁଥିଲେ, ଆମେ ସଂଘ ଭାଙ୍ଗି ଦେଲୁ ଆଉ ତାର କୁପରିଣାମ ଆଖି ଆଗରେ ଦେଖିଲୁ । ସଂଘ ଶକ୍ତିର ପ୍ରତିଷ୍ଠା କହିଲେ ଆଶ୍ରମ ବା ମଠ ପ୍ରତିଷ୍ଠା ନୁହେଁ । ପ୍ରତ୍ୟେକ ଭକ୍ତଙ୍କର ଅନ୍ତର ମଧ୍ୟରେ ଶ୍ରୀଶ୍ରୀଠାକୁରଙ୍କ ପ୍ରତିଷ୍ଠା ହିଁ ସଂଘ ଶକ୍ତିର ପ୍ରତିଷ୍ଠା ।

ଶ୍ରୀ ସୁପ୍ରିତ୍ ପଟ୍ଟନାୟକ ଭାଇ 'ସଂଘଶକ୍ତିର ପ୍ରତିଷ୍ଠାରେ ଆତ୍ମ ସମର୍ପଣର ଭୂମିକା' ବିଷୟରେ ବକ୍ତବ୍ୟ ପ୍ରଦାନ କରି କହିଥିଲେ- ଶ୍ରୀଶ୍ରୀଠାକୁର କହିଛନ୍ତି ଯେଉଁଠାରେ ତିନିଜଣ ଗୁରୁଭାଇ ଥିବେ ସେଠାରେ ସଂଘ ଗଠନ କରିବା ପାଇଁ। ଶ୍ରୀଶ୍ରୀଠାକୁର ଅହଙ୍କାରକୁ ପ୍ରଶୟ ଦେଇନାହାନ୍ତି। ମେଦିନପୁରର ଶ୍ରୀଶ୍ରୀଠାକୁରଙ୍କ ଶିଷ୍ୟ ଦେବେନ୍ଦ୍ର ନାଥ ଚକ୍ରବର୍ତ୍ତୀ ଏକ ଜମିଦାରଙ୍କ ପାଖରେ କାମ କରୁଥିଲେ। ଥରେ ଶ୍ରୀଶ୍ରୀଠାକୁର ସେଠାକୁ ଯାଇଥିଲେ। ଦେବେନ୍ଦ୍ର ଭାଇ ଓ ଜମିଦାର ଶ୍ରୀଶ୍ରୀଠାକୁରଙ୍କୁ ଦେଖିବା ପାଇଁ ବାହାରିଲେ। ଜମିଦାର ହାତୀ ଉପରେ ବସି ଶ୍ରୀଶ୍ରୀଠାକୁରଙ୍କ ପାଖକୁ ଗଲେ। ଶ୍ରୀଶ୍ରୀଠାକୁରଙ୍କୁ ଦେଖି ପ୍ରଣାମ କଲେ ନାହିଁ କିନ୍ତୁ ତାଙ୍କ ହାତୀ ଶ୍ରୀଶ୍ରୀଠାକୁରଙ୍କୁ ପ୍ରଣାମ କଲା। ସମସ୍ତେ ଏହା ଦେଖି ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ନିଜକୁ ଜମିଦାର ଭାବି ଗୁରୁଙ୍କୁ ଉପଯୁକ୍ତ ସମ୍ମାନ ଦେଇନଥିଲେ। ଆଉ ଥରେ ସେଠାକୁ ଶ୍ରୀଶ୍ରୀଠାକୁର ଆସିଥିବା ବେଳେ ସେମାନେ ମହାଆଡ଼ମ୍ବରରେ ଏକ ଉତ୍ସବ କରିଥିଲେ। ଭୋଗ ନିବେଦନ ବେଳେ ଶ୍ରୀଶ୍ରୀଠାକୁର ମୁଢ଼ି ଓ ଲଙ୍କା ମାଗିଥିଲେ କିନ୍ତୁ ସେମାନେ ତାହା ଦେଇପାରିନଥିଲେ। ମନରେ ଅହଂକାର ଥିଲେ ପ୍ରକୃତରେ ସେବା ହୋଇପାରିବ ନାହିଁ। ଶ୍ରୀଶ୍ରୀଠାକୁର ଚାହିଁଛନ୍ତି ସମସ୍ତେ ଉନ୍ନତି କରିବା ପାଇଁ। ଶ୍ରୀଶ୍ରୀଠାକୁରଙ୍କୁ ଭଲ ଲାଗିବା ପରି ଆମକୁ କାର୍ଯ୍ୟ କରିବାକୁ ହେବ। ଶ୍ରୀଶ୍ରୀଠାକୁରଙ୍କ କର୍ମ ଭାବି ସବୁ କାର୍ଯ୍ୟ କରିବା। ଫଳରେ ତାହା ନିଷ୍କାମକର୍ମରେ ପରିଣତ ହେବ। ସେବ୍ୟର ମନ ଜାଣି ସେବା କରିବା। ଆମେ ସଂଘରେ ଶୃଙ୍ଖଳାକୁ ବଜାୟ କରି ରଖିବା। ନିଜକୁ ନମ୍ର ଓ ବିନମ୍ର ଗୁଣରେ ଭୂଷିତ କରିବା।

ତତ୍‌ପରେ ପ୍ରାର୍ଥନା ସଂଗୀତ 'ଜଣକର ଫୁଲ ବଗିଚାର' ଗାନ ପରେ ପ୍ରଣାମ ଗାନ ପୂର୍ବକ ଏହି ସଭା ଘ.୪.୩୫ ସମୟରେ ଶେଷ ହୋଇଥିଲା ।

**ଅଗଷ୍ଟ ୬, ୨୦୨୧ ଶୁକ୍ରବାର, ପ୍ରଥମ ଦିବସ-ସନ୍ଧ୍ୟା ଅଧିବେଶନ**

ପ୍ରଥମ ଦିବସର ସାନ୍ଧ୍ୟ ଅଧିବେଶନରେ ଶ୍ରୀଶ୍ରୀଠାକୁରଙ୍କ ସନ୍ଧ୍ୟାରତି, ସ୍ତୋତ୍ରବନ୍ଦନା କରାଯିବାପରେ ପିଲାମାନଙ୍କ ନିମିତ୍ତ ଉଦ୍ଦିଷ୍ଟ Young Aspirants' session ଅନୁଷ୍ଠିତ ହୋଇଥିଲା । ସଭାପତି ଜ୍ଞାନଭାଇ ଆସନ ଗ୍ରହଣ କରିଥିଲେ । ବନ୍ଦନା ସଂଗୀତ 'ରୂପ ତା'ର କି ମନୋହର କେତେ ରୁଚିର' ଗାନ ପରେ ସଭାପତି ମନ୍ତବ୍ୟ ପ୍ରଦାନ କରିଥିଲେ । ବେଦପ୍ରକାଶ ରାୟ (ଜ୍ଞାନ) Sadguru Swami Nigamanana Upadeshamrita ପୁସ୍ତକରୁ 'To The Students' chapter ପାଠ କରିଥିଲେ । ବନ୍ଦନା ସଂଗୀତର ଅର୍ଥ ସୌମ୍ୟାଶ୍ରୀ (ଭକ୍ତି) ଜଣାଇଥିଲେ । ଜ୍ଞାନଭାଇ ପିଲାମାନଙ୍କର କିଛି ପ୍ରଶ୍ନର ଉତ୍ତର ଦେଇଥିଲେ । ଶ୍ରୀ ବରଦାକାନ୍ତ ନାୟକ ଭାଇ ଶ୍ରୀଶ୍ରୀଠାକୁରଙ୍କ ବିଷୟରେ ଆଲୋଚନା କରିଥିଲେ । ତତ୍‌ପରେ ଇଭା, ଯୁକ୍ତା, ଜ୍ଞାନ ଓ ଭକ୍ତି ଭାବବିନିମୟ କରିଥିଲେ । ପ୍ରାର୍ଥନା ସଙ୍ଗୀତ 'ବାଛି ବାଛି କେ ଦେଇଛି ତୁମ ନାମ ଭକ୍ତ-ଗଳାହାର' ଗାନ କରାଯାଇଥିଲା । ପରବର୍ତ୍ତୀ ଅଧିବେଶନ ପାଇଁ ଶ୍ରୀଶ୍ରୀଠାକୁରଙ୍କୁ ନିମନ୍ତ୍ରଣ କରାଯାଇ 'ଜୟଗୁରୁ' କୀର୍ତ୍ତନ ଓ ପ୍ରଣାମ ସହ ଏହି ଅଧିବେଶନ ସମାପ୍ତ କରାଯାଇଥିଲା । ଶ୍ରୀଶ୍ରୀଠାକୁରଙ୍କୁ ରାତ୍ରିଭୋଗ ନିବେଦନ କରାଯାଇ ବିଶ୍ରାମ ଦିଆଯାଇଥିଲା । ତତ୍ପରେ ଭକ୍ତମାନେ ପ୍ରସାଦ ସେବନ କରିଥିଲେ ।

**ଅଗଷ୍ଟ ୭, ୨୦୨୧ ଶନିବାର, ଦ୍ୱିତୀୟ ଦିବସ, ପ୍ରଥମ ଅଧିବେଶନ - ପ୍ରାର୍ଥନା ସଭା**

ସମ୍ମିଳନୀର ଦ୍ୱିତୀୟ ଦିବସରେ ଶ୍ରୀଶ୍ରୀଠାକୁର ମହାରାଜଙ୍କ ମଙ୍ଗଳ ଆରତି ଓ ସ୍ତୋତ୍ର ବନ୍ଦନା ପରେ ପ୍ରାର୍ଥନା ସଭା ଅନୁଷ୍ଠିତ ହୋଇଥିଲା । ସଭାପତି ଜ୍ଞାନ ଭାଇ ଆସନ ଗ୍ରହଣ କରି ପରିଚୟ ପତ୍ର ପାଠ ଏବଂ 'କରୋନା ମହାମାରୀରୁ ରକ୍ଷା ପାଇଁ ପ୍ରାର୍ଥନା' କରାଇଥିଲେ । 'ସଂଘ-ସେବକ' ୧୪/୧ ସଂଖ୍ୟାରୁ ବନ୍ଦନା, ପ୍ରାର୍ଥନା ଓ 'ପ୍ରାର୍ଥନାକାରୀଙ୍କ ପ୍ରତି' ପାଠକରି ଆଲୋଚନା କରିଥିଲେ । ପରବର୍ତ୍ତୀ ଅଧିବେଶନ ପାଇଁ ଶ୍ରୀଶ୍ରୀଠାକୁରଙ୍କୁ ନିମନ୍ତ୍ରଣ କରାଯାଇ 'ଜୟଗୁରୁ' କୀର୍ତ୍ତନ ଓ ପ୍ରଣାମ ସହ ଏହି ଅଧିବେଶନ ସମାପ୍ତ କରାଯାଇଥିଲା ।

**ଅଗଷ୍ଟ ୭, ୨୦୨୧ ଶନିବାର, ତୃତୀୟ ଦିବସ, ପୂର୍ବାହ୍ନ ଅଧିବେଶନ - ମହିଳା ସଭା**

ସକାଳ ୯ ଘଟିକା ସମୟରେ ମହିଳା ସଭା ସଭାପତି ଜ୍ଞାନ ଭାଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ବନ୍ଦନା ସଂଗୀତ 'ହେ ଦୟାଳୁ ହେ ଦରଦୀ' ଗାନପରେ ଉଷା ଅଗ୍ରୱାଲ୍ ମା' ପରିଚୟ ପତ୍ର ପାଠ କରାଇବା ପରେ ଶ୍ରୀମତୀ ସ୍ମିତା ସୁନ୍ଦରରାୟ ମା' ଜଗତ୍‌ପତି ସ୍ତୋତ୍ର ପାଠ କରିଥିଲେ । 'ମା'ମାନଙ୍କ ପ୍ରତି ଶ୍ରୀଶ୍ରୀଠାକୁରଙ୍କ ଉପଦେଶ' ଶ୍ରୀମତୀ ପ୍ରୀୟମ୍ବଦା ନାୟକ ମା' ପାଠ କରିଥିଲେ । ପ୍ରାର୍ଥନା ସଙ୍ଗୀତ 'ମନେ ମୋର ଚିର ଜାଗେ ହେ ଠାକୁର' ଗାନ କରାଯାଇଥିଲା । ଶ୍ରୀମତୀ ସ୍ମିତା ସୁନ୍ଦରରାୟ ମା' 'ମା'ମାନଙ୍କ ଜୀବନରେ ଶ୍ରୀଶ୍ରୀଠାକୁରଙ୍କ କୃପା' ବିଷୟରେ ନିଜର ବକ୍ତବ୍ୟ ପ୍ରଦାନ କରି ସଂକ୍ଷେପରେ କେତେଜଣ କୃପାଧନ୍ୟା ମା'ମାନଙ୍କ ବିଷୟ ଉପସ୍ଥାପନା କରିଥିଲେ। ପ୍ରାତଃସ୍ମରଣୀୟା ଯୋଗମାୟା ଦେବୀ, ସନ୍ନ୍ୟାସିନୀ ଶାନ୍ତି ମା', ସୌଦାମିନୀ ଦାସୀ ମା', ତ୍ରିପୁରାର ଶୈଳବାଳା, ଫଣୀ ଭାଇଙ୍କ ଘର ମା' ସନ୍ତୋଷବାଳା ମା' ପ୍ରଭୃତି ମା'ମାନଙ୍କ ଜୀବନରୁ ଗୋଟିଏ ଗୋଟିଏ ଘଟଣା ବର୍ଣ୍ଣନା କରି ସେମାନେ କିପରି ଶ୍ରୀଶ୍ରୀଠାକୁରଙ୍କ କୃପା ଲାଭ କରି ଧନ୍ୟା ହୋଇଛନ୍ତି ତାହା ବର୍ଣ୍ଣନା କରିଥିଲେ। ଆମେ ସମସ୍ତେ ପ୍ରତି ମୁହୂର୍ତ୍ତରେ ଗୁରୁକୃପା ଲାଭ କରୁଛୁ। ନିଜର ଆଧାର ଶୁଦ୍ଧ ହେଲେ ଆମେ ତାହା ଅନୁଭବ କରିପାରିବା।

ଶ୍ରୀମତୀ ଉଦିତା ସୁନ୍ଦରରାୟ ମା' 'ଆଦର୍ଶ ଗୃହିଣୀଙ୍କ କର୍ତ୍ତବ୍ୟ' ବିଷୟରେ ଆଲୋଚନା କରି କହିଥିଲେ- ଗୃହିଣୀମାନଙ୍କର ଧର୍ମ ହେଲା- ସ୍ୱାମୀ, ସନ୍ତାନ, ସନ୍ତତି ଓ ପରିବାର ପ୍ରତିପାଳନ କରିବା। ଦେବତା ପୂଜା ସ୍ୱାମୀ କରିବେ। ସ୍ୱାମୀଙ୍କ ସେବା, ଆର୍ତ୍ତଙ୍କ ସେବା ଯତ୍ନ କରିବା ହେଉଛି ଆଦର୍ଶ ଗୃହିଣୀଙ୍କ କର୍ତ୍ତବ୍ୟ। ସ୍ୱୟଂ ଭଗବାନ ମଧ୍ୟ ଏହିପରି ପତିବ୍ରତା ଗୃହିଣୀଙ୍କ ଦର୍ଶନ ଲାଭ ପାଇଁ ମର୍ତ୍ତ୍ୟଧାମକୁ ଓହ୍ଲେଇ ଆସନ୍ତି ଏହାର କେତେ ଯେ ଉଦାହରଣ ଆମ ପୁରାଣ ପୃଷ୍ଠାରେ ଲିପିବଦ୍ଧ। ସ୍ୱୟଂ ଜଗତର ନାଥ ଜଗନ୍ନାଥ ତାଙ୍କ ପରମଭକ୍ତ ଜୟଦେବଙ୍କୁ ଦର୍ଶନ ନ ଦେଇ ତାଙ୍କ ପତିଭକ୍ତି ପରାୟଣା ଧର୍ମ ପତ୍ନୀଙ୍କୁ ଦର୍ଶନ ଦେଇଥିଲେ। ତେଣୁ ଆଦର୍ଶ ଗୃହିଣୀଙ୍କର ଏକମାତ୍ର ଲକ୍ଷ୍ୟ ହେଲା ପତିସେବା ଓ ପରିବାର ପ୍ରତିପାଳନ। ଶ୍ରୀଶ୍ରୀଠାକୁର ମହାରାଜ ମଧ୍ୟ ମା'ମାନଙ୍କର ଏକମାତ୍ର ସାଧନା ସ୍ୱାମୀଙ୍କ ଭିତରେ ଭଗବାନଙ୍କୁ ଦେଖି ତାଙ୍କ ସେବା ଶୁଶ୍ରୁଷା କରି ଓ ତାଙ୍କ ପରିବାରର ଉପଯୁକ୍ତ ଭାବେ ଦାୟିତ୍ୱ ନିର୍ବାହ କରିବାକୁ ଉପଦେଶ ଦେଇଛନ୍ତି।

'ନୀଳାଚଳ ସାରସ୍ୱତ ସଂଘ'ର ସଭାପତି **ଶ୍ରୀଯୁକ୍ତ ସଂଗ୍ରାମ କେଶରୀ ସିଂହ** ଭାଇ ଟେଲିଫୋନ୍ ମାଧ୍ୟମରେ ଅଭିଭାଷଣ ଦେଇ କହିଥିଲେ-'ବ୍ରହ୍ମକୁ ଅନୁଭବ କରିବାକୁ ସମ୍ମିଳନୀର ପ୍ରବର୍ତ୍ତନ । ଶ୍ରୀଶ୍ରୀଠାକୁରଙ୍କୁ ସେବା ମାଗିବ । ଗୁରୁପୂଜା କଲେ ସେ ନିତ୍ୟଲୋକକୁ ନେଇ ଯାଇପାରିବେ ଏବଂ ମୁକ୍ତି ଦେଇପାରିବେ । ଗୁରୁଙ୍କୁ ଚିନ୍ତା ବା ଧ୍ୟାନ କଲେ ଭଗବତ୍‌ତତ୍ତ୍ୱରେ ପ୍ରତିଷ୍ଠିତ ହୋଇପାରିବା। ଗୁରୁଙ୍କୁ ଉପଲବ୍ଧି କରିବାକୁ ହେଲେ ଆମକୁ ସତ୍‌ମାର୍ଗରେ ଚାଲିବାକୁ ହେବ । ସହଜ, ସରଳ ଭାବରେ ସାଧୁତ୍ୱ ବଜାୟରଖି ଦୈନନ୍ଦିନ କର୍ମ ସାଧନା କରିଯିବା ହିଁ ସହଜ ସରଳ ସାଧନା । ଅନ୍ୟର ଭୁଲ ଦେଖନାହିଁ ଯଦି ଦେଖିଲ ସ୍ଥାନ ତ୍ୟାଗ କରିବ, କିନ୍ତୁ ତାଙ୍କ ପ୍ରତି ବିଦ୍ୱେଷ ଭାବ ପୋଷଣ କରିବ ନାହିଁ । ଏହା ହିଁ ସାଧୁତ୍ୱ । ଆମକୁ ସାଧୁତ୍ୱ ବଜାୟ ରଖିବାକୁ ହେବ । ସମସ୍ତଙ୍କ ପ୍ରତି ଆତ୍ମୀୟତା ଏବଂ ପ୍ରେମପ୍ରୀତି ଭାବ ପୋଷଣ କରିବ । ଶ୍ରୀଶ୍ରୀଠାକୁରଙ୍କର ଗୋଟିଏ ଉପଦେଶକୁ ଶୁଣି ତାର ମର୍ମ ଓ ଅନ୍ତର୍ନିହିତ ସତ୍ୟ ଜୀବନରେ ପ୍ରତିଫଳିତ କରିବାକୁ ହେବ । ଶ୍ରୀଶ୍ରୀଠାକୁରଙ୍କ ପ୍ରତି ବିଶ୍ୱାସ ଦୃଢ଼ ହେବାକୁ ଚେଷ୍ଟା କରିବେ । ଶ୍ରୀଶ୍ରୀଠାକୁରଙ୍କୁ ଚିନ୍ତା କଲେ ବିଷୟଚିନ୍ତା ହେବ ନାହିଁ ।'

ଶ୍ରୀମତୀ ସୁକନ୍ୟା ପଣ୍ଡା ମା' 'ଆଦର୍ଶ ଗୃହସ୍ଥ ଜୀବନ ଗଠନ ପାଇଁ ମା'ମାନଙ୍କ ଭୂମିକା' ଉପରେ ଶ୍ରୀଶ୍ରୀଠାକୁରଙ୍କ ଉପଦେଶ' ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ । ସେ କହିଥିଲେ- ସଂସାରରେ ମା'ମାନଙ୍କ ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ। ଶ୍ରୀଶ୍ରୀଠାକୁର କହିଛନ୍ତି

ନିଜର ଆନନ୍ଦ ସ୍ୱରୂପତ୍ୱ ଅକ୍ଷୁର୍ଣ୍ଣ ରଖିବା ପାଇଁ। ନିଜେ ଆନନ୍ଦରେ ରହିବ ଓ ଅନ୍ୟମାନଙ୍କୁ ଆନନ୍ଦରେ ରହିବା ପାଇଁ ସୁଯୋଗ ଦେବ। ସଂସାରରେ ସୁଖ ଓ ଦୁଃଖ ଉଭୟରେ ସମାନ ଭାବ ରକ୍ଷା କରିବ। ଶ୍ରୀଶ୍ରୀଠାକୁର ହିଁ ଏକମାତ୍ର ସୁଖର କେନ୍ଦ୍ର। ଏ ସଂସାରରେ ନିରବଚ୍ଛିନ୍ନ ସୁଖ ପାଇବା ଅସମ୍ଭବ। ପରିବାରରେ ନିଜର ସ୍ୱାମୀ ଓ ସ୍ୱାମୀଙ୍କର ଆତ୍ମୀୟ-ସ୍ୱଜନମାନଙ୍କୁ ସମ୍ମାନ ଦେବା। ଶ୍ରୀଶ୍ରୀଠାକୁରଙ୍କ ଉପଦେଶକୁ ମାନି ଚଳିବା। ମା'ମାନେ ବୃହତ୍ତର ସ୍ୱାର୍ଥ ପାଇଁ ସଂକୀର୍ଣ୍ଣ ଇଚ୍ଛାକୁ ତ୍ୟାଗ କରିବେ। ନିଜ ଇଚ୍ଛାକୁ ନ ଦେଖି ଘର ପାଇଁ କ'ଣ ଭଲ ତାହା କରିବାକୁ ଚେଷ୍ଟା କରିବା। ସେବା ଭାବ ମନରେ ରଖି କାର୍ଯ୍ୟ କରିବା। ନିଜକୁ କେବଳ ପରିବାର ମଧ୍ୟରେ ସୀମିତ ନ ରଖି ମାତୃଭୂମି ପାଇଁ ତଥା ଦେଶପାଇଁ କିଛି ସେବା ଓ ସାହାଯ୍ୟ କରିବାକୁ ହେବ। ମା'ମାନେ ଆତ୍ମ ସଂଶୋଧନ ଓ ଆତ୍ମ ସଂଯମ ରକ୍ଷା କରି ଶୃଙ୍ଖଳିତ ଭାବରେ ସଂସାରର ସବୁ କାର୍ଯ୍ୟ କରିବେ। ବିରକ୍ତିଭାବ ଓ ବିରୋଧ ଭାବ ପ୍ରକାଶ ନ କରିବାକୁ ଚେଷ୍ଟା କରିବା।

ତତ୍‌ପରେ ପ୍ରାର୍ଥନା ସଂଗୀତ 'ବହୁଦିନେ ପାଇଛି ହେ ନୀଳମଣି' ଗାନପରେ ପ୍ରଣାମ ଗାନାନ୍ତେ ଏହି ସଭା ଶେଷ କରାଯାଇ ଶ୍ରୀଶ୍ରୀଠାକୁର ମହାରାଜଙ୍କୁ ମଧ୍ୟାହ୍ନ ଭୋଗ ନିବେଦନ ଓ ବିଶ୍ରାମ ଦିଆଯିବାପରେ ଭକ୍ତମାନେ ପ୍ରସାଦ ସେବନ କରିଥିଲେ ।

**ଅଗଷ୍ଟ ୭, ୨୦୨୧ ଶନିବାର, ଦ୍ୱିତୀୟ ଦିବସ, ଅପରାହ୍ଣ ଅଧିବେଶନ-ଭାବବିନିମୟ**

ଅପରାହ୍ଣ ଘ.୨.୪୦ମି. ସମୟରେ **ଭାବ ବିନିମୟ** ସଭା ଅନୁଷ୍ଠିତ ହୋଇଥିଲା । ସଭାପତି ଜ୍ଞାନ ଭାଇ ଆସନ ଗ୍ରହଣ କରିଥିଲେ । 'ଗୁରୁ ଚରଣ ତଳେ' ବନ୍ଦନା ଗାନ ପରେ 'ଭାବ ବିନିମୟ' ବିଷୟରେ ଶ୍ରୀଶ୍ରୀଠାକୁରଙ୍କ ଉପଦେଶ ଶ୍ରୀ ଗୁରୁଦାସ ପ୍ରଧାନ ଭାଇ ପାଠ କରିଥିଲେ । ତଦନନ୍ତର ଉପସ୍ଥିତ ଥିବା ଭକ୍ତମାନଙ୍କ ମଧ୍ୟରୁ ଶ୍ରୀ ଠାକୁରପ୍ରଦାନ ନନ୍ଦ ଭାଇ, ଶ୍ରୀମତୀ ପ୍ରୀୟମ୍ବଦା ନାୟକ ମା' ଓ ଶ୍ରୀ ଗୁରୁଦାସ ପ୍ରଧାନ ଭାଇ ଭାବ ବିନିମୟ କରିଥିଲେ । ତତ୍‌ପରେ ପ୍ରାର୍ଥନା ସଂଗୀତ 'ସେ ଯେ ଭାବ ବିନୋଦିଆ ହରି' ଗାନ କରାଯାଇଥିଲା । ତଦନନ୍ତର ପ୍ରଣାମ ଗାନାନ୍ତେ ଏହି ସଭା ଘ.୪.୩୦ମି, ସମୟରେ ଶେଷ କରାଯାଇଥିଲା ।

**ଅଗଷ୍ଟ ୭, ୨୦୨୧ଶନିବାର, ଦ୍ୱିତୀୟ ଦିବସ. ସନ୍ଧ୍ୟା ଅଧିବେଶନ**

ଦ୍ୱିତୀୟ ଦିବସର ସାନ୍ଧ୍ୟ ଅଧିବେଶନରେ ଶ୍ରୀଶ୍ରୀଠାକୁରଙ୍କ ସନ୍ଧ୍ୟାରତି, ସ୍ତୋତ୍ର ବନ୍ଦନା, ନିଗମ ଉପଦେଶ ପାଠ ଓ 'ଜୟଗୁରୁ' କୀର୍ତ୍ତନ କରାଯିବା ପରେ ଭକ୍ତ ସମ୍ମିଳନୀର **ଆନନ୍ଦ ସଭା** ୮ ଘଟିକାରେ ଆରମ୍ଭ ହୋଇଥିଲା । ଆନନ୍ଦ ସଭାର ପ୍ରତିକ୍ଷା ସଙ୍ଗୀତ ଗାନ ପରେ ଅଷ୍ଟସଖୀ ଆରତି, ସଭାପତି ନିର୍ବାଚନ, ବରଗୁଡ଼ିର ବାହାଘର, ସାରଥି ଗୁଗୁଲ୍, କରୋନା ବଧ, ଦେବ ବିସର୍ଜନ ଇତ୍ୟାଦି ପରିବେଷଣ କରାଯାଇଥିଲା । ଆନନ୍ଦ ସଭାର ହୋଇଥିବା ତୃଟିବିଚ୍ୟୁତି ନିମିତ୍ତ ଶ୍ରୀଶ୍ରୀଠାକୁରଙ୍କ ଶ୍ରୀପୟରରେ କ୍ଷମା ପ୍ରାର୍ଥନା କରାଯିବାପରେ ଶ୍ରୀଶ୍ରୀଠାକୁରଙ୍କୁ ବିଶ୍ରାମ ଦିଆଯାଇଥିଲା ଓ ଭକ୍ତମାନେ ପ୍ରସାଦ ସେବନ କରିଥିଲେ ।

**ଅଗଷ୍ଟ ୮, ୨୦୨୧ ରବିବାର, ତୃତୀୟ ଦିବସ - ପ୍ରାତଃ ଅଧିବେଶନ ଓ ବିଦାୟ ସଭା**

ସମ୍ମିଳନୀର ତୃତୀୟ ଓ ଶେଷ ଦିବସର ପ୍ରଭାତ ପ୍ରାର୍ଥନା ସଭାରେ ସଭାପତି ଆସନ ଗ୍ରହଣ କରି ପରିଚୟ ପତ୍ର ପାଠ ଏବଂ 'କରୋନା ମହାମାରୀରୁ ରକ୍ଷା ପାଇଁ ପ୍ରାର୍ଥନା' କରାଇଥିଲେ । ସଂଘ-ସେବକ ୫୭/୪ ପୁସ୍ତକରୁ ବନ୍ଦନା, ପ୍ରାର୍ଥନା ଓ ପ୍ରାର୍ଥନାକାରୀଙ୍କ ପ୍ରତି ପାଠକରି ଆଲୋଚନା କରିଥିଲେ । ଏହାପରେ ସମ୍ମିଳନୀରେ ନେଇଥିବା ବିଭିନ୍ନ ସେବାଗୁଡ଼ିକ ସମର୍ପଣ କରାଯାଇ ଆଗାମୀ ବର୍ଷ ବିଂଶ ଭକ୍ତ ସମ୍ମିଳନୀପାଇଁ ଶ୍ରୀଶ୍ରୀଠାକୁରଙ୍କୁ ଏବଂ ଭକ୍ତମାନଙ୍କୁ ନିମନ୍ତ୍ରଣ ପୂର୍ବକ ଚଳିତ ବିଧିରକ୍ଷା ଭକ୍ତ ସମ୍ମିଳନୀରେ ଘଟିଥିବା ସମସ୍ତ ତ୍ରୁଟିବିଚ୍ୟୁତି ନିମିତ୍ତ କ୍ଷମାପ୍ରାର୍ଥନା କରାଯାଇଥିଲା । ତତ୍‌ପରେ ବିଦାୟ ପ୍ରାର୍ଥନା ଓ 'ଜୟଗୁରୁ' ମହାନାମ କୀର୍ତ୍ତନ ସହିତ ଏହି ସମ୍ମିଳନୀ ଏକ ଭାବଗମ୍ଭୀର ପରିବେଶ ମଧ୍ୟରେ ଉଦ୍‌ଯାପିତ ହୋଇଥିଲା ।

**୨୦୨୧ ସମ୍ମିଳନୀ ଆବାହକ ଭକ୍ତମାନଙ୍କ ନାମ : (୫୪)**

1. Shri Anup Kalia bhai & Sweta Rout Maa
2. Shri Ashwini Kumar Nayak Bhai & Sanghamitra Nayak Maa
3. Shri Barada Kanta Nayak Bhai
4. Shri Bijoy Kumar Sahoo Bhai
5. Shri Binaya Kumar Sahoo Bhai & Sibani Sahoo Maa
6. Shri Biswajit Sundar Ray Bhai, Smita Ray Maa, Saumyashree & Bedaprakash
7. Shri Biswajit Pati Bhai
8. Shri Biswaranjan Das Bhai
9. Shri Brajendra Panda Bhai & Rashmi Panda Maa
10. Shri Brundaban Sahoo Bhai & Padma Sahoo Maa
11. Shri Debashis Dash Bhai
12. Shri Debi Prasad Das bhai & Sonalisa Mohanty Maa
13. Shri Devi Samal Bhai & Snigdha Sahu Maa
14. Shrimati Dipti Mohapatra Maa
15. Shri Gyan Ranjan Dwibedy Bhai & Sibani Dwibedy Maa
16. Shri Ishwara Chandra Biswal Bhai
17. Shrimati Lipsita Pattanaik Maa
18. Shri Nihar Ranjan Nayak Bhai
19. Shri Prabhakar Bai Bhai & Smitarani Bai Maa
20. Shri Pruthwiraj Sahoo Bhai, Ipseeta Sahoo Maa, Rishabh & Nikhil
21. Shri Rabi Narayan Tripathy Bhai
22. Shri Sanujit Senapati Bhai
23. Shri Sarthak Das Bhai
24. Shrimati Sibani Mohanty Maa
25. Shrimati Sonali Pattanaik Maa
26. Shri Soumya Parida Bhai & Amrita Rout Maa
27. Shri Subhashis Dash Bhai
28. Shri Subrat Kumar Nayak Bhai & Sushri Subuddhi Ray Maa
29. Shri Sukanta Biti Bhai & Supriya Maharana Maa
30. Shri Suprit Pattanaik Bhai & Sasmita Pattanaik Maa
31. Shrimati Sukanya Panda Maa
32. Shri Thakura Prasad Nanda Bhai
33. Shri Trinath Patri Bhai
34. Usha Agrawal Maa
35. Shrimati Vedamati Upadhaya Maa

ଶ୍ରୀଶ୍ରୀଠାକୁର ଚରଣାଶ୍ରିତ

**ଶ୍ରୀ ବିଶ୍ୱଜିତ୍ ସୁନ୍ଦରରାୟ**

ସଂପାଦକ, ଆମେରିକା ସାରସ୍ୱତ ସଂଘ

◆◆◆

# ଆସିଛି ତୁମ ଦୁଆରେ

ସଭିଙ୍କ ଦୁଆରୁ ନିରାଶ ହୋଇଣ
ଆସିଛି ତୁମ ଦୁଆରେ
ପଦତଳେ ଟିକେ ଆଶ୍ରୟ ନ ଦେଲେ
ଯିବି ମୁଁ କାହା ପାଶରେ ॥୧॥
ବହୁ ପଥ ଭ୍ରମି ଆସିଛି ଠାକୁର
ମନେ ବଡ଼ ଆଶା ବାନ୍ଧି
ହେ ପ୍ରାଣଠାକୁର ! ତୁମେ ଜାଣିଛ ମୋ
ଜନମ ଜନମ ଫନ୍ଦି ॥୨॥
ନିର୍ବିକଳ୍ପ ସମାଧିରୁ ଫେରିଅଛ
ମର୍ତ୍ତ୍ୟେ ଗୁରୁଭାବ ବହି
ନାମ ଜପିବାକୁ କହିଅଛ ତୁମେ
ସଂସାରୁ ତରିବା ପାଇଁ ॥୩॥
ମାଆଙ୍କ ସହିତ କଣ୍ଟ୍ରାକ୍ଟ/ଚୁକ୍ତି କରିଅଛ
ଭକତେ ତାରିବା ପାଇଁ
ବିରୋଧ କଲେ ବି ତିନି ଜନମରୁ
ଅଧିକ ଲାଗିବ ନାହିଁ ॥୪॥
ଏ ଅଭୟ ବାଣୀ ଅନ୍ତର ଫଟାଇ
ଆନ କେହି କହି ନାହିଁ
ମନ୍ତ୍ର ଦ୍ରଷ୍ଟା ଋଷି ହୋଇଅଛ ତୁମେ
'ଜୟଗୁରୁ' ମନ୍ତ୍ର ଦେଇ ॥୫॥
ଜପୁଥିଲେ ନିତି ଉତ୍କ୍ରାନ୍ତି ବେଳରେ
ଠିଆ ହେବି ପାଶେ ଯାଇ
ମୋ ପରାଣ ପକ୍ଷୀ ବ୍ରହ୍ମଯାନ ମାର୍ଗେ
ଯିବ ତୁମ ଆଶ୍ରା ପାଇ ॥୬॥
ଅବାଟରେ ଗଲେ ସୁପଥରେ ନେବ
କର ମୋର ଧରି ନେଇ
ଜନମୁ ଜନମ ସବୁ ଦୋଷ କ୍ଷମି
ଉଦ୍ଧର ଗୁରୁ ଗୋସାଇଁ ॥୭॥
ଧନ୍ୟ ତୁମେ ଅଟ ଏ ଧରା ଧାମରେ
ଧନ୍ୟ ତୁମ ଭାବଧାରା
ସଂଘ ମାଧ୍ୟମରେ ବିଶ୍ୱବାସୀ ଦିନେ
ସର୍ବେ ଏକ ହେବେ ପରା ॥୮॥

ଶ୍ରୀଶ୍ରୀଠାକୁର ଚରଣାଶ୍ରିତ
**ଶ୍ରୀ ଯୋଗେଶ୍ୱର ସୁନ୍ଦରରାୟ**
ବେଗୁନିଆ ଶାଖା ସଂଘ

◆◆◆

# ७० उत्कल प्रादेशिक भक्त सम्मेलन का अनुभव

२०२० के दिसंबर महीने में कार्यालय से अवकाश लेकर मुझे घर आने का अवसर मिला। उस दौरान होने वाली ७० उत्कल प्रादेशिक सम्मेलन के आयोजन समिति की बैठक के लिए मुझे पिताजी अपने साथ ले गए। इस बार परिस्थितियां अनुकूल नहीं होने के कारण आयोजन करने के लिए नए तरीकों का प्रयोग करने की चर्चा हो रही थी । उस बैठक के दौरान सम्मेलन की स्मृति रक्षा करना सबसे महत्वपूर्ण था क्योंकि श्री श्री ठाकुरजी ने अपने स्थूल समय में कहा था की "अगर वो इस जगत में और कुछ नहीं भी करते तो सम्मेलन उनकी स्मृति रक्षा करता"।

बैठक में आयोजन समिति ने सम्मेलन के सारे महत्व पूर्ण अंगों को रखते हुए छोटे स्तर पर सम्मेलन का आयोजन करने का निश्चय किया और इस कारण असंख्य भक्त सेवा से वंचित रहे| इन आलोचाओं के दौरान मुझे परिचालक की एक बात याद है की यह विधि रक्षा सम्मेलन भविष्य में आने वाली ऐसे परिस्थिओं में मार्गदर्शन करेगा| शुरुआत में सिर्फ १०० भक्तों को लेकर सम्मेलन करने का प्रयास किया जा रहा था। सब को यह आशा थी की अगर कोरोना का प्रकोप कम होगा तब संख्या में वृद्धि होने की सम्भावना है। पिताजी को सैनिटाइजर डिस्पेंसर और पार्किंग की सेवा मिला थी। उसी बैठक में मेरे मन में सम्मेलन में योगदान करने की इच्छा हुई लेकिन सम्मेलन देढ़ महीना दूर था और मेरी छुट्टियाँ समाप्त होने वाली थी। इस इच्छा को मन में ज़्यादा समय के लिए नहीं रखा। उस समय मेरे मन में एक शंशय का अंकुर फूटा और मैं मन ही मन में सम्मेलन की सफलता की आशा नहीं करके सम्मेलन में कोरोना फैलने की सम्भावना के विषय में सोचने लगा। संघ में इतने बुजुर्ग भक्तों का स्वास्थ्य जोखिम में पड़ सकता है।

कोरोना के प्रकोप में बढ़ाव होने के कारण मेरे वापस जाने की तारीख सरकती गयी १८ जनवरी से ३१ जनवरी, ३१ जनवरी से ७ फ़रवरी। ७ फ़रवरी वाली टिकट भी किसी कारणवश रद्द हो गयी। इसी बिच मैंने दफ़्तर में भारत से मार्च के अंत तक काम करने की जो अर्ज़ी डाली थी वह मंजूर हो गयी। वह दिन मेरे लिए प्रसन्नता से भरा हुआ था क्योंकि लग-भग ६ वर्ष के बाद इतने लम्बे समय घर पर रहने का सुयोग प्राप्त हुआ। श्री श्री ठाकुरजी ने कोरोना को करुणा में परिवर्तित कर दिया था। अब प्रश्न था की सम्मेलन में योगदान का अवसर कैसे मिलेगा क्योंकि कम भक्तों को प्रत्यक्ष में भाग लेने की अनुमति थी। इसी दौरान सरकार से निर्देश आया कि धार्मिक अनुष्ठाने ५०० की संख्या में सिमित रख कर उत्सव कर सकते हैं।

मैं यह सुन कर और भी उत्साहित हो गया। पिताजी ने मुझे सुझाव दिया की तुम अमेरिका संघ के प्रतिनिधि के रूप में अनुमति ले कर सम्मेलन में योगदान कर सकते हो। मैंने उसी क्षण अमेरिका संघ के सभापति ज्ञान भाई को ईमेल करके अनुमति देने का अनुरोध किया। श्री श्री ठाकुरजी की कृपा की कोई सीमा नहीं है, भाई ने ईमेल के माध्यम से अनुमति प्रदान किया और केंद्र को इस

विषय में सूचित कर दिया। अगला प्रश्न था की सम्मेलन के दौरान कार्यालय की कर्तव्य का निर्वाह कैसे कर पाऊँगा? भारत अमेरिका से समय में ९.५ घंटे आगे होने के कारण मुझे ज़्यादा कस्ट नहीं उठाना पड़ा। कार्यालय की बैठक जब होती तो यहाँ भारत में शाम या रात रहने के कारण सब कार्य आराम से हो गया। इस कारण रात को देरी से सोता और प्रातः काल सम्मेलन में योगदान करने के लिए उठ जाता था। ऐसा ३ दिन करने के बाद भी शरीर में कोई थकान नहीं थी, यह सिर्फ श्री श्री ठाकुरजी महाराज की दया और कृपा ही है। इसके माध्यम से उन्होंने मेरे संशय को दूर कर दिया और उनके प्रति विश्वास और दृढ़ हो गया।

अधिवास वाले दिन मुझे सम्मेलन क्षेत्र पहुंचे में कुछ क्षणों की देर हो गयी और श्री श्री ठाकुरजी महाराज ने प्रांगण की परिक्रमा आरम्भ हो गयी थी। वह स्वयं प्रांगण में घूम कर सारे व्यवस्थाओं का निरीक्षण करते हैं और भक्तों को अभ्यर्थना का सुयोग भी प्रदान करते हैं। श्री श्री ठाकुरजी को भाई लोगों ने अपने कन्धों पर एक पालकी पर बैठा रखा था। वह अपूर्व दृश्य मेरे चित्त को आनंदित कर रहा था। जैसे में उनको कितने सालों बाद मिल रहा हूँ। मुझे मेरे बचपन की सम्मेलन की एक धुंदली सी स्मिर्ति याद आ गयी। २००३ या २००४ की बात होगी, मैं सप्तमी कक्षा में था और उस वर्ष सम्मेलन के दूसरे दिन पहुंचा था। मैं सम्मेलन जाने के लिए उत्साहित था और पहुँचने के पश्चात पीछे मंडप में जा कर आसान सजावट की प्रक्रिया देखने लगा। उस वर्ष श्री श्री ठाकुरजी की कृपा से आनंद सभा में मुझे एक नाटक में भाग लेने का अवसर मिला था। इतने सालों बाद से अब फिर मुझे सम्मेलन में भाग लेने का सुयोग प्राप्त हुआ है।

श्री श्री ठाकुरजी जीस विग्रह में चौकी पर बैठे हुए और हाथ में हुक्का की नाली पकड़े हुए हैं, उस विग्रह में एक अपूर्व आकर्षण है जो मैं भाषा में व्यक्त नहीं कर सकता। परिक्रमा के समय सारे भक्तगण आनंद से नाच रहे थे, 'जयगुरु' महानाम का कीर्तन हो रहा था और मृदंग एवं झांझ के ध्वनि से मेरा रोम रोम पुलकित हो रहा था। मैं वहाँ दादाजी के साथ खड़ा था और वह श्री श्री ठाकुरजी को प्रणाम करने के लिए उत्सुक हो रहे थे। उस समय श्री श्री ठाकुरजी की पालकी इस तरफ मुड़ी और इस दिशा में आने लगी। उम्रवश दादाजी का शरीर कमज़ोर हो गया था और वह पहियाकुर्सी के सहारे अब अपना जीवन निर्वाह करते हैं। जब श्री श्री ठाकुरजी की पालकी पास आयी तब परिचालक महोदय ने भाइयों को अनुरोध करके श्री श्री ठाकुरजी की पालकी निचे करा दी ताकि दादाजी आराम से प्रणाम कर पाए। श्री श्री ठाकुरजी की दया और करुणा की कोई सिमा नहीं है, वह हमें बार बार अपनी लीलाओं द्वारा इसका आभास देते हैं।

परिक्रमा समाप्त होने के उपरांत सारे भक्त नाट्य मंदिर में आसन ग्रहण करके श्री श्री ठाकुरजी महाराज की प्रतीक्षा करने लगे और संगीत सेवी भाईयों ने प्रतीक्षा गान किया। संध्या आरती के साथ पर्दा उन्मोचन हुआ और श्री श्री ठाकुरजी महाराज अपने आसन में सुसज्जित अद्भुत लग रहे थे। जैसे

आरती गान चालू हुआ मेरा रोम रोम उल्लासित हो गया और आँखों से आंसू बहने लगे । 'ଦିଏ ପ୍ରୁ ଆରତୀ ତୁମରି ମନ୍ଦିରେ' वाले बोल मेरे मन को छू गए जैसे मैं स्वयं प्रभु की आरती कर रहा हूँ। आरती के दौरान मन का भाव अपने आप परिवर्तित हो रहा था, एक क्षण में आंसू और दूसरे में खुशी। मन की इस परिस्थिति को मैं शब्दों में व्यक्त करने में असमर्थ हूँ। आरती खत्म होते होते मेरा मास्क गिला हो चूका था। सम्मेलन में अधिवास में उपस्थित रहा और दिव्य आरती के दर्शन करने से मेरा मन गद गद हो गया। पूजा समाप्त होने के पश्चात में संघ के कार्यालय से प्रवेश पत्र लेने गया था। वहाँ सभापति भाई से स्वहस्थ लिखित पत्र पाकर मैं खुद को कृतार्थ समझा। उसके पश्चात प्रसाद ग्रहण करके तृप्त हुआ और घर वापस जा कर कार्यालय के काम में लग गया। अगले २ दिन मैंन सम्मेलन में उपस्थित रहा कर योगदान किया, भक्तों के वक्तव्य सुने, श्री श्री ठाकुरजी की वाणी सुनने का भी अवसर मिला। यह २ दिन कैसे निकल गए पता नहीं चला, इतने आनंद के बिच में और कुछ नहीं याद आया। श्री श्री ठाकुरजी महाराज ने भक्तों के साथ पूर्ण रूप में आंनद किया है।

अगले दिन प्रभात आरती और प्रथम अधिवेशन के बाद मैं घर आ गया और ११ बजे वापस गया। उस समय ७१ उत्कल प्रादेशिक भक्त सम्मेलन के लिए परिचालना मंडल ने श्री श्री ठाकुरजी को निमंत्रण किया और भक्तों को अनुरोध किया की वह अपने स्थान में खड़े होकर प्रभु को निमंत्रण करें। उस वक़्त मेरे मन में ७१ सम्मेलन के लिए जो व्याकुलता जागी उसको मैं शब्दों में बयां नहीं कर सकता। उसके पश्चात मन में एक उत्साह की लहार उठी। मैं जहाँ खड़ा था वहीं से प्रभु को श्रद्धा पूर्वक प्रणाम किया। पूजा समाप्त होने के उपरांत मैं प्रसाद ग्रहण करके वापस आ गया। अपराह्न में कुछ समय आराम करके ४ बजे आश्रम में उपस्थित हुआ। श्री श्री ठाकुरजी पूरी अपने नित्य वासस्थली के लिए प्रस्थान करेंगे। सारे भक्त गण प्रभु के प्रस्थान की तयारी कर रहे थे। मैं एकाम्र संघ के अभ्यर्थना स्थल पर खड़ा था। प्रभु नाट्य मंदिर से निकल कर गाड़ी में बैठ गए। २ अभ्यर्थनाएँ होने के पश्चात प्रभु की गाड़ी एकाम्र संघ वाले स्थल पर आकर खड़ी हो गयी। भाई लोगों ने विधि पूर्व अभ्यर्थना पूर्ण किया। मैं पुरे समय प्रभु के विग्रह की झलक देखने के लिए उत्सुक हो रहा था। इतनी भीड़ थी की अपने जगह से हिलना मुश्किल हो गया था। बस उनकी कृपा से उनकी आखरी झलक देख कर अपने आप को कृतार्थ महसूस किया। कुछ क्षणों में श्री श्री ठाकुरजी की गाड़ी निकल गयी, मुझे ऐसा लगा जैसे प्रभु मेरे से दूर चले गए। पता नहीं अब कब मिलने का अवसर मिलेगा? मन में जैसे विरह की पीड़ा उत्पन हुई। उनकी दया और कृपा के कारण ही मैं उनके इस भव्य सम्मेलन में सम्मिलित होने में सक्षम हो पाया। बस इतनी प्रार्थना है की "ଯହିଁ ଇଚ୍ଛା ତହିଁ ନିଅ, ପାଖେ ପାଖେ ରହି ଥାଅ"।

श्री श्री ठाकुजी के चरणाश्रित

प्रद्युम्न अग्रवाल

अमेरिका सारस्वत संघ

## FOLLOW HIS PATH

In reality, we do not have any sadness or scarcity. Our education from the very beginning of our lives has caused this feeling.

In the current education system, there is constant learning from people around us, polities, news & media about how to be rich, how to have a luxurious life, how to have self-satisfaction, etc in our lives, how to be a different individual and on top of the others in a race.

Nowhere in the world, can we find knowledge on who we are, what is the meaningful way of living, what is the purpose of life, what is "sadhana", why "sadhana" is required, etc. Due to a lack of this much-needed education, our thought process gradually turned into an ugly shape, which in return gives us sadness, sorrow, and lack, and it remains in us throughout our whole life.

The current society thinks that luxurious people with a big house, sports/luxury cars, high income job, etc are the most successful. There is no harm acquiring these in life but the primary focus should not be missed.

**Here is a story on this topic:**

Once upon a time, there was a king who was very virtuous and always tried good things no matter how difficult it was. The king decided to set up a market close to the palace to improve the financial condition of his state. He also declared that if anyone could not sell their product then the king would buy it. Scheme worked well and thousands of people benefited. Once a businessman came to the market with an old idol. When buyers asked for the price of that idol the businessman said it cost 100,000 rupees. The cost of the old iron idol was the same as a new gold idol. One thing the businessman said is that anyone who will buy this idol, within a few days, will lose all of their wealth. Everyone laughed and no one was interested in buying this idol.

The day time passed and during the night, the king's army searched the market for anyone left without their product being sold. Then they found the businessman with the iron idol. The businessman narrated in the same way about the price and loss of wealth after purchase.

King's people could not decide whether to buy or not since they liked their king and didn't want to lose his kingdom. They returned to the king and narrated all these to him.

When the king heard the entire story King said, as per the law you should buy it from him and you are not required to ask me permission. Then the king's people asked, my lord, what will you benefit from it?

The king replied, "dharma labha" or "rightful duty". Now this time, the king ordered and buy the idol from the businessman. The king's people finally got the iron idol in the exchange for the asked price.

At night, a beautiful lady appeared in the king's dream. When the king asked about her identity the lady said, “I am the goddess Laxmi. I am leaving your kingdom today as you bought the idol. Wherever the idol will be, I can not stay there. From now onwards you will be a poor person on this earth.” After that, the goddess Laxmi disappeared.

After some time another man came into the dream and said, “I am your power and respect. Since Laxmi left you I can not stay with you anymore.” By hearing this the king said, “it's completely fine with him and they can do as per their wish.” Gradually a lot of things started to disappear like his wealth, power, prosperity, respect, etc.

Finally "dharma" or god of rightful duty appeared in the dream. Then he said, everyone has left you, hence I am also leaving you. But this time, the king objected and said you can not leave me. Whatever I have done so far is by following you and you can not leave me like this.

Then the "Dharma" God smiled and said, yes your entire life is based on my principle, how can I leave you, I will stay with you.

After some time, the king noticed all the gods and goddesses who had left him now came back with simple by saying we can not leave without "Dharma" From this story, we can learn that by doing the right duty everything else will come to you automatically. We can have materialistic education, but along with this, it is very important to learn about the eternal education as well. If we add this to our learning, we can get rid of sadness, fear, anger, unhappiness, etc.

We are so blessed by our Shri Shri Thakur and he has arranged the sangha, gave us an opportunity to do his Seva, he authored so many books to read, etc. We are not required to go through any difficult and stremous practices in our life to extend our spiritual journey or eternal education.

Shri Shri Thakur educated a few disciples when he was present in this mortal world. He could see the future, and saw that the number will grow and people will listen and follow his path which is still going on. He continues his care for the disciples and we can see it's now spreading across the world.

Now our primary objective is to follow his path and could be an example for others so that everyone can be helped to develop a society where there will be peace, prosperity, service, and kindness across the world. The entire world will become a brotherhood/sisterhood society.

Shri Shri Thakur Charanashrita
**Shri Manas Ku Mohanty**
America Saraswata Sangha

◆◆◆

## MY ANUBHUTI - 2022

I am really blessed to get the darshan of Shri Thakur Maharaj at the America Saraswata sangha at the most unexpected time and in the most unexpected way, recently.

It was mid-March 2022, when we were planning for a short family break after 2 long years of COVID related travel restrictions.The preceding winter of 2021-22 was particularly hard due to heavy work-load and ongoing cases of Coronavirus in the community.

We, as doctors, have seen many different diseases but nothing has been as relentless as the impact of the current pandemic. It all started with a mere speculation in early 2020 of what it might bring to the suffering of humanity but little did we know the sheer scale of death and despair that has now touched almost everyone on this planet. Millions of lives got lost and many are left without their near and dear ones. Millions lost their jobs and many are far from getting their first jobs, despite their education and qualifications.

In this hour of uncertainty, the one thing that has been a constant source of energy and inspiration is our trust and faith in our beloved Thakur Maharaj.

I am eternally grateful to Shri Shri Thakur's blessings and advice that has shown us the right path and given us the inner strength during the tough times through the pandemic.

I, along with my husband and daughter, recently visited North Carolina, USA on a short trip to see my sisters. And with that we got the opportunity to attend the Sangha puja on 1st May 2022 at Nigam Smruti Mandir (NSM), Efland, NC, USA. This was also our great opportunity to personally pay respect at the lotus feet of Thakur Maharaj.

I was very excited the night before. We woke up and got ready on time to join the arati. The sweet melodious songs of pratiksya were breaking the silence of the ashram when we reached premises of NSM. We proceeded to the main nata mandira to offer our pranam and get seated for the puja to begin. After the arati and stotra bandana rituals I got the opportunity to read a few pages from Sangha Sebaka book. I consider myself extremely lucky to have travelled from the UK to be part of the Sangha puja. Although this may seem ordinary, it was very special for me to join the puja and perform seba at NSM. This was certainly a dream come true.

I will remember this experience for a long time. I always wish for a darshan of Shri Shri Thakur Maharaj whenever there is an opportunity; even if that day is an ordinary one. It reminds me of the same experience of visiting my parents. The divine love and affection we get from all the guru bhais and maas remind me of my own family.

This journey has certainly envigored me on my journey back to the duties of the mundane world and continue contributing to the cause and purpose of my life on the teachings of Shri Shri Thakur.

Shri Shri Thakur Charanashritaa
**Smt. Lipsita Patnaik**
England, UK
America Saraswata Sangha

◆◆◆

## GUIDANCE FROM SHRI SHRI THAKUR

**Guru Brahma Guru Vishnu Guru Devo Maheshwara**
**Guru Saakshat Param Brahma Tasmai Shri Gurave Namaha**

Apart from granting us spiritual qualities and experiences, the Guru has the ability to take all that is separating us from God within ourselves: our doubts, our fears, our jealousy, our ignorance, and replace it with divinity and knowledge. Guru helps to clear away and transform all that is undivine in us and discover our pure soul.

Since I was a kid, we have Thakurji's asan in our home. I am blessed that I was born in Thakurji's family. Thakurji is always there for us and helps us to get rid of our ignorance and gives us the strength to make right decisions in our life. A doctor has the ability to remove an illness from our body, but if we do not allow the doctor to examine us or come near us, the doctor can't help us. Similarly with our Guru, we must willingly and unashamedly let go of our ignorance, so that Thakurji can free us from the trap of our earthly nature.

I personally sensed Thakurji's help in every aspect of my life. There are many small incidents in my life, when I completely sensed His help and He showed me the path of knowledge. Whatever I am today, it is because of Thakurji. Whenever I did something wrong, I always feels like He is there beside me, teaching me how to make a right decision and how to change a wrongdoing into a right one. In the beginning of July 2016, my mother asked me to write abhimat and give it for the Swagatika.

That time, I had a busy schedule due to my exams and other academic stuff. I told Thakurji and mom that I would write it after my exams were over. But, somehow I forgot about it. Sometime in mid-August, I had a dream in which I was at the Ashram and one of the Bhai was asking me "Are you going to give your written abhimat for Swagatika?" I told him yes and handed him a half written paper. He questioned , "Is that it you want to give? Don't you think it's incomplete?" With that I suddenly woke up from my sleep and realised that I had forgotten to write it.. I questioned myself, how could I be so self involved in my life? I felt so sorry in front of Thakurji. Next day, I started writing. There are so many little abhimats in my life where I am constantly being guided by Thakurji, in ups and downs of everyday life.

Once, I had an exam but I didn't have the book that I had to read for the exam. The day before the exam, before I went to sleep, I told Thakurji that I didn't have the book for the next day's exam with tears in my eyes. I still am so excited to share this, that night I had a dream in which I saw some questions written on a page and surprisingly, next day I remembered each single question written on that page. The next day (on the exam day), another amazing thing happened. While I was travelling in the train going to college to give the exam, I saw a girl reading the same book which I needed for the exam. I was so happy and thanked Thakurji. I just asked the girl if I could take a look at the book and she agreed to that. That way, I was able to look into the answers of the questions I saw in the dream. I was shocked when I saw the question paper with the same questions. I can't express what I felt that time. Similarly, a whole lot of obstacles and pitfalls have been cleared from my life after I go and tell hakurji who then leads me to the right path.

I have felt the power of the "Jayaguru" mantra. It gives me the strength to do things which seemed impossible to me previously.. Thakurji is always with me and will always be. I am so obliged to him.

Few things I learned growing up in Thakurji's family is that when the mind cannot handle something, Thakurji will always come to save the mind. So, everything you can't handle , whatever appears to be too much for you, surrender it to Thakurji and He will find a resolution. Similarly, when you have any strong wish, Thakurji is there with unconditional love and support to say, 'Don't worry, we'll make it happen for you'.

Thakurji takes all of his shishyas and Bhakta (disciples) as an extended part of His own consciousness. We will be able to receive the most from Thakurji if we also have a sense of oneness with Him, as the closest divine friend, or part of our immediate family. We should have complete faith in Thakurji and should follow his updesh. If we feel that we are separate from Thakurji as though he is a distant acquaintance, or if our meditation practice (prarthana and naam jaap) is irregular, the inner connection between Thakurji and us will weaken.

